
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା
ଆହ୍ୱାନ
ସେପ୍ଟେମ୍ବର ୨୦୨୬ ସଂସ୍କରଣ
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍,ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଗଣେଶ ପୂଜା ଉପଲକ୍ଷେ**

**ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ**

**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| XIM ଭୁବନେଶ୍ୱରର ୮ମ ବାର୍ଷିକ ବିଜିନେସ୍ ଏକ୍ସେଲେନ୍ସ ସମିଟ୍ ୨୦୨୬ | | ୭୮ |
| ଗଳ୍ପ ବିଭାଗ | | ୮୨ |
| ଅନେକ କଳାଛାଇ - ୪୩ | ଅଶୋକ ବିଶ୍ୱାଳ | ୮୩ |
| ଆମେରିକା ଭ୍ରମଣ କାହାଣୀ | ଶିବନାରାୟଣ ଦାସ | ୯୭ |
| ଧେନୁକାରୀ ପ୍ରଭୁ ବଳରାମ | ଅର୍ଜୁନୀ ଚରଣ ବେହେରା | ୧୦୮ |
| ଭାଗ୍ୟର ସୁନ୍ଦର ଉପହାର | କୃଷ୍ଣା କାବେରୀ ଖଣ୍ଡାଇ | ୧୧୧ |
| ପ୍ରେମର ପରିଭାଷା | ଆଶୁତୋଷ ମେହେର | ୧୧୬ |
| ମନ ଭଲ କରିବାର ଠିକଣା | ସନାତନ ମହାକୁଡ଼ | ୧୧୮ |
| ଚା' ବିସ୍କୁଟର ମଜା | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୦ |
| ଅଗ୍ରପୂଜ୍ୟ ଶ୍ରୀ ଗଣେଶ | ଜସ୍ମିନ ସାହୁ | ୧୨୨ |
| ନେପାଳ ଓ ଜନ୍ମାଷ୍ଟମୀ | ନିତ୍ୟ ରଞ୍ଜନ ନନ୍ଦ | ୧୨୪ |
| ଦୁର୍ଗା ପୂଜା | ସୁକାନ୍ତ ଖଣ୍ଡା | ୧୩୦ |
| ଅଭିଶପ୍ତ ନା ଅଧର୍ମ | ଦେବାଶିଷ ମାଇତି | ୧୩୫ |
| ଭୁଲ୍ ବୁଝାମଣା | ଅଭୟ କୁଣ୍ଡ | ୧୩୯ |
| ତତ୍-ତେ-ତାନି | ଡଃ ସମୀର କୁମାର ନନ୍ଦ | ୧୪୨ |
| କବିତା ବିଭାଗ | | ୧୪୯ |
| ମା'ଗୋ ମହିଷା ମର୍ଦ୍ଦିନୀ | ସୁଭାଗିନୀ ସିଂହ | ୧୫୦ |
| ଶିବ ପ୍ରିୟ ଶ୍ରାବଣ | ପୁଷ୍ପିତା ଜେନା | ୧୫୨ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ସେ ଦୁନ୍ଦୁଭି ଆଜି ବି ବାଜୁ | ସଞ୍ଜୀବ କୁମାର ଦାସ | ୧୫୫ |
| ଅଭିମାନିନୀ ମହାଲକ୍ଷ୍ମୀ | ସତ୍ୟ ନାରାୟଣ ପ୍ରଧାନ | ୧୫୮ |
| ଶ୍ରୀ ଗଣେଶ ବନ୍ଦନା | ଅଜୟ କୁମାର ମହାନ୍ତି | ୧୬୧ |
| ଆଜିର ମଣିଷ | ଗୋଲୋକ ବିହାରୀ ବେହେରା | ୧୬୨ |
| ମୁରବୀ | ସୁଷମା ହୋତା | ୧୬୩ |
| ପାଠ ଠାକୁର ଦିଅଁ ଗଣେଶ | ନୀଳମଣି ଚାନ୍ଦ | ୧୬୫ |
| ବେଦରଦୀ ବନ୍ୟା | ଦିପ୍ତୀଲେଖା ମିଶ୍ର | ୧୬୬ |
| ନୀରବତାର ବର୍ଷା | କିରନ୍ ସ୍ୱାଇଁ | ୧୬୭ |
| ଆତ୍ମ ସମ୍ମାନ | ବସନ୍ତ କୁମାର ପ୍ରଧାନ | ୧୬୮ |
| ନୂପୁର | ଉମାକାନ୍ତ ବେହେରା | ୧୭୦ |
| ସତ କହିବାକୁ କିଆଁ ଡରିବି | ନିରଞ୍ଜନ ସାହୁ | ୧୭୨ |
| ଇପ୍ସିତ ପୁରୁଷ | ଅନୁସୂୟା ଲେଙ୍କା | ୧୭୩ |
| ବୃକ୍ଷରୋପଣ | ସନାତନ ମହାକୁଡ଼ | ୧୭୫ |
| ଆଶ୍ୱସ୍ତ କକ୍ଷ | ଡଃ ଆଭାଞ୍ଜଳି ଶତପଥୀ | ୧୭୭ |
| କରିଦେଲ ମୋତେ କ୍ଷମା | ତାରା ପ୍ରସାଦ ଜେନା | ୧୭୯ |
| ଏଇ ନୟନର ତୀରେ | ସନ୍ଧ୍ୟାରାଣୀ ବେହେରା | ୧୮୦ |
| ଅଧମର ଆତ୍ମ ନିବେଦନ | ସଦାଶିବ ବେହେରା | ୧୮୧ |
| ବଉଳା କୁମ୍ଭୀର | ଅମରନାଥ ବାରିକ | ୧୮୨ |
| ମୁଁ, ଯେବେ ସମୁଦ୍ର ଥିଲି | ସରୋଜ ସାହୁ | ୧୮୪ |
| ଗୁରୁଙ୍କୁ କରିବା ଭକ୍ତି | ଅମୃତନାରାୟଣ ଶତପଥୀ | ୧୯୦ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମୋ ସମଗ୍ର ପରିଧି | ସାଗରିକା ପଟ୍ଟନାୟକ ଦାସ | ୧୯୧ |
| ଅନନ୍ୟା | ଡଃ ପ୍ରଦ୍ୟୁମ୍ନ ଶତପଥୀ | ୧୯୩ |
| କଦମ୍ବରୀ ଚଞ୍ଚଳଂ | ସୀତାଂଶୁ ଜେନା | ୧୯୫ |
| ତୁମ ବିରହର ଇସ୍ତାହାର | ଡଃ ଜ୍ୟୋତ୍ସ୍ନା ସାହୁ | ୧୯୬ |
| ରାକ୍ଷୀ | ଡଃ ମନ୍ଦାକିନୀ ପାଢ଼ୀ | ୧୯୯ |
| ରାକ୍ଷୀ | ସୁସ୍ମିତା ପଣ୍ଡା | ୨୦୧ |
| ରାକ୍ଷୀ ପୂନେଇଁ | ଶୋଭାମୟୀ ପତ୍ରୀ | ୨୦୨ |
| | ଦେବେନ୍ଦ୍ର ନାୟକ | ୨୦୩ |
| | ଡଃ ମଞ୍ଜୁଲା ପ୍ରଧାନ | ୨୦୫ |
| | ବିଜୟ କୁମାର ପାତ୍ର | ୨୦୬ |
| | ଭାସ୍କର ରାଉତ | ୨୦୭ |
| | କଳ୍ପନା ବିନ୍ଧାଣୀ | ୨୦୮ |
| | ଶ୍ୟାମା ପ୍ରସାଦ ବୋଷ | ୨୦୯ |
| | ରାଧାଶ୍ୟାମ ମହାନ୍ତି | ୨୧୧ |
| | ରମେଶ ଟାକ୍ରୀ | ୨୧୨ |
| | ଡଃ ତାନଶ୍ରୀ ପାଣିଗ୍ରାହୀ | ୨୧୩ |
| | ଜୟଶ୍ରୀ ମିଶ୍ର | ୨୧୪ |
| | ନଳିନୀ ପ୍ରଭା ମିଶ୍ର | ୨୧୬ |
| | ଚନ୍ଦ୍ରକଳା ଦେବୀ | ୨୧୮ |
| | ସନ୍ତୋଷ କୁମାର ସାହୁ | ୨୨୦ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

| | | |
|---|---|---|
| ଭଉଣୀର ରାକ୍ଷୀ ସେନେହର ସାକ୍ଷୀ | ଦେବବ୍ରତ ପଟ୍ଟନାୟକ | ୨୨୧ |
| ବାକି ରହିଲା ମୋ ରାକ୍ଷୀ ପଇସା | ଏଲିଜା ଜେନା | ୨୨୩ |
| | ଚନ୍ଦନ କୁମାର ପାତ୍ର | ୨୨୪ |
| ରାକ୍ଷୀ ଭିଜିଗଲା ଆଖି ଲୁହରେ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୨୨୫ |
| | ହେମନ୍ତ କୁମାର ସାହୁ | ୨୨୭ |
| | ଦଶରଥ ବିଶ୍ୱାଳ | ୨୨୯ |
| | ବୀଣା ସାହୁ | ୨୩୨ |
| | କ୍ରିଷ୍ଣା ସେନାପତି | ୨୩୩ |
| | ସୁନିତା ମହାନ୍ତି | ୨୩୪ |
| | ସଚିକାନ୍ତ ରଥ | ୨୩୬ |
| | ଅନୁସୂୟା ଦେବତା | ୨୩୮ |
| | ଅନାମ ଚରଣ ସାହୁ | ୨୪୦ |
| | ରଶ୍ମିତା ପାତ୍ର | ୨୪୧ |
| ବେଢ଼ଙ୍ଗ ରାକ୍ଷୀ | ହୃଷିକେଶ ପ୍ରଧାନ | ୨୪୨ |
| ରାକ୍ଷୀ ବାନ୍ଧିଲି ମୁଁ ରଖିବ ମାନ | ବାସନ୍ତୀ ଲତା ଜେନା | ୨୪୪ |
| | ରୀତାରାଣୀ ଦାଶ | ୨୪୬ |
| ରକ୍ଷା କବଚ | ନିରୁପମା ମହାନ୍ତ | ୨୪୮ |
| ସୁରକ୍ଷା କବଚ ରାକ୍ଷୀ | ଅକ୍ଷୟ କୁମାର ସାହୁ | ୨୪୯ |
| ରାକ୍ଷୀ ନୁହେଁ ରକ୍ଷା କବଚ | ଉପେନ୍ଦ୍ର କୁମାର ବସ୍ତିଆ | ୨୫୦ |
| ରକ୍ଷା ବନ୍ଧନ | ପଙ୍କଜିନୀ ଉପାଧ୍ୟାୟ | ୨୫୧ |

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| | ତରୁଣ କୁମାର ମିଶ୍ର | ୨୫୩ |
| ରକ୍ଷା ବନ୍ଧନ : ଅତୁଟ ବନ୍ଧନ | କାହ୍ନୁ ଚରଣ ପାଣିଗ୍ରାହୀ | ୨୫୫ |
| ରାକ୍ଷୀ ରହିଲୁ ସାକ୍ଷୀ | ପ୍ରଫୁଲ୍ଲ କୁମାର ହୋତା | ୨୫୮ |
| ପବିତ୍ର ବନ୍ଧନ ରାକ୍ଷୀ | ଶୁଭଶ୍ରୀ ଖୁଣ୍ଟିଆ | ୨୫୯ |
| ଅତୁଟ ବିଶ୍ୱାସ : ରକ୍ଷା ବନ୍ଧନ | ଡଃ ପ୍ରିୟଦର୍ଶିନୀ ମିଶ୍ର | ୨୬୦ |
| ପାଉଣା | ବନ୍ଦନା ମହାପାତ୍ର | ୨୬୨ |
| ରାକ୍ଷୀ ପୂର୍ଣ୍ଣିମାର ଅନୁଚିନ୍ତା | ସୂର୍ଯ୍ୟ ନାରାୟଣ ସାବତ | ୨୬୩ |
| ଯୁଗେ ଯୁଗେ ପ୍ରଭୁ ବଳରାମ | ସୁଲୋଚନା ବଳ | ୨୬୪ |
| | ସୀମାଞ୍ଚଳ ରାଉଳ | ୨୬୬ |
| ବଳଭଦ୍ରଙ୍କ ଜନ୍ମ | ଉତ୍ତରା ନାୟକ | ୨୬୮ |
| ସ୍ୱଭାବ କବି ଗଙ୍ଗାଧର | ଡଃ ଶୋଭାଗିନୀ ନନ୍ଦ | ୨୭୦ |
| ଦୁର୍ଲଭ ମାନବ ଦେହ | ଲକ୍ଷ୍ମୀଆମ୍ମା ନନ୍ଦଡ଼ା | ୨୭୧ |
| ଶବ୍ଦବ୍ରହ୍ମ | ନିବେଦିତା ରଥ | ୨୭୩ |
| ଅପେକ୍ଷା | ଡଃ ସଂଯୁକ୍ତା ପରିଡ଼ା | ୨୭୫ |
| | ସୁନିତା ଦାଶ | ୨୭୭ |
| ଭାବକୁ ଝୁରି ମରୁଛି | ଅବିନାଶ ରଥ | ୨୭୮ |
| ପରିବର୍ତ୍ତନ | ସିଦ୍ଧେଶ୍ୱର ତ୍ରିପାଠୀ | ୨୭୯ |
| ଏକ ପ୍ରହର | ସ୍ନିଗ୍ଧା ପଟ୍ଟନାୟକ | ୨୮୩ |
| ଗୁରୁ ଚିର ନମସ୍ୟ | ବିକାଶ କୁମାର ମହାନ୍ତ | ୨୮୫ |
| ଗୁରୁ | ଶାନ୍ତନୁ କୁମାର ରାଉତ | ୨୮୭ |
| କାଲି ମୋ ହାତରେ କାମ ଥିବ ତ ? | ଅଜିତ ପଧାନ | ୨୮୮ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମୋର ଅସରନ୍ତି ଉପନ୍ୟାସ | ନନ୍ଦିତା ବଡ଼ାଇ | ୨୯୨ |
| ରାସ୍ତା କଢ଼ାଇ ନିଅ | ଆକୁଳାନନ୍ଦ ପୃଷ୍ଟି | ୨୯୩ |
| କାନ୍ଦୁଛି ନେପାଳ | ବସନ୍ତ କୁମାର ମଲ୍ଲିକ | ୨୯୪ |
| ପ୍ରକୃତି ଓ ପ୍ରେମ | ବର୍ଷାରାଣୀ ଗୌଡ଼ | ୨୯୬ |
| ଆମର୍ ନୂଆଁଖାଇ | ସୁନୀଲ କୁମାର ଅଗସ୍ତି | ୨୯୭ |
| **ପ୍ରବନ୍ଧ ବିଭାଗ** | | **୨୯୯** |
| ନାନ୍ଦନିକ ଦୃଷ୍ଟିକୋଣରେ ପ୍ରାଚୀନ ଭାରତୀୟ ସାହିତ୍ୟ | ଡଃ ହିମାଦ୍ରି ତନୟା ମିଶ୍ର | ୩୦୦ |
| ସାଙ୍ଗମାନଙ୍କ ପ୍ରକାରଭେଦ | ନିତ୍ୟ ରଞ୍ଜନ ନନ୍ଦ | ୩୨୯ |
| କୃତ୍ରିମ ବୁଦ୍ଧିମତା : ମିତ୍ର ନା ଶତ୍ରୁ | ରତିରଞ୍ଜନ ମହାପାତ୍ର | ୩୩୪ |
| ବଳରାମ ଜନ୍ମ | ଅମୂଲ୍ୟ କୁମାର ନାୟକ | ୩୪୧ |
| ରକ୍ଷାବନ୍ଧନ ଏକ ଅନୁଶୀଳନ | ମନ୍ଦାକିନୀ ପାଢ଼ୀ | ୩୪୩ |
| ପବିତ୍ର ପ୍ରତୀକ ରାକ୍ଷୀ ପୂର୍ଣ୍ଣିମା | ମନୋଜ କୁମାର ଭୋଇ | ୩୪୭ |
| କାହାକୁ କହିବା ଭଲ ? | ଲକ୍ଷ୍ମୀ ଆମ୍ମା ନନ୍ଦତା | ୩୪୯ |
| ମହାପ୍ରଭୁଙ୍କ ବସ୍ତ୍ରବୈଭବ | ସଚିକାନ୍ତ ରଥ | ୩୫୧ |
| ତସ୍ମୈ ଶ୍ରୀ ଗୁରବେ ନମଃ | ହେମନ୍ତ କୁମାର ଗନ୍ତାୟତ | ୩୫୩ |
| ସରକାରୀ ସେବା | ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ | ୩୫୭ |
| ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ବ୍ୟର୍ଥ ନ ଯାଉ | ଆଶୁତୋଷ ନାୟକ | ୩୫୯ |
| ଆରକ୍ଷଣ | ପଙ୍କଜ କୁମାର ପାଣିଗ୍ରାହୀ | ୩୬୪ |
| କର୍କଟ ସହ ଯୁଝୁଛି ଶୈଶବାବସ୍ଥା | ଡା ରାଜକିଶୋର ପଣ୍ଡା | ୩୭୧ |
| **ବିଶେଷ ସୂଚନା** | | **୩୭୭** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ସେପ୍ଟେମ୍ବର ୨୦୨୬ ସଂସ୍କରଣ ସହ ମୁଁ ଉପସ୍ଥିତ । ବର୍ଷର ଉତ୍ସବମୁଖର ସମୟର ଆଗମନ ହୋଇ ସାରିଲାଣି । ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳନ ହେବା ପରେ ଏବେ ବାର୍ଷିକ ଗଣପତି ଉତ୍ସବର ସମୟ ଉପନୀତ । ଏହି ଅବସରରେ ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠିକା, ପାଠକ, ସାହିତ୍ୟିକ, ଶ୍ରଦ୍ଧାଳୁ, ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆଶା କରୁଛି ଆପଣ ସମସ୍ତେ ଭଲରେ ଥିବେ । ଆସନ୍ତୁ ପତ୍ରିକାରେ ପ୍ରକାଶିତ ଗଳ୍ପ, କବିତା ଓ ପ୍ରବନ୍ଧ ଆଦିର ଆନନ୍ଦ ନେବାପୂର୍ବରୁ ପଢ଼ି ଜାଣିବା ବିଗତ ମାସରେ ଆମ ଦେଶ ଦୁନିଆରେ କେଉଁ ସବୁ ଘଟଣା ଖବର କାଗଜର ଶୀରୋନାମା ମଣ୍ଡନ କରିଥିଲେ ।

ଦେଶରେ ଖୁବ୍‌ଶୀଘ୍ର ଲାଗୁ ହେବ 'ୱାନ୍ ନେଶନ ୱାନ୍ ହେଲ୍‌ଥ' ବା ଏକ ଦେଶ, ଏକ ସ୍ୱାସ୍ଥ୍ୟ ଯୋଜନା । ଏଥିସହ ଡାକ୍ତରମାନେ କିଭଳି ଡିଜିଟାଲ ପ୍ରେସ୍‌କ୍ରିପ୍‌ଶନ କରିବେ, ସେ ନେଇ ଚେଷ୍ଟା କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି । ରବିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଫାର୍ମାସି ଅଫିସର ସର୍ଭିସ ଆସୋସିଏଶନର ବାର୍ଷିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ କହିଲେ, ସରକାରଙ୍କ ଏହି ନୂତନ ବ୍ୟବସ୍ଥା ଫଳରେ ରୋଗୀମାନେ ଆଉ ହଇରାଣ ହରକତ ହେବେନାହିଁ । ସବୁ ନିଦାନ ଓ ଚିକିତ୍ସା ସମ୍ବନ୍ଧିତ ରେକର୍ଡ ଗୋଟିଏ କ୍ଲିକ୍‌ରେ ମିଳିବ । କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ହେଲ୍‌ଥ ଅଥରିଟି ପକ୍ଷରୁ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍) ମାଧ୍ୟମରେ ଆରୋଗ୍ୟ ସେତୁ ୨.୦ ଆପ୍ ଲଞ୍ଚ କରାଯାଇଛି । ଏଥିରେ ସ୍କାନ୍ ଆଣ୍ଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶେୟାର କନ୍‌ସେପ୍ଟ ରହିଛି । ପ୍ରେସ୍‌କ୍ରିପ୍‌ଶନକୁ ଶେୟାର କରି ଡିଜିଟାଲ ଲକର୍ ମାଧ୍ୟମରେ ରଖିହେବ । ଏଥିସହ ଖୁବ୍‌ଶୀଘ୍ର ଆଉ ଏକ ଆପ୍ ରାଜ୍ୟ ସରକାର ଆଣିବେ । ସ୍ୱାସ୍ଥ୍ୟସେବାରେ ସୁବିଧା ଏବଂ ସୁରକ୍ଷା ପାଇଁ ଡାକ୍ତରମାନେ ଡିଜିଟାଲ ପ୍ରେସ୍‌କ୍ରିପ୍‌ଶନ ବ୍ୟବହାର କରିବେ । ସେହିପରି ସାମାନ୍ୟ ଜ୍ୱର ହେଉ କି ଥଣ୍ଡା, ଡାକ୍ତରଙ୍କ ପରାମର୍ଶ ନ ନେଇ ମେଡିଶିନ ଷ୍ଟୋର୍‌ରୁ ଆଣ୍ଟିବାୟୋଟିକ କିଣାଯାଉଛି । ସ୍ୱାସ୍ଥ୍ୟ ବିଭାଗ ସଚେତନ କଲେ ମଧ୍ୟ ତାହା ବ୍ୟାପକ ହେଉନି । ତେଣୁ ଆପ୍ ଦ୍ୱାରା କେଉଁଠି, କେଉଁ ଡାକ୍ତର, କେଉଁ ରୋଗ ପାଇଁ କେଉଁ ଆଣ୍ଟିବାୟୋଟିକ ଲେଖିଛନ୍ତି ତାହା ଜଣାପଡ଼ିବ । ଏହାଦ୍ୱାରା ଆଣ୍ଟିବାୟୋଟିକ ବ୍ୟବହାରକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

ମନ୍ତ୍ରୀ ଆହୁରି କହିଛନ୍ତି, ଫାର୍ମାସି ସେବାର ଗୁରୁତ୍ୱକୁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି । ୩୯ ବର୍ଷର ଦାବିକୁ ସମ୍ମାନ ଜଣାଇ ଫାର୍ମାସି କ୍ୟାଡରର ପୁନର୍ଗଠନ ସହ ଫାର୍ମାସିଷ୍ଟମାନଙ୍କ ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି । ୧୧୦୮ ନୂତନ ଫାର୍ମାସି ଅଧିକାରୀ ପଦବୀରେ ନିଯୁକ୍ତି ପାଇଁ ଅନୁମୋଦନ ହୋଇଛି । ଏହି ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବ । ସେହିପରି ରାଜ୍ୟରେ ଫାର୍ମାସିଷ୍ଟ କାଉନ୍‌ସିଲ ଅଫ୍ ଇଣ୍ଡିଆ ନିଯୁକ୍ତି ଓ ପଦୋନ୍ନତି ସେବା ୨୦୨୫ ଲାଗୁ ନିମନ୍ତେ ଆସୋସିଏଶନ କରିଥିବା ଦାବିକୁ ସରକାର ଗୁରୁତ୍ୱର ସହ ବିଚାରକୁ ନେଇଛନ୍ତି । ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଔଷଧ ପ୍ରଦାନ, ଔଷଧର ସୁରକ୍ଷିତ ବ୍ୟବହାର, ଔଷଧ ସମ୍ପର୍କିତ ପରାମର୍ଶ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି । ତେଣୁ ଫାର୍ମାସି ସେବାକୁ ମଜଭୁତ କରିବା ଦ୍ୱାରା ରାଜ୍ୟର ସମଗ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆହୁରି ଉନ୍ନତମାନର ହେବ ବୋଲି ସେ କହିଛନ୍ତି ।

କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି, ଔପନ୍ୟାସିକ କାଳନ୍ଦୀ ସାମଲ, ସଂଘ ସଭାପତି ଶୁଭଲକ୍ଷ୍ମୀ ସ୍ୱାଇଁ, ସାଧାରଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପାଦକ କ୍ଷିତିଶ ପଟ୍ଟନାୟକ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ମହେଶ ମୋହନ ପଣ୍ଡା, ସାମାଜିକକର୍ମୀ ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥିମାନେ ସଂଘର ସ୍ମରଣିକା ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ଫାର୍ମାସି କ୍ୟାଡରର ପୁନର୍ଗଠନ, ଜବ୍ ଚାର୍ଟ ପ୍ରସ୍ତୁତି ଏବଂ ୧୧୦୮ ନୂତନ ଫାର୍ମାସି ଅଧିକାରୀ ପଦବୀକୁ ଅନୁମୋଦନ ପାଇଁ ସଂଘ ପକ୍ଷରୁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି ।

ସରକାରୀ ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ ପାରଦର୍ଶୀ ଓ ଉତ୍ତରଦାୟୀ କରିବା ପାଇଁ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଲାଗୁ କରିଛନ୍ତି । ଏଣିକି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ସେବା ଯୋଗାଇ ନଦେଲେ ସମ୍ପୃକ୍ତ ଦାୟୀ ଅଧିକାରୀଙ୍କୁ ଜରିମାନା ଗଣିବାକୁ ପଡ଼ିବ । ଏହି ଜରିମାନା ଅଧିକାରୀଙ୍କ ଦରମାରୁ କାଟି ନିଆଯିବ ।

ଓଡ଼ିଶା ଜନସେବା ଅଧିକାର ଆଇନରେ 'ଅଟୋ ଅପିଲ୍ ସିଷ୍ଟମ' ବ୍ୟବସ୍ଥା ଲାଗୁ ହୋଇଛି । ଏହା ମାଧ୍ୟମରେ ନିର୍ଦ୍ଧାରିତ ସମୟରେ ସେବା ନମିଳିଲେ ଆବେଦନଟି ସ୍ୱୟଂଚାଳିତ ଭାବେ ଉଚ୍ଚ ଅଧିକାରୀଙ୍କ ନିକଟକୁ ଅପିଲ୍ ପାଇଁ ଯିବ । ନୂତନ ନିୟମ ଅନୁଯାୟୀ, ସେବା ପ୍ରଦାନରେ ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ଉପରେ ଦିନକୁ ୨୫୦ ଟଙ୍କା ହିସାବରେ ଜରିମାନା ଲାଗିପାରେ । ଏହି ଜରିମାନା ଅଧିକାରୀଙ୍କ ଦରମାରୁ କାଟି ନିଆଯିବ । ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇପାରିବ ।

ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ସେବା ପାଇବାରେ ଲୋକଙ୍କୁ ଅଯଥା ବିଳମ୍ବର ସମ୍ମୁଖୀନ ହେବାକୁ ନଦେବା । ଏଥିସହିତ ସେବା ପ୍ରଦାନରେ ଅଧିକାରୀମାନଙ୍କ ଦାୟିତ୍ୱବୋଧ ବଢ଼ାଇବା ଏବଂ ସରକାରୀ ବ୍ୟବସ୍ଥାକୁ ଅଧିକ ଜନମୁଖୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ସମୟସୀମାରେ ସେବା ନଦେଲେ ଏଣିକି କେବଳ ଅଭିଯୋଗ ନୁହେଁ, ଦାୟୀ ଅଧିକାରୀଙ୍କୁ ଆର୍ଥିକ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିବ ।

ଐତିହାସିକ ବାଲିଯାତ୍ରା କଟକ-୨୦୨୬ ଚଳିତବର୍ଷ ନଭେମ୍ବର ୨୪ରୁ ଡିସେମ୍ବର ୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପର୍ଯ୍ୟନ୍ତ ପୂର୍ବାପେକ୍ଷା ଅଧିକ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେବାକୁ ଯୋଜନା କରାଯାଇଛି । ଚଳିତବର୍ଷ ବାଲିଯାତ୍ରା ଉପର ଓ ତଳ ପଡ଼ିଆରେ କରାଯିବାକୁ ସ୍ଥିର କରାଯାଇଛି ବୋଲି ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସୂଚନା ଦେଇଛନ୍ତି ।

ପ୍ରସ୍ତୁତି ବୈଠକରେ ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ସହ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ ବୋଲି ଜିଲାପାଳ କହିଛନ୍ତି । ବୈଦ୍ୟୁତିକ ସୁରକ୍ଷା, ମଞ୍ଚ ଓ ଭିତ୍ତିଭୂମି ସୁରକ୍ଷା, ଅଗ୍ନିଶମ ସୁରକ୍ଷାକୁ ସୁନିଶ୍ଚିତ କରାଇବା, ଦୋଳି ସମେତ ଅନ୍ୟାନ୍ୟ ମନୋରଞ୍ଜନଭିତ୍ତିକ ସରଞ୍ଜାମର ସୁରକ୍ଷା ପ୍ରମାଣପତ୍ର ସହ ମାନକ ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ କହିଛନ୍ତି । ଆଇନଶୃଙ୍ଖଳା, ଗମନାଗମନ, ଯାତାୟାତ, ଗାଡ଼ି ରହଣି ସ୍ଥଳ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ, ପଡ଼ିଆ ସମତୁଲ କରିବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ, ବିଶେଷ କରି ଅଧିକ ସଂଖ୍ୟକ ସିସିଟିଭି ସ୍ଥାପନ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ନୟାଗଡ଼ ଜିଲାର ଲାଠିପଡ଼ାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ଗହ୍ମାପୂର୍ଣ୍ଣିମା ଅବସରରେ ୫ମ କିସ୍ତି ସୁଭଦ୍ରା ଅନୁଦାନ ପ୍ରଦାନ କରିଛନ୍ତି । ଆଜିର ସୁଭଦ୍ରା ମେଳାରେ ରାଜ୍ୟର ୧ କୋଟି ୩ ଲକ୍ଷ ୨୬ହଜାର ୧୬୨ ହିତାଧିକାରୀଙ୍କୁ ୫ ହଜାର କୋଟିରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିରେ ନୟାଗଡ଼ ଜିଲାର ୨ଲକ୍ଷ ୩୩ହଜାର ୫୮୫ ହିତାଧିକାରୀ ଅଛନ୍ତି । ଏ ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲା ସୁଭଦ୍ରା ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

ନୟାଗଡ଼ ଜିଲାର ଲାଠିପଡ଼ା ଠାରେ ଚାଲିଥିବା ରାଜ୍ୟ ସ୍ତରୀୟ ଶୁଭଦ୍ରା ମେଳାର କାର୍ଯ୍ୟକ୍ରମକୁ ଅନ୍ୟ ଜିଲାର ହିତାଧିକାରୀମାନେ ଲାଇଭ ଷ୍ଟ୍ରିମିଂ ମାଧ୍ୟମରେ ଦେଖି

Listen to Odia Podcast Original at https://youtube.com/@drjyotiprasad

ପାରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ର, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, କଟକ ଏମ୍‌ପି, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ।

ପ୍ରକାଶ ଥାଉକି ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ବିଜେଡି ନେତାଙ୍କୁ ପୋଲିସ ଉଠାଇ ନେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ପ୍ରତିବାଦରେ ବିଜେଡି ସରପଞ୍ଚ ଓ ସମିତି ସଭ୍ୟ ନୟାଗଡ଼ ସଦର ଥାନା ଘେରାଉ କରିଛନ୍ତି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସେସ୍ (ଡେଣ୍ଟାଲ) କ୍ୟାଡରରେ କାର୍ଯ୍ୟରତ ଦନ୍ତ ଚିକିତ୍ସକଙ୍କ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି । ନୂଆ ନିଷ୍ପତ୍ତି ଅନୁଯାୟୀ, ଏନ୍‌ଏମ୍‌ସି ଦ୍ୱାରା ସ୍ୱୀକୃତ ମେଡିକାଲ କଲେଜରୁ ପୋଷ୍ଟ-ଗ୍ରାଜୁଏଶନ ଯୋଗ୍ୟତା ହାସଲ କରିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କୁ ପ୍ରତିମାସ ୨୦,୦୦୦ ଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯିବ । ଶନିବାର ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ଏହି ପ୍ରୋତ୍ସାହନ ନୋଟିଫିକେସନ ଜାରି ହେବା ତାରିଖ ଅର୍ଥାତ୍ ଅଗଷ୍ଟ ୨୯ରୁ କାର୍ଯ୍ୟକାରୀ ହେବ । ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ଅନୁମୋଦନ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୋଟିଫିକେଶନ ଜାରି କରାଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆଗାମୀ ଦିନରେ ପୋଷ୍ଟ-ଗ୍ରାଜୁଏଶ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକଙ୍କୁ ସରକାରୀ ସେବାରେ ଉତ୍ସାହିତ କରିବ ।

ସ୍ତ୍ରୀ କିମ୍ବା ସନ୍ତାନସନ୍ତତିଙ୍କୁ ଭରଣପୋଷଣ ସହାୟତା କିମ୍ବା ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ ଠିକ୍ ଭାବରେ ଦେଉ ନଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସଂପୃକ୍ତ କର୍ମଚାରୀଙ୍କ ଦରମାରୁ ଟଙ୍କା କାଟିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଣପୋଷଣ ସହାୟତା ଦେଉନାହାନ୍ତି । ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ (Alimony) ମଧ୍ୟ ଦେଉନାହାନ୍ତି । ଏଥିପାଇଁ ବିଭିନ୍ନ କୋର୍ଟରେ ବିଚାର ହୋଇ, କୋର୍ଟ ତରଫରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ହାରାହାରି ୨-୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଅଛି । ତେଣୁ, ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସଂପୃକ୍ତ କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା'ସହିତ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ନୁହେଁ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ସଂପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ (Alimony) ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ DDO (Drawing & Disbursement Officer) ସଂପୃକ୍ତ ସରକାରୀ କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଭରଣପୋଷଣ ପାଇଁ ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ କରିଛନ୍ତି, ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସଂପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଇଲୋକ୍ଟ୍ରୋନିକ୍ ସୂତ୍ରରେ ଜମା କରିବେ ।

ଆଗାମୀ ଦିନରେ ଏହିପରି ଅଦାଲତଙ୍କ ନିର୍ଦ୍ଦେଶିତ ଭରଣପୋଷଣ ସମ୍ପର୍କିତ ବିଷୟକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥା (HRMS)ରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଡ଼ାଯାଇ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ଅଦାଲତଙ୍କ ନିର୍ଦ୍ଦେଶର ଅନୁପାଳନ ହେବା ସହିତ ସଂପୃକ୍ତ ମହିଳା ବା ସେମାନଙ୍କ ସନ୍ତାନସନ୍ତତିଙ୍କ ଦୁର୍ଦ୍ଦଶା ମଧ୍ୟ ଅନେକ ପରିମାଣରେ ଦୂର ହୋଇପାରିବ ।

ରାଜ୍ୟର ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗର ମେଧାବୀ ଗରିବ ଛାତ୍ରୀଛାତ୍ରମାନଙ୍କ ପାଇଁ ବଡ଼ ଆଶ୍ୱସ୍ତି । ସରକାରୀ ମେଡିକାଲ ଓ ଇଞ୍ଜିନିଅରିଂ କଲେଜଗୁଡ଼ିକରେ ନାମଲେଖା (ଆଡ୍‌ମିଶନ) ବେଳେ ଏବଂ ଆଡ୍‌ମିଶନର ପ୍ରଥମ ୬ ମାସ ପର୍ଯ୍ୟନ୍ତ ଏହି ବର୍ଗର ଛାତ୍ରୀଛାତ୍ରଙ୍କୁ ଟ୍ୟୁଶନ ଫି’ କିମ୍ବା ଅନ୍ୟ କୌଣସି ଦେୟ ଜମା କରିବାକୁ ପଡ଼ିବ ନାହିଁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଅନେକ ସମୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଗରିବ ମେଧାବୀ ଛାତ୍ରୀଛାତ୍ରମାନେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହୋଇ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି । କିନ୍ତୁ ନାମଲେଖା ସମୟରେ ମୋଟା ଅଙ୍କର ଫି’ ଜମା କରିବା ପାଇଁ ସେମାନଙ୍କ ପାଖରେ ଆବଶ୍ୟକ ଆର୍ଥିକ ସମ୍ବଳ ନ ଥାଏ, ଯାହା ସେମାନଙ୍କ ଉଚ୍ଚଶିକ୍ଷା ପଥରେ ବାଧା ସୃଷ୍ଟି କରିଥାଏ । ସାଧାରଣତଃ ଏହି ଛାତ୍ରୀଛାତ୍ରମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ପୋଷ୍ଟ-ମାଟ୍ରିକ କିମ୍ବା ଅନ୍ୟାନ୍ୟ ବୃତ୍ତି (ସ୍କଲାରଶିପ୍) ପାଇଥାନ୍ତି । କିନ୍ତୁ ବୃତ୍ତି ପ୍ରଦାନ ପ୍ରକ୍ରିୟା ଶେଷ ହୋଇ ଟଙ୍କା ପହଞ୍ଚିବା ପାଇଁ ପ୍ରାୟ ୩ରୁ ୪ ମାସ ସମୟ ଲାଗିଯାଇଥାଏ । ଫଳରେ ନାମଲେଖା ବେଳେ ସେମାନେ ଆର୍ଥିକ ସଙ୍କଟର ସାମ୍ନା କରନ୍ତି । ମୁଖ୍ୟମନ୍ତ୍ରୀଙ୍କ ନୂଆ ନିର୍ଦ୍ଦେଶ ଅନୁଯାୟୀ, ବର୍ତ୍ତମାନ ଏହି ଛାତ୍ରୀଛାତ୍ରମାନେ ନିଜର ସ୍କଲାରଶିପ୍ ଟଙ୍କା ପାଇବା ପରେ ସୁବିଧା ଅନୁଯାୟୀ ଆଡ୍‌ମିଶନ ଓ ଟ୍ୟୁଶନ ଫି’ ଜମା କରିପାରିବେ । ଏହି ନିଷ୍ପତ୍ତି ଦ୍ୱାରା ବହୁ ଗରିବ ଓ ମେଧାବୀ ଛାତ୍ରୀଛାତ୍ର ଉପକୃତ ହେବେ । ଏହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଏକ ବିଶେଷ ମାର୍ଗଦର୍ଶିକା ଜାରି କରାଯିବ ।

ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ମିଶ୍ରଣ କରାଯିବ ନାହିଁ । ପୂର୍ବପରି ସାମ୍ବାଦିକମାନେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରହିବେ । ଏନେଇ ସରକାରଙ୍କ ନିଷ୍ପତ୍ତି ପରେ ସାମ୍ବାଦିକ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

ବର୍ତ୍ତମାନ ଯେଉଁ ସାମ୍ବାଦିକମାନେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି, ସେମାନେ ପୂର୍ବପରି ଏହି ସୁବିଧା ପାଇପାରିବେ । ଏଥିସହ ଯେଉଁ ସାମ୍ବାଦିକମାନେ ନୂଆକରି ଯୋଜନାରେ ସାମିଲ ହେବାକୁ ଚାହୁଁଛନ୍ତି, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟାରେ ଆବେଦନ କରିପାରିବେ ।

ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା ସୁବିଧା ଜାରି ରଖିବା ନିଷ୍ପତ୍ତିକୁ ଓଡ଼ିଶା ୟୁନିୟନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଓୟୁଜେ) ସ୍ୱାଗତ କରିଛି । ଏଥିପାଇଁ ଓୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି ।

ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହାକୁ ପୂର୍ବପରି ଜାରି ରଖିବା ନିଷ୍ପତ୍ତିକୁ ସାମ୍ବାଦିକ ସଂଗଠନଗୁଡ଼ିକ ସ୍ୱାଗତ କରିଛନ୍ତି ।

ବହୁ ଚର୍ଚ୍ଚିତ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଗିରଫ ହୋଇଥିବା ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ହାଇକୋର୍ଟରୁ ଜାମିନ ମଞ୍ଜୁର ହେବା ପରେ ମଙ୍ଗଳବାର ସନ୍ଧ୍ୟାରେ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ମୁକ୍ତ ହୋଇଛନ୍ତି ।

ଜେଲରୁ ବାହାରିବା ପରେ ବିଜେଡିର ବରିଷ୍ଠ ନେତା, କର୍ମୀ ଓ ଶତାଧିକ ସମର୍ଥକଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଜେଲ ସମ୍ମୁଖରେ ରୁଣ୍ଡ ହୋଇ ଦଳୀୟ କର୍ମୀମାନେ ନିଜ ପ୍ରିୟ ନେତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଓ

Listen to Odia Podcast Original at https://youtube.com/@drjyotiprasad

ଉଚ୍ଛ୍ୱସିତ ସ୍ୱାଗତ ଜଣାଇଥିଲେ ।

ଏହି ସ୍ୱାଗତ ଶୋଭାଯାତ୍ରାରେ ବିଜେଡି ନେତା ସଞ୍ଜୟ ଦାସ ବର୍ମା, ଦେବୀ ପ୍ରସାଦ ମିଶ୍ର, ମାନସ ମଙ୍ଗରାଜ, ମନ୍ମଥ ରାଉତରାୟ, ଚିହ୍ନଟ ସାହୁ, ପ୍ରତାପ ଜେନା, ଗଞ୍ଜାମ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ଗନ୍ତାୟତ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, କୈଳାସ ରଣା, ସରୋଜ ସାବତ, ଛତ୍ରପୁର ପୂର୍ବତନ ବିଧାୟକ ସୁବାସ ବେହେରା, କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର ସମସ୍ତ ବିଜେଡି କର୍ପୋରେଟର, ଛାତ୍ର, ଯୁବ ଓ ମହିଳା ବିଜେଡିର ଶତାଧିକ ନେତା ଓ କର୍ମୀ ସାମିଲ ଥିଲେ ।

ଉଲ୍ଲେଖନୀୟ, ୨୦୨୫ ଅକ୍ଟୋବର ୬ ତାରିଖରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣାରେ ପୋଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦର୍ଶାଇ ଗିରଫ କରିଥିଲା । ନିମ୍ନ ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ତେବେ ପରବର୍ତ୍ତୀ ସମୟରେ ପୋଲିସ ପକ୍ଷରୁ ଦାଖଲ କରାଯାଇଥିବା ଚାର୍ଜସିଟରେ ବିକ୍ରମ ପଣ୍ଡା ଷଡ଼ଯନ୍ତ୍ରକାରୀ ନୁହଁନ୍ତି ବୋଲି ଦର୍ଶାଯାଇଥିଲା । ଅନ୍ୟପଟେ ଆବେଦନକାରୀଙ୍କ ଓକିଲ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ଗିରଫ ବେଳେ ପୋଲିସ କୌଣସି ଲିଖିତ କାରଣ ଦର୍ଶାଇ ନ ଥିଲା । ପ୍ରତିପକ୍ଷ ଓକିଲ ମଧ୍ୟ ଏସଂକ୍ରାନ୍ତୀୟ ଆବଶ୍ୟକ କାଗଜପତ୍ର କୋର୍ଟରେ ଦାଖଲ କରିବାରେ ବିଫଳ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିବା ବେଳେ ଆଜି ଚୂଡ଼ାନ୍ତ ରାୟ ପ୍ରକାଶ କରି ବିକ୍ରମଙ୍କ ଜାମିନ ମଞ୍ଜୁର କରିଛନ୍ତି ।

ଗାଡ଼ି ଚାଳକଙ୍କ ପାଇଁ ବଡ଼ ଆଶ୍ୱସ୍ତିକର ଖବର । PUCC ଜରିମାନା କମାଇଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜ୍ୟ ସରକାର । ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ କଟାଯାଉଥିବା ୧୦ ହଜାର ଟଙ୍କାର ମୋଟା ଜରିମାନା କମିବା ନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ବଡ଼ ଘୋଷଣା କରିଛନ୍ତି । ୧୦ ହଜାର ଟଙ୍କାରୁ କମାଇ ଏବେ ୬ ହଜାର କରାଯାଇଛି । ପ୍ରଥମ ଥର ନିୟମ ଭାଙ୍ଗିଲେ ବାଇକ ପାଇଁ ହଜାରେ ଏବଂ ଦ୍ୱିତୀୟ ଥର ନିୟମ ଭାଙ୍ଗିଲେ ବାଇକ ପାଇଁ ୨ ହଜାର ଟଙ୍କା ଫାଇନ୍ ପଡ଼ିବ । ସେହିପରି ତିନି ଚକିଆ ଗାଡି ନିୟମ ଭାଙ୍ଗିଲେ ହଜାରେ, ଦ୍ୱିତୀୟ ଥର ନିୟମ ଭାଙ୍ଗିଲେ ୨ ହଜାର ଦଣ୍ଡ ଗଣିବେ । ମୋଟର କ୍ୟାବ୍ ଓ ଜିପ୍ ଦ୍ୱିତୀୟ ଥର ନିୟମ ଭାଙ୍ଗିଲେ ୫ ହଜାର ଟଙ୍କା ଫାଇନ୍ ଦେବେ । ଏହା ସହିତ ଟ୍ରାକ୍ଟର , ଟ୍ରେଲର ପ୍ରଥମ ଥର ନିୟମ ଭାଙ୍ଗିଲେ ୨ ହଜାର ଫାଇନ୍ ପଡିବ ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ଭେଷଜ ମହାବିଦ୍ୟାଳୟର ଜଣେ ଛାତ୍ର ନିଖୋଜ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି । ସୂଚନା କ୍ରମେ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ କପାଳି ଗ୍ରାମର ସାଗର ସାହୁ (୨୧) ଅଗଷ୍ଟ ୩୧ରୁ ନିଖୋଜ ହୋଇଯାଇଛନ୍ତି । ଗତ ରବିବାର ଦିନ ତାଙ୍କ ମୋବାଇଲ ଫୋନ ବ୍ରହ୍ମପୁର ରେଳ ଷ୍ଟେଶନର ଏକ ନମ୍ବର ପ୍ଲାଟଫର୍ମରୁ ମିଳିଛି ।

ଏମବିବିଏସ ପ୍ରଥମ ବର୍ଷ ଛାତ୍ର ସାଗର ବିନା କୋଚିଂରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମକେସିଜିରେ ନାମ ଲେଖାଇଥିଲେ । ସେ ପ୍ରଥମ ବର୍ଷର ପଢୁଥିବା ମାମୁ କୁଳମନି ସାହୁ ସୂଚନା ଦେଇଛନ୍ତି । ସାଗରଙ୍କ ନିଖୋଜ ନେଇ ବିଏନପୁର ଥାନା ଓ ଜିଆରପି ଥାନା ଷ୍ଟେଶନ ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ ଓ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

ଅନ୍ୟପକ୍ଷେ ସାଗର ପଶ୍ଚିମବଙ୍ଗ ଖଡଗପୁର ଠାରେ ଥିବା ନେଇ ପରିବାର ଲୋକଙ୍କୁ ଜଣେ ବ୍ୟକ୍ତି ଯୋଗାଯୋଗ କରିଥିବା ସାଗରଙ୍କ ଅଭିଭାବକ କହିଛନ୍ତି ।

ଗତ ଅଗଷ୍ଟ ୩୧ ତାରିଖରୁ ନିଖୋଜ ଥିବା ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(MKCG) ମେଡିକାଲ କଲେଜର ଛାତ୍ର ସାଗର ସାହୁ(୨୧) ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି । ମୟୂରଭଞ୍ଜ ଜିଲା ତିରିଂ ଅଞ୍ଚଳରୁ ତିରିଂ ଥାନା ପୋଲିସ ତାଙ୍କୁ ଉଦ୍ଧାର କରିଛି ।

ମିଳିଥିବା ସୂଚନା ମୁତାବକ, ଯାଜପୁର ଜିଲାର ସାଗର ସାହୁ ଗତ ୩୧ ତାରିଖରୁ ହଠାତ ନିଖୋଜ ହୋଇଯାଇଥିଲେ । ଏ ନେଇ ପରିବାର ଲୋକେ କୁଆଖିଆ ଥାନାରେ ଏତଲା ଦେବା ପରେ ପୋଲିସ ଛାନଭିନ୍ ଜାରି ରଖିଥିଲା । ତେବେ ଆଜି ସାଗର ଝାଡ଼ଖଣ୍ଡ ପଟୁ ଏକ ବସ୍‌ରେ ଆସୁଥିବା ସମୟରେ ବସ କଣ୍ଡକ୍ଟରଙ୍କ ମୋବାଇଲ୍‌ରୁ ନିଜ ଘର ଲୋକଙ୍କ ସହ ଯୋଗାଯୋଗ କରିଥିଲେ ।

ସାଗରଙ୍କଠାରୁ ଫୋନ ପାଇବା ପରେ ପରିବାର ଲୋକେ ତୁରନ୍ତ କୁଆଖିଆ ପୋଲିସକୁ ଖବର ଦେଇଥିଲେ । କୁଆଖିଆ ପୋଲିସ ସୂଚନା ଆଧାରରେ ତିରିଂ ଥାନା ପୋଲିସ ସହାୟତାରେ ବସ୍‌କୁ ଅଟକାଇ ସାଗରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି । ବର୍ତ୍ତମାନ ସାଗରଙ୍କୁ ନିଜ ହାତଜିମାକୁ ନେବା ପାଇଁ କୁଆଖିଆ ପୋଲିସର ଏକ ଟିମ୍ ତିରିଂ ଥାନା ଅଭିମୁଖେ ବାହାରିଛି । ସେ କାହିଁକି ଏବଂ କେଉଁ ପରିସ୍ଥିତିରେ ନିଖୋଜ ହୋଇଥିଲେ, ପୋଲିସର ପଚରାଉଚରା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

ସୂଚନାଯୋଗ୍ୟ, ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ କପାଳି ଗ୍ରାମର ସାଗର ଗତ ୨ ତାରିଖରେ ନିଖୋଜ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା । ତାଙ୍କ ମୋବାଇଲ ଫୋନ ବ୍ରହ୍ମପୁର ରେଳ ଷ୍ଟେଶନର ଏକ ନମ୍ବର ପ୍ଲାଟଫର୍ମରୁ ମିଳିଥିଲା ।

ଏମବିବିଏସ ପ୍ରଥମ ବର୍ଷ ଛାତ୍ର ସାଗର ବିନା କୋଚିଂରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମକେସିଜିରେ ନାମ ଲେଖାଇଥିଲେ । ସେ ପ୍ରଥମ ବର୍ଷର ପଢୁଥିବା ମାମୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁଳମଣି ସାହୁ ସୂଚନା ଦେଇଥିଲେ । ସାଗରଙ୍କ ନିଖୋଜ ନେଇ ବିଏନପୁର ଥାନା ଓ ଜିଆରପି ଥାନା ଷ୍ଟେଶନ ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ ଓ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଥିଲା । ଅନ୍ୟପକ୍ଷେ ସାଗର ପଶ୍ଚିମବଙ୍ଗ ଖଡଗପୁର ଠାରେ ଥିବା ନେଇ ପରିବାରଲୋକଙ୍କୁ ଜଣେ ବ୍ୟକ୍ତି ଯୋଗାଯୋଗ କରିଥିବା ସାଗରଙ୍କ ଅଭିଭାବକ କହିଥିଲେ ।

ସମୁଦ୍ର ବେଳାଭୂମିରେ ଦେଖାଯାଉଛି ଏକ ମନ୍ଦିରର ଦଧିନଉତି । ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣା ପୋଡ଼ମପେଟା ସମୁଦ୍ର ବେଳାଭୂମିରେ ରହସ୍ୟମୟ ଦଧିନଉତି ଠାବ ହୋଇଛି । ଏହା ଗଙ୍ଗାଦେବୀ ମନ୍ଦିର ବୋଲି ଅନୁମାନ କରାଯାଉଛି ।

ମନ୍ଦିର ପ୍ରତିଷ୍ଠା ନହେବା ପୂର୍ବରୁ ଏହା ସମୁଦ୍ରରେ ଲୀନ ହୋଇଯାଇଥିବା ସେଠାକାର ଗ୍ରାମବାସୀ ଅନୁମାନ କରୁଛନ୍ତି । ଏହା ୨୦ ରୁ ୨୫ ବର୍ଷର ମନ୍ଦିର । ଦିନେ ଏହି ସ୍ଥାନରେ ଜନବସତି ରହିଥିଲା । କିନ୍ତୁ ସମୁଦ୍ରରେ ଗୋଟିଏ ପରେ ଗୋଟେ ଘର ସବୁ ସମୁଦ୍ରରେ ଲୀନ ହୋଇଯାଇଥିଲା । ଏବେ ସମୁଦ୍ର ପାଣି କମ ଥିବାରୁ ଏହି ମନ୍ଦିରର କିଛି ଅଂଶ ଦୃଶ୍ୟମାନ ହୋଇଛି ।

ଦଧିନଉତି ଠାବ ହେବା ପରେ ଏହାକୁ ଦେଖିବାକୁ ଲୋକଙ୍କ ଗହଳି ଜମୁଛି ଏବଂ କିଛି ଲୋକ ଏହାକୁ ଖୋଳୁଥିବା ମଧ୍ୟ ଦେଖାଯାଉଛି । କିନ୍ତୁ ପୁଣି ସମୁଦ୍ର ପାଣି ଚାଲି ଆସୁଛି । ସମୁଦ୍ର ଦିନକୁ ଦିନ କୂଳ ଲଙ୍ଘି ଘର ଗୁଡିକ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଛି । ଏହାରି ଭିତରେ ଦଧିନଉତି ଅନେକ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ଶେଷ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ପଞ୍ଚାୟତ ନିର୍ବାଚନ ହୋଇପାରେ । ଏନେଇ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି । ନିର୍ବାଚନ ପରିଚାଳନା ପାଇଁ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ

Listen to Odia Podcast Original at https://youtube.com/@drjyotiprasad

ଚାଲିଥିବା ବେଳେ ଏଥିପାଇଁ ଏକ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରକାଶ କରାଯିବ ।

ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ସାମିଲ ପାଇଁ ଅକ୍ଟୋବର ୨୪ ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ କରାଯିବ । ସର୍ଭେ ଶେଷ ହେବା ପରେ ଭୋଟର ତାଲିକା ସମ୍ପର୍କିତ ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯିବ ଏବଂ ଫେବ୍ରୁଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

ପଞ୍ଚାୟତଗୁଡ଼ିକର କାର୍ଯ୍ୟକାଳ ଫେବ୍ରୁଆରୀ ମାସରେ ଶେଷ ହେଉଥିଲେ ହେଁ, ବର୍ତ୍ତମାନ ଜନଗଣନା ପ୍ରକ୍ରିୟା ଜାରି ରହିଥିବାରୁ ନିର୍ବାଚନ ପ୍ରକ୍ରିୟାରେ ପ୍ରାୟ ମାସେ ବିଳମ୍ବ ହେଉଛି । ଜନଗଣନା ସରିବା ପରେ, ଅର୍ଥାତ ମାର୍ଚ୍ଚ ୫ ତାରିଖ ପରେ ନିର୍ବାଚନ ତାରିଖ ଆନୁଷ୍ଠାନିକ ଭାବେ ଘୋଷଣା ହୋଇପାରେ । ଏହାସହ ପଞ୍ଚାୟତ ନିର୍ବାଚନ ଶେଷ ହେବାର ପ୍ରାୟ ମାସକ ପରେ ପୌର ନିର୍ବାଚନ (ୟୁଏଲବି) କରାଯିବା ନେଇ ଯୋଜନା ରହିଛି ବୋଲି ସେ କହିଛନ୍ତି ।

ଶିକ୍ଷକ ଓ କର୍ମଚାରୀଙ୍କ ଅହୋରାତ୍ର ଆନ୍ଦୋଳନ ୨୧ଦିନ ପରେ ସ୍ଥଗିତ ହୋଇଛି । ଶନିବାର ରାତି ପ୍ରାୟ ୮ଟାରେ ଭୁବନେଶ୍ୱର ଲୋୟର ପିଏମ୍‌ଜିସ୍ଥିତ ଧାରଣାସ୍ଥଳରେ ଆଠଟି ସଂଗଠନର ନେତୃବୃନ୍ଦଙ୍କୁ ନେଇ ଗଠିତ କୋର୍ କମିଟି ବୈଠକ ବସିଥିଲା । ୧ ଘଣ୍ଟାରୁ ଅଧିକ ସମୟ ଧରି ଶିକ୍ଷକଙ୍କ ବିଭିନ୍ନ ଦାବି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ସରକାରଙ୍କ ପକ୍ଷରୁ ଦୁଇ ମନ୍ତ୍ରୀ ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି କହିବା ସହ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିବାରୁ ତାହା ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା । ଏହାପରେ ଆସନ୍ତା ବିଧାନସଭା ଅଧିବେଶନ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୂଚନାଯୋଗ୍ୟ, ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହିତ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ, ପେନସନ୍, ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନସନ୍ ପ୍ରଦାନ, ୬ଟି ନୋଶନାଲ୍ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ବେସରକାରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ, ଛାତ୍ରବୃତ୍ତି, ଶିକ୍ଷା ଉପକରଣ, ପୋଷାକ ଓ ସାଇକେଲ ପ୍ରଦାନ କରିବାକୁ ଶିକ୍ଷକମାନେ ଦାବି କରି ଆସୁଥିଲେ । ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ ସରକାର କାହିଁକି ପ୍ରତାରଣା କରୁଥିଲେ । କାଳକ୍ଷେପଣ ନୀତି ସଦୃଶ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ୬ ମାସରେ ରିପୋର୍ଟ ଦେବାକୁ ସରକାର କହିଥିବାବେଳେ ଏହାର କାର୍ଯ୍ୟକାଳକୁ ପୁଣି ୬ ମାସ ବୃଦ୍ଧି କରିବା ପଛରେ କ'ଣ ରହସ୍ୟ ରହିଛି ବୋଲି ଶିକ୍ଷକମାନେ ପ୍ରଶ୍ନ କରିଥିଲେ ।

ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ସରକାର 'କେଜିରୁ ପିଜି' ନିଃଶୁଳ୍କ ଶିକ୍ଷା ଯୋଜନା କରିଛନ୍ତି । ସାରା ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଶିଶୁ ବାଟିକାରୁ ଆରମ୍ଭ କରି ସ୍ନାତକୋତ୍ତର ପର୍ଯ୍ୟନ୍ତ 'କେଜିରୁ ପିଜି' ଶିକ୍ଷାକୁ ସାର୍ବଜନୀନ ନିଃଶୁଳ୍କ କରିଛି । ଏଥିସହ ଆସନ୍ତା ୩ ବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକ ପଦବୀ ପୂରଣ ନେଇ ସରକାର ପ୍ରତିଶ୍ରୁତିବଦ୍ଧ । ସୋସିଆଲ ମିଡିଆରେ ସମୟ ନଷ୍ଟ ନ କରି ଏକମନ-ଏକପ୍ରାଣ ହୋଇ ପାଠ ପଢ଼ିବାକୁ ପିଲାଙ୍କୁ ବୁଝେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

କଟକସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲଠାରେ ଶନିବାର ଆୟୋଜିତ ଗୁରୁ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇ ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିବା ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନିଜର କ୍ୟାରିୟର ଗଢ଼ିବା ଉପରେ ଫୋକସ କରିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଛାତ୍ର ଭାବରେ ତୁମମାନଙ୍କ ପ୍ରଥମ ଦାୟିତ୍ୱ ଭଲ ପାଠପଢ଼ି ଦକ୍ଷତା ହାସଲ କରିବ ଓ ନିଜର ତଥା ଦେଶର ବିକାଶରେ ଯୋଗଦାନ ରଖିବ । କ୍ୟାରିୟର ଗଢ଼ିବାରେ ବାଧା ସୃଷ୍ଟି କରୁଥିବା ଆଶଙ୍କାରୁ ଦୂରେଇ ରହିବାକୁ ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଶିକ୍ଷା କେବଳ ଜ୍ଞାନ ପ୍ରଦାନ ନୁହେଁ; ଶିକ୍ଷା ହେଉଛି ମଣିଷ ଗଢ଼ିବାର ଏକ ମହାନ ପ୍ରକ୍ରିୟା । ଆମର ଶିକ୍ଷକମାନେ ଏହି ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି । ଗୁରୁ ଓ ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ମାହାତ୍ମ୍ୟ ପିଲାମାନଙ୍କୁ ବୁଝାଇବା ସହ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପୁଣ୍ୟ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

ଏହି ଅବସରରେ ଶିକ୍ଷାଦାନ ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ନିଷ୍ଠାପର ସେବା ପ୍ରଦାନ କରିଥିବା ଗୁରୁଗଣ ଅଶୋକ କୁମାର ଶତପଥୀ, କୁମୁଦିନୀ ଜୀ, ଶକୁନ୍ତଳା ମହାନ୍ତି, ଦୈତାରୀ ସାହୁ ଏବଂ ଜୟନ୍ତୀ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି । ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ସେକେଣ୍ଡାରି ବୋର୍ଡ ସ୍କୁଲ ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀ, ପୁରାତନ ଛାତ୍ର ସଂସଦ ସଭାପତି ନିଶିକାନ୍ତ ମିଶ୍ର, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

ଭାରତରେ ରାଜନୈତିକ ଦଳ ଠୁଳ କରିଥିବା ଅର୍ଥ ପରିମାଣ ଓ ଉପାୟ ବିଷୟରେ ଦେଶରେ ଆଖିଦୃଶିଆ ଆଲୋଚନା ହୁଏନି । ଏବେ ବିବିସି ହିନ୍ଦୀର ଅନୁସନ୍ଧାନମୂଳକ ରିପୋର୍ଟ ଅନୁଯାୟୀ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ୨୦୨୩-୨୪ ଆର୍ଥିକ ବର୍ଷରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ ଛୋଟ ରାଜନୈତିକ ଦଳ ବହୁତ ବଡ଼ ରାଶିର ଦାନ ପାଇଥିଲେ ।

ପୂର୍ବରୁ ସାଧାରଣରେ ଏହା ଜଣା ନ ଥିଲା ଯେ, ୬ଟି ରେଜିଷ୍ଟର୍ଡ ଅନ୍-ରେକଗ୍ନାଇଜ୍ଡ ପଲିଟିକାଲ ପାର୍ଟିଜ୍ (ଆର୍ୟୁପିପି) ପାଖରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୭୦୦.୭୮ କୋଟି ଟଙ୍କା ଠୁଳ ହୋଇଛି । ସେହି ଦଳଗୁଡ଼ିକ ହେଲା- ଆମ୍ ଜନମତ ପାର୍ଟି, ସତ୍ୟବାଦୀ ରକ୍ଷକ ପାର୍ଟି, ସ୍ୱତନ୍ତ୍ରତା ଅଭିବ୍ୟକ୍ତି ପାର୍ଟି, ନ୍ୟୁ ଇଣ୍ଡିଆ ୟୁନାଇଟେଡ୍ ପାର୍ଟି, ଭାରତୀୟ ନ୍ୟାଶନାଲ ଜନତା ଦଳ ଏବଂ ଗରିବ କଲ୍ୟାଣ ପାର୍ଟି । ଏସବୁ ଦଳର ମୁଖ୍ୟାଳୟ ଗୁଜରାଟରେ ରହିଛି, ଯେଉଁଥିରୁ ୫ଟି ଅହମଦାବାଦ ଏବଂ ଗୋଟିଏ ଆନନ୍ଦରେ ଅଛି ।

ରିପୋର୍ଟ ଅନୁଯାୟୀ, ଏହି ୬ଟି କ୍ଷୁଦ୍ର ଦଳକୁ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧୭୦୦.୭୮ କୋଟି ଟଙ୍କା ଦାନ ଆକାରରେ ମିଳିଥିଲା । ସେଥିରୁ ଆମ୍ ଜନମତ ପାର୍ଟିକୁ ୭୨୦.୨୪ କୋଟି, ସତ୍ୟବାଦୀ ରକ୍ଷକ ପାର୍ଟିକୁ ୩୩୦.୫୫, ସ୍ୱତନ୍ତ୍ରତା ଅଭିବ୍ୟକ୍ତି ପାର୍ଟିକୁ ୨୧୯.୬୯, ନ୍ୟୁ ଇଣ୍ଡିଆ ୟୁନାଇଟେଡ୍ ପାର୍ଟିକୁ ୨୦୦.୬୯, ଭାରତୀୟ ନ୍ୟାଶନାଲ ଜନତା ଦଳକୁ ୧୯୧.୬୧ ଏବଂ ଗରିବ କଲ୍ୟାଣ ପାର୍ଟିକୁ ୧୩୮.୦୦ କୋଟି ଟଙ୍କା ଚାନ୍ଦା ମିଳିଥିଲା । ଦେଖିବାକୁ ଗଲେ ଉପରୋକ୍ତ ୬ଟି ଦଳ ପାଇଥିବା ମୋଟ ଚାନ୍ଦା କେବଳ ଭାଜପାକୁ ଛାଡ଼ିଦେଲେ ଅନ୍ୟ ୫ଟି ଜାତୀୟ ଦଳଙ୍କ ମିଶ୍ରିତ ପାଣ୍ଠିରୁ ଅଧିକ ।

କୌତୂହଳର ବିଷୟ ଯେ, ଏହି ଦଳଗୁଡ଼ିକ ମୁଖ୍ୟତଃ ନିର୍ବାଚନୀ ରାଜନୀତିରୁ ଦୂରେଇ ରହିଥିଲେ । ଏହି ଦଳଗୁଡ଼ିକ ୨୦୨୪ ଲୋକ ସଭା ନିର୍ବାଚନରେ ମାତ୍ର ୧୫ ଜଣ ପ୍ରାର୍ଥୀ ଦେଇଥିଲେ । ତେବେ ଆମ୍ ଜନମତ ପାର୍ଟି ୨୦୨୨-୨୩ରେ ୨୧୬ କୋଟି ଟଙ୍କା ଚାନ୍ଦା ପାଇଥିବା ବିବିସି ହିନ୍ଦୀ ରିପୋର୍ଟରୁ ଜଣାପଡ଼ିଛି । ବିଶେଷଜ୍ଞମାନେ କହନ୍ତି ଯେ, ଏହି ଦଳଗୁଡ଼ିକ ବାସ୍ତବରେ ସ୍ୱାଧୀନ ରାଜନୈତିକ ସଙ୍ଗଠନ ନୁହେଁ; ବରଂ ଟିକସ ଫାଙ୍କି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓ ବେଆଇନ ଅର୍ଥ କାରବାରରେ ନିୟୋଜିତ ଅଛନ୍ତି । ଯେହେତୁ ଏହିସବୁ ଦଳଗୁଡ଼ିକ ଗୁଜରାଟରେ ପଞ୍ଜୀକୃତ, ସନ୍ଦେହ କରାଯାଉଛି ଯେ ଗୋଟିଏ ବଡ଼ଦଳର ପ୍ରକ୍ସି ଭାବେ ଏଗୁଡ଼ିକ କାର୍ଯ୍ୟ କରୁଛନ୍ତି ।

ସୂଚନାଯୋଗ୍ୟ ଯେ, ଗତ ଜୁନ୍‌ରେ ନ୍ୟାଶନାଲିଷ୍ଟ ସିଟିଜେନ୍‌ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)ରେ ତୃଣମୂଳ କଂଗ୍ରେସର ୨୦ ଏମ୍‌ପି ସାମିଲ ହୋଇଥିଲେ । ଏଭଳି ଛୋଟିଆ ପାର୍ଟିରେ ଏମ୍‌ପିଙ୍କ ଯୋଗଦାନରୁ ଜଣାପଡ଼ିଲା ଯେ ଉକ୍ତ ଦଳ ନିର୍ବାଚନ କମିଶନଙ୍କ ପାଖରେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ଅଣସ୍ୱୀକୃତ ଦଳ ଭାବେ ରହିଛନ୍ତି ।

ପରମ୍ପରା ଓ ରୀତିନୀତି ଅନୁସାରେ ପଶ୍ଚିମଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଇଁ ଶନିବାର ଲଗ୍ନ ଧାର୍ଯ୍ୟ ହୋଇଛି । ଇଷ୍ଟ ଦେବୀ ସମଲେଇଙ୍କ ରାଶି ନକ୍ଷତ୍ରାନୁସାରେ ସମବେତ ପଣ୍ଡିତ ଓ ଜ୍ୟୋତିର୍ବିଦମାନଙ୍କ ଗଣନାନୁସାରେ ଆସନ୍ତା ୧୫ ତାରିଖ (ମଙ୍ଗଳବାର) ନୂଆଁଖାଇ ସକାଶେ ଲଗ୍ନ ଶୁଭ ହୋଇଛି । ଧାର୍ଯ୍ୟ ଲଗ୍ନକୁ ଆଧାର କରି ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଙ୍ଗଳବାର ସକାଳ ୯ଟା ୪୦ ମିନିଟ୍ ଗତେ ୯ଟା ୫୪ ମିନିଟ୍ ମଧ୍ୟେ ତୁଳା ଲଗ୍ନେ ବୃଷ ନବାଂଶେ ଇଷ୍ଟଦେବୀ ଦେବୀ ସମଲେଇଙ୍କଠାରେ ପ୍ରଥମେ ନବାନ୍ନ ଲାଗିବ । ତେଣୁ ପରମ୍ପରା ଓ ରୀତିନୀତିକୁ ଦୃଷ୍ଟିରେ ରଖି ଇଷ୍ଟ ଦେବୀଙ୍କୁ ନବାନ୍ନ ଭୋଗ ଲାଗିବା ପରେ ଜନସାଧାରଣ ନୂଆଁଖାଇ ଭୋଗ ଖାଇପାରିବେ ବୋଲି ସ୍ଥିରୀକୃତ ହୋଇଛି ।

ସମ୍ବଲପୁର ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିର ପରିସରରେ ଶନିବାର ନୂଆଁଖାଇ ଲଗ୍ନଧାର୍ଯ୍ୟ ଲାଗି ସଭା ହୋଇଥିଲା । ଝାଡୁଆପଡ଼ା ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ମହାସଭା କର୍ମକର୍ତ୍ତାଙ୍କ ସମେତ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ଜ୍ୟୋତିଷ ଓ ପଣ୍ଡିତମାନେ ସାମିଲ ହୋଇଥିଲେ । ସମବେତ ପଣ୍ଡିତ ଓ ଜ୍ୟୋତିର୍ବିଦ୍‌ମାନେ ନକ୍ଷତ୍ର ଗଣନା କରି ଲଗ୍ନ ଧାର୍ଯ୍ୟ କରିଥିଲେ । ନିର୍ଦ୍ଧାରିତ ଲଗ୍ନକୁ ମନ୍ଦିର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟ୍ରଷ୍ଟ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଗ୍ରହଣ କରିଥିଲେ । ପ୍ରଥମେ ବ୍ରହ୍ମପୁରା ଠାକୁରଙ୍କଠାରେ ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ପରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସରୋଜ କୁମାର ଦଳପତ ଧାର୍ଯ୍ୟ ଲଗ୍ନ ପାଠ କରିଥିଲେ । ସେଠାରୁ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ, କର୍ମକର୍ତ୍ତା ଏବଂ ପଣ୍ଡିତମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଗୋଧୂଳି ଲଗ୍ନରେ ସମଲେଇ ମନ୍ଦିର ପୀଠରେ ପହଞ୍ଚିଥିଲେ । ମନ୍ଦିର ମୁଖ୍ୟ ଫାଟକଠାରେ ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତା ଓ ପୂଜକମାନେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ପରେ ଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ନୂଆଁଖାଇ ଲଗ୍ନ ଅର୍ପଣ ନୀତି ହୋଇଥିଲା । ସମଲେଇ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସଭ୍ୟଙ୍କ ସମେତ ପୂଜକମାନେ ପରମ୍ପରାନୁସାରେ ଲଗ୍ନ ଗ୍ରହଣ କରିଥିଲେ । ଜୟ ମା' ସମଲେଇ ଧ୍ୱନିରେ ଲଗ୍ନ ଗ୍ରହଣ ନୀତିକାନ୍ତି ହୋଇଥିଲା । ସମ୍ବଲପୁର ଝାଡୁଆପଡ଼ାସ୍ଥିତ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ସଭ୍ୟ ଅମରନାଥ ସୂପକାର, ସୂର୍ଯ୍ୟକୁମାର ମିଶ୍ର, ଶ୍ରୀମନ୍ତ ମିଶ୍ର, ସୁଶାନ୍ତ କୁମାର ପୁରୋହିତ, ପ୍ରାଣରଞ୍ଜନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶ୍ରୀଶ୍ରୀ ବ୍ରହ୍ମ ପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡା, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ପଣ୍ଡିତ ବୀରେନ ମିଶ୍ର, ପଣ୍ଡିତ ଜିତେନ୍ଦ୍ର କୁମାର ନନ୍ଦ, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପଣ୍ଡିତମାନେ ସାମିଲ ଥିଲେ ।

ନୂଆଁଖାଇ ପାଇଁ ସଜବାଜ ହେଉଛି କଳାହାଣ୍ଡି ଜିଲା । ପଶ୍ଚିମ ଓଡ଼ିଶାର ଏହା ଏକ ମୁଖ୍ୟ ପର୍ବ ହୋଇଥିଲେ ହେଁ କଳାହାଣ୍ଡିରେ ଟିକେ ନିଆରା ଢଙ୍ଗରେ ପାଳିତ ହୁଏ ନୂଆଁଖାଇ । ସବୁଠି ପଞ୍ଚମୀ ତିଥିରେ ନୂଆଁଖାଇ ପାଳନ ହେଉଥିବା ବେଳେ ଏଠାରେ ପ୍ରତିପଦାଠାରୁ ଆରମ୍ଭ କରି ଦଶହରା ଦଶମୀ ପର୍ଯ୍ୟନ୍ତ ଚାଲିଥାଏ ନୂଆଖାଇ ।

ତେବେ କଳାହାଣ୍ଡି ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ନୂଆ ଖାଇବା

Listen to Odia Podcast Original at https://youtube.com/@drjyotiprasad

ଲଗ୍ନ ଧାର୍ଯ୍ୟ ହୋଇଛି । ଆସନ୍ତା ଶୁକ୍ଳପକ୍ଷ ଦଶମୀ ଅର୍ଥାତ ସେପ୍ଟେମ୍ବର ୨୧ ତାରିଖ ସୋମବାର ସକାଳ ୮. ଘଣ୍ଟା ୨୦ ମିନିଟରୁ ୯ ଘଣ୍ଟା ୩୦ ମିନିଟ ମଧ୍ୟରେ ମା'ଙ୍କ ନିକଟରେ ଲାଗି ହେବ ନବାନ୍ନ । ଏହାପରେ ୧୦ଟାରୁ ୧୨ଟା ମଧ୍ୟରେ ଗଡ଼ଜାତ ଅଞ୍ଚଳର ଜନସାଧାରଣ ନୂଆ ଖାଇବା ନେଇ ଲଗ୍ନ ଧାର୍ଯ୍ୟ ହୋଇଛି । ମା'ଙ୍କ ନିକଟରେ ନବାନ୍ନ ଲାଗି ପରେ ଭବାନୀପାଟଣା ସହର ସମେତ ଗଡଜାତ ଅଞ୍ଚଳ ଲାଞ୍ଜିଗଡ, ଜୟପାଟଣା, ମଦନପୁର, ରାମପୁର, ମାଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳ ରାମପୁରରେ ପାଳିତ ହେବ ନୂଆଁଖାଇ ପର୍ବ । ଏନେଇ ରବିବାର କଳାହାଣ୍ଡି ରାଜ ପରିବାର ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି ।

ଏ ସମ୍ପର୍କରେ ସଂସ୍କୃତି ଗବେଷକ ସତ୍ୟନାରାୟଣ ମହାପାତ୍ର କହିଛନ୍ତି, "କଳାହାଣ୍ଡିରେ ନୂଆଁଖାଇର ଏକ ଭିନ୍ନ ପରମ୍ପରା ରହିଛି । କୌଣସି ନିର୍ଦ୍ଦିଷ୍ଟ ତିଥିରେ ସମଗ୍ର ଜିଲାରେ ନୂଆଖାଇ ପାଳିତ ହୁଏ ନାହିଁ । ପର୍ଯ୍ୟାୟ ଭିତ୍ତିରେ ଅର୍ଥାତ୍ ଛଅଟି ପର୍ଯ୍ୟାୟରେ ଦୀର୍ଘ ୫୫ ଦିନ ଧରି କଳାହାଣ୍ଡିରେ ଏହା ପାଳିତ ହେଉଥାଏ । ସବୁଠାରୁ ମୁଖ୍ୟ ହେଉଛି କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ପୀଠରେ ନୂଆଁଖାଇ । ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ମା' ମାଣିକେଶ୍ୱରୀଙ୍କ ନିକଟରେ ନବାନ୍ନ ଭୋଗ ଅର୍ପଣ କରାଯାଇଥାଏ ।"

ମା' ମାଣିକେଶ୍ୱରୀଙ୍କ ସହିତ ଭବାନୀପାଟଣା ସହର ଏବଂ କଳାହାଣ୍ଡି ଗଡ଼ଜାତର ପୁରାତନ ଜମିଦାରୀ ଅଞ୍ଚଳ କର୍ଲାପାଟ, ଥୁଆମୂଳ ରାମପୁର, ଜୟପାଟଣା, ଲାଞ୍ଜିଗଡ଼ ଏବଂ ମଦନପୁର ରାମପୁରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ନୂଆଁଖାଇ ପାଳନ ହୋଇ ଥାଏ ବୋଲି କହିଛନ୍ତି ।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ବରମୁଣ୍ଡୁଳି ଗାଁର ୭୦ ବର୍ଷୀୟା ବୃଦ୍ଧା ଇନ୍ଦୁ ବିଷୋୟୀ ୫ ବର୍ଷ ପୂର୍ବେ ଭୁବନେଶ୍ୱରରୁ ନିଖୋଜ ହୋଇ ଯାଇଥିଲେ । ଦୁଇ ପୁଅଙ୍କ ମୃତ୍ୟୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରେ ସେ ମାନସିକ ସ୍ତରରେ ଅସୁସ୍ଥ ଥିଲେ ଏବଂ ମଝିଆ ପୁଅ ଉପେନ୍ଦ୍ର, ବୋହୂ ଉର୍ମିଳା ଓ ନାତି ବିକ୍ରମଙ୍କ ସହ ନୟାପଲ୍ଲୀରେ ରହୁଥିଲେ ।

ପୁଅ ଦାଦନ ଶ୍ରମିକ ଭାବେ ମୁମ୍ବାଇ ଯାଇଥିବା ବେଳେ ଏବଂ ବୋହୂ ଗାଁକୁ ଆସିଥିବା ସମୟରେ, ଇନ୍ଦୁ କିଛି ସାମଗ୍ରୀ ଆଣିବାକୁ ବାହାରକୁ ଯାଇ ରାସ୍ତା ଭୁଲି ଯାଇଥିଲେ । ନୟାପଲ୍ଲୀ ପୋଲିସ ତାଙ୍କୁ ଉଦ୍ଧାର କରି ପରିଚୟ ନ ପାଇବାରୁ ଏକ ବୃଦ୍ଧାଶ୍ରମରେ ଛାଡ଼ି ଦେଇଥିଲା । ପୁଅ ଉପେନ୍ଦ୍ର ମୁମ୍ବାଇରୁ ଫେରି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ ।

୫ ବର୍ଷ ପରେ ୧୭ ବର୍ଷୀୟ ନାତି ବିକ୍ରମ ଏକ ଘରୋଇ ଟିଭି ଚ୍ୟାନେଲର ଲାଇଭ ପ୍ରସାରଣରେ ବୃଦ୍ଧାଶ୍ରମରେ ଥିବା ଜେଜେମା'ଙ୍କୁ ଚିହ୍ନି ପାରିଥିଲେ । ଖବର ପାଇ ପରିବାର ଲୋକେ ବୃଦ୍ଧାଶ୍ରମରୁ ଇନ୍ଦୁଙ୍କୁ ଘରକୁ ଆଣିଥିଲେ । ୫ ବର୍ଷ ପରେ ମା'ଙ୍କୁ ପାଇ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଅପାର ଆନନ୍ଦ ଖେଳିଯାଇଛି ।

ଦାରିଦ୍ର୍ୟ ମଧ୍ୟରେ ଗତି କରୁଥିବା ଏହି ଦିନମଜୁରିଆ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମୁଦ୍ରକୂଳକୁ ଲାଗିଥିବା ବିଚିତ୍ରପୁର ଜଙ୍ଗଲରୁ ୫ଟି ଅଜଣା ଜୀବ ଉଦ୍ଧାର ହୋଇଛି । ଏକାଥରେ ୫ଟି ବିରଳ ପ୍ରଜାତିର ଜୀବ ଜଙ୍ଗଲରେ ଦେଖାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି । ଜୀବଗୁଡ଼ିକ ଓରାଙ୍ଗଉଟାନ ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ସେମାନେ ପ୍ରକୃତରେ କେଉଁ ପ୍ରଜାତିର, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

ସୂଚନା ଅନୁଯାୟୀ, ଭୋଗରାଇ ସମୁଦ୍ରକୂଳକୁ ଲାଗି ବିଚିତ୍ରପୁର ଜଙ୍ଗଲ ରହିଛି । ସବୁଦିନ ଭଳି ଜଙ୍ଗଲ ନିକଟବର୍ତ୍ତୀ ଲୋକେ ନିଜ ନିଜ କାମରେ ବ୍ୟସ୍ତ ଥିବାବେଳେ ହଠାତ୍ ଜଙ୍ଗଲ ଭିତରେ କିଛି ଅଜଣା ଜୀବଙ୍କୁ ଦେଖିଥିଲେ । ଦେଖିବାକୁ ସେମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଣମଣିଷ ଭଳି ଲାଗୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କୌତୂହଳ ସୃଷ୍ଟି ହୋଇଥିଲା ।

ଜଙ୍ଗଲ ମଧ୍ୟରେ ଜୀବଗୁଡ଼ିକର ଗତିବିଧି ଦେଖିବା ପରେ ଖବରଟି ଧୀରେଧୀରେ ଚାରିଆଡ଼େ ପ୍ରଚାରିତ ହୋଇଥିଲା । ପରେ ସେମାନେ ଓରାଙ୍ଗଉଟାନ ବୋଲି ଚର୍ଚ୍ଚା ହେବାରୁ ବିଚିତ୍ରପୁର ଜଙ୍ଗଲ ନିକଟରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା । କିଏ ମୋବାଇଲ୍‌ରେ ଫଟୋ ଉଠାଉଥିଲେ, ଆଉ କିଏ ଭିଡିଓ କରିବାକୁ ଲାଗିଥିଲେ ।

ଘଟଣା ସମ୍ପର୍କରେ ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଜୀବଗୁଡ଼ିକୁ ସୁରକ୍ଷିତ ଭାବେ ଧରିବା ପାଇଁ ବନ ବିଭାଗ ପକ୍ଷରୁ କୌଶଳକ୍ରମେ ତାରଜାଲ ବସାଯାଇଥିଲା । ପରେ ୫ଟି ଜୀବକୁ ଉଦ୍ଧାର କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ପଶୁ ଚିକିତ୍ସାଳୟକୁ ନିଆଯାଇଛି ।

ବାଲେଶ୍ୱର ବିଚିତ୍ରପୁର ଜଙ୍ଗଲରୁ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପହଞ୍ଚିଛନ୍ତି । ଉଦୟପୁର ଫରେଷ୍ଟ ଅଫିସରୁ ଏହି ୫ଟି ଓରାଙ୍ଗଉଟାନଙ୍କୁ ନନ୍ଦନକାନନକୁ ଅଣାଯାଇଛି ।

ବିଚିତ୍ରପୁର ଜଙ୍ଗଲରୁ ଉଦ୍ଧାର ପରେ ବନ ବିଭାଗ ପକ୍ଷରୁ ସେମାନଙ୍କୁ ସୁରକ୍ଷିତ ଭାବେ ନନ୍ଦନକାନନକୁ ଅଣାଯାଇଛି । ଏଠାରେ ୫ଟି ଓରାଙ୍ଗଉଟାନଙ୍କୁ କ୍ୱାରେଣ୍ଟାଇନ୍‌ରେ ରଖାଯାଇଛି । କ୍ୱାରେଣ୍ଟାଇନ୍‌ରେ ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନନ୍ଦନକାନନର ବିଶେଷଜ୍ଞ ଟିମ୍ ନଜର ରଖିଛି । ଆବଶ୍ୟକ ପରୀକ୍ଷା ଓ ନିରୀକ୍ଷଣ ପରେ ଓରାଙ୍ଗଉଟାନଗୁଡ଼ିକୁ ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

ପାଞ୍ଚ ଦିନିଆ UAE ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶାକୁ ଅଧିକ ପୁଞ୍ଜି ଆକର୍ଷଣ କରିବା ସହ ରାଜ୍ୟରେ ଶିଳ୍ପ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ଲକ୍ଷ୍ୟରେ ଏହି ଗସ୍ତ ଗୁରୁତ୍ୱ ବହନ କରୁଛି ।

Listen to Odia Podcast Original at https://youtube.com/@drjyotiprasad

ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଦୁବାଇର ବିଭିନ୍ନ ନିବେଶକ ଓ ଶିଳ୍ପପତିଙ୍କ ସହ ଆଲୋଚନା କରିବେ । ଓଡ଼ିଶାରେ ନିବେଶର ସୁଯୋଗ, ଶିଳ୍ପ ଭିତ୍ତିଭୂମି ଓ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସୁବିଧା ସମ୍ପର୍କରେ ନିବେଶକମାନଙ୍କୁ ଅବଗତ କରାଯିବ । ଏହା ମାଧ୍ୟମରେ ରାଜ୍ୟକୁ ଅଧିକ ପୁଞ୍ଜି ଆଣିବା ପାଇଁ ପ୍ରୟାସ କରାଯିବ ।

ଏହାସହ UAEରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିବେ । ଓଡ଼ିଶାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ସେ ପ୍ରବାସୀ ଓଡ଼ିଆଙ୍କୁ ଅବଗତ କରିବେ ।

ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତର ଅନ୍ୟତମ ଲକ୍ଷ୍ୟ ହେଉଛି ଓଡ଼ିଶା ଓ UAE ମଧ୍ୟରେ ବାଣିଜ୍ୟିକ ଏବଂ ସାଂସ୍କୃତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା । ନିବେଶ ଓ ଶିଳ୍ପ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ସହ ଦୁଇ ଅଞ୍ଚଳ ମଧ୍ୟରେ ସାଂସ୍କୃତିକ ଯୋଗାଯୋଗକୁ ମଧ୍ୟ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯିବ ।

ରାଜଧାନୀ ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳରୁ ଏକ ଲଜ୍ଜା ଜନକ ଘଟଣା ସାମ୍ନାକୁ ଆସିଛି । ଘରେ ପଶି ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି ।

ମିଳିଥିବା ସୂଚନା ମୁତାବକ, ଅଭିଯୁକ୍ତ ଜଣକ ଘରେ ପଶି ପଡ଼ୋଶୀ ମହିଳାଙ୍କୁ ବଳାତ୍କାର କରିଥିଲେ । ଏନେଇ ପୀଡ଼ିତାଙ୍କ ମା' ଭରତପୁର ଥାନାରେ ଏତଲା ଦେଇଥିଲେ ।

ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚୁରା କରୁଛି । ପୋଲିସ ଅଭିଯୁକ୍ତଙ୍କ ଡାକ୍ତରମାଇନା ପରେ କୋର୍ଟ ଚଲାଣ କରିବ ବୋଲି ସୂଚନା ମିଳିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସନ୍ତା ୧୧ ତାରିଖ ବେଳକୁ ପଶ୍ଚିମ-ମଧ୍ୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଓଡ଼ିଶାରେ ବୁଧବାରଠାରୁ ବର୍ଷାର ପରିମାଣ ବଢ଼ିବା ସହିତ ୧୨ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଗତ ସପ୍ତାହେ ଧରି ରାଜ୍ୟରେ ତାପମାତ୍ରା ଉପରମୁହାଁ ଥିବାବେଳେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ତେବେ ବୁଧବାରଠାରୁ ପାଣିପାଗରେ ପରିବର୍ତ୍ତନ ହେବା ନେଇ ସୂଚନା ଦିଆଯାଇଛି ।

କଟକର ସିଡିଏ ଅଞ୍ଚଳରେ ଚାଞ୍ଚଲ୍ୟ । ଏକ ଘରୋଇ କଲେଜରେ ଛାତ୍ରଙ୍କ ମୃତଦେହ ଉଦ୍ଧାର ହୋଇଛି । ଝୁଲନ୍ତା ଅବସ୍ଥାରେ ମିଳିଛି ଛାତ୍ରଙ୍କ ମୃତଦେହ ।

ସିଡିଏ ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁଃଖଦ ଘଟଣା । ମୃତ ଛାତ୍ରଙ୍କ ପରିବାର ପକ୍ଷରୁ କଟକ ଫେଜ-୨ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ।

ତେବେ ଛାତ୍ରଙ୍କ ମୃତ୍ୟୁକୁ ନେଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପରିବାର ଲୋକ । ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ।

ମୃତ ଛାତ୍ର ହେଉଛନ୍ତି ଚିନ୍ମୟ କୁମାର ସାହୁ । ତାଙ୍କ ବୟସ ୧୭ ବର୍ଷ । ଚିନ୍ମୟ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ର ଥିଲେ । ତାଙ୍କ ଘର ଢେଙ୍କାନାଳ ଜିଲାର ଶଙ୍କରପୁର ଅଞ୍ଚଳରେ ବୋଲି ସୂଚନା ମିଳିଛି ।

ଛାତ୍ରଙ୍କ ମୃତ୍ୟୁ କିପରି ହେଲା, ଏହା ପଛରେ ପ୍ରକୃତ କାରଣ କଣ ଏବଂ ପରିବାର ଆଣିଥିବା ହତ୍ୟା ଅଭିଯୋଗରେ କେତେ ସତ୍ୟତା ରହିଛି ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ । ଘଟଣାସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓଡ଼ିଶା ସରକାରଙ୍କ ୟୁଏଇ ନିବେଶ ଅଭିଯାନର ଅଂଶ ଭାବେ ୯ ସେପ୍ଟେମ୍ବର ୨୦୨୬ରେ ବ୍ୟବସାୟ ନିବେଶ ଓ କୂଟନୈତିକ କ୍ଷେତ୍ରରେ ଏକାଧିକ ଉଚ୍ଚସ୍ତରୀୟ ଆଲୋଚନା ଓ ବୈଠକ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ବ୍ୟବସାୟିକ ୟୁନିଟ୍ ଓ ଗ୍ରୁପ କମ୍ପାନୀଗୁଡ଼ିକ ସହ ରାଉଣ୍ଡ ଟେବୁଲ ଆଲୋଚନା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶା ପ୍ରତିନିଧିମଣ୍ଡଳୀ 'ଇଣ୍ଟରନ୍ୟାଶନାଲ ହୋଲ୍ଡିଂ କମ୍ପାନୀ (IHC)'ର ବିଭିନ୍ନ ବ୍ୟବସାୟିକ ୟୁନିଟ ଓ ଗ୍ରୁପ କମ୍ପାନୀ ସହ ଆଲୋଚନା କରିବେ । ଓଡ଼ିଶାରେ ନିବେଶର ସୁଯୋଗ ଏବଂ ଶିଳ୍ପ ସହଭାଗିତାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହେବ । 'ଇଣ୍ଡିଆନ ବିଜନେସ୍ ଆଣ୍ଡ ପ୍ରଫେଶନାଲ ଗ୍ରୁପ (IBPG) ସହ ବୈଠକ ମୁଖ୍ୟମନ୍ତ୍ରୀ ଆବୁଧାବିସ୍ଥିତ 'ଇଣ୍ଡିଆନ ବିଜନେସ୍ ଆଣ୍ଡ ପ୍ରଫେଶନାଲ ଗ୍ରୁପ (IBPG)'ର ସଦସ୍ୟମାନଙ୍କ ସହ ଆଲୋଚନା କରିବେ। ଭାରତ-ୟୁଏଇ ବ୍ୟବସାୟିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ଓଡ଼ିଶାର ନିବେଶ ସମ୍ଭାବନାକୁ ଉପସ୍ଥାପନ କରାଯିବ ।

ବୋରୋଜ୍‌ର ସିଇଓ ହାଜିମ ସୁଲତାନ ଅଲ ସୁଓ୍ୱାଇଦିଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ହେବ। ପେଟ୍ରୋକେମିକାଲ କ୍ଷେତ୍ରରେ ଓଡ଼ିଶାରେ ନିବେଶ ଓ ସହଭାଗିତାର ସୁଯୋଗ ଉପରେ ଆଲୋଚନା କରାଯିବ । ୟୁଏଇର ନିବେଶକାରୀ ସଂସ୍ଥାଗୁଡ଼ିକ ସହ ଆଲୋଚନା ଓଡ଼ିଶା ପ୍ରତିନିଧିମଣ୍ଡଳୀ ୟୁଏଇର ପ୍ରମୁଖ ନିବେଶକାରୀ ସଂସ୍ଥାଗୁଡ଼ିକ ସହ ଆଲୋଚନା କରିବେ। ଓଡ଼ିଶାର ଶିଳ୍ପ କ୍ଷମତା, ଉଦୀୟମାନ କ୍ଷେତ୍ର ଏବଂ ନିବେଶ ସୁଯୋଗ ସମ୍ପର୍କରେ ଅବଗତ କରାଯିବ ।

ଦୁବାଇରେ ଓଡ଼ିଶାର 'ଏକ ଜିଲା, ଏକ ଉତ୍ପାଦ' (ODOP) ଅଧୀନରେ ଥିବା ଉତ୍ପାଦଗୁଡ଼ିକର ପ୍ରଦର୍ଶନୀ ଉଦ୍ଘାଟିତ ହେବ । ଏହା ମାଧ୍ୟମରେ ଓଡ଼ିଶାର ପାରମ୍ପରିକ ଉତ୍ପାଦ, ହସ୍ତଶିଳ୍ପ ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ଉତ୍ପାଦକୁ ୟୁଏଇ ବଜାରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଦର୍ଶନ କରାଯିବ । ଦୁବାଇସ୍ଥିତ ଭାରତୀୟ କନସୁଲ ଜେନେରାଲଙ୍କ ସହ ବୈଠକ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ପ୍ରତିନିଧିମଣ୍ଡଳୀ ଦୁବାଇସ୍ଥିତ ଭାରତୀୟ କନସଲ ଜେନେରାଲ ସହ ବୈଠକ କରିବେ । ଓଡ଼ିଶା-ୟୁଏଇ ସମ୍ପର୍କକୁ ଆହୁରି ମଜଭୁତ କରିବା ସହ ପ୍ରତିଷ୍ଠାନଗତ ଓ ସମୁଦାୟସ୍ତରୀୟ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା ହେବ ।

ଏହି ସମୟରେ ଆମ ଦେଶ ଦୁନିଆରେ ଯେଉଁ ଘଟଣା ସବୁ ଗୁରୁତ୍ୱପୂର୍ଣ୍ଣ ଥିଲା ସେ ସବୁ ଏହିଭଳି... ଖାଦ୍ୟ ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ମାନଦଣ୍ଡର ଉଲ୍ଲଂଘନ ଅଭିଯୋଗରେ ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ (FDA) ରାଜ୍ୟବ୍ୟାପୀ ୧୩ଟି ଖାଦ୍ୟ ଦୋକାନର ଲାଇସେନ୍‌ସକୁ ସ୍ଥଗିତ କରିଛି – ଯେଉଁଥିରେ ଦକ୍ଷିଣ ମୁମ୍ବାଇର ବମ୍ବେ ପ୍ରେସିଡେନ୍‌ସି ରେଡିଓ କ୍ଲବ ଏବଂ ଏକ ମ୍ୟାକଡୋନାଲ୍ଡସ ଆଉଟଲେଟ ମଧ୍ୟ ଅନ୍ତର୍ଭୁକ୍ତ। ଅଧିକାରୀମାନେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି ।

ମେ ମାସରେ IAS ଅଧିକାରୀ ତୁକାରାମ ମୁଣ୍ଢେ FDA କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ସଂସ୍ଥା ଖାଦ୍ୟ ସୁରକ୍ଷା ଏବଂ ଅନ୍ୟାନ୍ୟ ନିୟମାବଳୀ ଉଲ୍ଲଂଘନ କରୁଥିବା ପ୍ରତିଷ୍ଠାନ ବିରୁଦ୍ଧରେ ଅଭିଯାନ ଚଳାଇ ଆସୁଛି । ଏକ ସରକାରୀ ବିବୃତ୍ତି ଅନୁଯାୟୀ, FDA ଏକ ସମ୍ପ୍ରତିକ ସ୍ୱତନ୍ତ୍ର ଅଭିଯାନର ଅଂଶ ଭାବରେ ରାଜ୍ୟବ୍ୟାପୀ ମୋଟ ୮୯ଟି ହୋଟେଲ, ରେସ୍ତୋରାଁ ଏବଂ ଢାବା ଯାଞ୍ଚ କରିଛି ।

ଏଥିମଧ୍ୟରୁ ୭୧ଟି ଖାଦ୍ୟ ପ୍ରତିଷ୍ଠାନକୁ ସୁଧାର କରିଥିବା ନୋଟିସ ଜାରି କରାଯାଇଥିଲା, ଯେତେବେଳେ ୧୩ଟି ପ୍ରତିଷ୍ଠାନର ଖାଦ୍ୟ ବ୍ୟବସାୟ ଲାଇସେନ୍‌ସକୁ ସ୍ଥଗିତ କରାଯାଇଥିଲା । ବିବୃତ୍ତିରେ ଉଲ୍ଲେଖ କରାଯାଇଛି ଯେ ଅଗଷ୍ଟ ୧୯ରେ ଏକ ଯାଞ୍ଚରେ ରେଡିଓ କ୍ଲବରେ ଖାଦ୍ୟ ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ମାନଦଣ୍ଡ ସମ୍ପର୍କରେ ୪୭ ପ୍ରତିଶତ ଉଲ୍ଲଂଘନ ହାର ପ୍ରକାଶ ପାଇଛି । FDA କ୍ଲବକୁ ନିଲମ୍ବନ ଅବଧି ମଧ୍ୟରେ ଖାଦ୍ୟ ସାମଗ୍ରୀର କ୍ରୟ, ବିକ୍ରୟ ଏବଂ ବଣ୍ଟନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ୍ଲବର ରୋଷେଇ ଘରେ ବହୁ ସଂଖ୍ୟକ ଜୀବନ୍ତ ମାଛି ଏବଂ ମୃତ ଅସରପା ମିଳିଥିଲା । ଏହା ସହିତ, ଖାଦ୍ୟ ସାମଗ୍ରୀ ସିଧାସଳଖ ଚଟାଣରେ ରଖିବା, ରୋଷେଇ ଘର ପାଖରେ ରସାୟନ ସଂରକ୍ଷଣ ଏବଂ ଖାଦ୍ୟ ପ୍ରସ୍ତୁତି ଜୋନରେ ରଙ୍ଗ ଏବଂ ପ୍ଲାଷ୍ଟର ଛଡ଼ାଯିବା ଭଳି ସମସ୍ୟାଗୁଡ଼ିକ ଉଲ୍ଲେଖ କରାଯାଇଛି ।

ଦକ୍ଷିଣ ମୁମ୍ବାଇର କୋଲାବାର ମେଟ୍ରୋ ହାଉସରେ ହାର୍ଡକାସଲ ରେସ୍ତୋରାଁ ପ୍ରାଇଭେଟ ଲିମିଟେଡ ଦ୍ୱାରା ପରିଚାଳିତ McDonald's ରେସ୍ତୋରାଁର FSSAI ଲାଇସେନ୍‌ସକୁ ମଧ୍ୟ ତୁରନ୍ତ ପ୍ରଭାବରୁ ସ୍ଥଗିତ କରାଯାଇଛି । FDA କହିଛି ଯେ ଅଗଷ୍ଟ ୧୯ରେ ପୁନଃନିରୀକ୍ଷଣରୁ ଜଣାପଡେ ଯେ ପୂର୍ବ ଉନ୍ନତି ନୋଟିସରେ ତାଲିକାଭୁକ୍ତ ୨୦ଟି ତ୍ରୁଟି ମଧ୍ୟରୁ ୧୮ ଟି ସଂଶୋଧନ କରାଯାଇ ନାହିଁ ।

ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ତାପମାତ୍ରା-ନିୟନ୍ତ୍ରଣ ଉପକରଣ, ଜୀବନ୍ତ ଅସରପା, ମଇଳା ଏବଂ ପଚା ଖାଦ୍ୟ ସମେତ ଅନେକ ତ୍ରୁଟି ଖୋଜିଥିବା ରିପୋର୍ଟ କରିଛନ୍ତି । ଏହା ମଧ୍ୟ ଦେଖାଯାଇଛି ଯେ କର୍ମଚାରୀମାନେ ହାତ ନ ଧୋଇ ଖାଇବା ପ୍ରସ୍ତୁତ କରୁଥିଲେ ।

FDA ଉଲ୍ଲେଖ କରିଛି ଯେ ଅଗଷ୍ଟ ୧୨ରେ ରେସ୍ତୋରାଁ ୧୪୮ ପୃଷ୍ଠାର ଅନୁପାଳନ ରିପୋର୍ଟ ଦାଖଲ କରିଥିଲା, ତଥାପି ପୁନଃନିରୀକ୍ଷଣ ସମୟରେ ଗୁରୁତର ତ୍ରୁଟି ଦେଖାଯାଇଥିଲା । ଅଧିକାରୀମାନେ ଗ୍ରାହକମାନଙ୍କୁ ପ୍ରକୃତ ପନିର ବ୍ୟବହାର କରାଯାଉଥିବା ସୂଚନା ଦେବା ସତ୍ତ୍ୱେ ଏକ ପ୍ରକ୍ରିୟାକୃତ ଅଣ-ଦୁଗ୍ଧ ଉତ୍ପାଦ 'ଗୋ ପନିର ସସ' ବ୍ୟବହାର ଉପରେ ମଧ୍ୟ ଆଲୋକପାତ କରିଥିଲେ ।

ମାଲାଡର ନୋଭାରା ରେସ୍ତୋରାଁର ସଞ୍ଚାଳକ ଇଞ୍ଜେନିୟସ କିଚେନ୍‌ସ ପ୍ରାଇଭେଟ ଲିମିଟେଡର ଲାଇସେନ୍‌ସକୁ ମଧ୍ୟ ସ୍ଥଗିତ କରାଯାଇଛି । FDA କହିଛି ଯେ ଅଗଷ୍ଟ ୧୩ ରେ ପୁନଃନିରୀକ୍ଷଣରୁ ଜଣାପଡିଛି ଯେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ୨୫ଟି ଗୁରୁତର ତ୍ରୁଟି ମଧ୍ୟରୁ ୧୪ଟି ସମାଧାନ କରାଯାଇ ନାହିଁ । ଗ୍ରାହକଙ୍କ ଅଭିଯୋଗ ପରେ ନରିମାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଏଣ୍ଟରେ ଥିବା ଷ୍ଟାଟସ ରେଷ୍ଟୁରାଣ୍ଟର ଲାଇସେନ୍ସକୁ ସ୍ଥଗିତ କରାଯାଇଥିଲା ।

ଯାଞ୍ଚରୁ ସ୍ପଷ୍ଟ ହୋଇଛି ଯେ ସଫା ପାତ୍ରରେ ୱାସବେସନରୁ ମଇଳା ପାଣି, କର୍ମଚାରୀମାନେ ପର୍ଯ୍ୟାପ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ପିନ୍ଧି ନ ପାରିବା, ମଇଳା ପାତ୍ର, ଜମି ରହିଥିବା ପାଣି ଏବଂ ଖାଦ୍ୟ ପଚିଯିବା ଆଦି ସମସ୍ୟା ଦେଖାଦେଇଛି । ଖାଦ୍ୟ ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତାରେ ଗୁରୁତର ତ୍ରୁଟି ଯୋଗୁ ଖାର ପଶ୍ଚିମରେ ଥିବା ଖାର ଜିମ୍ଖାନାର ପଞ୍ଜିକରଣ ପ୍ରମାଣପତ୍ରକୁ ମଧ୍ୟ ସ୍ଥଗିତ କରାଯାଇଥିଲା । ଯାଞ୍ଚରୁ ଖାଦ୍ୟ ସାମଗ୍ରୀ ସଂରକ୍ଷଣ, କଞ୍ଚା ଏବଂ ପ୍ରସ୍ତୁତ ଖାଦ୍ୟର ପୃଥକୀକରଣ, ବାସନ ସଫା କରିବା ପାଇଁ ଗରମ ପାଣିର ଉପଲବ୍ଧତା ଏବଂ ଫ୍ରୋଜେନ ଖାଦ୍ୟର ଉପଯୁକ୍ତ ତରଳାଇବା ସମ୍ପର୍କରେ ତ୍ରୁଟି ପ୍ରକାଶ ପାଇଛି ।

ଏହା ସହିତ, ମୁମ୍ବାଇର ବଜରଙ୍ଗ ସ୍ୱିଟ ମାର୍ଟ (ସାନ୍ତାକ୍ରୁଜ ପଶ୍ଚିମ) ଏବଂ ଏଏସଏମ ହୋଟେଲ୍ସ ଆଣ୍ଡ ହସପିଟାଲିଟି ସର୍ଭିସେସ ପ୍ରାଇଭେଟ ଲିମିଟେଡ (ଅନ୍ଧେରୀ ପଶ୍ଚିମ)ର ଲାଇସେନ୍ସକୁ ସ୍ଥଗିତ କରାଯାଇଥିଲା । ମୁମ୍ବାଇ ବାହାରେ, ଡିଉ ବ୍ରଦର୍ସ ଶାୱାର୍ମା (ନାଗପୁର), ଅବନ୍ତୀ ସ୍ନାକ୍ସ (ନାଶିକ) ଏବଂ ପିଣ୍ଟୁ ଯାଦବ ସୁଇଟ୍ସ (ଅମରାବତୀ)ର ଲାଇସେନ୍ସକୁ ମଧ୍ୟ ସ୍ଥଗିତ କରାଯାଇଥିଲା ।

ଛତ୍ରପତି ସମ୍ଭାଜୀନଗର ଏବଂ ପରଭାନୀରେ ଅବସ୍ଥିତ ଅନ୍ୟ ତିନୋଟି ପ୍ରତିଷ୍ଠାନ – ଛପ୍ପନ ଭୋଗ ଥାଲି ରେଷ୍ଟୁରାଣ୍ଟ ଏବଂ ବ୍ୟାଙ୍କେଟ ହଲ, ମହାରୋ ଗାୟତ୍ରୀ ମେଗାର ପ୍ରାଇଭେଟ ଲିମିଟେଡ ଏବଂ ଷ୍ଟାର ବେକେରୀ – ପାଇଁ ଲାଇସେନ୍ସକୁ ମଧ୍ୟ ସ୍ୱଚ୍ଛତା ଏବଂ ଖାଦ୍ୟ ସୁରକ୍ଷା ମାନଦଣ୍ଡର ଉଲ୍ଲଂଘନ ଯୋଗୁ ସ୍ଥଗିତ କରାଯାଇଥିଲା ।

ମହାରାଷ୍ଟ୍ରର ଖାଭ୍ୟଡା ଡୋଙ୍ଗରର ଏକ ବିପଦପୂର୍ଣ୍ଣ ପାହାଡ଼ରୁ ଡେଇଁ ଆତ୍ମହତ୍ୟା କରିବାକୁ ଯାଉଥିବା ୧୮ବର୍ଷୀୟ ପୁଅକୁ ବଞ୍ଚାଇବାକୁ ଯାଇ ଜୀବନ ହାରିଛନ୍ତି ମା'ବାପା । ପଥର ଖଣି ଭିତରକୁ ଖସି ପଡ଼ିବାରୁ ମା, ବାପା ଏବଂ ପୁଅ ତିନିଜଣଙ୍କ ମୃତ୍ୟୁ ଘଟିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରିବାରିକ ବିବାଦକୁ ନେଇ ଯୁବକ ଆତ୍ମହତ୍ୟା ପାଇଁ ପାହାଡ଼ ଧାରରେ ଠିଆ ହୋଇଥିଲେ । ତାଙ୍କୁ ଫେରାଇ ଆଣିବା ଉଦ୍ୟମ ବିଫଳ ହୋଇଥିଲା । ଯୁବକ ଖଣି ମଧ୍ୟକୁ ଖସି ପଡ଼ିଥିଲେ । ପୁଅକୁ ବଞ୍ଚାଇବାକୁ ଯାଇ ନିୟନ୍ତ୍ରଣ ହରାଇ ପ୍ରଥମେ ବାପା ଏବଂ ପରେ ମା ମଧ୍ୟ ଖଣିରେ ପଡ଼ିଯାଇଥିଲେ ।

ଅପରେଶନ ସିନ୍ଦୂର ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବା ସହ ଅଟାରୀ-ୱାଘା ବର୍ଡର ବନ୍ଦ କରାଯାଇଥିଲା । ଏହାର ପ୍ରଭାବରେ ଦୁଇ ଦେଶରେ ବିବାହ ପାଇଁ ଅପେକ୍ଷା କରିଥିବା ଅନେକ ଯୋଡ଼ିଙ୍କ ସ୍ୱପ୍ନ ଅଧୁରା ରହିଯାଇଥିଲା । କିନ୍ତୁ ଦୀର୍ଘ ଅପେକ୍ଷା ପରେ ଏବେ ପ୍ରାୟ ୧୫୦ ପାକିସ୍ତାନୀ କନ୍ୟା ଭାରତରେ ପହଞ୍ଚି ବିବାହ କରିଛନ୍ତି ।

ରିପୋର୍ଟ ଅନୁସାରେ, ଏହି ପାକିସ୍ତାନୀ ବଧୂମାନେ ମସ୍କାଟ, କଲମ୍ବୋ, ଢାକା, ଦୁବାଇ ଓ କତାର ଭଳି ଦେଶ ଦେଇ କନେକ୍ଟିଂ ଫ୍ଲାଇଟ୍‌ରେ ଭାରତରେ ପହଞ୍ଚିଥିଲେ । ଏପ୍ରିଲରୁ ଜୁନ୍ ମଧ୍ୟରେ ପ୍ରାୟ ୪୫୦ ଜଣ ସମ୍ପର୍କୀୟଙ୍କ ସହ ସେମାନେ ଭାରତ ଆସିଥିବା ଜଣାପଡ଼ିଛି ।

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ମାନବିକ ଆଧାରରେ କିଛି ପରିବାରକୁ ବିଶେଷ ଅନୁମତି ଦିଆଯାଇଥିବା କୁହାଯାଉଛି । ଏହା ପରେ ନାଗପୁର, ଯୋଧପୁର, ଅହମ୍ମଦାବାଦ, ରାୟପୁର, ପୁଣେ ଓ ଭୋପାଳ ଭଳି ସହରରେ ବିବାହ ସମ୍ପନ୍ନ ହୋଇଛି । ଦୀର୍ଘ ଅପେକ୍ଷାର ଏକ ଉଦାହରଣ ହେଉଛି ଇଙ୍କେଶ ଜଶନାନୀ ଓ ଆରତୀଙ୍କ କାହାଣୀ । ଅପରେଶନ ସିନ୍ଦୂର ପୂର୍ବରୁ ଦୁହିଁଙ୍କ ନିର୍ବନ୍ଧ ହୋଇଥିଲା । ମେ’ ୨୦୨୫ରେ ଆରତୀ ୱାଘା ବର୍ଡର ନିକଟରେ ଥିବା ବେଳେ ଅଟାରୀ ଗେଟ୍ ବନ୍ଦ ହୋଇଯାଇଥିଲା । ପ୍ରାୟ ଏକ ବର୍ଷ ପରେ ସେ ମସ୍କାଟ ଦେଇ ନାଗପୁରରେ ପହଞ୍ଚିଥିଲେ ଏବଂ ଶେଷରେ ଇଙ୍କେଶଙ୍କ ସହ ବିବାହ କରିଥିଲେ । ଭିସା କଟକଣା ଯୋଗୁଁ ଆରତୀଙ୍କ ମାତାପିତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାକିସ୍ତାନରେ ରହିଯାଇଥିଲେ । କେବଳ ତାଙ୍କ ଭାଇ ଭାରତ ଆସିପାରିଥିଲେ ।

ନାଗପୁରର ସଞ୍ଜୟ କଲାନୀ ଓ ପାକିସ୍ତାନର ସିନ୍ଧର କାଜଲଙ୍କ ନିର୍ବନ୍ଧ ପ୍ରାୟ ୩ ବର୍ଷ ପୂର୍ବରୁ ହୋଇଥିଲା । ବର୍ଡର ବନ୍ଦ ହେବା ପରେ ଦୁହେଁ ବିବାହର ଆଶା ଛାଡ଼ି ଦେଇଥିଲେ । ତେବେ ପ୍ରାୟ ୫ ମାସ ପୂର୍ବରୁ କାଜଲ କରାଚିରୁ ମସ୍କାଟ ଏବଂ ପରେ ଦିଲ୍ଲୀ ଦେଇ ନାଗପୁରରେ ପହଞ୍ଚିଥିଲେ । ଏହା ପରେ ଦୁହିଁଙ୍କ ବିବାହ ସମ୍ଭବ ହୋଇଥିଲା । ପାକିସ୍ତାନର ସିନ୍ଧରୁ ରାଭେଲ ଜସଦ୍ଵାନୀ ନିଜ ମାତାପିତାଙ୍କ ସହ ଭାରତ ଆସି ଶ୍ରେୟାଙ୍କୁ ବିବାହ କରିଛନ୍ତି । ରିପୋର୍ଟ ଅନୁସାରେ, ରାଭେଲ ଏବେ ଭାରତରେ ହିଁ ବସବାସ କରିବାକୁ ଚାହୁଁଛନ୍ତି ।

ଏହି ବିବାହଗୁଡ଼ିକୁ ସମ୍ଭବ କରିବାରେ ସିନ୍ଧର ଘୋଟକିସ୍ଥିତ ପ୍ରସିଦ୍ଧ ଶାଦାନୀ ଦରବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା କୁହାଯାଉଛି । ଦରବାରର ପୀଠାଧୀଶ ସନ୍ତ ଯୁଧିଷ୍ଠିର ଲାଲ ଶାଦାନୀ ଭାରତ ସରକାର ଓ ଗୃହ ମନ୍ତ୍ରଣାଳୟ ନିକଟରେ ଏହି ପରିବାରଗୁଡ଼ିକର ସମସ୍ୟା ଉଠାଇଥିଲେ । ଏହା ପରେ ମାନବିକ ଆଧାରରେ ବିଶେଷ ଅନୁମତି ମିଳିଥିବାରୁ ଅଟକି ରହିଥିବା ଅନେକ ବିବାହ ସମ୍ପନ୍ନ ହୋଇପାରିଛି ।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନୁସ୍ମୃତି ସମ୍ପର୍କିତ ବୟାନକୁ ନେଇ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ମନୁସ୍ମୃତି ଏବଂ ସନାତନ ସାଂସ୍କୃତିକ ଚିନ୍ତାଧାରା ଉପରେ ରାହୁଲ ଗାନ୍ଧୀ ଦେଇଥିବା ବୟାନ ତାଙ୍କର ଘୋର ଅଜ୍ଞାନତା, ସନାତନ ପରମ୍ପରା ପ୍ରତି ଦୁର୍ଭାବନାପୂର୍ଣ୍ଣ ମାନସିକତାକୁ ପ୍ରକାଶ କରୁଛି । ଶଙ୍କରାଚାର୍ଯ୍ୟ ଧର୍ମ ବିରୋଧୀ ବୟାନ ନଦେବାକୁ ମଧ୍ୟ ଚେତାବନୀ ଦେଇଛନ୍ତି ।

ସେ କହିଛନ୍ତି, ରାଜନୈତିକ ଲାଭ ପାଇବା ପାଇଁ ପ୍ରାଚୀନ ଧର୍ମଶାସ୍ତ୍ରର ଶ୍ଲୋକଗୁଡ଼ିକୁ ପ୍ରସଙ୍ଗରୁ ଅଲଗା କରି ଉପସ୍ଥାପନ କରିବା କେବଳ ଆମ ସାଂସ୍କୃତିକ ଐତିହ୍ୟର ଅପମାନ

Listen to Odia Podcast Original at https://youtube.com/@drjyotiprasad

ନୁହେଁ, ବରଂ ସମାଜକୁ ବିଭ୍ରାନ୍ତ କରିବାର ଏକ ନିନ୍ଦନୀୟ ପ୍ରୟାସ ।

ମହାରାଷ୍ଟ୍ରର ପୁଣେରେ ଶନିବାର ଆୟୋଜିତ 'ଛାତ୍ରଙ୍କ ଗୁଞ୍ଜ' କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ କହିଥିଲେ, ମହିଳାମାନଙ୍କୁ ଦମନ କରିବାର ମାନସିକତା ମନୁସ୍ମୃତିରୁ ଆସିଥାଏ ଏବଂ ଆଜି ଆମର ଲଢ଼େଇ ଏହି ମାନସିକତା ବିରୋଧରେ । ଭାଜପା-ଆରଏସଏସର ଲୋକମାନେ ଚାହାନ୍ତି ଯେ ଝିଅ ଓ ମହିଳାମାନେ ପିଞ୍ଜରା ଭିତରେ ବନ୍ଦ ହୋଇ ରୁହନ୍ତୁ । କିନ୍ତୁ ଆମେ ଏଭଳି ଭାରତ ଚାହୁଁନାହୁଁ ।

ଉତ୍ତର ପ୍ରଦେଶରେ, ବୃଦ୍ଧ ମାତାପିତା ଏବେ ସେମାନଙ୍କୁ ଅବହେଳା କିମ୍ବା ଦୁର୍ବ୍ୟବହାର କରୁଥିବା ପିଲାମାନଙ୍କୁ ସହଜରେ ସମ୍ପତ୍ତିରୁ ବେଦଖଲ କରିପାରିବେ ।

ବରିଷ୍ଠ ନାଗରିକଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଏବଂ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ସୁନିଶ୍ଚିତ କରିବା ପାଇଁ, ରାଜ୍ୟ ସରକାର ନିୟମ ୨୨-କ, ୨୨-ଖ, ଏବଂ ୨୨-ଗ ଯୋଡ଼ି 'ଉତ୍ତର ପ୍ରଦେଶ ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ନିୟମ, ୨୦୧୪' ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ଏହି ଡିଭାଇସର ମୂଲ୍ୟ ପ୍ରାୟ ୪,୦୦୦ରୁ ୫,୦୦୦ ଟଙ୍କା ମଧ୍ୟରେ ରହିବ ବୋଲି କୁହାଯାଇଛି । ଏହାର ଟ୍ରାଏଲ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ପୁରୁଣା ଗାଡ଼ିରେ ଏହା ଲଗାଇବା

Listen to Odia Podcast Original at https://youtube.com/@drjyotiprasad

ପରେ ଗାଡ଼ିରୁ ବାହାରୁଥିବା ଧୂଆଁର ମାନ ନୂଆ BS-VI ଗାଡ଼ି ସ୍ତରରେ ପହଞ୍ଚିପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

ଭୋଟର ତାଲିକାରେ ନାଁ ସ୍ପେଲିଂ ବନାନରେ ଅସଙ୍ଗତି ଥିବା ଜଣାପଡ଼ିବା ପରେ ଭାରତ ରତ୍ନ ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ସିଏନଆର ରାଓଙ୍କୁ ନୋଟିସ ଜାରି କରାଯାଇଛି । ନିଜ ପରିଚୟ ପ୍ରମାଣ କରିବା ପାଇଁ ତାଙ୍କୁ ଶୁଣାଣିରେ ଉପସ୍ଥିତ ହେବାକୁ ନୋଟିସ ଦିଆଯାଇଛି । କର୍ଣ୍ଣାଟକରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ ରିଭିଜନ (SIR) ପ୍ରକ୍ରିୟା ସମୟରେ ତାଙ୍କ ନାମର ବନାନରେ ଅସଙ୍ଗତି ଥିବା ଜଣାପଡ଼ିବା ପରେ ଏହି ନୋଟିସ ଜାରି ହୋଇଛି ।

ବେଙ୍ଗାଲୁରୁରେ ଜନ୍ମିତ ୯୨ ବର୍ଷୀୟ ପ୍ରଫେସର ସିଏନଆର ରାଓ ବିଜ୍ଞାନ କ୍ଷେତ୍ରରେ ଦେଶର ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ । ବିଜ୍ଞାନ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ତାଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଛି । ଭାରତ ରତ୍ନ ପାଇଥିବା ବୈଜ୍ଞାନିକମାନଙ୍କ ମଧ୍ୟରେ ସେ ତୃତୀୟ ।

ପୁରୁଣା ଭୋଟର ତାଲିକାରେ ପ୍ରଫେସର ରାଓଙ୍କ ନାମ 'Prof CNR Rao' ଭାବେ ଲେଖାଯାଇଥିଲା । ତେବେ ବର୍ତ୍ତମାନର ଭୋଟର ତାଲିକାରେ 'Prof' ଶବ୍ଦରେ ଏକ ଅତିରିକ୍ତ 'f' ଯୋଡ଼ାଯାଇ 'Proff CNR Rao' ଲେଖାଯାଇଥିବା ଜଣାପଡ଼ିଛି ।

'ସେଲ୍ଫ-ନେମ ମିସମ୍ୟାଚ'ର ଅର୍ଥ ହେଉଛି ଭୋଟରଙ୍କ ନାମ କିମ୍ବା ଅନ୍ୟ ବିବରଣୀରେ ଅସଙ୍ଗତି । ଅର୍ଥାତ୍ ୨୦୦୨ ମସିହାର ଭୋଟର ତାଲିକାରେ ଥିବା କୌଣସି ଭୋଟର SIR ଏନ୍ୟୁମେରେସନ ଫର୍ମ ପୂରଣ ସମୟରେ ପୁରୁଣା ତାଲିକାର ତଥ୍ୟ ବ୍ୟବହାର କରନ୍ତି । କିନ୍ତୁ ସେହି ତଥ୍ୟ ବର୍ତ୍ତମାନର ଭୋଟର ତାଲିକାର ତଥ୍ୟ ସହ ମେଳ ନ ଖାଇଲେ ଏହାକୁ 'ସେଲ୍ଫ-ନେମ ମିସମ୍ୟାଚ' ଭାବେ ଦର୍ଶାଯାଏ ।

ନିୟମ ଅନୁଯାୟୀ, ଯେଉଁ ବ୍ୟକ୍ତିଙ୍କ ନାମରେ ନୋଟିସ ଜାରି ହୋଇଛି, କେବଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେହି ବ୍ୟକ୍ତି ଶୁଣାଣିରେ ହାଜର ହୋଇପାରିବେ । ତେଣୁ ସିଏନଆର ରାଓଙ୍କୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍‌ସ (IISc) ନିକଟସ୍ଥ ମଲ୍ଲେଶ୍ୱରମରେ ହେବାକୁ ଥିବା ଶୁଣାଣିରେ ଉପସ୍ଥିତ ହେବାକୁ କୁହାଯାଇଛି ।

ସଲିଡ-ଷ୍ଟେଟ ଓ ଷ୍ଟ୍ରକ୍‌ଚରାଲ କେମିଷ୍ଟ୍ରି କ୍ଷେତ୍ରରେ ଗବେଷଣା ପାଇଁ ପ୍ରଫେସର ସିଏନଆର ରାଓ ବିଶ୍ୱର ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ଭାବେ ପରିଚିତ । ବିଜ୍ଞାନ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ'ରେ ସମ୍ମାନିତ ହୋଇଛନ୍ତି ।

ନୋବେଲ ପୁରସ୍କାରକୁ ଛାଡ଼ିଦେଲେ ବିଜ୍ଞାନ କ୍ଷେତ୍ରର ପ୍ରାୟ ସମସ୍ତ ପ୍ରମୁଖ ସମ୍ମାନ ଓ ପୁରସ୍କାର ସେ ହାସଲ କରିଛନ୍ତି । ତାଙ୍କ ଭଳି ଜଣେ ପ୍ରତିଷ୍ଠିତ ବୈଜ୍ଞାନିକଙ୍କ ନାମ ଭୋଟର ତାଲିକାରେ ନାଁ ତ୍ରୁଟି ଯୋଗୁ ଶୁଣାଣିକୁ ଆସିବା ଘଟଣା ଏବେ ଚର୍ଚ୍ଚାରେ ରହିଛି ।

ତାମିଲନାଡୁରେ କ୍ଷମତା ସମ୍ଭାଳିବା ପରେ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ନବଜାତ ଶିଶୁମାନଙ୍କୁ ସୁନା ମୁଦି ପ୍ରଦାନ କରିବା ସମ୍ପର୍କିତ ଚର୍ଚ୍ଚିତ ଯୋଜନାର ଶୁଭାରମ୍ଭ ବର୍ତ୍ତମାନ ପାଇଁ ଘୁଞ୍ଚିଯାଇଛି । ରାଜ୍ୟ ସରକାର ନବଜାତ ଶିଶୁମାନଙ୍କୁ ସୁନା ମୁଦି ଦେବା ଯୋଜନାର ଶୁଭାରମ୍ଭ ତାରିଖକୁ ଆଗକୁ ବଢ଼ାଇ ଦେଇଛନ୍ତି । ପୂର୍ବରୁ ଏହି କଲ୍ୟାଣକାରୀ ଯୋଜନା ସେପ୍ଟେମ୍ବର ୧୫ରୁ ଆରମ୍ଭ ହେବାର ଥିଲା, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଯୋଗୁଁ ଏହା ଧାର୍ଯ୍ୟ ତାରିଖରେ ଆରମ୍ଭ ହୋଇପାରିବ ନାହିଁ ।

ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ କେ.ଜି. ଅରୁଣରାଜ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସ୍ପଷ୍ଟ କରିଛନ୍ତି ଯେ ଯୋଜନାରେ କୌଣସି ନୀତିଗତ ପରିବର୍ତ୍ତନ କରାଯାଇ ନାହିଁ କିମ୍ବା ଏହାକୁ ବାତିଲ ମଧ୍ୟ କରାଯାଇ ନାହିଁ । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବିଜୟ ରାଜ୍ୟକୁ ପୁଞ୍ଜିନିବେଶ ଆଣିବା ଉଦ୍ଦେଶ୍ୟରେ ଏକ ଜରୁରୀ ବିଦେଶ ଗସ୍ତରେ ଯାଉଛନ୍ତି । ସେପ୍ଟେମ୍ବର ୧୫ ବେଳକୁ ମୁଖ୍ୟମନ୍ତ୍ରୀ ଦେଶରେ ଉପସ୍ଥିତ ରହିବେ ନାହିଁ, ତେଣୁ ଏହି

Listen to Odia Podcast Original at https://youtube.com/@drjyotiprasad

ମହତ୍ତ୍ୱାକାଂକ୍ଷୀ ଯୋଜନାର ଉଦ୍ଘାଟନ ତାରିଖକୁ ସାମାନ୍ୟ ଆଗକୁ ଘୁଞ୍ଚାଇ ଦିଆଯାଇଛି । ଖୁବ ଶୀଘ୍ର ଆନୁଷ୍ଠାନିକ ଭାବରେ ନୂତନ ତାରିଖ ଘୋଷଣା କରାଯିବ ।

ତାରିଖ ଘୁଞ୍ଚିବା ପରେ ନାନା ପ୍ରକାର ଚର୍ଚ୍ଚା ଲାଗି ରହିଥିଲା, କିନ୍ତୁ ସରକାର ସ୍ପଷ୍ଟ କରିଛନ୍ତି ଯେ ନିୟମ ଓ ସର୍ତ୍ତାବଳୀରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ଯୋଜନା ଅନୁଯାୟୀ, ୨୨ ଜୁନ ୨୦୨୬ରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଜନ୍ମଦିନରୁ ସରକାରୀ ଡାକ୍ତରଖାନାରେ ଜନ୍ମ ହୋଇଥିବା ସମସ୍ତ ଶିଶୁଙ୍କୁ ଏହାର ଲାଭ ମିଳିବ । ପ୍ରତ୍ୟେକ ନବଜାତ ଶିଶୁକୁ ୧ ଗ୍ରାମ ଓଜନର ହଲ୍‌ମାର୍କ ସୁନା ମୁଦି ପ୍ରଦାନ କରାଯିବ ।

'ଥାଇମାମନ ଥଙ୍ଗା ମୋଥିରମ ଥିଟ୍ଟମ' (ମାମୁଁ ତରଫରୁ ସୁନା ମୁଦି ଯୋଜନା)ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ଏବଂ ସଂସ୍ଥାଗତ ପ୍ରସବକୁ ଉତ୍ସାହିତ କରିବା । ଏହା ସହିତ ଏହି ଯୋଜନା ମାଧ୍ୟମରେ ସାଧାରଣ ଲୋକଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଏକ ସ୍ନେହୀ 'ମାମୁଁ' ଭାବମୂର୍ତ୍ତିକୁ ମଧ୍ୟ ସୁଦୃଢ଼ କରିବାକୁ ଚେଷ୍ଟା କରାଯାଉଛି । ତାରିଖ ଘୁଞ୍ଚିବା ସତ୍ତ୍ୱେ ଯୋଗ୍ୟ ପରିବାରଗୁଡ଼ିକୁ ଧାର୍ଯ୍ୟ ନିୟମ ଅନୁଯାୟୀ ଏହାର ଲାଭ ଦିଆଯିବ ।

ଆଶା କରୁଛି ଗଣେଶ ପୂଜାର ଏହି ମହୋତ୍ସବ ସମୟରେ ଆପଣମାନେ ସୁଖ, ଶାନ୍ତି ଓ ସମୃଦ୍ଧି ସହ ନିଜ ଜୀବନକୁ ଏକ ନୂତନ ଦିଗନ୍ତ ଦେବେ, ଆମ ଦେଶ ଓ ରାଜ୍ୟରେ ଶାନ୍ତି ଓ ସମୃଦ୍ଧିର ବାତାବରଣ ବଜାୟ ରହିବ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା- ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

**XIM UNIVERSITY**
**XAVIER INSTITUTE OF MANAGEMENT, BHUBANESWAR**
**XIM - Old Campus Xavier Square,**
**Bhubaneswar - 751 013, Odisha Tel: 0674-3012345 Fax: 0674-2300995**
**E-mail: media-oc@xim.edu.in**
**Web: https://ximb.edu.in/**

## XIM ଭୁବନେଶ୍ୱରରେ ୮ମ ବାର୍ଷିକ ବିଜନେସ୍ ଏକ୍ସେଲେନ୍ସ ସମିଟ୍ ୨୦୨୬ ଆୟୋଜିତ




ଭୁବନେଶ୍ୱର, ୩୦ ଅଗଷ୍ଟ ୨୦୨୬: ଜାଭିଅର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର (XIMB)ରେ "Building Resilient Businesses - Navigating Risk to Shape A Sustainable Future" ବିଷୟବସ୍ତୁ ଅଧୀନରେ ଆୟୋଜିତ ୮ମ ବିଜନେସ୍ ଏକ୍ସେଲେନ୍ସ ସମିଟ୍ (BES) ୨୦୨୬ ସଫଳତାର ସହ ଉଦ୍‌ଯାପିତ ହୋଇଥିଲା । ଦୁଇ ଦିନିଆ ଏହି ସମିଟ୍‌ରେ ଶିଳ୍ପ ଜଗତର ନେତୃବୃନ୍ଦ, ଅଧ୍ୟାପକ, ଛାତ୍ରଛାତ୍ରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com




ଏବଂ ପୂର୍ବତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ସ୍ଥିତିସ୍ଥାପକତା, ନେତୃତ୍ୱ, ପ୍ରଯୁକ୍ତି, ESG, AI ଏବଂ ରିସ୍କ ପରିଚାଳନା ଉପରେ ଆଲୋଚନା କରିଥିଲେ ।

ପ୍ରଦୀପ ପ୍ରଜ୍ୱଳନ ଏବଂ ଡ. ବିଶ୍ୱ ସ୍ୱରୂପ ମିଶ୍ରଙ୍କ ଉଦ୍‌ଘାଟନୀ ବକ୍ତବ୍ୟ ସହ ସମିଟ୍‌ର ଶୁଭାରମ୍ଭ ହୋଇଥିଲା । ଏହା ପରେ ଡ. ଫାଦର କେ. ଏସ୍. କାସିମିର, S.J. ସମିଟ୍‌ର ବିଷୟବସ୍ତୁ ଉପରେ ନିଜ ବକ୍ତବ୍ୟରେ ସ୍ଥିତିସ୍ଥାପକ ସଂଗଠନ ଗଠନରେ ମୁକ୍ତ ଚିନ୍ତାଧାରା, ସହଯୋଗ ଏବଂ ମାନବୀୟ ସ୍ପର୍ଶର ଗୁରୁତ୍ୱ ଉପରେ ଜୋର ଦେଇଥିଲେ । ଏହି ଅଧିବେଶନରେ BES ପତ୍ରିକା 'Echoes' ଏବଂ ପୂର୍ବତନ ଛାତ୍ରଛାତ୍ରୀଙ୍କ ପତ୍ରିକା 'Unnayan'ର ଉନ୍ମୋଚନ ମଧ୍ୟ କରାଯାଇଥିଲା ।

ପ୍ରଥମ ଦିନର ମୁଖ୍ୟ ବକ୍ତବ୍ୟରେ TRUST Mutual Fundର CEO ଶ୍ରୀ ସନ୍ଦୀପ



ବାଗଲା 4A Framework - Anticipate, Absorb, Adapt and Accelerate ଉପସ୍ଥାପନ କରି AI, ଉତ୍ତରଦାୟିତ୍ୱ, ଡିଜିଟାଲ୍ ଭିତ୍ତିଭୂମି ଏବଂ ଦାୟିତ୍ୱପୂର୍ଣ୍ଣ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । "Leadership - Leading for the Long Run" ଏବଂ "Technology - Build to Bend, Not to Break" ବିଷୟ ଉପରେ ଆୟୋଜିତ ପ୍ୟାନେଲ୍ ଆଲୋଚନାଗୁଡ଼ିକରେ ଶ୍ରୀ ଶ୍ରୀନିବାସ ବରତମ୍, ଶ୍ରୀ

Listen to Odia Podcast Original at https://youtube.com/@drjyotiprasad




ଜୟଦୀପ ଚକ୍ରବର୍ତ୍ତୀ, ଶ୍ରୀ ସୁଶାନ୍ତ ଦ୍ୱିବେଦୀ, ଶ୍ରୀ ବିଭାସ ମିଶ୍ର, ଶ୍ରୀ ଗୌରବ ଚାଙ୍ଗଲା ଏବଂ ସୁଶ୍ରୀ ଜୟନ୍ତୀ ଦ୍ୱିବେଦୀ ଯୋଗ ଦେଇଥିଲେ । ଏହି ଆଲୋଚନାଗୁଡ଼ିକରେ ସ୍ଥିତିସ୍ଥାପକ ନେତୃତ୍ୱ, ପ୍ରଯୁକ୍ତିଗତ ପରିବର୍ତ୍ତନ, AI, ସୁଶାସନ ଏବଂ ସ୍ଥାୟୀ ମୂଲ୍ୟ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଦ୍ୱିତୀୟ ଦିନର ମୁଖ୍ୟ ବକ୍ତବ୍ୟ XIMBର ପୂର୍ବତନ ଛାତ୍ର ତଥା JLL Indiaର Director ଶ୍ରୀ ହିମାଂଶୁ ରାଉତରାୟ ପ୍ରଦାନ କରିଥିଲେ । ସେ ସ୍ଥିତିସ୍ଥାପକ କ୍ୟାରିୟର୍ ଗଠନ ପାଇଁ ଅନିଶ୍ଚିତତାକୁ ଗ୍ରହଣ କରିବା, ରିସ୍କ ପରିଚାଳନା, AI, ଯୋଗାଯୋଗ ସ୍ଥାପନ, ସହଯୋଗ, ନିରନ୍ତର ଦକ୍ଷତା ବିକାଶ, ନିୟମ ଅନୁପାଳନ, ଗୁଣବତ୍ତା ଏବଂ ନୈତିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

"ESG - Resilience by Design" ବିଷୟ ଉପରେ ଆୟୋଜିତ ପ୍ୟାନେଲ୍ ଆଲୋଚନାର ସଞ୍ଚାଳନ ପ୍ରଫେସର ଏସ୍. ଏସ୍. ଗଣେଶ କରିଥିଲେ । ଏଥିରେ ସୁଶ୍ରୀ ପ୍ରିୟଙ୍କା ଘୋଷ, ଶ୍ରୀ ଦେବସ୍ମିତ ମହାନ୍ତି ଏବଂ ଶ୍ରୀ ସମ୍ବିତୋଷ ମହାପାତ୍ର ଯୋଗ ଦେଇ ଅନୁକୂଳନଶୀଳତା, ସୁଶାସନ, ହିତାଧିକାରୀ ପରିଚାଳନା, ESG, ପ୍ରଯୁକ୍ତି ଏବଂ ସ୍ଥାୟିତ୍ୱ ଉପରେ ଆଲୋଚନା କରିଥିଲେ । ଶେଷ ପ୍ୟାନେଲ୍ "Risk Management Built for the Bad Day"ର ସଞ୍ଚାଳନ ଡ. ରିତେଶ କୁମାର ଦୁବେ କରିଥିଲେ । ଏଥିରେ ଶ୍ରୀ କିରଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଣା ଏବଂ ଶ୍ରୀ ଚିତ୍ତରଞ୍ଜନ ମହାନ୍ତି ଯୋଗ ଦେଇ ରିସ୍କ ମୂଲ୍ୟାଙ୍କନ, AI, ପ୍ରଯୁକ୍ତିଗତ ଆଲୋଡ଼ନ, ଅନୁକୂଳନଶୀଳତା ଏବଂ ମାନବୀୟ ବିଚାରଶକ୍ତି ଉପରେ ଆଲୋଚନା କରିଥିଲେ ।

ଉଭୟ ଦିନର ସକ୍ରିୟ ପ୍ରଶ୍ନୋତ୍ତର ପର୍ଯ୍ୟାୟଗୁଡ଼ିକରେ ଛାତ୍ରଛାତ୍ରୀମାନେ AI, ନବସୃଜନ, ଉଦ୍ୟମିତା, ନୈତିକତା, କ୍ୟାରିୟର୍ ଚୟନ, ESG, ଅନିଶ୍ଚିତତା ଏବଂ ରିସ୍କ ପରିଚାଳନା ସମ୍ପର୍କରେ ବକ୍ତାମାନଙ୍କ ସହ ଆଲୋଚନା କରିଥିଲେ । ଶେଷରେ ଅତିଥିମାନଙ୍କୁ ସମ୍ମାନିତ କରାଯିବା ସହ ସମିଟ୍ ସମାପ୍ତ ହୋଇଥିଲା, ଯାହା ଅନିଶ୍ଚିତ ଭବିଷ୍ୟତ ପାଇଁ ଅନୁକୂଳନଶୀଳ, ଦାୟିତ୍ୱବାନ ଏବଂ ସ୍ଥିତିସ୍ଥାପକ ସଂଗଠନ ଗଠନ ଉପରେ BES ୨୦୨୬ର ଗୁରୁତ୍ୱକୁ ପୁନର୍ବାର ରେଖାଙ୍କିତ କରିଥିଲା ।

XIM UNIVERSITY

XAVIER INSTITUTE OF MANAGEMENT, BHUBANESWAR

XIM - Old Campus Xavier Square,

Bhubaneswar - 751 013, Odisha Tel: 0674-3012345 Fax: 0674-2300995

E-mail: media-oc@xim.edu.in

Web: https://ximb.edu.in/

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୪୩

ଅଶୋକ ବିଶ୍ୱାଳ



ବୁଶ ପୁଲିସର ପରିବର୍ତ୍ତନ-୧

ଅବିନାଶ ଏ ଭିତରେ ବହୁବାର ଜାରଓ୍ୱା, ଜାରଓ୍ୱା ଶବ୍ଦ ଶୁଣିଲାଣି । ଏତେ ହିଂସ୍ର ସ୍ୱଭାବ, ଏତେ ନୃଶଂସତା । ତା' ମନ, ଶରୀର ଡରରେ ଥରିଯାଉଥିଲା । ଜାରଓ୍ୱାମାନେ ଏତେ ଅବିଶ୍ୱାସ କ'ଣ ପାଇଁ କରି ଚାଲିଛନ୍ତି ? ସେଟଲରମାନେ ମଧ୍ୟ କମ ଅବିଶ୍ୱାସ କରୁନାହାନ୍ତି । ମଣିଷ ମଣିଷକୁ ବିଶ୍ୱାସ କରନ୍ତେ କି, କେତେ ଭଲହୁଅନ୍ତା । ମଣିଷର ଚାଲିବା ରାସ୍ତା ମୋଟେ ଭୁଲ ହୁଅନ୍ତାନି । ଜଙ୍ଗଲ ରାସ୍ତାରେ ବିଶ୍ୱାସର ଆବଶ୍ୟକତା ତ ଅଛି ।

ଅବିନାଶ, ପାଦଛାପ ଦେଖି ବାଟଚାଲ, ବାଟ ହୁଡିବନି ।- ସ୍ୱର ଅତି ସ୍ପଷ୍ଟ ଥିଲା । ଏକ ନୂଆ ସ୍ୱର ସମୁଦ୍ରରୁ ଯେମିତି ଲହଡି ସହ ଭାସି ଆସିଥିଲା । ଯଦିଓ ସେ ଜଙ୍ଗଲ ରାସ୍ତାରେ ଥିଲା, କିନ୍ତୁ ସମୁଦ୍ର ଦୂର ତ ନୁହେଁ । ଆକାଶ ଆଗକୁ ଖୋଲିଯାଉଛି, ପାଣିର ଅଥଳ ଦୁନିଆ ଆରମ୍ଭ ହୋଇଯାଇଛି ।

ନୂଆ ରାସ୍ତା, ଯଦି ତୁମେ ନିଜ ଆତ୍ମାର ନିର୍ଦ୍ଦେଶିତ ପଥରେ ବାଟ ଚାଲ, ମୋଟେ ରାସ୍ତା ଭୁଲ ହେବନି ।– ସେହି ସ୍ୱର ଗଛ ପତ୍ରକୁ ଭେଦି ବେଶ ଦୂରରୁ ପବନରେ ଭାସି ଆସୁଥିଲା ।

ସେହି ରାସ୍ତାରେ ଚାଲିଲେ ମନରେ ଅପରିସୀମ ଖୁସି ଆସୁଛି, ହୃଦୟରେ ଉତ୍ସାହ, ଶରୀରରେ ଶକ୍ତି ପ୍ରବାହିତ ହେଉଛି । ସେ ରାସ୍ତାରୁ ମୋଟେ ଲେଉଟି ଯାଅନି । ଜମା ଅଟକି ଯାଅନି । ଜାଣିଛ ଏମିତି ଶବ୍ଦମାନ ସେ ଦିନମାନଙ୍କରେ କାନରେ ଯେମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିଧ୍ୱନିତ ହୋଇଚାଲିଥିଲା ।- ସେହି ସ୍ୱର ପୁଣି କହିଲା । ସ୍ୱରଟା ବୋଧହୁଏ ଏକ ଗଛ ଉହାଡରୁ ଆସୁଥିଲା ।

ଲମ୍ବା ପ୍ରତିଧ୍ୱନୀ ଶୁଣୁଥିଲେ ?-ଅବିନାଶ ପଚାରୁଥିଲା ।

ଘଣ୍ଟିର ଶବ୍ଦ ଭଳି ସବୁବେଳେ କହିପାର । ତରୁଣ ବୟସରୁ ଯେବେଠାରୁ ମୁଁ ଏଠି ପାଦଦେଲି ସେବେଠାରୁ ଶୁଣିଥିଲି । କେଉଁ ୧୯୩୫ ମସିହାରେ ପୋର୍ଟବ୍ଲେଆରରେ ପୁଲିସ ଡିପାର୍ଟମେଣ୍ଟରେ ଯୋଗ ଦେଲି । ସେ ସମୟରେ ଏହା ପଞ୍ଜାବ ପୁଲିସ ଡିପାର୍ଟମେଣ୍ଟ ଅଧୀନରେ ଥିଲା । ସମୟକ୍ରମେ ଦେଶ ସ୍ୱାଧୀନ ହେଲା । ୧୯୭୬ ମସିହା ପର୍ଯ୍ୟନ୍ତ ବୁଶ ପୁଲିସ ହିସାବରେ କାମ ଆଉ ପରେ ଆଣ୍ଡାମାନ ଆଦିମ ଜନଜାତି ବିକାଶ ସମିତିରେ ପୋର୍ଟବ୍ଲେଆରରେ କାମ କରୁଥିଲି । ମୋ ନିଜର ଏକ ଛୋଟ କୁହ, ବଡ଼ କୁହ ତାହା ଏକ ଯାତ୍ରା ଥିଲା, ମୋ ଆତ୍ମାର ନିର୍ଦ୍ଦେଶିତ ପଥରେ ଅଟକିନଥିବା ଯାତ୍ରା ।– ସେହି ସ୍ୱର ମୋଟା ଆଉ ଧୀର ଥିଲା । ଅବିନାଶ ଜାଣେ ଆଣ୍ଡାମାନର ପାହାଡିଆ ଜଙ୍ଗଲରେ ଚଢ଼ିକରି ହଠାତ୍ ଓହ୍ଲେଇ ଆସିଲେ ସ୍ୱରଟା ପ୍ରଥମେ ଜୋରରେ ଫୁଲିଯାଏ ଆଉ ତା'ପରେ ଧିରେ ବେଲୁନରୁ ପବନ ବାହରିଲା ଭଳି ମୋଟା କିନ୍ତୁ ଧୀର ହୋଇଯାଏ ।

ସମସ୍ତେ କୁହନ୍ତି ତୁମେ କାହାକୁ ସ୍ନେହ କରିପାର, କିନ୍ତୁ ଜାଣିନ ତୁମକୁ ସ୍ନେହ ପ୍ରତିବଦଳରେ ମିଳିବ କି ନାହିଁ । ଏହା ତୁମ ଯାଦୁ, ଏହାକୁ ଭୁଲିବାର ନୁହେଁ । ଆଉ ମୁଁ ଅଯଥା ସନ୍ଦେହକୁ ନିଜ ଭିତରକୁ ଆଣେନା ।- ସେ କହିଲେ । କୂଳକୁ ଓହ୍ଲାଇବା ପାଇଁ କିଛି ଖୋଜ ବାକିଥିଲା । ଉପରେ ଘଞ୍ଚ ଜଙ୍ଗଲ ଥିଲା, ସେ ଭିତରେ ଓଦା ରାସ୍ତା ଲମ୍ବିଥିଲା । ଏମିତି ରାସ୍ତାରେ ସାବଧାନରେ ନଗଲେ ଖସଡି ଖଣ୍ଡିଆଖାବରା ହେବାର ଡର ବି ଥିଲା । ଅବିନାଶ ଘୁରିବୁଲୁଥିବାରୁ ତା'କୁ ବହୁ କିଛି ଶୁଣିବାର ଥିଲା, ଯୁକ୍ତିର ଛଳରେ କାନକୁ ବନ୍ଦ ଠିପି ଭିତରେ ରଖିବାର ଆବଶ୍ୟକତା ନଥିଲା ।

ମୋତେ ଲାଗେ ବିଶ୍ୱାସ ପ୍ରତିବଦଳରେ ମିଳିବ । ଜାଣିଛ, 'ଓ-ଲେ-ଲେଲେ-ଓ- ଓ-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲେ- ଲୋ-ଏ-ଏ' ଗୀତର ଧୁମରେ ଜାରଙ୍ଗା ଚଡ଼ା ( ହଟ୍ଟାନ) ତରଙ୍ଗାୟିତ ହୋଇଉଠୁଥିଲା । ସେ ଗୀତର ଧୂନ ତୁମେ ଶୁଣିନଥିବ । କିଛି ବାଦ୍ୟ ନାହିଁ । ସେମାନେ ଏପର୍ଯ୍ୟନ୍ତ କିଛି ବାଦ୍ୟ ତିଆରି କରିପାରି ନାହାନ୍ତି । ଖାଲି ସ୍ଥାନ ପୂର୍ଣ କରିବାକୁ କିଛି ଅନ୍ୟ ଶବ୍ଦ ନାହିଁ । ଜଙ୍ଗଲର ଶୂନ୍ୟସ୍ଥାନ କେବଳ । କିନ୍ତୁ ଅତି ମଧୁର ଲାଗେ । ହୃଦୟର ସହ ସେମାନେ ଗୀତ ଯେ ଗାଆନ୍ତି । ସଙ୍ଗୀତ ହୃଦୟର ଗଭୀରତମ ପ୍ରଦେଶରୁ କେଉଁ ବାଧାକୁ ନମାନି ଆବେଗକୁ ହାତରେ ଧରି ବାହାରି ଆସେ ।– ସେ ପୁଣି କହିଲେ ।

ତାହେଲେ ଜାରଙ୍ଗାଙ୍କୁ ଭଲଭାବେ ଜାଣିଛନ୍ତି । ସେମାନଙ୍କ ସ୍ୱରକୁ ଜଲଦି ଖୋଜି ନେଲେ ।- ଅବିନାଶ କହିଲା । ତା' ଦେହରେ ଏକ ତରଙ୍ଗ ଦୌଡୁଥିଲା । ଏ ସୁରଟା କେମିତି ହୋଇଥିବ ? ମଧୁର ନିଶ୍ଚୟ । ଅଧିକାଂଶ ଆଦିବାସୀ ଗାନାରେ ସୁର ମଧୁର ଲାଗେ । ସବୁ ଗୁଡାକ ପ୍ରାୟ ଗ୍ରୁପ ସଙ୍ଗ । ଆଉ ଗ୍ରୁପ ସଙ୍ଗରେ ଏନର୍ଜି ବା ତୀବ୍ର ଆବେଗ ଥାଏ । ମଣିଷ ଜୀବନରେ ଆବେଗ ନଥିଲେ ମଣିଷ ମଣିଷ କେମିତି ଯେ ? ଏ ଲୋକଜଣଙ୍କ ଭିନ୍ନ ଲାଗୁଥିଲେ । ସେ ହିଂସା, ନୃଶଂସତା ବିଷୟ ନକହି ମଧୁର ସୁର କଥା କହୁଛନ୍ତି । ଅଲଗା ଭାବରେ ଦୁନିଆକୁ ଦେଖିଛନ୍ତି ବୋଧେ । ତା' ମୁହଁ ଉଜ୍ଜ୍ୱଳ ହୋଇଉଠିଲା ।

ଜଙ୍ଗଲ ରାସ୍ତାରେ ଚାଲି ତୁମେ ଥକିଯାଇଥିବ ।- ଅବିନାଶ ମୁହଁରେ ବଦଳୁଥିବା ଭାବକୁ ଦେଖି ସେହି କଣ୍ଠରୁ କିଛି ଶବ୍ଦ ଅବିନାଶ ପାଇଁ ଥିଲା । ଅବିନାଶ ସତରେ ସାମାନ୍ୟ ଥକି ଯାଇଥିଲା । ସନ୍ଧ୍ୟାର, ଅପରାହ୍ନର ମୁହୁର୍ତ୍ତମାନଙ୍କରେ ଗୀତର ଆସର ଜମେ । ଦିନରେ ଲୋକମାନେ କାମ କରନ୍ତି । ସନ୍ଧ୍ୟା ଆଡକୁ ଥକି ଯାଆନ୍ତି । ତେଣୁ ଥକାମୀ ସହ କ'ଣ ସଙ୍ଗୀତର ମାଧୁର୍ଯ୍ୟର କିଛି ସମ୍ବନ୍ଧ ଅଛି ?

ଅବିନାଶ ଆଉ ଟିକକେ ନୀଳ ସମୁଦ୍ର । ବାଲିରେ ପାଦଦେଲେ ତୁମ ଦେହରେ ଅଫୁରନ୍ତ ଉତ୍ସାହ ଆସିବ । ଆଣ୍ଡାମାନଟା ତ ଏମିତି । ସମୁଦ୍ରରୁ ଧୀର ପବନ ବୋହି

Listen to Odia Podcast Original at https://youtube.com/@drjyotiprasad

ଆସୁଥିବ ଆଉ ତୁମ ପାଦତଳେ ଭାଙ୍ଗି ପଡୁଥିବ ଛୋଟ ଛୋଟ ଢେଉ । ଟିକି ଟିକି ଗେଣ୍ଡାମାନ ତୁମ ଦୃଷ୍ଟିର ଆଗ ବାଲିରେ ସେମିତି ନଅଟକି ଚାଲୁଥିବେ । ସେମାନଙ୍କ ଯିବା ରାସ୍ତାରେ ଚିହ୍ନ, ହଁ ସାମାନ୍ୟ ହେଉପଛେ, ରହିଯାଉଥିବ ।– ସେହି ସ୍ୱର କହୁଥିଲା ।

ଏତିକି କଥାବାର୍ତ୍ତା । ତା'ପରେ ଅବିନାଶ ନିଜକୁ ଏକ ଲମ୍ବା ବାଲି ଚଡାରେ ଆବିଷ୍କାର କଲା । ଏ ଭିତରେ ସେମାନେ କେଇ ଖୋଜ ଚାଲିରେ ଏତେବାଟ ଅତିକ୍ରମ କରି ସମୁଦ୍ରକୂଳରେ ପହଞ୍ଚି ଯାଇଛନ୍ତି ବୋଲି ଅବିନାଶ ନିଜେ ଜାଣିପାରିନଥିଲା । ଏକଦମ ସଫା ବାଲି । ଜୁଆର ହୋଇ ଛାଡିଯିବା ପରେ ସମୁଦ୍ର କୂଳରୁ ସବୁ ପାଦଚିହ୍ନ ମନକୁ ମନ ଯାଦୁ ହେଲାଭଳି ଲୁଚିଯାଇଥିଲା । ସତେ ଏ କୂଳରେ କେହି ଯେମିତି ଆଗରୁ ପହଞ୍ଚିନାହାନ୍ତି । ସମୁଦ୍ର ଆଉ ଆକାଶରେ ମଣିଷ ଛାପ ଛାଡି ପାରେନା, ଚାହିଁଲେ ବି ପାରେନା । କୂଳ ଉପରେ ଅଧିକାର ଏକମାତ୍ର ସମୁଦ୍ରର ।

ଅବିନାଶ ତୁମ ଆଗରେ ପଡୁଥିବା ପାଦଚିହ୍ନକୁ କେବଳ ଦେଖ ।–ଏତିକି ଶବ୍ଦ ସେ ଶୁଣିଲା ଆଉ ତା' ଆଗରେ କିଛି ପାଦ ଛାପ ପଡୁଥିଲା । ବେଶ ପରିଷ୍କାର ପାଦଛାପ, ଓଜନିଆ । ଅବିନାଶ ସେହି ପାଦଚିହ୍ନ ପଛରେ ସମ୍ମୋହିତ ହେଲାପରି ଚାଲୁଥିଲା । ଚାଲିରେ ମୋଟେ ବେଶି ବେଗ ନଥିଲା, ଧୀର ଚାଲି, ହୃଦୟର ଗତି ବଢିବାର ଆବଶ୍ୟକ ନାହିଁ ।

ସୁଦୂର କେଉଁ ସମତଳ ଦେଶରୁ ଚାଲି ଆସି ନିଜକୁ ସମୁଦ୍ର କୂଳରେ ଭୁଲିଯାଇଥିବା ଏକ ମଣିଷ ହୋଇଯାଇଥିଲା ଏହି ବକ୍ତାବର ସିଂହା ଆଉ ମୁଁ କିଛି କଳା ମଣିଷକୁ ଖୋଜି ଚାଲୁଥିଲି । ସେମାନଙ୍କ ହୃଦୟର ଆବେଗକୁ ଧରିବା ମୋର କାମ ହୋଇଯାଇଥିଲା ।

ଏକ ଶୁଷ୍କ ପ୍ରଦେଶରୁ ସମୁଦ୍ରକୁ, ଧୂଳିର ଦୁନିଆରୁ ଘଞ୍ଚ ଜଙ୍ଗଲକୁ, ଲମ୍ବା ଯାତ୍ରା କରିନେଲେ ଆପଣ ।

କେଉଁ ଆରମ୍ଭରୁ ଯାତ୍ରା ତ ଚାଲିଛି । ତା' ଭିତରେ ମୋ ଯାତ୍ରା ଏକ ଚିହ୍ନ ମାତ୍ର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ବିନ୍ଦୁ । ତୁମେ ତା'କୁ ମ୍ୟାଗ୍ନିଫ୍ଲାଇଙ୍ଗ ଗ୍ଲାସ ତଳେ ବଡ଼ ରେଖା କରି ଦେଖୁଛ ।- ସେହି ସ୍ୱର କହିଲା । ଅବିନାଶ ଗୋଡ ତଳେ ଭାଙ୍ଗି ପଡୁଥିବା ଊର୍ମିର ଶବ୍ଦ ଶୁଣୁଥିଲା । ଧୂଳିର ଦୁନିଆ, କୁହୁଡିର ଦୁନିଆ ଏଇଠି ମୋଟେ ଦେଖାଯିବନି । ଯାତ୍ରାର ଚିହ୍ନ ପାଣିରେ କ୍ଷଣେ ରହି ମିଳାଇଯିବ । ଏକ ଡିଙ୍ଗି ପାଣିରେ ସିଆରକାଟି ବହୁ ଆଗକୁ ଚାଲିଯାଇଥିବ ।

ସବୁବେଳେମଣିଷ ଆଉ ଏକ ମଣିଷକୁ ନିଜ ହିସାବରେ ଖୋଜିଚାଲିଛି । ଆଉ ସେଇ ଖୋଜିବାଟା ମୋ ପାଇଁ ଆହ୍ୱାନ ହୋଇଯାଇଥିଲା । ଆମର ପ୍ରଥମ ଦିନମାନଙ୍କ ଦେଖୁନ, ଆଉ କିଛି ନୂଆ ଖୋଜିବାପାଇଁ ମଣିଷ ଏକ ଜାଗାରୁ ଆଉ ଏକ ଜାଗାକୁ ଚାଲିଯାଉଛି । ସେଇଟା ନୂଆ ଯାତ୍ରା ସେଦିନର । ପଥର ଗୁହାରେ ରହି ମଣିଷ ମନକୁ ଖୋଜିଛି ।- ତାଙ୍କ କଥା ବେଶ ଗହୀରର କଥା ଥିଲା । ଅବିନାଶ ମୁଣ୍ଡ ହଲାଇଲା ।

ଏଇ ଯେମିତି ତୁମେ ମୋ ଭଳି କେତେଜଣଙ୍କୁ ଖୋଜିବାକୁ ଆସିଛ ଆଉ ମୁଁ ସେମାନଙ୍କୁ ତୁମ ଆସିବାର ବହୁ ଆଗରୁ ଖୋଜିସାରିଛି ।– ସେ କହି ଟିକେ ରହିଗଲେ । ଜଙ୍ଗଲଭିତରେ, ବାଲିଆ ପଥୁରିଆ ସମୁଦ୍ରକୂଳରେ ଚାଲୁଥିଲା ବେଳେ କେହି ଏମିତି ଦର୍ଶନର କଥା ଭାବିପାରିଥିବ ବୋଲି ଅବିନାଶ କଳ୍ପନା କରିପାରିନଥାନ୍ତା ।

ଅବିନାଶ ନିଜ ଗୋଡ ପାଖରେ ଥିବା ଗେଣ୍ଡାମାନଙ୍କୁ ଅନାଉଥିଲା । ଏଠି ଛୋଟ ଗେଣ୍ଡାମାନ, ନିଜ ଖୋଳପାରୁ ସାମାନ୍ୟ ବଙ୍କା ଗୋଡମାନ ବାହାର କରି ବାଲିରେ ଚିହ୍ନ କରୁଛନ୍ତି । କିଛି ସମୟପରେ ଅନେକ ଗେଣ୍ଡା ମନକୁ ମନ ନିଜ ଭିତରେ କୁହାକହି ହୋଇ ବାଲିରୁ ଉଠି ଠିଆ ହୋଇଗଲେ । ଏମାନେ କେଉଁଠି ଚୁପଚାପ ପଡିଥିଲେ ଆଉ ଅବିନାଶ ଅଟକି ଯିବାରୁ ସେମାନେ ଯେମିତି ଜୀବନ୍ତ ହୋଇଗଲେ । ଏକ ମ୍ୟାଜିକ । ପ୍ରାକୃତିକ ପରିବେଶକୁ ସାମାନ୍ୟ ବୁଝିପାରିଲେ ସବୁବେଳେ ଯାଦୁକରୀ ଲାଗେ ।

ଏ ସମୁଦ୍ରକୁ ଦେଖିବା ଆଗରୁ ଭାବ ପାହାଡ ଭିତରେ ଲୁଚିଥିବା କେଉଁ ଅଜ୍ଞାତ ଗୁମ୍ଫା । ହଁ, କହିବାର କଥା ହେଉଛି ଆଜି ବି ସେଇଠି କିଛି ଚିହ୍ନ ଅଛି । ସେ ଗୁମ୍ଫାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାନ୍ଥରେ କିଏ ଆଙ୍କିଥିବ କେଉଁ କାଳରୁ ଚିତ୍ରମାନ । ଏକ ଛୁଆର ଚିତ୍ର ଭଳି ଲାଗିବ । ସେଇଥିରୁ ମଣିଷର ମନ ଖୋଜିହୋଇଯାଉନି କି ? ଏକ ନୂଆ ଭାବେ ନିଜ ହିସାବରେ ଦେଖିବା, ନିଜ ଭାବନାକୁ ଏକ ନୂଆ ରୂପ ଦେଇଦେବା, ଆଉ ତାହା ସତରେ ଅନ୍ୟମାନେ ବୁଝିପାରିବେ, ଏଇ ଉଦ୍ଦେଶ୍ୟ ମୋର ଥିଲା । ଆଉ ଏଇଟାକୁ ତୁମେ ମୋର ଦୁଇ ଖୋଜ ଯାତ୍ରା କହିପାର ।

ବ୍ରିଟିଶ ଶାସନ ଦିନରୁ ଜାରୱାଙ୍କ ମନର ଖୋଜା ତ ଚାଲିଛି । ସେମାନେ କେତେ ପ୍ରକାର ଚେଷ୍ଟା ଯେ କରିଛନ୍ତି, ଛଳ ବଳ, କୌଶଳ । ଇଂରେଜମାନେ ପ୍ୟୁନିଟିଭ ଏକ୍ସପେଡିସନ ଅନେକ କରିଥିଲେ, ଅନେକ ଜାରୱା ମୃତାହତ ହୋଇଥିଲେ, ଉଦ୍ଦେଶ୍ୟ ସେମାନେ ଆତଙ୍କରେ ପଳାୟନ କରନ୍ତୁ, ମୃତ୍ୟୁର ଛାୟା ସେମାନଙ୍କ ଉପରେ ଲଟକି ରହିଥାଉ, ମୁଖ୍ୟ ଉଦ୍ଦେଶ୍ୟ ବ୍ରିଟିଶ ଉପନିବେଶ ଶାନ୍ତ ରହୁ । ସେଇଥିପାଇଁ ଅନ୍ୟ କିଛିଙ୍କୁ ମାରିଦେବାର ଆବଶ୍ୟକତା ମଧ୍ୟ ଅଛି ବୋଲି ସେମାନେ ଭାବୁଥିଲେ । ଔପନିବେଶବାଦର ମାନସିକତା ।– ସେ ନିଜର ଏକ ଯୁଗର ମନ୍ତବ୍ୟ ଯେମିତି ରଖୁଥିଲେ । ଏଥିରେ ଅବିନାଶର କିଛି କହିବାର ନଥିଲା । ଆଣ୍ଡାମାନରେ ଯଦି ମୁଗୁନି ପଥରର ଗୁମ୍ଫା ଥାଆନ୍ତା, ନିଶ୍ଚିତ ଭାବେ ବହୁ କିଛି ଚିତ୍ର ଦେଖିବାକୁ ମିଳିଥାଆନ୍ତା । ଯାହାହେଉ ସେ ନିଜ ଭିତରେ ଅତି କଠିନ ଏକ ଏକ ଶବ୍ଦକୁ ଗୋଟାଇ ନିଜର ଉତ୍ତରମାନଙ୍କୁ ମନରେ ଗୁଚ୍ଛା କରୁଥିଲା । ଏକ ଫୁଲ ତୋଡା ଭଳି ଉପସ୍ଥାପନ କରିବା ସମୟସାପେକ୍ଷ । ବାହାରର ପବନ ଦେହରେ ହାଲୁକା ଶିହରଣ ଆଣୁଥିଲା । ଭାଙ୍ଗି ପଡୁଥିବା ଢେଉର ମଧୁର ଶବ୍ଦ କାନରେ ପହଞ୍ଚୁଥିଲା । କୂଳ ପଛରେ ଘଞ୍ଚ ଜଙ୍ଗଲ, ଆଖି ଲାଖିଯାଉଥିଲା ।

ଏହି ଜଙ୍ଗଲ ଭିତରେ କିଛି ତ୍ରିପଣ୍ଡ କଳା ଲୋକମାନେ ଅଛନ୍ତି ।– ସେ କହି ଜଙ୍ଗଲ ଆଡକୁ ଅନାଇଲେ । ସେମାନେ ତ ଜଙ୍ଗଲ ଭିତରେ ଚାଲି ଆସିଥିଲେ । ଅବିନାଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାବିଲା ଅତି ଘଞ୍ଚ ଜଙ୍ଗଲ, ଭିତରଟା ତ କଳା ଦେଖାଯାଉଛି ଦିନରେ । ଲୋକେ କାହିଁକି କଳା ନହେବେ । ଓଙ୍ଗୀ, ସେଣ୍ଟିନେଲିଜ, ଜାରୱା, ଆଣ୍ଡାମାନିଜ ସମସ୍ତଙ୍କର ତ ଘୋର କୃଷ୍ଣ ବର୍ଣ୍ଣ ।

ଅବିନାଶ, ଜାରୱା, ଜାରୱା ଶବ୍ଦ ଏତେଥର ଶୁଣିଲଣି । ମାନେ କ'ଣ ଜାଣିଛ ?- ସେ ପୁଣି କହିଲେ ।

ଏତେବେଳ ପର୍ଯ୍ୟନ୍ତ ସେ ଅନେକଙ୍କ ସହ କଥା ହୋଇଛି, ସବୁବେଳେ ଜାରୱା ଶବ୍ଦ ଶୁଣିଆସିଛି ଆଉ ତା'ର ଅର୍ଥ ଅଛି ବୋଲି ଅବିନାଶ ଭାବିନି । କେତେ ଆଦିବାସୀ ଦଳ ଅଛନ୍ତି, ସେମାନଙ୍କ କିଛି କିଛି ନିର୍ଦ୍ଦିଷ୍ଟ ନାମ ଅଛି, ସାନ୍ତାଳ, ହୋ, ମୁଣ୍ଡା, ଗୋଣ୍ଡ, ଭୀଲ, ପାହାଡିଆ ଆଦି ଆଉ ସେମିତି ଜାରୱା ଏକ ଆଦିବାସୀ ଦଳର ନାମ ହୋଇଥିବ । ଅବିନାଶ ମୁଣ୍ଡ ହଲାଇଲା ।

ଜାରୱା ଶବ୍ଦର ମାନେ ହେଉଛି –'ଅଜଣା ଲୋକ', ଷ୍ଟ୍ରେଞ୍ଜର, ଆଉ ସେ ନାମଟା ଗ୍ରେଟ ଆଣ୍ଡାମାନିଜମାନେ ଦେଇଛନ୍ତି ।

ଜାରୱାମାନେ ଏମିତି ଜାଗାରେ ରହୁଛନ୍ତି ସେମାନଙ୍କ ବିଷୟରେ ଅନ୍ୟମାନେ ବହୁତ କମ ଜାଣନ୍ତି । ଏକ ନୂଆ ଦିଗ, ନୁହେଁକି । ଆଉ ସେହି ଅଜଣା ଲୋକମାନେ ଆଜି ରହିଯାଇଛନ୍ତି ଆଣ୍ଡାମାନ ଦ୍ୱୀପପୁଞ୍ଜରେ । ସେମାନେ ରୁହନ୍ତି ଜଙ୍ଗଲର ଭିତରେ ଆଉ କୁଳ ଆଡକୁ ବେଶି ରହୁଥିଲେ ଗ୍ରେଟ ଆଣ୍ଡାମାନିଜ । କିନ୍ତୁ ଜାରୱାମାନେ ନିଜକୁ ଅଙ୍ଗ୍ ବୋଲି କୁହନ୍ତି । ଆଜି ଗ୍ରେଟ ଆଣ୍ଡାମାନିଜମାନେ ପ୍ରାୟ ହଜିଗଲେଣି । ସେମାନେ ଗୋଟିଏ ଜାତି ନୁହଁନ୍ତି, ସେମାନେ ପ୍ରକୃତରେ ଦଶଟି ଆଦିବାସୀ ଦଳ ଯଥା- କାରି, କୋରାଜେରୁ, ଭୋ, କେଡା.. ଇତ୍ୟାଦି । ସେହି ସମୟରେ ଆଦିମ ଅଧିବାସୀ ଦଳକୁ ଆକା-ବିଆ କୁହାଯାଉଥିଲା । ଆଉ ସେମାନେ ଥିଲେ ତିନି ମୁଖ୍ୟ ଦଳ । ଆର୍ୟୋଟୋ (କୂଳରେ ବାସ କରୁଥିବା), ଆଦଜିଗ(ଖାଡିରେ ବାସକରୁଥିବା) ଆଉ ଏରେମଟାଗା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(ଜଙ୍ଗଲରେ ବାସକରୁଥିବା) ତିନିଦଳ । ଏହି ତିନି ଦଳର ସମୂହକୁ ଇଂରେଜମାନେ ଗ୍ରେଟ ଆଣ୍ଡାମାନିଜ କହୁଥିଲେ ।

ସେତେବେଳେ ଜାରୱାମାନେ ?-ଅବିନାଶ ପଚାରିଲା

ଜାରୱାମାନେ ପେନାଲ ସେଟଲମେଣ୍ଟରେ ବେଶି ପ୍ରଭାବିତ ହୋଇନଥିଲେ କାରଣ ସେମାନେ ରହୁଥିଲେ ଘୋର ଜଙ୍ଗଲରେ ଆଉ ସେଟଲମେଣ୍ଟ କୂଳ ଆଡକୁ ହେଉଥିଲା । ସେମାନଙ୍କ ବିଷୟରେ ଇଂରେଜମାନେ ଅନେକ ଅନେକ ବର୍ଷ ହେଲା ମୋଟେ ଜାଣିପାରିଲେନି ।–ଉତ୍ତର ଥିଲା ।

ଆଗକୁ କ'ଣ ହେବ ମଣିଷ ଜାଣେନି । ଏବେ କିନ୍ତୁ ଶାନ୍ତ କରିବାପାଇଁ ଲୁଲୁବାୟା ଗୀତ । ଧୋରେ ବାୟା ଧୋ । ଜାରୱାମାନଙ୍କ ପାଖରେ ମାନସିକତା ଏକ ଛୁଆର ମାନସିକତା ଥିଲା ସେତେବେଳେ । ଏକ ବଢିଆ ସମୟ କଟିଯାଇଥିଲା । ଗ୍ରେଟ ଆଣ୍ଡାମାନିଜମାନେ ଆଣ୍ଡମାନ ହୋମକୁ ଚାଲିଆସୁଥିଲେ ଆଉ ସେମାନଙ୍କ ସଂଖ୍ୟା କମ ହୋଇଯାଉଥିଲା । ସେତେବେଳେ 'ଓ-ଲେ-ଲେଲେ-ଓ- ଓ-ଲେ- ଲୋ-ଏ-ଏ' ଗୀତର ଧୁମରେ ଜାରୱାମାନେ ଜଙ୍ଗଲରେ ହଜିଯାଉଥିଲେ । ।

ଗୀତକୁ ଯଦି ତୁମର ସତରେ ଶୁଣିବାର ଅଛି ତେବେ ହୃଦୟକୁ ଖୋଲିଦିଅ ନୀରବରେ । ଯେତେବେଳେ କହିବାକୁ ଅଛି, କୁହନାହିଁ କିଛ, ବର୍ଣ୍ଣନା କର ନିଜ ଭାବରେ ଆଉ ଧୈର୍ଯ୍ୟରେ । ଯଦି ବାଛିବାର ଅଛି, ବାନ୍ଧ କୃତଜ୍ଞତା ଆଉ ତ ଇଚ୍ଛାରେ । ତେବେ ତୁମେ ଆଦିମ ଅଧିବାସୀଙ୍କୁ ବୁଝିପାରିବ, ଅନ୍ୟଥା କେବଳ କାହା ଇଙ୍ଗିତରେ ପଥର ହୋଇଯିବ । ସମୟର ରାସ୍ତାରୁ କେବଳ ଗୀତ ଖୋଜିନେବାର ଅଛି, ଫୁଲ ହୋଇ ଫୁଟିଛି ପରା ।- ସେ କହୁଥିଲେ ।

ଏସବୁ କଥା କିଏ କହିପାରନ୍ତି ? ସମୟର ରାସ୍ତାରୁ ଫୁଲ ଖୋଜିବାର ଅଛି ! ଅବିନାଶ ମନେମନେ ଭାବିଲା । ଆଃ, ବୁଢା ସାନ୍ତାକ୍ଲସ । ଜାରୱାମାନେ ସତକୁ ସତ

Listen to Odia Podcast Original at https://youtube.com/@drjyotiprasad

କିଛି ବର୍ଣ୍ଣନା ନଜାଣି, କେଉଁ ଦୁନିଆରୁ ଆସିଥିବା ଏକ ଲମ୍ବା ଧଳା ଦାଢ଼ୀଥିବା ଆଉ ହସୁଥିବା ମଣିଷକୁ ନଜାଣି, ନିଜ ହିସାବରେ ବୁଢା ସାନ୍ତାକ୍ଲସ ଖୋଜିନେଇଥିଲେ । ତାଙ୍କ ମୁହଁରେ ସବୁବେଳେ ହସ ଫୁଟୁଥାଏ ଆଉ ସେ ସମସ୍ତଙ୍କୁ ଉପହାର ଦିଅନ୍ତି । ସମସ୍ତଙ୍କ ମୁହଁରେ ହସ ଭରିଯାଏ । ସେଇଟା ଏ ବୁଢା ଥିଲେ । ସମୁଦ୍ର କୂଳ ଫୁଲରେ ଭରିଯାଆନ୍ତା ପରା, କେତେ ଭଲହୁଅନ୍ତା ।

ଅବିନାଶ ସମୁଦ୍ର ଆଡକୁ ଆନଇଲା । କୂଳ ବେଶ ପରିଷ୍କାର ଥିଲା । ପାଣ୍ଡାନାସ ଗଛରେ ଅନେକ ଫଳ । ଏହିଫଳକୁ ଏଠାକାର ଲୋକେ ଖାଆନ୍ତି । କୂଳରେ ଅନେକ କିସମର ଗଛ ଥିଲା । କିଛିରେ ସୁନ୍ଦର ଫୁଲ ଫୁଟିଛି । କୂଳର ଗଛମାନଙ୍କରେ ପତ୍ରସବୁ ଲାଲ ପଡିନି । ଏଠି ଗଛମାନସବୁବେଳେ ସତେଜ ଦେଖାଯାଏ । ସମୁଦ୍ରକୁ ଏକ ଛୋଟ ଝରଣା ବୋହିଆସୁଛି । ମାଟିଆଡକୁ ଅନେକ ଡ୍ରିଫ୍‌ଟଉଡ । ଗଛ ଉପୁଡି କାଠସବୁ ଘଷି ହୋଇହୋଇ ଏକ ଏକ ସୁନ୍ଦର ଆକାର ନେଇଯାଇଛି । ଅନେକ ଶାମୁକା ପାଦଚିପି ପାଖରେ ଚାଲୁଛନ୍ତି । ଅବିନାଶ କୂଳର ସୁନ୍ଦର ରୂପ, ବୈଚିତ୍ରରେ ମୁଗ୍ଧ ହୋଇଗଲା । ଏ ଭିତରେ କେତେବେଳେ ତା' ଆଗର ପାଦଛାପ ସମୁଦ୍ର ଭିତରକୁ ଚାଲିଗଲା ସେ ଜାଣିନି ।

ଫେରି ଅନାଇଲା ବେଳକୁ ଅବିନାଶ ଦେଖିଲା ଏକ ବୁଢା ସାନ୍ତାକ୍ଲସ ଭଳି ଦେଖାଯାଉଥିବା ଲୋକପାଖକୁ ଜାରଜ୍ୱା ଛୁଆମାନେ ଦୌଡି ଆସୁଛନ୍ତି । ସେ ଆଖି ବନ୍ଦ କରିଦେଲା ଆଉ ପୁଣି ଖୋଲିଲା । ଏବେ ଦେଖିଲା ଏକ ଦ୍ୱୀପ ପାଖକୁ ଏକ ବୋଟ ଆଗେଇ ଆସୁଛି । କୂଳରେ କିଛି କଳା କଳା ଲୋକ ଠିଆହୋଇ ହାତ ହଲାଉଛନ୍ତି । ଲାଗୁଛି ଯେମିତି ସେମାନେ ଧଳା କାନଭାସ ଉପରେ ଏକ ଛୁଆର ହାତଅଙ୍କା ରୈଖିକ ଚିତ୍ରମାନ । ସେମାନେ ନିଜ ହିସାବରେ ଡେଉଁଛନ୍ତି, ନାଚୁଛନ୍ତି । ଗୋଡ ଦୁଇଟା ଅଣ୍ଟା ପାଖରୁ ଫରଚା ହୋଇ ଏପଟ ସେପଟ ହେଉଛି ଆଉ ହାତ ଦୁଇଟା କାନ୍ଧ ପାଖରେ ସିଧା ହୋଇ ଲମ୍ବି ଯାଇଛି । ଦୁଇ ହାତ ଏକ ବାଡିର ଦୁଇମୁଣ୍ଡ ପରି ହଲୁଛି । ଛୋଟ ବୋଟ

Listen to Odia Podcast Original at https://youtube.com/@drjyotiprasad

ମୁଖ୍ୟ ବୋଟରୁ ତଳକୁ ଓହ୍ଲାଇ ଦିଆଯାଇଛି । ସେଥିରେ କିଛି ଲୋକ ବସିଛନ୍ତି । ଦୁଇଜଣ ହାଲିସ ମାରୁଛନ୍ତି । ବସିଥିବା ଲୋକମାନେ ନିଜ ମୁଣ୍ଡରେ ଲାଲ କପଡା ଗୁଡାଇଛନ୍ତି । ପାଣିରେ ଛୋଟ ବୋଟଟି ନାଚି ନାଚି ଆଗାଉଛି । ସେପଟେ ଆଗରେ ଏକ ଢେଉଢେଉକା ଘନ ଜଙ୍ଗଲ । ଧଳାବାଲି ଚମକୁଛି ନୀଳ ଜଳରାଶିର ଠିକ ପରେ । ବୋଟ କୂଳରେ ଲାଗିଲା ଆଉ ଲମ୍ବା ବୁଢା ମଣିଷଟା ତଳେ ଠିଆ ହୋଇଥିବା କଳା ଲୋକଙ୍କ ମୁଣ୍ଡରେ ଲାଲ କପଡା ଗୁଡାଇ ଦେଲା । ତା'ପରେ ସେମାନେ କାନ୍ଧରେ କିଛି ଜିନିଷ ନେଇ ଆଗକୁ ଚାଲିଲେ । ସେମାନଙ୍କ ପାଦ ଛାପ ପରିଷ୍କାର ବେଳାଭୂମିରେ ପଡିଥିଲା । ଆଗେ ଆଗେ ଏକ ପୁରୁଷ ଆଉ ମହିଳା ଯାଉଥିଲେ । ପୁରୁଷ ଲୋକଟି ଛାତିରୁ ପେଟ ନାହି ତଳ ପର୍ଯ୍ୟନ୍ତ ଗଛ ଛେଲିର ଏକ ସାଞ୍ଜୁ ପିନ୍ଧିଥିଲା । ହାତରେ ମଧ୍ୟ ଏକ ସେହିପରି କିଛି ବ୍ୟାଣ୍ଡ ଥିଲା । ତା' ମୁଣ୍ଡରେ ଏମାନେ ଦେଇଥିବା ଲାଲ କପଡା ଗୁଡା ହୋଇଥିଲା, ଏକ ଲାଲ ବ୍ୟାଣ୍ଡ କଳା ଲୋକଟିର କପାଳରେ ଥିଲା । ହାତର ବସ୍ତାରେ ଥିବା କିଛି ନଡିଆ ଭଳି ଉପହାର ଦ୍ରବ୍ୟ ଥିଲା । ମହିଳାଟିର ବେକରେ କିଛି ଧଳା ବ୍ୟାଣ୍ଡ ଆଉ ଦେହରେ କିଛି ନଥିଲା । ସଂମ୍ପୂର୍ଣ ଉଲଗ୍ନ । କିନ୍ତୁ ଦୁହେଁ ବେଶ ଖୁସି ଥିଲେ ଆଉ ସୁସ୍ଥ ସବଳ ଲାଗୁଥିଲେ ।

ବୁଢାଙ୍କ ମୁଣ୍ଡରେ ଏକ ବିରାଟ ପଗଡି ଯାହା ତାଙ୍କ ଉଚ୍ଚତାକୁ ବଢାଇ ଦେଉଥିଲା । ତାଙ୍କ ପାଖରେ କେତେଜଣ ଜାରଜ୍ଵା ଝିଅ ଠିଆ ହୋଇଥିଲେ । ସେମାନେ ଅତିବେଶିରେ ତାଙ୍କ ଛାତିଯାଏ ହେଉଥିଲେ । ସେ ଝିଅମାନେ ବେକରେ କିଛି ପତ୍ରର ମାଳା ପିନ୍ଧିଥିଲେ । ସେ ମାଳା ଭିତରୁ ଗୋଟାଏ ପେଟ ପାଖକୁ ଲମ୍ବି ଆସିଥିଲା ଆଉ ମୁଣ୍ଡରେ ଗୁଡାହୋଇଥିଲା ଏମାନେ ଦେଇଥିବା ଲାଲ କପଡା । କଳା ହେଲେବି ଝିଅମାନଙ୍କର ଅଙ୍ଗ ସୌଷ୍ଠବ ଭଲ ଥିଲା ଆଉ ଶରୀର ପୂର୍ଣ ଲାଗୁଥିଲା । ଗୋଟାଏ ଝିଅ ବୁଢାଙ୍କର ପେଟରେ ହାତ ବୁଲାଇଲା, ପେଟଟା ବେଶ ବଡ଼ ହୋଇ ବାହାରି ଆସିଥିଲା । ଝିଅଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଢାଙ୍କ ସହ ନାଚିବାକୁ ଲାଗିଲା । ତାଙ୍କ ସହ ଆଉ କେଇଜଣ ଯୋଗଦେଲେ । କିଛି ସମୟ ସମସ୍ତେ ଏମିତି ନାଚିବାକୁ ଲାଗିଲେ । ଝିଅମାନେ ବେଶ ଖୁସିରେ ଡେଇଁ ନାଚୁଥିଲେ । ସେମାନଙ୍କୁ କିଛି ଲାଜ ଲାଗୁନଥିଲା । ସେମାନଙ୍କ ଦେହର ପ୍ରତିଟି ଅଙ୍ଗ ବେଶ ଦୋଳାୟିତ ହେଉଥିଲା । ଏମାନେ କାଳେ ବାହର ଲୋକ ଦେଖିଲାମାତ୍ରେ ବିଷବୋଳା ତୀର ମାରନ୍ତି ! ମୋଟେ ଲୋକଙ୍କ ସହ ମିଶନ୍ତି ନାହିଁ । ଅବିନାଶ ଏମିତି ନାଚ ଦେଖି ବିଶ୍ୱାସ କରିପାରିଲାନି । ଆଉ ସବୁ ଆଗରୁ ଜାଣି ଏ ଦଳ ଜାରୱାଙ୍କୁ ଦେଖାକରିବାକୁ ଚାହିଁଲେ । ତା'ପରେ ଏବେ ନାଚୁଛନ୍ତି । ଅବିନାଶ ଏମିତି ନାଚଦେଖି ନିଜ ଭିତରେ ଉତ୍ସାହ ଅନୁଭବ କରୁଥିଲା । ଲୁଲୁବାୟ୍ଯା ଗୀତ । 'ଓ-ଲେ-ଲେଲେ-ଓ- ଓ-ଲେ- ଲୋ-ଏ-ଏ' ଧୂନ ।

ଜାରୱାଙ୍କୁ ଲୁଲୁବାୟ୍ଯା ଗୀତ ଦରକାର ।- ସେ ମନକୁ ମନ କହିଲା । ଆଉ ତା' ଆଗରୁ ସବୁ ଦୃଶ୍ୟ ଉଭେଇଗଲା ଆଉ ଆଗରେ ବାଲିରେ ଏକ ଓଜନିଆ ପାଦଛାପ ପୁଣି ପଡିଗଲା । ତା' ସାଙ୍ଗରେ ସମୁଦ୍ର ଆଡୁ ଭାସି ଆସୁଥିବା ଗଭୀର ସ୍ୱର ଥିଲା ।

ଆମ ଆସିବା ଦିନଠାରୁ ଚେଷ୍ଟା ତ ଥିଲା । ଏକ ନୂଆ ମଣିଷକୁ ଖୋଜିବା ଆଉ ତା'କୁ ନିଜ ହିସାବରେ ତିଆରି ଏକ ଆମର ଭଲ ଦୁନିଆକୁ ନେଇଆସିବା । ଜାଣିଛ ଟପସିର କଥା । ବ୍ରିଟିଶ ଶାସନର ହୁକୁମ । କିଛି ଜାରୱାଙ୍କୁ ଧରି ପରିବର୍ତ୍ତନ କରିବାକୁ ପଡ଼ିବ, ସେମାନଙ୍କ ଆକ୍ରମଣାତ୍ମକ ପ୍ରବୃତ୍ତି କମାଇବାକୁ ପଡ଼ିବ । ପ୍ୟୁନିଟିଭ ଆକ୍ସନ ପରେ ବହୁତ କିଛି ପରିବର୍ତ୍ତନ ତ ଘଟିଲାନି । ଗ୍ରେଟ ଆଣ୍ଡାମାନିଜ ଗ୍ରୁପ ଭଳି ଏମାନଙ୍କୁ ପରିବର୍ତ୍ତନ କରାଇବା ଆବଶ୍ୟକ ।- ବୁଢା ସର୍ଦ୍ଦାର ପାଖରୁ କହି ଟିକେ ରହିଗଲେ ।

ଟପସି । କାହା ନାଁ ? - ଅବିନାଶ କିଛି ଜାଣିନଥିଲା । ସେ ଅବିନାଶ ସମୁଦ୍ର କୂଳକୁ ଅନାଇଲା । ଅନେକ ଦୂରରେ କିଛି ଏବେକାର କପଡାପିନ୍ଧା ଲୋକ ଅଛନ୍ତି । ସେମାନେ ସମୁଦ୍ରକୂଳ ବୁଲିବାକୁ ଆସିଛନ୍ତି । ବାଲିରେ କେତେଜଣ ଦୌଡାଦୌଡି କରୁଥିଲେ । କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛୁଆ ହୋଇପାରନ୍ତି, ବାଳୁତ ବୟସରେ ମଣିଷ କ'ଣପାଇଁ ଏତେ ଦୌଡେ ଯେ? ସେମାନଙ୍କ ପଛପଟେ ଗାଢ ସବୁଜିଆ ଜଙ୍ଗଲ, କିଛି ଖୋଲା ଜାଗା ଦିଶୁନି ଆଉ ଆଗରେ ନୀଳ ସମୁଦ୍ର । ଅବିନାଶର ଏକ ପୁରୁଣା ରେଖା ଚିତ୍ର ମନେପଡିଗଲା । ରଙ୍ଗକୁ ଏକ ସରୁ ତୂଳୀରେ ଯେମିତି କିଏ ଧଳା ସମୁଦ୍ର କୂଳରେ ନେସି ଦେଉଛି ।

୧୯୩୭ ମସିହା । ହଁ ମସିହା ମୋର ସ୍ୱଷ୍ଟ ମନେ ଅଛି ।– ସେ କହିଲେ । ଅବିନାଶର କେବଳ ଶୁଣିବାକୁ ଥିଲା । ଆଜିକୁ ପାଖାପାଖି ନବେ ବର୍ଷ ତଳର କଥା ।

ଆଣ୍ଡାମାନରେ ଥିବା ପଞ୍ଜାବ ପୁଲିସ କେତେଜଣ ଜାରୱାଙ୍କୁ ବାରାଟାଙ୍ଗ ଅଂଚଳରେ ଧରିବାକୁ ଚେଷ୍ଟା କଲା । ଅଧିକାଂଶ ଖସି ପଳାଇଲେ ଆଉ ଏକ ଜାରୱା ମହିଳା ଆଉ ତା'ର ୪ ଜଣ ପୁଅ ଝିଅ ଧରାପଡିଗଲେ । ଗୋଟିଏ ଝିଅର ନାମ ଟପସି ଦିଆଗଲା ଆଉ ତା'କୁ ପୋର୍ଟବ୍ଲେଆର ଅଣାଗଲା । ପରେ ତା'କୁ ବିଶପ ରିଚାର୍ଡସନ କାର ନିକୋବର ନେଇଗଲେ ଆଉ ସେ ସେଠାରେ ଏକ ନିକୋବରୀ ପୁଅକୁ ବାହା ହେଲା । ସେମାନଙ୍କର ଅନେକ ପିଲାଝିଲା ହେଲେ । ଟପସି ଅନେକ ବର୍ଷ ତଳେ ମରିଗଲାଣି । ଟପସିର ଭାଇକୁ ରାଞ୍ଚି ପାଠ ପଢେଇବା ପାଇଁ ପଠାଗଲା । କିନ୍ତୁ ସେ ମରିଗଲା ।

ଗୋଟିଏ ଜାରୱା ଝିଅକୁ ସେହି ସମୟରେ ବ୍ରିଗେଡିଅର ଫ୍ରାନସିସ ଫେରାରଗଞ୍ଜ ଅଞ୍ଚଳର ଅନିକେଟ ଗ୍ରାମରେ ରଖେଇଲେ । ସେ ଝିଅଟି କିଛି ହିନ୍ଦି ଶିଖିଗଲା ଆଉ ବ୍ରିଗେଡିଅରଙ୍କ ଅଫିସରେ କାମ କରିବାକୁ ଲାଗିଲା । ବ୍ରିଗେଡିଅରଙ୍କ ଉଦ୍ଦେଶ୍ୟ ଥିଲା ଝିଅଟି ବାହାର ପରିବେଶ ସହ ପରିଚିତ ହେଉ । କିନ୍ତୁ ତା'କୁ ଯେବେ ପଚରାଗଲା ସେ ଫେରିଯିବାକୁ ଚାହୁଁଛି କି ରହିବାକୁ ଚାହୁଁଛି, ସେ ଜଙ୍ଗଲକୁ ଫେରିଯିବାକୁ କହିଲା । ତା'କୁ ତା'ର ଜଙ୍ଗଲ ଭିତରେ ଥିବା ପରିବାର ପାଖରେ ପହଞ୍ଚାଇଦିଆଗଲା ।– ସେ ବୁଢାଙ୍କର ସ୍ୱର ପବନ ସହ ଯେମିତି ସମୁଦ୍ର ଭିତରୁ ବାହାରି ଆସୁଥିଲା ।

ଅବିନାଶକୁ କୂଳରେ କିଛି ହସୁଥିବା କଳା ଲୋକ ଦେଖାଯାଉଥିଲେ । ନାଚୁଥିବା,

Listen to Odia Podcast Original at https://youtube.com/@drjyotiprasad

ହସୁଥିବା ଲୋକ, ଆଉ ସେମାନେ ଏତେ ଭୟଙ୍କର ଯେ ଇଂରେଜମାନେ ସେମାନଙ୍କୁ ଶତଚେଷ୍ଟା ସତ୍ତ୍ୱେ ଦମନ କରିପାରିଲେନି । ଅବିନାଶକୁ ଲାଗିଲା ଯେମିତି ତା' ଉପରେ ଏକ ଲମ୍ବା ଆକାଶର ଛାଇ ପଡିଛି । ସେ ଛାଇ କେଉଁଠୁ ଆରମ୍ଭ ହୋଇଛି ଜଣାଯାଉ ନାହିଁ । ମନକୁ ମନ ଉପରର ଛାଇ ଚାଲିଯିବ । କିଛି ଅପେକ୍ଷାର ଆବଶ୍ୟକତା ଅଛି । ଏବେ ଦୂରରେ ନାଚୁଥିବା ନେସା ରଙ୍ଗ ଭଳି ଲାଗୁଥିବା ଲୋକମାନଙ୍କୁ ଦେଖି ସେ ଟିକେ ଦାର୍ଶନିକ ହୋଇଗଲା ଆଉ ନିଜ ମନରେ କିଛି କବିତାର ଧାଡି ନେଇ ଆସିଲା ।

ମୋ ଦିନ ବିତାଇ ଦିଏ ତୁମକୁ ଅପେକ୍ଷା କରି଼ି, ଲୋକ ଗହଳିରେ ନିରନ୍ତର ଖୋଜି; ତୁମ ମୁହଁ ଦେଖା କି ଯାଆନ୍ତା । ନିଶ୍ୱାସ ମୁଁ ନେଇତ ପାରେନା, ଯେତେବେଳେ ମୋ ଆତ୍ମାକୁ ବାନ୍ଧିନିଅ ତୁମ ନିବିଡ ଦୃଷ୍ଟି ବନ୍ଧନରେ ।- ଅବିନାଶ ନିଜ ଭିତରେ ସେମାନଙ୍କ ପାଇଁ ଏକ କବିତା ଆବୃତ୍ତି କରୁଥିଲା । ଦିନ ବିତିଯାଏ ଅପେକ୍ଷା କରିକରି । ସତରେ କଥାଟା ତ ସତ । ଦିନ ବିତିଯାଉଛି । ତା'କୁ ଲାଗୁଥିଲା ଏ ବୁଢାଙ୍କର ଦିନ ସେମିତି ବିତିଯାଇଥିବ ।

ଆଉ କେମିତି ବିତିଗଲା ?- ଅବିନାଶ ହଠାତ୍ ନିଜ ଆତ୍ମବିସ୍ମୃତିରୁ ବାହାରି ପଚାରିଲା ।

ଜାରୱାମାନେ ସାଧାରଣ ଲୋକଙ୍କ ସହ ମିଶିଲେନି । କିନ୍ତୁ ଆଣ୍ଡାମାନ ଓ ନିକୋବର ଦ୍ୱୀପ ଶାସନ ତରଫରୁ ଜାରୱାଙ୍କ ସହ ସଂମ୍ପର୍କ ପାଇଁ ଚେଷ୍ଟା ଜାରି ରହିଥିଲା । ୧୯୭୮ ମସିହାରେ ଜାରୱାମାନେ ଟିକିଏ ବନ୍ଧୁଭାବ ବ୍ୟବହାର ଦେଖାଇବାକୁ ଲାଗିଲେ ।

ଆପଣ ମୁଖ୍ୟ ପୁରୋଧା ଥିଲେ । ଜୀବନ ଅର୍ଥ ତ ଅନ୍ୟ ପାଇଁ ସାମାନ୍ୟ ଭାବ ଆଉ ଲାଗୁଛି ଆପଣଙ୍କର ଜାରୱାମାନଙ୍କ ସଂମ୍ପର୍କ ପାଇଁ ଯେମିତି ଗଢା ହୋଇଛି ।- ଅବିନାଶ କହିଲା ।

Listen to Odia Podcast Original at https://youtube.com/@drjyotiprasad

ସମୁଦ୍ରକୂଳରେ ଅବିନାଶ ଆଉ ସେ ବୁଢା କିଛି ସମୟ ଚୁପଚାପ ଠିଆହେଲେ । ବୁଢାଙ୍କର ରୂପ ଏକ ଅସ୍ପଷ୍ଟ ଛାଇ ଭଳି ଲାଗୁଥିଲା । ଯେହେତୁ ସେ ଏବେ ଚାଲୁନଥିଲେ ତେଣୁ ତାଙ୍କ ପାଦଛାପ ଦେଖାଯାଉନଥିଲା । ତା'ପରେ କିଛି ସମୟପରେ ସେ ନିଜ ହାତକୁ ସିଧା କରି କାନ୍ଧ ପାଖରେ ଏକ ବାଡି ଭଳି ହଲାଇବାକୁ ଲାଗିଲେ । ତା'ପରେ ଏପଟ ସେପଟ ହୋଇ ନାଚିବାକୁ ଲାଗିଲେ ଆଉ ଏକ ବର୍ଚ୍ଛା ଫୋପାଡିବାର ଅଭିନୟ କଲେ । ଏକ ତୀର ମାରିବାର ଅଭିନୟ କଲେ ଏବଂ ମନଖୋଲା ହସିଲେ । ଅବିନାଶ କିଛି ବୁଝିପାରୁନଥିଲା, କିନ୍ତୁ ଏମିତିଆ ନାଚ ଦେଖି ଆଉ ହସର ଶବ୍ଦ ଶୁଣି ତା' ମୁହଁ ଉଜ୍ଜ୍ୱଳ ହୋଇଉଠିଲା ।

ଆପଣ ବେଶ ଅଭିନୟ କରିପାରନ୍ତି ତ ? -ଅବିନାଶ ନିଜ ମନ୍ତବ୍ୟ ଦେଲା ।

ବିଶ୍ୱାସ ଦେବାପାଇଁ ଅଭିନୟ କରିବାକୁ ପଡେ । ୧୯୪୭ ମସିହା ଭାରତ ସ୍ୱାଧୀନ ହେବା ପରେ ବୃଶ ପୁଲିସଙ୍କୁ ଜାରଓ୍ୱାଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ କୁହାଗଲା । ଏକ ପୁଲିସକୁ ଗୁଳି ମାରିବାକୁ କୁହାଗଲାନି । କଥାଟା କେମିତି ନାଟକୀୟ ଥିଲା । ଆଉ ଅଭିନୟଟା ଭଲ ମଧ୍ୟ କେତେଯାଗାରେ ହୋଇଥିଲା ।– ସେ କହି ଟିକେ ଅଟକିଗଲେ । ତା'ପରେ ପୁଣି ନିଜ ହାତକୁ ଆଗଭଳି ହଲାଇ ନାଚିବାକୁ ଲାଗିଲେ । ଅବିନାଶ ତାଙ୍କର ଏମିତି ଅଭିନୟ ଦେଖି ଆମୋଦିତ ହେଉଥିଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆମେରିକା ଭ୍ରମଣ କାହାଣୀ

ଶିବନାରାୟଣ ଦାସ



ଫେବୃଆରୀ ୩ ତାରିଖ ରାତି ୧୦ଟା ବେଳେ ଚେନ୍ନାଇ ବିମାନ ବନ୍ଦରରୁ ପ୍ରସ୍ଥାନ କରି ଯେତେବେଳେ ୪ ତାରିଖ ସକାଳ ୯ଟା ୩୦ ମିନିଟ ସମୟରେ ୱାସିଂଟନର ଡ଼ଲାସ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନ ଅବତରଣ କଲା, ପ୍ରଥମଥର ପାଇଁ ପ୍ରକୃତିସ୍ଥ ହେଲି ସମୟର ଆନ୍ତର୍ଜାତିକ ମାନଦଣ୍ଡ ଉପରେ । ଚେନ୍ନାଇ ଏବଂ ୱାସିଂଟନ ବିମାନ ବନ୍ଦରର ମଝିରେ ଆବୁଧାବି ବିମାନ ବନ୍ଦରରେ ବିମାନ ବଦଳି ହେବାର ୨:୩୦ ଘଣ୍ଟା ଲେ-ଓଭର ସମୟକୁ ମିଶାଇ ମୋଟ ଯାତ୍ରା ସମୟ ୨୨ ଘଣ୍ଟା ହୋଇଥିଲେ ମଧ୍ୟ ବିମାନର ପ୍ରସ୍ଥାନ ଓ ଆମେରିକାରେ ଅବତରଣ ସମୟ ଭିତରେ ପାର୍ଥକ୍ୟ ଥିଲା ମାତ୍ର ୧୧:୩୦ ଘଣ୍ଟା । ଏ ରହସ୍ୟରୁ ପରଦା ଉଠାଇଲେ ବିମାନ ପରିଚାରିକା, ଯେତେବେଳେ ସେ ଆମ୍ଭମାନଙ୍କୁ ସ୍ଥାନୀୟ ସମୟ ହିସାବରେ ନିଜ ନିଜ ଘଣ୍ଟା ଆଡ଼ଜଷ୍ଟ କରିବାପାଇଁ ସହାସ୍ୟ ବଦନରେ ଅନୁରୋଧ କଲେ । ଆମେରିକା ପ୍ରାୟ ୫୦୦୦ ମାଇଲ ଭାରତର ପୂର୍ବରେ ଥିବାରୁ ଏଠିକାର ସ୍ଥାନୀୟ ସମୟ ଭାରତ ଠାରୁ ୧୦:୩୦ ଘଣ୍ଟା ପଛୁଆ । ଅର୍ଥାତ ଆମେ ଯେତେବେଳେ ୪ ତାରିଖ ସକାଳ ୯:୩୦ରେ ଆମେରିକାରେ ଅବତରଣ କରିଥିଲୁ, ଭାରତରେ ସେତେବେଳେ ସମୟ ସନ୍ଧ୍ୟା ୮ଟା ।

ଆମକୁ ପାଛୋଟି ନେବାପାଇଁ ଝିଅ ଆସି ଆଗତୁରା ଡ଼ଲାସ ଏୟାରପୋର୍ଟରେ ଉପସ୍ଥିତ ଥିଲା । ଆମେରିକାରେ ପ୍ରବେଶ କରିବା ପାଇଁ ଥିବା ଇମିଗ୍ରେସନ ପ୍ରସେସ ଆବୁଧାବି ବିମାନ ବନ୍ଦରରେ ସମାପ୍ତ ହୋଇଯାଇଥିବାରୁ, ଆଉ କୌଣସି ଅସୁବିଧା ବା ବିଳମ୍ବର ସମ୍ଭାବନା ନ ଥିଲା ଓ ଆମେ ତୁରନ୍ତ ଚେକ-ଇନ ବ୍ୟାଗେଜ ସଂଗ୍ରହ କରିବାପାଇଁ

Listen to Odia Podcast Original at https://youtube.com/@drjyotiprasad

ଆଗେଇଲୁ । ଫେବୃଆରୀ ମାସ ଏଠି ଶୀତ କାଳର ଶେଷ ପ୍ରାନ୍ତ ହେଲେ ମଧ୍ୟ, ବାହାରର ତାପମାନ ଥିଲା -୧୦ ଡିଗ୍ରୀ ସେଣ୍ଟିଗ୍ରେଡ଼ । ଝିଅ ଲମ୍ବା ଓଭର କୋଟଟିଏ ପିନ୍ଧି ଆସିଥାଏ ଏବଂ  ମୋ ପାଇଁ ଓ ତା' ମା ପାଇଁ ମଧ୍ୟ ଆଣିଥାଏ ଦୁଇଟି ଓଭର କୋଟ । ଯଥା ଶୀଘ୍ର ଓଭର କୋଟ ଦୁଇଟି ପିନ୍ଧି କନଭେୟର ବେଲ୍ଟରୁ ଚେକ-ଇନ ବ୍ୟାଗେଜ ସଂଗ୍ରହ କଲା ପରେ ଆରମ୍ଭ ହେଲା ଆମର ଯାତ୍ରା ଗୃହ ଅଭିମୁଖେ । ଝିଅ କାର ଡ୍ରାଇଭ କରୁଥାଏ ଓ ଆମକୁ ପରିଚୟ କରାଇ ଦେଉଥାଏ ବାଟରେ ପଡୁଥିବା ପ୍ରଧାନ ପ୍ରଧାନ ସ୍ଥାନମାନଙ୍କ ସହ । ରାସ୍ତାର ଦୁଇ ପାଖ ଓ ଚତୁର୍ଦ୍ଦିଗରେ ଗଦା ଗଦା ବରଫ ସ୍ତୁପ ଶୁଭ୍ର ଚାଦର ପରି ବିଛାଇ ହୋଇ ପଡ଼ିଥାଏ । ଗଛ, ଲତା, ଘରର ଛାତ, ବିସ୍ତିର୍ଣ ପ୍ରାନ୍ତର ଓ ବାଡ଼ି ବଗିଚା ସମସ୍ତ କିଛି ବରଫାବୃତ । ଏପରିକି ପାଖରେ ଥିବା ଛୋଟ ଛୋଟ ଜଳାଶୟଗୁଡିକ ମଧ୍ୟ ବରଫ ପାଲଟି ଯାଇଥାଏ । ଏପରି ଦୃଶ୍ୟ ଭାରତ ବର୍ଷର କାଶ୍ମୀର ଅଥବା ଲଦାଖ ସୀମାନ୍ତରେ ଦେଖିବାକୁ ମିଳିଥାଏ ।

ପ୍ରାୟ ଘଂଟାକର ଡ୍ରାଇଭ ପରେ ଆର୍ଲିଂଟନରେ ଝିଅ ଘରେ ପହଂଚିଲୁ । ଘର ଭିତରେ piped duct ଦ୍ୱାରା cooling ଏବଂ heating mechanism ଉଭୟର ସୁବ୍ୟବସ୍ଥା ଥାଏ । ଆମେରିକାରେ ଘରମାନଙ୍କରେ ଏହା ଏକ ଅତି ସାଧାରଣ ସୁବିଧା । ଆମେମାନେ ଆସିବୁ ବୋଲି ଝିଅ ସକାଳୁ ଉଠି ରୋଷେଇ-ବାସ ମଧ୍ୟ କରିଥାଏ । ଯଥା ଶୀଘ୍ର ଗାଧୁଆ ପାଧୁଆ ସାରି ଖାଇ ବସିଲୁ । ଦୀର୍ଘ ସମୟର ବିମାନ ଯାତ୍ରା ପରେ ଝିଅର ହାତରନ୍ଧା ଭାତ, ଡ଼ାଲମା ଖାଇ ଅମୃତ ପରି ଲାଗିଲା । ଅଇଁଠା ବାସନ କୁସନ dish-washerରେ ଭରିଦେଇ ଝିଅ ମେସିନ ଚଳାଇଦେଲା ଓ ଆମେ ଦୁଇଜଣ ମଧ୍ୟ ଦୀର୍ଘ ପଥଶ୍ରାନ୍ତି ଜନିତ କ୍ଲାନ୍ତି ଯୋଗୁ ଶୋଇବାକୁ ଚାଲିଗଲୁ ।

ନିଦ ଭାଙ୍ଗିଲା ବେଳକୁ ସଞ୍ଜ ହୋଇ ଆସିଲାଣି । ଝିଅ laptop ଧରି ତା କାମରେ ବ୍ୟସ୍ତ ଥାଏ । ଝିଅର ଏ ଘରଟି leased/rented ହୋଇଥିଲେ ମଧ୍ୟ ଏହା ଭିତରେ ସମସ୍ତ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ପ୍ରକାର ସୁବ୍ୟବସ୍ଥା ଥାଏ । ଆମ ଦେଶରେ ଯେପରି ଘରଟିଏ ଭଡା ନେଲେ, ଭଡାଟିଆକୁ ହିଁ ଘରର ସମସ୍ତ ପ୍ରକାର ବାସୋପଯୋଗୀ ବନ୍ଦୋବସ୍ତ କରିବାକୁ ହୋଇଥାଏ, ଆମେରିକାରେ କିନ୍ତୁ ସେମିତି ନୁହେଁ । ଏସବୁ ଦିଗରେ ଏଠାକାର ନିୟମ କାନୁନ କିନ୍ତୁ ଖୁବ ଭଲ । ଆମେରିକାରେ ଘରଟିଏ ଭଡା ଦେବାକୁ ହେଲେ ଘର ଭିତରେ ସମସ୍ତ ପ୍ରକାର ପ୍ରୟୋଜନୀୟ home appliances / gadgets ରହିବା ଆବଶ୍ୟକ, ଯାହା ବ୍ୟତିରକେ ଘର lease/rent out କରିହେବ ନାହିଁ । ଯେମିତିକି ଝିଅ ଘରେ ଆମେ ଦେଖିବାକୁ ପାଇଲୁ ଶୀତ ଦିନ ପାଇଁ heating ଓ ଖରା ଦିନ ପାଇଁ cooling ବାୟୁ ସଂଚାଳନର ବ୍ୟବସ୍ଥା, ର୍ରେଫ୍ରିଜେରେଟାର, କୁକିଙ୍ଗ ରେଞ୍ଜ, ମାଇକ୍ରୋୱେଭ, ଡ଼ିସ-ଓଆସର, କଫି-ମେକର, ମିକ୍ସର-ଗ୍ରାଇଣ୍ଡର, ଓଆସିଂ-ମେସିନ ଇତ୍ୟାଦି ଇତ୍ୟାଦି । ଏ ସମସ୍ତ କିଛି house-owner ହିଁ ଯୋଗାଇ ଦେଇଥାନ୍ତି, କାରଣ ଆମେରିକାରେ ଏସବୁକୁ ଦୈନନ୍ଦିନ ଜୀବନ ଯାତ୍ରାର ଏକ ଆବଶ୍ୟକୀୟ ଅଙ୍ଗ ଭାବରେ ଗଣା ଯାଇଥାଏ, ଭାରତ ପରି ବିଳାସ-ବ୍ୟସନର ସାମଗ୍ରୀ ଭାବେ ନୁହେଁ ।

ଏଠାରେ କହି ରଖେ ଯେ ଆମେରିକାରେ ଆମ ଭାରତ ବର୍ଷ ପରି ଘରେ କାମ କରିବା ପାଇଁ ଚାକର / ବାକର ମିଳନ୍ତି ନାହିଁ । ଏଠାରେ ସେପ୍ରକାର ପ୍ରଚଳନ ନ ଥିବାରୁ, ଲୋକମାନେ ନିଜେ ହିଁ ନିଜର ଦୈନନ୍ଦିନ କାମ କରିବାକୁ ପସନ୍ଦ କରନ୍ତି । ସେହି କାରଣରୁ ବାସନ ଧୋଇବା ପାଇଁ ଡ଼ିସୱାସର ଓ ଲୁଗା ସଫା କରିବା ପାଇଁ ୱାସିଂ-ମେସିନର ପ୍ରଚଳନ ପ୍ରତି ଘରେ ଅତି ସାଧାରଣ କଥା । ଡ଼ିସ-ୱାସରରୁ ବାସନ ଗୁଡିକ ପରିଷ୍କାର ହୋଇ, heating mechanism ଦ୍ୱାରା ଶୁଖିଲା ହୋଇ ବାହାରି ଆସେ । ଠିକ ସେହିପରି, ଆମେରିକାରେ ଘରେ ବା ବାଲକୋନୀରେ ଓଦା ଲୁଗା ଶୁଖାଇବାର ନିୟମ ନ ଥିବାରୁ, ଏଠାରେ ବ୍ୟବହାର କରାଯାଉଥିବା ୱାସିଂ-ମେସିନ ଗୁଡିକ two-tier. ଅର୍ଥାତ ମେସିନର ତଳ ଚାମ୍ବରରେ ଲୁଗା ଧୁଆ ହୋଇଗଲା ପରେ ସେଗୁଡିକ ଉପର ଚାମ୍ବର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(Drier)ରେ ରଖିଦେଲେ କିଛି ସମୟ ପରେ ଲୁଗା ପଟା ସମ୍ପୂର୍ଣ୍ଣ ଶୁଖିଲା ହୋଇ ବାହାରି ଆସେ । ଉପରନ୍ତୁ ଘର ଝାଡୁ କରିବା ଓ ପୋଛିବା ପାଇଁ ଏଠାରେ ଘରେ automatic mopping machine / Robotର ବ୍ୟବହାର କରିଥାନ୍ତି । ଏହା ଏକ ଗୋଲାକୃତି equipment ଯାହାକୁ ଘରର ପ୍ରତି କୋଠରି ସହ ମ୍ୟାପିଂ କରି ପ୍ରୋଗ୍ରାମିଙ୍ଗ କରିଦେଲେ ଏହି ରୋବଟ ଘରକୁ ପରିଷ୍କାର କରି ପାଣି ଓ ଡେଟରଜେଣ୍ଟ ସହ ପୋଛି ମଧ୍ୟ ଦେଇଥାଏ । ନିଜ କାମ ନିଜେ କରିବାକୁ ପଡୁଥିବାରୁ, ଏଠିକା ଲୋକମାନେ ଶାରୀରିକ ଭାବେ ସୁସ୍ଥ ଓ ମାନସିକ ଭାବେ ସ୍ଫୂର୍ତ୍ତିମାନ୍ ରହନ୍ତି ।

କଫି ପିଇ ଟିକିଏ ସତେଜ ହେଲା ପରେ ଭାବିଲି ବାହାରେ ଯାଇ ଟିକିଏ ବୁଲି ଆସେ । ଚାଲି ଚାଲି ବେଶ କିଛି ଦୂର ଗଲା ବେଳେ ଦେଖୁଥାଏ ଏଠାକାର ପରିଷ୍କାର ପରିଚ୍ଛନ୍ନ ରାସ୍ତା-ଘାଟ ଓ ଆର୍ଟିଷ୍ଟର ଚିତ୍ରପଟ ପରି ସୁନ୍ଦର, ସମାନ୍ତରାଳ ଘରଗୁଡିକୁ । ବାସ୍ତବିକ ଆମ ଦେଶରେ ଏସବୁ କିଛି କଳ୍ପନାର ବାହାରେ । ଆମ ଦେଶରେ ଯେପରି ପରିକଳ୍ପନା ବିହୀନ ଭାବେ ଘରଗୁଡ଼ିକ ଇତସ୍ତତଃ ଭାବେ ଗଢି ଉଠିଥାଏ ଓ ବେଆଇନ ନିର୍ମାଣ ମାନ ଦେଖାଯାଇଥାଏ, ଆମେରିକାରେ ସେସବୁର ଚିହ୍ନ-ବର୍ଣ୍ଣ ନଥାଏ । ଏଠାରେ ପ୍ରତିଟି ଘର ଯେ କେବଳ ସମ୍ପୂର୍ଣ୍ଣ ଆଇନ ସମ୍ମତ ଭାବେ ଗଢି ଉଠିଥାଏ ତାହା ନୁହେଁ ବରଂ ଘରଗୁଡ଼ିକ ସୁସଙ୍ଗଠିତ ଏବଂ ସୁପରିକଳ୍ପିତ ନକ୍ସା ଦ୍ୱାରା ସୁବିନ୍ୟସ୍ତ ଭାବେ ତିଆରି ହୋଇଥିବାରୁ ଚିତ୍ରପଟ ପରି ସୁଦୃଶ୍ୟ ହୋଇଥାଏ ।

ଆମ ଦେଶର ଘର ମାନଙ୍କ ପରି ଆମେରିକାର ଘର ଗୁଡିକ ଇଟା ସିମେଣ୍ଟରେ ଗଢା ନୁହେଁ । ଏଠିକାର ସମସ୍ତ ଘର: Independent Bungalow ହେଉ ଅଥବା Apartment ହେଉ, ସମସ୍ତ କିଛିର basic skeletal framework ହେଉଛି କାଠ । ଘରର କାନ୍ଥ, ଚଟାଣ ଏବଂ ଛାତ ଗୁଡିକ ମଧ୍ୟ କାଠରେ ହିଁ ତିଆରି ହୋଇଥାଏ । ସମ୍ପୂର୍ଣ୍ଣ ଘରଟି କାଠରେ ତିଆରି ସରିଲା ପରେ, ତା'ର external finishing ପାଇଁ vinyl, fiber ce-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ment ଏବଂ ଇଟା ଅଥବା ପଥର ବ୍ୟବହାର କରାଯାଇଥାଏ । ଠିକ ସେହିପରି interior finishing ପାଇଁ gypsum ବ୍ୟବହୃତ ହୋଇଥାଏ ।

ବର୍ଷରେ ଚାରିମାସ ବରଫପାତ ହେଉଥିବା ଯୋଗୁ, ଘରର ଛାତଗୁଡ଼ିକ ସମତଳ ନ ହୋଇ slanting ହୋଇଥାଏ । ଘରର ମୁଖ୍ୟ ଦ୍ୱାର ଓ ଘର ଭିତରେ ଥିବା ପ୍ରକୋଷ୍ଠ ଗୁଡିକର ଦ୍ୱାର ଭିତରୁ ବନ୍ଦ କରିବାପାଇଁ ଶିକୁଳି ନ ଥାଏ ବରଂ ଶିକୁଳି ସ୍ଥାନରେ ରହିଥାଏ spring latch ବା dead latch । ଯଦି କୌଣସି କାରଣରୁ ଘରେ ନିଆଁ ଲାଗିଯାଏ ଅବା କୌଣସି ଅସହାୟ ବୟସ୍କ ବ୍ୟକ୍ତି ଘର ଭିତରୁ ବାହାରି ନ ପାରେ, ସୁରକ୍ଷା କର୍ମୀ ମାନଙ୍କ ଦ୍ୱାରା ସେମାନଙ୍କୁ ଶୀଘ୍ର ଉଦ୍ଧାର କରିବାପାଇଁ ଆମେରିକାର ଘର ଗୁଡିକରେ ଏପରି ଶିକୁଳି-ବିହୀନ ବ୍ୟବସ୍ଥା ଆଇନତଃ ବାଧ୍ୟତାମୂଳକ ବୋଲି ଜାଣିବାକୁ ପାଇଲୁ ।

ପ୍ରତିଟି ଘର ଆଗରେ ଥାଏ ସୁନ୍ଦର ଘାସର lawn ଏବଂ ଘଂଚ ଝଙ୍କାଳିଆ ଫୁଲ ଗଛ ମାନ, ଯାହାକୁ ଆମେ ଆମ ଦେଶରେ ବଗିଚା ବୋଲି କହୁ । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ଏଠି ଘର ଆଗରେ ଥିବା ବଗିଚା ଗୁଡ଼ିକର ଚାରିପାଖେ କୌଣସି କଣ୍ଟାବାଡ଼ ବା fencing ନ ଥାଏ । କହିବାକୁ ଗଲେ ଏହା ଏକ ପ୍ରକାର ମୁକ୍ତ ପ୍ରାଙ୍ଗଣ ବା open garden । ଆପଣମାନେ ଭବୁଥିବେ ଏମିତିକା ଖୋଲା ବଗିଚା ଗୁଡ଼ିକତ ନିଶ୍ଚିତ ଭାବେ ଜୀବଜନ୍ତୁଙ୍କ ଠାରୁ ନିରାପଦ ନ ଥିବ । କିନ୍ତୁ ନା ! ସେ ପ୍ରକାର କୌଣସି ଭୟ ଏଠାରେ ନ ଥାଏ ଯେହେତୁ ଏଠାରେ ଗାଈ-ଗୋରୁ, ଛେଳି-ମେଣ୍ଢା ବା ବୁଲା କୁକୁର ଆଦି ରାସ୍ତା-ଘାଟରେ ଆଦୌ ଦେଖିବାକୁ ମିଳି ନଥାଏ କାରଣ ଜୀବଜନ୍ତୁଙ୍କୁ ଖୋଲା ଛାଡିବା ଏଠାରେ ଆଇନତଃ ନିଷିଦ୍ଧ । ଠିକ ସେହିପରି ବଗିଚାରେ ବା ରାସ୍ତା ଉଭୟ ପାର୍ଶ୍ୱରେ ଥିବା ଫୁଲଗଛ ମାନଙ୍କରୁ ଫୁଲ ତୋଳି ଗଛ ଗୁଡ଼ିକୁ ଶ୍ରୀହୀନ କରିବା ମଧ୍ୟ ଆଇନତଃ ନିଷିଦ୍ଧ । ଏସବୁ କେବଳ ଆଇନତଃ ନିଷିଦ୍ଧ ନୁହେଁ ବରଂ ନିୟମର ଉଲ୍ଲଙ୍ଘନ ଦଣ୍ଡନୀୟ ମଧ୍ୟ । ଏବଂ ଆମେରିକାବାସୀ ସ୍ୱତଃ ପ୍ରବୃତ୍ତ ଭାବେ ଓ ଗର୍ବର ସହ ଆଇନର ସମ୍ମାନ କରିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂଗେ ସଂଗେ ନିଜ ଦେଶକୁ ଭଲ ପାଉଥିବା ହେତୁ ଏଠାରେ ଥିବା ମୁକ୍ତ ପ୍ରାନ୍ତର, ବଗିଚା, ପାର୍କ ତଥା ରାସ୍ତାଘାଟର ଦୁଇ ପାର୍ଶ୍ୱରେ ଭଳିକି ଭଳି ଫୁଲଗଛ ମାନଙ୍କର ଶୋଭା କେବଳ ମନ-ମୁଗଧକାରୀ ନୁହେଁ ବରଂ ଅତୀବ ଆକର୍ଷଣୀୟ ଓ ନିଆରା ।

ଏଥର ଆସୁଛି ଆମେରିକାର ରାସ୍ତା-ଘାଟ ଓ ପରିସ୍କାର ପରିଛନ୍ନତା ଉପରକୁ । ପରିସ୍କାର ପରିଛନତା ଦିଗରେ ଆମେରିକା ବାସୀଙ୍କର ତୁଳନା ନାହିଁ । ଏଠାରେ ଘରେ ବାହାରେ ରାସ୍ତା-ଘାଟ ଠାରୁ ଆରମ୍ଭ କରି, ପାର୍କ, ବଗିଚା, Hotel/Restaurant, shopping mall ଏବଂpublic place ଆଦି ସମସ୍ତ କିଛି ସଫା ଚକ, ଚକ । ଧୂଳି-ମଳି, ଅଥବା କୌଣସି ପ୍ରକାର ଆବର୍ଜନାର ଚିହ୍ନବର୍ଣ୍ଣ ସୁଦ୍ଧା ନ ଥାଏ । ଏ ଦିଗରେ ଆଇନ-ଶୃଙ୍ଖଳାର ବ୍ୟବସ୍ଥା ତ ନିଶ୍ଚିତ ଭାବେ କାର୍ଯ୍ୟକାରୀ ରହିଛି; କିନ୍ତୁ ତା ଠାରୁ ଆହୁରି ବଡ଼ ବିଷୟ ହେଉଛି ଆମେରିକାବାସୀଙ୍କର ସୁନ୍ଦର ମାନସିକତା ଏବଂ ନିଜ ସହର ଓ ଦେଶକୁ ପରିସ୍କାର ରଖିବା ଦିଗରେ ସମ୍ପୂର୍ଣ ସଚେତ ସହଯୋଗ ।

ଆମେରିକାରେ ରାସ୍ତା-ଘାଟ ବା କୌଣସି ସ୍ଥାନରେ ମଧ୍ୟ କେହି ଆବର୍ଜନା ପକାନ୍ତି ନାହିଁ; ଏପରିକି ଛୋଟିଆ କାଗଜଟିଏ ମଧ୍ୟ ନୁହେଁ । ଏଠାରେ ରାସ୍ତାରେ ଓ ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ବଡ ବଡ Trash Box ମାନ ରଖା ହୋଇଥାଏ ଏବଂ ସମସ୍ତ ଆବର୍ଜନା ଜନ-ସାଧାରଣ ତା' ଭିତରେ ହିଁ ପକାଇଥାନ୍ତି ଯାହାକୁ ସଫେଇ କର୍ମଚାରୀମାନେ ଆସି ପ୍ରତିଦିନ ସକାଳେ ବଡ଼ ବଡ଼ Collection-Vanରେ ଉଠାଇନେଇଥାନ୍ତି ।

ପରିସ୍କାର ପରିଛନ୍ନତାର ଏତାଦୃଶ ଦୃଷ୍ଟାନ୍ତ ଯେ କେବଳ ବଡ଼ ବଡ଼ ସହର ମାନଂକରେ ଦେଖିବାକୁ ମିଳିଥାଏ ତାହା ନୁହେଁ; ଆମେରିକାରେ ଏହା ଏକ ଅସ୍ଥି-ମଜ୍ଜାଗତ ସଂସ୍କୃତି ଯାହା ଛୋଟ ଛୋଟ ସ୍ଥାନରେ ଅଥବା ଆମେରିକୀୟ ଗ୍ରାମ୍ୟ ମାନଙ୍କରେ (ଯାହାକୁ ଏଠି country side ବୋଲି କୁହାଯାଇଥାଏ) ମଧ୍ୟ ଦେଖିବାକୁ ମିଳିଥାଏ । ପରିସ୍କାର-ପରିଛନତା ଯେପରି ଏଠାରେ ଜୀବନ-ଯାତ୍ରାର ଏକ ସ୍ୱାଭାବିକ ଅଙ୍ଗ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେରିକାରେ ପ୍ରାୟ ଘରେ ଘରେ ଲୋକମାନେ କୁକୁର (Pets) ରଖିଥାନ୍ତି ଏବଂ ସକାଳେ ଓ ସଞ୍ଜ ବେଳେ ଏଠାରେ ଗୃହପାଳିତ କୁକୁର ମାନଙ୍କୁ ବାହାରକୁ ବୁଲାଇନେବାର ଦୃଶ୍ୟ ଅତି ସାଧାରଣ । କିନ୍ତୁ କୁକୁର ମାନଙ୍କୁ ଖୋଲା ଛାଡ଼ିବାର ନିୟମ ନାହିଁ । ପ୍ରତ୍ୟେକ ଲୋକ କୁକୁର ମାନଙ୍କୁ latched ବା ଶିକୁଳିବନ୍ଧ କରି ବାହାରକୁ ନେଇଥାନ୍ତି । ଏହି ସମୟରେ କୁକର ମାନେ ବାହାରେ ଝାଡ଼ା-ପରିସ୍ରା ମଧ୍ୟ କରିଥାନ୍ତି । ଦର୍ଶନୀୟ ବିଷୟ ହେଉଛି ଯେ ଲୋକମାନେ କୁକୁରମାନଙ୍କ ଶିକୁଳିକୁ ଗୋଟିଏ ହାତରେ ଧରିଥିଲା ବେଳେ ସେମାନଙ୍କର ଅନ୍ୟ ହାତରେ ଥାଏ ଛୋଟ waste-collection ପଲିଥିନ ବ୍ୟାଗଟିଏ । ଯଦି ଦୈବାତ କୁକୁର ଝାଡ଼ା କରେ ତାକୁ ଏହି ପଲିଥିନରେ ତୋଳି ପାଖରେ ଥିବା Trash Boxରେ ପକାଇବାହିଁ ନିୟମ । ସେଥିପାଇଁ ରାସ୍ତା-ଘାଟରେ କୁକୁରଙ୍କ ମଳ-ମୂତ୍ର ଦେଖିବାକୁ ମିଳି ନ ଥାଏ, ଯାହାକି ଆମ ଦେଶର ଗଳି କନ୍ଦିରେ ଏକ ସାଧାରଣ ଦୃଶ୍ୟ ।

ଏ ତ ଗଲା କୁକୁରମାନଙ୍କ କଥା; ଏପରିକି ମଣିଷ ମାନଙ୍କ କ୍ଷେତ୍ରରେ ମଧ୍ୟ ଆମେରିକାରେ ରାସ୍ତା-ଘାଟରେ ଛିଡ଼ାହୋଇ ପରିସ୍ରା କରିବା ସମ୍ପୂର୍ଣ୍ଣ ନିଷିଦ୍ଧ । ଏଠାରେ ସ୍ୱଳ୍ପ ଦୂରତ୍ୱ ଭିତରେ ସବୁ ଜାଗାରେ Public Restroom ମାନ ଥାଏ । ଝାଡ଼ା ବା ପରିସ୍ରା ଲାଗିଲେ ସେହିଠାକୁ ଯାଇ ଶୌଚ ହେବା ହିଁ ଏଠାରେ ନିୟମ । ମୋଟ ଉପରେ ରାସ୍ତା ଘାଟରେ ଯେ କୌଣସି ପ୍ରକାର Public Nuisance ନିଷିଦ୍ଧ ଓ ସମସ୍ତେ ସସମ୍ମାନେ ଏହାକୁ ପାଳନ କରିଥାନ୍ତି । ସେଥିପାଇଁ ଏହି ଦେଶ ଏତେ ପରିଷ୍କାର-ପରିଚ୍ଛନ୍ନ ଏବଂ ସମୃଦ୍ଧ ।

ବାହାରେ କିଛି ସମୟ ବୁଲି ଫେରିଲା ବେଳକୁ ପ୍ରାୟ ସମୟ ରାତି ୮ଟା ହୋଇଗଲାଣି । ଝିଅ ମଧ୍ୟ ସେତେବେଳକୁ ତା'ର ଅଫିସ କାମ ପ୍ରାୟ ସାରି ଦେଇଥାଏ । ଅତଏବ ଆମେ ସମସ୍ତେ ମିଶି ବାହାରିଲୁ ବଜାର କରିବା ପାଇଁ, କାରଣ ପରଦିନ ଝିଅର ଅଫିସ ଥିବାରୁ, ସେ ପରିବାପତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ରନ୍ଧନ ସାମଗ୍ରୀ ଆମକୁ

Listen to Odia Podcast Original at https://youtube.com/@drjyotiprasad

ଯୋଗାଇ ଦେବାପାଇଁ ଚାହୁଁଥାଏ ଯେପରିକି ଆମକୁ କୌଣସି ପ୍ରକାର ଅସୁବିଧା ନ ହୁଏ । ଏଠାକାର ବଜାର ବ୍ୟବସ୍ଥା ଆମ ଦେଶ ଠାରୁ ସମ୍ପୂର୍ଣ ପୃଥକ ହୋଇଥିବାରୁ, ଯେ କୌଣସି ନୂଆ ଲୋକପାଇଁ ପ୍ରଥମତଃ କିଛିଟା ଅସୁବିଧା ଜନକ ହୋଇଥାଏ ଏବଂ କିଛି ଦିନ ଅଭ୍ୟସ୍ତ ହୋଇଗଲା ପରେ ଏହା ବେଶ ସୁବିଧା ଜନକ ମନେ ହୋଇଥାଏ ।

କହିରଖେ ଯେ ଆମେରିକାରେ ଆମ ଦେଶ ପରି ରାସ୍ତା-ଘାଟରେ ପରିବା-ପତ୍ର ବିକ୍ରି ହୁଏ ନାହିଁ ବା ସେପରି କୌଣସି ହାଟ ଆଦି ଦେଖିବାକୁ ମିଳିନଥାଏ ଅଥବା ରାସ୍ତା ଧାରରେ ଡ଼ାଲି-ଚାଉଳ, ତେଜରାତି ଦୋକାନର ପ୍ରଚଳନ ନାହିଁ । ଏଠାରେ ପନି-ପରିବା ଠାରୁ ଆରମ୍ଭ କରି ଗ୍ରୋସରୀ ସାମଗ୍ରୀ, Milk-Products, Chicken, Meat, Fish, ଫଳ, Braed, Cakes, pizza, burger ଭଳି snacks item ଏବଂ Tea, Coffe ଓ ଅନ୍ୟାନ୍ୟ ସମସ୍ତ ପାନୀୟ, cool drinks ଆଦି  ସମସ୍ତ କିଛି ଗୋଟିଏ shopping outletରେହିଁ ମିଳିଥାଏ । ଏହିପରି ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ଯେପରି Giant, Aldi, Traders Joe ଓ Whole-Food-Mart ପରି ବଡ଼ ବଡ଼ shopping chain ମାନ ଦେଖିବାକୁ ମିଳିଥାଏ ।

ଝିଅ ଆମକୁ ନେଇଗଲା ତା ଘର ପାଖରେ ଥିବା Aldi ନାମକ Shopping Outletକୁ ଯାହା West Germany Shopping Chain ବୋଲି ଜାଣିବାକୁ ପାଇଲୁ । ସାମ୍ନାରେ ଥାଏ ବିରାଟ କାର-ପାର୍କିଙ୍ଗ । ସେଇଠି କାର ପାର୍କିଙ୍ଗ କରି ଆମେ ଓହ୍ଲାଇ ପଡ଼ିଲୁ । ପାଖରେ ଧାଡି ହୋଇ Shopping Trolley ମାନ ରଖ ହୋଇଥାଏ । ତହିଁରୁ ଗୋଟିଏ ଉଠାଇ ଆମେ Shopping Outlet ଭିତରକୁ ପ୍ରବେଶ କଲୁ । ଏଠାରେ ସମସ୍ତ କିଛି ଅତି ଶୃଙ୍ଖଳା-ବଦ୍ଧ ।  ପ୍ରଥମେ Shopping Trolleyରେ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ସଂଗ୍ରହ କରି ତା'ପରେ ବିଲିଂ କାଉଣ୍ଟରକୁ ଯିବାକୁ ହୋଇଥାଏ । ଆମେ ମଧ୍ୟ ଆମର ଦରକାରୀ ପରିବା ପତ୍ର, ଦୁଧ ଓ ଅନ୍ୟାନ୍ୟ ମସଲା, ଡ଼ାଲି, ଚାଉଳ ଆଦି ସଂଗ୍ରହ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଲିଂ କାଉଣ୍ଟରକୁ ଆଗେଇଲୁ ।

ଏଠାରେ ବିଲିଂ କାଉଣ୍ଟରରେ ମଧ୍ୟ ଅଦ୍ଭୁତ ଶୃଙ୍ଖଳାର ନିଦର୍ଶନ; ଯେପରିକି ପ୍ରତିଟି ଆମେରିକୀୟ ଜନ୍ମରୁ ହିଁ ଶୃଙ୍ଖଳିତ । ସମସ୍ତ ବିଲିଂ କାଉଣ୍ଟର ଗୁଡିକ ମାନବ-ବିହୀନ (Unmanned) ଭାବେ ପରିଚାଳିତ । ଏ ପ୍ରକାର ବ୍ୟବସ୍ଥାକୁ ଏଠାରେ Self-Checkout system ବୋଲି କୁହାଯାଇଥାଏ । ପ୍ରତିଟି ଲୋକ ନିଜର Shopping Trolley ଧରି ଧାଡି କରି ଆଗେଇ ଯାଆନ୍ତି; କେହି ଆସି ଧାଡି ମଝିରେ ପ୍ରବେଶ କରନ୍ତି ନାହିଁ । Self-Checkout systemରେ ଯୁକ୍ତ ଥାଏ ଏକ Computer Montor ଏବଂ ଏକ Barcode-Reading Scanner । ପ୍ରତିଟି ପଣ୍ୟ ବସ୍ତୁ ଉପରେ ତା'ର ମୂଲ୍ୟ Bar-Codded ଥାଏ । System ସାମ୍ନାକୁ ଆସି ଗୋଟିଏ ଗୋଟିଏ ଜିନିଷ scanner ଆଗରେ ଟେକି ଧରିଲେ computer ଏହାକୁ capture କରିଥାଏ ଏବଂ computer monitorରେ Total Payable Amount ଦେଖାଯାଇଥାଏ । କ୍ରେତା ନିଜର Mobile phone attached Credit Card ଦ୍ୱାରା payment କରି ସାରିଲା ପରେ ପାଖରେ ଥିବା କାଗଜ ବ୍ୟାଗରେ ନିଜର ସମସ୍ତ ଜିନିଷ ସଂଗ୍ରହ କରି ବାହାରି ଯାଆନ୍ତି । ଏହା ଏପରି ଏକ ସୁବ୍ୟବସ୍ଥା ଯାହା ସମ୍ପୂର୍ଣ୍ଣ ରୂପେ ଗ୍ରାହକଙ୍କ ବିଶ୍ୱସନୀୟତା ଉପରେ ହିଁ କାର୍ଯ୍ୟରତ, କିନ୍ତୁ ଆମର ଦେଖିବା ଭିତରେ କେଉଁଠି ହେଲେ ମଧ୍ୟ ସାମାନ୍ୟତମ ଅସାଧୁତାର ଝଲକ ଆମେ ପାଇଲୁ ନାହିଁ ।

Cash Transaction ଏଠାରେ ପ୍ରାୟ ନାହିଁ କହିଲେ ଚଳେ । ତେବେ କେହି cash purchase କରିବାକୁ ଚାହିଁଲେ ବା ମୋ ପରି ନୂଆ ଲୋକ ଯାହାଙ୍କୁ Self-Checkout system ଜଣା ନାହିଁ, ସେମାନଙ୍କ ପାଇଁ shopping outletରେ ଏକ ମାନବଯୁକ୍ତ (Manned) କାଉଣ୍ଟରର ବ୍ୟବସ୍ଥା ଥିବାର ଦେଖିବାକୁ ପାଇଲୁ ।

ନିୟମ, ଶୃଙ୍ଖଳା ଓ ବିଶ୍ୱସନୀୟତାର ଏପରି ଅଦ୍ଭୁତ ନିଦର୍ଶନ; ଯାହା ଆମ ଦେଶରେ ଆମେ କଳ୍ପନା ମଧ୍ୟ କରି ପାରିବା ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

Shopping-outletରେ ଥିବା ପଣ୍ୟ ବସ୍ତୁ ମାନ ଯେପରି ପରିଷ୍କାର ପରିଚ୍ଛନ୍ନ ଭାବେ ସଜା ହୋଇ ରହିଥାଏ, ସେ ବିଷୟରେ ସାମାନ୍ୟ ବିବରଣୀ ଦେବା ଆବଶ୍ୟକ ମନେ କରୁଛି; କାରଣ ଏହା ବାସ୍ତବିକ ପ୍ରସଂଶନୀୟ । ପନି-ପରିବା, ଫଳ, ବିଭିନ୍ନ ବ୍ରାଣ୍ଡର ଦୁଧ, ଚିକେନ, ମାଂସ ଓ ଅନ୍ୟାନ୍ୟ ବିଭିନ୍ନ ଧରଣର ମାଂସ, ଭଳିକି ଭଳି ମାଛ, ଡାଲି-ଚାଉଳ ଏବଂ ଅନ୍ୟାନ୍ୟ ଗ୍ରୋସେରୀ ସାମଗ୍ରୀ, packed food items ସମସ୍ତ କିଛି, ସ୍ୱତନ୍ତ୍ର reckରେ ସଜା ହୋଇ ରହିଥାଏ । କ୍ରେତା କେବଳ ନିଜର shopping trolley ଧରି ବିଭିନ୍ନ rackରୁ ସହଜରେ ପ୍ରୟୋଜନୀୟ ସାମଗ୍ରୀମାନ ସଂଗ୍ରହ କରିଥାନ୍ତି ।

ଏଠାରେ ପନି-ପରିବା, ପାଳଙ୍ଗ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତ ପ୍ରକାର ଶାଗ, ଧନିଆ ପତ୍ର, ପୋଦିନା ପତ୍ର ଏ ସମସ୍ତ କିଛି ଧୋଇ ପରିଷ୍କାର କରି ପଲିଥିନ ପ୍ୟାକେଟରେ ବିକ୍ରି ହୋଇଥାଏ, ଯାହା ଘରକୁ ନେଇ ସିଧା ବ୍ୟବହାର କରାଯାଇପାରିବ । ଏପରିକି ରସୁଣ ମଧ୍ୟ ଚୋପା ଛଡ଼ା ହୋଇ ପ୍ୟାକେଟ ବା ବୋତଲରେ ବିକ୍ରି ହୋଇଥାଏ । ଠିକ ସେହିପରି ମାଛ, ମାଂସ, ଚିକେନ ଆଦି ମଧ୍ୟ ଧୋଇ ପରିଷ୍କାର କରି ଗୋଟା ବା କଟା ହୋଇ ପଲିଥିନ ପ୍ୟାକେଟରେ ବିକ୍ରି ହୋଇଥାଏ । ଠିକ ସେହିପରି ଦୁଧ ଏଠାରେ ୨ ପାଉଣ୍ଡ ଠାରୁ ଆରମ୍ଭ କରି ୪ ପାଉଣ୍ଡ ପର୍ଯ୍ୟନ୍ତ packeted ଟେଟ୍ରା ପ୍ୟାକରେ ମିଳିଥାଏ । ଶପିଂ ଆଉଟଲେଟରେ ମିଳୁଥିବା ଦୁଧ ମୁଖ୍ୟତଃ cow ବା bufallow milk । କିନ୍ତୁ ଏଠାକାର ନିୟମ ଅନୁସାରେ ଏଠାରେ କେବଳ ଖାଣ୍ଟି ଦୁଧ ହିଁ ବିକ୍ରି ହୋଇଥାଏ - ଭାରତ ପରି ପାଣି-ମିଶା ଦୁଧ ଏଠାରେ ସମ୍ପୂର୍ଣ୍ଣ ନିଷିଦ୍ଧ । ଖାଦ୍ୟ ସାମଗ୍ରୀକୁ ନେଇ ଏଠାକାର ନିୟମ କାନୁନ ଖୁବ କଠୋର ଏବଂ ଜାତୀୟ ସ୍ୱାସ୍ଥ୍ୟ ସଚେତନତା ଦିଗରେ ଆମେରିକାବାସୀଙ୍କର ଦୃଢ଼ ପ୍ରତିବଦ୍ଧତା ହେତୁ କୌଣସି ପ୍ରକାର food adulteration ଏଠାରେ ଦେଖିବାକୁ ମିଳେ ନାହିଁ ।

ଏଠାରେ ରାସ୍ତା-ଘାଟ, ଦୋକାନ-ବଜାର ସବୁ ସ୍ଥାନରେ ଏପ୍ରକାର ଶୃଙ୍ଖଳିତ ବ୍ୟବସ୍ଥା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖିଲେ ମନେ ହୁଏ ଯେ କେବଳ ଆଇନ ପ୍ରଣୟନ ଦ୍ୱାରା ଏହା ସମ୍ଭବ ନୁହେଁ ବରଂ ଆଇନ୍‌କୁ ସମ୍ମାନ କରି କାର୍ଯ୍ୟକାରୀ କରିବାରେ ଆମେରିକାବାସୀଙ୍କର ସଚେତ ସହଯୋଗ ଓ ସଂକୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ଠାରୁ ବହୁ ଊର୍ଦ୍ଧ୍ୱରେ ନିଜ ଦେଶକୁ ସୁନ୍ଦର କରିବାପାଇଁ ଥିବା ଗ୍ରହଣଶିଳ ମାନସିକତାହିଁ ଆମେରିକାକୁ ଏତେ ସମୃଦ୍ଧ କରି ତୋଳିଛି ।

ବଜାର ସାରି ଘରକୁ ଫେରିଲା ବେଳକୁ ରାତି ୧୦ଟା ବାଜିଲାଣି । ଘରେ ପହଂଚି ଆଉ ରୋଷେଇ-ବାସ ନ କରି କିଛି butter-croissant ଓ ଦୁଧ microwaveରେ ଗରମ କରି ରାତ୍ରି ଭୋଜନ କଲୁ ଓ ଶୋଇବାକୁ ଗଲୁ ।

..........କ୍ରମଶଃ

ପଣ୍ଡିଚେରୀ

ଭ୍ରାମ୍ୟଭାଷ : ୯୯୯୯୦୨୪୬୫୬

ଇମେଲ୍ : dasshibanarayan61@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଧେନୁକାରୀ ପ୍ରଭୁ ବଳରାମ

ଅର୍ଜୁନୀ ଚରଣ ବେହେରା



ଶ୍ରୀକୃଷ୍ଣ ବଳରାମ ବଢ଼ି ପ୍ରାୟ ଛଅ ବର୍ଷ ବୟସର ହୋଇଗଲେ । ସମସ୍ତ ବ୍ରଜବାସୀ ବୃଦ୍ଧ ଗୋପାଳମାନେ କହିଲେ, ଏ ଦୁହେଁ ଏବେ ଗୋରୁ ଚରାଇବା ପାଇଁ ଉପଯୁକ୍ତ । ଏଣୁ ଶ୍ରୀକୃଷ୍ଣ ସାଥୀ ବ୍ରଜବାଳକ ମାନଙ୍କ ସହ ବୃନ୍ଦାବନରେ ବାଛୁରୀ ଚରାଇବାକୁ ଲାଗିଲେ । ଭାଗବତ କହିଲେ:-

ଷଡ଼ ବରଷେ ନରହରି ।
କାନନେ ଚରାନ୍ତି ବାଛୁରୀ ॥

ଶ୍ରୀକୃଷ୍ଣଙ୍କ ଉପସ୍ଥିତି ହେତୁ ବୃନ୍ଦାବନ ଅପୂର୍ବ ଶୋଭା ଧାରଣ କଲା । ଦିନେ ବାଛୁରୀ ଚାରାଉଥିଲା ବେଳେ ଶ୍ରୀକୃଷ୍ଣ ହସିହସି ଭାଇ ବଳରାମଙ୍କୁ କହିଲେ, "ଭାଇ ଦେଖ ! ପୂର୍ବଜନ୍ମରେ ଅଭିଶାପ ପାଇ ଏ ବୃକ୍ଷମାନେ କିପରି ଫଳପୁଷ୍ପ ଭାରରେ ମଥା ନୂଆଁଇ ଆପଣଙ୍କୁ ନମସ୍କାର କରିବାକୁ ଉଦ୍ୟତ ହେଉଛନ୍ତି । ଆପଣଙ୍କ ଭକ୍ତ ମୁନିମାନେ ଭ୍ରମର ହୋଇ ଆପଣଙ୍କ ଯଶଗାନ କରୁଛନ୍ତି ।" ଶ୍ରୀକୃଷ୍ଣଙ୍କ କଥାରେ ବଳରାମ ଉଲ୍ଲସିତ ହେଲେ କିନ୍ତୁ ଏହାର ମର୍ମ ବୁଝି ପାରିଲେ ନାହିଁ ।

ଆଉ ଦିନକର କଥା, କୃଷ୍ଣ ବଳରାମଙ୍କ ପ୍ରିୟ ସଖା ଶ୍ରୀଦାମ କହିଲେ, "ଏଇ ଦେଖ । ଅଳ୍ପଦୂରରେ ଏକ ବିଶାଳ ତାଳବନ ଦେଖାଯାଉଛି । ସେହି ତାଳଗଛ ମାନଙ୍କରେ ପାଚିଲା ତାଳ ସବୁ ଭର୍ତ୍ତି ହୋଇରହିଛି । ପକ୍ୱତାଳ ସବୁ ଭୂମିରେ ପଡୁଛି । କିନ୍ତୁ ତାକୁ କେହି ଖାଇ ପାରୁ ନାହାଁନ୍ତି । କାରଣ, ସେ ତାଳ ବନରେ ଧେନୁକା ନାମରେ ଏକ ଭୟଂକର ଅସୁର ରହୁଛି । ସେ ଓ ତା'ର କୁଟୁମ୍ବ ମାନେ ସେଠାରେ ଗଧ ରୂପ ଧରି ବାସ କରୁଛନ୍ତି । ସେହି

Listen to Odia Podcast Original at https://youtube.com/@drjyotiprasad

ତାଳ ଭାରି ବଢ଼ିଆ । ଦେଖ, ସେ ତାଳର ସୁଗନ୍ଧ ମଧ୍ୟ ଏଠାକୁ ଆସୁଛି । ଚାଲ ଆମେ ସେଠାକୁ ଯାଇ ପକ୍ୱ ତାଳ ଖାଇବା । ତୁମେ ତ କାହିଁ କେତେ ରାକ୍ଷସଙ୍କୁ ମାରି ସାରିଛ । ଧେନୁକା ତୁମର କଅଣ ବା କରିବ ।"

ପ୍ରିୟ ସଖାଙ୍କ କଥା ଶୁଣି କୃଷ୍ଣ, ବଳରାମ ଗୋପ ବାଳକଙ୍କ ସହିତ ଯାଇ, ତାଳ ବନରେ ପଶିଲେ । ବଳରାମ ତ ଖୁବ୍ ବଳୁଆ । ସେ ତାଳ ଗଛକୁ ଧରି ହାତୀ ହଲାଇବା ପରି ଖୁବ ଯୋରରେ ହଲାଇଲେ । ପାଚିଲା ତାଳ ଗଛରୁ ସବୁ ଭୁସ ଭାସ ହୋଇ ଖସି ପଡ଼ିଲା । ତାଳ ପଡ଼ିବା ଶବ୍ଦଶୁଣି ଗଧରୂପୀ ରାକ୍ଷସ ଧେନୁକା ଭେଁଭେଁ ରଡ଼ି ଛାଡ଼ି ଦଉଡ଼ି ଆସିଲା ଓ ବଳରାମଙ୍କ ଛାତିକୁ ତା ପଛ ଗୋଡ଼ରେ ଏକ ଶକ୍ତ ଲାତ ମାରିଦେଲା । ବଳରାମ ରାଗି ଯାଇ ତା ପଛ ଗୋଡ଼କୁ ଧରି ବୁଲାଇ ବୁଲାଇ ତାଳ ଗଛରେ ପିଟି ଦେଲେ । ସେହି ବିଶାଳ ଗଛଟା ମଡ଼ ମଡ଼ ହୋଇ ଭାଙ୍ଗିପଡ଼ିଲା । ତା ମାଡ଼ରେ ପାଖ ଗଛଗୁଡ଼ିକ ମଧ୍ୟ ତା ଉପରେ ତା ଉପରେ ପଡ଼ି ଭାଙ୍ଗିପଡ଼ିଲେ । ପୁରା ତାଳ ବନଟା ଧ୍ୱଂସ ହୋଇଗଲା । ଏଣେ ଧେନୁକା ମରିଯିବା ଦେଖି ତା ଜ୍ଞାତି କୁଟୁମ୍ବ ସବୁ ଧାଇଁ ଆସି କୃଷ୍ଣ, ବଳରାମଙ୍କୁ ଆକ୍ରମଣ କରିବାରୁ ଦୁଇ ଭାଇ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ମାରି ଦେଲେ । ସମ୍ପୂର୍ଣ୍ଣ ବନ ଭୂଇଁଟା ଭଙ୍ଗା ତାଳ ଗଛ ଓ ରାକ୍ଷସଙ୍କ ମୃତ ଦେହରେ ପୁରି ଉଠିଲା ।

ଧେନୁକା ନିଧନ, କୃଷ୍ଣ ବଳରାମଙ୍କ ଏ ଅଦ୍ଭୁତ କର୍ମ ଦେଖି ଦେବତାମାନେ ସ୍ୱର୍ଗରୁ ପୁଷ୍ପ ବୃଷ୍ଟିକରି ତାଙ୍କୁ ସ୍ତୁତି କରିବାକୁ ଲାଗିଲେ । ଧେନୁକା ଭୟ କଟିଯିବା ହେତୁ ଲୋକେ ନିର୍ଭୟରେ ପାଚିଲା ତାଳ ଖାଇବାକୁ ଲାଗିଲେ । ସଂସ୍କୃତ ଭାଗବତ ଦଶମସ୍କନ୍ଧ ପଞ୍ଚଦଶ ଅଧ୍ୟାୟରେ ଭଗବାନ୍ ବ୍ୟାସ କହିଲେ:-

ଅଥ ତାଳଫଳାନ୍ୟାଦନ୍
ମନୁଷ୍ୟା ଗତ ସାଧ୍ୱସାହ୍ ।
ତୃଣମଚ ପଶବଶ୍ଚେରୁର୍ହତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧେନୁକ କାନନେ ॥

ବ୍ୟାସ କୃତ, ଶ୍ରୀମଦ୍ ଭାଗବତର ଏହି ଶ୍ଳୋକର ଭାବାର୍ଥକୁ ଅତିବଡ଼ି ଜଗନ୍ନାଥ ଦାସ ଆମ ଓଡ଼ିଆ  ଭାଗବତରେ ପ୍ରକାଶ କଲେ:-

ସେଦିନୁଁ ଗୋପ ନରନାରୀ ।

ନିର୍ଭୟେ ତାଳ ଭୋଗ କରି ॥

ସେ ବନେ ଚରାଇଲେ ଗାଈ ।

ନିଶ୍ଚିନ୍ତେ ଶିଙ୍ଗା ବେଣୁ ବାଇ ॥

ତାଳବନ ଭିତରେ ଧେନୁକା ନିଧନ କରିଥିବା ହେତୁ ବଳରାମଙ୍କ ଏକ ନାମ ହେଲା ଧେନୁକାରୀ । ତାଙ୍କ ରଥର ନାମ ହେଲା ତାଳଧ୍ୱଜ ।

!!! ଜୟ ପ୍ରଭୁ ବଳରାମ  !!!

ମୋ—୭୬୯୩୦୯୯୭୧

Listen to Odia Podcast Original at https://youtube.com/@drjyotiprasad

# ଭାଗ୍ୟର ସୁନ୍ଦର ଉପହାର

କୃଷ୍ଣା କାବେରୀ ଖଣ୍ଡାଇ



## ଭାଗ୍ୟର ସବୁଠାରୁ ସୁନ୍ଦର ଉପହାର — ଜଣେ ଭଲ ଜୀବନସାଥୀ

ଜୀବନରେ ଟଙ୍କା, ସମ୍ପତ୍ତି, ବଡ଼ ଘର, ଗାଡ଼ି ଓ ସଫଳତା ମିଳିଗଲେ ମଣିଷ ନିଜକୁ ଭାଗ୍ୟଶାଳୀ ଭାବିନିଏ । କିନ୍ତୁ ସତ କଥା ହେଉଛି—ଏସବୁ ଥିଲେ ବି ଯଦି ମନକୁ ବୁଝିପାରୁଥିବା ଜଣେ ମଣିଷ ପାଖରେ ନଥାଏ, ତେବେ ଜୀବନର ଅନେକ ଖୁସି ଅଧୁରା ଲାଗେ । କାରଣ ଟଙ୍କା ଆମକୁ ସୁବିଧା ଦେଇପାରେ, କିନ୍ତୁ ମନର ଶାନ୍ତି କିଣିପାରେ ନାହିଁ ।

ଜୀବନରେ ଜଣେ ଭଲ ଜୀବନସାଥୀ ମିଳିବା ମଧ୍ୟ ଭାଗ୍ୟର କଥା । ଏମିତି ଜଣେ ସାଥୀ, ଯିଏ ଆମ ହସ ପଛରେ ଲୁଚିଥିବା ଦୁଃଖକୁ ବୁଝିପାରିବ, ଆମ ନୀରବତାର ଅର୍ଥ ଅନୁଭବ କରିପାରିବ ଏବଂ ଆମେ କିଛି ନକହିଲେ ବି ଆମ ମନର କଥା ପଢ଼ିପାରିବ ।

ପ୍ରେମ କେବଳ "ମୁଁ ତୁମକୁ ଭଲ ପାଏ" କହି ଦେବାର ନାମ ନୁହେଁ । ପ୍ରେମ ହେଉଛି, "ତୁମେ କାହିଁକି ଚୁପ୍ ଅଛ ?" ବୋଲି ପଚାରିବା, ତୁମ ମନ ଖରାପ ଥିଲେ ତୁମ ପାଖରେ ଚୁପ୍‌ଚାପ୍ ବସି ରହିବା, ତୁମ ଭୁଲକୁ ବୁଝାଇବା ଏବଂ ସମସ୍ତଙ୍କ ସାମ୍ନାରେ ନୁହେଁ, ଏକାନ୍ତରେ ତୁମ ହାତ ଧରି କହିବା, "ମୁଁ ଅଛି, ଚିନ୍ତା କରନି ।"

ଜଣେ ଭଲ ଜୀବନସାଥୀ ସେ ନୁହେଁ ଯିଏ କେବଳ ଆମର ଭଲ ସମୟରେ ଆମ ସହ ରହେ । ପ୍ରକୃତ ସାଥୀ ସେ, ଯିଏ ଆମର ଖରାପ ସମୟରେ ବି ଆମ ହାତ ଛାଡ଼େ ନାହିଁ । ଯେତେବେଳେ ସମସ୍ତେ ଦୂରେଇ ଯାଆନ୍ତି, ସେତେବେଳେ ଯିଏ ଆଉ ଅଧିକ ନିକଟତର ହୋଇ କହେ, "ସବୁ ଠିକ୍ ହୋଇଯିବ, ଆମେ ମିଶି ସମ୍ଭାଳିନେବା ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ ଟଙ୍କା ଅଛି, କେତେ ବଡ଼ ଘର ଅଛି କିମ୍ବା ସମାଜରେ କେତେ ନାମ ଅଛି—ଏସବୁ ଠାରୁ ବଡ଼ କଥା ହେଉଛି, ଘରକୁ ଫେରିଲା ପରେ ମନ ଖୋଲି କଥା ହେବା ପାଇଁ ଜଣେ ମଣିଷ ଅଛି କି ନାହିଁ ।

କାରଣ ଧନୀ ହେବା ସହଜ ହୋଇପାରେ, କିନ୍ତୁ ମନରେ ଧନୀ ଜଣେ ମଣିଷ ମିଳିବା ବହୁତ କଷ୍ଟକର ।

ଜୀବନରେ ଏମିତି ଜଣେ ମଣିଷ ମିଳିଗଲେ, ଯିଏ ଆମକୁ ବଦଳାଇବାକୁ ନୁହେଁ, ବରଂ ଆମକୁ ଆମ ଭଳି ଗ୍ରହଣ କରିବାକୁ ଚାହେଁ—ତେବେ ତାକୁ ହରାଇବା ନୁହେଁ, ତାକୁ ସାରା ଜୀବନ ଭଲପାଇବା ଉଚିତ ।

କାରଣ ସୁନ୍ଦର ମୁହଁ ସମୟ ସହ ବଦଳିଯାଏ, ଟଙ୍କା ଆଜି ଥାଏ କାଲି ନଥାଇପାରେ, ସମ୍ପତ୍ତି ମଧ୍ୟ ଦିନେ ହାତରୁ ଚାଲିଯାଇପାରେ; କିନ୍ତୁ ଜଣେ ବୁଝୁଥିବା ଓ ଭଲପାଉଥିବା ହୃଦୟ—ସେ ଜୀବନକୁ ସାରା ଜୀବନ ପାଇଁ ସୁନ୍ଦର କରିଦିଏ ।

ତେଣୁ ଭାଗ୍ୟରେ ଯଦି ଜଣେ ଭଲ ଜୀବନସାଥୀ ମିଳେ, ତାହାଠାରୁ ବଡ଼ ସମ୍ପଦ ଆଉ କିଛି ନାହିଁ । କାରଣ ଯେଉଁ ମଣିଷ ତୁମ ହୃଦୟକୁ ବୁଝେ, ତୁମ ଲୁହକୁ ସମ୍ମାନ କରେ ଏବଂ ତୁମ ହସକୁ ନିଜର ଖୁସି ଭାବେ—ସେ ହିଁ ତୁମ ଜୀବନର ସବୁଠାରୁ ମୂଲ୍ୟବାନ ଭାଗ୍ୟ । ଜଣେ ଉତ୍ତମ ଜୀବନ ସାଥିର ଅକୁହା କାହାଣୀକୁ ଉପସ୍ଥାପନ କରୁଛି......

ଯେଉଁଠି ପ୍ରେମ ଥିଲା, ସେଠି ଦାରିଦ୍ର୍ୟ ମଧ୍ୟ ସୁନ୍ଦର ଥିଲା ।

ସେମାନଙ୍କ ପ୍ରେମ କୌଣସି ବଡ଼ ସହରର ଦାମୀ କଫି ଶପ୍‌ରୁ ଆରମ୍ଭ ହୋଇ ନଥିଲା । ନା ଥିଲା ଦାମୀ ଉପହାର, ନା ଥିଲା ବଡ଼ ବଡ଼ ପ୍ରତିଶ୍ରୁତି । ଥିଲା କେବଳ ଦୁଇଟି ସରଳ ହୃଦୟ ଏବଂ ପରସ୍ପରକୁ ବୁଝିବାର ଏକ ନିଷ୍କପଟ ଇଚ୍ଛା ।

ସୂର୍ଯ୍ୟ ଜଣେ ସାଧାରଣ ପରିବାରର ପୁଅ । ତା'ର ପକେଟ୍‌ରେ ସବୁବେଳେ ଅଧିକ ଟଙ୍କା ନଥାଏ, କିନ୍ତୁ ହୃଦୟରେ ସ୍ୱପ୍ନର ଅଭାବ ନଥିଲା । ଅନ୍ୟପଟେ ଥିଲା କାବେରୀ—

Listen to Odia Podcast Original at https://youtube.com/@drjyotiprasad

ସରଳ, ଶାନ୍ତ ଓ ଭାବପ୍ରବଣ ଝିଅ ।

ପ୍ରଥମେ ସେମାନେ କେବଳ ପରିଚିତ ଥିଲେ । ପରେ ବନ୍ଧୁ ହେଲେ । ଆଉ କେବେ ସେହି ବନ୍ଧୁତ୍ୱ ପ୍ରେମରେ ପରିଣତ ହୋଇଗଲା, ଦୁହେଁ ଜାଣିପାରିଲେ ନାହିଁ ।

କାବେରୀ ଦିନେ ରାଜକୁ ପଚାରିଲା, "ତୁମ ପାଖରେ ମୋତେ ଦେବା ପାଇଁ କ'ଣ ଅଛି ?"

ସୂର୍ଯ୍ୟ ହସି କହିଲା, "ବହୁତ କିଛି ନାହିଁ । ଦାମୀ ଉପହାର ଦେଇପାରିବିନି । ବଡ଼ ବଡ଼ ହୋଟେଲ୍‌ରେ ନେଇ ଖୁଆଇ ପାରିବିନି । କିନ୍ତୁ ଗୋଟିଏ ଜିନିଷ ଦେଇପାରିବି—ତୁମେ ଯେତେବେଳେ ଦୁନିଆ ବିରୋଧରେ ଏକା ହୋଇଯିବ, ସେତେବେଳେ ମଧ୍ୟ ମୁଁ ତୁମ ପାଖରେ ରହିବି ।"

କାବେରୀ କିଛି କହିଲା ନାହିଁ । କେବଳ ତା'ର ଆଖିରେ ଲୁହ ଆସିଗଲା ।

ସେ ଦିନ ସେ ବୁଝିଥିଲା—ପ୍ରେମର ମୂଲ୍ୟ ଟଙ୍କାରେ ମାପିହୁଏ ନାହିଁ ।

ସମୟ ଗଡ଼ିଲା । ସୂର୍ଯ୍ୟ ଚାକିରି ପାଇଁ ସହରକୁ ଗଲା । ଦୂରତା ବଢ଼ିଲା, କିନ୍ତୁ ପ୍ରେମ କମିଲା ନାହିଁ । ଅନେକ ରାତିରେ ସୂର୍ଯ୍ୟ ଥକି ଘରକୁ ଫେରୁଥିଲା । କାବେରୀ ଫୋନ୍ କରି କେବଳ ପଚାରୁଥିଲା, "ଖାଇଛ ?"

ସୂର୍ଯ୍ୟ ପ୍ରତିଥର ହସି କହୁଥିଲା, "ହଁ ।"

କିନ୍ତୁ କାବେରୀ ଜାଣିଯାଉଥିଲା ଯେ ସେ ମିଛ କହୁଛି।

"ମିଛ କହନି। ତୁମେ ଆଜି ଖାଇନାହଁ।"

ସୂର୍ଯ୍ୟ ଆଶ୍ଚର୍ଯ୍ୟ ହୋଇ ପଚାରୁଥିଲା, "ତୁମେ କେମିତି ଜାଣିଲ ?"

କାବେରୀ କହୁଥିଲା, "ପ୍ରେମ କଲେ ମଣିଷର ଶବ୍ଦ ନୁହେଁ, ନୀରବତା ମଧ୍ୟ ଶୁଣାଯାଏ ।"

ବର୍ଷେ ବର୍ଷ ବିତିଗଲା । ସୂର୍ଯ୍ୟଙ୍କ ଚାକିରି ଭଲ ହେଲା । ଦରମା ବଢ଼ିଲା ।

Listen to Odia Podcast Original at https://youtube.com/@drjyotiprasad

ଜୀବନରେ ଟଙ୍କା ଆସିଲା । କିନ୍ତୁ ତା'ର ମନରେ କାବେରୀ ପାଇଁ ଥିବା ସେହି ପୁରୁଣା ପ୍ରେମ କେବେ ବଦଳିଲା ନାହିଁ ।

ଦିନେ ସୂର୍ଯ୍ୟ କାବେରୀକୁ ବିବାହ କରିବାକୁ ପ୍ରସ୍ତାବ ଦେଲା ।

କାବେରୀର ଆଖିରେ ଲୁହ । ସେ ପଚାରିଲା, "ତୁମେ ମୋତେ କାହିଁକି ବାଛିଲ ?"

ସୂର୍ଯ୍ୟ ତା'ର ହାତ ଧରି କହିଲା, "କାରଣ ମୁଁ ଯେତେବେଳେ କିଛି ନଥିଲି, ସେତେବେଳେ ତୁମେ ମୋତେ ଭଲପାଇଥିଲ । ଆଜି ମୋ ପାଖରେ କିଛି ଅଛି ବୋଲି ତୁମକୁ ଭଲପାଇବି, ଏହା ପ୍ରେମ ନୁହେଁ । ତୁମେ ମୋର ଖରାପ ସମୟରେ ଯେଉଁ ହାତ ଧରିଥିଲ, ମୁଁ ସେହି ହାତକୁ ସାରା ଜୀବନ ଧରି ରଖିବାକୁ ଚାହେଁ ।"

ବିବାହ ପରେ ସେମାନଙ୍କ ଜୀବନ ସବୁବେଳେ ସୁନ୍ଦର ଥିଲା ନାହିଁ । କେବେ ରାଗ ହେଉଥିଲା, କେବେ ଝଗଡ଼ା, କେବେ ଭୁଲ ବୁଝାମଣା ମଧ୍ୟ ହେଉଥିଲା ।

କିନ୍ତୁ ଗୋଟିଏ କଥା କେବେ ବଦଳିଲା ନାହିଁ, ସେମାନେ କେବେ ପରସ୍ପରଙ୍କୁ ହରାଇବାକୁ ଚାହିଲେ ନାହିଁ ।

ଝଗଡ଼ା ପରେ କାବେରୀ ଚୁପ୍ ହୋଇ ବସିଥିଲେ, ରାଜ ଧୀରେ ତା' ପାଖକୁ ଯାଇ କହୁଥିଲା, "ଆମେ ଦୁହେଁ ରାଗ କରିପାରିବା, କିନ୍ତୁ ଆମ ପ୍ରେମକୁ ରାଗ କରିବାକୁ ଦେବା ନାହିଁ ।"

କାବେରୀ ଲୁହ ପୋଛି ହସିଦେଉଥିଲା । ବର୍ଷ ପରେ ମଧ୍ୟ ସେମାନେ ସେହିଭଳି ଥିଲେ, ଏକାଠି, ଏକାପରକୁ ବୁଝି ।

ସେତେବେଳେ କାବେରୀ ସୂର୍ଯ୍ୟକୁ କହିଲା, "ଜୀବନରେ ତୁମେ ମୋତେ କ'ଣ ଦେଲ ବୋଲି ଯଦି କେହି ପଚାରେ, ମୁଁ କହିବି, ତୁମେ ମୋତେ ଟଙ୍କାଠାରୁ ବଡ଼ ଗୋଟିଏ ଜିନିଷ ଦେଇଛ । 'ମୋର ମଣିଷ' ବୋଲି ଡାକିବାର ଅଧିକାର ।"

ସତରେ, ଜୀବନରେ ସବୁକିଛି ଥାଇ ମଧ୍ୟ ଯଦି ଭଲପାଇବା ନଥାଏ, ତେବେ ମନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖାଲି ରହିଯାଏ ।

ଆଉ ଯଦି ଜଣେ ଏମିତି ମଣିଷ ମିଳିଯାଏ, ଯିଏ ଆମର ହସରେ ହସେ, ଆମ ଲୁହରେ ଭାଙ୍ଗିଯାଏ, ଆମ ନୀରବତାକୁ ବୁଝେ ଏବଂ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ହାତ ଛାଡ଼ିବାକୁ ଚାହେଁ ନାହିଁ, ତେବେ ବୁଝିବାକୁ ହେବ, ଭାଗ୍ୟ ଆମକୁ ସବୁଠାରୁ ମୂଲ୍ୟବାନ ଉପହାର ଦେଇଛି ।

କାରଣ ଟଙ୍କା ଘରକୁ ସୁନ୍ଦର କରେ, କିନ୍ତୁ ପ୍ରେମ ସେହି ଘରକୁ ଘର କରେ ।

ଟଙ୍କା ଜୀବନକୁ ସହଜ କରେ, କିନ୍ତୁ ବୁଝାମଣା ଜୀବନକୁ ସୁଖୀ କରେ ।

ଆଉ ଜଣେ ସତ ଜୀବନସାଥୀ, ସାରା ଜୀବନର କାହାଣୀକୁ ଅର୍ଥ ଦେଇଦିଏ ।

ଶେଷରେ ଏତିକି, “ଟଙ୍କା ଥିଲେ ଜୀବନ ସୁବିଧାରେ କଟିପାରେ, କିନ୍ତୁ ପ୍ରେମ ଓ ବୁଝାମଣା ଥିଲେ ହିଁ ଜୀବନ ସୁଖରେ କଟେ । ଜଣେ ଭଲ ଜୀବନସାଥୀ ମିଳିବା ଭାଗ୍ୟ, ଆଉ ତାଙ୍କୁ ଶେଷ ପର୍ଯ୍ୟନ୍ତ ଭଲପାଇ ରଖିବା, ସେଇ ହେଉଛି ସତ ପ୍ରେମ ।”

ଜିଲ୍ଲା - ଭଦ୍ରକ

ବ୍ଲକ - ବନ୍ତ

Listen to Odia Podcast Original at https://youtube.com/@drjyotiprasad

# ପ୍ରେମର ପରିଭାଷା

ଆଶୁତୋଷ ମେହେର



ସନ୍ଧ୍ୟା ନଇଁ ଆସିଥିଲା । ଅସ୍ତଗାମୀ ସୂର୍ଯ୍ୟଙ୍କ ଶେଷ ନରମ ନାଲି ଆଲୋକର ଛିଟା ରାସ୍ତାରେ ପଡ଼ି ସରି ସରି ଆସୁଥିଲା । କୁଆଁରୀ ଆନ୍ଧାର ମାଡିବା ଉପରେ ।

ସେତେବେଳେ ପୁରୀ ସମୁଦ୍ର କୂଳରେ ଲୋକଙ୍କ ଭିଡ ବେଶ୍ ଜମି ଥିଲା । ସମସ୍ତେ ସେଇ ସୁନ୍ଦର ମୁହୂର୍ତ୍ତ ସବୁକୁ ଉପଭୋଗ କରିବାରେ ବ୍ୟସ୍ତ ଥିଲେ ।

ସମସ୍ତଙ୍କ ଭିତରେ ସେ ଦୁଇଜଣ ମଧ୍ୟ ଧୀରେ ଧୀରେ ଚାଲୁଥିଲେ । ଜଣକ ଡାହାଣ ହାତଟି ଅନ୍ୟଜଣକର ବାମ ହାତରେ ଜଡ଼ି ହୋଇ ରହିଥିଲା । ପରସ୍ପରର କଅଁଳ ଉଷୁମ ଦୁହିଁଙ୍କୁ ମସଗୁଲ କରୁଥିଲା

ଜଣେ ପୁଅ ରବୀନ୍ଦ୍ର, ଆର ଜଣକ ଝିଅ ସୁମନ ।

ସୁମନ୍ ଧୀରେ କହିଲା, "ଜାଣିଛ ରବୀନ୍ଦ୍ର, ଆଜି ଠାରୁ ଠିକ୍ ଦଶ ବର୍ଷ ଆଗରୁ ଆମେ ପ୍ରଥମେ ଏହି ବିଚ୍‌ରେ ହାତ ଧରା ଧରି ହୋଇ ଏମିତି ଚାଲିବା ଆରମ୍ଭ କରିଥିଲେ ।"

ରବୀନ୍ଦ୍ର ହସିଲା । ତା' ଆଖିରେ ଖେଳୁଥିଲା ସେଇ ପୁରୁଣା ସ୍ମୃତିର ରିଲ୍ସ !!!

"ହଁ... ସେଦିନ ତୁମେ ଭୟରେ ମୋ ହାତ ଧରିବାକୁ ଚାହୁଁ ନଥିଲ । କାଳେ କିଏ ଦେଖି ନେବ । ତଥାପି ମୁଁ ଜୋର୍ କରି ତୁମ୍ ହାତକୁ ଧରିଥିଲି ।"

ସୁମନ୍ ଲାଜେଇ ଗଲା, ଓଠ ଚାପି ହସିଲା ।

"ମୁଁ ଭାବୁଥିଲି ତୁମେ ମୋ ଉପରେ ରାଗିଯିବ । କିନ୍ତୁ ତୁମେ ହସିଲ ଆଉ କହିଥିଲ, 'ଭୟ କାହିଁକି ଅବା କାହାକୁ କରୁଛ ? ମୋ ହାତ ଧରିଲେ କିଛି ହୋଇଯିବ ନାହିଁ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁମନ ରବୀନ୍ଦ୍ରର କାନ୍ଧରେ ମୁଣ୍ଡ ରଖିଲା । ସେମାନଙ୍କର ହାତ ଆହୁରି ଶକ୍ତ ହୋଇ ଜଡ଼ି ହୋଇ ରହିଲା ।

ସମୁଦ୍ରର ଢେଉ ଗୁଞ୍ଜରି ଗୁଞ୍ଜରି ସେମାନଙ୍କ ସହ ନିରବରେ କଥା ହେଉଥିଲା । କିଛି ସମୟ ପରେ ସୁମନ ଧୀରେ କହିଲା, "ଜାଣିଛ ରବୀନ୍ଦ୍ର... ଏହି ହାତ ଧରିବା ମୋ ପାଇଁ କେବଳ ପ୍ରେମ ନୁହେଁ । ଏ ହେଉଛି ବିଶ୍ୱାସ । ଯେତେବେଳେ ଜୀବନରେ ଅଜଣା ଲହଡି ମାଡି ଆସେ, ଯେତେବେଳେ ଅନ୍ଧାର ବହଳ ହୋଇ ମଣିଷକୁ ବାଟବଣା କରେ, ମୁଁ ଜାଣେ ସେତେ ବେଳେ ତୁମ ପରି ସଚ୍ଚା ପ୍ରେମିକ ହାତ ଛାଡ଼େ ନାହିଁ ଆହୁରି ଯୋର ଧରି ସାହାରା ଦିଏ ।" ସୁମନ ତା' ହାତକୁ ଆହୁରି ଶକ୍ତ କରି ଧରିଲା ।

ରବୀନ୍ଦ୍ର କହିଲା, "ଆଉ ମୁଁ ଜାଣେ, ତୁମେ ହାତ ଧରିଥିଲେ, ଯେତେ ବଡ ମୁକାବିଲା ଆସିଲେ ମଧ୍ୟ ବି ମୁଁ ଲଢିବାର ସାହାସ ପାଏ, ମନରୁ ହାରିବା କଥା ହଟିଯାଏ ।"

ସମୟ ଆଗକୁ ଗଡୁଥିଲା ।

ରାତି ହୋଇ ଆକାଶରେ ପ୍ରଥମ ତାରାଟି ହସିବାକୁ ଆରମ୍ଭ କରିଥିଲା । ସେମାନେ ଆଉ କିଛି କଥାବାର୍ତ୍ତା କରିଲେ ନାହିଁ । କେବଳ ହାତ ଧରି ଚାଲିଲେ ଆଗକୁ ଆଗକୁ । ଲୋକଗହଳି ପଛକୁ ରହିଲାଣି । ନୀରବତା ସବୁଆଡେ, କେବଳ କଡରେ ସମୁଦ୍ର ସାକ୍ଷୀ ହୋଇ କୂଳକୁ ଆସ୍ତେ ଛୁଇଁ ଫେରି ଯାଉଥିଲା । ବାଲି ଉପରେ ଖେଳୁଥିଲା ଧଳାଧଳା ଫେଣର ଆସ୍ତରଣ ! ! ! !

ସତରେ ସବୁ ପ୍ରେମ କଥାରେ କହି ହୁଏ ନାହିଁ— ସେ କେବଳ ପ୍ରେରଣା ଦିଏ ସାଥୀର ହାତ ଧରି ଚାଲିଥାଏ ଆଗକୁ, ବହୁତ ଆଗକୁ ।।

ଆଉ ସେହି ଚାଲିବା ଭିତରେ ଲୁଚି ରହିଥାଏ ଗହୀର ପ୍ରେମର ପରିଭାଷା ! ! !

୫୪ ଆର୍ଯ୍ୟପଲ୍ଲୀ, କିଟଛକ ପଟିଆ

ଭୁବନେଶ୍ୱର, ୭୫୧୦୨୪, ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନ ଭଲ କରିବାର ଠିକଣା

ସନାତନ ମହାକୁଡ଼



ମୂଳ ରଚନା ବଙ୍ଗଳା--ରାମପ୍ରସାଦ କର

ଓଡ଼ିଆ ଭାଷାନ୍ତର- ସନାତନ ମହାକୁଡ଼

ଯେଉଁ ଠିକଣା ମନକୁ ପଠାଇଲେ ମନ ଭଲ ରହେ,

ସେହି ଠିକଣାଟି ତୁମେ ମୋତେ କହିଥିଲ ।

କିନ୍ତୁ ଏଠି ସହର ଓ ଗାଁ ସବୁଠି କେବଳ ରକ୍ତପାତ ।

ସମାଜରେ, ପରିବାରରେ ଅନେକ ବିଷାକ୍ତ ପିମ୍ପୁଡ଼ି— ସେମାନେ କେବେ ମଣିଷ ଥିଲେ ବୋଲି ମନେ ପଡ଼େ ନାହିଁ । ଅସମୟରେ, ଅନାବଶ୍ୟକ ଭାବରେ ସେମାନେ ନିରନ୍ତର ମୃତ୍ୟୁକୁ ଡାକି ଆଣନ୍ତି ।

ସର୍ବସ୍ୱ ବାଜି ଲଗାଇ ହାରିଯାଇଥିବା ଲୋକମାନେ ଆଜି ମଣିଷର ଛାୟାକୁ ଧାରଣ କରି ଠିଆ ହୋଇଛନ୍ତି ।

ଏଠାରେ ସ୍ୱପ୍ନହୀନ, ବିଷାଦଭରା ଦିନ କଟୁଛି ।

ଏଠାରେ କାହାର ମନ ଭଲ ନାହିଁ ।

ତୁମେ କହିଥିଲ, ଜଣେ ମାୟାମୟ ଗୋରକ୍ଷକ ଆମକୁ ଭୁବନଡାଙ୍ଗାର ପଡିଆକୁ ନେଇଯିବ; ଯେଉଁଠାରେ ସମସ୍ତ ନାରୀ ନଦୀ ପାଲଟି ଯାଇଛନ୍ତି ଆଉ ସମସ୍ତ ପୁରୁଷ ନକ୍ଷତ୍ର ହୋଇ ଯାଇଛନ୍ତି । ଯେଉଁଠି ବର୍ଷାମେଘ, ବୃକ୍ଷଲତା, ନଦୀ ଓ ନକ୍ଷତ୍ରମାନଙ୍କ

Listen to Odia Podcast Original at https://youtube.com/@drjyotiprasad

ମଧ୍ୟରେ ଏକ ଅପୂର୍ବ ପ୍ରେମର ଖେଳ ନିରନ୍ତର ଚାଲିଥାଏ । ଆଜି ପର୍ଯ୍ୟନ୍ତ ସେ ଗୋରକ୍ଷକ ଆସିନାହାନ୍ତି ।

ଶତ ଚେଷ୍ଟା କରି ମଧ୍ୟ ମୁଁ ସେଠାରେ ପହଞ୍ଚିପାରିନାହିଁ ।

ମୁଁ ଆଜି ମଧ୍ୟ ଅପେକ୍ଷାରେ ଅଛି—

ଯଦି କେବେ ତୁମେ ମୋତେ

ସେହି ଠିକଣାରେ ପହଞ୍ଚାଇ ଦିଅ ।

ଗ୍ରାମ/ପୋ ଅ-ବେରୁଆଁବାରୀ-୭୫୨୦୮୨

ଜିଲ୍ଲା-ନୟାଗଡ଼, ଓଡ଼ିଶା।

ଦୂରଭାଷ- ୯୩୩୯୭୨୦୧୬୮

ଇମେଲ୍-sanmahakud@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚା' ବିସ୍କୁଟ୍‌ର ମଜା

ସୁଧାଂଶୁ ଶେଖର ଦ୍ୱିବେଦୀ



ଚା' ସହିତ ବିସ୍କୁଟ୍ ଖାଇବାର ମଜା ଯିଏ ଜାଣିଛି ସେ ତା'ର ଟେଷ୍ଟ ବିଷୟରେ ନିହାତି ଅଭିଜ୍ଞ ହୋଇଥାଏ । ଚା' ଦୋକାନର ଛୋଟିଆ ଚାଳଘରେ ହେଉ କି ନିଜ ଘର ଛାତ ଉପରେ ହେଉ ଝିପାଝିପା ବର୍ଷାରେ ବିସ୍କୁଟ୍ କୁ ଗରମ ଚା'ରେ ବୁଡ଼େଇ ବୁଡ଼େଇ ଖାଇବାର ଯେଉଁ ଆନନ୍ଦ ଆ-ହା-ହା ତାକୁ ଶବ୍ଦରେ ଲେଖିହେବ ନାହିଁ, ବରଂ ନିଜ ଭିତରର ଅନୁଭବରେ ଆହ୍ଲାଦିତ ହେବାକୁ ପଡେ । ଗରମ ଗରମ ଚା'ରେ ସାଦା ବିସ୍କୁଟ୍ ହେଉ କି ଲୁଣିଆ ବିସ୍କୁଟ୍ ବୁଡ଼େଇବା ପରେ ସିଧା ପାଟିରେ ପହଞ୍ଚିଲେ ଆହୁରି ନରମ ଜଣାପଡେ । ନରମ ବିସ୍କୁଟ୍ କୁ ଧୀରେ ଧୀରେ ଗିଳିବାର ପ୍ରକ୍ରିୟାରେ ମଧ୍ୟ ସ୍ୱର୍ଗ ଭଳି ମୁଲାୟମ ଆନନ୍ଦ ଦେଇଥାଏ ।

କିନ୍ତୁ ଆଜିର ଭଦ୍ର ସମାଜ ଚା' ସହିତ ବିସ୍କୁଟ୍ ବୁଡ଼େଇ ଖାଇବାକୁ ଅଶ୍ଳୀଳ ଆଚରଣ ବୋଲି କହୁଛନ୍ତି । ଏବେ ଚା' ସହିତ ବିସ୍କୁଟ୍ ବୁଡ଼େଇ ଖାଇବାର ତରିକା ବିଲକୁଲ୍ ଅଲଗା । ତଥାପି ତାହା ଏବେ ସୁସଂସ୍କୃତ ତରିକା ଭାବେ ସଭିଙ୍କର ପ୍ରିୟଭାଜନ ହୋଇଯାଇଛି । ବିଦେଶରୁ ଆମ ଦେଶକୁ ଧସେଇ ଆସିଥିବା ତଥାକଥିତ ଭଦ୍ରଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଆଜି ବିସ୍କୁଟ୍ ର ଛୋଟ ଛୋଟ ବାଇଟ୍ ପାଟିରେ ପୂରେଇ ଚା' କପ୍ ରୁ ଢୋକେ ଢୋକେ ସିପ୍ କରିବାରେ କି ଆନନ୍ଦ ପାଉଛନ୍ତି ସେମାନେ ଜାଣିଥିବେ । ଆରେ ବାବୁ ! ଏଇଟା କୋଉ ଭଦ୍ର ତରିକା ଯେ? ନା ପୂରା ଚା' ପାନର ଆନନ୍ଦ ମିଳୁଛି ନା ମାଲାୟମ୍ ବିସ୍କୁଟ୍ ର ଆନନ୍ଦ ମିଳୁଛି !

ନିଜ ଇଚ୍ଛା ଅନୁସାରେ ନିଜ ଘରେ ଚା'ରେ ବିସ୍କୁଟ୍ ବୁଡ଼େଇ ଖାଇବା ଭୁଲି ଚାରିଜଣ ଭଦ୍ରଲୋକଙ୍କ ଗହଳିରେ ବିବଶତା ବଶତଃ ନୂଆ ତରିକାକୁ ଆପଣେଇବାକୁ ପଡୁଛି । ବାସ୍ତବରେ ଚା'ରେ ବିସ୍କୁଟ୍ ବୁଡ଼େଇ ଖାଇବା ଅଶ୍ଳୀଳତାରେ କେମିତି ସଂଯୋଗ

Listen to Odia Podcast Original at https://youtube.com/@drjyotiprasad

କରାହେଲା ତାହା ଜାଣିହେଉନି କି ବୁଝିହେଉନି । ଚା' ସହିତ ବିସ୍କୁଟ୍ ଅଲଗା ଅଲଗା ଭାବେ ଶାଳୀନତା ସହକାରେ ଗ୍ରହଣ କରିବାକୁ କିଏ ଏଭଳି ନିୟମ ଜାରି କରିଛି ଅନୁସଂଧାନ କଲେ ବି ମିଳୁନାହିଁ । ଆରେ ଯେଉଁ ସ୍ୱାଦ ଓ ମଜା ଚା'ରେ ବିସ୍କୁଟ୍ ବୁଡ଼େଇ ଖାଇଲେ ମିଳେ ତାହା ଏ ନୂଆ ତରିକାରେ କୋଉଠୁ ମିଳିବ ? ପ୍ରକୃତରେ ଆମେ ଚା' ଓ ବିସ୍କୁଟ୍ ସ୍ୱାଦ ପାଇଁ ଗ୍ରହଣ କରିଥାଉ କୌଣସି ପ୍ରମାଣପତ୍ର ପ୍ରାପ୍ତ ପାଇଁ ନୁହେଁ । ଚା'ରେ ବିସ୍କୁଟ୍ ବୁଡ଼େଇ ଯିଏ ଖାଉଥିବ ସେ ହିଁ କହିପାରିବ ସର୍ବଶ୍ରେଷ୍ଠ ତରିକା ନୂତନତାରେ ନା ପୁରାତନରେ !

ଏମିତି ବି ଚା' ସହିତ ବିସ୍କୁଟ୍ ବୁଡ଼େଇ ବୁଡ଼େଇ ଖାଇବାକୁ ଯେଉଁ ମାନେ ଅଶ୍ଳୀଳ ବୋଲି ମାନୁଛନ୍ତି ସେମାନଙ୍କ ବୁଦ୍ଧି, ବିବେକ ପ୍ରତି ଦୟା ଲାଗେ । ସତ କହିଲେ ଚା' ସହିତ ବିସ୍କୁଟ୍ ଖାଇବାର ନିୟମ କେବଳ ମାମୁଲି ନିୟମ ନୁହେଁ ଆପିତୁ ଏହା ଏଭଳି ଏକ କଳା ଯାହା ଅନେକ ଲୋକ ଜାଣିନାହାନ୍ତି । ଅଶ୍ଳୀଳ ତରିକା କହୁଥିବା ଲୋକମାନେ ଜାଣିବା ଆବଶ୍ୟକ କି ଗରମ ଚା'ରେ ବିସ୍କୁଟ୍ କୁ କେତେ ସମୟ ବୁଡ଼େଇ ରଖିଲେ ମୁଲାୟମ୍ ହୋଇ ପାଟି ବାଟେ ସରଳ ହୋଇ ଉଦରରେ ସମାହିତ ହୋଇଯାଏ । ତେବେ ଯଦି ଅତିଶୀଘ୍ର ଗରମ ଚା'ରେ ବୁଡ଼େଇ ବାହାର କରି ନିଆଯାଏ ତାହେଲେ ଗରମ ବିସ୍କୁଟ୍ ଖାଇହୁଏ ନାହିଁ।କେବେ କେବେ ବିସ୍କୁଟ୍ ତରଳି ଜିଭ ଓ ତାଳୁରେ ଏମିତି ଲାଖିଯାଏ ଯେ ତାଳୁ ଚାଟି ଚାଟି ବେଦମ୍ ହେବାକୁ ବାଧ୍ୟ ହେଉ । ତା' ବିପରୀତ ଯଦି ବହୁ ସମୟ ଯାଏ ବିସ୍କୁଟ୍ ବୁଡ଼େଇ ରଖାଯାଏ ତେବେ ଚା' କପ୍ ର ନିମ୍ନ ଅଂଶରେ ବହଳ ବିସ୍କୁଟ ଅଟକି ରହେ । ଯାହାଫଳରେ ଚା' ସହିତ ବିସ୍କୁଟ୍ ଖାଇବାର ଆନନ୍ଦ ଲୁପ୍ତ ହୋଇ ମନ ଖଟାଳିଆ ହୋଇଯାଏ ।

ବିସି-୭୪,ସଲ୍ଟ ଲେକ୍, କୋଲକତା-୬୪
ମୋ-୯୬୮୦୩୭୩୫୦୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଗ୍ରପୂଜ୍ୟ ଶ୍ରୀ ଗଣେଶ

ଜସ୍ମିନ୍ ସାହୁ



ଶତ ପ୍ରତିଶତ ଲୋକ ଜାଣନ୍ତି, ଯେ ଶ୍ରୀଗଣେଶ ହେଉଛନ୍ତି ତେତିଶି କୋଟି ଦେବଦେବୀଙ୍କ ମଧ୍ୟରେ ଅଗ୍ରପୂଜ୍ୟ ତଥାପି ଏହା ପଛର ରହସ୍ୟଟି ଅନେକ ଲୋକମାନଙ୍କର ଅଗୋଚରରେ ରହିଛି । ସେହି ରହସ୍ୟଟି ହେଉଛି -

ଥରେ ତ୍ରିଦେବଙ୍କ ଉପସ୍ଥିତିରେ ଦେବତାମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଆୟୋଜନ କରାଗଲା । ସେ ପ୍ରତିଯୋଗିତାରେ ସ୍ଥିର ହେଲା, ଯେ ଯିଏ ସମ୍ପୂର୍ଣ୍ଣ ବିଶ୍ୱ ବ୍ରହ୍ମାଣ୍ଡର ପରିକ୍ରମା କରି ପ୍ରଥମେ କୈଳାସରେ ପହଞ୍ଚିବ, ସିଏ ଅଗ୍ରପୂଜ୍ୟର ସ୍ଥାନ ପାଇବ । ଏହି ପ୍ରତିଯୋଗିତାରେ ସମସ୍ତ ଦେବତା ଭାଗ ନେଲେ, ସେଥିରେ ଚତୁର ଗଣେଶ ମଧ୍ୟ ଥିଲେ । ସମସ୍ତ ଦେବତାଙ୍କର ବାହନର ଗତି ତୀବ୍ର ଥିଲା, କେବଳ ଗଣେଶଙ୍କ ବାହନକୁ ଛାଡ଼ି । ଆପଣମାନେ ସମସ୍ତେ ଜାଣିଛନ୍ତି, ଯେ ମୂଷିକ ଗଣେଶଙ୍କ ବାହନ ଏବଂ ତାର ଗତି ଅନ୍ୟ ବାହନଙ୍କ ତୁଳନାରେ ବହୁତ ଧୀର । ଗଣେଶ ଭାଗ ନେବାର ଦେଖି ଦେବତାମାନେ ତାଙ୍କର ଥଟ୍ଟା ପରିହାସ କଲେ କିନ୍ତୁ ଗଣେଶ ଏ କଥାକୁ ଧ୍ୟାନ ଦେଲେ ନାହିଁ । ଗୋଟିଏ ଶୁଭ ମୁହୂର୍ତ୍ତରେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଆରମ୍ଭ ହେଲା । ସମସ୍ତ ଦେବତା ତୀବ୍ର ଗତିରେ ଆଗକୁ ବଢ଼ିଲେ, ସର୍ବପ୍ରଥମେ କାର୍ତ୍ତିକେୟ ଥିଲେ । ଗଣେଶ ଏ ସବୁ ଦେଖି କୈଳାସରେ ହିଁ ରହିଗଲେ । ମହାଦେବ ଏବଂ ମା'ପାର୍ବତୀ ପଚାରିଲେ, "ପୁତ୍ର ତୁମେ ରହିଗଲ କାହିଁକି ? ଆଗକୁ ବଢ଼" ଗଣେଶ ନିଜର ଚତୁର ମନରେ କିଛି ବିଚାର କରି ମୂଷିକର ପିଠିରେ ବିରାଜମାନ ହୋଇ ନିଜ ମାତାପିତାଙ୍କ ଚାରିପଟେ ପରିକ୍ରମା ଆରମ୍ଭ କରିଦେଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତ୍ରିଦେବ ଏବଂ ନାରଦ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଗଣେଶ କହିଲେ "ମୁଁ ମୋ ନିଜ ମାତାପିତାଙ୍କୁ ବ୍ରହ୍ମାଣ୍ଡ ମନେ କରି ତାଙ୍କ ଚାରିପଟେ ପ୍ରଦକ୍ଷଣ କଲି ।" ଗଣେଶ ଏମିତି ସାତଥର ପରିକ୍ରମା କରି ବ୍ରହ୍ମାଣ୍ଡର ସମସ୍ତ ଲୋକ ଏବଂ ତୀର୍ଥ ଦର୍ଶନ କଲେ ଏବଂ ତାଙ୍କ ପରିକ୍ରମା ସମ୍ପୂର୍ଣ୍ଣ ହୋଇଗଲା । ଏତିକି ସମୟରେ ଦେବତାମାନେ ସମଗ୍ର ବ୍ରହ୍ମାଣ୍ଡ ପରିକ୍ରମା ସାରି କୈଳାସରେ ପହଞ୍ଚିଲେ । ପ୍ରଥମ ସ୍ଥାନରେ ଥିଲେ କାର୍ତ୍ତିକେୟ, ତଥାପି ସେମାନଙ୍କ ମଧ୍ୟରେ ତର୍କ ଆରମ୍ଭ ହୋଇଗଲା, ଯେ କିଏ ପ୍ରଥମେ ପହଞ୍ଚିଲା ? ଏସବୁ ଦେଖି ତ୍ରିଦେବ ସେଠି ନିର୍ଣ୍ଣୟ କଲେ ଏବଂ ଦେବଗଣଙ୍କ ଉପସ୍ଥିତିରେ ଗଣେଶଙ୍କୁ ବିଜେତା ଘୋଷିତ କଲେ । ଏହା ଦେଖି ଇନ୍ଦ୍ର ଏବଂ ଦେବଗଣ ତ୍ରିଦେବଙ୍କ ନିଷ୍ପତ୍ତିରେ ଏକମତ ହେଲେ ନାହିଁ । ସେଠି ମହାଦେବ କହିଲେ "ଆପଣମାନେ କେବଳ ବଳ ଏବଂ ତୀବ୍ର ଗତିରେ ଏ ପ୍ରତିଯୋଗିତାକୁ ସଂପୂର୍ଣ୍ଣ କରିଛନ୍ତି କିନ୍ତୁ ଗଣେଶ ନିଜର ବୁଦ୍ଧି, ଚତୁର ଏବଂ ମାତାପିତାଙ୍କ ପ୍ରତି ଭକ୍ତିରେ ଏ ପ୍ରତିଯୋଗିତାରେ ଥିବା ସବୁ ବିଘ୍ନକୁ ଦୂର କରି ସାହସର ସହିତ ନିଜର ପ୍ରଦକ୍ଷଣ ସମ୍ପୂର୍ଣ୍ଣ କରିଛନ୍ତି । ସେ ପ୍ରମାଣ କରିଦେଲେ, ଯେ ମାତାପିତା ହେଉଛନ୍ତି ସମଗ୍ର ବ୍ରହ୍ମାଣ୍ଡ ଏବଂ ତାଙ୍କ ଚତୁଃପାର୍ଶ୍ୱରେ ପରିକ୍ରମା, ବ୍ରହ୍ମାଣ୍ଡ ପରିକ୍ରମା ସହିତ ସମାନ । ଏହା ଶୁଣି ସମସ୍ତ ଦେବଗଣ ମହାଦେବଙ୍କ କଥାରେ ରାଜି ହୋଇଗଲେ ଏବଂ ଜୟ ଜୟକାର ସହିତ ଗଣେଶଙ୍କୁ ପ୍ରଥମପୂଜ୍ୟ ଭାବେ ସମ୍ମାନ କଲେ । ସେହି ଦିନଠାରୁ ପ୍ରତ୍ୟେକ ପୂଜା ଆରମ୍ଭରେ ଗଣେଶଙ୍କୁ ପୂଜା କରାଯାଏ। କଥାରେ ଅଛି -

"ସର୍ବ ତୀର୍ଥ ମୟୀ ମାତା,
"ସର୍ବ ଦେବ ମୟୀ ପିତା ।"

ଅର୍ଥାତ୍ ସମଗ୍ର ପୃଥିବୀର ପରିକ୍ରମା କରିବା ଦ୍ୱାରା ଯେଉଁ ପୁଣ୍ୟ ମିଳେ, ମାତାଙ୍କ ପ୍ରଦକ୍ଷିଣ କରିବା ଦ୍ୱାରା ସେହି ପୁଣ୍ୟ ମିଳେ । ସେହିପରି ସବୁ ଦେବାଦେବୀଙ୍କ ପୂଜନରେ ଯେଉଁ ପୁଣ୍ୟ ମିଳିଥାଏ, ପିତାଙ୍କ ପୂଜନରେ ସେହି ପୁଣ୍ୟ ମିଳେ ।

ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନେପାଳ ଓ ଜନ୍ମାଷ୍ଟମୀ

ନିତ୍ୟ ରଞ୍ଜନ ନନ୍ଦ



-ଆଜି ଜନ୍ମାଷ୍ଟମୀ । ମୁଁ ନିର୍ଜଳା ଓପାସ କରିବି । ଏଠି କେଉଁଠି ମନ୍ଦିର ଅଛି ଟିକେ ବୁଝିବ ।

ସୁଷମା ଗମ୍ଭୀର ସ୍ୱରରେ କହିଲେ ।

ନେପାଳରେ ଜନ୍ମାଷ୍ଟମୀ ଓଷା ! ତା ପୁଣି ଏଇ ଅବସ୍ଥାରେ ଓ ହସ୍ପିଟାଲରେ ?

ସୁଷମା'ଙ୍କ ଜିଦି, ଆଜି ସେ ଜନ୍ମାଷ୍ଟମୀ ପାଇଁ ନିର୍ଜଳା ଓପାସ କରିବେ ।

ଅବାକ ହୋଇ ଅନାଉ ଥିଲେ ଜିତେନ୍ଦ୍ର ବାବୁ ।

ନେପାଳରେ ଆସିଥିବା କାଦୁଅ ବନ୍ୟା, ଜିତେନ୍ଦ୍ର ଓ ସୁଷମାଙ୍କ ଜୀବନରେ ଯେମିତି ଖଣ୍ଡପ୍ରଳୟ ନେଇ ଆସିଥିଲା । ଏଠାରେ ଚୀନ, ନେପାଳ ସୀମାରେଖା ପାଖରେ ନିର୍ମିତ ହେଉଥିବା ଟନେଲରେ ଇଞ୍ଜିନିୟର ଭାବେ କାମ କରୁଥିଲା ସେମାନଙ୍କ ଏକମାତ୍ର ପୁଅ ଚନ୍ଦୁ । ସାଙ୍ଗରେ ରହୁଥିବା ବୋହୂ ଆସନ୍ନ ପ୍ରସବା ।

ଆଉ ମାସେ ପରେ ଡେଲିଭରି ଡେଟଥିବା ଯୋଗୁଁ ଚନ୍ଦୁ, ବୋହୂକୁ ନେଇ ଏଇ ସପ୍ତାହରେ ଓଡ଼ିଶା ଆସିଥାନ୍ତା । ହେଲେ ନିୟତି'ର ବିଚିତ୍ର ବିଚାର ।

ବନ୍ୟାରେ ପୁଅ ନିଖୋଜ ଆଉ ବୋହୂ ହସ୍ପିଟାଲରେ । ତରବର ହୋଇ ଜିତେନ୍ଦ୍ର ଓ ସୁଷମା ଚାଲି ଆସିଛନ୍ତି ନେପାଳ । ଜୀବନରେ ପ୍ରଥମଥର ଦେଶ ବାହାରକୁ ଆସିଛନ୍ତି ଦୁହେଁ,ହେଲେ ଏଭଳି ପରିସ୍ଥିତିରେ ?

ଜିତେନ୍ଦ୍ର କାନ୍ଦି ପାରୁ ନାହାନ୍ତି ଓ ସୁଷମାଙ୍କ ଆଖିରୁ ଲୁହ ଶୁଖୁନି ।

ଆଉ କେଉଁ ଦିନ ହୋଇଥିଲେ ଜିତେନ୍ଦ୍ର ବିରକ୍ତ ହୋଇ କେତେ କଥା ସ୍ତ୍ରୀଙ୍କୁ ଶୁଣାଇ

Listen to Odia Podcast Original at https://youtube.com/@drjyotiprasad

ଦେଇଥାନ୍ତେ, ଯେମିତି କି ଏ ବୟସରେ ଏଭଳି ଜିଦି ଠିକ ନୁହେଁ, ଅଥବା ତୁମ ଦେହପା ଭଲ ରହୁନି, ପାଣି ନପିଇ ଓପାସ କେମିତି ରହିବ ସାରାଦିନ ? ଡାକ୍ତରଙ୍କୁ ପଚାରି ଓପାସ କରିବ, ଆଗେ ତୁମ ଦେହ, ପରେ ଓପାସ ବ୍ରତ । କିଛି ଅସୁବିଧା ହେଲେ ତୁମ ଭଗବାନ ପିଠିରେ ପଡିବେନି । ଇତ୍ୟାଦି ଇତ୍ୟାଦି ।

ସୁଷମା ବି ମୃଦୁ ହସି ସ୍ୱାମୀଙ୍କୁ କୁହନ୍ତି, ମୋ ଠାକୁର ନହେଲା ନାହିଁ, ତୁମ ଠାକୁର ମୋ କଥା ଶୁଣିବେ ।"

ହେଲେ ଆଜି ଜିତେନ୍ଦ୍ର ବାବୁ ଇଚ୍ଛା କରି ବି ସ୍ତ୍ରୀଙ୍କୁ କିଛି କହିପାରୁନଥିଲେ ।

ସୁଷମାଙ୍କ ଭଳି ସେ ବି ଭଗବାନଙ୍କୁ ଭକ୍ତି ଓ ବିଶ୍ୱାସ କରନ୍ତି ।

ହେଲେ ଏଇ କିଛିଦିନ ହେଲାଣି ଜିତେନ୍ଦ୍ର ବାବୁଙ୍କର ଧୀରେ ଧୀରେ ଯେମିତି ଭଗବାନଙ୍କ ଉପରୁ ବିଶ୍ୱାସ ତୁଟି ଯାଇଥିଲା । ଏଯାଏଁ ସେ ସୁଷମାଙ୍କୁ କହିନାହାନ୍ତି କି ସେ ଡି ଏନ ଏ ଟେଷ୍ଟ ପାଇଁ ବ୍ଲଡ ସାମ୍ପଲ ଦେଇଛନ୍ତି । ଟନେଲ ଭିତର ଓ ଆଖ ପାଖ ଅଞ୍ଚଳରୁ ମିଳିଥିବା କିଛି ଅଚିହ୍ନା/ବିକୃତ ଲାସ ଓ ଶରୀର ଅଂଶ ବିଶେଷ ତାଙ୍କ ପୁଅ ଚନ୍ଦୁ'ର କାଳେ ହୋଇଥିବ ବୋଲି ବାପା ହିସାବରେ ତାଙ୍କଠୁ ଡି ଏନ୍ ଏ ସାମ୍ପଲ ନିଆଯାଇଛି । ଏସବୁ ସେ ସୁଷମା ଅବା ବୋହୂକୁ ଜଣାଇନାହାନ୍ତି । ଖବର ପାଇ ଇଉରୋପ ବୁଲି ଯାଇଥିବା ବୋହୂର ବାପାମା, ଅର୍ଥାତ ସମୁଦି, ସମୁଦୁଣୀବି ଭାରତ ଫେରି ଆଜି ଏଠାରେ ପହଞ୍ଚିଛନ୍ତି ।

ସମୁଦୁଣୀ ବି ସୁଷମାଙ୍କୁ ବୁଝାଇବେ କଣ ଓଲଟି ତାଙ୍କୁ ସମର୍ଥନ କରି ସେ ବି ଜନ୍ମାଷ୍ଟମୀ ଓପାସ କରିବେ ବୋଲି ଶୁଣାଇଛନ୍ତି ।

ସମୁଦି କହୁଥିଲେ, ସବୁ ମା ସମାନ ।"

ହସ୍ପିଟାଲ ବାହାରେ ଠିଆ ହୋଇ ଦୂରରେ ଦିଶୁଥିବା ହିମାଳୟ ପର୍ବତ ମାଳାକୁ ଚାହିଁଥିଲା ବେଳେ ଆଖିରେ ଲୁହ ଜକେଇ ଆସିଥିଲା ଜିତେନ୍ଦ୍ର ବାବୁଙ୍କର ।

Listen to Odia Podcast Original at https://youtube.com/@drjyotiprasad

ଏଠାକୁ ଆସିବା ପରଠୁ ରାତିରେ ଶୋଇ ପାରୁନାହାନ୍ତି ସେ । କୁଢ଼କୁଢ଼ ଶବ ଭିତରେ ନିଜ ପୁଅକୁ ଖୋଜିବା ବୋଧେ ଜୀବନର ସବୁଠୁ ବଡ କଷ୍ଟକର ପରୀକ୍ଷା ।

ସତରେ କଣ ଚନ୍ଦୁ ତାଙ୍କର ବଞ୍ଚିଥିବ ?

ସମସ୍ତେ ଆଶା ଛାଡ଼ି ଦେଲେଣି । ହେଲେ ସୁଷମାଙ୍କ'ର ଦୃଢ଼ ବିଶ୍ୱାସ ତାଙ୍କ ପୁଅ କେଉଁଠି କାଦୁଅ ଭିତରେ ରହି ଯାଇଛି ଅବା ବନ୍ୟାରେ ଭାସି ଯାଇ କେଉଁ ଜଙ୍ଗଲ ଅବା ଟାପୁରେ ଲାଗିଥିବ । ଚନ୍ଦୁ ନିଶ୍ଚେ ଫେରିବ ।

ସବୁ ବାପା, ମା ଏମିତି ଭାବନ୍ତି । ନିଜ ପିଲାଙ୍କ ଅମଙ୍ଗଳ କଣ କିଏ ଭାବିପାରେ ?

ହଜାର ହଜାର ଲୋକ ନିଖୋଜ ଅଛନ୍ତି । କୋଡ଼ିଏ, ତିରିଶ ଫୁଟ ଉଚ୍ଚ କାଦୁଅ ବନ୍ୟାରେ ପୋତି ହୋଇ ଯାଇଛି ଅନେକ ଜନବସତି ।

ମୋବାଇଲ ତଥା ଟିଭିରେ ବିଭିନ୍ନ ଭୟଙ୍କର ଭିଡିଓ ଦେଖି ଜିତେନ୍ଦ୍ର ହତବାକ୍ ହୋଇ ଯାଇଥିଲେ । ଏବେ ନିଜ ଆଖିରେ ଧ୍ୱଂସଲୀଳା ଦେଖି କେବଳ ହୃଦୟ ବିଗଳିତ ହେଉନି,ବରଂ ଲାଗୁଛି ଯେମିତି ସେ ପଥର ପାଲଟିଯିବେ । ଚନ୍ଦୁ ସହିତ କାମ କରୁଥିବା ଜଣେ ନେପାଳୀ ଯୁବକଙ୍କ ପରିବାର ସହ ଭେଟ ହୋଇଛି ଜିତେନ୍ଦ୍ରଙ୍କର ।

ସୋମେଶ ଗୁରୁଙ୍ଗ, ଚନ୍ଦୁ'ର ଜୁନିଅର୍ ଭାବେ କାମ କରେ । ଦୁର୍ଘଟଣା ପୂର୍ବଦିନ ସକାଳେ ଦୁହେଁ ଏଇ ପ୍ରୋଜେକ୍ଟ ସାଇଟରେ ଏକ ସେଲ୍ଫି ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଆଜି ଦୁହିଁଙ୍କ ଖବର ମିଳୁନି । ପ୍ରୋଜେକ୍ଟରେ କାମ କରୁଥିବା ଜଣେ ବିଦେଶୀ ସୁପର ଭାଇଜର କାଳେ ବନ୍ୟା ପାଣି ଆସିବା ବେଳେ ଅନ୍ୟ ସହକର୍ମୀଙ୍କୁ ସଠିକ ନିର୍ଦ୍ଦେଶ ନଦେଇ ଅବା ସାହାଯ୍ୟ ନକରି ନିଜେ ବାହାରକୁ ଚାଲି ଆସିଥିବା ଅଭିଯୋଗ ହେଉଛି । ନିଜ ଜୀବନ ଆଗେ । କାହାକୁ ଦୋଷ ବା ଦେବ ? ଚନ୍ଦୁ ତେବେ କାହିଁକି ଆଗେ ବାହାରି ଆସିଲାନି ?

ପ୍ରୋଜେକ୍ଟରେ କାମ କରୁଥିବା ତଥା ବଞ୍ଚି ଯାଇଥିବା କିଛି କର୍ମୀ କହୁଥିଲେ, ଚନ୍ଦନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାବୁ ବହୁତ ସାହାସୀ ଓ ସାହାଯ୍ୟକାରୀ ଅଫିସର । ଗତଥର ଆସିଥିବା ବନ୍ୟା ସମୟରେ ବି ନିଜ ଜୀବନକୁ ଭୃକ୍ଷେପ ନକରି ଶ୍ରମିକଙ୍କୁ ନିଜେ ଉଦ୍ଧାର କରିଥିଲେ । ହୁଏତ କେଉଁଠି ରହି ଯାଇଥିବେ ।"

ତେବେ ଧୈର୍ଯ୍ୟ'ର ବନ୍ଧ ଯେମିତି ଭାଙ୍ଗି ଯାଉଥିଲା ଜିତେନ୍ଦ୍ରଙ୍କ ପାଇଁ । ପ୍ରଭୁ ପଶୁପତିନାଥଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରୁଥିଲେ କେମିତି ଡି ଏନ ଏ ସାମ୍ପଲ ମ୍ୟାଚ ନହେଉ ।

-ଶୁଣ, ଏଠି ପାଖରେ କେଉଁଠି ବିଷ୍ଣୁ ମନ୍ଦିର ଅଛି ? ନହେଲେ ଠାକୁରଙ୍କ ଫଟଟେ କେଉଁଠୁ ଯୋଗାଡ ହୋଇ ପାରିବ ?

ବୋହୂକୁ ଅପରେସନ ଥିଏଟର ନେଲେଣି । ହୁଏତ ଡେଲିଭରୀ ଆଗୁଆ ହୋଇଯାଇ ପାରେ । ସମୁଦୁଣୀ ଓ ମୁଁ ଜନ୍ମାଷ୍ଟମୀ ପୂଜା ପାଇଁ...

ସୁଷମାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ଅନାଇଲେ ଜିତେନ୍ଦ୍ର ବାବୁ । ତାଙ୍କ ପାଟି ଅଠା ଅଠା ହୋଇ ଯାଉଥିଲା ।

ଛେପ ଢୋକି ଜିତେନ୍ଦ୍ର କହିଲେ, ସବୁ ପରା ଭାସି ଯାଇଛି । ଠାକୁରଙ୍କ ଫଟ କେଉଁଠି ଆଣିବି ? ମୋବାଇଲ ଦେଖି ମୁଣ୍ଡିଆ ମାରିଦିଅ ।"

ସୋମେଶ ଗରୁଙ୍ଗ'ର ମା' ରୁମକୁ ଆସି ସୁଷମାଙ୍କ ହାତରେ ଗୋଟେ ଶାଳଗ୍ରାମ ଧରାଇ ଦେଇ କହିଲେ, ଆମ ଗଣ୍ଡୁକୀ ନଦୀରେ ଏଭଳି ଶାଳଗ୍ରାମ ମିଳେ, ଯାହାକୁ ହିନ୍ଦୁ ମାନେ ବିଷ୍ଣୁଙ୍କ ପ୍ରତୀକ ଭାବେ ଅତି ଭକ୍ତିରେ ପୁଜା କରନ୍ତି । ଆପଣଙ୍କ ସହ ମୁଁ ବି ଆଜି ପୂଜା କରିବି ।"

ସୋମେଶ ଗୁରୁଙ୍ଗ'ର ମା'ଙ୍କ ହାତରୁ ଶାଳଗ୍ରାମଟି ନେଇ ମୁଣ୍ଡିଆ ମାରିଲା ବେଳେ ସୁଷମା କାନ୍ଦି ପକାଇ କହିଲେ, ମୋତେ ଲାଗୁଛି ଭଗବାନ ଯେମିତି ମୋ ଡାକ ଶୁଣୁଛନ୍ତି ଓ ମୋ ପାଖକୁ ଆସିଛନ୍ତି । ଦେଖିବ ଭଲ ଖବର ଆସିବ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜିତେନ୍ଦ୍ରଙ୍କ ମୋବାଇଲରେ ମେସେଜ ଆସିଲା, ଡି ଏନ୍ ଏ, ନଟ ମ୍ୟାଚିଙ୍ଗ ।"

ଆଶ୍ୱସ୍ତ ହେଲେ ଜିତେନ୍ଦ୍ର ବାବୁ । ହେଲେ କିଏ ଜାଣେ ଆଗକୁ କଣ ହେବ ?

ଭାରତୀୟ ଦୂତାବାସ ତରଫରୁ ତଥା ବୈଦେଶିକ ମନ୍ତ୍ରାଣଳାୟ ତରଫରୁ ସବୁ ସୁବିଧା ଯୋଗାଇ ଦିଆଯାଉଥିଲା । ଗୋଟେ ଟେବୁଲ ଉପରେ ଶାଳଗ୍ରାମକୁ ରଖି, ମୋବାଇଲ ଦେଖି ଜନ୍ମାଷ୍ଟମୀ ବ୍ରତ ବହି ବୋଲୁଥିଲେ ସୁଷମା ଓ ସମୁଦୁଣୀ । ପାଖରେ ଆଖି ବୁଜି ଭକ୍ତିରେ ହାତ ଯୋଡ଼ି ବସିଥିଲେ ଗୁରୁଙ୍ଗର ମା ।

ରୁମ ବାହାରକୁ ଆସି ଜିତେନ୍ଦ୍ର, ସମୁଦିଙ୍କ ଉଦ୍ଦେଶ୍ୟରେ ଧୀର ସ୍ୱରରେ କହିଲେ, ଗପ, ସିନେମା ଭଳି ସବୁବେଳେ କଣ ଅଲୌକିକ ହୁଏ ? ସବୁ ଜିନିଷର ଅନ୍ତ କଣ ଗପ ଭଳି ସୁଖଦ ହୁଏ ? ମାନେ ଯେମିତି, ମା କି ସ୍ତ୍ରୀ ପୂଜା ବ୍ରତ କଲେ, ସ୍ୱାମୀ ବା ପୁଅ ଆସି ସାମ୍ନାରେ ହାଜର ହୋଇଯାଏ ? ଯୁଦ୍ଧରୁ କଣ ସବୁ ସୈନିକ ଘରକୁ ଫେରନ୍ତି ? ଠାକୁରଙ୍କ ଉପରେ ଆମ ଭରସା ଠିକ, ହେଲେ ସବୁବେଳେ କଣ ଭଗବାନ ଚମତ୍କାରୀ ଦେଖାନ୍ତି ?

ୟାଙ୍କୁ ଦେଖି ଜଣେ ନେପାଳୀ ମା ବି ଜନ୍ମାଷ୍ଟମୀ ଓପାସ କଲାଣି । ସତ କହୁଛି ସମୁଦି ମୁଁ ଭାବୁଛି ସୁଷମାଙ୍କୁ କହିବି କି ଅପ୍ରିୟ ସତ୍ୟ ପାଇଁ ପ୍ରସ୍ତୁତ ରହିବାକୁ ।

ମୋ ବୋହୂଟା ପାଇଁ ମୋ ମନ ବେଶୀ .... କାନ୍ଦି ପକାଇଲେ ଜିତେନ୍ଦ୍ର ।

ତାଙ୍କ ହାତକୁ ଧରି କେଦାର ବାବୁ କହିଲେ, ଝିଅର ବାପା ହିସାବରେ ମୁଁ ବି ମୋ ହୃଦୟକୁ ସାନ୍ତ୍ୱନା ଦେଉଛି କି ମୋ ଜ୍ୱାଇଁ ସୁରକ୍ଷିତ ଅଛି । ଭଲରେ ଫେରିବ । ଆଉ ରହିଲାଗପ, ସିନେମା; ଏମିତିରେ ଗପ, ସିନେମା ଆମ ଜୀବନର ଅଂଶ ବିଶେଷ ନୁହେଁ କି ? କାଳ୍ପନିକ ଭଳି ଲାଗୁଥିଲେ ବି ଅନେକ ଗପ ସତ ହୋଇଥାଏ । ଆଉ ମାଆମାନେ ଅପତ୍ୟ ସ୍ନେହ/ବନ୍ଧନ ପାଇଁ କିଛି ବି କରି ପାରନ୍ତି ।"

ଏଇ ସମୟରେ ଫୋନ ଆସିଲା, ସାର, ଚମତ୍କାର ହୋଇଛି, ଟନେଲରେ ଯେଉଁ ଖୋଳା କାମ ଚାଲିଥିଲା, ସେଥିରେ ଏଇ ବର୍ତ୍ତମାନ ଗୋଟେ ଚାମ୍ବରରୁ ତିନି ଜଣ ଟନେଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଉଦ୍ଧାର ପାଇଥିବା ଲୋକଙ୍କ ଭିତରେ ଆପଣଙ୍କ ପୁଅ ଚନ୍ଦନ ଓ ସୋମେଶ ଗୁରୁଙ୍ଗ ବି ଅଛନ୍ତି । ଏତେଦିନ ପରେ ଜୀବିତ ଭାବେ... ଛାଡନ୍ତୁ, ସେକଥା, କଂଗ୍ରାଚୁଲେସନ । ଭଗବାନଙ୍କ କୃପା ବୋଲି ଭାବନ୍ତୁ । ନହେଲେ..."

ଫୋନ ବନ୍ଦକରି ଖୁସିରେ ଡେଇଁପଡ଼ିଲେ ଜିତେନ୍ଦ୍ରବାବୁ । ସମୁଦିଙ୍କୁ କୁଣ୍ଢାଇ ବଡପାଟିରେ ଚିତ୍କାର କଲା ଭଳି ସ୍ୱରରେ ଜିତେନ୍ଦ୍ର କହିଲେ, ଆମ ଚନ୍ଦୁ ବଞ୍ଚିଛି । ଟନେଲ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛି । ଗୁରୁଙ୍ଗ ବି ସୁରକ୍ଷିତ । ସୁଷମା, ସମୁଦୁଣୀ ଶୁଣୁଛ ନା ନାହିଁ ? ଆମ ପୁଅ ଭଲ ଅଛି ।"

ସୁଷମା, ସମୁଦୁଣୀ ଓ ଗୁରୁଙ୍ଗର ମା ତିନିହେଁ କୁଣ୍ଢାକୁଣ୍ଢି ହୋଇ କାନ୍ଦୁଥିଲେ ।

କେଦାର ବାବୁ କହିଲେ, ମା ମାନଙ୍କ ଭିତରେ ଭାଷାଗତ ତଥା ଅନ୍ୟ ପାର୍ଥକ୍ୟ ଥାଇପାରେ, ହେଲେ ସନ୍ତାନର ମଙ୍ଗଳ କାମନାରେ ସବୁ ମା ସମାନ ।"

ଏଇ ସମୟରେ ନର୍ସ ଆସି କହିଲା, ପୁଅ ହୋଇଛି, ମା, ଛୁଆ ଦୁହେଁ ଭଲ ଅଛନ୍ତି ।"

ଠାକୁରଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ସୁଷମା କହୁଥିଲେ, ଆଜି ଜନ୍ମାଷ୍ଟମୀ, ଠାକୁର ଚମତ୍କାର କରିଛନ୍ତି । ନାତି ନାଁ ନନ୍ଦନନ୍ଦନ ରଖିବି । ଆଉ ଡାକ ନାଁ ନନ୍ଦୁ ।"

ଜିତେନ୍ଦ୍ର ବାବୁ କେଦାର ବାବୁଙ୍କ ହାତ ଧରି ଆବେଗ ଭରା ସ୍ୱରରେ କହିଲେ, ଏ ପ୍ରଳୟ ପରେ ନେପାଳରେ ଜନ୍ମାଷ୍ଟମୀରେ ଏସବୁ.. ସତରେ ମା'ମାନଙ୍କ ଭକ୍ତି ଆଗରେ ଭଗବାନ ହାରି, ଅସମ୍ଭବକୁ ସମ୍ଭବ କରିବା ପାଇଁ, ମା ମାନଙ୍କ ଦ୍ୱାରା ହିଁ ଚମତ୍କାରୀ ଦେଖାନ୍ତି ।"

(ସଂଗୃହୀତ)

ଡିଏଲଏ -୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ - ୯୪୩୭୨୧୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁର୍ଗା ପୂଜା

ସୁକାନ୍ତ ଖଣ୍ଡା

ଘଟଗାଁ ବଜାର । ଦୁର୍ଗାପୂଜା ପାଇଁ ସରଗରମ । ଧର୍ମର ଉତ୍ସବ, ପ୍ରେମର ପାର୍ବଣକୁ କିଏ ବା ଭୁଲିବ ଲୁହ... ?

ସୂର୍ଯ୍ୟ ପୃଥିବୀ ପୃଷ୍ଠକୁ ଆଲୋକ ମାଳାରେ ସଜେଇ ଦେଇଥିଲା । ସୁନ୍ଦର ସ୍ୱରରେ ଗୀତ ଗାଉଥିବା ପବନ ସହିତ ଦୋହଲି ଦୋହଲି ନାଚୁଥିଲେ ସକଳ ବୃକ୍ଷରାଜି । ଚାରିଆଡେ ଆନନ୍ଦର ମାହୋଲ ।

ସଭିଙ୍କ ପରି କୁନି ଝିଅଟିଏ ମଧ୍ୟ ପାର୍ବଣର ସୁଖ ସାଉଁଟିବା ଆଶାରେ ଦୌଡ଼ି ଆସିଥିଲା ଘଟଗାଁ ପୀଠକୁ । ଯେଉଁଠି ମାଆ ଦୁର୍ଗାଙ୍କର ପୂଜାର୍ଚ୍ଚନା ବଡ ଧୁମଧାମରେ ଚାଲିଥିଲା ।

ପାଞ୍ଚ/ ଛଅ ବର୍ଷର ଝିଅଟିଏ । ଅଣ୍ଟାରେ ଖଣ୍ଡିଏ ମଇଳା କପଡା । ସାରା ଦେହଟି ଫୁଙ୍ଗୁଳାକୁ ନୁଖୁରା ଦେହ । ମୁଣ୍ଡବାଳ ତେଲ ବିନା ଯେମିତି ଜଟ ହେବାକୁ ବସିଲାଣି । ତା' ହୃଦୟରେ ଅନନ୍ତ ଭୋକର କାମନା । ମୁଖରେ କାହାକୁ କହି ପାରୁଛି ନା ରହି ପାରୁଛି ? ଆଖିରେ ଆଖିଏ ଲୁହ ଝରାଇ ଜଳଜଳ କରି କେବଳ ଅନେଇଁ ରହିଛି । କାହାକୁ କହିବ ମନର ଭାବନା ଯାହାକୁ କହନ୍ତା କାହିଁ କେତେ ଦିନରୁ ଏ ସଂସାର ଛାଡ଼ି ଚାଲି ଯାଇଛନ୍ତି ବୋଧହୁଏ ।

ସେ ଦୂରରେ ଠିଆ ହୋଇ କ'ଣ ସବୁ ଭାବୁଥିଲା ବୋଧହୁଏ ମାଆ ଦୁର୍ଗାଙ୍କୁ ଆକୁଳ ନିବେଦନ କରୁଥିବ କି କ'ଣ ? ଏ ଆଲାଜୁକି ଜୀବନଟା ରଖିଛ କାହିଁକି ? ଘର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିବାରର ସଭିଙ୍କୁ ଆଉ ପୁରକୁ ନେଇଗଲା ପରେ ଏ ନୀଚ ଓ ଧିଟ ଜୀବନଟି କ'ଣ ଏ ଘର ସଂସାରକୁ ଉଜ୍ଜ୍ୱଳ କରିବ ? ହାୟରେ ବିଧାତା କାହିଁକି ଏମିତି ଜୀବନ ଏ ସୁନ୍ଦର ସଂସାରକୁ ପଠାନ୍ତି ?

ମୁଁ ମାଆ ଦୁର୍ଗାଙ୍କୁ ନବରାତ୍ର ଦିନ ଦେଖିବାକୁ ବୁଲି ଯାଇଥିଲି । ଆକର୍ଷଣୀୟ ଦୁର୍ଗାମେଢ଼ ଦେଖିବା ଆଗରୁ ଏ ଝିଅଟି ଉପରେ ନଜର ପଡିଗଲା । ପାଖକୁ ଯାଇ କହିଲି, "ଝିଅ ! ତୋର ସାଙ୍ଗରେ ଆଉ କିଏ ଆସିଛନ୍ତି ?" ମୋର କଥାଟି ଶୁଣି ସେ ଡରିଗଲା । ପଛକୁ ସାମାନ୍ୟ ଘୁଂଚିଯାଇ ଜାକିଜୁକି ହୋଇ ହାତରେ ଜାବୁଡ଼ି ଧରିଥିବା ଖୁମ୍ବକୁ ଜୋରରେ ଭିଡ଼ିଧରି ମୁଣ୍ଡ ହଲାଇ ମନା କଲା । ମୁଁ ତା' ପାଖକୁ ଯାଇ ପୁଣି କହିଲି, "ଝିଅ ! ତୋର ନା'ଟି କ'ଣ ? କେଉଁଠୁ ତୁ ଆସିଛୁ ?" ଏକା ବେଳକେ ଦୁଇଟି ପ୍ରଶ୍ନ ଶୁଣି ଝିଅଟି ଆହୁରି ଡରିଗଲା ଆଉ ଟିକିଏ ପଛଘୁଞ୍ଚା ଆଖିରୁ ଲୁହ ଝରାଇ ମୁହଁକୁ ପୋତି ନୀରବରେ ଠିଆ ହେଲା । ମୁଁ ତାର ଆହୁରି ପାଖକୁ ଯାଇ ପିଠି ଥାପୁଡେଇ କହିଲି, "ଝିଅ ! କିଛି ଖାଇଛୁ ?" ସେ ମୁଣ୍ଡ ହଲାଇ କହିଲା, "ନା ।" ମୁଁ ତା' ହାତକୁ ଧରି ମାଆ ହୋଟେଲକୁ ନେଇଗଲି ଆଉ ଡାଇନିଂ ଚେୟାର ଉପରେ ବସିବାକୁ କହିଲି । ସେ ତଳେ ବସି ପଡିଲା । ମୁଁ ତାକୁ ହାତରେ ଧରି ଚେୟାର ଉପରେ ବସାଇ ବିଭିନ୍ନ ପ୍ରକାର ମିଠା ଖାଇବାକୁ ଦେଲି । ସେ ଅନେକ ମିଠା ଖାଇଲା ଆଉ ନ ଖାଇବାକୁ ମୁଣ୍ଡ ହଲାଇ ସମ୍ମତି ଦେଲା । ମୁଁ ତାକୁ ପ୍ୟାକେଟରେ ପୂରାଇ ଗଜା, ଲଡ଼ୁ ଓ ଆଳୁଚପ ଧରାଇ ଦେଲି ପରେ ଭୋକ ଲାଗିଲେ ଖାଇବାକୁ । ସେ ନାହିଁ ନ କରି ଧରିଲା । ମୁଁ ତାକୁ ଜୋତା ଓ ଡ୍ରେସ୍ ଦୋକାନକୁ ନେଇ କିଣିଦେଲି । ସେ ପିନ୍ଧିଲା ଆଉ ମୁଖରେ ସାମାନ୍ୟ ହସର ଜୁଆର ଖେଳିଗଲା । ତାର ଆଲୁରବାଲୁର ଝାମୁରା ମୁଣ୍ଡ ସେଲୁନକୁ ନେଇ ପାନିଆଁରେ କୁଣ୍ଡେଇ ଦେଲି । ସେ

Listen to Odia Podcast Original at https://youtube.com/@drjyotiprasad

ଯେମିତି ବଡ଼ ଖୁସି ହୋଇ ମୋର ହାତ ଧରି ଟାଣିନେଲା ମାଆ ଦୁର୍ଗାଙ୍କ ମେଢ଼କୁ । ମୁଁ ତାର ହାତ ଧରି ଯନ୍ତ୍ରବତ୍ ଚାଲିଲି ଯେମିତି ସଖୀ କଣ୍ଢେଇଟିଏ ।

ଝିଅଟି ଏବେ ଖୁସି ହେବାର ଦେଖି ମୋତେ ଖୁବ୍ ଆନନ୍ଦ ଲାଗିଲା । ମୁଁ ତାକୁ ବାଟରେ ଅଟକାଇ କହିଲି, "ଝିଅ ! ଆଉ କ'ଣ ଦରକାର ?" ସେ ମୁଣ୍ଡ ହଲାଇ ମନା କଲା । ମୁଁ ତାର ମୁଣ୍ଡ ଆଉଁସି ଦେଲି । ସେ ଆନନ୍ଦରେ ଛଳଛଳ ହେଲା । ମୁଁ ତାର ଲୁହ ପୋଛି ଦେଲି । ସେ ଆହୁରି ଜୋରରେ ଲୁହ ଧକେଇ କରି କାନ୍ଦିଲା ମୁଁ ତାକୁ କୁଣ୍ଢାଇ ଧରିଲି । ସେ ପୁଣି ମୋତେ ଟାଣିଲା ମେଢ଼ ଆଡ଼କୁ । ମୁଁ ତାର ସହିତ ଚାଲିଲି ପଛେ ପଛେ । ଝିଅଟି ଏବେ କୁତ୍ସିତ କି କଦାକାର ନୁହଁ । ଯେମିତି ଫୁଟି ଉଠିଲା ଆକାଶର ଜହ୍ନ ପରି ଅବା ପୋଖରୀର ପଦ୍ମ ପରି । ସେ ଏତେ ସୁନ୍ଦର ଦିଶିଲା ଯେ ତାକୁ ହିଁ ସଭିଏଁ ଅନେଇ ରହିଲେ । ଆମେ ଦୁହେଁ ସେହି ମେଢ଼ ଭିତରେ ଯେମିତି ସକଳ ସୌନ୍ଦର୍ଯ୍ୟର ଗନ୍ତାଘର । ଝିଅଟି ଟାଣୁଥାଏ ଆଗକୁ ଆଗକୁ ଆଉ ମୁଁ ଯନ୍ତ୍ରବତ୍ ପଛେପଛେ ଚାଲିଥାଏ ।

ହଠାତ୍ ତାର ହାତଟି ମୋର ହାତରୁ ଛାଡ଼ିଗଲା । ସେ ମୋତେ ହାତ ହଲେଇ ହଲେଇ ମେଢ଼ ଭିତରେ ପଶିଗଲା ଯେଉଁଠି ମାଆ ଦୁର୍ଗା ଠିଆ ହୋଇଥିଲେ । ସଭିଏଁ ସେ ଝିଅଟି ଆଡ଼କୁ ଅନେଇ ରହିଲେ । କେହି ବି ତାକୁ ଭିତରକୁ ନ ଯିବାକୁ ମନା ହିଁ କରିଲେ ନାହିଁ । ଝିଅଟି କେମିତି କେଜାଣି ଶୂନ୍ୟରେ ଉଠିଲା ଆଉ ମାଆ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତୀ ଦେହରେ ଲୀନ ହୋଇଗଲା । ସଭିଏଁ ଅନେଇଁ ଥିଲେ ବଲବଲ୍ କରି କି ଏ ଝିଅଟି କିଏ ? କ'ଣ ଥିଲା ୟାଙ୍କର ସହିତ ସମ୍ପର୍କର ରହସ୍ୟ । ସଭିଏଁ ମାଆ ଦୁର୍ଗାଙ୍କୁ ହାତ ଯୋଡ଼ିଦେଲେ ଆଉ ମୋତେ ଘେରି ଯାଇ ପ୍ରଶ୍ନ ଉପରେ ପ୍ରଶ୍ନ କରି ଚାଲିଲେ କି ତୁମେ କିଏ ? ତୁମର ଘର କେଉଁଠି ? ତୁମ ସାଙ୍ଗରେ ଥିବା ସେ ଝିଅଟି କିଏ ? ଯିଏ କି ମାଆ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେହରେ ଲୀନ ହୋଇଗଲା ।

ମୋତେ ଚାରିଆଡୁ ଘେରି ଗଲେ କି ମୁଁ କିଏ ? ପ୍ରଶ୍ନ ଉପରେ ପ୍ରଶ୍ନ । ମୁଁ ଉତ୍ତର ଦେବି କାହାକୁ । ସାଧାରଣ ଜନତାଠାରୁ ଟିଭି, ରେଡ଼ିଓ ଓ ଖବର କାଗଜର ସାମ୍ବାଦିକ ଗଣଙ୍କ ହାଟ ହୋଇଗଲା । ଏତେ ପ୍ରଶ୍ନର ଉତ୍ତର ଦେବାକୁ ଅସମର୍ଥ ହେଲି । ହଠାତ୍ କାହିଁକି ମୁଁ ଚେତା ହରେଇଲି । ଯେତେବେଳେ ଚେତା ଆସିଲା ମୁଁ ଡାକ୍ତରଖାନାରେ ।

ପାଖରେ କେହି ନ ଥିଲେ କେବଳ ଥିଲେ ନର୍ସ ଓ ଡ଼ାକ୍ତର । ଡାକ୍ତର ମହୋଦୟ ମୋତେ କିଛି ପ୍ରଶ୍ନ ପଚାରିବା ପାଇଁ ନର୍ସକୁ ପାଖରୁ ଦୂର ଯିବାପାଇଁ ଇଙ୍ଗିତ ଦେଲେ ଓ ମୋତେ ଏକୁଟିଆ ଦେଖି କହିଲେ, "ଆଜ୍ଞା ! ଆପଣଙ୍କ ନାମ କଣ ?" ମୁଁ କହିଲି ସୁକାନ୍ତ ଖଣ୍ଡା ।

“ଆପଣଙ୍କ ଘର କେଉଁଠି ?"

"ଟାଙ୍ଗରତଳି ।"

କ'ଣ କରନ୍ତି ?"

"ଶିକ୍ଷକତା ।"

"ପାଖରେ ସେ ଯେଉଁ ଝିଅଟି ଥିଲା ସେ କିଏ ?'

-"ମୁଁ ଜାଣେନା ଆଜ୍ଞା ଝିଅଟି ଏକୁଟିଆ ନିଛାଟିଆ ଦେଖି ବସିଥିଲା ଓ ହୃଦୟରେ କ'ଣ ଯେମିତି ଭାବୁଥିଲା । ନୁଖୁରା ଦେହ ଓ ପୁଙ୍ଗୁଳା ବାଳ ପୁଣି ଅଣ୍ଟାରେ ସାମାନ୍ୟ କପଡା ଦେଖି ମୁଁ କାହିଁକି ତା ଆଡ଼କୁ ଆକର୍ଷିତ ହୋଇଗଲି । ତାକୁ ହୋଟେଲରେ ମିଠା ଖୁଆଇଲି । ଦେହକୁ କପଡା ଓ ପାଦକୁ ଜୋତା ପିନ୍ଧାଇ ଦେଲି ତ ଝିଅଟି ଅପରୂପା ଦେଖାଗଲା । ମୁଁ ତା' ସହିତ କିଛି ବି କଥାବାର୍ତ୍ତା ହୋଇନାହିଁ । ସେ କେବଳ ମୁଖରେ

Listen to Odia Podcast Original at https://youtube.com/@drjyotiprasad

ଠାର ହିଁ କହିଛି । ସେ ମୋତେ ମେଢ଼ ଭିତରକୁ ନେଇଗଲା ତା'ପରେ ମୋର ହାତ ଛାଡ଼ିଦେଇ କୁଆଡ଼େ ଗଲା କେଜାଣି ମୁଁ ଜାଣେନା ? ଆପଣ ତାର ସନ୍ଧାନ ରଖିଛନ୍ତି କି.. ?"

ମୋର ଅନର୍ଗଳ କଥାରେ ଡାକ୍ତର ମହାଶୟଙ୍କ ଆଖିରେ ଆନନ୍ଦର ଲୁହ । ସେ ମୋର ପିଠି ଥାପୁଡେଇ କହିଲେ, "ଆଜ୍ଞା ! ଆପଣ ଧନ୍ୟ ଆପଣଙ୍କ ଜୀବନ ମଧ୍ୟ ଧନ୍ୟ ।" ବାସ୍ ! ସେ କେବଳ ଆନନ୍ଦରେ ଅଧିର ହୋଇ କାନ୍ଦିବାକୁ ଲାଗିଲେ । ଦୂରରେ ଭାସି ଆସୁଥିଲା ଚନ୍ଦନ, ଅଗୁରୁ, ଧୂପ ଓ କର୍ପୁରର ବାସ୍ନା । ସୁନ୍ଦର ପରିବେଶ ଭିତରେ ମାଆ ଦୁର୍ଗାଙ୍କର ମନ୍ତ୍ରପାଠ ଚାଲିଥିଲା । ନାଚ ଓ ଗୀତ ଉତ୍ସବରେ ଯେମିତି ସେ ଦିନଟି କଟିଗଲା । ଅଥଚ ମୁଁ....

ମୁଁ ଭାବି ଚାଲିଲି ସେ କୁନି ଝିଅଟି ପାଇଁ । ମେଞ୍ଚାଏ ଲୁହର ଜୁଇରେ ଠିଆ ହୋଇ ।

ଶିକ୍ଷକ

ଟାଙ୍ଗରତଳି

ମଣତା

ଘଟଗାଁ କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭିଶପ୍ତ ନା ଅଧର୍ମ

ଦେବାଶିଷ ମାଇତି



ଶ୍ୟାମଳା ସ୍ୱର୍ଣ୍ଣ ଅଳଙ୍କାର ଯୁକ୍ତ ସୌନ୍ଦର୍ଯ୍ୟ ଭରା ଦୁନିଆ ଭିତରେ ବିଭୀଷିକା କଣ ଜଗତବାସୀଙ୍କୁ ଜାଗ୍ରତ ନା ରକ୍ତମୁଖା କଳ୍କୀ ଆଗମନର ଆଭାସ... ! ତୁମେ ପ୍ରସ୍ଫୁଟିତ ପୁଷ୍ପମାନଙ୍କର ରେଣୁ ହେଲେ, ମୁଁ ତାକୁ ସଂଗ୍ରହ କରି ଆଉ ଏକ ପରିବାର ଗଠନର ମୂଳ ମନ୍ତ୍ର ସେଇ ଭ୍ରମର... । ତୁମେ ଖିଲି ଖିଲି ମଲ୍ଲୀ ମାଳତୀ ହେଲେ, ମୁଁ ତାକୁ ଗଭା ସଜେଇବାର କାରିଗର, ତୁମେ ଝରଣାର କୁଳୁ କୁଳୁ ନାଦ ହେଲେ, ମୁଁ କିଚିରି ମିଚିରି କୋଳାଗ୍ରତ ସୁଶବ୍ଦ..।  ତୁମେ ଅଖଣ୍ଡ ଗଭୀରର ଜଳାଶୟ, ମୁଁ ତୁମ ଭଉଁରୀର ନବଜାତ ଶୋଭିତ...।

ତା ହେଲେ ତୁମେ ଏତେ ରାଗ ଜର୍ଜରିତ ବ୍ରହ୍ମପୁତ୍ରରୁ ବ୍ରହ୍ମ ରାକ୍ଷସ କିପରି, ସୁବର୍ଣ୍ଣରେଖାରୁ ସୀମାହୀନ ରେଖା..., ବୁଢ଼ା ବଳଙ୍ଗ, ବ୍ରାହ୍ମଣୀ ବୈତରଣୀରୁ..., ଅଶାନ୍ତ ସ୍ରୋତ ପ୍ରଖର ତେଜ କାହା ପାଇଁ... !? ସ୍ମିତ ହସି.., ଏ ନର ରାକ୍ଷସ ମାନବକୁ କ୍ଷମା କାହିଁକି... ? ମୋ ସୌନ୍ଦର୍ଯ୍ୟକୁ ଛେଦି ନିଘଞ୍ଚ ଅରଣ୍ୟକୁ ମରୁ ସଜେଇଲ, ମୋ ପବିତ୍ର ଜଳ ରାଶିରେ କଞ୍ଚା ନିଷ୍ପାପ ପଶୁ ପକ୍ଷୀଙ୍କ ରକ୍ତ ମୁଁ ବା କେତେ ସହିବି ଥକିଗଲି...।  ସୁନ୍ଦର୍ ପୁଷ୍ପଲତାକୁ ଶୁନଶାନ୍ ମଶାଣି ଭୂଇଁ ସଜେଇବା ମୋ ପାଇଁ ଅସହ୍ୟ, ଜୀବଜନ୍ତୁ ଆଜି ପୂର୍ବ ଜନ୍ମର ଅଭିଶାପ ଦେଇ ଗତିକଲେ, ଏ ରାକ୍ଷସ କିନ୍ତୁ ଏମିତି ଛଟପଟ ହେଉଛନ୍ତି କେବଳ ନିଜ ପାଇଁ, ଅଧର୍ମ ଅତ୍ୟାଚାର ଏତେ କଣ ପାଇଁ... ! ତୁମେ ମତେ କଳ୍କୀ ଭାବିପାର, କି ରାଗ ଜର୍ଜରିତ ପ୍ରକୃତି..।  ତୁମେ ମୋତେ ଏତେ ଅସହାୟ କରିଛ, ମୋ ସତୀତ୍ୱ ନଷ୍ଟ ହୋଇଯାଇଛି ତାହେଲେ ଏ ବ୍ରହ୍ମପୁତ୍ର କାହାପାଇଁ .... ! ହୁଁ..., ଏଠି ଗଙ୍ଗା ଜଳ ପଡ଼େ ପଶୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପକ୍ଷୀଙ୍କ ରକ୍ତରେ ଆଉ ମଳମିଶ୍ରିତ ଜଳ ଦେବୀ ପୀଠରେ..। କହି ପାରିବ ତୁମେ ପାଖେ ଏ ପ୍ରଶ୍ନର ଉତ୍ତର..! ମହର୍ଷିର ସ୍ୱର କବର ଦିଆଯାଇ ରାଗ ଜର୍ଜରିତ ରଣ ହୁଙ୍କାର ସ୍ୱରକୁ ପୁଷ୍ପ ମାଲ୍ୟ.. କଣ ପାଇଁ କୁହ..! ତୁମେ ଆଜି ଆଶ୍ଚର୍ଯ୍ୟ ହେଲେ ମୁଁ ଜଣେ ପୀଡ଼ିତା, ହଁ ସେଇ ପୀଡ଼ିତା ଯିଏ କର୍ଣ୍ଣପାତ କରୁଛି ଲକ୍ଷ୍ୟ ଲକ୍ଷ୍ୟ ଛାତ୍ରୀର ରାତ୍ରୀର ବଳତ୍କାରର ଶେଷ ନିଶ୍ୱାସ ଯନ୍ତ୍ରଣା ପୁଣି, ପୁଣି କାହାକୁ ନିର୍ଦ୍ଦୟ ଭାବରେ ପିଟି ପିଟି ହତ୍ୟା ଶବ୍ଦର ଯନ୍ତ୍ରଣା..., ହଁ ସେଇ ପୀଡ଼ିତା ନିରୀହ ପଶୁଙ୍କୁ ହତ୍ୟା କରି ତା ରକ୍ତ ମୋ ଜଳରେ ଭସାଇ ଦିଆଯାଏ..., ଏ ନରରାକ୍ଷସଙ୍କୁ ଆଉ କ୍ଷମା ନାହିଁ..। ଜଗତ ସୃଷ୍ଟିର ଆରମ୍ଭରୁ ମୋ କପାଳରେ କୈଳାସ ପର୍ବତରୁ ଆସି ଶଙ୍କରଙ୍କ ଚନ୍ଦନ ଯେତେବେଳେ ମୋତେ ଆଶୀର୍ବାଦ ଦେଇଥିଲେ, ମୁଁ ଆଜି ତାଙ୍କରି କରୁଣାରେ ବହି ଚାଲିଛି.. ସେଇ ବ୍ରହ୍ମପୁତ୍ରରୁ ଗଙ୍ଗାନଦୀ ଯାଏ ପୁଣି ଆଲିଙ୍ଗନ ବଙ୍ଗୋପସାଗରରେ,.. କାହାପାଇଁ.. ଏଇ ଦୂର୍ଲଭ ଜନ୍ମପ୍ରାପ୍ତି ମନୁଷ୍ୟ ପାଇଁ, ସେମାନେ କିପରି ସଦୁପୋଯୋଗ କରିବେ, ବହୁତ୍ ଦିନ ମୋତେ ଭଗବାନ ଶଙ୍କର ଘଣ୍ଟ ଘୋଡ଼େଇ ରଖିଥିଲେ, ହେଲେ ମୁଁ ଥକି ପଡ଼ି ପ୍ରଭୁଙ୍କୁ ଜଣେଇଲି ଟିକେ ଆଶୀର୍ବାଦ ଦିଅ ଯାହା ସମାଜର କଲ୍ୟାଣ ପାଇଁ ଗୋଟେ ଚେତାବନୀ, ଆଜି ରାଜ୍ୟ ଆସାମ ପାଇଁ ତୁମେ ଚିତ୍କାର କରୁଛ, ଆସନ୍ତା ସମୟ ସମଗ୍ର ବିଶ୍ୱ ପାଇଁ ଆଉ ଆମ ଭାଇ ଭଉଣୀମାନଙ୍କ ମିଳନ ଏକା ସାଥିରେ ହେବ, ତୁମ କର୍ମଫଳ ତୁମେ ଏବେଠୁ ଦେଖ ଭଗବାନ ତୁମ ହାତରେ ଛାଡ଼ିଛନ୍ତି ଆଉ ଆମ ମୁଣ୍ଡରେ ହାତ ରଖିଛନ୍ତି...।

ଯେବେ ଭାଗିରଥୀ, ଅସହାୟ ସାଜିବ ଲୁହ ପୋଛିବାକୁ ଅଳକାନନ୍ଦା ହିଁ ପାଖେ ଥିବ, ଯେବେ କଷ୍ଟ ଚିତ୍କାର ଏ ସୁନ୍ଦର୍ ବ୍ରହ୍ମାଣ୍ଡକୁ ହୁଏ, ସେତେବେଳେ ଦେବ ପ୍ରୟାଗ, ବିଷ୍ଣୁପ୍ରୟାଗ, କର୍ଣ୍ଣ ପ୍ରୟାଗ ନିଶ୍ଚିତ ଭଗବାନ ପାଖେ ପାଇବ, ଗଙ୍ଗାରୁ ଗୋଦାବରୀ, ସିନ୍ଧୁରୁ କାବେରୀ, କ୍ରିଷ୍ଣା ନର୍ମଦା ସମସ୍ତେ ହିଁ ଥିବେ । ପଞ୍ଚପ୍ରୟାଗର ଅତିଷ୍ଠ ଯନ୍ତ୍ରଣା ଅନୁଭବ ଏ ସୃଷ୍ଟିକର୍ତ୍ତାର କର୍ଣ୍ଣପାତ ବିଳମ୍ବ ନାହିଁ । ଥରେ ଭାବିଛ ତୁମ ଭଳି ଦୁର୍ଲଭ ଜନ୍ମ ଏ ଜଗତରେ

Listen to Odia Podcast Original at https://youtube.com/@drjyotiprasad

ନାହିଁ । ତୁମେ ଆଜି ପାପିଷ୍ଟ, କାଳଗ୍ରସ୍ଥ ମାନବ । ଆଜି ଆସିଛ ପ୍ରଭୁଙ୍କୁ ସ୍ମରିବା ପାଇଁ... ! ଧିକ୍କାର ତୁମକୁ ,

...... କାହିଁ ଆଜି ପ୍ରଶ୍ନବାଚୀ
ଏ ସୃଷ୍ଟି କର୍ତ୍ତା ଉପରକୁ ଯାଇ,
ଯେବେ ଦୁଃଖ ବାଣ୍ଟଇ
ବଦ୍ରିନାଥ, ପୁରୀ,
ରାମେଶ୍ୱରମ୍ ଦ୍ୱାରିକା, ଏକା ସାଥି ହୋଇ...।
ସବୁ ଥିଲେ ଭାବ ବିନୋଦିଆ,
ଭରଷିଲେ ଏ ଜଗତ ବାସିକୁ...,
ପାଦରେ ଆଡ଼େଇ ସବୁ ଭୁଲିଗଲ...
ଏବେ ଉତ୍ତର ଦିଅହେ କଳ୍କୀର
ସବୁ ପ୍ରଶ୍ନ କୁ.....।

ଦେଖ ରଣ ହୁଙ୍କାର କରି ଆସିଲା ସେ ତିବ୍ବତ ରାଜ୍ୟକୁ, ନିମିଷକେ କର୍ମର ଫଳ ତୁମ ଆଖିର ତୋଳାକୁ ବନ୍ଦ କରିଦେଲା, ସର୍ବନାଶ ସୁ ସୂ ଘୁ ଘୁ କମ୍ପମାନ ଧରିତ୍ରୀ ଏ ପୁଣି କଳ୍କୀର କଉ ରୂପ... ! ସବୁ ସାଜେ ଏଠି ପ୍ରଶ୍ନବାଚୀ, ନାରଦ ସଜାଇ ହାତ ଦ୍ୱାରା ପାପକୁ ଏବେ ସମାପ୍ତ, ସବୁ କିଛି ଶେଷ । ଆଉ କେତେଦିନ ତୁମେ ଏମିତି କରିବ କଣ ସତରେ ସତ୍ୟ ଆଗମନ ନା ଆଉ କିଛି ଯୁଗ ପୃଷ୍ଠା ଭଲରେ ଓଲଟାଇବାକୁ ପ୍ରୟାସ । ଏଠି ନିଜେ ହିଁ ପ୍ରଶ୍ନ ପୁଣି ନିଜେ ନିଜର ଉତ୍ତର, କଣ ଚେତାବନୀ ଭାବିବ ନା ଦୁର୍ଭାଗ୍ୟ ? ବୋଧେ ମୁନିଗଣ ମହର୍ଷି ପାଖେ, ହେଲେ ସେମାନେ ତ ଏବେ ପାପର ଭାଗିଦାର କାହିଁକି ନା ଲୋକମାନଙ୍କ କଲ୍ୟାଣ ପାଇଁ ମୂଲ୍ୟ ନେଉଛନ୍ତି ମନର ଅଭିଳାଷ ପୂର୍ଣ୍ଣ କରୁଛନ୍ତି । ପୁଣି ପ୍ରଶ୍ନ କାହାକୁ ? ବୋଧେ ସେଇ ସପ୍ତତାରା କେତୁଃ, ପୁଲହ, ପୂଲସ୍ତ୍ୟ, ଅତ୍ରି, ବଶିଷ୍ଟ,

Listen to Odia Podcast Original at https://youtube.com/@drjyotiprasad

ଅଙ୍ଗିରା, ମରୀଚି । ହେଲେ ସେମାନେ ଏ ଜଗତରୁ ଦେହତ୍ୟାଗୀ ଭଗବାନଙ୍କର ଅଂଶ ତାଙ୍କୁ ପ୍ରଶ୍ନ ଅସମ୍ଭବ । ତୁମେ ଏବେ ସୀମିତ, କ୍ଷତବିକ୍ଷତ ଖଣ୍ଡବିଖଣ୍ଡିତ, ପାପୀ ଘୃଣ୍ୟ ଆତ୍ମାର ଗୋଟେ ଶରୀର । "ଶେଷ ନିଶ୍ୱାସରେ କର ସମର୍ପଣ ନାମେ ଉଚ୍ଚାରଣ ହେ ହରେ କୃଷ୍ଣ କରହେ ତାରଣ ।" ପ୍ରତିଜ୍ଞା ନିଷ୍ପାପକୁ ଶାହା ଅନାଥକୁ ନାଥ...ହେ ଦୀନବନ୍ଧୁ ତୁମେ ହିଁ ଶ୍ରେଷ୍ଠ ମୁ ଚେଷ୍ଟାରତ...। ତୁମେ କଳ୍କୀ ତୁମେ ହିଁ ଜଗତ ର କଲ୍ୟାଣ ପାଇଁ ଯାତ୍ରା ଆରମ୍ଭ କରିଛ, ତୁମେ ଚେତାବନୀ ଜାଗ୍ରତ ଜଗତବାସୀ ହୁଅ ହେ ସଜାଗୀ..।

ଶହୀଦ ଇରମ୍

ବାସୁଦେବପୁର ଭଦ୍ରଖ

ମୋ:୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୁଲ୍ ବୁଝାମଣା

ଅଭୟ କୁଣ୍ଡ



ମନ ଅସ୍ଥିର, ଅନେକ କାରଣରୁ ମନ ଭ୍ରମିତ, ପ୍ରଭାବିତ ହୁଏ । କଥା ଏବଂ କାର୍ଯ୍ୟରେ ଠିକ ଭୁଲ୍ ପ୍ରତିଫଳିତ ହୁଏ । ଯାହା ଅସତ୍ୟ ତାହା ଭୁଲ୍ । କୌଣସି କଥା କାର୍ଯ୍ୟ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ତାକୁ ଠିକ ଭାବରେ ବୁଝିବା । ତଦନୁସାରେ କଥା କାର୍ଯ୍ୟ ବା ଚୁକ୍ତି କରିବା ଉଚିତ । ଯଦି ବୁଝାମଣାରେ ଭୁଲ ରହେ ଫଳ ମଧ୍ୟ ବିଷମୟ ପ୍ରଣାଘାତୀ ହୋଇଥାଏ । ତେଣୁ ବଡ ମାନେ କୁହନ୍ତି;

ବୁଝି ବିଚାରି କାର୍ଯ୍ୟ କଲେ

ପ୍ରମାଦ ନ ପଡଇ ଭଲେ ।

ଏହାର ପ୍ରମାଣ ଆମ ପୁରାଣ, ଇତିହାସ ସାହିତ୍ୟ ତଥା ଆମ ଜୀବନରେ ପ୍ରଦର୍ଶୀତ ହୋଇଥାଏ । ଲଙ୍କାର ମହାପ୍ରତାପୀ ରାକ୍ଷସ ରାଜା ରାବଣ । ତାଙ୍କ ସାନ ଦୁଇ ଭାଇ କୁମ୍ଭକର୍ଣ୍ଣ ଓ ବିଭିଷଣ । ସମସ୍ତେ ବିଦ୍ୱାନ ଯୋଦ୍ଧା ବିଚାରବନ୍ତ । ରାବଣ ଛପନ ଗଣ୍ଡା ଯୁଗ ବଂଚିବ ବୋଲି ବରପ୍ରାପ୍ତ । ଭଉଣୀ ସୁପର୍ଣ୍ଣଖା । ଏକଦା ପଞ୍ଚବଟୀ ଅରଣ୍ୟରେ ବୁଲୁଥିଲା । ସେତବେଳକୁ ଯୁଗ ପୁରୁଷ ରାମ, ସନୁଜ ଲକ୍ଷ୍ମଣ, ପତ୍ନୀ ସୀତା ବନବାସରେ ଆସି ସେହି ବଣରେ ଥିଲେ । ଯିଏ ସବୁଠାରୁ ରମଣୀୟ ସେ ରାମ । ତାଙ୍କ ରୂପର ତୁଳନା ନାହିଁ । ଏଭଳି ସୁନ୍ଦର ବୀର ପୁରୁଷଙ୍କୁ ଦେଖି ରାକ୍ଷସୀ ନିଜକୁ ଆୟତରେ ରଖି ପାରିଲା ନାହିଁ । ମନେ ମନେ ଭାବିଲା ରାମଙ୍କୁ ବିବାହ କରିବ । ନିଜକୁ ଅନିନ୍ଦ୍ୟ ସୁନ୍ଦର ବେଶରେ ସଜାଇ ରାମଚନ୍ଦ୍ରଙ୍କ କୁଟୀରରେ ଉପସ୍ଥିତ ହେଲା ଓ ମନ କଥା ରାମଙ୍କୁ ଜଣାଇଲା । ରାମ ଶୁଣି ଚକିତ ହେଲେ ଓ ସେ ବିବାହିତ ତଥା ତାଙ୍କ ପତ୍ନୀ ସୀତା ତାଙ୍କ ସହ ଅଛନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଣୁ ସୂର୍ପନଖାଙ୍କୁ ଫେରାଇ ଦେଲେ ।

ସୁର୍ପନଖା ଚିନ୍ତା କାଳେ ରାମଙ୍କ ସାନ ଭାଇ ଲକ୍ଷ୍ମଣଙ୍କୁ ବିବାହ କରିବେ । ତେଣୁ ଏ ପ୍ରସ୍ତାବ ଲକ୍ଷ୍ମଣଙ୍କୁ ଦେଲେ । ଲକ୍ଷ୍ମଣ ମଧ୍ୟ ଧିକ୍କାର ବଚନ କହି ତଡି ଦେଲେ । ସୂର୍ପନଖା ଭାବିଲା ସୀତା ଥିବାରୁ ରାମ ମତେ ବିବାହ କରୁନାହାନ୍ତି । ତେଣୁ ସୀତାଙ୍କୁ ମାରିଦେଲେ ପଥ ପରିଷ୍କାର ହେବ । ଭୟଙ୍କର ରାକ୍ଷସୀ ରୂପ ଧରି ସୀତାଙ୍କୁ ଗୋଡ଼ାଇଲେ । ରାକ୍ଷସୀକୁ ଉଚିତ ଦଣ୍ଡ ଦେବାକୁ ରାମ ଲକ୍ଷ୍ମଣଙ୍କୁ ଆଦେଶ ଦେଲେ ଯେ ତାର ନାକ କାନ ଛେଦନ କର ।

ତାହା ହିଁ ହେଲା । ନାକ କାନ ହରାଇ ବିଭତ୍ସ ରୂପରେ କାନ୍ଦି କାନ୍ଦି ନିଜ ଭାଇ ରାବଣଙ୍କୁ କହିଲା, "ମୁଁ ରାମଙ୍କ ପତ୍ନୀ ସୀତାଙ୍କୁ ତୁମକୁ ଦେଇ ଦେବାକୁ କହିଲି ।" କାରଣ ଏପରି ଅନିନ୍ଦ୍ୟସୁନ୍ଦରୀ ନାରୀ ଭିକାରୀ ବନବାସୀଙ୍କ ପାଖରେ କଷ୍ଟରେ କାହିଁକି ରହିବେ ? ମୋ ଭାଇ ରାବଣର ରାଣୀ ହେବେନି କାହିଁକି ? ସେଥିପାଇଁ ରାମ ମତେ ଏ ଦଣ୍ଡ ଦେଲେ ? ପ୍ରତିଶୋଧ ନିଅ । ସେ ସୀତାଙ୍କୁ ରାମଙ୍କ ଠାରୁ ଛଡାଇ ଆଣ ଓ ରାଣୀ କରି ରଖ ।

ବୀର ଭୋଗ୍ୟା ବସୁନ୍ଧରା । ରାବଣ ମନକୁ କଥାଟା ପାଇଲା । ସେ ମାରିଚ ନାମକ ରାକ୍ଷସକୁ ସୁନାହରିଣ ବେଶରେ ପଠାଇ ରାମ ଲକ୍ଷ୍ମଣଙ୍କୁ ସୀତାଙ୍କ ଠାରୁ ଦୂରକୁ ନେଇଗଲା ଓ ସାଧୁ ବେଶରେ ଭିକ୍ଷା ମାଗିବାକୁ ସୀତାଙ୍କ କୁଟୀରକୁ ଗଲା । ଭିକ୍ଷା ଦେବା କାଳରେ ଜୋର କରି ସୀତାଙ୍କୁ ଅପହରଣ କରି ଲଙ୍କାକୁ ଆଣିଲା । ରାବଣ ସାନଭାଇ କୁମ୍ଭକର୍ଣ୍ଣ ଥରେ ଖାଇଲେ ଛଅ ମାସ ଯାଏ ଶୋଇବ । ସେ ଏସବୁ କଥା ଜାଣି ପାରେ ନାହିଁ । ବିଭୀଷଣ ରାବଣର ମନ୍ତ୍ରୀ ଥିଲେ । ବିଭୀଷଣ ସ୍ୱଭାବତ ଶାନ୍ତ ଦୟାଳୁ ଧାର୍ମୀକ ବ୍ୟକ୍ତି ଥିଲେ । କାହାରି ପ୍ରତି ଅନ୍ୟାୟ କରନ୍ତି ନାହିଁ । ଅନ୍ୟାୟର ପ୍ରତିବାଦ କରନ୍ତି । ରାବଣ ଏପରି କୁକାର୍ଯ୍ୟ କରିଥିବାରୁ ବିଭୀଷଣ ରାଜସଭାରେ ପ୍ରତିବାଦ କଲା । ସୀତାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସସମ୍ମାନେ ଫେରାଇ ଦେଇ ରାମଙ୍କୁ କ୍ଷମା ମାଗିବାକୁ ପରାମର୍ଶ ଦେଲା । ନ ଫେରାଇଲେ ଭୟଙ୍କର ପରିଣାମ ବିଷୟରେ କହିଲା । ରାବଣ ସେ କଥାକୁ କର୍ଣ୍ଣପାତ କଲା ନାହିଁ । ଏହା କାପୁରୁଷର କାର୍ଯ୍ୟ କହି ଏଡେଇ ଦେଲା । ଏହା ମଧ୍ୟରେ ରାମ ବାଳୀ ନାମକ ପରାକ୍ରମୀ ବାନର ରାଜାଙ୍କୁ ମାରିବା, ନଳ ନୀଳ ହନୁମାନ ସୁଷେଣ ଆଦି ବାନର ବୀରଙ୍କ ସହ ମିତ୍ରତା କରି ସୀତା ଉଦ୍ଧାର ପ୍ରକ୍ରିୟା ବିଷୟ ବିଭୀଷଣ ଜାଣିଲେଣି । ବାରମ୍ବାର ଭାଇ ରାବଣଙ୍କୁ ତୁରନ୍ତ ସୀତାଙ୍କୁ ଫେରାଇ କ୍ଷମା ମାଗିବାକୁ ଜିଦ କଲା । ଫଳରେ ରାବଣ ରାଜସଭାରେ ବିଭୀଷଣଙ୍କୁ ପଦାଘାତ କରି ଲଙ୍କାରୁ ବିତାଡିତ କଲା । ଯାହା ଫଳରେ ବିଭୀଷଣ ରାମଙ୍କ ନିକଟରେ ଶରଣ ନେଲା । ଲଙ୍କାର ସମସ୍ତ ଗୁପ୍ତ କଥା, ଅସୁର ମାନଙ୍କର ବଳ, କଳ, କୌଶଳ ରାମଙ୍କୁ ଜଣାଇଲା । ଶେଷରେ ପରାକ୍ରମୀ ରାବଣ କୁମ୍ଭକର୍ଣ୍ଣ ଇନ୍ଦ୍ରଜିତ, ଅକ୍ଷୟ, ଜମ୍ବୁମାଳୀ ଆଦି ମହାପରାକ୍ରମୀ ଅସୁରମାନେ ଯୁଦ୍ଧରେ ପ୍ରାଣ ହରାଇଲା । ଏହା କେବଳ ଭୁଲ ବୁଝାମଣାର ଫଳ । ଭାଇ ଭଗାରୀ ହେଲେ ଭେଳା ବୁଡିବା ସାର । ତେଣୁ କଥାରେ କାର୍ଯ୍ୟରେ ବା ଚୁକ୍ତି ପତ୍ରରେ ଯେପରି ଭୁଲ ବୁଝାମଣା ନ ହୁଏ ସେଥିପ୍ରତି ଯତ୍ନବାନ ହେବା ସର୍ବାଦୌ ଉଚିତ ।

ବଳଭଦ୍ରପୁର,ବନ୍ତଗ୍ରାମ

ନିମାପଡା, ପୁରୀ

ମୋ - ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜଧାନୀରେ ଜନ୍ମ ହୋଇ ମୁଁ ମୋର ଜୀବନକାଳ ମଧ୍ୟରେ ଶ୍ରୀଯୁକ୍ତ ଉଦୟନାଥ ନନ୍ଦ ଓ ଶ୍ରୀମତୀ ଇନ୍ଦିରା ନନ୍ଦଙ୍କୁ ଆଦର୍ଶ ପିତାମାତା ଭାବରେ ପାଇବା ସହିତ ଶିକ୍ଷାୟତନରେ ବହୁ ଆଦର୍ଶ ଶିକ୍ଷକଙ୍କ ସାନ୍ନିଧ୍ୟ ଲାଭ କରି ପାରିଛି । ପ୍ରାଥମିକ ଶିକ୍ଷା ସମୟରେ ଶ୍ରୀଯୁକ୍ତ ଜନକ ବେହେରା, ଶ୍ରୀଯୁକ୍ତ ରମାକାନ୍ତ ସାମଲ, ଶ୍ରୀମତୀ ନିୟତି ନନ୍ଦ, ଶ୍ରୀମତୀ ମିନତୀ ନନ୍ଦ, ଶ୍ରୀମତୀ ଅମିନା ଖାତୁନ, ଶ୍ରୀଯୁକ୍ତ ତୀର୍ଥବାସି ଆଚାର୍ଯ୍ୟ, ଶ୍ରୀଯୁକ୍ତ ଜଗଦାନନ୍ଦ ନନ୍ଦ ତଥା ଶ୍ରୀଯୁକ୍ତ ନଳିନୀ କାନ୍ତ ସାମଲ ପରି ଆଦର୍ଶ ବ୍ୟକ୍ତିତ୍ୱଙ୍କୁ ମୋର ଶିକ୍ଷାଗୁରୁ ଭାବରେ ଓ ପରବର୍ତ୍ତୀ ସମୟରେ ସ୍ୱାମୀ ହରିଶରଣାନନ୍ଦଙ୍କୁ ଦୀକ୍ଷାଗୁରୁ ଭାବରେ ପାଇଥିଲି । ସେହିପରି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଦ୍ୱାରା ବର୍ଣ୍ଣିତ ଉତ୍କଳର ଉଜ୍ଜୟନୀ ତତ୍କାଳୀନ ବାମଣ୍ଡା ରାଜ୍ୟର ରାଜଧାନୀ ତଥା ଶିକ୍ଷା ଓ ସଂସ୍କୃତିର ପ୍ରାଣ କେନ୍ଦ୍ର ଦେବଗଡରେ ପ୍ରଜାବତ୍ସଳ ରାଜା ସାର୍ ବାସୁଦେବ ସୁଢଳ ଦେବଙ୍କ ଦ୍ୱାରା ଶିକ୍ଷାର ପ୍ରସାର ପାଇଁ ରାଜ୍ୟରେ ୨୮ ଗୋଟି ବିଦ୍ୟାଳୟ ସହିତ ୧୮୮୨ ମସିହାରେ ରାଜାବାସୁଦେବ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା । ଉକ୍ତ ହାଇସ୍କୁଲକୁ କୋଲକାତା ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରାଯାଇ ଶିକ୍ଷା ପ୍ରଦାନ କରାଯାଉଥିଲା । କଲିକତା ଯାଇ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କୁ ଅନୁରୋଧ କରି ରାଜାବାସୁଦେବ ଉକ୍ତ ହାଇସ୍କୁଲରେ ବିଜୟ ଚନ୍ଦ୍ର ମଜୁମ୍‌ଦାରଙ୍କୁ ପ୍ରଥମ ପ୍ରଧାନ ଶିକ୍ଷକ (୧୮୮୩ -୧୮୮୬)ଭାବେ ନିଯୁକ୍ତି ଦେଇଥିଲେ । ସେତେବେଳେ ଦେବଗଡ, କୁଚିଣ୍ଡା, ବଣେଇ, ପାଳଲହଡା, ଆଠମଲ୍ଲିକ, ଗାଙ୍ଗପୁର ସମେତ ସମ୍ବଲପୁରର କିଛି ଅଚଂଳର ଛାତ୍ରମାନେ ଏହି ହାଇସ୍କୁଲରେ ଶିକ୍ଷାଲାଭ କରୁଥିଲେ । ଏକଦା ସମ୍ମାନନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିବା ସୁଯୋଗ ମୁଁ ପାଇଥିଲି । ସେତେବେଳେ ସପ୍ତବିଂଶତମ ପ୍ରଧାନ ଶିକ୍ଷକ ଭାବେ

Listen to Odia Podcast Original at https://youtube.com/@drjyotiprasad

ଛାତ୍ରବତ୍ସଳ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଦାଶ (୧୯୭୮-୧୯୮୩) ଙ୍କ ସହିତ, ସ୍ୱର୍ଗତ ମହେଶ୍ୱର ନନ୍ଦ, ସ୍ୱର୍ଗତ ପ୍ରଫୁଲ୍ଲ ପାଣି, ସ୍ୱର୍ଗତ ମଧୁସୁଦନ ଗୁରୁ, ସ୍ୱର୍ଗତ ସୁଦର୍ଶନ ସାହୁ, ସ୍ୱର୍ଗତ କ୍ଷୀରୋଦ ବିହାରୀ ନାୟକ, ସ୍ୱର୍ଗତ ଚିନ୍ତାମଣି ଦାଶ, ସ୍ୱର୍ଗତ ଭାର୍ଗବ ଚନ୍ଦ୍ର ଦେବ, ସ୍ୱର୍ଗତ ହରପ୍ରସାଦ ନନ୍ଦ, ଗିରିନ୍ଦ୍ର ବେହେରା, ସ୍ୱର୍ଗତ ଦୁର୍ଗା ପ୍ରସାଦ ଦ୍ୱିବେଦ୍ୀ, ରବିନାରାୟଣ ସାହୁ, ସ୍ୱର୍ଗତ ଭାଗିରଥୀ ପାଣି ଇତ୍ୟାଦିଙ୍କୁ ଶିକ୍ଷକ ଭାବରେ ମୁଁ ପାଇଥିଲି । ରାଜା ବାସୁଦେବ ହାଇସ୍କୁଲରେ ଶିକ୍ଷକତା କରିବା ଓ  ଅଧ୍ୟୟନ କରିବା ଉଭୟ ସମ୍ମାନର ବିଷୟ ଥିଲା । ପିତାମାତାଙ୍କ ସହିତ ଅଧିକାଂଶ ଗୁରୁ ଇହଧାମ ତ୍ୟାଗ କରିସାରିଲେଣି । ଆଜି ପବିତ୍ର ଗୁରୁଦିବସ ଅବସରରେ ଦୁଇଟି ଘଟଣା ମୁଁ ଏଠାରେ ପାଠକଙ୍କ ନିମନ୍ତେ ଉଲ୍ଲେଖ କରିବାକୁ ଚାହୁଁଛି ଯାହାକି ସେମାନଙ୍କ ପାଇଁ ଉପଯୁକ୍ତ ଗୁରୁଦକ୍ଷିଣା ହେବ ବୋଲି ମୋର ଆଶା ।

ଅଶୀ ଦଶକରେ ମୁଁ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥାଏ । ମୋର ପିତାଙ୍କ ସମେତ ପରିବାରର ପ୍ରାୟ ସମସ୍ତେ ଶିକ୍ଷା ବିଭାଗରେ କାର୍ଯ୍ୟରତ । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନଳିନୀକାନ୍ତ ସାମଲ ଜଣେ ଆଦର୍ଶ ଶିକ୍ଷକ କିନ୍ତୁ ଅତ୍ୟନ୍ତ କଠୋର । ଏମିତି ଏକ ସମୟରେ ତତ୍କାଳୀନ ଜିଲ୍ଲା ବିଦ୍ୟାଳୟ ନିରୀକ୍ଷକ ଶ୍ରୀଯୁକ୍ତ ରାମଚନ୍ଦ୍ର ପଟ୍ଟନାୟକଙ୍କ ସହିତ ଖଣ୍ଡାଧାରଠାରେ ବଣଭୋଜୀ କରିବାର ସୁଯୋଗ ମିଳିଲା । ଭୋଜୀ ସାରି ରାତିରେ ଫେରିବା ବାଟରେ ଗୋଟିଏ ସ୍ଥାନରେ ବିଶ୍ରାମ କଲା ବେଳେ ଜିଲ୍ଲା ବିଦ୍ୟାଳୟ ନିରୀକ୍ଷକ ମୋତେ ଅନେକ ମାନସାଙ୍କ ପଚାରିଲେ । ସେ ସବୁ ପ୍ରଶ୍ନର ସଠିକ୍ ଉତ୍ତର ମୁଁ ଦେଇଦେଲି । ଅଧିକାରୀ ଖୁସି ହୋଇ ମୋତେ ସାବାସି ଦେବା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କ ବିଷୟରେ ପଚାରିଲେ । ବିଦ୍ୟାଳୟର ଭଲ ଶିକ୍ଷକଙ୍କ ନାମ ପଚାରିଲେ । ମୁଁ କେତେକ ଶିକ୍ଷକଙ୍କ ନାମ କାରଣ ସହିତ କହିଥିଲି । ପରେ ପରେ ସେ ପଚାରିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଉଁ ସାର ପିଲାଙ୍କୁ ବାଡାବାଡି କରନ୍ତି ? ମୁଁ ତୁରନ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନଳିନୀକାନ୍ତ ସାମଲଙ୍କ କଥା ବାଳକ ସୁଲଭ କଣ୍ଠରେ କହିଲି ଯେ ସେ ଭଲ ପଢାନ୍ତି କିନ୍ତୁ ଅତ୍ୟନ୍ତ କଠୋର ଓ ବାଡାନ୍ତି ।

ଗୋଟିଏ ଦିନ ପରେ ହଠାତ୍ ପ୍ରଧାନ ଶିକ୍ଷକ ଶ୍ରେଣୀ ଗୃହ କବାଟ କୋଣକୁ ମୋତେ ଡାକି ନେଇ ଗୋଟିଏ ଚାପୁଡା ମାରି କହିଲେ ବଦମାସ୍, ମୋ ନାମରେ ଅଭିଯୋଗ କରୁଛୁ ? ମୁଁ କିଛି ବୁଝି ପାରିଲିନି । ସ୍କୁଲ ଛୁଟି ପରେ ତୁରନ୍ତ ଶିକ୍ଷା ଅଧିକାରୀଙ୍କୁ ଏକଥା ଯାଇ ରିପୋର୍ଟ କଲି । ଅବଶ୍ୟ ତା ପରଦିନ ଠାରୁ ପ୍ରଧାନଶିକ୍ଷକ ମୋତେ ଆଉ କିଛି କହିଲେ ନାହିଁ । ପରେ ପରେ ବୃତ୍ତି ପରୀକ୍ଷାରେ ପାସ୍ କରି ବିଦ୍ୟାଳୟରୁ ବିଦାୟ ନେଇ ରାଜାବାସୁଦେବ ହାଇସ୍କୁଲରେ ନାମ ଲେଖାଇଲି । ଆଦର୍ଶ ଛାତ୍ର ବୋଲି ପ୍ରଥମରୁ ଦଶମ ପର୍ଯ୍ୟନ୍ତ ସବୁ ଶ୍ରେଣୀରେ ମନିଟର ଭାବରେ କାର୍ଯ୍ୟ ନିର୍ବାହ କରିପାରିଛି । ଛାତ୍ର ଜୀବନରେ ଶିକ୍ଷକ ମାନଙ୍କର ସର୍ବଦା ପ୍ରିୟ ଥିଲି ଓ କେବଳ ଦୁଇଥର ଦୁଇଟା ଚାପୁଡ଼ା ବ୍ୟତୀତ କେବେ ହେଲେ ଦଣ୍ଡିତ ହୋଇନାହିଁ । ପାଠ ପଢା ସାରିଲା ପରେ ମୁଁ ସଦାବେଳେ ଶିକ୍ଷକ ମାନଙ୍କୁ ଖୋଜିବୁଲେ । ନିଜର କର୍ମବ୍ୟସ୍ତତା ଭିତରେ ମଧ୍ୟ ରାସ୍ତାଘାଟରେ ଯେଉଁଠି ଶିକ୍ଷକ ମାନଙ୍କୁ ଦେଖିବି ତୁରନ୍ତ ନତମସ୍ତକ ହୋଇ ପ୍ରଣିପାତ କରେ । ମୁଁ ସରକାରୀ ଚାକିରୀରେ ଯୋଗଦାନ କଲା ପରେ ଦିନେ କୌଣସି କାମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥାଏ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଂଲଗ୍ନରେ ଥିବା ସରକାରୀ କୋଷାଗାର ବାରଣ୍ଡାରେ ବହୁତ ଜଣ ପେନସନଭୋଗୀଙ୍କ ମେଳରେ ସେ ପ୍ରଧାନ ଶିକ୍ଷକ ପେନସନ ବହିଧରି ତଳେ ବସିଥିବାର ଦେଖିଲି । ସେହି ଧୋତି ଓ ଫୁଲ ସାର୍ଟ । ମୁଁ ପାଖକୁ ଯାଇ ସାର୍‌ଙ୍କ ପାଦ ଧରି ପ୍ରଣିପାତ ହେଲି ଓ ପଚାରିଲି ସାର କେମିତି ଅଛନ୍ତି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଗାଉଁଲି ଭାଷାରେ କହିଲେ ହଡା ବଳଦ ଜୀବନଯାପନ କରୁଛି । ବଞ୍ଚିଛି । ମୋତେ ପଚାରିଲେ କିଏ ତୁମେ ବାବୁ ? ମୁଁ ଜାଣି ପାରିଲି ନାହିଁ । ମୁଁ ମୋର ପରିଚୟ ଦେଲି । ମୋର ନାମ ଶୁଣି ସେ ଚିହ୍ନିପାରିଲେ ନାହିଁ । ବାବାଙ୍କ ନାମ କହିଲା ପରେ ସେ ଜାଣିଲେ । ଛାତ୍ର ଜୀବନରେ ଅଧିକାରୀଙ୍କୁ ତାଙ୍କ ବିଷୟରେ ଅଭିଯୋଗ କରିବା କଥା ସ୍ମରଣ କରାଇ ଦେଲି । ଗଦ ଗଦ ହୋଇ କହିଲେ, ଅବସର ନେଲା ପରେ କୌଣସି ଛାତ୍ରଛାତ୍ରୀ ଆଜି ପର୍ଯ୍ୟନ୍ତ ମୋତେ ପ୍ରଣାମ କରି ନଥିଲେ । ମୋତେ ରାସ୍ତାଘାଟରେ ଦେଖିଲେ ନମସ୍କାରଟିଏ କରିବାକୁ ପଡିବ ବୋଲି ବାଟ ଭାଙ୍ଗି ଚାଲି ଯାଉଥିଲେ । ତୁମେ ମୋର କେଉଁ କାଳର ଛାତ୍ର ହୋଇ ସରକାରୀ ଅଫିସର ହୋଇ ମଧ୍ୟ ଏତେ ଲୋକଙ୍କ ଭିତରେ ବୁଢାଟିକୁ ଚିହ୍ନିପାରି ସମ୍ମାନର ସହିତ ପ୍ରଣାମ କଲ । ମୁଁ ମୋର ଗୁରୁଦକ୍ଷିଣା ପାଇଗଲି । ମୋର ଆଖିରୁ ଦୁଇଟୋପା ଲୁହ ଝରି ପଡିଲା । ବିଦ୍ୟାଳୟ ଛାଡିଲା ପରେ ସାରଙ୍କ ସହିତ ସେଦିନ ଥିଲା ମୋର ପ୍ରଥମ ଓ ଶେଷ ଦେଖା । କିଛିଦିନ ପରେ ଶୁଣିବାକୁ ମିଳିଲା ସେ ସାର୍ ଆଉ ଇହଧାମରେ ନାହାନ୍ତି ।

ନବମ ଶ୍ରେଣୀରେ ପାଠ ପଢୁଥିବା ସମୟର ଘଟଣା । ଆମର ସଂସ୍କୃତ ଶିକ୍ଷକ ସ୍ୱର୍ଗତ ଦୁର୍ଗା ପ୍ରସାଦ ଦ୍ୱିବେଦୀ ସାରଙ୍କର ନିୟମ ବହୁତ ଅଲଗା ଥିଲା । ସେ ଯଦିଓ ଛାତ୍ରବତ୍ସଳ ଥିଲେ ହେଲେ ମଧ୍ୟ ଛାତ୍ର ମାନଙ୍କ ସହିତ ବହୁତ ମଜ୍ଜା କରି ପାଠ ପଢାଉଥିଲେ । ଦିନେ ସେ ଆମକୁ ସଂସ୍କୃତ ତଦ୍ ଶବ୍ଦର କ୍ଲୀବ ଲିଙ୍ଗ ମୁଖସ୍ତ କରି ଆସିବା ପାଇଁ କହିଥିଲେ । ଯଦିଓ ବିଦ୍ୟାଳୟରେ ଦିଆଯାଉଥିବା ସମସ୍ତ ହୋମୱାର୍କ ମୁଁ ସର୍ବଦା ଆଗ୍ରହର ସହିତ କରି ଆସୁଥିଲି କିନ୍ତୁ ସେଦିନ ଅନ୍ୟ ସାରମାନଙ୍କ ଦ୍ୱାରା ଦିଆଯାଇଥିବା ହୋମଓାର୍କ ବହୁତ ଥିଲା ତେଣୁ ମୁଁ ସଂସ୍କୃତ ବ୍ୟାକରଣ ବହିରେ ତଦ ଶବ୍ଦ ଦେଖିଲି । ରାତି ଅନେକ ହୋଇ

Listen to Odia Podcast Original at https://youtube.com/@drjyotiprasad

ଯାଇଥିବାରୁ ମୁଁ ତର ତରରେ ଦେଖିଲି ଯେ ବହିରେ ଲେଖାଯାଇଛି-

ପ୍ରଥମା- ତତ୍, ତେ, ତାନି

ଦ୍ୱିତୀୟା- ତତ୍, ତେ, ତାନି

ମୁଁ ଆଉ କିଛି ନ ଦେଖି ଖୁସି ହୋଇଗଲି ଓ ଭାବିଲି ଯାହାହେଉ ଦୁଇଟା ଧାଡି ମନେ ରହିଗଲା ଏବଂ ଆନନ୍ଦରେ ଶୋଇ ପଡିଲି ।

ତାପର ଦିନ ବିଦ୍ୟାଳୟରେ ଗଣେଷ ପୂଜା ପାଇଁ ମନିଟର ମାନଙ୍କର ଏକ ବୈଠକ ପ୍ରଧାନ ଶିକ୍ଷକ ଆହ୍ୱାନ କରିଥାଆନ୍ତି । ମୁଁ ମଧ୍ୟ ମନିଟର ହିସାବରେ ଉକ୍ତ ବୈଠକକୁ ଯାଇଥିଲି । ମୋର ଛାତ୍ର ଜୀବନରେ କୌଣସି ସମସ୍ୟା ନଥିଲେ ମୁଁ କେବେ ହେଲେ ଶ୍ରେଣୀକୁ ଆସିବାରେ ଅବହେଳା କରିନାହିଁ । କିନ୍ତୁ ସେଦିନ ପ୍ରଧାନ ଶିକ୍ଷକଙ୍କ ବୈଠକ ଥିବାରୁ ବାଧ୍ୟ ହୋଇ ସଂସ୍କୃତ ପିରିୟଡ ଛାଡି ମୋତେ ଯିବାକୁ ପଡିଲା । ବୈଠକ ସାରି ଶ୍ରେଣୀକୁ ଆସିବାକୁ ସଂସ୍କୃତ ଶିକ୍ଷକଙ୍କୁ ଅନୁମତି ମାଗିବା ପାଇଁ ଗଲାବେଳକୁ ଦେଖିଲି ଯେ ଦ୍ୱିବେଦୀ ସାର ଆମର ଗଣିତ ଶିକ୍ଷକ ସ୍ୱର୍ଗତ କ୍ଷୀରୋଦ ସାରଙ୍କୁ ଡକାଇ ତାଙ୍କ ସାମ୍ନାରେ ତଦ୍ ଶବ୍ଦ ରୁପ ଆଦାୟ କରୁଛନ୍ତି । ମୋତେ ପଚାରିଲେ ତୁ ଶ୍ରେଣୀକୁ ଛାଡି କୁଆଡେ ଯାଇଥିଲୁ । ତାପରେ ପଚାରିଲେ ତଦ୍ ଶବ୍ଦ ମୁଖସ୍ଥ କରିଛୁ ? ମୁଁ କହିଲି ହଁ ସାର୍ ।

ଠିକ୍ ଅଛି କୁହ ।

ମୁଁ ଖୁସିରେ କହି ପକାଇଲି- ତତ୍, ତେ ତାନି, ତତ୍, ତେ, ତାନି ।

ସାର୍ ମାନେ ମୋ ମୁହଁକୁ ଚାହିଁ ପଚାରିଲେ, ତାପରେ ?

ମୁଁ ଚୁପ୍ ରହିଲି । କାରଣ ବହିରେ ମୁଁ ସେତିକି ଦେଖିଥିଲି ।

ଗଣିତ ସାର ମୋ କାନକୁ ମୋଡି ଗୋଟିଏ ଚାପୁଡା ଦେଇ କହିଲେ, ପାଠ ନପଢି

Listen to Odia Podcast Original at https://youtube.com/@drjyotiprasad

# ତତ୍ - ତେ - ତାନି

ଡଃ ସମୀର କୁମାର ନନ୍ଦ



(ପବିତ୍ର ଗୁରୁ ଦିବସ ଉପଲକ୍ଷେ)

ଇହଜଗତରେ ମଣିଷ ଜନ୍ମ ହେଉଛି ସବୁଠାରୁ ଉତ୍କୃଷ୍ଟ ଜନ୍ମ । ବହୁ ଜନ୍ମର ପୁଣ୍ୟବଳରେ ମଣିଷ ଜନ୍ମ ମିଳିଥାଏ । ଏହି ଜନ୍ମକୁ ପରିପୂର୍ଣ୍ଣ ଓ ସଫଳ କରିବା ନିମନ୍ତେ ପ୍ରତ୍ୟେକଙ୍କ ପାଇଁ ଗୁରୁଙ୍କର ଆଶୀର୍ବାଦ ଦରକାର । ଶାସ୍ତ୍ର ଅନୁସାରେ ଯେଉଁ ସାତ ପ୍ରକାରର ଗୁରୁଙ୍କ ଉଲ୍ଲେଖ ରହିଛି ମଣିଷ ପାଇଁ ସମସ୍ତ ଗୁରୁଙ୍କ କରୁଣା ନିହାତି ଆବଶ୍ୟକ । ଭାରତୀୟ ଧର୍ମଶାସ୍ତ୍ର ଗୁଡିକରେ ଗୁରୁଙ୍କ ଗୌରବଗାଥା ବହୁତ ସମ୍ମାନର ସହିତ ବର୍ଣ୍ଣନା କରାଯାଇଛି । ବେଦଶାସ୍ତ୍ରରେ ଗୁରୁ-ଶିଷ୍ୟ ସମ୍ପର୍କକୁ ବହୁତ ମହତ୍ତ୍ୱ ଦିଆଯାଇଛି । ଜଣେ ନିଜର ଭାଗ୍ୟ ବଳରେ ଆଦର୍ଶ ଗୁରୁଟିଏ ପ୍ରାପ୍ତ କରିବାର ସୁଯୋଗ ପାଇଥାଏ । ଗୁରୁ ସର୍ବଦା ଶିଷ୍ୟର ମଙ୍ଗଳ କାମନା ପାଇଁ ଚେଷ୍ଟିତ ଥାଆନ୍ତି । ତାଙ୍କର ଅଯାଚିତ ଭଲପାଇବା ଓ ଅସୀମ ଅନୁଗ୍ରହ ଅତୁଳନୀୟ ଓ ସର୍ତ୍ତବିହୀନ ହୋଇଥାଏ । ଏହିପ୍ରକାରରେ ଜଣେ ଶିଷ୍ୟ ସର୍ବଦା ନିଜ ଗୁରୁଙ୍କ ନିକଟରେ ଋଣୀ ହୋଇଥାଏ ଓ ନିଜର କୃତଜ୍ଞତା କେବଳ ଗୁରୁଦକ୍ଷିଣା ମାଧ୍ୟମରେ ପ୍ରଦାନ କରିପାରେ ।

ମଣିଷର ଉନ୍ନତିରେ ପିତାମାତାଙ୍କ ସହିତ ଗୁରୁଙ୍କର ଅବଦାନ କେବେ କେହିହେଲେ ଅସ୍ୱୀକାର କରିପାରିବେ ନାହିଁ । କିନ୍ତୁ ଏହି ଅବଦାନକୁ ଭୁଲିଯାଇ ଅଣଦେଖା କରିବା ଅତ୍ୟନ୍ତ ପରିତାପର ବିଷୟ । ଶିକ୍ଷା ଓ ସଂସ୍କୃତିର କେନ୍ଦ୍ରସ୍ଥଳୀ ତତ୍କାଳୀନ ବାମଣ୍ଡା ରାଜ୍ୟର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୈଠକ ନାମରେ ଶ୍ରେଣୀକୁ ଆସୁନୁ ? ବଦମାସ ।

ଛାତ୍ର ଜୀବନରେ ଦ୍ୱିତୀୟ ଥର ପାଇଁ ଶିକ୍ଷକଙ୍କଠାରୁ ଚାପୁଡା ଖାଇଥିବାରୁ ମନ ଖରାପ ହୋଇଗଲା । ଦିନ ସାରା ଭାବିଲି ବହିରେ ଯେମିତି ଲେଖାଥିଲା ସେମିତି ତ କହିଲି ଅଥଚ ସାର ମାରିଲେ କାହିଁକି ? ସ୍କୁଲ ଛୁଟୀ ପରେ ଘରକୁ ଯାଇ ଆଗ ବହି ଖୋଲି ଦେଖିଲି । ସେଥିରେ ଲେଖାଥିଲା ପ୍ରଥମା ଓ ଦ୍ୱିତୀୟା ଶବ୍ଦ ରୂପ ତତ୍, ତେ, ତାନି ହେବ ଓ ବାକି ସବୁ ନର ରୂପ ପରି ହେବ । ମୋର ଭୁଲ ଥିଲା ଯେ ମୁଁ କେବଳ ପ୍ରଥମା ଓ ଦ୍ୱିତୀୟା ରୂପ ଦେଖିଲି ଓ ତଳେ ଲେଖାଯାଇଥିବା ଧାଡି ବାକି ସବୁ ନର ରୂପ ପରି ହେବ ନଦେଖି ବିଦ୍ୟାଳୟକୁ ଯାଇଥିଲି । ମୋର ଏପରି ଅନିଚ୍ଛାକୃତ ଭୁଲ ପାଇଁ ମୁଁ ପରଦିନ ଉଭୟ କ୍ଷୀରୋଦ ସାର ଓ ଦ୍ୱିବେଦୀ ସାରଙ୍କ ନିକଟରେ କ୍ଷମା ମାଗିଥିଲି ।

ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସ୍ୱର୍ଗତ ଦୁର୍ଗା ପ୍ରସାଦ ଦ୍ୱିବେଦୀ ଏକଧାରାରେ ଜଣେ ଆଦର୍ଶ ଶିକ୍ଷକ, କବି, ଲେଖକ, ନାଟ୍ୟକାର ଓ କଥାକାର ମଧ୍ୟ ଥିଲେ । ତାଙ୍କର ପୁସ୍ତକ ରଚନା ନିମନ୍ତେ ସେ ସଦାବେଳେ ମୋ ସହିତ ବିଚାରବିମର୍ଷ କରୁଥିଲେ । ଅବସର ସମୟରେ ସାହିତ୍ୟ ସାଧନାରେ ପ୍ରାୟ ସମୟ ଦେଉଥିଲେ । ଆଜି ଆମ ଗହଣରେ ଦ୍ୱିବେଦୀ ସାର ଆଉ ନାହାନ୍ତି ।

୪୨୧, ସାଉଥ ଦିଲ୍ଲୀ ଆପାର୍ଟମେଣ୍ଟ
ପ୍ଲଟ ନମ୍ବର -୮ , ସେକ୍ଟର – ୪,
ଦ୍ୱାରକା, ନୂଆ ଦିଲ୍ଲୀ – ୧୧୦୦୭୮
Email :- puspitajena24@gmail.com ମୋ : ୯୮୧୦୦୫୫୪୭୨

Listen to Odia Podcast Original at https://youtube.com/@drjyotiprasad

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା'ଗୋ ମହିଷାମର୍ଦ୍ଦିନୀ

ସୁଭାଗିନୀ ସିଂହ



ଶରତ ଆକାଶେ କାଶତଣ୍ଡୀ ହସେ
ବସୁନ୍ଧରା ଶୁଭ୍ରା ମୟ
ତୁମ ଆଗମନେ କଦମ୍ବ ଫୁଲ ବାସେ
ସଭିଏଁ ଆନନ୍ଦମୟ ।।

ମହିଷାସୁର ରାକ୍ଷସ ଅତ୍ୟାଚାର
ଦେବ ଲୋକ, ଇହଲୋକ
ଭୟରେ ଧରଣୀ ହେଲା ଥରହର
ଅବତାରୀ ମର୍ତ୍ତ୍ୟ ପୁର ।।

ଶିବଙ୍କର ମହା କୋପ ପ୍ରଳୟରୁ
ଆସ ଦୁର୍ଗା ରୂପ ଧରି
ତେଜସ୍ୱିନୀ ଶକ୍ତି ସ୍ୱରୂପା ତୁହି ମା'
ଆଶିଷ ଦିଅ ହେ ଭରି ।।

ସିଂହ ବାହିନୀ ମହିଷା ମର୍ଦ୍ଦିନୀ
ଦୁର୍ଗା ନବ କାନ୍ତି ରୂପ
ଦୁଷ୍ଟ ନାଶି ସନ୍ଥ ପାଳୁ ନାରାୟଣୀ
ଦୂର କର ସର୍ବ ପାପ ।।

ଜଗତ ଜନନୀ ଅଭୟ ଦାୟିନୀ
ଅପାର ମହିମା ତୋର,
ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ
କଳୁଷ ଖଣ୍ଡନ କର ।।

ଶକ୍ତି ସ୍ୱରୂପିଣୀ ଦେବୀ ନବ ଦିନ
ଅସୁର ସଙ୍ଗେ ସଂଘର୍ଷ
ଦଶମୀ ଦିନ ତୁମେ ମହିଷାସୁର
ପୁଣି କରିଲ ବିନାଶ ।।

ବିଜୟୋଲ୍ଲସରେ ଦେବ ପୁଲକିତ
ସ୍ତୁତିର ସ୍ମାରକୀ ରୂପେ
ଆଶ୍ୱିନର ଶୁକ୍ଳ ଦଶମୀ ତିଥିରେ
ପୂଜିତା ଦେବୀ ମହୀରେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର
କରି ଦେବୀ ପୂଜାର୍ଚ୍ଚନା,
ସେଦିନୁଁ ମଣ୍ଡପେ ଦୁର୍ଗା ପୂଜା ହୁଏ
ମୂର୍ତ୍ତି କରିଣ ସ୍ଥାପନା ।।
ବିଜୟ ସ୍ମୃତିରେ ରାଜା ବିରାଟ
ଆନନ୍ଦ ଉତ୍ସବ ପାଳନ,
ଜଗଜ୍ଜନନୀ ମା' ଦୁର୍ଗତୀ ନାଶିନୀ
କଲେ ଦେବୀ ଆରଧନା ।।
କର ଯୋଡିଣ କରଇ ଜଣାଣ
କୃପା କଟାକ୍ଷ ରେ ଚାହିଁ
ଜନନୀ ପଣତରେ ଦିଅ ଶରଣ
ତବ ବିନା ମୁକ୍ତି ନାହିଁ ।।

ଢେଙ୍କାନାଳ



Listen to Odia Podcast Original at https://youtube.com/@drjyotiprasad

# ଶିବ ପ୍ରିୟ ଶ୍ରାବଣ

ପୁଷ୍ପିତା ଜେନା



ଆଷାଢ ସମାପ୍ତିରେ
ଧରା ପୃଷ୍ଠରେ ଝରିଯାଏ ଗଗନରୁ ଅସରନ୍ତି ନୀର .......
ଯାହାକୁ ସର୍ବେ ଜାଣନ୍ତି
ସେ ଅଟଇ "ଧାରା ଶ୍ରାବଣ"
ଧରିତ୍ରୀମାତା ବକ୍ଷରେ ଥିବା
ଗିରି, ବନ, ନଦୀ, ନାଳ, ପୋଖରୀ ସବୁ ଫୁଲିଉଠେ
କଳାବାଦଲ ଫଟାଇ
ଝରୁଥିବା ବରଷାର ଅନର୍ଗଳ ଜଳଧାର
ଗ୍ରୀଷ୍ମପରେ ଆସେ ବର୍ଷା (ଆଷାଢ)
ଶ୍ରାବଣଟି ଅଟେ ଋତୁଚକ୍ରର ଦ୍ୱିତୀୟ ଋତୁର ସମ୍ଭାର ......
ଘାସର ସବୁଜ ଗାଲିଚା ବିଛାଇ
ଦିଶେ କେଡ଼େ ମନୋହର ....
ମଣ୍ଡୁକ, ଝିଙ୍କାରୀର କର୍କଶ ବୋବାଳି
ସ୍ୱରରେ କରିଦିଏ ସବୁରିକୁ ଅସ୍ତବ୍ୟସ୍ତ
ଖୋଲା ପ୍ରାନ୍ତରରେ ଜଳଭରା ଦେଖି
କାଗଜ ଡଙ୍ଗା ଭସାନ୍ତି କୁନିକୁନି ଶିଶୁଗଣ ......
'ଇନ୍ଦ୍ରଧନୁ' ତା'ର ନୂତନ ରୂପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଗନେ ପ୍ରକଟ ହୋଇ
ସୌନ୍ଦର୍ଯ୍ୟରେ ଭରେ ନଭକୁ
ସମସ୍ତଙ୍କ ଦୃଶ୍ୟ ପାଇଁ .......
ବର୍ଷାର ଅଗମନୀରେ ମୟୂର, ମୟୂରୀ
ପୁଚ୍ଛ ମେଲାଇ ନାଚରେ ବିଭୋର ହୋଇ
ବାଦଲ ଭିତରୁ ଘଡ଼ଘଡ଼ି
ଆଉ ବିଜୁଳୀ ଝଲକୁଥାଇ .....
ମୁଣ୍ଡରେ ପକ୍ଷୀଆ ଦେଇ
ଚାଷୀଭାଇ ଧାନରୋଇବାରେ
ତତ୍ପର ହୋଇଉଠଇ ..........

ସମସ୍ତଙ୍କ ମନରେ ଖୁସିର ପୁଲକ ଭରି
ଧରିତ୍ରୀମାତାର ମନ ଆନନ୍ଦରେ ଉତଫୁଲ୍ଲ ହୋଇଉଠଇ ......
'କାଉଡିଆ ଭାଇ' ଶିବ ଭକ୍ତ ପ୍ରେମୀ
କାନ୍ଧରେ ବୁହାଇ ଜଳ
ଗେରୁଆ ବସ୍ତ୍ର ପରିଧାନ କରି
କିପରି ଢାଳିବେ ଶିବଲିଙ୍ଗରେ ଜଳ
ସେହି ତାଙ୍କର ଅଟେ
ଏକମାତ୍ର ଲକ୍ଷ୍ୟ ..........
ଭୋକ, ଉପବାସରେ, ଖାଲିପାଦରେ
ବୋମ୍ ବୋମ୍ ବୋଲେ , ଓମ୍ ନମୋଃ ଶିବାୟଃ

Listen to Odia Podcast Original at https://youtube.com/@drjyotiprasad

'ପଞ୍ଚାକ୍ଷରୀ ମନ୍ତ୍ର' ଜପି ଜପି ଚାଲିଥାଆନ୍ତି

ସର୍ବେ ହୋଇ ଏକଜୁଟ୍..........

ଶ୍ରାବଣ ମାସଟି ଅଟେ

ଶିବଙ୍କର ଅତ୍ୟନ୍ତ ପ୍ରିୟ ମାସ

ଶିବପ୍ରେମୀ ଭକ୍ତଗଣ ବ୍ରତ, ଉପବାସ, ଜଳାଭିଷେକ ,

ତ୍ରିଶାଖା ବେଲପତ୍ର ଅର୍ପଣ କରି ଲଭନ୍ତି ଅସୀମ ଆନନ୍ଦ .....

ଏହି ପୁଣ୍ୟ ମାସରେ

ଶିବଙ୍କର କୃପାଦୃଷ୍ଟିକୁ ଚାହିଁ

ସମସ୍ତେ ଯୋଡ଼ ହସ୍ତରେ

ଜଣାନ୍ତି ବିନମ୍ର ପ୍ରଣତି

ମନୋସ୍କାମନା ପୁଣ୍ୟ ପାଇଁ

କରୁଥାଆନ୍ତି ତାଙ୍କ ଚରଣରେ ମାଗୁଣି

ସବୁବର୍ଷ ପରି ଶ୍ରାବଣର

ପ୍ରତୀକ୍ଷାରେ ରହିଥାଆନ୍ତି ସର୍ବେ ନିତି ।

୪୨୧, ସାଉଥ ଦିଲ୍ଲୀ ଆପାର୍ଟମେଣ୍ଟ

ପ୍ଲଟ ନମ୍ବର -୮ , ସେକ୍ଟର – ୪,

ଦ୍ୱାରକା, ନୂଆ ଦିଲ୍ଲୀ – ୧୧୦୦୭୮

Email :- puspitajena24@gmaiI.com

ମୋ: ୯୮୧୦୦୫୫୪୭୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେ ଦୁନ୍ଦୁଭି ଆଜି ବି ବାଜୁ

ସଞ୍ଜୀବ କୁମାର ଦାସ



ଆଜି ତାରିଖର ମଧ୍ୟରାତ୍ରିରେ

୧୯୪୭ର ଅଭୁଲା କ୍ଷଣରେ

ବାଜିଥିଲା ବିଜୟର ବାଜା

ଆଲୁଅସବୁ ବିଛାଇ ହୋଇ ପଡ଼ିଥିଲେ

ନୂଆଦିଲ୍ଲୀର କେନ୍ଦ୍ରୀୟ ହଲ୍ ରେ

ଉତ୍ସବ ମୁଖରିତ ହୋଇଥିଲା ଦେଶର କୋଣ ଅନୁକୋଣ

ଗମ୍ଭୀର ପ୍ରତିଜ୍ଞା ଅନ୍ତ କରିଥିଲା  ଜାତୀୟ ଯନ୍ତ୍ରଣାକୁ

ଏକ ଶକ୍ତିଶାଳୀ ମିଶ୍ରଣ ଆଣି ଦେଇଥିଲା ଇପ୍ସିତ ସ୍ୱାଧୀନତା

ଅପସରି ଥିଲା 'ୟୁନିଅନ ଜ୍ୟାକ',ଉଡିଥିଲା 'ତ୍ରିରଙ୍ଗା '

ନବ ପ୍ରଭାତ ଦେଖିଥିଲା ନୂଆ ଭାରତମାତା

ସତ୍ୟନିଷ୍ଠ ସିଦ୍ଧାନ୍ତର ସେ ତ ଥିଲା ସ୍ୱଚ୍ଛ ପ୍ରତିଫଳନ

ସେହି ମଧ୍ୟରାତ୍ରେ ବସିଲା ସଭା

ପ୍ରଥମ ପ୍ରଧାନ କହିଲେ" ଟ୍ରାଇଷ୍ଟ ୱିଥ୍ ଡେଷ୍ଟିନି" ର କଥା

ଜୀବନ୍ତ ହେବ ଭାରତଜନନୀ ,ହେବ ବି ଜାଗ୍ରତ

ହେଲା ସେ ଜୀବନ୍ତ ହୋଇ ପୁଣି ଜାଗ୍ରତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତିକ୍ରାନ୍ତ କରିଛି କେତେ ଦୁର୍ଗମ ପଥ

ହୋଇଛି ସଫଳ ଲଙ୍ଘି ଅନେକ ଦୁର୍ବାର

ଆଠ ଦଶନ୍ଧି ଦେଖିଲାଣି ଉତ୍ଥାନ ପତନ

ବିକାଶର ଫରଦ ଫରଦ ତାଲିକା କହେ

ଦେଶ ଆଗକୁ ଯାଉଛି, ତେବେବି ... ତେବେବି

କାହିଁକି ଦିଶେ କ୍ଷୁଧା ତୃଷା ନରକଙ୍କାଳର ପଟୁଆର

କାହିଁକି ଦେଖି ହୁଏନି ଦକ୍ଷତାର ଝଲକ

ବଣ୍ଟନ ବ୍ୟବସ୍ଥାରେ ପଡେ ଜୁଆର

ନିଯୁକ୍ତିର ଅନ୍ତରାଳେ କେତେଯେ ଟାଣ ଓଟରା

ଶିକ୍ଷା ବ୍ୟବସ୍ଥାର ଗହିରୀ ଭିତରେ ହଜିଛି କେତେ ଅମୂଲ୍ୟ ଜୀବନ

ହତାଶାର ଦୁର୍ଗ ଦେଖିଛି ସଂଶୟର ବିରାଟ ଚିହ୍ନ

ନ୍ୟାୟ ପାଇଁ ଅପେକ୍ଷାର ଅନ୍ତ ନାହିଁ

ତାରିଖ ପରେ ତାରିଖ

ସବୁ କାହିଁକି ଲାଗେ ଓଲଟ ପାଲଟ

ସ୍ୱାଧୀନଚେତା ଦେଶଟାରେ ଖାଲି ସଙ୍କଟ ସଙ୍କଟ

ତଥାପି... ତଥାପି..

ମୁକୁଳିବାର ରାହା ଅଛି ହେ ମୋର ଦେଶବାସୀ

ଆସ , ଆସ ବଜାଇବା ସେଇ ଦୁନ୍ଦୁଭି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧରି ଆଶା ଭରଷାର ତ୍ରିରଙ୍ଗା ପ୍ରତୀକ

ସୁଧାରିବାକୁ ଆମ ସମୟର ଅସହ୍ୟ କ୍ଲେଶ

ଯାହା ଦେଇଥିଲା ବରଷ ବରଷ ଧରି

ଉତ୍ପିଡକ ଫିରିଙ୍ଗି ଶାସନକୁ ଦିନେ ଶକତ ଝଟକା ଶତକ

ଆଉ ତୋଳିବାକୁ ସ୍ୱପ୍ନର  ସ୍ୱାଧୀନ ଭାରତ।

ମର୍କତ ନଗର

କଟକ

୬୩୭୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭିମାନିନୀ ମହାଲକ୍ଷ୍ମୀ

ସତ୍ୟ ନାରାୟଣ ପ୍ରଧାନ

ରାଗ ~ରସକୁଲ୍ୟା

ହେବ ସବୁ ସହି ଜୀବନକାଳେ
ରମଣୀ ମଣିର ଶ୍ୱଶୁର ଆଳେ
ସ୍ୱାମୀ ସହ ଯଦି ମନ ତା'ମିଳେ
ନୋହିଲେ କେ' ତା'ର କୋହ ସମ୍ଭାଳେ ସେ
ନୟନୁ ଲୋତକ ଗଳେ ଯେ
ଅଭିମାନିନୀର ଅଭିମାନ ଦୂର ଲୋଡାହୁଏ ସେତେବେଳେ ଯେ ।

ଜଗଜ୍ଜନନୀ ଲକ୍ଷ୍ମୀ ଠାକୁରାଣୀ
ଅନନ୍ତଶୟନ ଦୃଶ୍ୟ ବଖାଣି
ସ୍ୱାମୀପଦସେବା କର୍ତ୍ତବ୍ୟ ମଣି
ସେ ଏବେ ଶ୍ରୀକ୍ଷେତ୍ର ଅଧିକାରିଣୀ ସେ
ନାରାୟଣ ଜଗନ୍ନାଥ ଯେ
ହେଲେ ଗୂଢ ପ୍ରୀତି ଊଣା ହେଲେ ଧୃତି ରଖି ପାରନ୍ତିନି ମାଥ ଯେ ।

ଅଭିମାନ ବଶେ ଜନମେ କ୍ରୋଧ
କେ'କରିବ ତାଙ୍କ ମନକୁ ବୋଧ

Listen to Odia Podcast Original at https://youtube.com/@drjyotiprasad

ଭଗ୍ନ କରିଥାନ୍ତା ଯେ' ଅଭିମାନ
ଭ୍ରାତା ଭଗ୍ନୀ ସାଥେ ମାତୃଭବନ ସେ
ରଥଚଢି ଗଲେ ଚାଲିଯେ
ସେହି କାରଣରୁ ଅଭିମାନ ଆସି ବସିଛି ହୃଦୟ ମାଡ଼ି ଯେ ।

ସ୍ୱାନ୍ତନାବାଣୀ ଶୁଣାଇବ କିଏ
ବିମଳାଙ୍କ ଆଗେ କମଳା ମାଏ
କହିଲେ ଏସବୁ ହୃଦୟଚ୍ଛ୍ୱାସେ
ମନ୍ତ୍ରିତ ଚୂର୍ଣ୍ଣ ଦେଲେ ସେ ସକାଶେ ଯେ
କହିଲେ ଯିବାକୁ ପାଶେ ଯେ
ଚୂର୍ଣ୍ଣ ଦିଅ ବିଞ୍ଚି ହର କି ବିରଞ୍ଚି
ହେଉ ରହିବେ ଉଦାସେ ଯେ ।
ମହାଲକ୍ଷ୍ମୀ ହେରାପଞ୍ଚମୀ ଦିନ
ସ୍ୱାମୀ ଅଙ୍ଗେ ବିଞ୍ଚି ମନ୍ତ୍ରିତ ଚୂର୍ଣ୍ଣ
କୋଧେ କହନ୍ତି ଶୀଘ୍ର ଯିବା ପାଇଁ
ରଥକାଠ ଭାଙ୍ଗି ସଙ୍ଗରେ ନେଇ ସେ
ଶ୍ରୀମନ୍ଦିର ଗଲେ ଫେରି ଯେ
ବାହୁଡା ବିଜୟ କଲେ ଦେବରାୟ ରାଗ ଶୁଝାଇବେ ଭାଳି ଯେ ।

ନୀଳାଦ୍ରିବିଜେ କଲାଦିନ ପ୍ରଭୁ
ଜାଣିଲେ ଦେଖିବେ ଲକ୍ଷ୍ମୀ ପ୍ରତିଭୂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନାରସୀ ପାଟ ସଙ୍ଗରେ ନେଲେ

ଚାଟୁ ବାକ୍ୟ କହି ମନ ମୋହିଲେ ସେ

ରସଗୋଲା ହାଣ୍ଡି ଥୋଇ ଯେ

କହିଲେ ମାନ ତେଜ ହୃଦୟେଶ୍ୱରୀ ଛାଡପଥ ଯିବା ପାଇଁ ଯେ ।

ବଳରାମ ଥାଇ ଗୃହାବଭ୍ୟନ୍ତର

କହୁଥାନ୍ତି କଳି ଆଉ ନକର

ଲକ୍ଷ୍ମୀ ବୁଝିଲେ ମାନାଧିକ କଲେ

ପରିସ୍ଥିତି ହେବ ବିଷମ କାଳେ ସେ

କବାଟ ଦେଲେ ଫିଟାଇ ଯେ

ଅଭିମାନିନୀ ଲକ୍ଷ୍ମୀ ମାନଭଞ୍ଜନ କଲେ ଜଗତଗୋସାଇଁ ଯେ ।

ଆଠମଲ୍ଲିକ, ଅନଗୁଳ

Listen to Odia Podcast Original at https://youtube.com/@drjyotiprasad

# ଶ୍ରୀ ଗଣେଶ ବନ୍ଦନା

ଅଜୟ୍ କୁମାର ମହାନ୍ତି



ବିଘ୍ନ ବିନାଶକ ଆହେ ବିନାୟକ
ବିଘ୍ନ ନାଶି ପ୍ରଭୁ ରଖ ତୁମ ଟେକ ।।
ଅମ୍ବିକା ନନ୍ଦନ ତୁମେ ଗଜାନନ
ପ୍ରଣତୀ ମୋ ଘେନ ନହୋଇ ବିମୁଖ
ଜାଣେନା ମୁଁ ପୂଜା ଆରାଧନା କିଛି
ଅଟଇ ମୁହିଁ ଯେ ନିପଟ ମୂରୁଖ ।।
ବିଦ୍ୟା ବୁଦ୍ଧି ଦିଅ ସୁପଥ ଦେଖାଅ
ପୁରାଅ ହେ ପ୍ରଭୁ ଏ ଜୀବନ ଲକ୍ଷ୍ୟ
ଆହେ ଗଣାଧିପ ଧୋଇ ମୋର ପାପ
ଚାଲି ବାକୁ ପଥେ ଦିଅ ହେ ବିବେକ ।।
ଆହେ ଲମ୍ବୋଦର କରନ୍ତୁ ଉଦ୍ଧାର
ବଳିପଡ଼େ ମୋର ଏ ଜୀବନେ ଦୁଃଖ
ପାଦତଳେ ପଡ଼ି କରୁଛି ଗୁହାରୀ
ବିଘ୍ନ ନାଶ ମୋର ହେ ଗଣ ନାୟକ ।।

ହରିପୁର, କବୀର ପୁର, ଯାଜପୁର
ମୋ ୯୪୩୭୫୬୪୧୬୦

Listen to Odia Podcast Original at https://youtube.com/@drjyotiprasad

# ଆଜିର ମଣିଷ

ଗୋଲୋକବିହାରୀ ବେହେରା



ମାନବ ହୃଦୟେ ସ୍ନେହ ପ୍ରେମ ପ୍ରୀତି
ଭରି ରହିଅଛି ଅମୃତ,
କାହାର ହୃଦୟ ଦୂଷିତ କୁତ୍ସିତ
କାମନାରେ କିଏ ପୀଡ଼ିତ ।

କେତେ ପଳ ରକ୍ତ କେତେ ମେଞ୍ଚା ମେଦ
କେତେ ଗଣ୍ଠା ସ୍ନାୟୁ ତନ୍ତ୍ରୀ,
ଈର୍ଷା, ଦ୍ୱେଷ, ଅଭି - ମାନେ ଜର୍ଜରିତ
ଏଇ ମଣିଷର ଗତି ।

ଜୀବନଟା ପାଣି ଫୋଟକା ସମାନ
ଗର୍ବ ଅହଙ୍କାର କାହିଁକି ?
ପର ଜନମରେ ଏ ଜନ୍ମର କର୍ମ
ଭୋଗ ତୁ କରିବୁ ନାହିଁ କି ?

ସବୁ ଜାଣି ପୁଣି ଅଜଣା ମଣିଷ
ପ୍ରବଞ୍ଚନା କରି ବଞ୍ଚିଛି,
ତେଲ ହୀନ ଦୀପ ପରି ଏ ଜୀବନ
ସରି ସରି ଲିଭି ଆସୁଛି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁରବୀ

ସୁଷମା ହୋତା



ବହୁତ ଛୋଟ ଅଥଚ
ଘରଟେ ଥିଲା
ସାଙ୍ଗ ସାଥୀ ବନ୍ଧୁ ବାନ୍ଧବ ଆସିଲେ
ମିଳୁଥିଲା ସ୍ୱର୍ଗ ସୁଖ
ନିର୍ଦ୍ଦୟ ପ୍ରକୃତି ଅବା ନିୟତି
ଭାଙ୍ଗି ଦେଇଗଲା..
ସେଠି ନ ଥିଲା ବର୍ଷା ବତାସର ଭୟ
ବର୍ଷା ଆସିବା ପୂର୍ବରୁ
ଘରର ମୁରବୀ ସବୁ କରୁଥିଲେ ଥୟ
ଆମେ କେବେ ଜାଣିନୁ
କି ଜାଣିବାକୁ ଦିଆ ହେଇନି
ବତାସରେ ଭାଙ୍ଗିଗଲା କି
ବର୍ଷା ରେ ଓଦା ହେଲା
ଏଇ ତ ଥିଲା ସେଇ ଘରର କରାମତି..

ଋତୁ ଆସେ ଯାଏ
ଘରଟି ସେମିତି ଅତୁଟ ବନ୍ଧନରେ
ମହକୁ ଥାଏ
ଋତୁ ଯିବା ଆସିବା ଜାଣିବାକୁ
ସମୟ ଅବା କାହିଁ
ଘରର ମୁରବୀଙ୍କ ବିଶ୍ୱାସ
ଥିବ ମେରୁ ଖୁଣ୍ଟ ହୋଇ
ମେଘ ଆସୁ କି ଆସୁ ଝଡ଼
ମୁରବୀଙ୍କ ସ୍ନେହ ସୁଖ ଶ୍ରଦ୍ଧା
ପାଖେ ପଡ଼ିଯାଏ ସବୁ ଫିକା...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରରେ କାନ୍ଥ ପଡିନି କେବେ

ମୁକୁଳା ହେବା ଆଗରୁ

ଲୋକ ଲଜ୍ଜା ହେବାକୁ

କେବେ ଦେଇନାହାନ୍ତି ସମୟ

ବହୁ ଆଗରୁ ମରାମତି ସରିଥାଏ ନିଶ୍ଚୟ...

ସେଇ ଛୋଟ ଘର

ଶିଖେଇଥିଲା ସ୍ନେହ ମମତାର ବନ୍ଧନ

ଯୋଡି ହୋଇ ରହିବାର ସପନ

ତା ସାଥେ ଆପଣା ପର

ଭେଦ ଭାବ ଭୁଲି

ରହିବାକୁ ଇକ ଖୋଲି...

ଶିଖେଇଥାଏ ଘର

ଏକୁଟିଆ ଜୀବନରେ

ମିଳେ କେତେ ଦୁଃଖ

ଯୌଥ ପରିବାରେ ଥାଏ ଜଣେ ମୁରବୀ

ପାଇଥାଏ ଦୁଃଖ ସେଇ

ସହିଥାନ୍ତିସେଇ ସମସ୍ତଙ୍କ ମୁଖେ

ହସ ଟିକେ ଦେଖିବା ପାଇଁ ।

ମୁରବୀ ପରା ସିଏ

ସହିଥାନ୍ତି ଯାତନା

ଲୁହ ସବୁ ଗଡେ

କିନ୍ତୁ ସେ ସ୍ଥାନରେ

କାହାକୁ ଦେଖିବା ମନା

ଅନ୍ୟ ସଭିଏଁ ମାରନ୍ତି ନିଶ୍ୱାସ

ଶାନ୍ତିରେ

କାରଣ ଟା ଏୟା

ସଦା ଥାଏ ଥାଏ ମୁରବୀ ଙ୍କ

ହାତ ଆମ ମୁଣ୍ଡରେ

ଗୁଲୁଣ୍ଡା, ମାନେଶ୍ୱର, ସମ୍ବଲପୁର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପାଠ ଠାକୁର ଦିଅଁ ଗଣେଶ

ନୀଳମଣି ଚାନ୍ଦ



ରାଶିଲଡ୍ଡୁଟି ନିଅରେ ପିଲେ
ସେହି ଦିଅଁଙ୍କ ପାଇଁ
ବିଦ୍ୟାଳୟରେ ହୁଏ ଯା ପୂଜା
ଥାଆନ୍ତି ସବୁ ଚାହିଁ ।

ଦେଖରେ ଦେଖ ମୂଷିକ ପିଲେ
ମୂଷିକଟିକୁ ଦେଖ
ପାଠ ଠାକୁର ବାହନ ସିଏ
ଟିପାଖାତାରେ ଲେଖ ।

ଅଜା କହିଲେ ଶୁଣରେ ପିଲେ
ପେଟରେ ପେଟେ ପାଠ
ସେଇ ଦିଅଁଙ୍କୁ ପୂଜା କରିଲେ
ହୋଇବ ଭଲ ଚାଟ ।

ଗଜର ପରି ମୁଖଟି ପିଲେ
ମୁଖଟି ଗଜ ପରି
ହର ପାର୍ବତୀ ନନ୍ଦନ ସିଏ
ବୁଦ୍ଧି ତ ଅସୁମାରୀ ।
ପାଠ ଠାକୁର ଗଣେଶ ପିଲେ
କେ ଗଜାନନ କୁହେ
ଭାଦ୍ରବ ଶୁକ୍ଳ ଚତୁର୍ଥୀଟିରେ
ତାଙ୍କରି ପୂଜା ହୁଏ ।

ସେ ଅଗ୍ରପୂଜ୍ୟ ଜାଣରେ ପିଲେ
ସିଏ ତ ଲମ୍ବୋଦର
ତାଙ୍କରି ପରି ହୁଅ ପାଠରେ
ତାଙ୍କୁ ବନ୍ଦନା କର ।

ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

# ବେଦରଦୀ ବନ୍ୟା

ଦିପ୍ତୀଲେଖା ମିଶ୍ର

ବର୍ଷା ଆସିଲେ
ବନ୍ୟା ଆସଇ
ବନ୍ୟା ଆସି ଯେ
ବହେ କନ୍ଦାଇ ।

ବହୁତ ଦେଲା ଦୁଃଖ
ବହୁତ ଦେଲା କଷ୍ଟ
ବୁହାଇଲା ଯେ ଲୁହ
ବୁଡ଼ାଇଲା ସେ ଇଟ ।

ବନ୍ୟା ତୁ ଭାରି ବେଦରଦୀ
ବନ୍ୟା ତୁ ନା ଭାରି ନିଷ୍ଠୁର
ବୁଡାଉ ତୁ କେତେ ଯେ ଘର
ବାଡାଉ କେତେ କେତେ କୂଳ ।

ବୁଡାଉ ତୁ ମଣିଷ ଙ୍କ ଜୀବନ
ବୁଡାଉ ଯେ ସାହି ଆଉ ଗାଁ ଘର
ବତାଉ ତୋ ରାଗ ର କେତେ ଭେଉ
ବୁଝାଉ ଗୁରୁତ୍ୱ ପରିବେଶ ର ।

ବେଦରଦୀ ବନ୍ୟା ରେ ବେଦରଦୀ ବନ୍ୟା
ବଢ଼ାନି ତୋର ଗାରିମା ଆଉ ଏଥର
ବୁଝିଗଲୁ ହେ ହେବୁ ସଜାଗ ଏଥର
ବରଷା ପାଣି କୁ ଟିକିଏ ଥୟ କର ।

ଭାବିନିପୁର, ବ୍ରହ୍ମପୁର, ଗଞ୍ଜାମ
ମୋ : ୯୦୪୦୫୮୪୪୧୧

Listen to Odia Podcast Original at https://youtube.com/@drjyotiprasad

# ନୀରବତାର ବର୍ଷା

କିରନ୍ ସ୍ୱାଇଁ



ଶ୍ରାବଣର ଏହି ପ୍ରଥମ ବର୍ଷା
ଯେବେ ଛାତ ଉପରେ ଆସି ପଡ଼େ,
ତେବେ ଲାଗେ, ବର୍ଷ ବର୍ଷର କୌଣସି
ଭୁଲିଯାଇଥିବା କାହାଣୀ କହୁଛି ।
ଏହା କେବଳ ପାଣିର ଝରିବା ନୁହେଁ,
ଏହା ଆକାଶର କାନ୍ଦିବା ଅଟେ
ବା ହୁଏତ ମାଟିର ନିଜର
ଏକାନ୍ତ ପଣରେ କିଛି କହିବା ଅଟେ ।
ଘରର କୋଣରେ ବସି
ଯେବେ ଚା'ର ବାଷ୍ପ ଉଠେ,
ତେବେ ବାହାର ଏହି କୋଳାହଳ ପଛରେ
ଏକ ଗଭୀର ନୀରବତା ଚାଲିଥାଏ ।

ବର୍ଷାର ଏହି ଶବ୍ଦ ଭିତରେ ଦେଖ
କେତେ ସ୍ମୃତି ଜୀବନ୍ତ ହୋଇଉଠେ,
କିଛି ଚେହେରା ଯାହା ଝାପ୍‌ସା ଥିଲେ
ସେମାନେ ବର୍ଷାରେ ଆହୁରି ସ୍ୱଷ୍ଟ ହୋଇଯା'ନ୍ତି ।
ବାହାରେ ଓଦା ହୋଇଥିବା ପ୍ରତ୍ୟେକ ପତ୍ର
ଯେମିତି କିଛି ଯନ୍ତ୍ରଣା ଲୁଚାଇ ରଖିଥାଏ,
ଏବଂ ପ୍ରତ୍ୟେକ ଝରୁଥିବା ବର୍ଷାବିନ୍ଦୁରେ
ସମୟ ଯେମିତି କେଉଁଠି ଅଟକି ଯାଏ ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମ ସମ୍ମାନ

ବସନ୍ତ କୁମାର ପ୍ରଧାନ



ଆତ୍ମସମ୍ମାନର ସହିତ ବଞ୍ଚିବା
ଶ୍ରେଷ୍ଠ ବ୍ୟକ୍ତିର ଲକ୍ଷଣ
ଜୀବନର ସେହି ଅଟେ ଶ୍ରେଷ୍ଠ ପୁଞ୍ଜି
ଲଭିବା ପାଇଁ ସମ୍ମାନ ।

ସ୍ୱାଭିମାନ ଥିଲେ ଆତ୍ମ ସମ୍ମାନରେ
ମଥା ଟେକି ଚାଲେ ବାଟ
ସ୍ୱାଭିମାନ ହୀନ ମୃତ ସମାନ
ଜୀବନ ତା'ର ନିକୃଷ୍ଟ ।

ସ୍ୱାଭିମାନ ସହ ବଞ୍ଚି ରହିବା
ଶ୍ରେଷ୍ଠ କଳା ଜୀବନର
ନୀତି ମର୍ଯ୍ୟାଦାରେ ଦମ୍ଭ ଧାରଣାରେ
ଜୀବନ କରେ ସୁନ୍ଦର ।

ଅନ୍ୟ ସହ କେବେ କରେନା ତୁଳନା
ବଞ୍ଚେ ସ୍ୱକୀୟ ଠାଣୀରେ
ନିଜ ଭାଷା ଭୁଷା ଐତିହ୍ୟ ସଂସ୍କୃତି
ପାଇଁ ସଦା ଗର୍ବ କରେ ।

ସ୍ୱାଭିମାନ ହିଁ ଅଟଇ ଅସ୍ମିତା
ମାନବିକତାର ସ୍ୱର
ଅନ୍ୟାୟ ଆଗରେ ଶିର ନୁଆଁଇବା
ନୁହଁଇ ଧର୍ମ ତାହାର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆତ୍ମ ସମ୍ମାନୀ ଚାହେଁ ନାହିଁ କେବେ

ବଞ୍ଚିବା ଛାୟା ଜୀବନ

ସ୍ୱାଭିମାନ ସହ ସୁନ୍ଦର ଭାବରେ

ବଞ୍ଚେ ରଖି ଟାଣ ପଣ ।

ସତ୍ୟ ନ୍ୟାୟ ପଥେ ଚାଲିଥାଏ ନିତି

ରଖିଣ ମାନ ସମ୍ମାନ

ସ୍ୱାଭିମାନୀ କେବେ ନୁହେଁ ଅଭିମାନୀ

କାଟେ ନୈତିକ ଜୀବନ ।

ହରିହରପୁର, ଛେଣ୍ଡିପଦା, ଅନୁଗୋଳ

Listen to Odia Podcast Original at https://youtube.com/@drjyotiprasad

# ନୂପୁର

ଉମାକାନ୍ତ ବେହେରା

ତମହସ, ତମନାଲି ନାକଫୁଲି
କାନରନୀଳ ଝୁମୁକା
ଚୁର୍ଣ୍ଣକୁନ୍ତଳକୁ ସୁବର୍ଣ୍ଣ ଚାପୁଣି
ମୋତିର ମସ୍ତକ ଟୀକା ।

ଭସା ଭସା ତମ କଥାକୁହା ଆଖି
ଲାଜର ରୋଷଣୀ ଟାଣି
ମଧୁଝରା ତମ ଓଠ,ଦେଖୁଥାଏ
ଦ୍ୱିତୀୟା ଚନ୍ଦ୍ରର ଠାଣି ।

ସବୁପରେ ଏଇ ଆଖି ଲାଖିଯାଏ
ପାଦର ନୂପୁର ପରେ
ସାକ୍ଷୀ ସିଏ ମୋର ତମେ ଆସିବାର
କୁଞ୍ଜର ରୁଦ୍ଧ ଦ୍ୱାରେ ।

ଭେଦିପାରେ ସିଏ ବହଳ ମେଘର
କଳାଘୁମୁରିଆ ରାତି
ଦେଖି ନପାରିଲେ ଶୁଣାଇ ଦିଏ ସେ
ଯୁଗ ଯୁଗାନ୍ତର ଗୀତି ।

ଗୋଲାପି ପାଦରେ ଛନ୍ଦି ହୋଇଥାଏ
ସତେକି ମାଧବୀଲତା
ରୁଣୁଝୁଣୁ ଧ୍ୱନି କହିଦେଉଥାଏ
ତମ ଆଗମନୀ ବାର୍ତ୍ତା

Listen to Odia Podcast Original at https://youtube.com/@drjyotiprasad

କହିଦେଇପାରେ ତମ ଅଭିମାନ

ରାଗରୁଷା ମିଛ କଳି

ସେଥିପାଇଁ ବୋଧେ ତମେ ସଜଫୁଲ

ମୁଁ ଏକ ପାଗଳ ଅଳି ॥

କେଉଁଠି ଯମୁନା କେଉଁଠି କଦମ୍ବ

କେଉଁଠି ତମାଳ ବଣ

ସତ କହ ସଖୀ କେଉଁଠି ପାଇବି

ତମକୁ ନୂପୁର ରାଣ ॥

ସ୍ୱପ୍ନସ୍ମୃତି, ଶ୍ରୀହରି ବିହାର, ଗନ୍ଥାରିଆ

କେନ୍ଦୁଝର ଗଡ଼, ୭୫୮୦୦୧

ମୋ : ୯୩୪୮୫୧୬୦୦୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତ କହିବାକୁ କିଆଁ ଡରିବି

ନିରଞ୍ଜନ ସାହୁ



ସତ କହିବାକୁ ଭାରି ଭୟ ଲାଗେ
ମିଛ ବି କଦାପି କହେନା
ମିଛ କହିଦେଇ ଛଟପଟ ହୋଇ
ପରାଣକୁ ମୋର ଦହେନା ।

କାହିଁକି ଏମିତି ଭୟ ଜନ୍ମେ ମନେ
ସତ କଥା ଯଦି କହିଲି
ସତ୍ୟର ଯଦି ଯୁଗେଯୁଗେ ଜୟ
କିମ୍ପା ଡରିମରି ରହିଲି
କିଏ ଯଦି ମୋତେ ଧମକ ଦେଉଛି
ଏ ଦେହ କଦାପି ସହେନା ।

ସତକୁ ସାମନା କରିକରି ମୁହିଁ
ଅନେକ ବିପଦ ଆଣିଛି
କେତେକ କ୍ଷେତ୍ରରେ ରକ୍ତାକ୍ତ ହୋଇଛି
ମଥା ତଳକୁ ନ ହାଣିଛି
ଅପ୍ରିୟ ସତ୍ୟ ମୁଁ ପ୍ରକାଶ କରିଛି
ନୀରବ ହୋଇକି ରହେନା ।

ସତ କହିବାକୁ ଡ଼ର ଲାଗେ ସତ
କେତେଦିନ ଚୁପ ରହିବ
କେଉଁଦିନ ମନେ ସାହସ ବାନ୍ଧିକି
ପଦେ ସତକଥା କହିବ
ସତ କହେ ବୋଲି ଅନୁତାପ କରି
ମୋ ଆଖିରୁ ଲୁହ ବହେନା ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇପ୍ସିତ ପୁରୁଷ

ଅନୁସୂୟା ଲେଙ୍କା



ତୁମକୁ ଲେଖି ହୁଏନା
ଇପ୍ସିତ ପୁରୁଷର
ଚିତ୍ର ଆଙ୍କିବା ସେତେ ସହଜ ନୁହେଁ
ମୋ' ପାଇଁ,
ଆଙ୍କୁ ଆଙ୍କୁ ଫି'ଥର
ମୁଁ ଅଟକି ଯାଏ...
ମୁଁ ହାରି ଯାଏ...

ତାଙ୍କ ଆଖିର ଗଭୀରତାରେ,
ତାଙ୍କ ଓଠର ନିରବତାରେ,
ତାଙ୍କ ସ୍ପର୍ଶର ଉଷ୍ମତାରେ—
ହଁ, ମୁଁ ଅଟକି ଯାଏ ।

ନାଁ, ମୁଁ ନୁହେଁ...
ମୋ ରଙ୍ଗ ସବୁ ଫିକା ଲାଗେ,
ପ୍ରେମ ସବୁ ଊଣା ଲାଗେ ।
କ'ଣ ମାଖିବି ବୁଝି ପାରେନି,
ବୁଝିଲେ ବି ଏ ମନ ମାନେନି...

କେବେ ଇପ୍ସିତ ପୁରୁଷ ପାଇଁ
କବିତା ଲେଖିଛ... ?
ଲେଖିବା ସେତେ ସହଜ ନୁହେଁ
ମୋ' ପାଇଁ,
ଲେଖୁ ଲେଖୁ ଫି'ଥର
ହଜିବାକୁ ହୁଏ...

Listen to Odia Podcast Original at https://youtube.com/@drjyotiprasad

ଭିଜିବାକୁ ହୁଏ...

ଅନ୍ତରଙ୍ଗ ସେ ମୁହୂର୍ତ୍ତ ସବୁରେ
ବୁଡ଼ିବାକୁ ହୁଏ
ପ୍ରେମ ପାରାବାରେ...
ଥଳକୂଳ ଖୋଜା ଯାଏନି
ପ୍ରେମରେ...।

ହଁ, ତଥାପି
ଶବ୍ଦ ସବୁ ଗୁନ୍ଥିବାକୁ ହୁଏ...
ମୋ' ଅବ୍ୟକ୍ତ ଅନୁରାଗକୁ
କବିତାରେ ବାନ୍ଧିବାକୁ ହୁଏ...।

ସ୍ନାତକୋତ୍ତର ଛାତ୍ରୀ, ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

# ବୃକ୍ଷରୋପଣ

ସନାତନ ମହାକୁଡ଼



* ମୂଳ ରଚନା ବଙ୍ଗଳା- ରାମପ୍ରସାଦ କର

* ଓଡିଆ ଭାଷାନ୍ତର- ସନାତନ ମହାକୁଡ଼

ମେଘ ଦେଖିଲେ ଭାରି ଭଲ ଲାଗେ ।

ପୃଥିବୀ ପୃଷ୍ଠରୁ ତିଳ ତିଳ କରି ଜଳକଣା ଶୋଷି ନେଇ—ନାରୀର ଗର୍ଭସଞ୍ଚାର ପରି ଜଳସ୍ତମ୍ଭ ସଞ୍ଚାରିତ ହୁଏ ।

ତା'ପରେ ପ୍ରତ୍ୟାଶା ପୂରଣ କରି ଦିନେ ଅବିରତ ବାରିଧାରାର ପ୍ରସବ ହୁଏ ।

ଶୁଷ୍କ, ରୁକ୍ଷ ପୃଥିବୀ ଶୀତଳ ହୋଇଯାଏ ।

ସୁବିଶାଳ ବନସ୍ପତିଠାରୁ ଆରମ୍ଭ କରି ଶିଶୁବୃକ୍ଷ ପର୍ଯ୍ୟନ୍ତ ସମସ୍ତେ ପ୍ରାଣ ପାଆନ୍ତି ।

ଏହି ବୃକ୍ଷମାନଙ୍କ ଦ୍ୱାରା ଆବୃତ ଆମର ପ୍ରାଣସମ୍ପଦ ମଧୁମୟ ହୋଇଉଠେ ।

ମୁଁ ହତ୍ୟାକାରୀ, କୃତଘ୍ନ ମନୁଷ୍ୟକୁଳର ଜଣେ ପ୍ରତିନିଧି । କାହିଁକି ଜାଣିନାହିଁ, ଆଜିକାଲି ଏକ ଅଜଣା ଆଶଙ୍କାରେ ଭୋଗୁଥାଏ—

ଯଦି ଆଉ ମେଘର ଗର୍ଭସଞ୍ଚାର ନ ହୁଏ !

ଯଦି ପୃଥିବୀର ବୃକ୍ଷରାଜି ମହାଶୂନ୍ୟରେ ମିଳାଇଯାଏ !

ଶିହରି ଉଠେ ।

ଭୟ ଓ ଯତ୍ନର ସହିତ ବଗିଚାରେ ଏକ ବୃକ୍ଷଚାରା ରୋପଣ କରେ ।

Listen to Odia Podcast Original at https://youtube.com/@drjyotiprasad

ସବୁଜ କୃତଜ୍ଞତାରେ ଭରା ଆଖିରେ ସେଇ ଶିଶୁବୃକ୍ଷଟିକୁ ଚାହିଁ ମନେ ମନେ କହେ—

ଅଗଣିତ ଦୂଷଣରେ ଦୁଷିତ ଏହି ଗ୍ରହର ମେଘମାଳାର ଗର୍ଭସଞ୍ଚାର ପାଇଁ ଯୋଗ୍ୟ ହୁଅ,

ଯୋଗ୍ୟ ହୋଇଉଠ ।

* ଗ୍ରାମ / ପୋ

. ଅ - ବେରୁଆଁବାରୀ-୭୫୨୦୮୨

ଜିଲ୍ଲା- ନୟାଗଡ଼ ,ଓଡିଶା।

ଦୂରଭାଷ-୯୩୩୯୭୧୦୧୬୮

ଇମେଲ୍- sanmahakud@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଶ୍ୱସ୍ତ କକ୍ଷ

ଡଃ ଆଭାଞ୍ଜଳି ଶତପଥୀ



ମୁଠାଏ ନିରାଶାର ମୁହୂର୍ତ୍ତଟାକୁ
ଗଡ଼େଇ ଦେବାକୁ
ଘଣ୍ଟି ବଜାଇଲି
ସମ୍ପର୍କର ପ୍ରତିଟି ଦୁଆରେ ।

ସଭିଏଁ ତ
ବ୍ୟସ୍ତ, ବ୍ୟତିବ୍ୟସ୍ତ
କିଏ ପୀଡ଼ା ଉପଶମେ
କିଏ ବା ଦାୟିତ୍ୱ ବନ୍ଧନେ
କିଏ ଅବା ସାମୟିକ ସୁଖେ
କାହାକୁ ଲାଗିଲା ଏହା
ଏକ ଅଭିଯୋଗ ମାତ୍ର
ଆଉ କେହି ତୁଳନାରେ
ମୋ ହାତେ
ତା' ଦୁଃଖ ମପାଇଲା
କେହି ପୁଣି ଯୋଗରତ
'ଦୁଃଖସଂଯୋଗ-ବିୟୋଗ'ରେ

ନିଜ ନିଜ ଅସ୍ତିତ୍ୱର ମୁହୂର୍ତ୍ତରେ
ହଜି ଯାଇଥିଲେ ସବୁ ।
ମୋର ସେହି ଭାରି ମୁହୂର୍ତ୍ତ
ଆଉ ଏକ ମୁହୂର୍ତ୍ତକୁ ଭାର ଦେଉଥିଲା
ରିଲେ ରେସ୍ ପରି
ମନର ଭାର ବୋହି ବୋହି
କେତେବେଳେ ପାଦ ଖସିଗଲା
ଜାଣି ପାରିଲିନି
ପଡ଼ିଗଲି
ସେହି ଅନ୍ଧକାର ଗହ୍ୱରେ ।

ହୁତୁହୁତୁ ହୋଇ ଜଳିଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ମନ-ଅଗ୍ନିକୁଣ୍ଡ
ଷଡ୍ ରିପୁ  ମିଶି ଘେରିଗଲେ
ହବିଷ ବି ହୋଇ ଜଳିଲେ
ପୂର୍ଣ୍ଣାହୁତି ଦେବା ପର୍ଯ୍ୟନ୍ତ ।

ଛଟପଟ ହୋଇ ଖୋଜିଲି ମୁଁ
ଶୀତଳ ଜଳବୁନ୍ଦେ
ବଞ୍ଚିବାର ତୃଷ୍ଣାରେ ।
ମୁହୂର୍ତ୍ତ ଭାସିଗଲା
ଚିରସ୍ରୋତା ସମୟଧାରାରେ
ତିତୀକ୍ଷାର ବାଲୁକା
ସାଉଁଟି ସାଉଁଟି
ମନକୁ ବୁଝାଇ ବୁଝାଇ ।
ଆଖି ଟାଣି ହୋଇଗଲା
ସେହି ଦିବ୍ୟ ଚକ୍ଷୁ ଦୁଇଟି ଆଡ଼କୁ
ଦିବ୍ୟ ଭାଷାରେ—
କର ଚାହାଣିକୁ ଅନ୍ତର୍ମୁଖୀ ।
ବଦଳାଇ ଦେଲି ଦୃଷ୍ଟିକୋଣ
ଖୋଲିଗଲା
ଉଦ୍‌ଗାରର କକ୍ଷ
ଯାହାକୁ ଖୋଜୁଥିଲି
ବାହାରର ପ୍ରତ୍ୟେକ ଦୁଆରରେ
ସେ ତ ଥିଲା
ମୋ ମନ-ଅଗଣାରେ
ଅପେକ୍ଷାରତ
ଆଦିମ କାଳରୁ
ଆଶ୍ଳେଷ ପାଇଁ !
ନିଜକୁ ନିଜେ
ଶୁଣି ମୁଁ ପାରିଲି,
ବୁଝି ବି ପାରିଲି
ପୁଣି ପାରିଲି ବୁଝାଇ ।
ଚାହିଁଲି ତା' ବଦନ
ସେ 'ଅପର ମୁହୂର୍ତ୍ତ'
କେତେ ସ୍ଥିର, ଅବିଚଳ,
ପ୍ରଶାନ୍ତ, ଆଶାଦୀପ୍ତ ।

**ଡ଼. ଆଭାଞ୍ଜଳି ଶତପଥୀ**


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କରିଦେଲ ମୋତେ କ୍ଷମା

ତାରା ପ୍ରସାଦ ଜେନା



ସବୁ ଦୋଷ ମୋର ଜାଣିଶୁଣି ତୁମେ
କରିଦେଲ ମୋତେ କ୍ଷମା
କେମିତିକା ପ୍ରେମେ ବାନ୍ଧିଦେଲ ଗୋରୀ
ମୋହ ଠାରୁ ନେଲ ଚୁମା
......କରିଦେଲ ମୋତେ କ୍ଷମା । ୦ ।

ଲୁହ ମୋର ହସ ବଦଳିଲା ଯାହା
ଆଶା ମୋର ହେଲା ପୁଣ୍ୟ
ତୁମ ପ୍ରୀତି ଫୁଲ ହୃଦୟକୁ ଛୁଇଁ
ହୋଇଗଲା ମନ ପଣ୍ୟ,
ଜୀବନଟା ଖାଲି ମିଠା ମିଠା ଲାଗେ
ଖଟା ପଣ ନାହିଁ ଜମା
......କରିଦେଲ ମୋତେ କ୍ଷମା । ୧ ।

ଆଖି ଭରା ସ୍ୱପ୍ନ ଯାଦୁ କଲା ମୋତେ
ପାରୁନାହିଁ ଦଣ୍ଡେ ଭୁଲି
ବଡ଼ ସରାଗରେ ରୂପାଜହ୍ନ ତୋଳି
ତୁମ ଆଞ୍ଜୁଳାରେ ଦେଲି,
ହସ ନଇ ତୁଠେ ଆମ ଗପ ଗୀତ
ରହିଗଲା ଖୁସି ଜିମା
......କରିଦେଲ ମୋତେ କ୍ଷମା । ୨ ।

ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

# ଏଇ ନୟନର ତୀରେ

ସନ୍ଧ୍ୟାରାଣୀ ବେହେରା



ଏଇ ନୟନର ତୀରେ
ଭାସିଯାଏ କେତେ ଆଶା ଭବିଷ୍ୟର,
ହଜିଯାଏ କେତେ ସ୍ମୃତି ଅତୀତର,
ଆସେ କେତେ ସ୍ୱପ୍ନ ଅଧାଛାଇ ଆଲୁଅରେ,
ବୁଣେ ପୁଣି ତାକୁ ରେଶମୀ ଖିଅରେ,
ଏଇ ନୟନର ତୀରେ ।
ଦେଖେ ବସନ୍ତର ଫୁଲ ତୋରଣ,
ପୁଣି ଫଗୁଣର ରଙ୍ଗ ମେଳଣ,
ଗ୍ରୀଷ୍ମେ ପୁଣି ଚାହିଁଥାଏ ଆତୁରେ,
ଭିଜିଯାଏ ପୁଣି ଶ୍ରାବଣ ଧାରେ,
ଏଇ ନୟନର ତୀରେ ।
ବୁଣେ ନିଦ ଆସି ତା' ମାୟାଜାଲ,
ନିଶି ଯାଇ ପୁଣି ଆସେ ସକାଳ,
ଜହ୍ନିଥାନ୍ତି ତାରାଗଣ ନୀଳ ଆକାଶର କୋଳେ,
ନିତି ଦିବାଶେଷେ ସୂରୁଯ ଢଳେ,
ଏଇ ନୟନର ତୀରେ ।
ମୁଗ୍ଧ ହୁଏ କେବେ ସୁନ୍ଦରତାରେ,
ଚାହେଁ କେବେ ପୁଣି ନୀରବତାରେ,
କେବେ ହୁଏ ସିକ୍ତ ଲୋତକ ଧାରେ,
ନିମିଷକେ ସବୁ ବଖାଣି ପାରେ,
ଏଇ ନୟନର ତୀରେ ।

ଝାଡବନ୍ଧ( ୭୬୧୧୧୪), ଗଞ୍ଜାମ
ଫୋନ୍ ନଂ:- ୭୩୭୮୮୫୪୭୩୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଧମର ଆତ୍ମନିବେଦନ

ସଦାଶିବ ବେହେରା



ତୁଚ୍ଛ ପକ୍ଷୀ ମୁଁ ଆପଣ ଙ୍କ ଆଗେ
ଜାଣି ତ ପାରିଲି ନାହିଁ ।
ମାୟାର ବାରିରେ ନିମଜ୍ଜିତ ହୋଇ
ଖୋଜିଲି ଆଶ୍ୱସ୍ତି ମୁହିଁ ।
ଛୋଟ ମୋର ଡେଣା ଜାଣିବା ସତ୍ତ୍ୱେ ବି
ଅହଙ୍କାରେ ହଜି ଗଲି ।
ମନ ର ଲାଳସା ତୃପ୍ତ କରିବାକୁ
ଅଧର୍ମେ ମୁ ଉଡ଼ି ଗଲି ।
ଅଭିମାନର ଯେ ଅନ୍ତ ନ ହେଲା
ନୀରିହ ଦମନ କରି ।
ତଥାପି ମୁଁ ପାପୀ ନିମଗ୍ନ ହେଲି
ଆତ୍ମ ତୃପ୍ତି ଆଶା କରି ।
ଆତ୍ମୀୟ ମାନଙ୍କୁ ଦୂରେଇ ମୁଁ ଦେଲି
ମିଛ ମୋହ ଅଭିଳାଷେ ।
ଶେଷରେ ମୁଁ ଯେ ଏକା ରହି ଗଲି
ଏ ଅନନ୍ତ ଆକାଶେ ।

ଶୁଣିବାକୁ ମଧ୍ୟ କେହି ନାହିଁ ଜଣେ
ଏ ମନର ଅନ୍ତର ଭାଷା ।
ଉଡୁ ଅଛି ମୁହିଁ ମନରେ ମୋ ରଖି
ମାୟାରୁ ମୁକ୍ତିରୁ ଆଶା ।
ହତଭଗା ଏହି ଅଧମ ବିହଙ୍ଗ
ପରିତ୍ୟାଗ କଲି ଅଭିମାନ ।
ହୃଦୟେ ମୋର ସ୍ଥାପନ କଲି
ପରମ ପିତା ଶ୍ରୀ ଭଗବାନ ।
ମାୟାର ଅତଳ ମାୟାଜାଲେ ମୁହିଁ
ହୋଇ ଯାଇ ଥିଲି ଲିପ୍ତ ।
ହରି ନାମ ଧରି ଏହି ପାପୀ
ଆଜି ହୋଇ ଯାଇଛି ତୃପ୍ତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଉଳା କୁମ୍ଭୀର

ଅମରନାଥ ବାରିକ



ବଉଳା କୁମ୍ଭୀରର ଆତ୍ମକାହାଣୀ
କୁନା କୁନି ଏଥର ଶୁଣିବା
ଏମନ୍ତ ପ୍ରାଣୀର ଚତୁର ପ୍ରବୃତ୍ତି
ସରଳ ଭାବରେ ଜାଣିନେବା ।

ଶତାଧିକ ଆୟୁ ଅଟେ ବଉଳାର
ସବଳ ଶରୀର ଭାରି ତା'ର
କଣ୍ଟାଳିଆ ପିଠି ଶକତ ଲାଞ୍ଜଟି
ନରମ ପେଟ ଧୋ ଫରଫର ।

ତିନିଟି ପ୍ରଜାତି ଥଣ୍ଟିଆ ବଉଳା
ଭୟଙ୍କର ଅତି ଘଡିଆଳ
ଜଳରେ ତ୍ରିଶକ୍ତି ସବୁଠାରୁ ବଳି
ବାଘ ସିଂହଠାରୁ ବଳିଆର ।

ଜ୍ୟୋଷ୍ଠରୁ ଆଷାଢ଼ ପ୍ରଜନନ ପାଇଁ
ବସା ବାନ୍ଧିବା ତା'ର ସମୟ
ଅଣ୍ଡା ଦେବାପରେ ମାଆ କୁମ୍ଭୀରଟି
ହୁଏ ଅତି ସେହି ହିଂସ୍ର ପ୍ରାୟ ।

ଅଣ୍ଡା ସୁରକ୍ଷିତ ରଖିବା ପାଇଁକି
କାଠିକୁଟା ଢ଼ାଙ୍କିଦିଏ ଆଣି
ପଞ୍ଚସ୍ତରି ଦିନ ମଧ୍ୟରେ ଅଣ୍ଡାରୁ
ଶାବକ ଜନ୍ମାଏ ଗଣିଗଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ପ୍ରଜନନ ଋତୁରେ ସମ୍ଭବ
ଅଣ୍ଡା ଚାଳିଶରୁ ଷାଠିଏଟି
ଉଚ୍ଚ ସ୍ଥାନଦେଖି ନଦୀ ଉପକୂଳ
ଦେଇଥାଏ ଏହି କୁମ୍ଭୀରଟି ।

ଭିତରକନିକା ଜାତୀୟ ଉଦ୍ୟାନେ
ସ୍ୱତନ୍ତ୍ର ଭିବରେ ବ୍ୟବସ୍ଥିତ
ପ୍ରଜନନ ପ୍ରତିପାଳନ କେନ୍ଦ୍ରଟି
ଡାଙ୍ଗମାଳଠାରେ ପ୍ରତିଷ୍ଠିତ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast Original at https://youtube.com/@drjyotiprasad

# ମୁଁ, ଯେବେ ସମୁଦ୍ର ଥିଲି

ସରୋଜ ସାହୁ



ଯେବେ ମୁଁ ସମୁଦ୍ର ଥିଲି,
ପୃଥିବୀ ଏବେ ବି ନିଜ ପ୍ରଥମ
ସ୍ୱପ୍ନର ଅର୍ଥ ଖୋଜୁଥିଲା ।
ଆକାଶ ମୋ କପାଳରେ ନଇଁଯାଇ
ନିଜ ଅନନ୍ତକୁ ମାପୁଥିଲା,
ଆଉ ଚନ୍ଦ୍ର ମୋ ନିଶ୍ୱାସର ଲୟ ଶିଖୁଥିଲା ।

ମୁଁ କେବଳ ଜଳ ନଥିଲି,
ମୁଁ ସେହି ସବୁ ନଦୀ ମାନଙ୍କର ଭବିଷ୍ୟତ ଥିଲି
ଯାହା ଏବେ ବି ପର୍ବତମାନଙ୍କର ନିସ୍ତବ୍ଧ ଛାତିରେ
ବରଫ ହୋଇ ଶୋଇ ରହିଥିଲେ ।

ମୋ ଭିତରେ ଲୁଣର ଜନ୍ମ
କୌଣସି ଲୁହରୁ ହୋଇନଥିଲା ।
ତାହା ସେହି ଅସଂଖ୍ୟ ଯାତ୍ରାର ସ୍ମୃତି ଥିଲା,
ଯାହାକୁ ପାହାଡ଼-ଚଟାଣମାନେ ସମୟକୁ ସମର୍ପି ଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ମହାଦେଶଗୁଡ଼ିକୁ
ଧୀରେ ଧୀରେ ଅଲଗା ହେବାର ଦେଖିଲି,
ସତେ ଯେମିତି ଗୋଟିଏ ହୃଦୟର
ଚାରୋଟି କୋଠରୀ
ନିଜ ନିଜର ସ୍ପନ୍ଦନକୁ ଚିହ୍ନୁଛନ୍ତି।

ମୋ ଗଭୀରତା ଭିତରେ
ଅନ୍ଧାରର କେବେ ବି ଭୟ ନଥିଲା।
ସେଠାରେ ଆଲୋକର ଅନୁପସ୍ଥିତି ମଧ୍ୟ
ଜୀବନର ଏକ ଦ୍ୱିତୀୟ ଭାଷା ଥିଲା,
ଯାହାକୁ କେବଳ ଧୈର୍ଯ୍ୟ ହିଁ ପଢ଼ିପାରୁଥିଲା।

ପ୍ରଥମ ଲହରୀ ଯେବେ ଉଠିଲା,
ତାହା କୌଣସି ବାତ୍ୟାର ପରିଣାମ ନଥିଲା।
ତାହା ଥିଲା ପୃଥିବୀର ପ୍ରଥମ ସ୍ମିତହାସ୍ୟ,
ଯାହା ପବନର ସ୍ପର୍ଶରେ
ଜଳ ଉପରେ ଦେଖାଦେଇଥିଲା।

ମୁଁ ପ୍ରଥମ ମାଛକୁ
ମୋ ଭିତରେ ଆଖି ଖୋଲିବାର ଦେଖିଲି।
ସେହି ମୁହୂର୍ତ୍ତରେ ମୋତେ ଲାଗିଲା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନ ପହଁରିବା ଶିଖେନାହିଁ,
ସେ ବିଶ୍ୱାସ କରିବା ଶିଖିଥାଏ।

ପ୍ରବାଳମାନେ ମୋ ନୀରବତା ଭିତରେ
ରଙ୍ଗର ସହର ତିଆରିଲେ।
ତିମିମାନେ ମୋ ଗଭୀରତା ଭିତରେ
ଏମିତି ଗୀତ ଗାଇଲେ,
ଯାହାକୁ ଶୁଣିବା ପାଇଁ
ସମୟ ବି ଅନେକ ଥର ଅଟକିଗଲା।

ନଦୀମାନେ ମୋ ପାଖକୁ
କେବଳ ଜଳ ନେଇ ଆସୁନଥିଲେ।
ସେମାନେ ନିଜ ସହିତ
ପର୍ବତମାନଙ୍କର କ୍ଲାନ୍ତି,
ଜଙ୍ଗଲର ସୁଗନ୍ଧ,
ଗାଁର ହସ,
ଆଉ ମଣିଷର ଅଧୁରା ପ୍ରାର୍ଥନାଗୁଡ଼ିକୁ ମଧ୍ୟ
ମୋତେ ସମର୍ପି ଦେଇ ଯାଉଥିଲେ।

ମୁଁ କେବେ କୌଣସି ନଦୀକୁ
ତାର ନାଁ ପଚାରିନାହିଁ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଳନ ପରେ
ପରିଚୟର ସବୁଠାରୁ ସୁନ୍ଦର ରୂପ
ଏକ ହୋଇଯିବା ହିଁ ହୋଇଥାଏ।

ଜାହାଜସବୁ ମୋ ପିଠି ଉପରେ ଚାଲୁଥିଲେ,
କିନ୍ତୁ ମୁଁ କାହାରି ପଥ ନଥିଲି।
ମୁଁ ତ କେବଳ
ପ୍ରତ୍ୟେକ ଯାତ୍ରୀ ଭିତରେ ଲୁଚି ରହିଥିବା
ଦିଗ୍‌ବଳୟର ବିସ୍ତାର ଥିଲି।

ଅନେକ ନଗର
ମୋ ବାହୁ ବନ୍ଧନରେ ଲୀନ ହୋଇଗଲେ।
ଅନେକ ସାମ୍ରାଜ୍ୟ
ମୋ ଲହରୀ ତଳେ
ନିଜର ଅଭିମାନ ସହିତ ଶୋଇଗଲେ।
କିନ୍ତୁ ମୁଁ କାହାରି ପରାଜୟରେ
ବିଜୟର ଗୀତ ଗାଇନାହିଁ।

ବାତ୍ୟା ସବୁ ଯେବେ ମୋ ଭିତରକୁ ଓହ୍ଲାଇ ଆସୁଥିଲେ,
ମୁଁ କ୍ରୋଧ କରୁନଥିଲି।
ମୁଁ କେବଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆକାଶର ଅସହ୍ୟ ବିକଳତାକୁ
କିଛି ସମୟ ପାଇଁ ନିଜ ଭିତରେ ସାଇତି ନେଉଥିଲି।

ତା'ପରେ ଦିନେ
ମଣିଷ ମୋତେ ସୀମା ଭିତରେ ବାନ୍ଧିବା ଆରମ୍ଭ କଲା।
ସେ ମୋ ଜଳ ଉପରେ ଗାର ଟାଣିଦେଲା,
ଯାହାକୁ ନା ମାଛମାନେ ପଢ଼ିଲେ,
ନା ଲହରୀମାନେ ସ୍ୱୀକାର କଲେ।

ଧୀରେ ଧୀରେ
ମୋ ନିଶ୍ୱାସରେ ପ୍ଲାଷ୍ଟିକ ଓହ୍ଲାଇବାକୁ ଲାଗିଲା,
ତେଲର କଳା ଆସ୍ତରଣ
ମୋର ନୀଳ ସ୍ୱପ୍ନ ଉପରେ ବିଛେଇ ହୋଇଗଲା।

ମୁଁ ପ୍ରଥମ ଥର ପାଇଁ ଆହତ ହୋଇନଥିଲି,
ମୁଁ ପ୍ରଥମ ଥର ପାଇଁ ଲଜ୍ଜିତ ହୋଇଥିଲି
ନିଜ କାରଣରୁ ନୁହେଁ,
ନିଜ ସନ୍ତାନମାନଙ୍କ କାରଣରୁ।

ଆଜି ଲୋକେ ମୋତେ
କେବଳ ଏକ ବିଶାଳ ଜଳରାଶି ବୋଲି କହନ୍ତି।

Listen to Odia Podcast Original at https://youtube.com/@drjyotiprasad

କିନ୍ତୁ ମୁଁ ଏବେ ବି

ପ୍ରତ୍ୟେକ ନଦୀର ଶେଷ ଆଲିଙ୍ଗନ ଅଟେ,

ପ୍ରତ୍ୟେକ ବାଦଲର ପ୍ରଥମ ଘର,

ପ୍ରତ୍ୟେକ ବର୍ଷାର ଅକୁହା ପ୍ରତିଶ୍ରୁତି,

ଆଉ ପୃଥିବୀର ସେହି ପ୍ରାଚୀନ ସ୍ମୃତିର

ସବୁଠାରୁ ଗଭୀର ନୀରବତା,

ଯାହାର କୌଣସି ତଳି ନାହିଁ,

କିନ୍ତୁ ଯେଉଁଥିରେ ଏବେ ବି

ସମଗ୍ର ଜୀବନର ପ୍ରଥମ ଗୀତ

ଧୀରେ ଧୀରେ ଗୁଞ୍ଜରିତ ହେଉଛି ।

-----------------------------------/

ଲୋକନାଥ ଘାଟ, ପୁରୀ,

୭୫୨୦୦୧

୯୮୭୧୮ ୭୯୯୧୯

Listen to Odia Podcast Original at https://youtube.com/@drjyotiprasad

# ଗୁରୁଙ୍କୁ କରିବା ଭକ୍ତି

ଅମୃତନାରାୟଣ ଶତପଥୀ



ଗୁରୁ ସର୍ବଦା ଆନନ୍ଦିତ ହୁଅନ୍ତି ଉନ୍ନତି କଲେ ଶିଷ୍ୟ,
ଅନ୍ୟମାନେ କେବଳ ଉପରେ ଖୁସି ହୃଦୟରେ ଗୋଳି ବିଷ ।(୧)
ଶିଷ୍ୟ ଯେବେ ପୁଣି ଗୁରୁଙ୍କୁ ଯାଏ ଟପି ଗୁରୁଙ୍କର ତାହା ବିଜୟ,
ଅନ୍ୟ ଠାରୁ କେ ଅଧିକ ଜାଣିଲେ ଲାଗେ ତା'ର ପରାଜୟ ।(୨)
ଗୁରୁ ଯେ ସର୍ବଦା ସମ୍ପୂର୍ଣ୍ଣତା ଭରନ୍ତି ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ,
ଅନ୍ୟମାନେ କେବଳ ସାହାଯ୍ୟ ପ୍ରବୃତ୍ତି ଦେଇ ପାରନ୍ତିନି ଜ୍ଞାନ ।(୩)
ଗୁରୁଙ୍କ ଆଶିଷ ମିଳିଗଲେ ପୁଣି ବଢେ ଯେ ଶିଷ୍ୟର ଶକ୍ତି,
ଏଥିପାଇଁ ସଂସାରରେ ଅମୂଲ୍ୟ ଅଟେ ପୁଣି ଗୁରୁ ଭକ୍ତି ।(୪)
ମାତା ପିତା ଅବା ଶିକ୍ଷା ଦୀକ୍ଷା ଗୁରୁ ସଭିଙ୍କୁ କରିବା ଭକ୍ତି,
କେବଳ ଗୁରୁ ଭକ୍ତି ସଂସାରରେ ସାର ବଢାଇବା ପାଇଁ ସାମର୍ଥ୍ୟ ଶକ୍ତି ।(୫)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ସମଗ୍ର ପରିଧି

ସାଗରିକା ପଟ୍ଟନାୟକ ଦାସ



ତୁମେ .....

ତୁମେ ପାଖରେ ଥିଲାବଳେ....

ବୟସ ନଥାଏ

ମନରେ କି ଶରୀରରେ

ଆକାଶରେ କି ଅସଂଖ୍ୟ ରଂଗ

ଇନ୍ଦ୍ରଧନୁର କି ଅରୋରାର

ଭୂମିରେ କି ଶତ ତରଂଗ

ଭୁକମ୍ପ ମୋ ମନ ଶରୀରରେ

ସହସ୍ର ବେପଥୁର ଶିହରଣ

ପବନରେ ଅଜଣା ସୁଗନ୍ଧ

ନାସାରନ୍ଧ୍ର ଅସ୍ତବ୍ୟସ୍ତ ନିଶ୍ୱାସ ପବନ

ମନରେ ସହସ୍ର ଫେନିଳ ଉର୍ମି

ବାରବାର ଫଣାତୋଳି ଧୃତି ଦିଏ ଟାଳି

ତଥାପି ଥମେନା ଅବାଧ୍ୟ ଆଲୋଡନ

ଭାବରେ, ହୃଦୟରେ ମନରେ ତନରେ

ଅଗଣିତ ଶିହରିତ, ସିକ୍ତ ବିଭୋର ସ୍ୱପ୍ନ ......

ଧମନୀରେ ବିଦ୍ୟୁତ୍ ତରଂଗ

ସମୟ ଚାଲୁ ନଥାଏ କି କ୍ଷିପ୍ରେ ଦୌଡୁଥାଏ

ବୁଝି ମୁଁ ପାରେନା ....ନା...ନା..

ପୃଥିବୀ, ବ୍ୟୋମ, ଗ୍ରହ, ଚନ୍ଦ୍ର, ତାରା

ଅବା ସ୍ଥିର, ସବୁ ଅତରଂଗାୟିତ

ତୁମେ........କି.....

ସବୁ ତରଙ୍ଗର ଉତ୍ସ

ସବୁ ଭାବନାର ନିଥର ଅଟଳ ସଂଜ୍ଞା

ସବୁ ପ୍ରଶ୍ନର ନିରଞ୍ଜନୀ ଉତ୍ତର

ସୁଗନ୍ଧ ର ପରିତୃପ୍ତି

ଭାବ, ମନ, ରୂପ, ପ୍ରଣୟର

ମାଧୁରୀ, ଦୀପ୍ତି, ଶକ୍ତି, ମୁକ୍ତିର

ବୁଝିବି ତୁମକୁ ବୁଝିବି ବୋଲି

Listen to Odia Podcast Original at https://youtube.com/@drjyotiprasad

ଭକ୍ତି ଜ୍ଞାନେ ତର୍କେ ଖୋଜିଲି

କେତେ ଗିରିକନ୍ଦରେ ରଙ୍ଗୀନ ସଜ୍ଜିତ ମନ୍ଦିରେ

ସେପାଇଁ କି ମୁଁ ଭୁଲିଯାଏ

ମୋ ରାସ୍ତା ସମସ୍ତ

ମୋର ଏଇ ନିର୍ବାକ

ପ୍ରାଣୟରେ କାହିଁ କେଉଁ ଯୁଗରୁ

ଖାଲି ଖୋଜିବା ହିଁ ସାର

ପ୍ରତ୍ୟେକ ମାଟିପିଣ୍ଡ ମାଟିହେବ ପର୍ଯ୍ୟନ୍ତ !

ନୂଆଦିଲ୍ଲୀ

Listen to Odia Podcast Original at https://youtube.com/@drjyotiprasad

# ଅନନ୍ୟା

ଡଃ ପ୍ରଦ୍ୟୁମ୍ନ ଶତପଥୀ



ଖୋଜି ବୁଲିଲେ ହୁଏତ
ମିଳିଯାଇପାରନ୍ତି ଅନେକ ମଣିଷ,
ଭିଡ଼ ଭିତରୁ ବାହାରି ଆସିପାରନ୍ତି
କିଛି ଚେହେରା
ଯେଉଁମାନେ ବାଟ ଚାଲିବାରେ ସାଥୀ ହେବେ ।

ହେଲେ...
ତୁମ ଭଳି ସେ ଆଖିର ନୀରବତା,
କିଏ ବା ଆଣିଦେବ ?

ତୁମେ ନଥିବା ଶୂନ୍ୟତାକୁ
ଭରିବାକୁ ଚେଷ୍ଟା କରୁଥିବା ଏ ଦୁନିଆରେ,
ଅନେକ ହାତ ବଢ଼ିଆସିପାରେ
ସାନ୍ତ୍ୱନା ଦେବାକୁ ।
କିନ୍ତୁ ତୁମ ସେଇ ଗୋଟିଏ ସ୍ୱର୍ଶର ପବିତ୍ରତା,
ଆଉ କାହା ପାଖରେ ମିଳିବ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଁ, ମୁଁ ଜାଣେ

ଖୋଜିଲେ କେହି ନା କେହି ମିଳିଯିବେ,

ହେଲେ ତୁମେ ତ କେବଳ ଏକ ସମ୍ପର୍କ ନୁହେଁ,

ତୁମେ ମୋ ଜୀବନର ଏକମାତ୍ର ଅନୁଭୂତି ।

ତୁମ ଭଳି ଆଉ କିଏ ବା ହୋଇପାରିବ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଦମ୍ବରୀ ଚଞ୍ଚଳଂ

ସୀତାଂଶୁ ଜେନା



କୋଟି ସିଂହ ପରାକ୍ରମ ବଳରାମ
ରୋହିଣୀ ଜ୍ୟେଷ୍ଠ ଦୁଲାଳ
ଫେନିଳ ଦୁଗ୍ଧପରାୟେକ ବରନ
ସ୍ୱଟିକ ଠାରୁ ଉଜ୍ଜ୍ୱଳ
କର୍ପୁର ପାବକ ନୁହେଁ ସମତୁଲ
ହେ କାଦମ୍ବରୀ ଚଞ୍ଚଳ
କୋଟି ସିଂହ ପରାକ୍ରମ ବଳରାମ
ରୋହିଣୀ ଜ୍ୟେଷ୍ଠ ଦୁଲାଳ..........

ସଂଗ୍ରାମେ ଚପଳ ଶଶାଙ୍କ ଧବଳ
ହେ ନାଗେନ୍ଦ୍ର ରୁଡୋଜ୍ୱଳ
ରେବତୀ ରମଣ ମହାଭୀମମୂର୍ତ୍ତୀ
ଦୃଭ୍ୟା ଶୋଭିତ ଲାଙ୍ଗଳ
ଭୁଜଙ୍ଗ ନୟନ ଶ୍ରୀବର କୁଣ୍ଡଳ
ଶେଷଦେବ କାମପାଳ
କୋଟି ସିଂହ ପରାକ୍ରମ ବଳରାମ
ରୋହିଣୀ ଜ୍ୟେଷ୍ଠ ଦୁଲାଳ..........

ସକଟା ପ୍ରଳମ୍ବା ଦନୁଜ ବିନାସୀ
ରକ୍ଷାକଲ ମହି ବଳ
ତାଳ ଧ୍ୱଜ ରଥ ଚଳଇ ଘର୍ଘର
ହେ ଚାରୁ ଗଣ୍ଡ ଯୁଗଳ
ଶଙ୍କର୍ଷଣ ତୁମେ ବଉଦ୍ଧ ମଉନ
ହେ ଦିବ୍ୟ ଭଦ୍ରା ଭାମଳ
କୋଟି ସିଂହ ପରାକ୍ରମୀ ବଳରାମ
ରୋହିଣୀ ଜ୍ୟେଷ୍ଠ ଦୁଲାଳ..........

Listen to Odia Podcast Original at https://youtube.com/@drjyotiprasad

# ତୁମ ବିରହର ଇସ୍ତାହାର

ଡଃ ଜ୍ୟୋତ୍ସ୍ନା ସାହୁ



ତୁମେ  ଆଷାଢ଼ର ଉଛୁଳା ପହିଲି ଶ୍ୟାମଳ ଶ୍ୟାମ ,
ମୁଁ ବଇଶାଖୀ,
ଭିଜା ନିଦାଘର, ପ୍ରେମ,
ତୁମେ, ଶ୍ରାବଣୀ ବତୁରା.. ଭରାନଈ ପ୍ରୀତି ଗାଥା,
ମୁଁ ଅତୀତର ଲୁପ୍ତ ନିହାରିକା,
ଅଭୁଲା ସ୍ମୃତି କଥା,

ତୁମେ, ନୀରବତା,  ମୋ ତିତିକ୍ଷୁ୍ୟ ଦେହରେ,
ମାଖୁଛି ଅସୀମ ତାତି...

ମୁଁ, ସଞ୍ଜ ପଣତରେ ହଜାଇ ଦେଇଛି
ଯେତେ ମୋ ଭୁବୁକ୍ଷୁ୍ୟ ତୃପ୍ତି ।।

ତୁମେ ତାଜା ମୌସୁମୀର,
ଅଦମ୍ୟ ଅଲିଭା ଦାଗ,
ମୁଁ ଚାନ୍ଦ ଚୋରଣୀ, ମେଘଚୁକ୍ତି ଅପବାଦ ।
ତୁମେ ଜୋଛନା ପଖଳା ଶୀତଳ ଜହ୍ନକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ଅଭିଶପ୍ତା ଭିଜା ମନ....।।

ତୁମେ ଚାନ୍ଦିନୀ ରାତି ର ସପନ ଶେଯରେ,
ସେହି ମିଠା ଅନୁଭୁତି,
ମୁଁ
ଭାଙ୍ଗି ପଡିଥିବା ସପନ ସୌଧ ରେ
ଏବେବି ଖୋଜୁଛି
ତୁମ ମିଛ ପ୍ରତିଶ୍ରୁତି ।।

ତୁମେ ପୁବେଇ ପବନ ସୁମନ ଛାତିରେ
ଝରା ବସନ୍ତର ବାଆ,
ମୁଁ ଚହଲା ପାଣିର ଦୋହଲୁ ଅଛି,
ନାଉରି ବୀହିନ ନାଆ ।।

ତୁମେ ହସର ସହରେ, ହଜାରେ ଲାବଣ୍ୟ ଲଳିତ ମୋତି,

ମୁଁ ଜଳି ମରୁଥିବା ବିରହ ନିଆଁର କୃଷ୍ଣଚୂଡା ପୋଡ଼ା ପ୍ରୀତି ।।

ତୁମ ହୃଦୟର ଅପହଞ୍ଚ ପ୍ରୀତି,ସମୁଦ୍ର କୁ ଲଙ୍ଘୁଥାଏ,
ମୁଁ ଶୁଷ୍କ ବେଳାଭୂମି,
ପୀରତି ବିକଳେ,

Listen to Odia Podcast Original at https://youtube.com/@drjyotiprasad

ତୁମ ସ୍ୱର୍ଶକୁ ଅନେଇ ଥାଏ।।

ତୁମେ ଚାରୁକଳା, କୋଣାର୍କ ଗାତ୍ରରେ, ମୋହିନୀ କାରୁକାର୍ଯ୍ୟ,

ମୁଁ ପାଷାଣ ପିଠିର ନଗ୍ନ ଦେହରେ, ତିତୀକ୍ଷା ମାଣର ଧୈର୍ଯ୍ୟ ।।

ତୁମେ ପରିପୂର୍ଣ୍ଣ, ମୋ ଜୀବନ ବହିରେ ଫର୍ଦ୍ଦେ ଅକୁହା ଲେଖା,

ମୁଁ, ବିରହ ନିଆଁର, ଅଧାପୋଡା କାଠ,

ନିଦାଘ ଧୂମ୍ରଶୀଖା ।।

ତୁମେ, ଆଶା ଆକାଶରୁ ମାଗିଆଣିଥିବା

ଲାବଣ୍ୟର ଅଭିସାର,

ମୁଁ ମାଳବିକା, ମଉନାବତୀର

ବିରହ ଇସ୍ତାହାର ।।

ଭାରତ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ

ଡଃ ମନ୍ଦାକିନୀ ପାଢ଼ୀ



ରାକ୍ଷୀ,

ପବିତ୍ର ସଂପର୍କର ସେତୁଟିଏ
ରେଶମର ଡୋରୀ ବାନ୍ଧେ
ଭଉଣୀ ଭାଇ ହାତରେ
ପ୍ରଥମ ଗଣ୍ଠି ପଡେ ଭାଇ ନାମରେ
ଦ୍ୱିତୀୟ ଗଣ୍ଠି ପଡେ ଭଉଣୀ ନାମରେ
ବନ୍ଧନ ହୋଇଥାଏ ଆତ୍ମାରେ ।।

ରାକ୍ଷୀ ,

ସୁଖ ଦୁଃଖର ଆତ୍ମ ସନ୍ତୋଷ
ଯେମିତି ଧରିତ୍ରୀ ସହିତ ଆକାଶର ସଂପର୍କ
ସେମିତି ରାକ୍ଷୀର ଏ ସଂପର୍କ
ସଂପର୍କ, ମଝିରେ ମାଇଲଖୁଣ୍ଟ ହୁଏ
ଯିଏ ଦୁଃଖ ଭୋଗିଥାଏ ସିଏ ।।

ରାକ୍ଷୀ ,

ଆତ୍ମସମ୍ମାନର ରଜ୍ଜୁଟିଏ
ପ୍ରତୀକ୍ଷାରେ ରହିଥାଏ
ଅଭିମାନିନୀ ଭଉଣୀ ଟିଏ
ଆଶା ପ୍ରତ୍ୟାଶାରେ ବାନ୍ଧିଦିଏ
ହୃଦୟର ଡୋରୀଟିଏ ।।

ରାକ୍ଷୀ ,

ଇଜ୍ଜତର ସାକ୍ଷୀଟିଏ
ଭାଇ ପରା ସିଏ ଲଜ୍ଜାକୁ ବଞ୍ଚାଏ

Listen to Odia Podcast Original at https://youtube.com/@drjyotiprasad

ଋଷି ଗଲେ ଭଉଣୀ ଭାଇ ଯେ ମନାଏ
ଭାଇ ପାଇଁ ଭଉଣୀଟିଏ
ହୁଏ ସନମାନ
ସଦା ପ୍ରଫୁଲ୍ଲିତ ସେ ଘର
ଯେଉଁଠି ଭାଇଭଉଣୀର
ରହିଥାଏ ଆତ୍ମସମ୍ମାନ ।।

ରାକ୍ଷୀ ,

ଆଶିଷର ଡୋରୀଟିଏ
ଶୁଭ ମନାସେ
ପ୍ରତିକ୍ଷଣେ ସିଏ
ଜାଳି ଆଶାର ପ୍ରଦୀପ
ଦିଅ ଦିବ୍ୟାନନ୍ଦେ ସନ୍ଧାନ
ଆୟୁଷ୍ମାନ ଆଶିଷେ ପାରିଜାତେ
ସୁବାସ ଭରିଦିଅ
ମୋ ଭାଇ ଜୀବନେ ।।

ରାକ୍ଷୀ ,

ଶକ୍ତିର ଆୟୁଧଟିଏ
ମାଗିଦିଏ ଭଉଣୀଟିଏ
ଢାଳିଦିଅ ମାଗୋ
ଶୁଭ ଆଶିଷ ଧାରା
ମୋ ଭାଇ ଚଲାପଥରେ
ବିଛି ଦିଅ ମାଗୋ
ମଲ୍ଲୀ, କେତକୀ ପାଖୁଡା
ମୋ ଭାଇର ଆଶା ରଥରେ ।।

ରାଜନୀତି ବିଜ୍ଞାନ ଅଧ୍ୟାପିକା
ପଦ୍ମପୁର
ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ

ସୁସ୍ମିତା ପଣ୍ଡା




ଆମ୍ଭେ ଭାଇ ଭଉଣୀ

ପରସ୍ପର ସ୍ନେହ ରଙ୍କୁଣୀ ।।

ବାନ୍ଧିଛି ତୋ ହାତରେ ରାକ୍ଷୀ

ଏ ରାକ୍ଷୀ ରହିବ ସବୁଦିନ ସାକ୍ଷୀ ।।

ଏଡାଇଯିବ ତୋର ସବୁ ବାଧାବିଘ୍ନ

ପାହାଡ଼ ବି କରିବୁ ତୁହି ଲଂଘନ ।।

ଛୋଟବେଳେ କରୁଥିଲୁ କେତେ ଅଳି

ଦୁଷ୍ଟାମୀ କଲେ ଦେଉଥିଲି ଗାଳି ।।

ଅତୀତର ସ୍ମୃତି  ହୃଦୟେ ଭରେ କୋହ

ଆଖିରୁ ଝରିପଡ଼େ ଦୁଇ ଧାର ଲୁହ ।।

ଭାଇରେ ତୁହି ସଭିଙ୍କର ଆଖିର ପିତୁଳା

ସ୍ନେହ ତଥା ଶ୍ରଦ୍ଧା ରତ୍ନର ମାଳା ।।

ଭଲପାଇବାର ଏ ପବିତ୍ର ବନ୍ଧନ

କେହି ନ ପାରିବେ ଏହାକୁ ଛିନ୍ନ ।।

ଭାଇ ତୋତେ ମୋର ରହିଲା ରାଣ

କହିବୁନି କଥା କେବେ ପଦିଏ ଟାଣ ।।

ଯେତେ ତୋ ଠାରୁ ରହିଲେ ଦୂରରେ

ତୋ ଛବି ନାଚି ଉଠେ ମୋ ଦୁଇ ଆଖିରେ।।

ସତ୍ ତଥା ନ୍ୟାୟ ପଥରେ ଚାଲ

ଫଳ ନିଶ୍ଚେ ପାଇବୁ ଭଲ ।।

ଭଉଣୀର ତୋ ପାଶେ ରହିଲା ରାଣ

କାହାରି ପ୍ରତି କରିବୁନି କେବେ ଅଭିମାନ ।।

ମାଆ ତାରିଣୀ ପାଶେ ଏତିକି ମିନତି

ମୋ ଭାଇ ହସି ହସି ଚାଲୁଥାଉ ନିତି ।।

କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ପୂନେଇଁ

ଶୋଭାମୟୀ ପତ୍ରୀ



ପୁନେଇଁ ଭିତରେ ସାର
ରାକ୍ଷୀପୁନେଇଁଟି ନାମ ତାହାର
ହାତେ ବାନ୍ଧିଦେଇ ରେଶମୀର ଡୋର
କବଚ ବନେ ଭାଇ ଭଉଣୀର ॥
ପରବ ଭିତରେ ସାର
ଗହ୍ମା ଓଗାଳିଟି ନାମ ତାହାର
ସିଦ୍ଧ ବଳଦେବଙ୍କ ଜନମ ଦିବସ
ଉତ୍ସବେ ବିଭୋର ପଲ୍ଲୀପୁର ॥
ମହାନ ସଂସ୍କୃତି ଆମର
ପ୍ରତି ନିଶ୍ୱାସେ ବିଶ୍ୱାସ ଘର
ଏ ଶୁଭ ଲଗନେ ଗୋମାତା ପୂଜନେ
ମିଳଇଁ ସୌଭାଗ୍ୟ ଅପାର ॥
ସେତ ପୁନେଇଁ ଭିତରେ ସାର
ଆମ ପରମ୍ପରାର ବେଭାର
ହଳାୟୁଧଙ୍କର ଅଶେଷ କୃପାରେ
ହସେ ଏ ସାରା ସଂସାର ॥

କେନ୍ଦ୍ରାପଡ଼ା



Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ପୂନେଇଁ

ଦେବେନ୍ଦ୍ର ନାୟକ



ଆସିଛି ଆସୁଛି ଆସୁଥିବ ଦେଖ
ଭାଇ ଭଉଣୀଙ୍କ ପାଇଁ
ସ୍ନେହ ମମତାର ଅତୁଟ ବନ୍ଧନ
ନାମ ତା ରାକ୍ଷୀ ପୁନେଇଁ ।

ଯେତେ ଦୂରେ ଥାଉ ଭାଇ କି ଭଉଣୀ
ଭେଟ ହୁଏ ସେହି ଦିନ
ପବିତ୍ର ଅମର ସୂତା ଖିଏ ସାର
ଭାଇ ହାତେ ଶୋଭାବନ ।

ଭାଇର ମଥାରେ ଚନ୍ଦନ ଟୋପାରେ
ଅକ୍ଷତ ଲଗାଇ ଦେଇ
ମଙ୍ଗଳ ମନାସି ରାକ୍ଷୀ ବାନ୍ଧିଦିଏ
ଭାଇର ମଙ୍ଗଳ ପାଇଁ ।

ଦୀପ ଜାଳିଦେଇ ମିଠାକୁ ଖୁଆଇ
ଭଉଣୀ ମାଗୁଣି କରେ
ଆହେ ମହାବାହୁ ମୋ ଭାଇକୁ ସଦା
ରଖିଥିବ କୁଶଳରେ ।

ଭଉଣୀର ସୁଖେ ଦୁଃଖେ ସାହା ହେବ
ରହିଛି କେତେ କାହାଣୀ
ପୁରାଣ କାହାଣୀ ରହିଛି ବର୍ଣ୍ଣିତ
ପାଳନ୍ତି ଶ୍ରୀକ୍ଷେତ୍ରେ ପୁଣି ।

ମାନବୀୟ ଲୀଳା କରନ୍ତି ଠାକୁର
ବାର ମାସେ ତେର ପର୍ବ
ସୁଭଦ୍ରା ଭଉଣୀ ଜଗା ବଳିଆଙ୍କ
ହାତରେ ରାକ୍ଷୀ ବାନ୍ଧିବ ।

ସାରା ଭାରତରେ ରାକ୍ଷୀ ପୁନେଇଁର
ରହିଛି ନିଆରା ଭାବ

Listen to Odia Podcast Original at https://youtube.com/@drjyotiprasad

ଭାଇର ହାତରେ ଭଉଣୀର ରାକ୍ଷୀ

ସତରେ ଝଟକୁ ଥିବ ।

ଆଜି ସମାଜରେ ସମ୍ପତି ଲୋଭରେ

ସମ୍ପର୍କ ଫିକା ପଡୁଛି

ପବିତ୍ର ବନ୍ଧନ ଅନେକ କ୍ଷେତ୍ରରେ

ଖଣ୍ଡ ଖଣ୍ଡ ହେଉଅଛି ।

ଗହ୍ମା ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ର ଧାମରେ

ପାଳନ୍ତି ଏହି ପରବ

ରାକ୍ଷୀ ପୁନେଇଁର ଭାବ ଟି ନିଆରା

ଓଡ଼ିଆଙ୍କର ଗରବ ।

ମହାନ ଆମର ପ୍ରଥା ପରମ୍ପରା

ମହାନ ଆମ ସଂସ୍କୃତି

ବାର ମାସେ ତେର ପରବ ପାଳନ

ଭିନ୍ନ ଆମ ରୀତି ନୀତି ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ପୂନେଇଁ

ଡଃ ମଞ୍ଜୁଳା ପ୍ରଧାନ



ବନ୍ଧନର ଏହି ପବିତ୍ର ପରବ
ନାମ ତାର ରାକ୍ଷୀ ପୂର୍ଣ୍ଣିମା,
ଭାଇ ଭଉଣୀର ଏପରି ସମ୍ପର୍କ
ନାହିଁତ ତାହାର ଉପମା ।
ଶ୍ୱାଶତ ସମ୍ପର୍କ ପ୍ରେମ ଅନାବିଳ,
ଭାଇର ହାତର ରାକ୍ଷୀ,
ବାନ୍ଧି ଦେଲି ସୁରକ୍ଷାରେ କାଳ କାଳ
ଜଗା କାଳିଆ ଅଛି ସାକ୍ଷୀ ।
ଦେଉଳରେ ଜଗନ୍ନାଥ ବଳଭଦ୍ର
ସିନ୍ଦୁର ମୁହିଁ ସେ ଭଉଣୀ,
ରକ୍ଷା ବନ୍ଧନରେ ବେନି ଭାଇଙ୍କର
କୀର୍ତ୍ତି ଅଛି ପୁରାଣ ବାଣୀ ।
ଭାଇ ଭଉଣୀ ସମ୍ପର୍କ ଅଟଇ
ପ୍ରେମର ଶ୍ୱାଶତ ବନ୍ଧନ,
ରାକ୍ଷୀ ଖଣ୍ଡେ ନୁହେଁ ପ୍ରେମ ପ୍ରୀତି
ଭରା, ଭାଇ ଭଉଣୀ ସମ୍ପର୍କ ଅଟଇ ଅଭିନ୍ନ ।

କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ପୂନେଇଁ

ବିଜୟ କୁମାର ପାତ୍ର



ସୂତା ଖିଅକର ବନ୍ଧନ ନୁହେଁ ଏ
କଥାରେ କଥାରେ ଛିଡ଼ିଯିବ
ଏକା ନାହି ପରା ଦୁଇଖଣ୍ଡ ଏଇ
ରକ୍ତର ବନ୍ଧନ ରହିଥିବ ।।

ବରଷକେ ଥରେ ଆସେ ଯେତେବେଳେ
ଶ୍ରାବଣର ରାକ୍ଷୀ ବନ୍ଧନ ତିଥି
କବିତା ଗଳପ ବିଛେଇ ହୁଅନ୍ତି
କଳ୍ପନାର କେତେ ରଙ୍ଗକୁ ମାଖି ।।

ଆମେ ତ ଲେଖନ୍ତି ଆମେ ବି ପଢନ୍ତି
ଖୁସି ବି ହୁଅନ୍ତି ମନେମନେ
ଭାଇ ଭଉଣୀଙ୍କୁ ବେଳ ଅବା କାହିଁ
ସିଏ ରହିଥାନ୍ତି ତାଙ୍କ କାମେ ।।

ଶ୍ରାବଣ ପୂର୍ଣ୍ଣିମା ପବିତ୍ର ତିଥିରେ
ପ୍ରଭୁ ବଳରାମଙ୍କୁ ଜନ୍ମ
ବଡ଼ ଦେଉଳରେ ବିଧି ବିଧାନରେ
ହୋଇଥାଏ ସେ ବିଧି ପାଳନ ।।

ଜଗା ବଳିଆଙ୍କ ହାତରେ ସୁଭଦ୍ରା
ବାନ୍ଧନ୍ତି ଯେ ସରାଗରେ ରାକ୍ଷୀ
ସବୁ ବିପଦରୁ ରକ୍ଷା କରିଥାନ୍ତି
ପ୍ରଭୁ ବଳରାମ ଚକାଆଖି ।।

ସତ୍ୟଯୁଗେ ଲକ୍ଷ୍ମୀ ବଳି ହାତେ ରାକ୍ଷୀ
ବାନ୍ଧି ନାରାୟଣେ ଉଦ୍ଧାରିଲେ
ସେବେ ଠୁଁ ଏ ରାକ୍ଷୀ ବନ୍ଧନ ମର୍ତ୍ତ୍ୟରେ
ପାଳନର ବିଧି ପ୍ରଚାରିଲେ ।।

ରାକ୍ଷୀ ବନ୍ଧନର ମହତ୍ତ୍ୱ ରହିଛି
ଭାଇ ଭଉଣୀଙ୍କ ସମ୍ପର୍କରେ
ରକ୍ତର ବନ୍ଧନ ଛିଡ଼ିବନି କେବେ
ଛିଡ଼ିପାରେ ବୋଧେ ମୃତ୍ୟୁ ପରେ ।।

ଆଳି, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାକ୍ଷୀ ପୂନେଇଁ

ଭାସ୍କର ରାଉତ



ଶ୍ରାବଣ ମାସର ଶେଷ ଦିନ ତାର
ଅଟଇ ଗହ୍ମା ପୁନେଇଁ,
ଦ୍ୱାପର ଯୁଗରେ ରୋହିଣୀ ଗର୍ଭରେ
ବଳରାମ ଜନ୍ମ ହୋଇ ।
କୃଷ୍ଣ ଅଗ୍ରଜ ବୋଲାଇ,
ଗୋକୁଳ ତାରିଲେ କଂସ ସଂହାରିଲେ
କୃଷିର ପ୍ରତିକ ହୋଇ ।।
ବାମନ ରୂପରେ ବିଷ୍ଣୁ ବଳିଦ୍ୱାରେ
ଦାନ ମାଗିବାକୁ ଯାଇ,
ଦାନ ଘେନି ତହିଁ ରହିଗଲେ ସେହି
ବଳି ଦ୍ୱାରପାଳ ହୋଇ ।
ସ୍ୱୟଂ କମଳିନୀ ଯାଇ,
ରକ୍ଷାର ସୂତ୍ରକୁ ବାନ୍ଧିଲେ ତାହାକୁ
ବଳିର ହାତରେ ନେଇ ।।
ହରଷ ହୋଇଣ ସେ ବଳି ରାଜନ
ବିଷ୍ଣୁଙ୍କୁ ଥିଲା ସେ ଦେଇ,
ସଙ୍ଗତେ ଘେନିଣ ଚଳିଲେ ବହନ
ବୈକୁଣ୍ଠ ପୁରକୁ ନେଇ ।
ତିଥି ଶ୍ରାବଣ ପୁନେଇଁ,
ମାଗିଥିଲେ ଭିକ୍ଷା ବୈକୁଣ୍ଠକୁ ରକ୍ଷା
କରିବା ନିମନ୍ତେ ଯାଇ ।।
ତହୁଁ ସେ ପୁନେଇଁ ନାମ ବଦଳଇ
ରାଖୀ ପୁନେଇଁ ନାମରେ,
ଭାଇ ହାତେ ରାଖୀ ବାନ୍ଧେ ସୁନାନାକୀ
ରହି ଶୀରିମନ୍ଦିରେ ।
ମମତାର ବନ୍ଧନରେ,
ଆଜି ସେ ମମତା ସାଜଇ ଅହନ୍ତା
ଭାଇ ଭଉଣୀ ମଧ୍ୟରେ ।।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ପୂନେଇଁ

କଳ୍ପନା ବିନ୍ଧାଣୀ



ରାକ୍ଷୀ ପୁନେଇଁରେ ରାକ୍ଷୀ ପୁନେଇଁ
କେତେ ଶରଧାରେ ତୋ ଆସିବା ପଥ
ଚାହିଁ ରହିଛନ୍ତି ଭଉଣୀ ଭାଇ ।
କେତେ ପବିତ୍ର ଏ ଦିନଟି ସତେ
ବଡ ଠାକୁରଙ୍କ ଜନମ ଦିନକୁ
'ରକ୍ଷା ବନ୍ଧନ'ରେ ଖ୍ୟାତ ଜଗତେ ।
ଭାଇ ହାତେ ରାକ୍ଷୀ ବାନ୍ଧିବା ପାଇଁ
ରକ୍ଷା ସୂତ୍ର ଡୋର ସଜାଡି ଭଉଣୀ
ଚାତକ ପରି ସେ ରହିଛି ଚାହିଁ ।
ଜନ୍ମ ଜନ୍ମର ଏ ସଂପର୍କ ଡୋର
ଭାଇ ପାଇଁ ଶୁଭ ମନାସୀ ଭଉଣୀ
ବାନ୍ଧି ଦିଏ ରାକ୍ଷୀ ଭାଇ ହାତର ।

ଫୁଲ ଧୂପ, ଦୀପ ଥାଳି ସଜାଇ
ଚନ୍ଦନ, ସିନ୍ଦୁର ପିଠା, ମିଠା ସାଥେ
ଭଉଣୀ ଆନନ୍ଦେ ରାକ୍ଷୀ ବାନ୍ଧଇ ।
ଭଉଣୀ ହାତରୁ ପିନ୍ଧି ସେ ରାକ୍ଷୀ
ସବୁ ବିପଦରୁ ରଖିବ ତା ମାନ
ଏ କଥାରେ ରାକ୍ଷୀ ଥାଏଟି ସାକ୍ଷୀ ।
ଆମ ସଂସ୍କୃତିର ଏ ମହା ପରବ
ସୁଭଦ୍ରା ଭଉଣୀ ବାନ୍ଧିଥିଲେ ରାକ୍ଷୀ
ସେ ପାଇଁ ଓଡ଼ିଆ କରେ ଗରବ ।

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ପୂନେଇଁ

ଶ୍ୟାମା ପ୍ରସାଦ ବୋଷ



ରାକ୍ଷୀ ପୂର୍ଣ୍ଣିମାରେ ରକ୍ଷା ବନ୍ଧନରେ
ରାକ୍ଷୀ ଥାଏ ସାକ୍ଷୀ ଟିଏ
ଭାଇ ଭଉଣୀରେ ଆପଣା ପଣରେ
ଅତୁଟ ସଂମ୍ପର୍କ ସିଏ । ୧

ରାକ୍ଷୀ ପୂର୍ଣ୍ଣିମାରେ ଆମ ସଂସ୍କୃତିରେ
ରାକ୍ଷୀର ମହତ୍ତ୍ୱ ଦିଏ
ଭାଇ ଭଉଣୀରେ ଦୃଢ ସମ୍ପର୍କରେ
ପବିତ୍ରତା ଭରି ନିଏ । ୨

ରାକ୍ଷୀ ପୂର୍ଣ୍ଣିମାରେ ଭାଇର ହାତରେ
ଭଉଣୀଟି ବାନ୍ଧି ଦିଏ
ରାକ୍ଷୀ ବନ୍ଧନରେ ସଂମ୍ପର୍କ ସେତୁରେ
ଦୃଢତା ଅଟଇ ଇଏ । ୩

ରାକ୍ଷୀ ପୂର୍ଣ୍ଣିମାରେ ପ୍ରତି ଘରେ ଘରେ
ପାଳନ୍ତି ଯତନେ ସିଏ
ସେ ବଡ ଠାକୁରେ ଜନ୍ମ ଅବସରେ
ସଭିଙ୍କୁ ସୂଚାଇ ଦିଏ । ୪

ରାକ୍ଷୀ ପୂର୍ଣ୍ଣିମାରେ ଆଜିର ଆସରେ
କବିର କବିତାଟିଏ
ଆମ ସଂସ୍କୃତିରେ ରାକ୍ଷୀର ବାସରେ
ପବିତ୍ରତା ଭରେ ଯିଏ । ୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ରାକ୍ଷୀ ପୂର୍ଣ୍ଣିମାରେ ଶୀର୍ଷକ ଆଧାରେ

ଅତୁଟ ବନ୍ଧନଟିଏ

ଭାଇ-ଭଉଣୀରେ ସଂମ୍ପର୍କ ଭିତ୍ତିରେ

ତାକୁ ବା ଫାଙ୍କିବ କିଏ ? ।୬

ରାକ୍ଷୀ ପୂର୍ଣ୍ଣିମାରେ ବିଧି ବିଧାନରେ

ସର୍ବେ ଆପଣାଇ ନିଏ

ଆମ ସଂସ୍କୃତିରେ ରୀତି ନୀତି ଭରେ

ପ୍ରଥା ପରମ୍ପରା ଇଏ । ୭

ଗ୍ରାମ :- ବେଗୁନିଁଆ , ମଲ୍ଲୀକ୍ ସାହି

ପୋଷ୍ଟ :- ଗୋପ୍ , ଜିଲ୍ଲା :- ପୁରୀ

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ପୂନେଇଁ

ରାଧାଶ୍ୟାମ ମହାନ୍ତି



ବିଧି ପରମ୍ପରା ଆହାକି ନିଆର
ଏହି ମୋ ଉତ୍କଳ ଦେଶେ
ବାର ମାସେ ତେର ପରବ ପାଳଇ
ଚଉଦିଗ ଦେଖି ହସେ ।
ସବୁଠାରୁ ବଡ ରାକ୍ଷୀଟି ଆସଇ
ଦୁଭାଦ୍ରା ଭଉଣୀ ପଇଁ
ଦୁଇ ଭାଇ ହାତେ ଆନନ୍ଦ ମନରେ
ରାକ୍ଷୀକୁ ଦିଏ ପିନ୍ଧାଇ ।
ମମତା ବନ୍ଧନ ଅତୁଟ ସମ୍ପର୍କ
କାଟିଦେଲେ ଛିଣ୍ଡେ ନାହିଁ
ଛାର ସୂତା ଖଣ୍ଡେ ନଭାବ ଏହାକୁ
ରହିଛି ଶ୍ରଦ୍ଧାରେ ଚାହିଁ ।
ଭାଇର କପାଳେ ଚନ୍ଦନ ଲଗାଏ
ତା ସାଥେ ସିନ୍ଦୂର ଗାର
ଥାଳିରେ ଆଣିଛି ଅକ୍ଷତ ଓ ଦୂବ
ପ୍ରଦୀପ କୁଳିପତର ।
ବନ୍ଦାପନାକରି ରାକ୍ଷୀ ଦିଏ ବାନ୍ଧି
ଭାଇର ଆୟୁ ମନାସି
ଯେତେ ଝଡଖଞ୍ଜା କରେନା ଖାତିର
ଆସୁଥାଏ ହସି ହସି ।
ସୁରକ୍ଷା କବଚ ଭାଇର ହାତରେ
ବାନ୍ଧଇ ଭଉଣୀ ସେତ
ବିପଦେ ଆପଦେ ଉଦ୍ଧାର କରିବ
ପୁରାଣେ ବର୍ଣ୍ଣନା ମିତ ।
କୃଷ୍ଣଙ୍କ କ୍ଷତରେ ପିନ୍ଧା ବସନକୁ
ଦ୍ରୌପଦୀ ବାନ୍ଧିଣ ଥିଲେ
କୁରୁସଭାସ୍ଥଳେ କୋଟି ବସ୍ତ୍ର ଦେଇ
ଲଜ୍ଜ୍ୟା ନିବାରଣ କଲେ ।
ପ୍ରତି ଦାନ ଆଶା ନ ଥିଲା ତାଙ୍କର
ସ୍ୱେଚ୍ଛାକୃତ ଥିଲା ଜାଣ
ଶୁଦ୍ଧପୋତ ଚିତ୍ତେ କରିଥିଲେ କାର୍ଯ୍ୟ
ବିପଦରେ ପ୍ରତିଦାନ ।।

ଭୋଗରାଇ, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ପୂନେଇଁ

ରମେଶ ଟାକ୍ରୀ



ଆଜି ସେ ରାକ୍ଷୀ ପୂନେଇଁ
ମୋ ସୁନା ଭଉଣୀ ଅଛି ଦିନ ଗଣି
ବସିବ ମୋ ବାଟ ଚାହିଁ
ରାକ୍ଷୀ ବାନ୍ଧିଦେବା ପାଇଁ ।୦।
ପାଶେ ଅବା ଦୂରେ
ରହେ ଯେଉଁଠାରେ
କାମ ରହିଥାଉ ଯେତେ ,

ସବୁ କାମ ଛାଡ଼ି ଆସେ ମୁଁ ବାହୁଡ଼ି
ତା'ସେନେହ ଡାକେ ମୋତେ ।୧।

ମୋତେ ଦେଖିଦେଲେ
ମନ ତା'ର ପୂରେ
ସବୁ ସୁଖ ସବୁ ଯାଏ ପିଇ ।୧।,

ରାକ୍ଷୀ ଯେମିତିକା ହେଉ ପଛେ ତା'ର
ସେଥିକି ନଜର ନାହିଁ
ତା ଭଲ ପାଇବା ମୋତେ ତ ଭିଜାଏ
ସେ ଭିଜେ ମମତା ପାଇ,

ଯାହା ଦେଲେ ବି ସେ ଓଜର ଆପତ୍ତି
କେବେ ଜମା କରି ନାହିଁ ।୨।

ଜିଇଁ ଥିବା ଯାଏ ଭାଇ ପାଶେ ତା'ର
ରହିଥାଏ ଏକ ଆଶା
ଦୁଃଖ ବିପତ୍ତିରେ ସାହା ହେବାକୁ ତା'
ଦେଇ ଯିବାକୁ ଭରସା ,

ଭାଇ ଭଉଣୀର ଏମିତିକା ଭାବ
ନେଇ ଆମେ ଯିବା ଜିଇଁ।୩।

ଏ ବି ଇ ଓ ତେନ୍ତୁଲିଖୁଣ୍ଟି
ନବରଙ୍ଗପୁର।

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ପୂନେଇଁ

ଡଃ ତାନଶ୍ରୀ ପାଣିଗ୍ରାହୀ



ଛୋଟ ମୋର ଏଇ ରାଖୀ
ସ୍ନେହ ଶରଧାର ସାକ୍ଷୀ
ଶୁଭ ମନାସି ମୁଁ ବାନ୍ଧିଦେଲି ହାତେ
ଗାଇ ମଙ୍ଗଳର ଗୀତି
ଛୋଟ ମୋର ଏଇ ରାଖୀ...

ରାଖୀର ଏଇ ବନ୍ଧନ ଡୋରେ
ସବୁରି ମନେ ଶରଧା ଭରେ
ଭାଇ ଭଉଣୀର ପବିତ୍ର ସମ୍ପର୍କ
ବଞ୍ଚିଥିବ ଆମ ପ୍ରୀତି
ଛୋଟ ମୋର ଏଇ ରାଖୀ...

ଟିକି ମନେ ଉଚ୍ଚ ଭାବନା
ଆଣିବୁ ନୂତନ ଚେତନା
ଗଢ଼ିବୁ ଆମେରେ ସୁନାର ରାଇଜ
ବାହୁରେ ଦୁର୍ବାର ଶକ୍ତି
ଛୋଟ ମୋର ଏଇ ରାଖୀ...

ଜାତି ଧର୍ମ କିଛି ବୁଝିନି
ଛୋଟ ବଡ଼ ଭେଦ ଜାଣିନି
ଗୋଟିଏ ମାଆର ସନ୍ତାନ ଆମେ
ଏକତାର ଅଭିବ୍ୟକ୍ତି
ଛୋଟ ମୋର ଏଇ ରାଖୀ...

ନ ଭୁଲିବା କେବେ ଆଜିର ଏ ଦିନ
ରହିଥିବ ଆମ ନିବିଡ଼ ବନ୍ଧନ
ସମୟ ଗରଭେ ଆମେ ହଜିଯିବା
ବଞ୍ଚିଥିବ ଏଇ ସ୍ମୃତି
ଛୋଟ ମୋର ଏଇ ରାଖୀ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ପୂନେଇଁ

ଜୟଶ୍ରୀ ମିଶ୍ର



ରାକ୍ଷୀରେ ରାକ୍ଷୀ ତୁ ରହିବୁ ସାକ୍ଷୀ

ସଭିଙ୍କ ସାଥେ ମିତ୍ରଙ୍କ ପରି ବାନ୍ଧିବୁ ଡୋରି।

ରାକ୍ଷୀ ପୁନେଇ ରେ ଝୁଲଣ ଯାତ

ଦୋଳି ଖେଳୁଛନ୍ତି ରାଧା ଗୋବିନ୍ଦ ।

କୃଷ୍ଣ ପାଖେ ରାଧା ଭାରି ସୁନ୍ଦର

ମନ ନେଇଥାନ୍ତି ଖୁସିରେ ମୋର ।

ଚନ୍ଦନ ଅଗୁର କୁଙ୍କୁମ ଲଗାଇ

କୃଷ୍ଣ ବସିଥାନ୍ତି ଆନନ୍ଦ ହୋଇ ।

ଝୁଲଣ ଝୁଲାରେ ରାଧା ମୋହନ

ସର୍ବେ ଦେଖି ହୁଅନ୍ତି ଆନନ୍ଦେ ନିମଗ୍ନ ।

ଆଜି ପରା ରକ୍ଷା ବନ୍ଧନ ଦିନ

ବଳଦେବଙ୍କର ଜନମ ଦିନ ।

ଗୋରୁ ଗାଇଙ୍କର ହୁଏ ପୂଜନ

ଦେବତା ପିନ୍ଧନ୍ତି ନୂଆ ବସନ ।

ରାକ୍ଷୀ ନୁହେଁ ଏକ ରେଶମୀ ସୁତା

ବନ୍ଧା ପଡିଥାଏ ସ୍ନେହ ମମତା ।

ଭାଇ ହାତେ ଭଗ୍ନୀ ବାନ୍ଧଇ ରାକ୍ଷୀ

ସତେକି ପାଉଣା ରହିଛି ବାକି ।

ଦିଅଁ ଦେବତାଙ୍କୁ ଭାଇର ଶୁଭ ମନାସି

ରାକ୍ଷୀ ବାନ୍ଧି ଭାଇ ହାତେ ହୁଅଇ ଖୁସି ।

ଜଗାବଳିଆଙ୍କ ମଝିରେ ହଳଦୀ ମୁଖୀ

ସତେକି ଯେମିତି ଭଉଣୀ ରାକ୍ଷୀ ।

ଭାଇ ପାଖେ ଭ ଉଣୀ କର ଇ ଅଳି

ସବୁ ସ୍ନେହ ଦେଇ ରଖିବୁ ତୁହି ।

Listen to Odia Podcast Original at https://youtube.com/@drjyotiprasad

ଭାଇ ତୋତେ ମୋର ରହିଲା ରାଣ
କହିବୁନି ପଦେ କଥାଏ ଟାଣ ।
ବିପଦେ ଆପଦେ ସାହା ହୋଇବୁ
ସଦା କାଳେ କାଳେ ମୋ ପାଖେ ଥିବୁ ।
ହାତେ ବାନ୍ଧି ରାକ୍ଷୀ ଭାଇ କହଇ
ପାଉଣା ମୋ ପାଖେ ରହିଲା ବାକି ।
ରାକ୍ଷୀ ରେ ରାକ୍ଷୀ ତୁ ବଡ ସାକ୍ଷୀ
ଯଶ ରଖିବୁ ତୁ ହୋଇଣ ଖୁସି ।
ଜଗତେ ସେପରି ଭାଇ ହୋଇବ
ଭଉଣୀର ସଦାବେଳେ ମାନ ରଖିବ ।
ରାକ୍ଷୀ କେବଳ ଡୋରିଟିଏ ନୁହଁ
ସେତ ପରମ୍ପରାର ଏକ ଶକ୍ତ ବନ୍ଧନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ପୂନେଇଁ

ନଳିନୀ ପ୍ରଭା ମିଶ୍ର



ବରଷକେ ଥରେ ରାକ୍ଷୀ ପୁନେଇଁର
ହୋଇଥାଏ ଆଗମନ
ଭାଇର ହାତରେ ବାନ୍ଧିବାକୁ ରାକ୍ଷୀ
ଭଉଣୀ ମନ ଉଛନ୍ନ ।
ଭାଇ ଆଗମନ ପଥ ଚାହିଁଥାଏ
ସଜାଡି ରାକ୍ଷୀର ଥାଳି
ବାନ୍ଧି ଦେଇ ରାକ୍ଷୀ ପାଉଣା
ଆଶାରେ ଭାଇ ପାଖେ କରେ ଅଳି ।
ରାକ୍ଷୀ ନୁହଁଇ ସାମାନ୍ୟ ସୂତାଟେ
ମହତ୍ତ୍ୱ ତା'ର ଅନେକ
ରାକ୍ଷୀ ହିଁ ଅଟଇ ରକ୍ଷା କବଚ
ରଖେ ସମ୍ପର୍କର ଟେକ ।

ଭାଇର ହାତରେ ବାନ୍ଧି ଦେଇ
ରାକ୍ଷୀ ନିଜ ସୁରକ୍ଷା ନିମିତ୍ତ
ଭାଇର ଦୀର୍ଘାୟୁ କାମନାକୁ
କରେ ହୋଇ ହରଷିତ ଚିତ୍ତ ।
ସୂତାଟିଏ ନୁହେଁ ଆତ୍ମାର ବନ୍ଧନ
ପୃଷ୍ଠ ଭୂମି ତା' ନିହିତ
ରାକ୍ଷୀ ପରମ୍ପରା ଅନୁଯାୟୀ
ଅଛି ନାନା ପୌରାଣିକ ତଥ୍ୟ ।
ଶ୍ରୀକୃଷ୍ଣଙ୍କ ହାତେ ବାନ୍ଧି ଥିଲେ
ରାକ୍ଷୀ ଦ୍ରୌପଦୀ ରହିଛି କଥା

Listen to Odia Podcast Original at https://youtube.com/@drjyotiprasad

ଲକ୍ଷ୍ମୀ ବଳିହାତେ ବାନ୍ଧି ଥିଲେ

ରାକ୍ଷୀ ରହିଅଛି ହୋଇ ଗାଥା ।

ଯୁବ ଶକ୍ତି ପାଇଁ ରାକ୍ଷୀ ହିଁ ରକ୍ଷା

କବଚ ଭାବରେ ରହି

ବିଶ୍ୱ ମମତାର ଏକତା ସୂତ୍ରରେ

ମହତ୍ତ୍ୱ ଦିଏ ସୂଚାଇ ।

ରାକ୍ଷୀ ହୋଇ ସାକ୍ଷୀ ଭଉଣୀର

ପାଇଁ କର ନାହିଁ କେବେ ହେୟ

ଭଗିନୀ ଜୀବନେ ଭାଇ ହିଁ ଭରସା

ବିପଦ ବେଳେ ସହାୟ ।

ଚାଲିଯିବ ରାକ୍ଷୀ ରଖିଦେଇ ସାକ୍ଷୀ

ଭାଇର ହାତରେ ଡୋରି

ବନ୍ଧନ ସୁଦୃଢ଼ ହେଉ ଥାଉ ସଦା

ଆଶୀର୍ବାଦ ପଡୁ ଝରି ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ

ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ପୂନେଇଁ

ଚନ୍ଦ୍ରକଳା ଦେବୀ



ବରଷକେ ଥରେ ଆସଇ ଏଦିନ
ଭାଇ ଭଉଣୀଙ୍କ ପାଇଁ
ପବିତ୍ର ରାକ୍ଷୀକୁ ଭାଇର ହସ୍ତରେ
ଭଗିନୀ ଯେ ବାନ୍ଧିଥାଇ ।
ଭାଇ ଭଉଣୀଙ୍କ ପବିତ୍ର ସଂପର୍କ
ଏରାକ୍ଷୀ ପରବ ଜାଣ
ସ୍ନେହ ମମତାର ଅତୁଟ ବନ୍ଧନ
ପୂର୍ଣ୍ଣମୀ ଯେ ଶିରାବଣ ।
ମୁଣ୍ଡରେ ଲଗାଇ ସିନ୍ଦୂର ଚନ୍ଦନ
ଦୀପଜାଳି ବନ୍ଦାପନା
ହାତରେ ଧରିଣ ମିଠାସେ ଖୁଆଏ
ମନରେ ଶୁଭକାମନା ।

ସୁରକ୍ଷା କବଚ  ଏପବିତ୍ର ରାକ୍ଷୀ
ଭଉଣୀର ରକ୍ଷାକାରୀ
ଭଗିନୀକୁ ସାହା ହୋଇବ ଏହସ୍ତ
ବିପଦକୁ ଦେବ ଟାଳି ।
ସୁଖରେ ଦୁଃଖରେ ସେରକ୍ଷା କବଚ
ଉପସ୍ଥିତ ହେଲେ ଆସି
ଭଉଣୀ ଖୋଜେନା କିଛି ଉପହାର
ଦେଖିଦେଲେ ମନଖୁସି ।
ଶ୍ରୀମନ୍ଦିରେ ପୂଜା ବିଧି ବିଧାନରେ
ବାନ୍ଧିଥାନ୍ତି ଭଦ୍ରା ରାକ୍ଷୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୃଷ୍ଣାଯେ କୃଷ୍ଣଙ୍କ ହାତେ ବାନ୍ଧିଥିଲେ

ଦ୍ୱାପର ଯୁଗରେ ରାକ୍ଷୀ ।

ରାକ୍ଷୀ ପରବଯେ  ଗଣପର୍ବ ରୂପେ

ଲଭିଅଛି ବହୁ ଖ୍ୟାତି

ପ୍ରଭୁ  ଶଙ୍କର୍ଷଣ  ଜନମ ଲଭିଲେ

ସୁନ୍ଦର ଧବଳ ମୂର୍ତ୍ତି ।

ଆଜିର ଦିବସେ ଗୋମାତାଙ୍କୁ ଯେ

ପୂଜା କରିଣ ଥାଆନ୍ତି

ଗହ୍ମା ଅସୁରର ମୃତ୍ୟୁ ଦିନ ବୋଲି

ପିଲାଏ ଗହ୍ମା ଡିଅଁନ୍ତି ।

କାଉଡିଆ ମାନଙ୍କର  ଶେଷ ଦିନ

ଜଳାଭିଷେକ ସାରନ୍ତି

ରାକ୍ଷୀ ପୂର୍ଣ୍ଣିମାଯେ ଭାଇଚାରା ପର୍ବ

ସର୍ବେ ଆନନ୍ଦ ଲଭନ୍ତି ।

ବନ୍ଧୁଗାଁ, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ପୂନେଇଁ

ସନ୍ତୋଷ କୁମାର ସାହୁ



ବିଚିତ୍ର ଏ ଧାରା ଏ ରାଇଜ ଭୂମି
ବାର ମାସେ ତେର ପରବ ଜାତ
ମହା ଆନନ୍ଦରେ ପାଳନ କରନ୍ତି
ରାକ୍ଷୀ ପୁନେଇଁକୁ ଭାବି ଉଚିତ ....

ଗହ୍ମା ପୂର୍ଣ୍ଣିମାରେ ରାକ୍ଷୀ ଉତ୍ସବଟି
ଆସିଥାଏ ମନେ ମମତା ବୁଣି
କେତେ ଆଡ଼ମ୍ବର ହୁଏ ପ୍ରତି ଘରେ
ଭାଇ ହାତେ ରାକ୍ଷୀ ବାନ୍ଧେ ଭଉଣୀ ....

ରାକ୍ଷୀର ଡୋରିଟି ନୁହଇଁ ଦୁର୍ବଳ
ରହିଛି ଶକତି ପବିତ୍ର ଭାବ
ରାକ୍ଷୀ ହିଁ ରକ୍ଷାର ସୁରକ୍ଷା କବଚ
ଭାଇ ଭଉଣୀର ଅଟେ ବିଭବ ...

ନିଷ୍ଠା ଭକତିରେ ଭାଇ ହାତେ ବାନ୍ଧେ
ରେଶମୀ ସୂତାର ପବିତ୍ର ରାକ୍ଷୀ
ଭାଇ ଦେଇଥାଏ ସ୍ନେହ ଶୁଭାଶିଷ
ଆଶା ଭରସାରେ ବିଶ୍ୱାସ ରଖି ....

ସକଳ ଅଭାବ ଦୁଃଖ ଭାବନାକୁ
ସାମୟିକ ଭାବେ ଯାଇ ଭୁଲିଣ
ଅତି ସରାଗରେ ଆପଣାଇ ନିଏ
ଭଉଣୀକୁ ଭାଇ ଭାବି ପରାଣ ....

ରାକ୍ଷୀ ପୁନେଇଁଟି ସମାଜର ପାଇଁ
ଏକତା ମମତା ଉତ୍ପନ୍ନ କରେ
କର୍ମ ମୁଖରିତ ଜୀବନୀରେ ଏହା
ଆଦର ଉତ୍ସାହ ପ୍ରେରଣା ଭରେ....

ଗାନ୍ଧି ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭଉଣୀର ରାକ୍ଷୀ ସେନେହର ସାକ୍ଷୀ

ଦେବବ୍ରତ ପଟ୍ଟନାୟକ



ବାର ମାସେ ତେର ପରବ ଆଦିର
ସ୍ୱତନ୍ତ୍ର ନୀତି ଗ୍ରହଣ,
ରକ୍ଷାସୂତ୍ର ରାକ୍ଷୀ ସୁରକ୍ଷାର ସାକ୍ଷୀ
ରାକ୍ଷୀ ପୂର୍ଣ୍ଣିମା ପାଳନ ।

ଭାଇ ଭଉଣୀର ପବିତ୍ର ସମ୍ପର୍କ
ସେନେହ ସଦା ନିଆରା,
ଭଉଣୀର ରାକ୍ଷୀ ସେନେହର ସାକ୍ଷୀ
ବନ୍ଧନ ବନ୍ଧୁତ୍ୱ ଭରା ।

ଭଗ୍ନୀ ସୁଭଦ୍ରାଙ୍କ ରାକ୍ଷୀ ବାନ୍ଧି ହାତେ
ଶ୍ରୀ ଜଗନ୍ନାଥ ହର୍ଷିତ,
ସୁରକ୍ଷା ଭରସା ସର୍ବକାଳ ପାଇଁ
ପାଖେ କଲେ ଅବସ୍ଥିତ ।

ମହାଭାରତରେ ଶ୍ରୀକୃଷ୍ଣ ହସ୍ତରେ
ଡୋର ବାନ୍ଧିଥିଲେ ବୋଲି,
କୁରୁସଭା ସ୍ଥଳେ କୋଟିବସ୍ତ୍ର ଦେଲେ
ରକ୍ଷା ପାଇଲେ ପାଞ୍ଚାଳି ।

ରାକ୍ଷୀର ମହତ୍ତ୍ୱ ପୁରାଣେ ବର୍ଣ୍ଣିତ
ଭାଇର ଭାତୃତ୍ୱ ଗାଥା,
ଅନେକ ଦୃଷ୍ଟାନ୍ତ ଏବେବି ଜୀବନ୍ତ
କର୍ତ୍ତବ୍ୟ କର୍ତ୍ତୃତ୍ୱ କଥା ।

ଅଦିନେ ରାବଣ ସମୂଳେ ହାରିଣ
ଗୁରୁତ୍ୱ ଦେଇ ଭଉଣୀ,
କଂସ ଦେବକୀଙ୍କ ବିଗିଡେ ସମ୍ପର୍କ
ଶୁଣି ଆକାଶର ବାଣୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁର ବା ଅସୁର ଗୁରୁତ୍ୱ ଭଗ୍ନୀର

ସବୁକାଳ ସବୁଯୁଗ,

ଆଜି କିନ୍ତୁ ଯୁଗ ବଦଳି ଯାଇଛି

ବନ୍ଧନ ବିଷ ଦୁର୍ଯୋଗ ।

ତଥାପି,

ଭଉଣୀର ରାକ୍ଷୀ ରହେ ମୂକସାକ୍ଷୀ

ଦୁହେଁ ଦୁହିଁଙ୍କୁ ଭରସା,

ସୁଖରେ ଦୁଃଖରେ ହୋଇଲେ ସାହାରେ

ଆଶୀଷ ହେବ ବରଷା ।

ଭଉଣୀର ହସେ ସାତରଙ୍ଗ ଦିଶେ

ରାଜକୁମାରୀ ଘରର,

ତାରା ପରି ସଦା ଚମକ ରହିଥା

ଫିକା ନପଡୁ ରଙ୍ଗର ।

ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାକି ରହିଲା ମୋ ରାକ୍ଷୀ ପଇସା

ଏଲିଜା ଜେନା



ଦୂର ଦେଶେ ଅଛୁ ଭାଇ ତୁ ମୋହର
ମନେ କି ପଡୁନି ଭଉଣୀ ତୋର ?
ରାକ୍ଷୀ ପୂର୍ଣ୍ଣିମାରେ ଚାହିଁଛି ତୋ ବାଟ
କେମିତି ସଜେଇବି ରାକ୍ଷୀ ର ଥାଟ ?

ଚିଠି ଟିଏ ନାହିଁ,ଫୋନ୍ ବି ତୋ' ନାହିଁ
ଏହି ଆଦର ତୋ 'ଭଉଣୀ ପାଇଁ ?
ସଭିଙ୍କର ଭାଇ ଆସିଛନ୍ତି ଘର
ଭାଇ ମୋର ହେଲୁ କାହିଁକି ପର ?

ବାକି ରହିଗଲା ରାକ୍ଷୀ ର ପଇସା
ଭାଙ୍ଗି ଦେଲୁ ମୋ'ର ମନର ଆଶା
କାହାତେ ବାନ୍ଧିବି ମୋ' ସ୍ନେହର ସୂତା ?
ତୋ' ବିନା ଜାଣେ କେ ମନର ଭାଷା ?

ଦୁଆର ମୁହଁରେ ଚାହିଁଛି ମୁଁ ବାଟ
ଆଉ ତୁ ବିଳମ୍ବ କରିବୁ ନାହିଁ
ଭଉଣୀ ହାତରୁ ରାକ୍ଷୀ ପିନ୍ଧିବାକୁ
ଜମା ତୁ' ପଛକୁ ଫେରିବୁ ନାହିଁ ।

ଆୟୁଷ ମୋହର ତୋତେ ଲାଗିଯାଉ
ଜଗାର ପାଖେ ମୋ' ଏହି ଗୁହାରୀ
ସୂତା ଖିଅକରେ ବାନ୍ଧି ରଖିଥିବି
ସ୍ନେହ ଆମ ହେଉ ଜନ୍ମ ଜନ୍ମାନ୍ତରୀ ।

Listen to Odia Podcast Original at https://youtube.com/@drjyotiprasad

# ବାକି ରହିଲା ମୋ ରାକ୍ଷୀ ପଇସା

ଚନ୍ଦନ କୁମାର ପାତ୍ର



ରାକ୍ଷୀ ଦିନ ଆସିଲା,
ଭଉଣୀ ରାକ୍ଷୀ ବାନ୍ଧିଲା,
ମିଠା ହସ ଦେଇ
ହାତ ଆଗକୁ ବଢ଼ାଇଲା ।
ମୁଁ କହିଲି ଦେବି,
ପକେଟ ଦେଖି ହସିଲି,
ଭଉଣୀର ଆଶା
ଦେଖି ମନେ ମନେ
କାନ୍ଦିଲି।

ଭାଇ ଭଉଣୀ
ପ୍ରେମ କ'ଣ
ଟଙ୍କାରେ ମାପି ହୁଏ,
ରାକ୍ଷୀର ସୂତା ହେଉଛି
ମମତାର ବନ୍ଧନ ।
ତଥାପି ମନରେ
ଝଟକା ରହିଗଲା
ଛୋଟ,

ବାକି ରହିଗଲା
ମୋ ରାକ୍ଷୀ
ପଇସାର ଭେଟ ।

ଭଉଣୀ କହିଲା,
ପଇସା ଲୋଡା
ନାହିଁ ଭାଇ,
ତୁ ଭଲରେ ଥା,
ଏହା ହିଁ ମୋ ପାଇଁ
ସବୁଠୁ ବଡ ।
ତା କଥା ଶୁଣି ଆଖି
ଛଳ ଛଳ ହୋଇଗଲା,
ରାକ୍ଷୀର ମୂଲ୍ୟ
ଆଜି ମୁଁ ସତରେ ବୁଝିଲି ।

ଧର୍ମଗଡ, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ଭିଜିଗଲା ଆଖି ଲୁହରେ

ଡଃ ନାରାୟଣ ଚନ୍ଦ୍ର ସେନାପତି



ଥାଳି ସଜେଇ ଚାତକ ପରି ଚାହିଁ ରହିଥିଲା ମାନସୀ
ପ୍ରତିବର୍ଷ ପରି ଫେରିବ ତା ଭାଇ ମାନସ
ଗାଆଁକୁ
ଆଉ ବାନ୍ଧିବ ହାତରେ ସରାଗର ରାକ୍ଷୀ ମାନସୀ ହାତରୁ
ପିନ୍ଧାଇବ ସିନ୍ଦୂର ଚନ୍ଦନ
ଖୁଆଇବ ମିଠା କେତେ ଆଦରର
ଛଡେଇ ଆଣିବ ପାଉଣା ଭାଇ ହାତରୁ
ଦେଖେଇ ଦେବ ଭାଇ ଭଉଣୀର ପବିତ୍ର ବନ୍ଧନ କଣ
ଏ ଦୁନିଆକୁ
ମନରୁ ହୃଦୟରୁ ଆହୁରି ପାଖରୁ ।

କୁଆଡେ ଥିଲା କେଜାଣି ସେ କରୋନା
ରାସ୍ତା ଓଗାଳିଲା ମାନସର
ସବୁ ଦିନ ପାଇଁ ନେଇ ଗଲା ତା ପାଖକୁ
ଆଉ କେବେବି ଯେମିତି ଫେରିବେନି ଘର
କହିବନି ଏ ନାକ କାନ୍ଦୁରି
ବାନ୍ଧି ବୁନି କି ଲୋ ମୋ ହାତରେ ରାକ୍ଷୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହିଁକି କରି ଦେଉଛୁ ମୋତେ ସାତ ପର ।

ଆଜି ଆଖି ଅଛି
ସେ ବନ୍ଧନ ସାକ୍ଷୀ ଅଛି
ହେଲେ ନାହିଁ ସେ ମୁହୂର୍ତ୍ତର ପୁନରାବୃତ୍ତି ସୁଯୋଗ
ଭାଇ ପରା ଉଡିଗଲା
ସାଜି ସରାଗର ମନ ପକ୍ଷୀ
ମାନସୀ ଆଖି ଆଗରେ ସେ ସ୍ମୃତି କରୁଛି ଅଟ୍ଟହାସ୍ୟ
ଆଖିରୁ ଶ୍ରାବଣୀ ଟପ୍ ଟପ୍ ହୋଇ ବହୁଛି
ଭିଜି ଯାଇଛି ମମତାର ରାକ୍ଷୀ
କରିଛି ସେ ସଂପର୍କ ଅନ୍ତର
ସତେ ଯେମିତି ଜୀବନଟା ଲାଗୁଛି ପୋଡ଼ା ଅଙ୍ଗାର ।

ଜମ୍ବରା, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ଭିଜିଗଲା ଆଖି ଲୁହରେ

ହେମନ୍ତ କୁମାର ସାହୁ



ଏ ରକ୍ଷା ବନ୍ଧନ ପବିତ୍ର ବନ୍ଧନ
ଭାଇ ଭଉଣୀଙ୍କ ସ୍ନେହର ସ୍ମୃତି
ଭଉଣୀ ଅନାଇ ଥାଏ ଏ ଦିନକୁ
ଅଭୁଲା ଦିନ ଏ ଅଭୁଲା ପ୍ରୀତି ।

ବିପଦେ ଆପଦେ ସାହା ହେବେ ଭାଇ
ରକ୍ଷା କବଚ ସାଜିବେ
ଭାଇ ପାଶେ ଥିଲେ ଭଉଣୀ ନିର୍ଭୟ
ହର୍ତ୍ତା କର୍ତ୍ତା ସାଜିଥିବେ ।

ସେଭଳି ଭାଇ ସେ ଆକାଶ ଯା ନାମ
ସେନା ବାହିନୀରେ ଥିଲେ
ଭଉଣୀ କମଳୀ ଭାଇ ଗୁଣ ଗାଇ
ଆନନ୍ଦରେ ରହିଥିଲେ ।

ଆସିଗଲା ପୁଣି ସେ ଖୁସିର ଦିନ
ଭଉଣୀ ଲୋଡ଼େ ଭାଇକୁ
ସୂତା ରାକ୍ଷୀଟିଏ ହାତେ ବାନ୍ଧିଦେଲେ
କେ କହିବ ସେ ଖୁସିକୁ ?

ଆକାଶ କହିଛି ଆସିବ ସେ ଦିନ
ପିନ୍ଧିବ ସ୍ନେହର ରାକ୍ଷୀ
କମଳୀ ଚାହିଁଛି ଆସିବା ପଥକୁ
ରାକ୍ଷୀ ହେବ ତାର ସାକ୍ଷୀ ।

ଦ୍ୱାର ମୁହେଁ ଚାହିଁ ରହିଛି କମଳୀ
ଆସିବେ ତା ବଡ଼ ଭାଇ
ରାକ୍ଷୀ ସହିତରେ ମିଠା ରଖିଅଛି
ହାତରେ ଦେବ ଖୁଆଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ ଶରଧାରେ ସିନ୍ଦୁର ଚନ୍ଦନ
ସାଇତି କରି ରଖିଛି
ଭଲ ବଡ଼ ରାକ୍ଷୀ ବଜାରରୁ ଆଣି
ଆସିବା ପଥ ଚାହିଁଛି ।

ଆସିଲା ସେ ବେଳ ଜନେ ହେଲେ ମେଳ
ଆସିଲା ଭାଇର ଶବ
ସମ୍ମୁଖ ଯୁଦ୍ଧରେ ଶତ୍ରୁଙ୍କ ଗୁଳିରେ
ଆକାଶ ହେଲେ ନିହତ ।

କମଳୀ ଦେଖିଲା ହୃଦ ତା କମ୍ପିଲା
ଲୋଟିଗଲା ଶବ ପରେ
ଭାଇ ଭାଇ କହି କ୍ରନ୍ଦନ କରଇ
ଜ୍ଞାନ ନାହିଁ ତା ଶରୀରେ ।

ରାକ୍ଷୀ ଭିଜିଗଲା ତା ଆଖି ଲୁହରେ
ସାକ୍ଷୀ ରହିଲା ସେ ଦିନ
ଭାଗ୍ୟ ବିଡମ୍ବନ କେ କରିବ ଆନ
ଝୁରୁଛି ସେ ରାତିଦିନ ।

ମାହାଙ୍ଗା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାକ୍ଷୀ ଭିଜିଗଲା ଆଖି ଲୁହରେ

ଦଶରଥ ବିଶ୍ୱାଳ



ରାକ୍ଷୀ ଭିଜିଗଲା,
ଆଖିର ଲୁହରେ,
ଆଖିପାଣି ଆଖି,
ପତାରେ ମରେ "
ରାକ୍ଷୀ ଭିଜିଗଲା -----------*
ଅନିଷାରେ ଥିଲି,
ଆସିଲନି ଭାଇ,
ବାସି ହୋଇଗଲା,
ରାକ୍ଷୀ ପୁନେଇଁ,
କହିଥିଲ ଭାଇ,
ଆସିବ ରାକ୍ଷୀରେ,
ଯେତେ କାମ ଥିଲେ,
ଛାଡି ପଛରେ "
ରାକ୍ଷୀ ଭିଜିଗଲା --------
ସ୍ନେହର ବନ୍ଧନ,
ଅତୁଟ ବନ୍ଧନ,
ବାନ୍ଧି ଥାନ୍ତି ରାକ୍ଷୀ,
ତୁମ ହାତରେ,
ଦେଇ ଥାନ୍ତ ସ୍ନେହ,
ଆଦର ଆଶିଷ,
ଥାପି ଥାନ୍ତ ହାତ,
ମୋର ମଥାରେ "
ରାକ୍ଷୀ ଭିଜି ଗଲା ---------
ଭାର ଥୁର ନେଇ,
ଆସିବ ରାକ୍ଷୀରେ,
କଥା ଦେଇଥିଲ,
ମୋର ଦୁଆରେ,
ଆସିଲତ ନାହିଁ,
ମୋର ଦୁଆରକୁ,

Listen to Odia Podcast Original at https://youtube.com/@drjyotiprasad

ଖୁଣ୍ଟା ରଖି ଦେଲ,
ମୋଶାଶୁ ଘରେ "
ରାକ୍ଷୀ ଭିଜିଗଲା ----------
ଏତୁଟା ଜୀବନ,
କେମିତି ବଞ୍ଚିବ,
ଶାଶୁର ଗଞ୍ଜଣା,
ଖୁଣ୍ଟା କୁ ସହି ?
କେଉଁ ଭାଗ୍ୟ ନେଇ,
ଜନମି ଥିଲି ମୁଁ,
ଏତିକି ଯାତନା,
ଦେଉଛି ବିହି "
ପୋଡା କପାଳ ମୋ,
କା ଆଗେ କହିବି ?
କିଏ ବା ଶୁଣିବ,
ନେବ କାନରେ ?
ଭାଗ୍ୟକୁ ଆଦରି,
ପଡିଛି ଏ ଠାରେ,
ଜୀବନ ବଞ୍ଚିଛି,
ଭିଜା ଲୁହରେ "
ରାକ୍ଷୀ ଭିଜି ଗଲା --------
ସବୁ ଅଳି ମୋର,

ପୁରା କରୁଥିଲ,
ଖୋଇ ଦେଉ ଥିଲ,
ନିଜ ହାତରେ,
ଖାଇବା ଦରବ,
ଅଧା ଦେଉ ଥିଲ,
ନିଜେ ରହୁ ଥିଲ,
ଅଧା ପେଟରେ "
ରାକ୍ଷୀ ଭିଜି ଗଲା ------
ପିଲା ଦିନ କଥା,
ଭୂଲି ଗଲ ଭାଇ !
କେମିତି କେଜାଣି,
ଭାବେ ମନରେ,
ମଧୁର ସମ୍ପର୍କ,
କିପରି ତୁଟିଲା,
ଆଜି ପରା ଏଇ,
ଶୁଭ ଦିନରେ ?
ରାକ୍ଷୀ ଭିଜି ଗଲା -------
ଚାହିଁଛି ତୁମକୁ,
ତୁମ ଆସିବାକୁ,
ଚାତକ ପରାଏ,
ଭିଜା ମନରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡେରି ହେଲେ ସୁଦ୍ଧା,

ଆସିବକି ଭାଇ !

ରାକ୍ଷୀ ବାନ୍ଧି ଦେବି,

ତୁମ ହାତରେ ?

ରାକ୍ଷୀ ଭିଜିଗଲା,

ଆଖିର ଲୁହରେ,

ଆଖି ପାଣି ଆଖି,

ପତାରେ ମରେ,

ରାକ୍ଷୀ ଭିଜି ଗଲା -----------

ଉଦୟପୁର, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ଭିଜିଗଲା ଆଖି ଲୁହରେ

ବୀଣା ସାହୁ



ପ୍ରତିବର୍ଷ ଏହି ରାକ୍ଷୀ ପୂର୍ଣ୍ଣିମାକୁ
ରହିଥାଏ ମୁହିଁ ଚାହିଁ,
ତୋ କଥା ଭାବିଲେ ଦୁଃଖ ଲାଗେ ଭାରି
ଆଖି ଲୁହ ଯାଏ ବହି ।

ଅଭିମାନ କରି ରହିଛୁ ଦୂରେଇ
ମନେ ପଡୁ ନାହିଁ କିଛି,
ଭୁଲିଗଲୁ ସେହି ପିଲାଦିନ କଥା
ନା ତୋ ଭାବନାରେ ଅଛି ।

ପ୍ରତିଥର ରାକ୍ଷୀ ରଖେ ମୁଁ ସାଇତି
କାଳେ ତୁ ଆସିବୁ ବୋଲି,
କାହିଁକି ମୁହିଁକୁ ବୁଲେଇ ରହିଛୁ
ଯାରେ ସବୁକିଛି ଭୁଲି ।

ଝୁରୁଛି ଏ ମନ ତୋ ପାଇଁ କାହିଁକି
ଆ ପିନ୍ଧେଇ ଦେବି ହାତେ,
ଦୁଃଖ ସୁଖ ସବୁ ବାଣ୍ଟି ନେବା ଦୁହେଁ
ସାହା ହେବେ ଜଗନ୍ନାଥେ ।

ମୋ ପାଖକୁ କେବେ ଆସିବୁ ରେ ତୁହି
ପିନ୍ଧିବୁ ତୋ ହାତେ ରାକ୍ଷୀ,
ହସ ଖୁସିରେ ପୁରି ଉଠିବ ପୁଣି
ସ୍ନେହ ବନ୍ଧନକୁ ଦେଖି ।

ମାଆ ପରି ତୋତେ ସ୍ନେହ ଦେଇ ଥିଲି
ଦୂରେ ରହି ଭୁଲି ଗଲୁ,
କାହା ବନ୍ଧନ ରେ ବାନ୍ଧି ହୋଇ ତୁହି
ପର ମୋତେ କରି ଦେଲୁ ।

ମନ ବଦଳାଇ ଫେରି ଆରେ ଭାଇ
ଦେବିରେ ସ୍ନେହ ଆଦର,
ପ୍ରତିଦାନେ କିଛି ମାଗୁ ନାହିଁ ମୁହିଁ
ପଦୁଟେ କଥା ସ୍ନେହର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ଭିଜିଗଲା ଆଖି ଲୁହରେ

କ୍ରିଷ୍ଣା ସେନାପତି



ପ୍ରଭୁ ଲୀଳାମୟଙ୍କ ଲୀଳାରେ
ପାଇଥିଲୁ ଛଅ ଭଉଣୀରେ
ମୋ ବଡ଼ ଭାଇଟିଏରେ

ରାଜ କୁମାର ତା ଚେହେରାରେ
ପାଠରେ ଥିଲା ସେ ଆଗୁଆରେ
ହାତ ପୁରୁଥିଲା ରାକ୍ଷୀରେ

ତାକୁ ଦେଖିଲେ ସାଇ ପଡ଼ିଶାରେ
ସତେ ତୋ ପରି  ନାହିଁ ଭାଗ୍ୟରେ
ରାକ୍ଷୀରେ ପୁରେ ହାତରେ

ହସି ଭାଇ ମୋ କହୁ ଥିଲାରେ
ଅଧା ଡଜନ ଶାଢ଼ୀ କିଣେରେ
ଅତି ସରାଗେ ଦିଏରେ

କଟକ ହାଇକୋର୍ଟ ଓକିଲରେ
ମନ ତାର ଠାକୁର୍ ଦୟାରେ
ଉଦାରତାରେ ଭରାରେ

ପ୍ରଭୁଙ୍କ ଦାନ ସୀମା ନାହିଁରେ
ଅତି ଖୁସି ସହି ପାରେନିରେ
ଖୁସିର ଡେଣା କାଟେରେ

ବରଷକେ ରାକ୍ଷୀକୁ ଚାହୁରେ
ଭାଇ ଘରକୁ ଧାଇ ଯିବୁରେ
ଦେଖା ତ ହେଉଥିଲାରେ

ଆଜି ସେ ସୁଖ ଦିନ ନାହିଁରେ
ଭରି ଦେଇଛି ଆଖି ଲୁହରେ
ଛଡେଇଛି ପ୍ରଭୁ ନିଜେରେ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାକ୍ଷୀ ଭିଜିଗଲା ଆଖି ଲୁହରେ

ସୁନିତା ମହାନ୍ତି



ସ୍ନେହଁ ମମତାର ବନ୍ଧନ ଏ ରାକ୍ଷୀ
ଅତୁଟ ଆମ ସମ୍ପର୍କ
ବିପଦ ଆପଦେ ଭାଇ ତା ଭରଷା
ଭଉଣୀର ଭାଇ ରକ୍ଷକ ।

ଭାଇ ବାଟ ଚାହିଁବସିଥିବ ସିଏ
ବିଦେଶୁ ଆସିବ ଭାଇ
ମିଷ୍ଟାନ୍ନ, ସିନ୍ଦୁର, ଚନ୍ଦନ ଓ ରାକ୍ଷୀ
ଶରଧାରେ ଦେବ ପିନ୍ଧାଇ ।

କେତେ ଅଳି ତାର ଥିବ ଭାଇ ପାଖେ
ମାଗି ନେବ ଆଜି ସବୁ
ବାଛି ବାଛି ରାକ୍ଷୀ ଆଣିଛି ତା ପାଇଁ
ସମ୍ପର୍କ ନିବିଡ଼ ରଖିବୁ ।

ଅପେକ୍ଷାର ବେଳ ଉଛୁର ହେଲାଣି
ମନ ହୁଏ ଛନ୍ନ ଛନ୍ନ
ମୁହୁରତ ଯାଏ ଗଡି ଗଡି ପୁଣି
ଭଉଣୀର ମନ ଅଛନ୍ନ ।

କେତେ ଅଭିମାନ ମନ ଭାଙ୍ଗି ଦିଏ
କଥା ହେବିନାହିଁ ଜମା
ଫଉଜି ଚାକିରୀ ଛୁଟି ଦେଲା ନାହିଁ
କରିଦେବୁ ମତେ କ୍ଷମା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୂରଭାଷା ଶୁଣି ଭାଙ୍ଗି ସେ ପଡିଲା
ବୋହିଗଲା ଆଖି ଲୁହ
ରାକ୍ଷୀ ଭିଜି ଗଲା ଆଖିର ଲୁହରେ
ହୃଦୟ ଭରିଲା କୋହ ।

ଏମିତି ସମ୍ପର୍କ ଅତୁଟ ବନ୍ଧନ
ସୂତା ଖିଅଟିଏ ନୁହେଁ
ରକ୍ତର ସମ୍ପର୍କ ବନ୍ଧନ ଏ ଆମ
ଶ୍ରାବଣ ପୁନେଇଁ କହେ ।

ସବୁ ଭଉଣୀକୁ ମିଳୁ ତାଙ୍କ ଭାଇ
ରାକ୍ଷୀ ନ ଭିଜୁ ଲୁହରେ
ଭାଇର ଆଶିଷ ଭଉଣୀର ସ୍ନେହଁ
ସଦା ଭରୁ ମମତାରେ ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ଭିଜିଗଲା ଆଖି ଲୁହରେ

ସଚିକାନ୍ତ ରଥ



ରାଖୀ ଭିଜିଗଲା ଆଖିର ଲୁହରେ
ମନ ଖୋଜୁଅଛି ପୁରୁଣା ଦିନ,
ଭଉଣୀ ବାନ୍ଧେ ତା' ଭାଇ ହାତେ ରାଖୀ
ରଖିବା ପାଇଁ ସେ ରାଖୀର ମାନ ।

ଚିର ଅମଳିନ ସେହି ସମ୍ପର୍କରେ
ଲାଗେନାହିଁ କାଳି ଜୀବନ ଯାକ,
ଯେତେ ଦୂରେ ଯିଏ ଥାଉନା କାହିଁକି
ଭରାଅଛି ତହିଁ ସ୍ନେହ ଅନେକ ।

କଦବା କେଉଁଠି ଲୁହ ଝରେ ଆଜି
ସେ ଲୁହ ଭିଜଇ ମମତା ସ୍ୱରେ,
ଲୁକାୟିତ ଅଛି ଆଶିଷ ସେଠାରେ
ନୀରବ ନୟନୁଁ ଲୋତକ ଝରେ ।

ଗୋଟିଏ ସୂତାରେ ଆବଦ୍ଧ ରହିଛି
ଜନ୍ମଜନ୍ମ ପାଇଁ ସେହି ସମ୍ପର୍କ,
ଚୁପି ଚୁପି ରାଖୀ କହୁଛି ଭାଇକୁ
ଭୁଲିବୁନି ମୋତେ ଜୀବନ ଯାକ ।

ସମୟ ଗଡିବ ବୟସ ବଢିବ
ସ୍ନେହ ରହିଥିବ ସଦା ଜୀବିତ,
ଭାଇଭଉଣୀର ସମ୍ପର୍କ ମଧୁର
ସବୁଠୁଁ ସୁନ୍ଦର ସଦା ପବିତ୍ର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାତେ ନାହିଁ ରାଖୀ ଲୁହେ ଭିଜେ ଆଖି
ଉଡି ଯାଇଛି ମୋ ମୁଣ୍ଡରୁ ଛାତ,
ଏକାବନ ବର୍ଷ ବିତିଗଲା ଆଜି
ହରେଇ ଥିଲି ମୁଁ ସେଦିନ "ତାତ" ।

ଅସରା ଏ ବିଭାବରୀ ଆଜ ଘରେ
ଏକାକୀ ବସି ମୁଁ ଢାଳଇ ଲୁହ,
ତୁମରି ପୟରେ ପ୍ରଣତି ଢାଳୁଛି-
ବାପା, ତୁମେ ମୋତେ ହୁଅ ସଦୟ ।

ନତଜାନୁ ହୋଇ ପ୍ରଭୁଙ୍କ ଚରଣ
ଯୋଡ ହସ୍ତେ କରେ ନିତି ମିନତି,
ମୋ ବାପାଙ୍କ ଶିରେ ଆଶିଷ ବରଷୁ
ତାଙ୍କ ଆତ୍ମାର ହେଉ ସଦ୍‌ଗତି ॥

ଶକ୍ତିବିହାର, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ଭିଜିଗଲା ଆଖି ଲୁହରେ

ଅନୁସୂୟା ଦେବତା



ସୁନେଲି ସୂତାର ପବିତ୍ର ବନ୍ଧନ,
ଆଶିଷର ସାଜେ ଡୋର,
ସେହି ସୂତା ଖିଅ ଆଜି କାନ୍ଦୁଅଛି,
ସହି ଅତ୍ୟାଚାର ଘୋର ।

ଆପଣା ରକ୍ତର ସୁରକ୍ଷା ପାଇଁ କି,
ରକ୍ଷା କବଚ ଟିଏ ?
ପରର ଭଉଣୀ ଇଜ୍ଜତ ହରାଇ,
କାନ୍ଦୁଛି ନିଶୀଥେ ସିଏ !

ଗୋଟିଏ ଗର୍ଭରୁ ଜନ୍ମିଥିବା ସିନା,
ଭଉଣୀ ତୁମର ସଦା,
ଅନ୍ୟର ଭଉଣୀ ଆତ୍ମାର ଚିତ୍କାର,
ଶୁଣୁଛ କି କେବେ କଦା ?

ପାଶବିକ ମନେ ରକ୍ଷାବନ୍ଧନକୁ,
କରି ଯେବେ ପରିହାସ,
ନାରୀର ସମ୍ମାନ ଲୁଟିନିଅ ତୁମେ,
ରଖି ପୁରୁଷତ୍ୱ ଆଶ ।

ଉଷୁମ ଲୁହର ସୁଅ ବହିଯାଏ,
କ୍ଷତାକ୍ତ ଆତ୍ମା କୋଳେ,
ଭିଜିଯାଏ ସେହି ସୁନେଲି ସୂତାଟି,
ଅଶ୍ରୁର ଶୀତଳ ଜଳେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ସେ ସୁନେଲି ସୂତା ଆଖିଲୁହେ ଭିଜି
ପ୍ରଶ୍ନ କରୁଛି ଆଜି
ସୁରକ୍ଷା ବନ୍ଧନ କାଟିଦେଇ ତାର
ପାଉଣା କି ବାକି ଅଛି ।

ସବୁ ଭଉଣୀଙ୍କୁ ନିଜର ନ ଭାବି,
ବାନ୍ଧିଲେ କି ହେବ ରାକ୍ଷୀ ?
ମାନବିକତାର କବର ଉପରେ,
ଲୁହ ଝରାଉଛି ଆଖି ।

ସୁଭଦ୍ରା ଜଗତ-ଜନନୀ ଯେଉଁଠି
ଜଗା ବଳିଆ ଯା ଭାଇ,
ସେହି ସଂସ୍କୃତିର ଦାୟାଦ ହୋଇଣ
ଆମେ କି ଶିଖିଲୁ କାହିଁ ?

ଜଗନ୍ନାଥ ଧାମେ ନାରୀ ଯେ ପୂଜିତା
ସର୍ବଭୂତେ ମାତୃରୂପା,
ଆଜି କାହିଁ ଗଲା ସେ ସ୍ନେହ-ସମ୍ମାନ
କାହିଁ ସେ ନୀତିର କୃପା ?

ପ୍ରେମର ସମ୍ପର୍କ ଏତେ କି ଦୁର୍ବଳ
ହଜିଗଲା କିବା ନୀତି ?
ଭ୍ରାତୃତ୍ୱର ଡୋର ଭାଙ୍ଗିପଡ଼େ ଆଜି
ଭୁଲି ଗୌରବର ସ୍ମୃତି ।

ନାରୀର ସମ୍ମାନ ନ ମିଳିବା ଯାଏ,
ପବିତ୍ର ନୁହଁଇ ଧରା,
ସେ ଦିନ ପର୍ଯ୍ୟନ୍ତ ରକ୍ଷାବନ୍ଧନ
ଲୁହ-ଭିଜା ପରମ୍ପରା ।

ଅତାବିରା, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ଭିଜିଗଲା ଆଖି ଲୁହରେ

ଅନାମ ଚରଣ ସାହୁ



ମନେପଡ଼େ ଆଜି ବିଗତ ଦିନର
ଅପାସୋରା ସ୍ମୃତି ଚିହ୍ନ
ଆଦରର ମୋର ଗେହ୍ଲେଇ ଭଉଣୀ
ଚୋରାଏ ସଭିଙ୍କ ମନ ।
କଅଁଳ ବୟସ ଲକ୍ଷ୍ମୀଙ୍କ ସ୍ୱରୂପା
ବାପାଙ୍କର ଅଲିଅଳି
ବେନି ଭାଇଙ୍କର ଏକଇ ଭଉଣୀ
ରୂପ ତାର ସଜମଲ୍ଲୀ ।
ମାତାଙ୍କର ପ୍ରିୟ କରମେ ସକ୍ରିୟ
ସାଙ୍ଗସାଥୀ ମେଳେ ଖେଳ
ବୁଢ଼ାବୁଢ଼ୀଙ୍କର ନୟନ ମୁକୁର
ଆନନ୍ଦେ ବିତଇ ବେଳ ।
ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ବାନ୍ଧିଦିଏ
ସିନ୍ଦୂର ଚନ୍ଦନ ମାରି
ଦୀପ ଦାନ କରେ ଅକ୍ଷତ ପକାଇ
ରୂପ ଗୁଣେ କିଏ ସରି ।

ବିଧି ହେଲା ବାମ ଦୈବୀ ଅଭିଶାପ
ଘୋଟିଲା ଅଦିନେ କାଳ
ଲିଭିଲା ତାହାର ଜୀବନ ପ୍ରଦୀପ
ପୁରିଲା ସଂସାର ଥାଳ ।
ଏବେ ଯେବେ ମୋର ସେନେହର କେହି
ହାତେ ବାନ୍ଧିଦିଏ ରାକ୍ଷୀ
ରାଖୀ ଭିଜି ଯାଏ ମୋ ଆଖି ଲୁହରେ
ରାକ୍ଷୀ ରହେ ତାର ସାକ୍ଷୀ ।

ବିଭୂତିପୁର, କାକଟପୁର, ପୁରୀ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାକ୍ଷୀ ଭିଜିଗଲା ଆଖି ଲୁହରେ

ରଶ୍ମିତା ପାତ୍ର



କୋଟିକେ ଗୋଟିଏ ମୋ' ଭାଇ ପରା
ମୋ' ପାଇଁକି ସିଏ ଉଜ୍ଜ୍ୱଳ ହୀରା,
ତା' ସରି ଆଉ କେ ଜଗତେ ନାହିଁ
ସିଏ ମୋ' ଜୀବନ ମୁଁ ତା'ର ଛାଇ,
ଭାଇ ମୋର ଅଟେ ବୀର ସିପାହୀ
ଜଗିଛି ସୀମାନ୍ତେ ତୋପ ଫୁଟାଇ,
ଲଢ଼ି ଦିବା ନିଶି ଶତ୍ରୁ ସହିତେ
ଦେଶ ମାତୃକାର ସୁରକ୍ଷା ଚିନ୍ତେ,
ରାକ୍ଷୀ ପୁନେଇରେ ଆସିବ ବୋଲି
କଥା ଦେଇ ଗଲ କେମିତି ଭୁଲି,
ସୀମାନ୍ତ ଖବର ଅଥୟ କରେ
ରାକ୍ଷୀ ଭିଜିଗଲା ଆଖି ଲୁହରେ,
ପାଦ ତଳୁ ମାଟି ଯାଉଛି ଖୋସି
ଛଡ଼ାଇ ନେଲା କେ ମୋହର ଖୁସି,

ଏ କି କଳା ମେଘ ଆସିଲା ମାଡ଼ି
ସତେକି ପଡୁଛି ଆକାଶ ଛିଡି,
କରି ସଦରପେ ସୀମା ଲଢେଇ
ହାତ ଦୁଇ ତା'ର ଦେଇ ହରାଇ,
ବାନ୍ଧିବି କେମିତି ରାକ୍ଷୀ ଗୋ ଭାଇ
କାନ୍ଦୁଛି ହୃଦ ମୋ' ତୁମରି ପାଇଁ,
ତଥାପି ଜଗାଇ ମନେ ଶକତି
ମାଆ ମାଟି ଲାଗି ତ୍ୟାଗ ମୂରତି,
କେ ହେବ ହେ ବୀର ସୈନିକ ତୁଲେ।
ଅମାପ ଅତୁଲ୍ୟ ଏ ରାକ୍ଷୀ ମୂଲ.. ! !

ବାରିପଦା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବେଢ଼ଙ୍ଗ ରାକ୍ଷୀ

ହୃଷିକେଶ ପ୍ରଧାନ



ଏଇ ଆମର ଯୁଗ ଯୁଗର
ସଂସ୍କୃତି ପରମ୍ପରା,
ଭାଇ ହାତରେ ଭଉଣୀ ବାନ୍ଧେ
ପବିତ୍ର ରାକ୍ଷୀ ପରା ।
ସ୍ନେହ ମମତା ପ୍ରୀତିର ଡୋର
ଭଉଣୀ ହୃଦ ତାରା ,
ଭଉଣୀ ଲାଗି ଜୀବନ ଦିଏ
ଭାଇ ସୁରକ୍ଷା ହୀରା ।
ଅମାପ ତାର ସ୍ନେହ ସରାଗ
କହି ତା' ହୁଏ ନାହିଁ ,
ଭଉଣୀ ପରି ହେବେନି କେହି
ଭାଇ ମିଳିବେ କାହିଁ ।
ବେଢଙ୍ଗ ରାକ୍ଷୀ ହେଉଛି ଦୁଃଖୀ
ବାହାନା ରାକ୍ଷୀ ବନ୍ଧା ,
ରାକ୍ଷୀ ନାଆଁରେ କେତେ ଛଳନା
ମନ ଭିତରେ ଫନ୍ଦା ।

ଧରମ ଭାଇ ହାତରେ ରାକ୍ଷୀ
ବାନ୍ଧେ ହାତକୁ ଲେସି ,
ସେ ଯେଉଁ ପ୍ରେମ ଘାରେ ମରମ
ଭଉଣୀ ଯାଏ ଫସି ।
ମୁରୁକି ହସେ ପାଖରେ ବସେ
ଦିହକୁ ଦିହ ଘସି
କେଡ଼େ ଗଭୀର ପ୍ରେମ ସାଗର
ଚହଲେ ମନ ଭାସି ।
ରାକ୍ଷୀ ବଦଳେ ଉପହାରଟା
ମୋଟା ଅଙ୍କରେ ଆଶେ
ଭାଇ ଭଉଣୀ ମିଛ କାହାଣୀ
ବାହା ବେଦୀରେ ମିଶେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯା ଠାରୁ ବଡ଼ ଶାଳୀ ଭିଣେଇ
ପାଳନ୍ତି ଯେବେ ରାକ୍ଷୀ
କା'ଠାରେ କେତେ ସତିଆ ପ୍ରେମ
ଈଶ୍ୱର ପରା ସାକ୍ଷୀ ।
ଶାଳୀ ନୁହଁଇ କେବେ ଭଉଣୀ
ପରିହାସର ପାତ୍ରୀ
ରାକ୍ଷୀ ବାନ୍ଧିଲେ ଭିଣେଇ ହାତେ
ହେବ ଗୋଳିଆ ପ୍ରୀତି ।
ଯାହା ବି କଲେ ପବିତ୍ର ଭାବ
ଆସିବ ନାହିଁ ମନେ
ଦର୍କାର ବେଳେ ଫୁଲେଇ ଶାଳୀ
ଭାରିଜା ହେବ ଦିନେ ।
ଧରମ ଭାଇ ଆଉ ଭିଣେଇ
ହେବେ ନି କେବେ ଭାଇ
ମାମୁଁ ମଉସା ଅବା ପିଇସା
ପୁଅ ତ ଲେଖା ଭାଇ ।

ମାଆ ପେଟର ରକତ ଭାଇ
ଅନ୍ତର ଆତ୍ମା ଭାଇ,
ମରିବି ପାରେ ମାରିବି ପାରେ
ସୁରକ୍ଷା ଦେବା ପାଇଁ ।
ସମାଜ ଆଜି କଳଙ୍କ ଭାରେ
କୁତ୍ସିତ କଦାକାର
ବେଳହୁଁ ହୁଅ ସାବଧାନ ଟି
ବୁଝ ସୁଜ୍ଞାନୀ ନର ।
କହୁଛି ବୋଲି ଭାବିବ ନାହିଁ
ଏ କଥା ବେତାଳିଆ,
ହୃଷିର କଥା ମନେ ରଖିଥା
ରାକ୍ଷୀ ଗୋଳମାଳିଆ ।

ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ବାନ୍ଧିଲି ମୁଁ ରଖିବ ମାନ

ବାସନ୍ତୀ ଲତା ଜେନା



ବରଷକେ ଥରେ ଆସିଛି ଲୋ ରାକ୍ଷୀ
ଖୁସିର ପସରା ନେଇ
ଭାଇ ଭଉଣୀଙ୍କ ସ୍ନେହର ବନ୍ଧନ
ରାକ୍ଷୀ ତୋର ପ୍ରୀତି ହୋଇ ।୧।

ଗୋଟିଏ ବୃକ୍ଷର ଦୁଇ ଗୋଟି ଶାଖା
ଭାଇ ଭଗ୍ନୀ ନାମ ଯାର
ଏକ ରକ୍ତ ବିନ୍ଦୁ ଦୁଇଟି ତନୁରେ
ଭାବ ସ୍ନେହ ମମତାର ।୨।

ଭାଇ ହାତେ ରାକ୍ଷୀ ମମତାର ଡୋରି
ରଜ୍ଜୁ ସ୍ନେହର ବନ୍ଧନ
ଆସି ଅଛି ରାକ୍ଷୀ କେତେ ଆଶା ନେଇ
ଭଉଣୀର ଶୁଭ ଦିନ ।୩।

ଭାଇ ଭଉଣୀର ଅତୁଟ ବନ୍ଧନ
ରାଗ ରୁଷା ଗଣ୍ଡଗୋଳ
ଅତୀତର ସ୍ମୃତି ବର୍ତ୍ତମାନ ସାଥି
ରାକ୍ଷୀ କରି ଦିଏ ମେଳ ।୪।

ଧୂପ ଦୀପ ସାଥେ ଅରୁଆ ଚାଉଳ
ରାକ୍ଷୀ ତୋର ମିଠା କିଛି
ସିନ୍ଦୂର ଚନ୍ଦନେ ଥାଳି ସଜାଡ଼ିଛି
ପଥ ଅନାଇ ବସିଛି ।୫।

Listen to Odia Podcast Original at https://youtube.com/@drjyotiprasad

ମୋ ସୁନା ଭଉଣୀ ବାନ୍ଧିବରେ ରାକ୍ଷୀ
ମନରେ ଉତ୍କଣ୍ଠା ତାର
ରାକ୍ଷୀଟିଏ ଧରି ମୋ ହାତେ ବାନ୍ଧିବ
ଶୁଭ ମନସିବ ମୋର ।୬।

ରେଶମୀ ଡୋରରେ ଶକ୍ତି ଭରି ଦେବ
ରାକ୍ଷୀ ରହି ଯିବ ସାକ୍ଷୀ
ଅମ୍ଳାନ ବନ୍ଧନ ଆମ ଦୁହିଁଙ୍କର
ଲୋକେ କାବା ହେବେ ଦେଖି ।୭।

ମୋ ଭଉଣୀ ମାନ ସଦା ମୁଁ ରଖିବି
ପାଖେ ଥାଉ ଅବା ଦୂରେ
ଖବର ପାଇବା ମାତ୍ରେ ପହଞ୍ଚିବି
ପ୍ରୀୟ ଭଉଣୀ ପାଖରେ ।୮।

ସବୁ ବିପଦକୁ ସାମନା କରିବି
ଦୁଃଖ ଛୁଇଁ ଦେବି ନାହିଁ
ତା ମୁଖର ହସ ସଦା ଭରି ଦେବି
ରାକ୍ଷୀ ରାଣ ଦେଲି କହି ।।

ଆଜି ଶୁଭ ଦିନ ବଳଦେବ ଜନ୍ମ
ଶ୍ରୀକ୍ଷେତ୍ରେ ରାକ୍ଷୀ ପାଳନ
ସୁଭଦ୍ରା ଭଉଣୀ ରାକ୍ଷୀ ବାନ୍ଧି ଦେବ
ବଳିଆ ଚକାନୟନ ।୧୦।

ଆମର ସଂସ୍କୃତି ଜଗନ୍ନାଥ ନାମେ
ପରମ୍ପରା ଚାଲୁଅଛି
ପର୍ବ ପର୍ବାଣୀରେ ବନ୍ଧନ ଯୋଡ଼େ
କେଉଁ କାଳରୁ ଚାଲୁଛି ।୧୧।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀ ବାନ୍ଧିଲି ମୁଁ ରଖିବ ମାନ

ରୀତାରାଣୀ ଦାଶ



ଭାଇ ହସ୍ତେ ରାକ୍ଷୀ ସାହସ ଭରସା
ସବୁଠାରୁ ବଡ଼ ଶକ୍ତି
ଭଉଣୀ ମୁହଁରେ ହସ ଦେଖିବାକୁ
ଭାଇ ଭୁଲେ ପରିତୃପ୍ତି
ଭଉଣୀର ଯେ ଜୀବନ,
ଅତି ଯତନରେ ରାକ୍ଷୀ ବାନ୍ଧିଦେଲି
ରଖିବ ଭାଇ ମୋ ମାନ ।

ବଦଳି ଗଲେ ବି ଏ ସାରା ଦୁନିଆଁ
ସ୍ନେହ କେବେ ବଦଳେନା
ନୁହେଁ ଯେ ଗୋଟିଏ ସୂତା ଏ କେବଳ
ପ୍ରେମର ପ୍ରତୀକ ସିନା
ଅତୁଟ ଆମ ବନ୍ଧନ,
ହସ୍ତରେ ତୁମର ରାକ୍ଷୀ ବାନ୍ଧିଦେଲି
ରଖିବ ମୋହର ମାନ ।

ରାକ୍ଷୀ ବନ୍ଧନର ଗୂଢ଼ ତତ୍ତ୍ୱ ସିନା
ମାନ ସମ୍ମାନ ଜୀବନ
ସମର୍ପିଣ ଥାଏ ଭଉଣୀଟିଏ ତ
ଭାଇର ହସ୍ତରେ ପୁଣ
ରକ୍ଷା ପ୍ରତିଶ୍ରୁତି ମାନ
ଯେଉଁ ସମାଜରେ ନାରୀର ସୁରକ୍ଷା
ଇଜ୍ଜତ ଲୋଟଇ ପୁଣ ।

ନୁହଁଇ ନିଜର ଭଉଣୀ ସମ୍ମାନ
ସମାଜର ନାରୀ ପାଇଁ
ରକ୍ଷା ବନ୍ଧନର ଜ୍ୱଳନ୍ତ ଦୃଷ୍ଟାନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦ୍ରୌପଦୀ ଶ୍ରୀକୃଷ୍ଣ ଦୁଇ

ସ୍ୱୟଂ ସାଗର ନନ୍ଦିନୀ,

ବିଷ୍ଣୁ ନାରାୟଣ ଉଦ୍ଧାର ପାଇଁକି

ବଳି ହସ୍ତେ ରାକ୍ଷୀ ପୁଣି ।

ଭାଇ ଓ ଭଉଣୀ ପବିତ୍ର ବନ୍ଧନେ

ସ୍ୱର୍ଗେ ଦେବଗଣ ତୃପ୍ତି

ସାରା ସଂସାର ଯେ ପ୍ରେମ ପ୍ରୀତି ଭରା

ଏଇ ଅଟେ ସ୍ନେହ ସ୍ଥିତି

ବାନ୍ଧିଲି ହେ ଭାଇ ରାକ୍ଷୀ,

ଜନ୍ମ ଜନ୍ମ ରହୁ ପବିତ୍ର ବନ୍ଧନ

ଧର୍ମଦେବ ଥାନ୍ତୁ ସାକ୍ଷୀ ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରକ୍ଷା କବଚ

ନିରୁପମା ମହାନ୍ତି



ଆସନ ବିଛାଇ କଳସ ବସାଇ
ଧୂପ ଦୀପ ନଇବେଦ୍ୟ
ଚନ୍ଦନ ସିନ୍ଦୂର ଲଗାଇ ଭାଇଙ୍କୁ
ବାନ୍ଧିଲେ ରକ୍ଷା କବଚ (୧)
ଜଗା ବଳିଆଙ୍କ ଆର୍ଶୀବାଦ ନେଇ
ଖୁସିରେ ସୁବର୍ଣ୍ଣ ମୁଖି
ଭାଇଙ୍କ ସାଙ୍ଗରେ କଟାନ୍ତି ସେଦିନ
ପିଲାଦିନ ସ୍ମୃତି ରଖି (୨)
ଭାଇ ଭଉଣୀଙ୍କ ସ୍ନେହର ବନ୍ଧନ
ଅତୁଟ ଯୁଗ ଯୁଗର
ଚାହିଁ ବସିଥାଏ ଭଉଣୀ ଟି ତାର
ବାନ୍ଧିବାକୁ ରକ୍ଷା ଡୋର (୩)
ମନାସି ଥାଏ ଯେ ପ୍ରଭୁଙ୍କୁ ପାଖରେ
ଭାଇ ମାନଙ୍କର ସୁଖ
ମୋ ସୁଖ ଦୁଃଖରେ ଛାଇ ଭଳି ଥାନ୍ତୁ
ଏତିକି କରୁଣା ରଖ (୪)
ଭାଇ ଥିଲେ ଭଉଣୀ ଟି ଗର୍ବ କରେ
ବାଟ ଚାଲେ ମୁଣ୍ଡ ଟେକି
ଭାଇ ନଥିଲେ ତ ଘର ଘର ନୁହେଁ
ଦୁହେଁ ଦୁହିଁଙ୍କର ସାଥି (୫)
ପିଲାଦିନ ସ୍ମୃତି ବାଢ଼ି ଦେଇଥାନ୍ତି
ହସ କତରାଳ ମଧ୍ୟେ
ଜୀବନର ସେହି ଅଭୁଲା ସ୍ମୃତି କୁ
ଝରିଯାଏ ଶେଷ ଅର୍ଦ୍ଧେ (୬)
ବୟସର କିଛି ମାନ୍ୟତା ନାହିଁ ଯେ
ଭାଇ ଭଉଣୀଙ୍କ ପାଇଁ
ବୟସର ଶେଷ ପାହାଚରେ ମଧ୍ୟ
ପିଲା ଭଳି ହୋଇ ଥାଇ (୭)
ସବୁ ଦିନ ସବୁ ସମୟ ମୁହୂର୍ତ୍ତ
ସୁଖେ ରଖ ମୋ ଭାଇଙ୍କୁ
ଶଂଖରେ ପୁରାଇ ଚକ୍ର ଆଢୁଆଳେ
ରଖିଥାଅ ମହାବାହୁ (୮)

ଓଲ୍ଡ ଟାଉନ, ଭୁବନେଶ୍ୱର ୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୁରକ୍ଷା କବଚ ରାକ୍ଷୀ

ଅକ୍ଷୟ କୁମାର ସାହୁ



ଭାଇ ଭଗିନୀଙ୍କ   ନିବିଡ଼ ବନ୍ଧନ
ସୁରକ୍ଷା କବଚ ରାକ୍ଷୀ ,
ରାକ୍ଷୀ ବନ୍ଧନରେ  ଭଉଣୀ ପିନ୍ଧାଏ
ଭାଇକୁ ତା ରଖି ସାକ୍ଷୀ ।।
ଧନ୍ୟ ସନାତନ   ସଂସ୍କୃତି ସମ୍ପନ୍ନ
ଏ ଦେଶ ପର୍ବ ପର୍ବାଣୀ ,
ବାଣ୍ଟି ମୈତ୍ରୀ ପ୍ରୀତି  ସଭିଏଁ ସଭିଙ୍କ
ହୃଦୟ ନିଅନ୍ତି କିଣି ।।
ସେ କ୍ରମରେ ରାକ୍ଷୀ ପୁନେଇଁ ପରବ
ଅତି ଆନନ୍ଦଦାୟକ,
ଭାଇ ଭଉଣୀଙ୍କ   ସମ୍ପର୍କ ସୁଦୃଢ
କରିବାରେ ସହାୟକ ।।
ଏକ ରକ୍ଷାକାରୀ   ସୂତ୍ର   ଭାବେ ଗଣା
ରାକ୍ଷୀ ଆମ ସମାଜରେ ,
ପୁରାଣ ଯୁଗରୁ   ଲଭିଛି ମାନ୍ୟତା
ଆମ ଏ ପୁଣ୍ୟ ଦେଶରେ ।।
କୃଷ୍ଣଙ୍କ ଆଙ୍ଗୁଳି   କ୍ଷତ ବେଳେ କୃଷ୍ଣା
ବସ୍ତ୍ର ଚିରି ବାନ୍ଧି ଥିଲେ,
କୁରୁ ସଭାସ୍ଥଳେ   ତା ପ୍ରତିବଦଳେ
କାହ୍ନା ଲଜ୍ଜା ନିବାରିଲେ ।।
ଶ୍ରୀମନ୍ଦିରୁ ମାଆ   ସୁଭଦ୍ରା ପଠାନ୍ତି
ରାକ୍ଷୀ ତୁଳସୀ କ୍ଷେତ୍ରକୁ ,
ବଡ଼ ବଳଭଦ୍ର     ସାନ ଜଗନ୍ନାଥ
ଭାଇ ହାତେ ବାନ୍ଧିବାକୁ ।।
ଜଗତର ପାଇଁ   ଏପରି ଆଦର୍ଶ
ତିନି ଦିଅଁ ସାଜିଥାନ୍ତି ,
ଭାଇ ଭଉଣୀଙ୍କ   ମଧ୍ୟେ ସ୍ନେହ ଶ୍ରଦ୍ଧା
ସଦା ରହୁ କହିଥାନ୍ତି ।।
ପ୍ରତି ପରିବାରେ   ଶ୍ରଦ୍ଧା ସହକାରେ
ହେଉଥାଉ ଏ ପାଳିତ,
ତା ବଳରେ ପ୍ରତି   ଗୃହେ ସୁଖ ଶାନ୍ତି
ସଦା ହେଉ ବିରାଜିତ ।।

ବଡଗଡ଼ ବ୍ରିଟ କଲୋନୀ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାକ୍ଷୀ ନୁହେଁ ରକ୍ଷା କବଚ

ଉପେନ୍ଦ୍ର କୁମାର ବସ୍ତିଆ



ରାକ୍ଷୀ ନୁହେଁ ସେତ ରକ୍ଷା କବଚ
ପୁରାଣେ ଅଛି ବର୍ଣ୍ଣିତ
ଭଉଣୀ ହାତରୁ ରାକ୍ଷୀ ବାନ୍ଧିବାକୁ
ଭାଇ ହୁଏ ବ୍ୟାକୁଳିତ
ଆସିଛି ରାକ୍ଷୀ ବନ୍ଧନ
ଭାଇଟି ହୋଇବ ସୁରକ୍ଷା କବଚ
ରଖିବ ଭଉଣୀ ମାନ ।

ସୂତା ଖିଅଟିଏ ରାକ୍ଷିର ଡୋରି
ସ୍ନେହ ପ୍ରେମର ପ୍ରତୀକ
ଭାଇ ଭଉଣୀର ଅତୁଟ ବନ୍ଧନ
ଭାଇ ରଖେ ତାର ଟେକ
ସମ୍ପର୍କର ରହେ ସ୍ମୃତି
ସୁଖ ସୌଭାଗ୍ୟର କାମନା ଇଏ ତ
ଭାଇ ଭଉଣୀର ଚୁକ୍ତି ।

ରାକ୍ଷୀର ବନ୍ଧନ ମମତାର ଚିହ୍ନ
ଭାଇ ଯାଇଥାଏ ଧାଇଁ
ରାକ୍ଷୀ ନୁହେଁ ସେତ ସୁରକ୍ଷା କବଚ
ରକ୍ତର ଡାକରା ଏଇ
ସୁରକ୍ଷା କବଚ ନେଇ
ଜଗା ବଳିଆର ସମ୍ପର୍କ ବଢାଏ
ଭଉଣୀ ସୁଭଦ୍ରା ମଯ୍ଯୀ ।

ବାର ମାସ ତେର ପରବ ଭିତରେ
ପରମ୍ପରା ସାଥେ ଧରି
ଭଉଣୀ ବାନ୍ଧିବ ଭାଇର ହାତରେ
ସମ୍ପର୍କର ସୂତା ଡୋରି
ଭୁଲି ସବୁ ଅଭିମାନ
ପ୍ରତି ଦାନେ ଭାଇ ରଖିଛି ରଖିବ
ଭଉଣୀ ରାକ୍ଷୀର ମାନ ।

ଜଗତସିଂହପୁର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରକ୍ଷା ବନ୍ଧନ

ପଙ୍କଜିନୀ ଉପାଧ୍ୟାୟ



ବରଷକେ ବାର ପୂର୍ଣ୍ଣିମା ପଡଇ
ଭିନ୍ନ ଭିନ୍ନ ନାମ ନେଇ
ଶ୍ରାବଣ ପୂର୍ଣ୍ଣିମା ରାକ୍ଷୀ ନାମେ ଖ୍ୟାତ
ଭାଇ ଭଉଣୀଙ୍କ ପାଇଁ ।

ଭାଇର ହାତରେ ଭଉଣୀ ବାନ୍ଧଇ
ଝଲଝଲ ଗୋଟେ ରାକ୍ଷୀ
ଭାଇ ତାର ସାହା ବିପଦ ଆପଦେ
ଭଗବାନେ ରଖି ସାକ୍ଷୀ ।

ସୂତାର ଖିଅଟେ ନୁହେଁ ସଖୀ ଇଏ
ଭାଇ ଭଉଣୀ ସମ୍ପର୍କ
ପବିତ୍ର ଭାବରେ ରକ୍ଷା କବଚ ଏ
ବନ୍ଧନର ମହାଟେକ ।

ସବୁ ସମୟରେ ପାଖେ ପାଖେ ଥାଇ
ସାହସ ଭରିବ ଭାଇ
ଅତି ବିଶ୍ୱାସରେ ଭଉଣୀ ପରାଲୋ
ଭାଇ ହାତରେ ବାନ୍ଧଇ ।

ପ୍ରଥା ଅବା ପରମ୍ପରା ଖାଲି ନୁହେଁ
ସାମାଜିକ ସେତୁ ବନ୍ଧ
ସ୍ନେହ ସୋହାଗର ବିରଳ ନମୁନା
ସ୍ନେହ ସୌହାର୍ଦ୍ଦ୍ୟର ଛନ୍ଦ ।

Listen to Odia Podcast Original at https://youtube.com/@drjyotiprasad

ଅତି ଯତନରେ ଶୈଶବ ବେଳରୁ
ରାକ୍ଷୀ ବନ୍ଧନ କରାନ୍ତି
ପ୍ରତିବର୍ଷ ଏହି ପୂର୍ଣ୍ଣିମାର ଦିନ
ଭଉଣୀ ରାକ୍ଷୀ ବାନ୍ଧନ୍ତି ।

ବନ୍ଦାପନା କରି ମିଠାଇ ଖୁଆଇ
ଭାଇ ହାତେ ବାନ୍ଧି ଦିଏ
ପବିତ୍ରତା ସେଠି ଆଖି ମାରୁଥାଏ
ଆବେଗର ସୂତା ଖିଏ ।

ଆଶା ଭରସାର ଆଶାବରୀ ଭାଇ
ବିଶ୍ୱାସ ପୂର୍ଣ୍ଣ ଅତୁଟ
ଭାଇ ସୁଖ ଚିନ୍ତି ଲୋତକ ଗଡାନ୍ତି
ଭାଇ ଭାବେ ଏକନିଷ୍ଠ ।

ବିରଳ ଆମର ଓଡ଼ିଶା ସଂସ୍କୃତି
ଅମୂଲ୍ୟ ତା 'ରୀତିନୀତି
ନାନା ଓଷା ବାର କରନ୍ତି ପାଳନ
ସ୍ନେହ ଭକ୍ତି ଭାବେ ଅତି ।

ଅଧୁନା ସଭ୍ୟତା ଲୋକ ଦେଖାଣିଆ
ନାହିଁ ଅନ୍ତର ମିଳନ
କଳୁଷ ପଙ୍କରେ ଜର୍ଜର ମାନସ
ସ୍ୱାର୍ଥରେ ରହେ ମଗନ ।

କେତେ ବା ଦିନର ଜୀବନ ଆମର
କାହିଁକି କରୁ ଏପରି
ଶାନ୍ତି ସନ୍ତୋଷରେ ରହିବା ପାଇଁ କି
ସମ୍ପର୍କକୁ ଦେଉ ମାରି ।

କାଗଜ ଫୁଲରେ ନଥାଏ ବାସନା
ଜାଣିଛନ୍ତି ପରା ସର୍ବେ
କାହିଁକି ଆବୋରି ବସି ରହିଥାନ୍ତି
ନାଚି ଅହଂକାର ଗର୍ବେ ।

ମିଳନର ଏହି ପବିତ୍ର ପରବ
ଖୁସିରେ ପାଳିବା ଆସ
ଉପର୍ବୌକନ୍ୟର କିବା ଲୋଡ଼ା କୁହ
ଓଠରେ ନଥିଲେ ହସ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରକ୍ଷା ବନ୍ଧନ

ତରୁଣ କୁମାର ମିଶ୍ର



ଭାଇ ଭଉଣୀର ପବିତ୍ର ସମ୍ପର୍କ
ଅମଳିନ ଚିରକାଳ ,
ସାଂସ୍କୃତିକ ପର୍ବ ରକ୍ଷା ବନ୍ଧନରେ
ରାଖୀର ପବିତ୍ର ଡୋର ।
ସୂତା ଖିଏ ତା'ର ମହିମା ଅପାର
ବନ୍ଧନର ରଜ୍ଜୁ ହୋଇ ,
ଭାଇ ଭଉଣୀର ସ୍ନେହ ସୋହାଗକୁ
ସମ୍ପର୍କରେ ଧରି ଥାଇ ।
ପିଲାଦିନ ଧୂଳିଖେଳରେ ତାଙ୍କର
ରାଗ ରୁଷା ଅଭିମାନ ,
ଭଉଣୀର ଶାଶୂ ଘର ବିଦା ବେଳେ
ସ୍ମୃତିରେ ହୁଏ ବିଲୀନ ।

ଭାଇ ହୋଇଥାଏ ଅଭେଦ୍ୟ ପ୍ରାଚୀର
ଭଉଣୀ ସୁରକ୍ଷା ପାଇଁ ,
ଭଉଣୀ ଆଖିରେ ଲୋତକର ଧାର
ଭାଇ ସହି ପାରେ ନାହିଁ ।
ଭଉଣୀ ବାନ୍ଧଇ ଭାଇ ହସ୍ତେ ରାଖୀ
ତା'ର ମଙ୍ଗଳ ମନାସି ,
ରଖି ଆଶା ମନେ ବିପଦେ ଆପଦେ
ଭାଇ ଠିଆ ହେବ ଆସି ।
ଛାଇ ପରି ଭାଇ ଠିଆ ହୋଇଥାଇ
ଭଲରେ ମନ୍ଦରେ ତା'ର ,
ସେ ପାଇଁ ରାଖୀର ପବିତ୍ର ବନ୍ଧନ
ହୁଅଇ ସାକ୍ଷୀ ଅପାର ।

Listen to Odia Podcast Original at https://youtube.com/@drjyotiprasad

ରାଖୀର ମହିମା ଯୁଗ ଯୁଗ ପାଇଁ
ସମ୍ପର୍କର ଭାବ ଡୋରୀ ,
ଭାଇ ଚାହିଁ ଥାଏ ଭଉଣୀ ହାତରୁ
ରାଖୀକୁ ବାନ୍ଧିବ ବୋଲି ।
ଚନ୍ଦନର ଟୋପା ବନ୍ଦାପନା ସାଥେ
ଖୁଆଇ ମିଠା ପାଟିରେ ,
ଭଉଣୀ ସ୍ନେହରେ ବାନ୍ଧିଦିଏ ରାଖୀ
ଯତନେ ଭାଇ ହାତରେ ।
ସତ୍ୟ ଯୁଗେ ବଳି ସମର୍ପଣ ଭାବ
ବିଷ୍ଣୁଙ୍କୁ କରିଲା ଋଣୀ ,
ହୋଇ ଦ୍ୱାରପାଳ ରହନ୍ତେ ପାତାଳେ
ବ୍ୟସ୍ତ ଲକ୍ଷ୍ମୀ ଠାକୁରାଣୀ ।
ବଳି ହାତେ ରାଖୀ ପିନ୍ଧାଇ ପତିଙ୍କୁ
କଲେ ପାତାଳୁ ଉଦ୍ଧାର ,
ସେହି ସ୍ମୃତି ଧରି ଚାଲିଛି ଏଯାଏଁ
ପର୍ବ ରକ୍ଷା ବନ୍ଧନର ।

ଦ୍ୱାପରେ କହ୍ନାଇ ହାତେ ବାନ୍ଧି ରାଖୀ
ଗୋପାଙ୍ଗନା କୃଷ୍ଣା କୁନ୍ତୀ ,
ଆପଣାଇଥିଲେ ସୁରକ୍ଷା କବଚ
ରାଖୀର ମାହାତ୍ମ୍ୟ ଅତି ।
ଆଜିର ଦିନରେ ବଡ଼ ଦେଉଳରେ
ଦୁଇ ଭାଇଙ୍କର ହସ୍ତେ ,
ବାନ୍ଧିଦେବେ ରାଖୀ ଭଉଣୀ ସୁଭଦ୍ରା
ବିଧି ବିଧାନ ସହିତେ ।
ଆହା କି ସୁନ୍ଦର ପରମ୍ପରା ଏହି
ପରବ ଦିଅଇ କହି ,
ପରିବାର ମଧ୍ୟେ ସ୍ନେହ ସୌହାର୍ଦ୍ଦ୍ୟର
ସମ୍ପର୍କ ସେ ଲେଖି ଥାଇ ।

ଖଣ୍ଡଗିରି, ଭୁବନେଶ୍ୱର
ମୋ- ୯୮୫୩୩୧୦୨୯୨



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରକ୍ଷା ବନ୍ଧନ : ଅତୁଟ ବନ୍ଧନ

କାହ୍ନୁ ଚରଣ ପାଣିଗ୍ରାହୀ



ଶ୍ରାବଣ ପୂର୍ଣ୍ଣିମା ପବିତ୍ରର ଦିନ
ସମ୍ପର୍କର ପରିଭାଷା
ଭଉଣୀ ବାନ୍ଧଇ ଭାଇ ହାତେ ରାକ୍ଷୀ
ମନେ ରଖି କେତେ ଆଶା ।

ସୂତା ଖିଏ ନୁହେଁ ମହିମା ଅପାର
ଦୁଇ ଆତ୍ମାର ମିଳନ
ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କେ
ଶ୍ରଦ୍ଧାର ରକ୍ଷା ବନ୍ଧନ

ସମ୍ପର୍କର ଭାବ ବନ୍ଧନ ଡୋରିରେ
ଲାଗି ହୋଇ ରହିଥାଏ
ଛାଇ ପରି ଠିଆ ହେବ ପରା ଭାଇ
ଭଉଣୀ ଭରସି ଥାଏ

ପୁରାଣର ଗାଥା ଅତୀବ ମହାନ୍
ସ୍ନେହ ପ୍ରେମ ସୌହାର୍ଦ୍ଦ୍ୟର
ଭାଇ ପାଖେ ଥାଏ ସୁରକ୍ଷା କବଚ
ସତେ ଅଭେଦ୍ୟ ପ୍ରାଚୀର

ଭାଇ ଭଉଣୀଙ୍କ ମଧୁର ସମ୍ପର୍କେ
ପିତାମାତାଙ୍କର ଖୁସି
ମାନ ଅଭିମାନ ସବୁ ତୁଟିଯାଏ
ଯେବେ ବାନ୍ଧି ଦିଏ ରାକ୍ଷୀ

Listen to Odia Podcast Original at https://youtube.com/@drjyotiprasad

ଭାଇର ଶୁଭ ମନାସି ଭଉଣୀର
ଶ୍ରଦ୍ଧା ପ୍ରେମ ବନ୍ଦାପନା
ଛଳନା କପଟ ନଥାଏ ମନରେ
ସ୍ନେହ ମମତା କାମନା

ଭାଇ ଭଉଣୀର ଅତୁଟ ସମ୍ପର୍କ
ଭାବନାର ରକ୍ଷା ସୂତ୍ର
ଯୁଗ ଯୁଗ ଧରି ବଞ୍ଚି ରହିଅଛି
ପରମ୍ପରା ଟି ପବିତ୍ର

ବିଶ୍ୱାସ ଭରସା ଭରି ରହିଥାଉ
ଭାଇର ସୁଖ ମନାସି
ପ୍ରତିଦାନେ ଆଶା ନରଖେ ଭଉଣୀ
ସାହା ହେବ ଭାଇ ଆସି

ରକ୍ଷା ବନ୍ଧନର ରକ୍ଷକ ପଣରେ
ଭାଇ ହାତ ଲମ୍ବି ଆସେ
ରେଶମୀ ଡୋର ରଙ୍ଗୀନ ଜ୍ୟୋତିରେ
ଭଉଣୀ ସୁଭଦ୍ରା ହସେ

ବିଶ୍ୱାସ ଭରସା ପ୍ରତିଶ୍ରୁତି ବାନ୍ଧି
ତ୍ୟାଗ ପଣେ ନିର୍ବିକାର
ଶାଶ୍ୱତ ମଧୁର ବାରତା ଦିଅଇ
ସଶକ୍ତ ଭାବର ଡୋର

ସେନେହ ସୂତାରେ ମମତାର ମାଳି
ଦିଅଇ ବାନ୍ଧି ହାତରେ
ଶୁଭ ମନାସେ ନିତି ପ୍ରତିକ୍ଷଣେ
ରହୁ ଭାଇଟି ସୁଖରେ

ଆଜିର ଦିନରେ ବଡ଼ ଦେଉଳରେ
ଜଗା ବଳିଆର ହସ୍ତେ
ବାନ୍ଧି ଦେବେ ରାକ୍ଷୀ ଭଉଣୀ ସୁଭଦ୍ରା
ବିଧି ବିଧାନ ସହିତେ

ନିଆରା ଆମ ସଂସ୍କୃତି ରୀତି ନୀତି
ପରମ୍ପରା ଗାଥା ଗାଏ
ସ୍ନେହ ଶ୍ରଦ୍ଧା ପ୍ରେମ ଭାବ ବନ୍ଧନର
ରକ୍ଷା ସେତୁ ଯୋଡି ଦିଏ

Listen to Odia Podcast Original at https://youtube.com/@drjyotiprasad

ଅତୁଟ ବନ୍ଧନ ରାକ୍ଷୀ ପରମ୍ପରା
ଭଉଣୀର ସନମାନ
ବିପଦ ଆପଦେ ହେଉଥିବେ ସାହା
ସ୍ନେହ ପ୍ରୀତିର ଲିଖନ

ରକ୍ଷା ବନ୍ଧନର ମଧୁରତା ରହୁ
ଆଧୁନିକତା ନ ଗ୍ରାସୁ
ଭାଇ ଭଉଣୀ ସମ୍ପର୍କେ କଳୁଷତା
ଧସେଇ ପଶି ନଆସୁ ।

ସମ୍ପର୍କ ମହତ୍ତ୍ୱ କେତେଯେ ପବିତ୍ର
ରାକ୍ଷୀଟି ଦିଏ ସନ୍ଦେଶ
ହାରିବନି କେବେ ଭଉଣୀର ମାନ
କୁସଂସାର ହେଉ ନାଶ ।

ସତ୍ୟବିହାର ରସୁଲଗଡ଼, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ରହିଲୁ ସାକ୍ଷୀ

ପ୍ରଫୁଲ୍ଲ କୁମାର ହୋତା



ଆଜି ପବିତ୍ର ଦିନଟିଏ

ଆନନ୍ଦ ଉତ୍ସାହର ଭଉଣୀର ମନ ବ୍ୟାକୁଳ

କେତେବେଳେ ରାକ୍ଷୀ ବାନ୍ଧିବ ଭାଇ ହାତରେ ।

ସାମାନ୍ୟ ରେଶମୀ ଡୋର ଇଏ ।

ଭାବର ବନ୍ଧନ ଅନାବିଳ ପ୍ରେମକୁ କରେ ଉଜ୍ଜୀବିତ ।

ପୁରାଣ ଶାସ୍ତ୍ରର କଥା ଓ ପୁରୁଣା କଥା ।

ଜଗା ବଳିଆ ହାତରେ ରାକ୍ଷୀ ବାନ୍ଧି ଭଉଣୀ ସୁଭଦ୍ରା

ସେଇ ଆଶା ଓ ବିଶ୍ୱାସ

ବିପଦ ଆପଦେ ଛିଡା ହେବେ ଭାଇ ।

ସେଥିପାଇଁ ତ ଜଗା ବଳିଆ ଭାଇ ଦୁହେଁ

ଚାତକ ପରି ଚାହିଁ ରହିଥାନ୍ତି

ଏ ଦିନକୁ । ଆଉ ଭାଇ ଭଉଣୀଙ୍କର

ଏଇ ଅନାବିଳ ହୃଦୟରେ ପ୍ରେମରେ

ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ବନ୍ଧନ ଦୃଢ଼ ପାଇଁ

ରହିଛି ରହିବ

ସାକ୍ଷୀଟିଏ ହେଇ

ଏଇ ରେଶମୀ ଡୋର ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପବିତ୍ର ବନ୍ଧନ ରାକ୍ଷୀ

ଶୁଭଶ୍ରୀ ଖୁଣ୍ଟିଆ



ଗୋଟିଏ ମାଳାର ଫୁଲ ଆମେ ଗୁନ୍ଥା
ଗୋଟିଏ ଆମରି ମନ
କୋଟିଏ ତାରାର ଗୋଟିଏ ଚାନ୍ଦ ତୁ
ଆମରି ସ୍ନେହ ବନ୍ଧନ

ମାଆ ବାବା ଙ୍କର ଅମୁଲ୍ୟ ଦାନ
ଭାଇ ତୁ ଆମ ଜୀବନ
କେତେ ରାଗରୁଷା,ମାନ ଅଭିମାନ
ଲାଗେ ସବୁ ମୂଲ୍ୟହୀନ.

ଭଉଣୀ ସୁରକ୍ଷା କବଚ ଟି ଭାଇ
ରାକ୍ଷୀ ପବିତ୍ର ବନ୍ଧନ
ପ୍ରଭୁ ପାଦ ତଳେ ଶୁଭ ମନାସୁଛି
ଅତୁଟ ସମ୍ପର୍କ ମାନ

ରଙ୍ଗୀନ ସୁତାର ସୁନ୍ଦର କାହାଣୀ
ବିଶ୍ୱାସ ବାସ ଚନ୍ଦନ
ସୁରକ୍ଷାର ଗାଥା ଭୁଲି ସବୁ ବ୍ୟଥା
ଭାଇ ଭଉଣୀର ପ୍ରାଣ

ସ୍ନେହ, ଶରଧାରେ ବନ୍ଧା ପୁଣ୍ୟ ଡୋରି
ପ୍ରତିଶୃତି ମମତାର
ସମ୍ପର୍କର ସେତୁ ବିଧାତା ଗଢିଲେ
ଏ ବନ୍ଧନ ଯୁଗଯୁଗର

କଟକ

Listen to Odia Podcast Original at https://youtube.com/@drjyotiprasad

# ଅତୁଟ ବିଶ୍ୱାସ: ରକ୍ଷା ବନ୍ଧନ

ଡଃ ପ୍ରିୟଦର୍ଶିନୀ ମିଶ୍ର



( କଳା କଳେବର କହ୍ନାଇ ବୃତ୍ତେ)

ଶୁଭଦିନ ଏଇ ଆସିଛି  ଭାଇ-ଭଉଣୀ ପାଇଁ
ଶ୍ରାବଣର ପୂର୍ଣ୍ୟ ପୁନେଇଁ ରାକ୍ଷୀ ପରବ ନେଇ ।(୧)

ବେଦ ପୁରାଣର କଥନ ରହିଅଛି ପ୍ରମାଣ
ଯୁଗେ ଯୁଗେ ଏଇ ବିଧାନ ନାମ ରକ୍ଷା ବନ୍ଧନ ।(୨)

ଶ୍ରଦ୍ଧା-ସ୍ନେହ ଭାବ ଭକ୍ତିରେ ମାତା ଲକ୍ଷ୍ମୀ ବାନ୍ଧିଲେ
ବଳୀରାଜା ହାତେ ରାକ୍ଷୀଟି ବାନ୍ଧି ଭାବେ ତୋଷିଲେ ।(୩)

ଭାବ ଭକତିର ଖିଅ ଯେ ହାତେ ବାନ୍ଧି ହୋଇଲେ
ପ୍ରତିଦାନେ ବଳୀ ରାଜନ ବିଷ୍ଣୁଙ୍କୁ ମୁକ୍ତ କଲେ ।(୪)

ଦ୍ୱାପରରେ ଅଗ୍ନୀସୁତା ଯେ ପଣତ ଚିରି ଥରେ
କୃଷ୍ଣଙ୍କ କ୍ଷତରେ ବାନ୍ଧିଲେ ଭଗ୍ନୀ ହେଲେ ଭାବରେ ।(୫)

କୁରୁ ସଭାମେଳେ ସେଦିନ ବସ୍ତ୍ର ହରଣ ବେଳେ
କୋଟିବସ୍ତ୍ରେ ପ୍ରତିଦାନରେ କୃଷ୍ଣ ମାନ ରଖିଲେ ।(୬)

Listen to Odia Podcast Original at https://youtube.com/@drjyotiprasad

ରକ୍ଷାଭାବ ବହି ଖିଅଟି ସେନାକୁ ଯୁଧିଷ୍ଠିର
ବାନ୍ଧିଥିଲେ ପ୍ରତି ହାତରେ ଏଇ ସୁରକ୍ଷା ଡୋର ।(୮)

ସେଇ ରୀତି -ଭାବ ପୁଣ୍ୟର ଏଇ ରକ୍ଷାର ଡୋର
ରାକ୍ଷୀ ନାମେ ଆଜି ବାନ୍ଧିବି ଭାଇ ହାତରେ ମୋର ।(୯)

ଆଶା ଭରସାର ରାକ୍ଷୀଟି ସ୍ନେହ ମମତା ଚିହ୍ନ
ବାନ୍ଧିବି ଭାଇର ହାତରେ  ନେଇ ରକ୍ଷା ବନ୍ଧନ ।(୧୦)

ଫୁଲ ଚନ୍ଦନ ଯେ ସିନ୍ଦୂର ଦୀପ ମିଷ୍ଟାନ୍ନ ଥୋଇ
ରାକ୍ଷୀ ଟିଏ ତହିଁ ରଖିଛି ସ୍ନେହ ଆଶିଷ କରି।(୧୧)

ଭାଇ ସଦା ଥାଉ ଖୁସିରେ ନିରାମୟ ଭାବରେ
ସୁସ୍ଥ -ଦୀର୍ଘଆୟୁ ମାଗଇ ବାନ୍ଧି ଏଇ ରାକ୍ଷୀରେ ।(୧୨)

ସ୍ନେହ-ମମତାର ସାକ୍ଷୀ ଏ ଅମ୍ଳାନ ସମ୍ପର୍କର
ରାକ୍ଷୀ ତ ଭାବର ବନ୍ଧନ ଭାଇ ଭଉଣୀଙ୍କର ।(୧୩)

ଯାଇ ପାରିନି ମୁଁ ପାଖକୁ ସୀମାନ୍ତ ଭାଇ ପାଖେ
ବାନ୍ଧିଥାନ୍ତି ବୀରଭାଇଙ୍କ ହାତ ପୁଣ୍ୟ ରାକ୍ଷୀରେ ।(୧୪)

ତଥାପି ମାଗୁଛି ଆୟୁଷ ବଳ ଭାଇଙ୍କ ପାଇଁ
ସ୍ନେହ-ମମତାର ଏ ଡୋର ରାକ୍ଷୀ ଥାଉଟି ସାକ୍ଷୀ ।(୧୫)

ମଣ୍ଡଳ (ବଲାଙ୍ଗୀର)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପାଉଣା

ବନ୍ଦନା ମହାପାତ୍ର



ରାକ୍ଷୀ ବାନ୍ଧି ଦେଲି ସାକ୍ଷୀ ରଖି ଦେଲି
ଚନ୍ଦନ ସିନ୍ଦୂର ଦେଇ
ଆଳତୀ ବନ୍ଦାଇ ଶୁଭ ମନାସିଲି
ଭାଇର ମଙ୍ଗଳ ପାଇଁ ।
ପାଉଣା ମୋହର ଦେବୁ ଭାଇ ମୋତେ
କହୁଛି ଆଦରେ ଶୁଣ
ସବୁ ଭଉଣୀଙ୍କୁ ଭଉଣୀ ଭାବି ତୁ
ରଖିବୁ ଭଗ୍ନୀ ସମ୍ମାନ ।
ମାଆ ଭଉଣୀଙ୍କୁ ଦୁଃଖ ଦେବୁ ନାହିଁ
ବୃଦ୍ଧାଶ୍ରମେ ନ ଛାଡ଼ିବୁ ।
ଶକ୍ତି ଅନୁସାରେ ଭକ୍ତି ସେବା କରି
ଅଭୟ କୃପା ପାଇବୁ ।
ମାନବ ସେବା ହିଁ ମାଧବ ସେବା ଟି
ସଦା ମନେ ରଖିଥିବୁ,
ସ୍ନେହ ଶାନ୍ତି ମୈତ୍ରୀ ଏକତା ର ମନ୍ତ୍ରେ
ଅହିଂସା ଅସ୍ତ୍ର ଧରିବୁ ।
ଘୃଣା ନିନ୍ଦା ହିଂସା ମନରୁ ପୋଛି ତୁ
ସାହାଯ୍ୟ ସାହାସ ଦେଇ
ଆତ୍ମୀୟ ଗୁରୁଜନ ବିନୟ ବଚନେ
ମନ ମୋହି ଦେଇ ଯିବୁ ।
ରାକ୍ଷୀ ପୂର୍ଣ୍ଣିମା ରେ ରାକ୍ଷୀ ବାନ୍ଧି ଦେଲି
ଜଗାଙ୍କୁ ସାଖିରେ ରଖି
ସୁଭଦ୍ରା ଭଉଣୀ ଅଲିଅଳିଭଗ୍ନୀ
ମାଗେ ପାଉଣା ଏତିକି
ସବୁ ଜନମ ରେ ବାନ୍ଧୁଥିବି ରାକ୍ଷୀ
ଜଗନ୍ନାଥଙ୍କୁ କଲି ସାକ୍ଷୀ
ଭଉଣୀ ଉପର ଏହି ସ୍ନେହ ଥାଉ
ରାକ୍ଷୀରେ ରାକ୍ଷୀ ତୁ ରହିଲୁ ସାକ୍ଷୀ ।

ବ୍ରହ୍ମପୁର

Listen to Odia Podcast Original at https://youtube.com/@drjyotiprasad

# ରାକ୍ଷୀ ପୂର୍ଣ୍ଣିମାର ଅନୁଚିନ୍ତା

ସୂର୍ଯ୍ୟ ନାରାୟଣ ସାବତ



ସହସ୍ରାବ୍ଦ ସୂର୍ଯ୍ୟ ଉଠେ ପ୍ରାଚୀରେ
ପୂରବୀର ତାନରେ,
ପ୍ରତିଦିନ ଜାଗରଣ ବିରକ୍ତି
ଆସେନାହିଁ ମନରେ ।

ପ୍ରକୃତିର ଆକର୍ଷଣେ ପୁରୁଷ
ଯୁଗେ ଯୁଗେ ଆବଦ୍ଧ,
ଏକ ବିନେ ଆନ ସତ୍ତା କଳନା
ଅସମ୍ଭବ ନିଷିଦ୍ଧ ।

ଏକର ଜନମ ଆରକ ପାଇଁ
ତୁଚ୍ଛ ଆରକ ବିନା,
ବିଧିର ବିଧାନ କେମିତି
କିଏ କରିବ ମନା ।

ସାହସ ଓ ଉତ୍ସାହର ଭଣ୍ଡାର
ମାତା କନ୍ୟା ଭଗିନୀ,
ଜାୟା ରୂପେ କେବେ କିଏ କେଉଁଠି
ପ୍ରେମମୟୀ ରାଗିଣୀ ।

ରାକ୍ଷୀ ପୂନେଇ ଆସିଛି ନେଇରେ
ରକ୍ଷା ବନ୍ଧନ ସୁତ୍ର,
ଭାଇ ଭଉଣୀର ସମ୍ପର୍କ
ସଦା ଶୁଦ୍ଧ ପବିତ୍ର ।

ଶହୀଦ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟ,
ତେନ୍ତୁଳି ଗୁମ୍ମା
ବୈପାରିଗୁଡା ବ୍ଲକ୍ - ୭୬୪୦୪୩, କୋରାପୁଟ
ଚଳନ୍ତ୍ ଭାଷ - ୭୦୦୮୦୧୪୭୦୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଯୁଗେ ଯୁଗେ ପ୍ରଭୁ ବଳରାମ

ସୁଲୋଚନା ବଳ



ଯୁଗେ ଯୁଗେ ପ୍ରଭୁ ନେଲ ଅବତାର
ଏହି ମରତ ଧାମରେ
ଦ୍ୱାପରରେ ତୁମେ ରୋହିଣୀ ଗର୍ଭରେ
ଜନ୍ମନେଲ ଗୋପପୁରେ ।

ଅଧର୍ମର ଭାରା ହୋଇଲେ ଅତିଷ୍ଠ
ଅବତାର ନିଅ ତୁମେ
ଯୁଗେ ଯୁଗେ ତୁମେ ଅବତାର ନେଲ
ପ୍ରଭୁ ବଳରାମ ନାମେ ।

ସବୁ ଯୁଗେ ସବୁ କାଳେ ପ୍ରଭୁ ତୁମେ
ଶ୍ରୀବିଷ୍ଣୁଙ୍କ ପାଖେ ଅଛ
ଛାଇ ପରି ତୁମେ ଶ୍ରୀବିଷ୍ଣୁଙ୍କୁ ତୁମେ
ଘଣ୍ଟି ଘୋଡାଇ ରଖିଛ ।

ମହାପ୍ରଭୁ ଯେବେ କ୍ଷୀର ସାଗରରେ
ଅନନ୍ତ ଶୟନ କାଳେ
ଶେଷ ନାଗ ରୂପେ ପ୍ରଭୁ ବଳରାମ
ତାଙ୍କ ସାଥେ ରହିଥିଲେ ।

ତ୍ରେତୟା ଯୁଗରେ ଲକ୍ଷ୍ମଣ ରୂପରେ
ନେଇଥିଲ ତୁମେ ଜନ୍ମ
ରାମଙ୍କ ସାଥିରେ ଚତୁର୍ଦ୍ଦଶ ବର୍ଷ
କରିଲ ବନ ଗମନ ।

ଦ୍ୱାପରରେ ତୁମେ ବଡଭାଇ ରୂପେ
ଶ୍ରୀକୃଷ୍ଣଙ୍କ ସାଥେ ଥିଲ
କଂସର ନିଧନ ପାଇଁ ପ୍ରଭୁ ତୁମେ
ରୋହିଣୀ ଗର୍ଭେ ଜନ୍ମିଲ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରାବଣ ମାସର ଗହ୍ମା ପୂର୍ଣ୍ଣିମାରେ
ଜନ୍ମନେଲ ଗୋପପୁରେ
କେତେ କେତେ ଦୈତ୍ୟ କରିଲ ବିନାଶ
ଶ୍ରୀକୃଷ୍ଣଙ୍କ ସହିତରେ.

ଏକଳିଯୁଗରେ ଶ୍ରୀକ୍ଷେତ୍ର ଧାମରେ
ଦାରୁବ୍ରହ୍ମ ରୂପ ଧରି
ଭାଇ ଭଗ୍ନୀ ସାଥେ ରତନ ବେଦୀରେ
ବଳରାମ ନାମେ ହରି.

ଯୁଗେ ଯୁଗେ ପ୍ରଭୁ ବଳରାମ ନାମେ
ରହିଛ ତ ରହିଥିବ
ଯେତେ ଦିନଯାଏ ଏହି ଧରାପରେ
ଧର୍ମ ପରା ରହିଥିବ.

ସୋର, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

# ଯୁଗେ ଯୁଗେ ପ୍ରଭୁ ବଳରାମ

ସୀମାଞ୍ଚଳ ରାଉଳ



ଯୁଗେ ଯୁଗେ ପ୍ରଭୁ  ହଳଧର
ରୋହିଣୀ ପୁତ୍ର ବିଶ୍ୱ ଆଧାର,
ଶେଷନାଗ ତୁମେ ଶ୍ରୀବିଷ୍ଣୁ ସାଥୀ
ତୁମରି ମହିମା ଗାଏ ଜଗତୀ ।

ସତ୍ୟ ଯୁଗେ ତୁମେ ସୃଷ୍ଟି ରକ୍ଷକ
ଧର୍ମ ରକ୍ଷା ପାଇଁ ଆସ ଦେବକ,
ଅନନ୍ତ ରୂପରେ ଧରଣୀ ଧରି
ଜଗତ ସମ୍ଭାଳ ଅଶେଷ କୃପା କରି ।

ତ୍ରେତୟାରେ ହେଲ ଲକ୍ଷ୍ମଣ ବୀର
ଶ୍ରୀରାମଙ୍କ ଛାୟା ଅଟେ ଶରୀର,
ଭ୍ରାତୃ ପ୍ରେମର ସେ ଉଜ୍ଜ୍ୱଳ ଶିଖା
ଯୁଗେ ଯୁଗେ ହୋଇ ରହିଛି ଲେଖା ।

ଦ୍ୱାପର ଯୁଗରେ ଦେବକୀ ଗର୍ଭୁ
ରୋହିଣୀ କୋଳକୁ ଆସିଲ ପ୍ରଭୁ,
କୃଷ୍ଣଙ୍କର ବଡ଼ ଭାଇ ସାଜିଲ
ଗୋପପୁର ଶୋଭା ବୃଦ୍ଧି କଲ ।

ହଳ ମୁଷଳ ସେ କରରେ ଧରି
ଅସୁର ସଂହାର କଲ ତୁରନ୍ତ କରି,
ପ୍ରଲମ୍ବ ଧେନୁକ ହେଲେ ବିନାଶ
ତୁମରି ବଳରେ ଗୋପ ବିକାଶ ।

ଯମୁନା ନଦୀକୁ ଆକର୍ଷି ଆଣି
ଗୋପୀଙ୍କୁ ଦେଲ ସୁଖର ପାଣି,
ଗଦା ଯୁଦ୍ଧେ ତୁମେ ଅଟ ଗୁରୁଦେବ
ଦୁର୍ଯ୍ୟୋଧନ ସାଥେ ସୁଭଦ୍ରା ସେବ।

Listen to Odia Podcast Original at https://youtube.com/@drjyotiprasad

ଜଗନ୍ନାଥ ସାଥେ ଶ୍ରୀକ୍ଷେତ୍ର ଧାମେ
ପୂଜା ପାଉଅଛ ବଳଭଦ୍ର ନାମେ,
ବଡ଼ଠାକୁର ସେ ମହାପ୍ରଭୁ ତୁମେ
ଶାନ୍ତି ଭରିଦିଅ ସଙ୍ଗେ ସବୁଠାମେ ।

ରଥଯାତ୍ରା ସମୟେ ତାଳଧ୍ୱଜେ
ବିରାଜମାନ ସେ ବଡ଼ଠାକୁର ସାଜେ,
ପ୍ରଥମେ ଚାଲେ ତୁମରି ରଥ
ଦେଖାଇବା ପାଇଁ ଭକ୍ତିର ପଥ ।

ଧଳାକାନ୍ତି ତୁମ ଗୌର ଶରୀର
ଦୟା ସାଗର ସେ ଭ୍ରାତା ହରିର,
କ୍ଷମା ଓ ବଳର ପ୍ରତୀକ ତୁମେ
ପ୍ରଣାମ କରୁଛୁ ଏ ମର୍ତ୍ତ୍ୟଭୂମେ ।

ସଂସାର ପାପକୁ କର ପ୍ରଶମିତ
ତୁମ ଚରଣେ ହେଉ ମନ ଶାନ୍ତିତ,
ଯୁଗେ ଯୁଗେ ପ୍ରଭୁ କୃପା ବିସ୍ତାରି
ରଖୁଥାଅ ନିଜ ଭକ୍ତଙ୍କୁ ତାରି ।

ମହେନ୍ଦ୍ର ଗଡ଼, ଗଜପତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଳଭଦ୍ରଙ୍କ ଜନ୍ମ

ଉତ୍ତରା ନାୟକ



ଏଇ ମୋ ଓଡିଶା, ସୁନ୍ଦର ତା ଭାଷା

ନାନା ସଂସ୍କୃତିରେ ଭରା

ଇତିହାସ ତାର ଗୌରବ ମଣ୍ଡିତ

ଉଚ୍ଚ ତାର ପରମ୍ପରା

ବାର ମାସେ ତେର  ପରବ ପାଳଇ

ମୋ ଓଡିଶା ହସି ହସି

ବରଷକେ ଥରେ ଶ୍ରାବଣ ପୁନେଇଁ ଆସେ ଆଣି କେତେ ଖୁସି

ବଳ ଭଦ୍ରଙ୍କର  ଜନମ ଅଜିରେ

ଚଷା ଭାଇଙ୍କ ପରବ

ବଳଦଙ୍କୁ ପୁଜେ, ସିନ୍ଦୁର ଫୁଲରେ

ଓଡ଼ିଆର ଧର୍ମ କର୍ମ

ହିନ୍ଦୁ ମାନଙ୍କର  ପୂଜ୍ୟସ୍ବଦ ପରା

ଗୋ ଦେବତା ଯେ, ଗୋମାତା

ତାଙ୍କ  ଯୋଗୁଁ  ଦାନା, ଅମୃତ  ମିଳଇ

ସା ଖ୍ୟାତ  ସେ  ମାତା ପିତା

ତାଙ୍କରି ଉଦରୁ ଜନ୍ମିଥିଲେ , ଆଜି

ବଲଭଦ୍ର ବଳରାମ

Listen to Odia Podcast Original at https://youtube.com/@drjyotiprasad

ହଳଧାରୀ, ହଳଧର, ସେ ଅଟନ୍ତି

ଆରାଧ୍ୟ ସେ ନମଃ ନମଃ

ରକ୍ଷା ବନ୍ଧନର ପବିତ୍ର ଉତ୍ସବ

ସ୍ୱର୍ଗୀୟ ସମ୍ପର୍କ  ଭାଇ

ଭାଇ ହାତେ ରାକ୍ଷୀ  ବାନ୍ଧିବ ଭଉଣୀ

ଏ ଦିନକୁ ଥାଏ ଚାହିଁ

ଭାଇର ମଙ୍ଗଳ କୁଶଳ କାମନା

କରଇ ଭଉଣୀ ବସି

ଦୁଃଖ ବିପଦରୁ ଉଦ୍ଧର କରିବ

ଭାଇ ତା ପାଖକୁ ଆସି

ବିଚଣା କେନ୍ଦ୍ରାପଡା

୮୨୬୦୯୬୦୧୫୫

Listen to Odia Podcast Original at https://youtube.com/@drjyotiprasad

# ସ୍ୱଭାବକବି ଗଙ୍ଗାଧର

ଡଃ ଶୋଭାଗିନୀ ନନ୍ଦ



ବରପାଲିର ପୁଣ୍ୟ ମାଟିରେ,
ଜନ୍ମିଲେ କବି ମହାନ,
ଓଡ଼ିଆ ସାହିତ୍ୟ ଆକାଶେ
ଦୀପ୍ତ କଲେ ନିଜ ନାମ ।

ସରଳ ଭାଷା, ମଧୁର ବାଣୀ,
ହୃଦୟ ଛୁଏ ତାଙ୍କ ଗୀତ,
ପ୍ରକୃତି, ପ୍ରେମ ଓ ମାନବତା
ଥିଲା ତାଙ୍କ କାବ୍ୟର ଚିତ୍ର ।

"ତପସ୍ୱିନୀ"ର ତପୋବଳ,
"ପ୍ରଣୟ ବଲ୍ଲରୀ"ର ସୁର,
ଓଡ଼ିଆ ଭାଷାର ଗୌରବ ବଢ଼ାଇ
ହେଲେ ସେ ଅମର ।

ସ୍ୱଭାବ କବି ଉପାଧି ପାଇ
ପାଇଲେ ଜନମନ ସ୍ଥାନ,
ଯୁଗେ ଯୁଗେ ରହିବ ଅମର
ଗଙ୍ଗାଧରଙ୍କ ଅବଦାନ ।

ତୁମ ଲେଖନୀ ଆଲୋକ ହୋଇ
ଦେଖାଏ ସତ୍ୟର ପଥ,
ଓଡ଼ିଆ ଜାତି ଗର୍ବ କରେ
ତୁମ ଅମୂଲ୍ୟ କୀର୍ତ୍ତି ଯଥାର୍ଥ ।

ଜୟପୁର (କୋରାପୁଟ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁର୍ଲଭ ମାନବ ଦେହ

ଲକ୍ଷ୍ମୀଆମ୍ମା ନନ୍ଦଡ଼ା



ଚଉରାଅଶି ଲକ୍ଷ ଯୋନିରୁ ଉଦ୍ଧାର
ଶେଷରେ ମାନବ ଜନ୍ମ,
ଦୁର୍ଲ୍ଲଭ ମନୁଷ୍ୟ ଜୀବନ ରେ ମନ
ଜାଣ ତୋ ଜନ୍ମର ମର୍ମ
କରିଯା ଉତ୍ତମ କର୍ମ
ଭବେ ରହିଯିବ ଚିରଦିନ ପାଇଁ
କର୍ମ ଫଳ କୀର୍ତ୍ତି ଧର୍ମ ! !
ମାତୃ ଗର୍ଭ ଜରାୟୁରେ ବାଇମନ
ସୁରକ୍ଷିତ ସ୍ଥାନ ବାରି,
ସୁଖେ ନବ ମାସ ଖେଳିଲୁ ଜଳରେ
ହୃଦେ ପଦ୍ମନାଭ ସ୍ମରି ! !
ପିଣ୍ଡ ବ୍ରହ୍ମାଣ୍ଡ ଅଟଇ
ସେ ବ୍ରହ୍ମାଣ୍ଡ ମଧ୍ୟେ ଆକାର ସ୍ୱରୂପ
ମାନବ ଜୀବନ ପାଇ ! !
ଜନ୍ମ ଦେଲେ ମାତା ଯମ ଦ୍ୱାର ଯାଇ
ସୃଷ୍ଟିକୁ ଆଣି ଶରୀର,
କୁଆଁ କୁଆଁ ରାବ କିଏ ମୁଁ ପୁଚ୍ଛିଲୁ
ଗର୍ଭରୁ ହୋଇ ବାହାର ! !
ପାଞ୍ଚବର୍ଷ ଶୈଶବରେ କଟାଇଲୁ
ପିତାମାତା ହୃଦ ମଣି,
ଯୌବନ ହେଲା ପ୍ରବେଶ ରେ ମନ
ସମୟ ଚକ୍ରକୁ ଟାଣି
"ମୁଁ "ବୋଲି ପଦ ଧରି,
ଅହଂକାର ମତ୍ତ ହୋଇ ଏ ଜଗତ
ଦର୍ପ  ଦେଖ ସର୍ପ ପରି ! !
ବୟସ ସରିଲେ ଅପରାହ୍ନ କାଳେ
ଆଣ୍ଠୁରେ ଖସିବ ବଳ,
ପୁତ୍ର ଦାରା ଯେତେ ଦୂରେଇ ରହିବେ
ଧନ ପାଇଁ କଳି ଖେଳ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୋଜିବୁ ଆପଣା ଜନ
କେହି ନ ବୁଝିବେ ତୋହରି ମନରେ
ହଜିଯିବ ଦେଖ ଜ୍ଞାନ ! !
ଏଣୁ ଏ ମାନବ ଜନ୍ମ ଅମୁଲ୍ୟ ଯେ
ସେବା, ତ୍ୟାଗ ଦାନ କରି,
ଦୟା, କ୍ଷମା, ଗୁଣ ହୃଦରେ ଅରଜି
ପ୍ରଭୁ ନାମ ନିତ୍ୟ ସ୍ମରି ! !
ମଲା ଗଲା ଦିନ ମନ
ନ ଆସିବ ଧନ ଜନ ବାଇମନ
ଶ୍ରେଷ୍ଠ କର୍ମ ରଖ ଧ୍ୟାନ ! !

ବ୍ରହ୍ମପୁର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶବ୍ଦବ୍ରହ୍ମ

ନିବେଦିତା ରଥ



ସବୁ କଥାକୁ ଯଦି ବ୍ୟକ୍ତ
କରିହେଉଥାନ୍ତା ଶବ୍ଦରେ ତେବେ
ଉଦାସୀପଣରେ ମନ ଭାରି ଲାଗୁନଥାନ୍ତା,
ଜକେଇ ଆସୁ ନ ଥାନ୍ତା
ଆଖିରେ ଲୁହ, ମନରେ କୋହ,
ସବୁ ଭାବକୁ ଯଦି ଅକ୍ଷର
ଲେଖି ପରୁଥାନ୍ତା କାଗଜ ଦେହରେ
ହୃଦୟକୁ ଭାଙ୍ଗି କେହି କଣ
ଚାଲି ଯାଇଥାନ୍ତା ଆପଣା ରାସ୍ତାରେ ।
ସବୁ କ୍ଷତର ଗଭୀରତାକୁ
ଯଦି କେହି ଅନୁଭବ କରିପାରୁଥାନ୍ତା ଅନ୍ତରରେ,
କୋଳେଇ ନେଉ ନଥାନ୍ତା କି ସ୍ନେହଁ, ପ୍ରେମ, ଆପଣା ପଣରେ
ଛଳଛଳ ଆବେଗରେ ।
ସବୁ କଥା କଣ ଚାହିଁଲେ ବି କହିହୁଏ
ବାଷ୍ପରୁଦ୍ଧ ହୋଇଯାଏ କଣ୍ଠ
ମନ କଥା ରହିଯାଏ ମନ ଭିତରେ
ସେ କଷ୍ଟକୁ କେବେ ମାପିପାରେ କେହି କଣ ସମୟର ମାପକାଠିରେ ।

Listen to Odia Podcast Original at https://youtube.com/@drjyotiprasad

ବେଳେ ବେଳେ  କମ ପଡ଼ିଯାଏ ଶବ୍ଦ

ବୁଝେଇବାକୁ ଦୁଃଖର ଗଭୀରତା,

ପ୍ରେମର ପରିଭାଷା, ମନର ଉଦାସୀନତା

ପୁଣି କେବେ ଶବ୍ଦ ହୋଇଯାଏ ନିରୁତ୍ତର ଯେବେ

ନିର୍ଦ୍ଦୋଶୀଟି ଦଣ୍ଡ ପାଏ,

ସତ ଭୁଲ ପରେ ବି ଦୋଷୀ

ଖସିଯାଏ ଶବ୍ଦର ଚାତୁରୀ ଖେଳରେ।

ଶବ୍ଦ ର ଶକ୍ତି ଭେଦ କରିବା

ନୁହେଁ ଏତେ ସହଜ, ତଥାପି ବି

ସବୁ ଶବ୍ଦଠାରୁ ଭାରି ଲାଗେ

ନିଃଶବ୍ଦ ର ଭାଷା,

ଯାହା କହିଦିଏ ନୀରବରେ କେବେ କହିପାରିନ ଥିବା ମନ ଗହନର ପରିଭାଷା ।

ସୃଜନିକା, ଷ୍ଟେସନ ରୋଡ

ଢେଙ୍କାନାଳ : ୧୩

ମୋ : ୬୩୭୦୩୬୮୩୦୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅପେକ୍ଷା

ଡଃ ସଂଯୁକ୍ତା ପରିଡ଼ା



ଅପେକ୍ଷାର ରାସ୍ତାଟା
କେତେ ଲମ୍ବା ହୁଏ
କେବେ ଜାଣି ନଥିଲି—
ତୁମେ ଆସିବ ବୋଲି
ଆଜି ବି ଦୁଆର ଆଡ଼େ
ଆଖି ଦୁଇଟି ରହିଯାଏ ।

ସନ୍ଧ୍ୟା ଆସେ....
ପକ୍ଷୀମାନେ ନୀଡ଼କୁ ଫେରନ୍ତି...
ନିରବ ହୁଏ ରାସ୍ତା
ତଥାପି ମୋ ମନ
ତୁମ ପାଦଶବ୍ଦ ଖୋଜି
ଅନ୍ଧାରକୁ ପଚାରେ—
"ମୋ ପ୍ରିୟ ଆସିଲେ କି ?"

କେତେ ଋତୁ ବଦଳିଗଲା
କେତେ ବର୍ଷା ଝରିଗଲା
କେତେ ଫୁଲ ଝରି
ମାଟିରେ ମିଶିଗଲା
ହେଲେ ମୋ ଅପେକ୍ଷା
ସେମିତି ଅଛି—
ଏକ ପୁରୁଣା ଚିଠି ପରି
ଯାହାର ଠିକଣା ହଜିଯାଇଛି
କିନ୍ତୁ ଅକ୍ଷରଗୁଡ଼ିକ
ଆଜି ବି ଜୀବନ୍ତ ।
ଜାଣେନି.....
ତୁମେ ଫେରିବ କି ନାହିଁ
ତଥାପି ମୋ ମନ
ଆଶା ଛାଡ଼େ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

କାରଣ ଅପେକ୍ଷା
କେବଳ ଅପେକ୍ଷା ନୁହେଁ—
ଏହା ହେଉଛି
ନିଜର ଲୋକକୁ ହୃଦୟରେ
ସାଇତି ରଖିବା
ସେ ଦୂରେ ଥିଲେ ବି
ପ୍ରତିଟି ନିଶ୍ୱାସରେ
ତାର ଉପସ୍ଥିତି ଅନୁଭବ ହୁଏ ।

ହୁଏତ ଦିନେ
ତୁମେ ଫେରିଆସିବ
ଆଉ ମୁଁ କିଛି କହିବି ନାହିଁ—
କେବଳ ଆଖିରେ ଆଖି ରଖି
ଏତିକି କହିବି—

"ଦେଖ,
ଏତେ ଦିନ ପରେ ବି
ମୋ ଅପେକ୍ଷା
ତୁମ ପାଇଁ ହିଁ ଥିଲା..."

କେବେ କେବେ ଭାବେ
ଆସିବ ନାହିଁ ତୁମେ—
ତଥାପି ମନଟା
ମୋ କଥା ମାନେ ନାହିଁ ।
ଆଶାର ଗୋଟିଏ ଛୋଟ ଦୀପ
ନିରବରେ ଜଳାଇ ରଖେ
କାରଣ
ସତ ଅପେକ୍ଷା କେବେ
ସମୟକୁ ଗଣେ ନାହିଁ
ସେ କେବଳ ଭରସା କରେ—
ଯେ ଲୋକଟି ପାଇଁ
ହୃଦୟ ଏତେଦିନ ଧରି
ଦୁଆର ଖୋଲି ରଖିଛି,
ଦିନେ ନା ଦିନେ
ସେ ନିଶ୍ଚୟ ଆସିବ...
ଅପେକ୍ଷାର ଅନ୍ତ ହୋଇ
ଏକ ସୁନ୍ଦର ସାକ୍ଷାତ ହେବ ।

Listen to Odia Podcast Original at https://youtube.com/@drjyotiprasad

# ଅପେକ୍ଷା

ସୁନିତା ଦାଶ



ଆଖି ମୋର ସେ ଆଖିରୁ
ଝରୁଥିବା ଲୁହ ବି ମୋର
ମୋ ଆଖିର ଲୁହରେ ଯେଉଁ
ନାମ ଟା ଲୁହ ଝରାଇବାକୁ
ମତେ ବାଧ୍ୟ କରୁଛି ସେ
କାମଟି ତୋର

ଦେହ ମୋର ମନ ମୋର
ସେ ଦେହ ଓ ମନରେ ଲଗାଇ
ଥିବା ଜ୍ୱାଳାମୁଖୀର କାରଣ
ତୋର

ପ୍ରେମ ମୋର ତୋ ପାଇଁ ଅପେକ୍ଷା ବି ମୋର
ସେ ପ୍ରେମ ବଦଳରେ ତୁ ଦେଇଥିବା ଘୃଣାର
କିଟାଣୁ ଟା ତୋର

ରାତିର ନିଦ ମୋର ସେ ନିଦରେ
ଦେଖୁଥିବା ସ୍ୱପ୍ନ ବି ମୋର
ସକାଳ ହେବାକ୍ଷଣି ମୋ ସ୍ୱପ୍ନକୁ
ଖିନଭିନ୍ କରୁଥିବା ସେ ମାୟାବୀ
ରୂପ ଟା ତୋର ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାବକୁ ଝୁରି ମରୁଛି

ଅବିନାଶ ରଥ



ଚମତ୍କାର ଖାଲି ବ୍ରହ୍ମାଣ୍ଡରେ ନାହିଁ
ପିଣ୍ଡରେ ଭରି ରହିଛି,
ପିଣ୍ଡ ବ୍ରହ୍ମାଣ୍ଡର ଅତୁଟ ବନ୍ଧନ
ସ୍ରଷ୍ଟାର ସୃଷ୍ଟି କହୁଛି । ୧।

ତାର କାର୍ଯ୍ୟଶୈଳୀ ତାହାର କଳ୍ପନା
ତାହାର ଗୁଣ ଗାଉଛି,
ଜାଣିବା ଲୋକଟି ବୁଝି ଯାଇଅଛି
ଅଜଣା ବୃଥା ଖୋଜୁଛି । ୨।

ପ୍ରତିଟି ଅଂଶକୁ ନିଖୁଣ ଭାବରେ
ସ୍ରଷ୍ଟା ଯେ ଗଢି ତୋଳିଛି,
ଚମତ୍କାର ସବୁ ସୃଷ୍ଟିରେ ଭରିଛି
ତଥାପି ନିନ୍ଦା ପାଉଛି । ୩।

ନାନା ପ୍ରକାରର ଫୁଲ ଗଛ ଅଛି
ରଙ୍ଗତ ମନ ମହୁଛି,
ଭିନ୍ନ ଭିନ୍ନ ଫଳ ଋତୁ ଅନୁସାରେ
ବିଭିନ୍ନ ସ୍ୱାଦ ଦେଉଛି । ୪।

ପାହାଡ଼ ପର୍ବତ ନଦୀ ନାଳ କେତେ
ଜୀବର ପାଇଁ ଗଢିଛି,
ଏକରୁ ଅନେକ ଅନେକରୁ ଏକ
ସମ୍ଭବ କରି ପାରୁଛି । ୫।

ପଞ୍ଚ ଭୁତ ରେ ସେ ଶରୀର ଗଢିଛି
ସମସ୍ତଙ୍କ ଭିନ୍ନ ଗତି,
ସମନ୍ୱୟ କରି ଜୀବନ ଦେଇଛି
ନିଜକୁ କରି ଆହୁତି । ୬।

ଭିନ୍ନ ଭିନ୍ନ କାର୍ଯ୍ୟ ସଭିଏଁ କରନ୍ତି
ନଥାଏ ତାଙ୍କ ବିଶ୍ରାମ,
ବିବେକ ବିଚାର ଦେଇ ଛାଡ଼ିଅଛି
ସିଏତ ଅଟେ ପରମ । ୭।

ନିନ୍ଦା ଅପମାନ ଗାଳି କି ସମ୍ମାନ
ଫରକ ପଡ଼େନି କିଛି,
ଲୀଳା ତାର ସିଏ କରି ଚାଲିଅଛି
ଭାବକୁ ଝୁରି ମରୁଛି । ୮।

ଶିବାଜୀ ନଗର, କଟକ, ୯୪୩୭୦୩୭୨୮୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପରିବର୍ତ୍ତନ

ସିଦ୍ଧେଶ୍ୱର ତ୍ରିପାଠୀ



ଦେଖ ବନ୍ଧୁ ଘଣ୍ଟାର ସେକେଣ୍ଡ କଣ୍ଟା  ସାଥିରେ

ସବୁ ବଦଳି ଚାଲିଛି

ମିନିଟ ରୁ ଘଣ୍ଟା ତିଥି ବାର ନକ୍ଷତ୍ର

ସପ୍ତାହ ପକ୍ଷ ମାସ ଋତୁ

ସମ୍ବତ୍ସର ଠୁ ବର୍ଷ ପର୍ଯ୍ୟନ୍ତ ।

ଗର୍ଭସ୍ଥ ଶିଶୁଟି ଜନ୍ମ ନେଲାଣି

ସେଇ ସମୟ ସାଥିରେ

ପୁଣି ଶିଶୁଟି କଥା କହିଲାଣି

ଚାଲି ଲାଣି ଧୂଳି ବାଲିରେ ଖେଳିଲାଣି ଖେଳ ।

ପଢିଲାଣି ପାଠ

ହେଲାଣି ଶିକ୍ଷିତ

ଶିଶୁଠୁ କିଶୋର

କିଶୋର ଠୁ ଯୁବକ ହେଲାଣି ।

Listen to Odia Podcast Original at https://youtube.com/@drjyotiprasad

କରିଲାଣି ପ୍ରେମ ଗାଇଲାଣି

ପ୍ରୀତିଗୀତ

ପୁଣି ଧୋକା ଖାଇ

ଲେଖିଲାଣି ବିରହ କବିତା ।

ସେ ଭୁଲିଲାଣି ପଛକଥା

ନିଜ ଗୋଡେ ନିଜେ ହୋଇ ଠିଆ

ଗଢ଼ିଲାଣି ନୂଆ ସଂସାର

ଜୀବନ ସାଥୀ ଆଉ ସନ୍ତାନଙ୍କ ମୋହ

ତାକୁ କଲାଣି କିମିଆ ।

ତା ହାତ ଧରି ଚାଲି ଶିଖାଇଥିବା

ବାପା ମାଆ

ଆଜି ତା ସାହାରାରେ ଚାଲନ୍ତି

ତାର ଭାଗକୁ ଛଡେଇ ଖାଉଥିବା

ଭଉଣୀମାନେ

ନିଜ ନିଜ ସଂସାରରେ ବ୍ୟସ୍ତ ।

ବାପ ମାଆ ନେଲେଣି ବିଦାୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେହ ତାଙ୍କ ଜଳି ପୋଡି ପାଉଁଶ ହେଇ ସାରିଲାଣି

ଗାଁ ମଶାଣୀରେ

ଦିନେ ବରବେଶରେ ସଜେଇ ହୋଇଥିବା ମଣିଷ

ଆଜି ପୁଅକୁ ସଜାଏ ବର ବେଶରେ

ପୁଅ ବୋହୂ ନାତି ନାତୁଣୀଙ୍କ ସାଥିରେ

ଦିନ ବିତାଉ ବିତାଉ

ପାଚିଲାଣି ବାଳ ଥରିଲାଣି ହାତ

ଅଟକିଲାଣି ପାଦ

ଦେଖ ସେଇ ସମୟ ସାଥିରେ

କାଲି କୁଆଁ କୁଆଁ ଶବ୍ଦରେ ସଭିଙ୍କୁ

ହସେଇ ଏ ସଂସାରକୁ ଆସିଥିବା

ଶିଶୁଟି

ଆଜି ନିସ୍ତେଜ ହୋଇ ପଡିଛି ବିଛଣାରେ

କହୁନି କଥା

ଫିଟାଉନି ଆଖି

ସେ ସୋଇ ସାରିଛି ମଶାଣୀ ଛାତିରେ

Listen to Odia Podcast Original at https://youtube.com/@drjyotiprasad

ଯୁଇର ଉପରେ

ତା ଶୈଶବ କୈଶୋର ଯୌବନ ଜରା

ସବୁ କିଛି ହୋଇଯାଇଛି ଇତିହାସ

ଖାଲି ବଳି ପଡିଛି କିଛି ସ୍ମୃତି

ସେଇ ସମୟ ସାଥିରେ ।

ଖୋର୍ଦ୍ଧା

୭୦୦୮୩୧୫୦୪୦

Listen to Odia Podcast Original at https://youtube.com/@drjyotiprasad

# ଏକ ପ୍ରହର

ସ୍ନିଗ୍ଧା ପଟ୍ଟନାୟକ



ଗୋଧୂଳିର ସେହି ସ୍ୱର୍ଣ୍ଣ ରେଣୁମୟ
କୋଳାହଳମୟ ପଥେ,
ଦୈନିକ କର୍ମରେ ପୂର୍ଣ୍ଣଚ୍ଛେଦ ଦେଇ
ସ୍ୱର୍ଣ୍ଣ କିରଣର ସାଥେ ।
ଅସ୍ତ ଗଲେ ଦିନମଣି,
ଆସନ୍ତା କାଲିର ପ୍ରାରମ୍ଭ ପାଇଁକି
ପ୍ରସ୍ତୁତ ହୋଇବେ ପୁଣି ।

ଅହରହ ହେଲା କର୍କଶ ଧ୍ୱନିର
ଗୁଞ୍ଜରଣ ପ୍ରତିକ୍ଷଣ,
ବ୍ୟତିବ୍ୟସ୍ତ ହେଲା ହୃଦ୍ କମ୍ପନ ମୋ'
ଅଥୟ ହୋଇଲା ପ୍ରାଣ ।
ଶାନ୍ତି ସ୍ଥାନର ସନ୍ଧାନ,
ପଦଯୁଗଳ ମୋ' ଆକର୍ଷିତ ହେଲା
ଦେଖିବା ପାଇଁକି ଜହ୍ନ ।

ସ୍ୱଚ୍ଛ ସ୍ନିଗ୍ଧ ତା'ର ଶାନ୍ତ କିରଣରେ
ଆହାଃ କି ଅପୂର୍ବ ଶାନ୍ତି,
ସ୍ଥିର ଚିତ୍ତ ମନେ ଅପଲକ ନେତ୍ରେ
ହଜିବା ଗଲି ଯେମିତି ।
ଶୀତଳ ବାୟୁର ଧାରା,
ଅଦ୍ଭୁତ ଶାନ୍ତିର ଆଶ୍ୱାସନା ସତେ
ଖେଳିଗଲା ଦେହ ସାରା ।
କ୍ଷଣ ପ୍ରତିକ୍ଷଣ ବିତିଗଲା ସତେ
ଯେପରି ମୋ' ଅଗୋଚରେ,
ମେଣ୍ଟୁନାହିଁ ତୃଷ୍ଣା ବଢୁଛି ପିପାସା
ଥାଇ ବି ଶ୍ରାବଣ ଧାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାସମାନ ସେ ବାଦଲ,

ପରୀ ରାଇଜର ସୁନ୍ଦରୀ ସାଜି ସେ

କରଇ ସତେ କି ଗେଲ ।

ଅତି ସରଳରେ ଚକ୍ଷୁ ଯୁଗଳ ମୋ'

କୋମଳତାର କୋଳରେ,

ଭୁଲି ସବୁ ଚିନ୍ତା ଗଭୀର ନିଦ୍ରାରେ

ମୁଦ୍ରିତ ହେଲେ ଶାନ୍ତିରେ ।

ଏମିତିକା ବେଳେବେଳେ,

ଚିନ୍ତା ଚେତନାର ପରିଧି ବାହାରେ

ସାର୍ଥକତା ଅବା ମିଳେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁରୁ ଚିର ନମସ୍ୟ

ବିକାଶ କୁମାର ମହାନ୍ତ



ଗୁରୁ ଆପଣ ଏ ଜୀବନ ପଥରେ
ଅଟନ୍ତି ଜ୍ଞାନର ଜ୍ୟୋତି
ଏହି ଜ୍ଞାନ ଜ୍ୟୋତି ଦୂର କରି ଦିଏ
ଅଜ୍ଞାନର କଳା ରାତି ।। ୧।।

ବାଟବଣା ହେଲେ ସଠିକ ପଥରେ
ଦିଅନ୍ତି ଆପଣ ଦିଶା
ଆପଣଙ୍କ ବାଣୀ ହୃଦୟରେ ଧରି
ମିଳେ ଜୀବନର ଆଶା ।। ୨।।

ସତ୍ୟ ଧର୍ମ ପଥେ ସଦା ଚାଲିବାକୁ
ଦେଇଛନ୍ତି ମନେ ବଳ
ଯେଉଁ ବଳ ନେଇ ସାରା ସଂସାରରେ
ବୁଣିବା ଜ୍ଞାନର ଫଳ ।। ୩।।

ସପନର ରଙ୍ଗ ଭରି ଏ ଜୀବନେ
ଦିଅ ଉଡ଼ିବାର ପକ୍ଷ
ତୁମ ଆଦର୍ଶକୁ ହୃଦୟରେ ରଖି
ଶିଷ୍ୟ ସବୁ ହୁଏ ଦକ୍ଷ ।। ୪।।

ଆମରି ଜୀବନେ ବିପଦ ଆସିଲେ
ଦେଇଥାଅ ଧର୍ଯ୍ୟ ବାଣୀ
ହାରିଯାଇଥିଲେ ଆମର ଏ ମନ
ଦିଅ ପ୍ରେରଣାର ମଣି ।। ୫।।

ତୁମ ଚରଣର ଧୂଳିରେ ରହିଛି
ଶହେଟି ସ୍ୱର୍ଗର ସୁଖ
ଯେଉଁ ଧୂଳି ଥରେ ମଥାରେ ଲାଗିଲେ
ଦୂରହୁଏ ସବୁ ଦୁଃଖ ।। ୬।।

Listen to Odia Podcast Original at https://youtube.com/@drjyotiprasad

ଶହେ ଜନମର ପୁଣ୍ୟ ଫଳ ଆଜି
ମିଳିଛି ଏହି ଜନମେ
ଆପଣଙ୍କ କୃପା ଧନୀ କରିଅଛି
ଦେଇକି ଜ୍ଞାନର ଧନେ ।। ୭।।

ସମୟ ସ୍ରୋତରେ ଦିନ ସରିଯିବ
ବଦଳିଯିବ ସଂସାର
ଶିଷ୍ୟର ହୃଦୟେ ସଦା ରହିଥିବ
ଆପଣଙ୍କ ଉପକାର ।। ୮।।

ଯେତେଦିନ ଯାଏଁ ସୁରୁଜ ଚନ୍ଦ୍ରମା
ଉଦିତ ହେବେ ଗଗନେ
ସେତେଦିନ ଯାଏଁ ରହିଥିବେ ସଦା
ମୋର ଏ ହୃଦୟ କୋଣେ ।। ୯।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗୁରୁ

ଶାନ୍ତନୁ କୁମାର ରାଉତ



ଅଜ୍ଞାନର ଅମାବାସ୍ୟା ଯେବେ
ଢାଙ୍କିଦିଏ ଚେତନାର ଆକାଶ,
ସେବେ ତୁମେ.....
ଏକ ଅନିର୍ବାଣ ଦୀପଶିଖା,
ଜାଳିଦିଅ ଜ୍ଞାନର ଆଲୋକ,
ଖୋଲିଦିଅ ସମ୍ଭାବନାର ଅସୀମ ଦ୍ୱାର ।

ତୁମ ଶବ୍ଦରେ
ଶବ୍ଦ ହୁଏ ମନ୍ତ୍ର,
ତୁମ ନୀରବତାରେ
ଲୁଚିଥାଏ ଅନେକ ଅମୂଲ୍ୟ ଶିକ୍ଷା;
ତୁମ ଆଙ୍ଗୁଠି ଧରି
ଅକ୍ଷର ଶିଖିଥିବା ଶିଶୁଟି
ଦିନେ ଦିନେ ଶିଖିଯାଏ
ଜୀବନର ଅର୍ଥ,
ସଂଘର୍ଷର ବ୍ୟାକରଣ
ଓ ସ୍ୱପ୍ନର ସଂଜ୍ଞା ।

ତୁମେ କେବଳ ଶିକ୍ଷକ ନୁହଁ,
ତୁମେ ଭାଙ୍ଗିଯାଇଥିବା ମନର
ନିରବ ସ୍ଥପତି;
ଅବ୍ୟବସ୍ଥିତ ଜୀବନର
ସୁନିପୁଣ ଶିଳ୍ପୀ ।
ମାଟିର ଏକ ମୁଠାକୁ
ଯେପରି କୁମ୍ଭକାର
ସ୍ପର୍ଶରେ ଦିଏ ଆକାର,
ସେପରି ତୁମେ
ମଣିଷ ଭିତରେ ମଣିଷଟିକୁ
କର ଆବିଷ୍କାର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଥ ଯେବେ ହୁଏ କଣ୍ଟକିତ,

ସ୍ୱପ୍ନ ଯେବେ ହୁଏ ଧୂସର,

ପରାଜୟର ଛାୟା ଯେବେ

ଘେରିଧରେ ମନର ଦିଗନ୍ତ

ତୁମର ଗୋଟିଏ ଶବ୍ଦ......

ହୋଇଯାଏ ଆଶ୍ୱାସର ଆକାଶ,

ତୁମର ଗୋଟିଏ ହସ

ହୋଇଯାଏ ବଞ୍ଚିବାର ବିଶ୍ୱାସ ।

ସମୟର ସ୍ରୋତରେ

ଅନେକ ମୁହଁ ହଜିଯାଏ,

ଅନେକ ସମ୍ପର୍କର ରଙ୍ଗ ଫିକା ପଡ଼େ;

କିନ୍ତୁ ଗୁରୁ......

ତୁମ ହାତେ ଜଳାଇଥିବା

ଜ୍ଞାନର ଦୀପଟି

ପିଢ଼ିରୁ ପିଢ଼ିକୁ

ଜଳିଥାଏ ଅନିର୍ବାଣ ।

ତୁମ ଋଣ ଶୁଝିବା ପାଇଁ

ଜୀବନ ବୋଧହୁଏ ଅତି ଛୋଟ;

ତେଣୁ ଚରଣେ ତୁମର

ମୋର ଏଇ ନତଶିର

ଏକ ମୁଠା ଶ୍ରଦ୍ଧା,

ଏକ ମୁଠା କୃତଜ୍ଞତା

ଓ ହୃଦୟର ଅନନ୍ତ ପ୍ରଣାମ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାଲି ମୋ ହାତରେ କାମ ଥିବ ତ ?

ଅଜିତ ପଧାନ



ଦିନ ଥିଲା—
ବାପା କହୁଥିଲେ,
"ପୁଅ, ପାଠ ପଢ଼,
ପାଠ ପଢ଼ିଲେ ଦିନେ
ଗୋଟିଏ ଭଲ ଚାକିରି ପାଇବୁ,
ତୋ ଜୀବନ ବଦଳିଯିବ…"

ପୁଅ ବି ବିଶ୍ୱାସ କରିଥିଲା,
ରାତି ଅନିଦ୍ରା ହୋଇ ପଢ଼ିଥିଲା,
ବହିର ପୃଷ୍ଠା ଓଲଟାଇ ଓଲଟାଇ
ନିଜ ଭବିଷ୍ୟତ ଖୋଜିଥିଲା ।

କିନ୍ତୁ ଆଜି…
ସମୟ ବଦଳିଗଲା ।

ଯେଉଁ କାମ ପାଇଁ
ଗତକାଲି ଦଶଜଣ ଲୋକ ଦରକାର ଥିଲେ,
ଆଜି ସେଠି
ଗୋଟିଏ ମଣିଷ ଓ ଗୋଟିଏ ମେସିନ୍
କରିଦେଉଛନ୍ତି ସବୁ କାମ ।

ତେବେ ମନ ଭିତରୁ
ଗୋଟିଏ ପ୍ରଶ୍ନ ଉଠେ—

"କାଲି ମୋର ହାତରେ କାମ ଥିବ ତ ?"

ଯେଉଁ ପୁଅଟି
ବାପାଙ୍କ ଆଶାରେ ପଢୁଛି,
ଯେଉଁ ଝିଅଟି
ନିଜ ପାଦରେ ଠିଆ ହେବାକୁ
ସ୍ୱପ୍ନ ଦେଖୁଛି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ସ୍ୱପ୍ନକୁ
କିଏ ଉତ୍ତର ଦେବ ?

ମେସିନ୍ ହୁଏତ
ମୋଠାରୁ ଶୀଘ୍ର କାମ କରିବ,
ମୋଠାରୁ କମ୍ ଭୁଲ୍ କରିବ,
ମୋଠାରୁ ଅଧିକ କାମ ଜାଣିବ...

କିନ୍ତୁ ମୋ ମାଆର ଆଖିରେ
ମୋ ପାଇଁ ଥିବା ଆଶାଟା
ସେ ବୁଝିପାରିବ କି ?

ମୋ ବାପାଙ୍କ
କୁଞ୍ଚିତ ମୁହଁରେ
ଲୁଚିଥିବା ଚିନ୍ତାଟା
ସେ ପଢ଼ିପାରିବ କି ?

ମାସ ଶେଷରେ
ଦରମା ନେଇ ଘରକୁ ଫେରିବାବେଳେ
ପିଲାର ମୁହଁରେ ଯେଉଁ ହସ ଦେଖେ ମୁଁ—
ସେ ହସର ମୂଲ୍ୟ
କୌଣସି ମେସିନ୍ ଜାଣିପାରିବ କି ?

ନା...

ସେଥିପାଇଁ
ଭବିଷ୍ୟତକୁ ଭୟ କରି
ଆମେ ରହିଯିବା ନାହିଁ।

କାମ ବଦଳିବ,
କାମ କରିବାର ଢଙ୍ଗ ବଦଳିବ,
ହୁଏତ କିଛି ଚାକିରି ହଜିଯିବ,
କିନ୍ତୁ ମଣିଷର ଚିନ୍ତା
ଯଦି ଜୀବନ୍ତ ରହିବ—
ନୂଆ ରାସ୍ତା ବି ନିଶ୍ଚୟ ଖୋଲିବ।

ଆଜି ଆମକୁ
ମେସିନ୍ ସହ ଲଢ଼ିବା ନୁହେଁ,
ମେସିନ୍‌ଠାରୁ ଶିଖିବାକୁ ହେବ।

କାରଣ—

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

**ଯେଉଁ ମଣିଷ
ସମୟ ବଦଳିଲେ ନିଜକୁ ବଦଳାଇପାରେ,
ତା'ର ଭବିଷ୍ୟତକୁ
କୌଣସି ମେସିନ୍ ଛଡ଼ାଇ ନେଇପାରିବ
ନାହିଁ।**

କିନ୍ତୁ ଗୋଟିଏ କଥା
ସମାଜ ମନେ ରଖୁ—

ବିକାଶର ଦୌଡ଼ରେ
ଯଦି ମେସିନ୍ ଆଗକୁ ଯାଏ
ଆଉ ମଣିଷ ପଛରେ ରହିଯାଏ,

ତେବେ ତାହାକୁ
ବିକାଶ କୁହାଯିବ ନାହିଁ...

**କାରଣ ଦେଶର ଅର୍ଥନୀତି
ମେସିନ୍‌ରେ ଚାଲିପାରେ,
କିନ୍ତୁ ଦେଶର ହୃଦୟ
ଆଜି ବି ମଣିଷ ହିଁ।**

ତେଣୁ ଆସନ୍ତାକାଲିକୁ
ଭୟ କରନି ମଣିଷ...

ନିଜ ହାତର କୌଶଳ ବଢ଼ା,
ନିଜ ମୁଣ୍ଡର ଚିନ୍ତା ବଢ଼ା,
ନୂଆ ସମୟ ସହ
ନିଜକୁ ନୂଆ କର।

କାରଣ ହୁଏତ
ଦିନେ ମେସିନ୍ ଆମର
ଅନେକ କାମ କରିଦେବ...

କିନ୍ତୁ—

**ମଣିଷ ହୋଇ ବଞ୍ଚିବାର କାମଟା
ଆଜି ବି ମଣିଷକୁ ହିଁ
କରିବାକୁ ପଡ଼ିବ।**

୮୦୧୮୧୭୭୧୧୪
ସୋନପୁର, ଓଡ଼ିଶା ୭୬୭୦୧୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋର ଅସରନ୍ତି ଉପନ୍ୟାସ

ନନ୍ଦିତା ବଡ଼ାଇ



ତୁମେ ମୋର ଏପରି ଏକ ଉପନ୍ୟାସ ,
ଯାହାର ଆରମ୍ଭ ବି ତୁମେ ଓ ଶେଷ ମଧ୍ୟ ତୁମେ ।
ଯାହାର ପ୍ରତିଟି ଧାଡ଼ିରେ ଲେଖା ଅଛି ତୁମ ନାଁ ,
ତୁମ ବିନା ମୋ କାହାଣୀ ଯେପରି ଅସମ୍ପୂର୍ଣ୍ଣ ।
ମୋର ପ୍ରତିଟି ଶବ୍ଦରେ ତୁମେ,
ତୁମେ ହିଁ ମୋ ଜୀବନର ଶେଷ ଅଭିଳାଷ ।
କିଛି ଅଧ୍ୟାୟରେ ଦୁଃଖ ଅଛି ତ କିଛିରେ ଖୁସି,
କେତେବେଳେ ଲୁହ ତ ଆଉ କେତେବେଳେ ହସ ।
ମୁଁ ଜାଣେ ଆମେ ଦୁହେଁ ବିପରୀତ ପାର୍ଶ୍ୱରେ ଆଜି ,
ତଥାପି ମୋ ଉପନ୍ୟାସର ତୁମେ ହିଁ ନାୟକ ।
ତୁମେ ହିଁ ମୋ ହୃଦୟର ମୁଖ୍ୟ ଚରିତ୍ର ,
କାହାଣୀର ପରିଣତି କଣ ହେବ ମତେ ଅଜଣା,
କିନ୍ତୁ ତୁମକୁ ନେଇ ମୋର ପ୍ରତିଟି ଶବ୍ଦ ଆଜି ଅମର ।
ତୁମେ ମୋର ସେହି ଛୋଟ ଉପନ୍ୟାସର ସୁନ୍ଦର ଚରିତ୍ର ,
ଯାହାକୁ ମୁଁ ସବୁବେଳେ ଜୀବନ୍ତ କରି ରଖିବି ।

କଦଳୀମୁଣ୍ଡା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

# ରାସ୍ତା କଢ଼ାଇ ନିଅ

ଆକୁଳାନନ୍ଦ ପୃଷ୍ଟି



ଗୋପନେ ଆସ କି ସପନେ ଆସ
ଦିବସ ହେଉ କି ରାତି
ଆଖି ବୁଜି ଦେଲେ ତୁମ ଛବି ଦିଶେ
ତୁମେ ମୋ ଅଭୁଲା ସ୍ମୃତି ।

ପହିଲି ବର୍ଷାର ପ୍ରତି ଜଳ ବିନ୍ଦୁ
ସ୍ନିଗ୍ଧ ଶୀତଳ ଛୁଆଁ
ଭିଜିଲି ହଜିଲି ଖୋଜିଲି ତୁମକୁ
ଭାବରେ ମଜ୍ଜିଲି ଯାହା ।

ଧାରା ଶ୍ରାବଣର ବରଷା ଧାରାରେ
ଉଚ୍ଛୁଳା ତଟିନୀ ପରି
ହୃଦୟର ବନ୍ଧ ଭାଙ୍ଗି ଦେଇଗଲ
ଭାସିଲି ମୁଁ ପତ୍ର ପରି ।

ସହଚରି ଥିଲ ସାଥିରେ ନେଲନି
ଛାଡିଦେଲ ମୋର କର
ଭାବିଲ କି ଥରେ ତୁମେ ଗଲା ପରେ
କିଏ ହେବ ମୋ ନିଜର ?

ଦୃଷ୍ଟି ଶକ୍ତି ମୋର ଧରାରେ ସୀମିତ
ତେଣୁ ମୁଁ ପାରୁନି ଦେଖି
ତୁମେ ଅପସରି ଧରାର ଊର୍ଦ୍ଧ୍ୱରେ
ଥରେ ଦେଖ ମତେ ସଖୀ ।

ବୟସ ବଢୁଛି ଆୟୁଷ କମୁଛି
କିଛି ତ ସୂଚନା ଦିଅ
ମହାଯାତ୍ରା କାଳେ ସମ୍ମୁଖରେ ରହି
ରାସ୍ତା କଢ଼ାଇ ନିଅ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଲପଡ଼ା କଖଡି କଟକ
ମୋ - ୯୪୩୭୮୭୪୫୭୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କାନ୍ଦୁଛି ନେପାଳ

ବସନ୍ତ କୁମାର ମଲ୍ଲିକ



ନୀରବ ଆକାଶ, ଥରୁଅଛି ହିମାଳୟ,
ନିମିଷକେ ବଦଳିଲା ଧରିତ୍ରୀର ଲୟ ।

ପାହାଡ଼ର ଛାତି ଚିରି ମାଡ଼ିଆସେ ପାଣି,
କ୍ଷଣକେ ଉଜୁଡ଼ିଗଲା କେତେ ସ୍ୱପ୍ନ-ପୁଣି ।

ବନ୍ୟା ଜଳର ତାଣ୍ଡବେ ଭାଙ୍ଗିଲା ସଂସାର,
କାଠମାଣ୍ଡୁ ଗଳିମୁଣ୍ଡେ ଶୋକର ପାହାର ।

ମନ୍ଦିରର ଘଣ୍ଟାନାଦ ହଜିଗଲା ଦୂରେ,
କାନ୍ଦୁଛି ନେପାଳ ଆଜି କରୁଣ ସ୍ୱରରେ ।

ପାଣି-କାଦ ତଳେ ଖୋଜେ ମାଆ ତାର ଛୁଆ,
ଧୂସରିତ ଚାରିପାଖ, ଲହଡ଼ିର ଧୂଆଁ ।

ଜୀବନର ଡୋରି ଏଠି କେତେ ଅସହାୟ,
ପ୍ରକୃତିର କୋପ ଆଗେ କିଏ ବା ଅକ୍ଷୟ ?

Listen to Odia Podcast Original at https://youtube.com/@drjyotiprasad

କିନ୍ତୁ ହାରିବନି ଏ ମାଟିର ପାହାଡ଼ିଆ ଧୈର୍ଯ୍ୟ,

ଭଙ୍ଗା ମୂଳଦୁଆରୁ ପୁଣି ଉଠିବ ସାମର୍ଥ୍ୟ ।

ଲୁହ ପୋଛି ହାତ ଧରି ଠିଆହେବେ ପୁଣି,

ନୂଆ ପ୍ରଭାତର ଗୀତ ଶୁଣାଇବ କ୍ଷଣି ।

ଧ୍ୱଂସସ୍ତୂପ ଭିତରୁ ବି ଜନ୍ମ ନେବ ଆଶା,

ସ୍ନେହ ଓ ସାହସେ ପୁଣି ଗଢ଼ାହେବ ବସା ।

[ଲୁହରୁ ଆଶା, ଧ୍ୱଂସରୁ ସୃଷ୍ଟି, ଓ ବେଦନାରୁ ନୂଆ ଜୀବନ—ଏହା ହେଉ ନେପାଳର ଆଗାମୀ ପ୍ରଭାତ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରକୃତି ଓ ପ୍ରେମ

ବର୍ଷାରାଣୀ ଗୌଡ଼



ପ୍ରକୃତିର ଏହି ବର୍ଷାରେ ଝରିଯାଏ ଅନେକ ବୁନ୍ଦା,
ଆକାଶର ବକ୍ଷୁ ଧରଣୀର ବକ୍ଷୁକୁ ବହିଯାଏ ଧାରା ।
ସବୁଜ ତୃଣ, ଲତା, ବୃକ୍ଷ ସମସ୍ତେ ସ୍ନାନ କରନ୍ତି
ଏହି ବର୍ଷଣରେ ଧରିତ୍ରୀ ନୂତନ ଶୃଙ୍ଗାର ଧାରଣ କରେ ,
ମେଘମାଳା ଯେବେ ଗର୍ଜନ କରେ ଘନମଣ୍ଡଳରେ
ବିଦ୍ୟୁତ ଲତା ଚମକି ଉଠେ କଳା ଆକାଶ ତଳେ
ଶୀତଳ ପବନ ବହେ ମନ୍ଦ ମନ୍ଦ ଗତିରେ
ପ୍ରାଣୀ ମାତ୍ର ଆନନ୍ଦ ଲଭେ ଏହି ବର୍ଷାର ସ୍ପର୍ଶରେ
ବୁନ୍ଦା ନୁହେଁ, ଏତ ଅମୃତର ଧାରା ଅଟେ ,
ଶୁଷ୍କ ମୃତ୍ତିକାର ତୃଷ୍ଣା ଯାହା ଦୂର କରେ
କୃଷକର ନୟନରେ ଭରିଦିଏ ଆଶାର ଆଲୋକ
ଏ ବର୍ଷା ହିଁ ଜୀବନ, ଏ ବର୍ଷା ହିଁ ପରମ ସତ୍ୟ
ପୁଷ୍ପ ଦଳରେ ବୁନ୍ଦା ଟୋପା ମୁକ୍ତା ପରି ଝଲସେ
ମାଟିର ସୁଗନ୍ଧ ପ୍ରାଣକୁ ମୋହିତ କରେ
ଏହି ବର୍ଷାରେ ହୃଦୟର ସମସ୍ତ ବେଦନା ଧୋଇଯାଏ
ମନ ପକ୍ଷୀ ପରି ଉଡିଯାଏ ଅସୀମ ଆକାଶକୁ
ଏହି ବର୍ଷାରେ ଝରିଯାଏ ଅନେକ ବୁନ୍ଦା
ଆଉ ସେହି ବୁନ୍ଦାରେ ଲୁଚି ରହିଛି ସୃଷ୍ଟିର ଛନ୍ଦା

ଆମ୍ବପୁଆ(୭୬୧୦୨୩), ଗଞ୍ଜାମ
ଫୋନ୍ ନଂ:-୭୭୦୬୯୩୭୫୧୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆମର୍ ନୂଆଁଖାଇ

ସୁନୀଲ କୁମାର ଅଗସ୍ତି



ଆଏଲାନେ ଗୋ ଆଏଲାନେ
ଆମର୍ ଫାଲର୍ ଗଖା ପରବ୍
ଆମର୍ ଗରବ୍ ଆମର୍ 'ନୂଆଁଖାଇ',
ଭୁଦୋ ମାସର୍ ପଁଚମୀ ତିଥି
ମାଁ' ସମଲେଇ ପାହା ତଲେ ମୁଡ୍ ଝୁକେଇ
ଧାଁଇଁ ଆଉଛନ୍ ନେ ମାଁ' ମାଏଟ୍ କେ
ସଂସାର୍ ଗୁଲା ଯେନ୍ ଗଲେ ଯେ'ନ ଥାଇ,
ଖେତୁ ଆଏଲାନେ ନୂଆଁ ଧାନର୍ କେଣା
ମନ୍ ଭିତରେ ଭରି ନୂଆଁ ଆଶର୍ ସିରଜିନା
କୁରେଇ ପତରର୍ ଥାଲି ହେଲା ନେ ସଜେଇ
ନୂଆଁ ଅରନ୍ ଘି ମହୁ ଚୁଡା ନେ ଅବଗି ମହକେଇ,
ଘରେ ଘରେ ମନ୍ ମନସା ପିଠା ପନାର୍ ମହକ୍
ବ' ଝି' ମାଁ' ବହେନ୍ ପିନ୍ଧଲେନେ ନୂଆଁ ଶାଢୀ
ବଡଖା ମାନଙ୍କୁଁ ଆ'ଦେ ମାରୁଛନ୍ ମୁଡିଆ
ରାଗ୍ ହିଁସା ଅଁହକାର୍ ବିଟାଲ୍ ପନ୍ ଯେତେକେ କେରେଇ,
'ନୂଆଁଖାଇ' ଜୁହାର୍ ଗୋ... ଜୁହାର୍ ଗୋ ଜୁହାର୍
ଭାବେ ବାନ୍ଧି ନେସନ୍ ଭାବର୍ କେଡେ ତିଆର୍ ପିରତୀ

Listen to Odia Podcast Original at https://youtube.com/@drjyotiprasad

ଆ'ଦେ ଦଗ୍ ଦଗି ଯାଉଛେ ସମକିରର୍ ମୁଁହୁଁ ଦପ୍ କରୁଛେ

ଭାଇଚାରାର୍ ଭାବର୍ ବନ୍ଧନ୍ ଆଏ ତ' ଇଟା ଅବଗା ରିତୀ,

ଦୁରେ ଥିବାର୍ ପୁଓ କେ ଦେଖି ଆ'ଦେ

ନିଥରୀ ଆଏଲାନେ ପାଏନ୍ ମାଁ'ର୍ ଆଁଖି

ଦୁରେ ଥିବାର୍ ପୁଓ ଘର୍ କେ ଆଏସି ଧାଁଇଁ

ମାଁ'ର୍ ହାତର୍ ସେ ଖେପେକ୍ ନୂଆଁ ଅରନ୍ ଲାଗତି,

ମାଦଲ୍ ମୁହୁରି ତାସା ଢୋଲର୍ ଆ'ଦେ ବାଜୁଛେ ତାଲ୍

ରସର୍ କେଲି ଗୀତେ ସୁରେ ନାଚୁଛେ ଗୁଲା ଗାଁ

କାଏଁ ଜାଏତ୍ କାଏଁ ଧରମ୍ ଆ'ସ ବାଁଟି ନେମା ପୀରତୀର୍ ଭାବ୍

ଗୁଲା ସଂସାରେ ଧଏନ୍ ହେଉ ଆମର୍ ପରବ୍ ଆମର୍ ଗରବ୍

ଆମର୍ ଫାଲର୍ ଆମର୍ 'ନୂଆଁଖାଇ'ର୍ ନା',,

ଟିଟିଲାଗଡ଼, ବଲାଙ୍ଗୀର

ମୋ/୯୪୩୭୨ ୧୦୮୮୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାନ୍ଦନିକ ଦୃଷ୍ଟିକୋଣରେ ପ୍ରାଚୀନ ଭାରତୀୟ ସାହିତ୍ୟ

ଡଃ ହିମାଦ୍ରି ତନୟା ମିଶ୍ର

ସାହିତ୍ୟ ବିଷୟକ ଚର୍ଚ୍ଚା ବହୁ ପ୍ରାଚୀନ କାଳରୁ ରହିଆସିଛି । ଏହି ବିଷୟରେ କାଳକ୍ରମେ ଶତାଧିକ ଆଲୋଚକ ସେମାନଙ୍କ ତୀକ୍ଷ୍ଣ ବିଚାରବୁଦ୍ଧି ସହିତ ସାହିତ୍ୟରେ ସୌନ୍ଦର୍ଯ୍ୟ ତତ୍ତ୍ୱକୁ ସିଧାସଳଖ ନ କହି ରସ ସାହିତ୍ୟର ସହିତ ବିଭିନ୍ନ ବିଭବ ବିଶ୍ଳେଷଣ କରି ଆଲୋଚନା ସାହିତ୍ୟର ଗୋଟିଏ ସମୃଦ୍ଧ ପରମ୍ପରା ପ୍ରତିଷ୍ଠିତ କରିପାରିଛନ୍ତି ଭାରତ ବର୍ଷରେ ସାହିତ୍ୟରର ଚର୍ଚ୍ଚା ଯୀଶୁଖ୍ରୀଷ୍ଟଙ୍କ ବହୁ ପୂର୍ବରୁ ଆରମ୍ଭ ହୋଇଥିବାର ଯଥେଷ୍ଟ ସୂଚନା ମିଳୁଥିଲେ ଶୁଦ୍ଧ ଆଲୋଚନା ଶାସ୍ତ୍ରର ଆଦି ଉତ୍ସ ଭାବରେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀର ଭରତ ମୁନି ପ୍ରଣୀତ ନାଟ୍ୟଶାସ୍ତ୍ରକୁ ନିର୍ବିବାଦରେ ଗ୍ରହଣ କରାଯାଇଛି । ପ୍ରାଚୀନ କାଳରେ ସାଧାରଣତଃ ଆଜିର ସାହିତ୍ୟ ଅର୍ଥରେ କାବ୍ୟ ଶବ୍ଦ ବ୍ୟବହୃତ ହେଉଥିଲା । କବ୍ୟାଳଙ୍କାର, କାବ୍ୟାଦର୍ଶ ଓ କାବ୍ୟ ପ୍ରକାଶ ଇତ୍ୟାଦି ସାହିତ୍ୟ ଶାସ୍ତ୍ରୀୟ ଆଲୋଚନା ଗ୍ରନ୍ଥର ନାମକରଣରେ ଏହାର ସ୍ୱାକ୍ଷର ରହିଛି । କବିକର୍ମ କାବ୍ୟ ଶବ୍ଦର ପ୍ରକୃତ ଅର୍ଥ । କାବ୍ୟ ପଛରେ ବହୁଦିନର ଗୋଟିଏ ବିରାଟ ପରମ୍ପରା ଥିଲେ ମଧ୍ୟ ସାହିତ୍ୟ କିପରି ଭାବରେ କାବ୍ୟର ସ୍ଥାନ ଅଧିକାର କରିନେଇଛି ତାହାର ଗୋଟିଏ ସୂକ୍ଷ୍ମ ତଥା ଯୁକ୍ତିଯୁକ୍ତ ବିଚାରଧାରା ସମ୍ବଳିତ ଇତିହାସ ରହିଛି । ସୌନ୍ଦର୍ଯ୍ୟ ତତ୍ତ୍ୱ ଭାରତବର୍ଷର ବୈଦିକ କାଳରୁ ଏତଦ ସମ୍ପର୍କରେ ବିଚାର ଆଲୋଚନା, ତତ୍ତ୍ୱ ନିରୂପଣ ଓ କଳା ପ୍ରସଙ୍ଗରେ ଏହାର ଉପଯୋଗିତା ମୂଲ୍ୟାଙ୍କନ ହୋଇ ଚାଲିଥିବା ଲକ୍ଷ୍ୟ କରାଯାଏ । ପାଶ୍ଚାତ୍ୟ ସୌନ୍ଦର୍ଯ୍ୟ ଶାସ୍ତ୍ରର ଯେଉଁ ଧାରାବାହିକ ଓ ଶାସ୍ତ୍ରାନୁମୋଦିତ ଆଲୋଚନା ରହିଛି, ଭାରତୀୟ ପ୍ରାଚୀନ ସାହିତ୍ୟରେ ସେହିପରି ବିଧିବଦ୍ଧ ସାହିତ୍ୟର ଧାରା ମିଳୁନାହିଁ । ବେଦ, ଉପନିଷଦ, ଶିଳ୍ପଶାସ୍ତ୍ର, କାବ୍ୟଶାସ୍ତ୍ର ତଥା ସଂସ୍କୃତ ମହାକବିମାନଙ୍କର ରଚନା ଉପରେ ନିର୍ଭର କରି

Listen to Odia Podcast Original at https://youtube.com/@drjyotiprasad

ସୌନ୍ଦର୍ଯ୍ୟ, କଳା, ସୌନ୍ଦର୍ଯ୍ୟ ଦୃଷ୍ଟି ଓ ସୌନ୍ଦର୍ଯ୍ୟାନୁଭୂତି ଆଦି ବିଭିନ୍ନ ପ୍ରସଙ୍ଗରେ ଭାରତୀୟ ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣର ରୂପରେଖ ବର୍ଣ୍ଣନା କରାଯାଇପାରେ । ପ୍ରାଚୀନ କବିମାନେ ସୌନ୍ଦର୍ଯ୍ୟ କହିଲେ ଶୋଭନ, ପେଶଳ, ରମଣୀୟ ପ୍ରଭୃତି କେତୋଟି ଶବ୍ଦକୁ ଉଲ୍ଲେଖ କରି ସୁନ୍ଦର ମର୍ଯ୍ୟାଦାକୁ କାବ୍ୟରେ ବର୍ଣ୍ଣନା କରୁଥିଲେ । କାବ୍ୟର ସୌନ୍ଦର୍ଯ୍ୟ ଅର୍ଥରେ ମଧୂନି, ପ୍ରାକୃତିକ ସୌନ୍ଦର୍ଯ୍ୟ ଅର୍ଥରେ ଶୋଭା ଶବ୍ଦ ବ୍ୟବହାର କରିଛନ୍ତି ସୌନ୍ଦର୍ଯ୍ୟର ଅଧିଦେବତା ରୂପେ ଶ୍ରୀ ବା ଲକ୍ଷ୍ମୀ କଳ୍ପିତ ହୋଇଥିଲେ ହେଁ ସେ ନାମ ଦୁଇଟି ପରବର୍ତ୍ତୀ କାଳର ଓ ଶବ୍ଦ ଦ୍ୱୟ ସୌନ୍ଦର୍ଯ୍ୟକୁ ଯେତେ ବୁଝାନ୍ତିନି ତା' ଠାରୁ ସୁଖର ଅଧିକ ପ୍ରତିନିଧିତ୍ୱ କରିଥାନ୍ତି । ସ୍ୱଷ୍ଟ ଭାବରେ କହିଲେ, ପ୍ରାଚୀନ ଭାରତୀୟ ଦାର୍ଶନିକ ଚିନ୍ତନରେ ସୌନ୍ଦର୍ଯ୍ୟ କଳାର ଏକ ସୁଦୀର୍ଘ ପରମ୍ପରା କାବ୍ୟତତ୍ତ୍ୱ ମାଧ୍ୟମରେ ପ୍ରକାଶିତ ।

ବୈଦିକ ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣ

ପେଶେଲ ଓ ଓଲଡେନବର୍ଗ ନାମକ ଜର୍ମାନ ପଣ୍ଡିତ ଦ୍ୱୟ ଋକବେଦରେ ପ୍ରଯୁକ୍ତ ସୁନ୍ଦର ପର୍ଯ୍ୟାୟବାଚୀ ଶବ୍ଦାବଳୀର ଏକ ସଂକଳନ କରିଛନ୍ତି । ଅର୍ଥ ଭେଦ ଅନୁସାରେ ସେହି ଶବ୍ଦାବଳୀ ଭାରତୀୟ ନାନ୍ଦନିକ ଧାରଣା ସମ୍ପର୍କରେ ଏକ ବ୍ୟାପକ ଜ୍ଞାନ ପ୍ରଦାନ କରନ୍ତି । ଯଥା – (ଦୃଶ, ଶ୍ରୀ, ଭଦ୍ର, ଭଣ୍ଡ, ଚାରୁ, ପ୍ରିୟ, ରୂପ, ଶୁଭ, ଚିତ୍ର, ସ୍ୱାଦୁ, ଯକ୍ଷ) ନାନ୍ଦନିକ ତତ୍ତ୍ୱ ନିମନ୍ତେ ଅଳଙ୍କାର ପ୍ରୟୋଗ ସମ୍ବନ୍ଧରେ ମତବ୍ୟକ୍ତ କରି ଋକ ବେଦୀୟ ଋଷି କବି କହନ୍ତି ଯେ, ଅଶରୀୟ ବା ରୂପ ରହିତକୁ ମଧ୍ୟ ପ୍ରଭାକିରଣ ସୁନ୍ଦର କରିଦିଏ । ଯେପରି ଗାବଃ ଶବ୍ଦକୁ ରଶ୍ମି, ପ୍ରଭା ବା କିରଣ ଅର୍ଥରେ ଏହି ଶ୍ଳୋକରେ ବ୍ୟବହାର କରାଯାଇଛି । "ୟୂୟମ୍ ଗାବୋ ମେଦଯଥା କୃଷଂଚିଦ୍/ଅଶରୀରଂ ଚିତ୍ କୃଣୁଧା ସୃପ୍ରତିକମ୍ ।" ବୈଦିକ ଗୋ ତତ୍ତ୍ୱରୁ ବିଶ୍ଳେଷଣ କଲେ ନନ୍ଦନତତ୍ତ୍ୱର ନାନାଦିଗ ଉନ୍ମୋଚିତ ହୁଏ । ବେଦରେ 'ଗୋ'ର ସମ୍ବନ୍ଧ ଉଷା/ସୂର୍ଯ୍ୟଙ୍କ ସହିତ ରହିଛି । ଇନ୍ଦ୍ର ଅଙ୍ଗିରଗଣଙ୍କ ସହାୟତାରେ ଅପହୃତ ଗୋଙ୍କୁ ପଣି (ବୃତ୍ତ)ର ଗୁମ୍ଫାରୁ ମୁକ୍ତ କରନ୍ତି । ସାୟଣ ମଧ୍ୟ ଗୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶବ୍ଦର ଅର୍ଥ । ତେଣୁ ବୈଦିକ ଗାବଃ ପ୍ରକାଶ ରଶ୍ମି ଅର୍ଥରେ ଗ୍ରହଣୀୟ । ବେଦରେ ମଧ୍ୟ ଉଷାକୁ ଗୋମତୀ ଓ ତାଙ୍କର ରଥକୁ 'ଗୋମତହିରଣ୍ୟବତ୍' କୁହାଯାଏ । ଏହି ଇନ୍ଦ୍ରିୟ ବିଭିନ୍ନ ଅଙ୍ଗମାନଙ୍କରେ କାର୍ଯ୍ୟ କରୁଥିବାରୁ ଏହାକୁ 'ଗୋ' ସଂଜ୍ଞା ଦିଆଯାଇଛି । "ଗୋଚର ଅର୍ଥ – ଚକ୍ଷୁ, ଶ୍ରୋତ୍ର ଆଦି ଦ୍ୱାରା କୌଣସି ବସ୍ତୁର ସୁନ୍ଦରତା ଲାଭ କରିବା । ସୌନ୍ଦର୍ଯ୍ୟାନୁଭୂତିରେ ଏହି ଗୋଚରଣର ମହତ୍ତ୍ୱ ଅଧିକ । ଋକବେଦରେ ଓଂ, ସୁ, ସୋମ, ସ୍ୱସ୍ତି ଆଦି ପ୍ରତୀକଗୁଡିକର ମୂଳରେ ସୌନ୍ଦର୍ଯ୍ୟ ମୀମାଂସର ଗହନ ତଥ୍ୟ ଭାରି ରହିଛି । ସ୍ୱସ୍ତି ଶବ୍ଦ ସୁ ଓ ଅସ୍ତି ସମନ୍ୱୟରେ ଗଠିତ । ସୁ' ଅର୍ଥ ସୁନ୍ଦର ଓ ଅସ୍ତି ସତ୍ତର ଦ୍ୟୋତକ । ପୁନଶ୍ଚ ସ୍ୱସ୍ତିଦା ପୂଷା (ଇନ୍ଦ୍ର) ନିଜେ ଅଭୟଙ୍କର ଆମକୁ ଅଭୟତମ ମାର୍ଗରେ ଘେନି ଚାଲନ୍ତି ସ୍ୱସ୍ତିଶା ରଥର ବିଶେଷତ୍ୱ ହେଲା ଏହା ସେହିପରି ଅନେକ ପଥ ଯହିଁରେ ପଥିକ ହେଲେ କୌଣସି ବିଘ୍ନ ଆସେ ନାହିଁ । ଆନନ୍ଦରୂପୀ ମହାଧନ ପ୍ରାପ୍ତ ହୁଏ । ଆନନ୍ଦାନୁଭୂତିର ଏହି ଚରମସୀମାକୁ ସ୍ୱସ୍ତି କୁହାଯାଏ ।" ସେହିପରି ବୈଦିକ ସୋମ ଶବ୍ଦ ମଧ୍ୟ ନନ୍ଦନତତ୍ତ୍ୱ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । ସୋମ ଆନନ୍ଦାନୁଭୂତିର ପ୍ରତୀକ । ସୋମରସ ମନ ଓ ଦେହକୁ କ୍ଷୁବ୍ଧ କରେ ନାହିଁ ଏହା ମନ ଓ ଶରୀରକୁ ରକ୍ଷା କରିଥାଏ । ଆନନ୍ଦ ଓ ସୋମର ଘନିଷ୍ଠ ସମ୍ବନ୍ଧ ରହିଛି । ଏ ଦୁହିଁଙ୍କ ସମ୍ବନ୍ଧରେ ବେଦରେ ପ୍ରାୟ ଏକ ପ୍ରକାର କ୍ରିୟା ବର୍ଣ୍ଣନା କରାଯାଇଛି । "ସୋମକୁ 'ଭଜମାନଂ ହିରଣ୍ୟୟଂ' କୁହାଯାଇଛି ଓ ହିରଣ୍ୟମୟ କୋଷର ପରମାନନ୍ଦ ମଧ୍ୟ ବର୍ଣ୍ଣନା ରହିଛି । ସୋମ ନିମନ୍ତେ ବ୍ୟବହୃତ ମଧୁ, ମଧୁମତ୍ତମ, ମଧୁପରୁଷତଃ, ମଧୁମେୟ ଆଦି ଶବ୍ଦ ଆନନ୍ଦ ନିମନ୍ତେ ମଧ୍ୟ ପ୍ରଯୁକ୍ତ ହୋଇପାରେ । ସେଥିପାଇଁ ଆଧ୍ୟାତ୍ମିକ ଆନନ୍ଦର ବିଦ୍ୟାକୁ ମଧୁ ବିଦ୍ୟା କୁହାଯାଇଛି ।" ବେଦରେ ସୁନ୍ଦର ତଥା ସୌନ୍ଦର୍ଯ୍ୟ ଶବ୍ଦର ବ୍ୟବହାର ନ ଥିଲେ ହେଁ ଆନନ୍ଦ, ନନ୍ଦ, ମୋଦ, ଆମୋଦ, ମୃଦ, ପ୍ରମୁଦ, ପ୍ରିୟ ଆଦି ଅନେକ ଶବ୍ଦ ମିଳେ, ଯାହା ଦ୍ୱାରା ଆନନ୍ଦାନୁରୂପୀ ବା ସୌନ୍ଦର୍ଯ୍ୟାନୂଭୂତିର ଧାରଣା କରାଯାଇପାରେ । ମାନବଶରୀରରେ ଆନନ୍ଦାନୁରୂପୀ

Listen to Odia Podcast Original at https://youtube.com/@drjyotiprasad

ଦେବପୁରର ସ୍ଥିତି ସ୍ୱୀକାର କରି ଅଥର୍ବ ବେଦରେ କୁହାଯାଇଛି ଯେ, ଏହି ପୁରରେ ବାସ କରୁଥିବା ଆତ୍ମା, ପୁରୁଷ ବୋଲାଏ । ଏହି ପୁର ମଧ୍ୟରେ, ହିରଣ୍ମୟ କୋଷ, ସ୍ୱର୍ଗ, ବ୍ରହ୍ମପୁରୀ ଇତ୍ୟାଦି ବିରାଜମାନ ଏହି ସ୍ୱର୍ଗରୁ ଆନନ୍ଦର ସ୍ରୋତ ବହି ଆସୁଛି । "ବେଦରେ ଉର୍ବଶୀ ଅଭୟ ଜ୍ୟୋତି ରୂପେ ବର୍ଣ୍ଣିତ । ବୈଦିକ ସ୍ରଷ୍ଟା ତାଙ୍କୁ ଅଭୟମ୍ ଜ୍ୟୋତି ଭାବେ ପ୍ରାର୍ଥନା କରିଛନ୍ତି । ବ୍ୟାପକ ସୁଖରେ ଅବସ୍ଥାନ କରୁଥିବା ବ୍ୟକ୍ତି ଅଭୟ ଜ୍ୟୋତି ଅନୁଭବ କରିପାରେ । ବେଦରେ ଉର୍ବଶୀ ଆନନ୍ଦ ସ୍ୱରୂପିଣୀ । ବୃହତ ଦିବାରେ ହିଁ ବ୍ୟାପକ ସୁଖ ବା ଉପଭୋଗରୂପିଣୀ ଉର୍ବଶୀ ବିଚରଣ କରନ୍ତି । ମହତ ଆନନ୍ଦ ଓ ଦସ୍ୟୁମାନଙ୍କୁ ମାରିବା ପାଇଁ ଦେବତାମାନେ ଯେଉଁ ପୁରୁରବା ଦେବତାମାନଙ୍କର ଇଚ୍ଛା ପୂରଣ ନ କରିବାରୁ ଉର୍ବଶୀ ତାଙ୍କଠାରୁ ବିଦାୟ ନେଇ ଚାଲିଯାଇଛନ୍ତି । ମାନବୀୟ ଉପଭୋଗର ସାମଗ୍ରୀ ହେବ ଓ ମାନବୀୟ ଦାୟିତ୍ୱ ବହନ କରିବା ପାଇଁ ଉର୍ବଶୀ ଚାହିଁ ନାହାନ୍ତି । ମାନବୀୟ ଓ ଦିବ୍ୟ ଚେତନା ମଧ୍ୟରେ ପାରସ୍ପରିକ ବିନିମୟ ହିଁ ଉର୍ବଶୀ ପୁରୁରବା ଉପାଖ୍ୟାନର ମର୍ମ । ସ୍ୱର୍ଗୀୟ ଆନନ୍ଦ କେବେହେଲେ ମାନବୀୟ ପ୍ରକୃତିର ଇତର ବା ତୁଚ୍ଛ ଉପାଦାନ ସହିତ ସହାବସ୍ଥାନ କରି ନ ପାରେ । ସ୍ୱଭାବର ଶୁଦ୍ଧତା ସମ୍ପାଦନ କରି ମାନବକୁ ଉଚ୍ଚତର ଦିବ୍ୟ ଆନନ୍ଦର ଶୀର୍ଷ ଦେଶକୁ ଉଠିବାକୁ ପଡିବ, ତେବେ ଯାଇ ସେ ଦିବ୍ୟ ଆନନ୍ଦ, ଅସୀମ ଆଲୋକ, ଉର୍ବଶୀଙ୍କୁ ମାନବ ସହିତ ସହାବସ୍ଥାନ କରିବା ପାଇଁ ଅଭିଳାଷ ପୋଷଣ କରିପାରେ ।" ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ମାନବୀୟ ସୌନ୍ଦର୍ଯ୍ୟ ଚେତନାର ଆଦିମ ନିଦର୍ଶନ ଋକବେଦର ସମ୍ବାଦ ସୂକ୍ତିରେ ଦେଖିବାକୁ ମିଳେ ।

ଉପନିଷଦ ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣ

ଉପନିଷଦରେ ନନ୍ଦନତତ୍ତ୍ୱ ଦୃଷ୍ଟିରୁ ଆନନ୍ଦ ପ୍ରମୁଖ ସ୍ଥାନ ଅଧିକାର କରିଛି । ଆନନ୍ଦତତ୍ତ୍ୱ ଉପରେ ଭାରତୀୟ ଦର୍ଶନ ଭଳି ଭାରତୀୟ ନନ୍ଦନତତ୍ତ୍ୱ ଅଧିକ ଗୁରୁତ୍ୱ ଦେଇଛି । ଏହାକୁ କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ, କଳାର ସୌନ୍ଦର୍ଯ୍ୟତତ୍ତ୍ୱ ଦୃଷ୍ଟିରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟ ବିଚାର କରାଯାଇପାରେ । "ତୈତ୍ତିରୀୟୋପନିଷଦର ବ୍ରହ୍ମାନନ୍ଦ ବାଲିରେ ମାନବ ଶରୀରରେ ପଞ୍ଚକୋଶର ନିରୂପଣ ରହିଛି – ଅନ୍ନ ରସମୟ କୋଷ, ପ୍ରାଣମୟ କୋଷ ମନୋମୟ କୋଷ, ବିଜ୍ଞାନମୟ କୋଷ, ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷ । ଏହି ପଞ୍ଚ କୋଷ ପଞ୍ଚ ପୁରୁଷ ରୂପେ ଗ୍ରହଣ କରାଯାଇଛି ମାତ୍ର ଏହା ଏକ ଓ ଅଭିନ୍ନ । ପଞ୍ଚ କୋଷରେ ରମଣ କରୁଥିବା ପୁରୁଷ ଏକ  ମାନବୀୟ ବ୍ୟକ୍ତିତ୍ୱର ପାଞ୍ଚଗୋଟି ସ୍ତର । ପଞ୍ଚ ପୁରୁଷ ଏକ ଆତ୍ମାର ବିଭିନ୍ନ କୋଷରେ ରମଣ କରୁଥିବା ପାଞ୍ଚଗୋଟି ନାମ । ଆନନ୍ଦମୟ କୋଷକୁ ବର୍ଣ୍ଣନା କରି ଉପନିଷଦରେ ଏହା କୁହାଯାଇଛି କି – ବିଜ୍ଞାନମୟ ଠାରୁ ଆନନ୍ଦମୟ ସୂକ୍ଷ୍ମତର । ଏଥିରୁ ମିଳୁଥିବା ଆନନ୍ଦ ଏହାର ଶୀର ଆନନ୍ଦମୟ ପୁରୁଷର ଦକ୍ଷିଣ – ଉତ୍ତର ପକ୍ଷ ଆମୋଦ ପ୍ରମୋଦ । ଆନନ୍ଦ ଏହାର ଆତ୍ମା, ବ୍ରହ୍ମ ଏହାର ପୁଚ୍ଛ ପ୍ରତିଷ୍ଠା / ଶାଶ୍ୱତଭିତ୍ତି ଓ ଆଧାର "ତସ୍ମାଦ୍ଧା ଏତସ୍ମାଦ୍ଵିଜ୍ଞାନମୟାତ୍ ଅନ୍ୟୋନ୍ତର ଆତ୍ମାନନ୍ଦମୟଃ । ପ୍ରିୟମସ୍ୟ ଶିରଃ । ଆମୋଦୋ ଦକ୍ଷିଣଃ ପକ୍ଷଃ । ପ୍ରମୋଦୋ ଉତ୍ତରଃ ପକ୍ଷଃ । ଆନନ୍ଦ ଆତ୍ମା । ବ୍ରହ୍ମ ପୁଚ୍ଛ ପ୍ରତିଷ୍ଠା । ପ୍ରିୟ – ଆମୋଦ – ପ୍ରମୋଦ – ଏହି ତିନୋଟି ସ୍ତରରେ ଆନନ୍ଦ ମାତ୍ରାନୁସାରେ ବିଦ୍ୟମାନ ଥିଲେ ହେଁ ଶେଷରେ ଆନନ୍ଦ ଆତ୍ମା ଭାବେ ସ୍ୱୀକୃତ ହୋଇଛି ।" ମୁଣ୍ଡକ ଉପନିଷଦରେ ଏହି ଆତ୍ମାକୁ ଆନନ୍ଦ ରୂପ, ଅମୃତ କୁହାଯାଇଛି ଯାହାକୁ ଧୀବରମାନେ ବିଜ୍ଞାନମୟ କୋଷର ସହାୟତାରେ ଦେଖିପାରନ୍ତି ଆନନ୍ଦ ହିଁ ସ୍ଥିତିର ନିର୍ଯ୍ୟାସ । ଏହା ତ୍ରୈତ୍ତିରୀୟ ଉପନିଷଦ ବାରମ୍ବାର ଘୋଷଣା କରିଛି । ସେ ବ୍ରହ୍ମ ଓ ଆନନ୍ଦକୁ ଜାଣିଛନ୍ତି । ସକଳ ଭୂତଗୋଷ୍ଠୀ ଏହି ଆନନ୍ଦରୁ ଜାତ । ଆନନ୍ଦରେ ବଞ୍ଚୁଛନ୍ତି, ଆନନ୍ଦ ପ୍ରତି ଚାଲିତ ଓ ଆନନ୍ଦରେ ପ୍ରବେଶ କରୁଛନ୍ତି । ପୁନଶ୍ଚ ବ୍ରହ୍ମକୁ ଆନନ୍ଦ ଜାଣି ସେ ଭୟ ପରିହାର କରନ୍ତି । "ଆନନ୍ଦ ଓ ମୀମାଂସାର ସ୍ତରଭେଦ ଏହି ଉପନିଷଦରେ ବିଶେଷ ଭାବରେ ବର୍ଣ୍ଣିତ । ମାନବ ଲୋକର ଆନନ୍ଦ, ମାନବ ଗନ୍ଧର୍ବର ଆନନ୍ଦ, ଦେବା ଗନ୍ଧର୍ବର ଆନନ୍ଦ, ସ୍ଥାୟୀ ଦେବଙ୍କ ଆନନ୍ଦ, ଇନ୍ଦ୍ରଙ୍କ ଆନନ୍ଦ, ବୃହସ୍ପତିଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆନନ୍ଦ, ପ୍ରଜାପତିଙ୍କ ଆନନ୍ଦ ଓ ବ୍ରହ୍ମ ଆନନ୍ଦ । ଏହି ଶିଳ୍ପୀର ଆନନ୍ଦ ଭୌତିକ ଉପଭୋଗର ଊର୍ଦ୍ଧ୍ୱ ସ୍ତରର ଏକ ମାନବୀୟ ଆନନ୍ଦ । 'ରସେ ବୈସଃ ରସଂ ହ୍ୟେବାୟଂ ଲବ୍ଧ୍ୱ ଧାନନ୍ଦୀ ଭବତୀ' ଅର୍ଥାତ ସେ ହିଁ ରସ । ତାଙ୍କୁ ଲାଭ କରି ଆତ୍ମା ଆନନ୍ଦରେ ପରିପୂର୍ଣ୍ଣ ହୋଇଉଠେ ଭାରତୀୟ ଅଧ୍ୟାତ୍ମ ତତ୍ତ୍ୱ ଓ ନନ୍ଦନତତ୍ତ୍ୱରେ ଆନନ୍ଦ ଓ ରସ ଚେତନା ମୁଖ୍ୟ ସ୍ଥାନ ଅଧିକାର କରିଛି ।"

ଶିଳ୍ପ ଓ ଚାରୁକଳା ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣ

ଭାରତୀୟ ନନ୍ଦନତତ୍ତ୍ୱର ଉପାଦାନ ସଂଗ୍ରହ ପାଇଁ ଶିଳ୍ପଶାସ୍ତ୍ର (ସ୍ଥାପତ୍ୟ, ମୂର୍ତ୍ତି ଓ ଚିତ୍ରକଳା)ଗୁଡିକର ସହାୟତା ନିଆଯାଇପାରେ । ଭାରତୀୟ ଶିଳ୍ପ ତତ୍ତ୍ୱର ବିସ୍ତୃତ ବିବରଣୀ, ମାନସର ଶିଳ୍ପରତ୍ନ, ବିଷ୍ଣୁ ଧର୍ମୋତ୍ତର ପୁରାଣ, ଶୁକ୍ରନିତି, ଅଭିଳଷିତାର୍ଥ-ଚିନ୍ତାମଣି ପ୍ରଭୃତିରୁ ମିଳେ । ସକଳ ଲଳିତ କଳା ମାଧ୍ୟମରେ ଅନ୍ତଃ ସମ୍ବନ୍ଧ ବିଦ୍ୟମାନ । ବିଷ୍ଣୁ ଧର୍ମୋତ୍ତର ପୁରାଣରେ ଏହି ତତ୍ତ୍ୱର ଉଲ୍ଲେଖ ରହିଛି । ରାଜା ବ୍ରଜ ମାର୍କଣ୍ଡେୟ ଋଷିଙ୍କ ଠାରୁ ମୂର୍ତ୍ତି ନିର୍ମାଣ ବିଷୟକ ଜ୍ଞାନ ଲାଭ କରିବା ପାଇଁ ପ୍ରାର୍ଥନା କରିଲେ । ଋଷି ତାଙ୍କୁ ପ୍ରଥମେ ଚିତ୍ର ସୂତ୍ର ଶିଖାଇଲେ । ପ୍ରତିମା ନିର୍ମାଣ ନିମନ୍ତେ ଭାସ୍କର୍ଯ୍ୟ ଚିତ୍ରକଳାର ତାତ୍ପର୍ଯ୍ୟ ବୁଝାଇଲେ । ଅଧିକ ଜ୍ଞାନ ଲାଭ ପାଇଁ ନୃତ୍ୟକଳା ଶିଖାଇଲେ । ନୃତ୍ୟର ସଫଳ ରୂପାୟନ ପାଇଁ ଯନ୍ତ୍ର ସଙ୍ଗୀତ ବିଷୟକ ଜ୍ଞାନ ଦେଲେ । ଯନ୍ତ୍ର ସଙ୍ଗୀତ ସ୍ୱର ସଙ୍ଗୀତ ଦ୍ୱାରା ନିୟନ୍ତ୍ରିତ । ଏଣୁ ପୁଣି ରାଜାଙ୍କୁ ସ୍ୱର ସଙ୍ଗୀତରୁ ଚିତ୍ରକଳା ପର୍ଯ୍ୟନ୍ତ ଶିକ୍ଷାଦାନ କଲେ । ତେଣୁ କୌଣସି ଗୋଟିଏ ବିଷୟରେ ଦକ୍ଷତା ଅର୍ଜନ ନିମନ୍ତେ ଅନ୍ୟ କଳା ବିଷୟକ ଜ୍ଞାନ ଲାଭ କରିବାକୁ ପଡିଥାଏ । ତାହା ହିଁ ନାନ୍ଦନିକ ଦୃଷ୍ଟିକୋଣ ଉପରେ ନିର୍ଭର କରିଥାଏ । "ତରଙ୍ଗାଗ୍ନି ଶିଖାଧୂମ୍ର ବୈଜୟନ୍ତ୍ୟ ମ୍ବରାଦିକମ୍/ବାୟୁ ଗତ୍ୟା ଲିଖେଦ୍ୟସ୍ତୁ ବିଜ୍ଞେୟଃ ସତୁ ଚିତ୍ରବିତ/ସୁପ୍ତଂ ଚ ଚେତନାଯୁକ୍ତଂ ମୃତଂ ଚୈତନ୍ୟ ବର୍ଜିତଂ/ନିମ୍ନୋନ୍ନତ ବିଭାଗଂ ଚ ଯଃ କରୋତି ସ ଚିତ୍ରବିତ୍/ଲସତୀବ ଚ ଭୂଲମ୍ବୋ ବିଭ୍ୟତୀବ ତଥା ନୃପ/ହାସତୀବ ଚ

Listen to Odia Podcast Original at https://youtube.com/@drjyotiprasad

ମାଧୁର୍ଯ୍ୟଂ ସଜୀବ ଇବ ଦୃଶ୍ୟତେ/ସଶ୍ୱାସ ଇବ ସଚ୍ଚିତ୍ରଂ ତଚ୍ଚିତ୍ରଂ ଶୁଭଲକ୍ଷଣଂ ।”

ସୋମେଶ୍ୱରଙ୍କ ମାନସୋଲ୍ଲାସ (ଅଭିଳଷିତାର୍ଥ ଚିନ୍ତାମଣି) ଓ ଶ୍ରୀକୁମାର ଚରିତ ଶିଳ୍ପ ରତ୍ନ ଗ୍ରନ୍ଥରେ ଚିତ୍ରକଳାର ଆଉ କେତୋଟି ବୈଶିଷ୍ଟ୍ୟ ଓ ଲକ୍ଷଣ ନିର୍ଦ୍ଦେଶ ରହିଛି । ବିଦ୍ଧ – ଅବିଦ୍ଧ ଓ ରସ ଚିତ୍ର ନାମରେ ଚିତ୍ରର ଶ୍ରେଣୀ ବିଭାଗ କରି ପ୍ରତ୍ୟେକ ଚିତ୍ରର ବିଶେଷତ୍ୱ ଦର୍ଶାଇ ଦିଆଯାଇଛି । ଦର୍ପଣରେ ପ୍ରତିବିମ୍ବ ଭଳି ପ୍ରକୃତିର ନିଛକ ଅନୁସାରଣର ସାଦୃଶ୍ୟ ଚିତ୍ରମୂର୍ତ୍ତିରେ ଦେଖିବାକୁ ମିଳୁଥିଲେ ତାହାକୁ ବିଦ୍ଧ ଚିତ୍ର କୁହାଯାଏ । “ସଦୃଶ୍ୟଂ ଲିଖ୍ୟତେ ଯତ୍ତୁ ଦର୍ପଣେ ପ୍ରତିବିମ୍ବବତ ।” ଅନ୍ୟପକ୍ଷରେ କାଳ୍ପନିକ ଓ ଆକସ୍ମିକ ରୂପେ ଅଙ୍କିତା ତଥା କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନ ଥାଇ କେବଳ ରୂପରେ ସାଦୃଶ୍ୟ ଦେଖିବାକୁ ମିଳୁଥିଲେ ସେହିପରି ଚିତ୍ରକୁ ଅବିଦ୍ଧ ଚିତ୍ର କୁହାଯାଏ । “ଆକସ୍ମିକଂ ଲେଖାମିତି ଯଦନୁଦ୍ଦିଶ୍ୟ ଲିଖ୍ୟତେ/ଆକାର ମାତ୍ର ସମ୍ପନ୍ନେ ତଦବିଦ୍ଧିମିତି ସ୍ମୃତମ୍ ।” ଭାରତୀୟ ଚାରୁକଳାରେ ରସଚିତ୍ର ମହତ୍ତ୍ୱ ସର୍ବାଧିକ । ଯେଉଁସବୁ ଚିତ୍ରରୁ ଶୃଙ୍ଗାରାଦି ରସ ଦର୍ଶନ ମାତ୍ରେ ସ୍ୱତଃ ଅନୁଭୂତ ହୁଏ ତାହାକୁ ସହୃଦୟ ଚିତ୍ତ ପ୍ରକୃତ ରସ ବା ଭାବ ଚିତ୍ର ରୂପେ ଗ୍ରହଣ କରାଯାଏ । ଏହି ଗ୍ରହଣୀୟ ରୂପ ବିଶିଷ୍ଟ ଚିତ୍ର ଦେଶ – କାଳ – ଯୁଗାନୁଯାୟୀ ଅଙ୍କନ ହୋଇଥିଲେ ତାହା ଅମର ହୁଏ । ଅନ୍ୟ ପକ୍ଷରେ ଏହାର ବ୍ୟତିକ୍ରମ ହେଲେ ସେପରି ସୃଷ୍ଟି ଅନାଦୃତ ଓ ନଶ୍ୱର ହେବାକୁ ବାଧ୍ୟ । ଯେଉଁ ଚିତ୍ର ନୟନ ବିଷୟ ଅର୍ଥାତ ନେତ୍ରୋତ୍ସବ ସମ୍ପାଦନ କରେ ଓ ଯଥାର୍ଥ କୌଶଳ, ସୌନ୍ଦର୍ଯ୍ୟ, ମନୋହାରିତ୍ୱ ଓ ରସ ବିଶିଷ୍ଟ ତାହା ଅଭିଳଷିତ ଫଳ ପ୍ରଦାନ କରେ । ତାହାହିଁ ନନ୍ଦନତତ୍ତ୍ୱର ପର୍ଯ୍ୟାୟବାଚୀ ହୋଇଥାଏ । ଚିତ୍ରିତ ମୂର୍ତ୍ତି ଜୀବନ୍ତ ଭଳି ପ୍ରତୀତ ହେଲେ ଓ ହୃଦୟଭାବ ଅଙ୍ଗମାନଙ୍କରେ ତଥା ମୁଖ ଭଙ୍ଗୀରେ ସମ୍ପୂର୍ଣ୍ଣ ଅଭିବ୍ୟଞ୍ଜିତ ହେଲେ ଉତ୍ତମ ଚିତ୍ର ରୂପେ ଗୃହୀତ ହୋଇଥାଏ । “ଭାରତୀୟ ନନ୍ଦନତତ୍ତ୍ୱର ଦୁଇଟି ପ୍ରମୁଖ ଶବ୍ଦ ରସ ଓ ଭାବ ସ୍ଥାପତ୍ୟ ତଥା ଚିତ୍ର ପ୍ରତି ମଧ୍ୟ ପ୍ରଯୁଜ୍ୟ ସୋମେଶ୍ୱରଙ୍କ ‘ମାନସୋଲ୍ଲାସ’ ଗ୍ରନ୍ଥରେ ଏହାର ବିଶେଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଲୋଚନା ମିଳେ । 'ବୃହତ ସଂହିତା'ରେ ଶିଳ୍ପୀଙ୍କୁ ପ୍ରତିମା ନିର୍ମାଣ ନିମନ୍ତେ ଯଥାଯଥା ଦୈହିକ ପ୍ରମାଣ, ଅଳଙ୍କାର, ବେଶ ଓ ପ୍ରସାଧନ ବିଧାନ ସେଗୁଡ଼ିକର ଉଦ୍ଭବ ସ୍ଥାନ ଉପରେ ଦୃଷ୍ଟି ରଖିବାର ପରାମର୍ଶ ରହିଛି । ଯେଉଁ ପ୍ରତିମା ଏହି ଶୁଭଲକ୍ଷଣ ଯୁକ୍ତା ତାହା ଭକ୍ତର ସୌଭାଗ୍ୟ ବହନ କରିଥାଏ ।"

ପୌରାଣିକ ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣ

ବାତ୍ସାୟନଙ୍କ କାମ ସୂତ୍ରରେ ଏହି ଚିତ୍ର ତତ୍ତ୍ୱର କୌଶଳ ସୁନ୍ଦର ଭାବରେ ବର୍ଣ୍ଣିତ । ଏହି ଗ୍ରନ୍ଥର ଜୟମଙ୍ଗଳା ଟୀକାରେ ଯଶୋଧର ପଣ୍ଡିତ ଚିତ୍ରର ତତ୍ତ୍ୱ ଓ କୌଶଳ ସମ୍ପର୍କରେ ଆଲୋକପାତ କରିଛନ୍ତି ଚିତ୍ରର ଏହି ଷଡଙ୍ଗ ତତ୍ତ୍ୱ ଅଳ୍ପାଧିକ ଭାବେ ସକଳ ଲଳିତ କଳା ପ୍ରତି ପ୍ରଯୁଜ୍ୟ । ଅବନୀନ୍ଦ୍ର ନାଥଙ୍କ ମତରେ ଏହା ଶିଳ୍ପର ମନ୍ତ୍ର ସ୍ୱରୂପ । କାରଣ ଚିତ୍ରକର ଏଥିମଧ୍ୟରୁ ଏକ ବା ଏକାଧିକର ସହାୟତାରେ ଚିତ୍ର ରଚନା କରିଥାନ୍ତି । କବିତାରେ ଲାବଣ୍ୟ,  ଭାବ ଓ ସାଦୃଶ୍ୟ ବିଧାନ – ଚିତ୍ରକଳାର ଏହି ତିନି ଅଙ୍ଗର ମହତ୍ତ୍ୱ ମୁଖ୍ୟତଃ ସ୍ୱୀକୃତ । ଶିଳ୍ପୀର ସ୍ପର୍ଶରେ ଶିଳ୍ପର ଲାବଣ୍ୟ ଫୁଟେ । ଚିତ୍ରକଳାର ଷଡଙ୍ଗ ତତ୍ତ୍ୱରେ ଭାରତୀୟ କଳା ତତ୍ତ୍ୱର ବହୁ ଗହନ ରହସ୍ୟ ଆଜି ମଧ୍ୟ ଶିଳ୍ପ ସମାଲୋଚକର ଆଲୋଚନାର ଅପେକ୍ଷା ରଖିଆସିଛି । ଆନନ୍ଦକୁମାର ସ୍ୱାମୀ ବୌଦ୍ଧଗ୍ରନ୍ଥ ଅଥଚ ଶାଳିନୀରୁ ଶିଳ୍ପର ଧ୍ୟାନାବସ୍ଥାରେ ପ୍ରାପ୍ତ ହେଉଥିବା ରୂପର ଗଠନ ପ୍ରକ୍ରିୟା ସମ୍ବନ୍ଧରେ କହିଛନ୍ତି – "ଶିଳ୍ପୀର ମନରେ ଏକ ଚିତ୍ତ ସଂଜ୍ଞା ଉଦୟ ହୁଏ ।" କେଉଁ ରୂପ କେଉଁ ଉପାୟରେ ସୃଷ୍ଟି କରାଯିବ, ତାହା ସେହି ଚିତ୍ତ ସଂଜ୍ଞା ଅନୁସାରେ ନିରୂପିତ ହୁଏ । ମନ ହିଁ  ବିଭିନ୍ନ କଳା ସୃଷ୍ଟି କରିଚାଲିଛି । ଏହିଭଳି ସଂଜ୍ଞା ଋଷି ବା ଯୋଗୀର ନୁହେଁ, ଶିଳ୍ପୀର ମନରେ ହିଁ ଉଦୟ ହୁଏ ଓ ଶିଳ୍ପୀ ହିଁ ଏକ ବିଶେଷ ରୂପ କେଉଁ ଉପାୟରେ ସୃଷ୍ଟି କରାଯିବ ତାହା ସ୍ଥିର କରିଥାନ୍ତି ଚିତ୍ତ ସଂଜ୍ଞା ବା ଚିତ୍ତ ପ୍ରତିଭା ହିଁ ସୌନ୍ଦର୍ଯ୍ୟ ସୃଷ୍ଟି କରେ ଓ କଳାରେ ଅଭିବ୍ୟକ୍ତ ହୁଏ ଏହି ମନୋଭାବକୁ ନାନ୍ଦନିକ କୁହାଯାଏ । ବୁଦ୍ଧ ଘୋଷଙ୍କ ଧମ୍ମ ସଙ୍ଗିନୀର ଟୀକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଥଥଶାଳିନୀରେ ଶିଳ୍ପୀର ସୃଜନ ଲୀଳା ସମ୍ବନ୍ଧରେ ଅଳ୍ପ କେତୋଟି ଧାଡିରେ ଯେଉଁ କଥା କହିଲେ ତାହା କ୍ରୋଚଙ୍କର ବହୁ ପ୍ରଚାରିତ ଅଭିବ୍ୟଞ୍ଜନାବାଦ ସହିତ ସାମ୍ୟ ରକ୍ଷା କରେ । ପାର୍ଥକ୍ୟ ଏତିକି ଯେ କ୍ରୋଚେ କେବଳ ଆନ୍ତରିକ ମୂର୍ତ୍ତିକୁ କଳାର ଶେଷକଥା କହିଛନ୍ତି ଓ କଳା ସୃଷ୍ଟି ସେହି ଆନ୍ତରିକ ମୂର୍ତ୍ତିର ବାହ୍ୟ ପ୍ରତିବିମ୍ବ ମାତ୍ର ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ବୁଦ୍ଧଘୋଷ କଳାର ଧ୍ୟାନଲବ୍ଧ ରୂପ ରହସ୍ୟର ବାହ୍ୟ ଅଭିବ୍ୟକ୍ତି ପାଇଁ କଳାକାରର ପ୍ରଯତ୍ନ ଉପରେ ଗୁରୁତ୍ୱ ଦେଇଛନ୍ତି । "ଧ୍ୟାନ ବଳରେ ମାନସିକ ମୂର୍ତ୍ତିର ପରିଷ୍କରଣ କରି କଳାକାର ରେଖା ଓ ରଙ୍ଗ ସହାୟତାରେ ଯେଉଁ ମୂର୍ତ୍ତି ନିର୍ମାଣ କରେ, ତାହା ତାଙ୍କୁ ଅଧିକ ଧ୍ୟାନସ୍ଥ ତଥା ନବୀନ ରୂପ ସୃଷ୍ଟି ନିମନ୍ତେ ଉଦ୍‌ବୁଦ୍ଧ କରେ । କୁମାର ସ୍ୱାମୀ ଭାରତୀୟ ଶିଳ୍ପୀର କଳା ସୃଷ୍ଟି ସମ୍ବନ୍ଧରେ ଏକ ରହସ୍ୟମୟ ବିଧି ବୌଦ୍ଧ ଗ୍ରନ୍ଥରୁ ସଂଗ୍ରହ କରି ଉଲ୍ଲେଖ କରିଛନ୍ତି – ଶିଳ୍ପୀ ଏକ ନିର୍ଜନ ସ୍ଥାନରେ ବୁଦ୍ଧ ଓ ବୋଧିତତ୍ତ୍ୱମାନଙ୍କ ଉଦ୍ଦେଶ୍ୟରେ ବନ୍ଦନା ଗାନ କରି ଭକ୍ତିପୂତ ପୁଷ୍ପାଞ୍ଜଳି ପ୍ରଦାନ କରିବେ । ମନର ଶୁଦ୍ଧ କାରଣ ଲାଗି ନିଜର ସୃଷ୍ଟି ସମ୍ପଦରେ ଯୋଗ୍ୟ ଭଳି ଧ୍ୟାନରତ ହେବେ, ଚେତନାର ଅତଳରୁ ରେଖା, ରଙ୍ଗ, ଭଙ୍ଗୀ ବିଶିଷ୍ଟ ଦେବତାଙ୍କ ଆବିର୍ଭାବ ଘଟିବ । ଏହି ମହୋଜ୍ଜ୍ୱଳ ମୂର୍ତ୍ତି ହିଁ ଶିଳ୍ପୀଙ୍କର ଆଦର୍ଶ ।" 'ଅଗ୍ନିପୁରାଣ'ରେ ମୂର୍ତ୍ତିକାଙ୍କୁ ଉପଦେଶ ଦିଆଯାଇଛି ସେ ମୂର୍ତ୍ତି ନିର୍ମାଣର ପୂର୍ବ ରାତ୍ରିରେ ଯଥୋଚିତ ପୂଜାବିଧି ସମ୍ପାଦନା ପୂର୍ବକ ବିଶୁଦ୍ଧ ଚିତ୍ତରେ ନିଜର ଇଷ୍ଟଦେବଙ୍କୁ ପ୍ରାର୍ଥନା କରିବେ ଦେବତା । ତାଙ୍କ ସ୍ୱପ୍ନରେ ଦର୍ଶନ ଦେଇ ଯେଉଁ ମୂର୍ତ୍ତି ଗଢିବା ପାଇଁ ସେ ପରିକଳ୍ପନା କରିଛନ୍ତି ତତ୍ ସମ୍ବନ୍ଧରେ ଶିକ୍ଷା ଦେବେ । ଶିଳ୍ପୀ ତା ସ୍ୱପ୍ନରେ ଦେଖିଥିବା ଦେବତା ମୂର୍ତ୍ତିର ଅନୁରୂପ ଶିଳ୍ପ ସୃଷ୍ଟି କରିବେ । କଳା ସୃଷ୍ଟି ସହିତ ସ୍ୱପ୍ନର ସମ୍ପର୍କ ଏଥିରେ ସୂଚିତ ହୁଏ ।

ସୌନ୍ଦର୍ଯ୍ୟର ଦାର୍ଶନିକ ବିଚାର ଆଲୋଚନା ଫଳରେ ଯେଉଁପରି ନନ୍ଦନତତ୍ତ୍ୱ ଶାସ୍ତ୍ର ନାମକ ଏକ ସ୍ୱତନ୍ତ୍ର ଶାସ୍ତ୍ର ଗଢି ଉଠିଛି । ବାଲ୍ମୀକି, ବ୍ୟାସ, କାଳିଦାସ, ଭାରବି, ଭବଭୂତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓ ମଘ ଆଦି ସଂସ୍କୃତ ମହାକବିମାନଙ୍କ ରଚନାରୁ ସ୍ଥଳବିଶେଷରେ ଉଦ୍ଧାର କରି ଏଠାରେ କବିମାନଙ୍କର ସୌନ୍ଦର୍ଯ୍ୟ ଭାବନାର ଏକ ପରିଣତ ଓ ପୂର୍ଣ୍ଣ ପରିଚୟ ବିଚାର କଲେ ନନ୍ଦନତତ୍ତ୍ୱର ବହୁ ଦିଗ ଅବଲୋକନ କରିହୁଏ । ବାଲ୍ମୀକି ରାମଙ୍କର ରୂପ ସୌନ୍ଦର୍ଯ୍ୟର ଅତୁଳ ଚିତ୍ର ଅଙ୍କନ କରି ଯେଉଁ ଆଦର୍ଶ ଉପସ୍ଥାପନ କରିଛନ୍ତି ତାହା ଭାରତୀୟ ଆର୍ଯ୍ୟପୁରୁଷର ଆଙ୍ଗିକ ଗଠନ ସୌଷ୍ଠବର ଯଥାର୍ଥ ଧାରଣା ପ୍ରଦାନ କରେ । ଦ୍ୟୁତିମାନ, ସମବିଭକ୍ତାଙ୍ଗ, ସ୍ନିଗ୍ଧବର୍ଣ୍ଣ, ସୁଲକ୍ଷଣ ଓ ସମାଶ୍ରିତ ଅଙ୍ଗ ରାମଚନ୍ଦ୍ରଙ୍କର ଦୈହିକ ବର୍ଣ୍ଣନାରୁ ଜଣାଯାଏ ଆଦିକବି ଅଙ୍ଗ ସଂସ୍ଥାନ, ବର୍ଣ୍ଣ ପ୍ରଦୀପ୍ତି, ସାମଞ୍ଜସ୍ୟ, କୋମଳତା, ବିଭିନ୍ନତା ମଧ୍ୟରେ ଏକତା ପ୍ରମାଣ, ଲାବଣ୍ୟ, ଉଜ୍ଜ୍ୱଳତା ପ୍ରଭୃତି ରୂପଗତ ସୌନ୍ଦର୍ଯ୍ୟର ବିଧାୟକ ଗୁଣଗୁଡିକ ସମ୍ବନ୍ଧରେ ସଚେତନ ଥିଲେ । "ମଳପଙ୍କ ଧରାଂ ଦୀନାଂ ମଣ୍ଡନାର୍ହାମମଣ୍ଡିତାମ୍/ପ୍ରଭାଂ ନକ୍ଷତ୍ର ରାଜସ୍ୟ କାଳମେ ଘୈରିବାବୃତାମ୍/ତସ୍ୟ ସଂଦିଦିହେ ବୁଦ୍ଧି ସ୍ତଥା ସୀତାଂ ନିରୀକ୍ଷ୍ୟ ଚ/ଅମ୍ନାୟାନାମ ଯୋଗେନ ବିଦ୍ୟାଂ ପ୍ରଶିଥିଳାମିବ/ଦୁଃଖେନ ବୁବୁଧେ ସୀତାଂ ହନୁମାନ ନଂକୃତାମ୍/ସଂସ୍କାରେଣ ତଥା ହୀନାଂ ବାଚମର୍ଥାନ୍ତରଂ ଗତାମ୍ ।" ଗୀତାରେ ବିଶ୍ୱବ୍ୟାପୀ ଏହି ସୌନ୍ଦର୍ଯ୍ୟତତ୍ତ୍ୱର ସ୍ୱର୍ଶଧନ୍ୟ ସମ୍ବନ୍ଧରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି– ଯାହାକିଛି ବିଭୂତି ମତ, ମଙ୍ଗଳ, ସୁନ୍ଦର ଓ ଶକ୍ତିଶାଳୀ ସେ ସମସ୍ତ ମୋର ତେଜଅଂଶରୁ ସମ୍ଭବ ହୋଇଥିବା ଜାଣ । "ଯଦ୍ ଯଦ୍ ବିଭୂତିମତ୍ ସତ୍ତ୍ୱଂ ଶ୍ରୀମଦୂର୍ଜିତ ମେବ ବା/ତତ୍ତ ଦେବାବଗଚ୍ଛ ତ୍ୱଂ ସମ ତେଜୋଅଂଶସମ୍ଭବମ୍ ।" କବି ଏଠାରେ ଭଗବାନଙ୍କୁ ପରମ ସୁନ୍ଦର କହିଛନ୍ତି । ତାଙ୍କରି ଠାରେ ହିଁ ସୁନ୍ଦରର ଅନୁଭବ ହୋଇପାରେ । ଭାସଙ୍କ 'ପ୍ରତିମାନଟକମ୍'ରେ ନନ୍ଦନତତ୍ତ୍ୱ ସମ୍ପର୍କରେ ରହିଛି – ପରିଚାରିକା ଅବଦାତିକା ଠାରୁ ବଲ୍କଳ ମାଗିନେଇ ସୀତା ପରିଧାନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ଓ ସଖୀକୁ ପଚାରୁଛନ୍ତି – ଖଳୁ ମମାପି ତାବତ ଶୋଭତେ ? (ମୋତେ ଏହା କ'ଣ ଭଲ ଦେଖାଯିବ ?) ଉତ୍ତରରେ ସଖୀ କହିଛି – ସର୍ବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୋଭନୀୟଂ ସୁରୂପଂ ନାମ – ସୁନ୍ଦର ରୂପକୁ ସବୁକିଛି ଶୋଭା ଦେଖାଯାଏ । ବଲ୍କଳ ପିନ୍ଧିବା ପରେ ସୀତା ପୁନଶ୍ଚ ସଖୀକୁ ପଚାରୁଛନ୍ତି ଓ ଉତ୍ତରରେ ପାଇଛନ୍ତି – ତବ ଖଲୁ ଶୋଭତେ ନାମ । ସୌବର୍ଣ୍ଣିକମିବ ବଲ୍କଳମ୍ ସବୃତ୍ତମ୍– ଆପଣଙ୍କୁ କି ସୁନ୍ଦର ମନୁଚି ! ଏ ବଲ୍କଳ ସୁବର୍ଣ୍ଣ ନିର୍ମିତ ଭଳି ପ୍ରତୀତ ହେଉଛି ସୁନ୍ଦରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଅଳଙ୍କାରର ପ୍ରୟୋଜନ ହୁଏ ନାହିଁ । ସ୍ୱଭାବ ସୁନ୍ଦର ଅଙ୍ଗରା ଏହାହିଁ ବିଶେଷତ୍ୱ । ସୌନ୍ଦର୍ଯ୍ୟ ସ୍ୱୟଂ ସମ୍ପୂର୍ଣ୍ଣତା ଓ ଭୂଷା ନିରପେକ୍ଷତା ମଧ୍ୟରେ ଅନୁରଣିତ ହୋଇଥାଏ ।

ସଂସ୍କୃତ କାବ୍ୟ ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣ

ସଂସ୍କୃତ କାବ୍ୟଧାରାର ଆଦି ଉତ୍ସ ଅଶ୍ୱଘୋଷଙ୍କ ରଚନାରେ ଲକ୍ଷ୍ୟ କରାଯାଏ । ତାଙ୍କ ରଚିତ 'ସୌନ୍ଦରନନ୍ଦ' ମହାକାବ୍ୟରେ ବିଷୟବସ୍ତୁ ହେଉଛି – ବୁଦ୍ଧଙ୍କର ବୈମାତ୍ରେୟ ଭାଇ ନନ୍ଦଙ୍କର ଭୋଗ ବିଳାସ ପରିତ୍ୟାଗ ଓ ବୁଦ୍ଧଙ୍କ ଶିଷ୍ୟତ୍ୱ ଗ୍ରହଣ । ଏହାର ଚତୁର୍ଥ ସର୍ଗରେ ସୌନ୍ଦର୍ଯ୍ୟ ଚେତନାର ହୃଦୟସ୍ପର୍ଶୀ ବର୍ଣ୍ଣନା ଅନୁରଣିତ ହୋଇଛି । ନନ୍ଦ ନିଜର ପତ୍ନୀ ସୁନ୍ଦରୀଙ୍କ ସହ ବିଳାସ କରୁଥିବା ସମୟରେ ବୁଦ୍ଧ ତାଙ୍କୁ ଦେଖା କରି ନପାରି ଫେରିଯାଇଛନ୍ତି । ଏକଥା ଜାଣିବା ପରେ ନନ୍ଦ ତାଙ୍କୁ ସାକ୍ଷାତ କରିବାକୁ ମନବଳାଇଛନ୍ତି କିନ୍ତୁ ପତ୍ନୀଙ୍କ ସମ୍ମତି ଲୋଡିବା ବେଳର ଚମତ୍କାର ବର୍ଣ୍ଣନା କବି କରିଛନ୍ତି –"ତଂ ଗୌରବଂ ବୁଦ୍ଧଗତଂ ଚକର୍ଷ/ଭାର୍ଯ୍ୟାନୁରାଗଃ ପୁନରାଚକର୍ଷ/ସୋଅନିଶ୍ଚୟାତ୍ ନାପି ଯଯୌ ନ ତସ୍ଥୌ/ତରଂ ସ୍ତରଂ ରୋଷ୍ୱିବ ରାଜହଂସଃ" ଅଶ୍ୱଘୋଷଙ୍କ 'ବୁଦ୍ଧ ଚରିତ' କାବ୍ୟ ବୁଦ୍ଧଙ୍କ ଜୀବନୀ ଉପରେ ଆଧାରିତ ମାତ୍ର ଏଥିରେ ବୁଦ୍ଧଙ୍କ ମହାଭିନିଷ୍କ୍ରମଣ ରାତ୍ରିର ଚିତ୍ର ଅଙ୍କନ କରିବାକୁ ଯାଇ କବି ସୁସୁପ୍ତା ବିଳାସିନୀମାନଙ୍କର ଯେଉଁ ବର୍ଣ୍ଣନା ଦେଇଛନ୍ତି ତାହା ସୌନ୍ଦର୍ଯ୍ୟ ଦୃଷ୍ଟିକୋଣରୁ ରମଣୀୟ । "ନବହାଟକ ଭୂଷଣାସ୍ତଥାନ୍ୟା / ବସନଂ ପୀତମନୁତ୍ତମଂ ବସାନଂ / ଅବଶା ଘନ ନିଦ୍ରୟା ନିପେତୁର୍ଗଜଭଗ୍ନାଇବ କର୍ଣ୍ଣିକାର ଶାଖାଃ" ଧାର୍ମିକ ତତ୍ତ୍ୱ ପ୍ରଚାର ଦୁଇଟି ଗ୍ରନ୍ଥର ଲକ୍ଷ୍ୟ ହୋଇଥିଲେ ହେଁ ସ୍ଥାନେ ସ୍ଥାନେ କାବ୍ୟଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଷମା ଓ ଜୀବନର ସ୍ପର୍ଶ ଏତେ ଗଭୀର ଯେ ତାହା ପାଠକର ଶ୍ରଦ୍ଧା ଲାଭ କରିପାରିଛି । ସଂସ୍କୃତ କାବ୍ୟ ଜଗତର ଉଜ୍ଜ୍ୱଳ ଭାସ୍ୱର ହେଉଛନ୍ତି କବି କାଳିଦାସ । ସଂସ୍କୃତ ସାହିତ୍ୟରେ ସୌନ୍ଦର୍ଯ୍ୟ ଚେତନାର ଭୂୟୋବିକାଶ କାଳିଦାସଙ୍କ ରଚନାରେ ପ୍ରତିଭାତ ହୁଏ । ତାଙ୍କ ରଚନାରେ ପ୍ରେମ, ସୌନ୍ଦର୍ଯ୍ୟ ଓ ପ୍ରକୃତି ଅଭିନବ ରୂପ ରସରେ ରସାଣିତ ଶିବଙ୍କୁ ପାଇବା ପାଇଁ ପର୍ବତୀଙ୍କର କଠୋର ତପସ୍ୟା କିମ୍ବା ଶକୁନ୍ତଳାଙ୍କର ଦୁଷ୍ୟନ୍ତଙ୍କ ପ୍ରତି ଉଦ୍ଧାତ୍ତ ପ୍ରେମ ଭାରତୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ଦ୍ୱାରା ପରିପୁଷ୍ଟ ତାଙ୍କ ରଚିତ 'ମେଘଦୂତ'ରେ ବିରହୀ ଯକ୍ଷର ପ୍ରଣୟ ଭାବନା କିମ୍ବା 'ଋତୁ ସଂହାର'ରେ ପ୍ରକୃତି ଓ ମାନବର ନୈସର୍ଗିକ ସମ୍ବନ୍ଧ କବି କଳ୍ପନାର ଅପୂର୍ବ ବିଳାସରେ ମୂର୍ତ୍ତିମନ୍ତ । 'କୁମାରସମ୍ଭବ'ରେ ରତି ବିଳାପ କିମ୍ବା 'ରଘୁବଂଶ'ରେ ଅଜ ବିଳାପ ଦୁଇଟି ଅଂଶ ବିଶୁଦ୍ଧ ପ୍ରେମ କବିତାର ମହିମାରେ ଚିର ଉଜ୍ଜ୍ୱଳ । ମାନବୀୟ ସୌନ୍ଦର୍ଯ୍ୟ ବିଶେଷତଃ ନାରୀ ସୌନ୍ଦର୍ଯ୍ୟ ଚିତ୍ରଣରେ କାଳିଦାସଙ୍କ ସକଳ ଶକ୍ତି ନିୟୋଜିତ ।

ସେ ସୌନ୍ଦର୍ଯ୍ୟ ତତ୍ତ୍ୱ ସମ୍ବନ୍ଧରେ ନିଜର ମତ ଯତ୍ରତତ୍ର ତାଙ୍କ କାବ୍ୟ ନାଟକାଦିରେ ଦେଇଛନ୍ତି । ସଂସ୍କୃତର ମହାକବି କାଳିଦାସ ସୌନ୍ଦର୍ଯ୍ୟବୋଧ ଓ ସୌନ୍ଦର୍ଯ୍ୟ- ମୀମାଂସା ଖୁବ୍ ଉଚ୍ଚକୋଟୀର ଥିଲା । ତାଙ୍କ ରଚିତ ପ୍ରତ୍ୟେକ ପଦ ଗଭୀର ବିଶ୍ଳେଷଣର ଅପେକ୍ଷା ରଖୁଥିଲେ ମଧ୍ୟ ଏଠାରେ କେବଳ ସୂଚନାରେ ତାଙ୍କର ସୌନ୍ଦର୍ଯ୍ୟତତ୍ତ୍ୱବୋଧର ଧାରଣା ବର୍ଣ୍ଣନା କରାଯାଇଛି । ବସ୍ତୁ ସୁନ୍ଦର ହେଲେ ସମସ୍ତେ ତାର ଆଦର କରିବେ ଏଥିରେ ସନ୍ଦେହ ନାହିଁ ବ୍ୟକ୍ତିର ମନୋଦଶା, ସଂସ୍କାର ଓ ରୁଚିର ଅନୁକୂଳତା ଓ ଭିନ୍ନତା ଉପରେ ସୌନ୍ଦର୍ଯ୍ୟ ଦୃଷ୍ଟି ନିର୍ଭର କରେ । 'ରଘୁବଂଶମ୍' କାବ୍ୟରେ ଇନ୍ଦୁମତୀ ସୁନନ୍ଦାଙ୍କ ଠାରୁ ଅଙ୍ଗଦେଶରେ ରାଜାଙ୍କ ରୂପଗୁଣର ପ୍ରଶଂସା ଶୁଣିସାରି ଆଗକୁ ଯିବାପାଇଁ କହିଛନ୍ତି । ଅଙ୍ଗରାଜାଙ୍କ ପ୍ରତି ଇନ୍ଦୁମତୀଙ୍କର ଯିବାପାଇଁ କହିଛନ୍ତି । ଅଙ୍ଗରାଜାଙ୍କ ପ୍ରତି ଇନ୍ଦୁମତୀଙ୍କର ଉଦାସୀନତା ସମ୍ବନ୍ଧରେ କାଳିଦାସ ରୁଚିର ସୁନ୍ଦର ବର୍ଣ୍ଣନା କରିଛନ୍ତି –

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ନାସୌ ନ କାମ୍ୟୌ ନ ଚ ବେଦ ସମ୍ୟଗ୍/ଦ୍ରଷ୍ଟୁଂ ନ ସା ଭିନ୍ନ ରୁଚିର୍ହି ଲୋକଃ ।"ରାଜା ସୁନ୍ଦର, ଇନ୍ଦୁମତୀଙ୍କର ମଧ୍ୟ ସୌନ୍ଦର୍ଯ୍ୟ ନିଶ୍ଚୟ ଶକ୍ତି ରହିଛି । ତଥାପି ସେ ରାଜାଙ୍କୁ ନା ପସନ୍ଦ କଲେ ଏହାର କାରଣ ପ୍ରତ୍ୟେକ ଲୋକର ରୁଚି ଭିନ୍ନ ଭିନ୍ନ । ସୌନ୍ଦର୍ଯ୍ୟ ନିଷ୍ପତ୍ତି ନିମନ୍ତେ ଦ୍ରଷ୍ଟା ଓ ଦୃଶ୍ୟର ଅନୁକୂଳ ସଂଯୋଗ ନିତ୍ୟାନ୍ତ ପ୍ରୟୋଜନ । ସେହିପରି ଅଭିଜ୍ଞାନ ଶାକୁନ୍ତଳମ୍ ରେ ଦୁଷ୍ମନ୍ତ ଅନ୍ତଃପୁରରୁ ଭାସି ଆସୁଥିବା ମଧୁର ପ୍ରେମ ସଙ୍ଗୀତ ଶ୍ରବଣ କରି ବିଚଳିତ ହୋଇଛନ୍ତି । ତାଙ୍କ ମନରେ ଜନ୍ମାନ୍ତରୀଣ ସ୍ମୃତିର ଉଦବୋଧନ ଘଟିଛି – "ରମ୍ୟାଣି ବୀକ୍ଷ୍ୟ ମଧୂରାଂଶ୍ଚ ନିଶମ୍ୟ ଶବ୍ଦାନ/ପର୍ଯ୍ୟୁତ୍ସୁ କୀଭବତି ଯତ୍ ଶୁଖି ତୋଅପି ଜନ୍ତୂଃ/ତଚ୍ଚେତସା ସ୍ମରତି ନୂନମବୋଧ ପୂର୍ବଂ/ଭାବସ୍ଥିରାଣି ଜନନାନ୍ତରସୌ ହୃଦାନି ।" ନିରାଭରଣ ବଲ୍କକଳିନୀ ଶକୁନ୍ତଳାଙ୍କର ରୂପବର୍ଣ୍ଣନା କରିବାକୁ ଯାଇ କବି ତାଙ୍କୁ ଶୈବାଳଯୁକ୍ତ କମଳ ଓ କଳଙ୍କଯୁକ୍ତ ଚନ୍ଦ୍ରମା ସହିତ ତୁଳନା କରିଛନ୍ତି । "ସରସିଜ ମନୁ ବିଦ୍ଧଂ ଶୈବାଲେନାପି ରମ୍ୟଂ/ମଳିନମପି ହିମାଂଶୋର୍ଲକ୍ଷ୍ମ ଲକ୍ଷ୍ମୀ ତିନୋତି/ ଲୟମଧୁକମନୋଜ୍ଞ ବଲ୍କଲେନାପି ତନ୍ୱୀ/କିମିବ ହି ମଧୁରାଣାଂ ମଣ୍ଡନଂ ନାକୃତୀନାମ୍ ।" ପୂର୍ବ ଜନ୍ମରେ ଯେଉଁ ବସ୍ତୁ ସହିତ ମଣିଷର ଆତ୍ମୀୟତା ଥାଏ ଓ ଯାହାକୁ ସେ ଉପଭୋଗ କରିଥାଏ ତାହାକୁ ସେ ଏ ଜନମରେ ନ ବୁଝି ମଧ୍ୟ ସ୍ମରଣ କରେ, ତା ସହିତ ନିବିଡ଼ତା ସ୍ଥାପନ କରେ ଦୁଷ୍ମନ୍ତଙ୍କ ମନରେ ବାସନା ରୂପରେ ବିଦ୍ୟମାନ ଥିବା ସ୍ଥାୟୀ ଭାବ ବର୍ତ୍ତମାନ ସୌନ୍ଦର୍ଯ୍ୟାନନ୍ଦରେ ପରିଣତ ହୋଇଛି ଓ ସେ ସୌନ୍ଦର୍ଯ୍ୟାନୁଭୂତି ଲାଭ କରିଛନ୍ତି ଅର୍ଥାତ ବର୍ହିଜଗତର ରମ୍ୟବସ୍ତୁ ଓ ମଧୁରବାଣୀ ଦର୍ଶନ ଓ ଶ୍ରବଣରେ ଦ୍ରଷ୍ଟା ଓ ଶ୍ରୋତା ମନରେ ସ୍ମୃତିର ଉଦବୋଧନ ହୁଏ ଓ ଏକପ୍ରକାର ପର୍ଯ୍ୟୁତ୍ସୁକୀ ଭାବ ତାଙ୍କ ଠାରେ ଜାଗେ ।" 'କୁମାର ସମ୍ଭବ' କାବ୍ୟରେ ପାର୍ବତୀଙ୍କର ଦେହ ସୌନ୍ଦର୍ଯ୍ୟ ବର୍ଣ୍ଣନା ଯେପରି ବିସ୍ତୃତ ସେହିପରି ଲଳିତ ଭାବ ମଧ୍ୟ ସମନ୍ୱିତ । ତପସ୍ୟାରତ ଉମାଙ୍କର ଅଙ୍ଗସୌଷ୍ଠବର ଭାବ ବ୍ୟଞ୍ଜନା ସହିତ 'କୁମାରସମ୍ଭବ' କାବ୍ୟରେ ସୌନ୍ଦର୍ଯ୍ୟତତ୍ତ୍ୱର ଅନ୍ୱେଷଣକାରୀ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୌନ୍ଦର୍ଯ୍ୟ ଉପଭୋକ୍ତା ମଧ୍ୟରେ ପାର୍ଥକ୍ୟ ଦେଖାଇ କାଳିଦାସ ଦୁଷ୍ମନ୍ତଙ୍କ ମୁଖରେ ଅତ୍ୟନ୍ତ ପ୍ରଭାବଶାଳୀ ମନେହୁଏ । "ସ୍ଥିତାଃ କ୍ଷଣଂ ପକ୍ଷ୍ମସୁ ତାଡିତାଧାରାଃ/ପୟୋଧରେସ୍ରେଧନିପାତ ଚୂର୍ଣ୍ଣିତାଃ/ବଲୀଷୁ ତସ୍ୟାଃ ସ୍ଖଳିତାଃ ପ୍ରପେଦିରେ/ଚିରେଣ ନାଭିଂ ପ୍ରଥମୋଦବିନ୍ଦବଃ ।"

ମନରେ ଜାତ ଅନୁଭବକୁ ନେଇ ସାମଗ୍ରୀ ସଂଗ୍ରହ କରିବା, ସାମଗ୍ରୀର ପ୍ରକୃତି ଅନୁସାରେ ତାହାକୁ ଔଚିତ୍ୟପୁର୍ଣ୍ଣ ସ୍ଥାନରେ ରଖିବା, ପ୍ରଯତ୍ନ ଦ୍ୱାରା ସୃଷ୍ଟିକୁ ସର୍ବାଙ୍ଗ ସୁନ୍ଦର କରିବା ହିଁ କଳାର ଶ୍ରେଷ୍ଠ ଧର୍ମ ଓ ଶ୍ରେଷ୍ଠ କଳାକାରର ଧର୍ମ । ବିଭିନ୍ନତା ମଧ୍ୟରେ ଏକତା କାଳିଦାସଙ୍କ ସ୍ୱତନ୍ତ୍ରତା ତଥ୍ୟ ସଂଗ୍ରହ, ଯଥା ସ୍ଥାନରେ ବିନିବେଶନ, ପ୍ରଯତ୍ନ ଓ ବିଶ୍ୱର ସମସ୍ତ ସୌନ୍ଦର୍ଯ୍ୟକୁ ଏକତ୍ର ଦେଖିବା ହିଁ ନାନ୍ଦନିକତାର ପରିଚୟ । ଭବଭୂତିଙ୍କ ମତରେ ବସ୍ତୁର ସୌନ୍ଦର୍ଯ୍ୟ ନିର୍ଦ୍ଦିଷ୍ଟ ଗୁଣାବଳୀରେ ଅନୁସନ୍ଧେୟ । ଯାହାକି ଦିବ୍ୟ ଉପାଦାନରେ ଥିବା ଗୁଣର ସଙ୍କେତ ଦିଏ ଚନ୍ଦ୍ର, ସୁଧା, ମୃଣାଳ ଓ ଜ୍ୟୋତ୍ସ୍ନା ଆଦି ଦିବ୍ୟ ଉପାଦାନରେ ନିର୍ମିତ ମାଳତୀର ମୋହଣା ରୂପକୁ କବି ବର୍ଣ୍ଣନା କରିଛନ୍ତି । "ସା ରମଣୀୟ କନିଧେରଧି ଦେବତା ବା/ସୌନ୍ଦର୍ଯ୍ୟସାର ସମୁଦାୟ ନିକେତନଂ ବା/ଜ୍ୟୋତ୍ସ୍ନାଦିକାରଣମ୍ ମଦନଶ୍ଚ ବେଧାଃ ।" ମଦନ ଏଠାରେ ବିଧାତା ଶିଳ୍ପୀର ଭୂମିକାରେ ଅବତୀର୍ଣ୍ଣ । ସେ ସକଳ ସାର ସୌନ୍ଦର୍ଯ୍ୟର ନିକେତନ ସ୍ୱରୂପା ମାଳତୀ ଠାରେ ବିଦ୍ୟମାନ । ଦିବ୍ୟ ଉପାଦାନମାନଙ୍କର ଗୁଣ ପାର୍ଥିବ ଉପାଦାନରେ ଦୁର୍ଲ୍ଲଭ । ସୌନ୍ଦର୍ଯ୍ୟର ଔଜ୍ଜ୍ୱଲ୍ୟ ଦିବ୍ୟ ହୋଇଥିବାରୁ କୌଣସି ପାର୍ଥିବ ବସ୍ତୁ ସହିତ ତାହାର ତୁଳନା ପ୍ରଶ୍ନ ଉଠେ ନାହିଁ । ତେଣୁ ମାଳତୀର ଅପୂର୍ବ ସୌନ୍ଦର୍ଯ୍ୟକୁ ରୂପରେ ଢାଳିବା ପାଇଁ ଶିଳ୍ପୀ ମଦନ ସ୍ରଷ୍ଟା ଦିବ୍ୟ ଉପାଦାନର ସହାୟତା ନେଇଛନ୍ତି । ମାଘଙ୍କର ସୌନ୍ଦର୍ଯ୍ୟତତ୍ତ୍ୱର ସଂଜ୍ଞା ନିର୍ଣ୍ଣୟ ତାହା ଭାରତୀୟ ସୌନ୍ଦର୍ଯ୍ୟ ଚେତନାର ସର୍ବୋତ୍ତମ ପରିଚାୟକ । ସୌନ୍ଦର୍ଯ୍ୟର ନିତ୍ୟନୂତନତା ପ୍ରତିପାଦନ କରିବାକୁ ଯାଇ ସେ ରୈବତକ ଦର୍ଶନରେ ସୌନ୍ଦର୍ଯ୍ୟାନୁଭୂତି ଓ ସୌନ୍ଦର୍ଯ୍ୟର ବୈଶିଷ୍ଟ୍ୟ ସମ୍ବନ୍ଧରେ ଶାଶ୍ୱତ ମାନଦଣ୍ଡ ସ୍ଥିର କରିଛନ୍ତି । "ଦୃଷ୍ଟୋଽପି ଶୈଳଃ ସମୁହୁର୍ମୁରାରେର ପୂର୍ବକ ଦ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିସ୍ମୟମାତତାନ୍/କ୍ଷଣେ କ୍ଷଣେ ଯନ୍ନବତାମୁପୈତ ତଦେବ ରୂପଂ ରମଣୀୟତାୟାଃ ।” ମାଘ, ଶିଶୁପାଳବଧମ୍, ୪/୧୭ ।

ଭବଭୂତି ତାଙ୍କର 'ଉତ୍ତର ରାମଚରିତ' ଓ 'ମାଳତୀ ମାଧବ' ଗ୍ରନ୍ଥରେ ସୌନ୍ଦର୍ଯ୍ୟର ଅଖଣ୍ଡ ଗୌରବ ପ୍ରତିଷ୍ଠା କରିଛନ୍ତି । ସେଥିରେ ସୌନ୍ଦର୍ଯ୍ୟ ପ୍ରେମର ପରାକାଷ୍ଠା ବିଚ୍ଛେଦର କଳଙ୍କରେ ଦୂଷିତ ହୋଇନାହିଁ । ତେଣୁ ରାମାୟଣର ପରମ୍ପରାକୁ ଭ୍ରୂକ୍ଷେପ ନ କରି ସେ ତାଙ୍କ 'ଉତ୍ତର ରାମଚରିତରେ' ରାମ ଓ ସୀତାଙ୍କର ପୁନର୍ମିଳନ କଥା ବର୍ଣ୍ଣନା କରି ସୌନ୍ଦର୍ଯ୍ୟ ଚେତନାର ପ୍ରବାହକୁ ଅକ୍ଷୁଣ୍ଣ ରଖିଛନ୍ତି । ସେହିପରି 'ମାଳତୀ ମାଧବ'ରେ ସୌନ୍ଦର୍ଯ୍ୟ ଚେତନାର ମଧୁରତା ଦମ୍ପତ୍ୟରେ କିପରି ପ୍ରକାଶିତ ତାହାର ଏକ ମନୋଜ୍ଞ ଚିତ୍ର ବର୍ଣ୍ଣନା ରହିଛି । ତାଙ୍କ ଚିନ୍ତାଧାରାରେ ସ୍ୱାମୀ ଓ ସ୍ତ୍ରୀ ପରସ୍ପର ପ୍ରିୟବନ୍ଧୁ । ସେମାନେ ସେମାନଙ୍କର ସକଳ କାମନାର ମଧୁମୟ ସଫଳତା । ସକଳ ମାଧୁର୍ଯ୍ୟର ଜୀବନ ସାଧନା ତାଙ୍କର ଏକାନ୍ତ କାମ୍ୟ । “ପ୍ରେୟୋ ମିତ୍ରଂ ବନ୍ଧୁତା ବା ସମଗ୍ରା/ସର୍ବେ କାମାଃ ଶେବଧିର୍ଜୀବିତଂ ବା/ସ୍ତ୍ରୀଣାଂ ଭର୍ତ୍ତା ଧର୍ମଦାରାଶ୍ଚ/ପୁଂସାମିତ୍ୟନ୍ୟୋନଂ ବତ୍ସୟୋର୍ଜ୍ଞାତମସ୍ତୁ ।” ମହାଭାରତର କଥାବସ୍ତୁ ଗ୍ରହଣ କରି ଭାରବୀ ତାଙ୍କ ରଚିତ କାବ୍ୟ 'କିରାତର୍ଜୁନୀୟମ୍'ରେ ଅର୍ଜ୍ଜୁନଙ୍କ ଶକ୍ତି ପରୀକ୍ଷା ସମୟରେ ଶିବ କିରାତ ବେଶ ଧାରଣ କରିବା, ମାୟା ବରାହ ଉପରକୁ ଦୁହିଁଙ୍କର ଶର ନିକ୍ଷେପ, ଦୁହିଙ୍କ ମଧ୍ୟରେ ତୁମୂଳ ଯୁଦ୍ଧ, ଅର୍ଜ୍ଜୁନଙ୍କ ବିଜୟ ଓ ଶିବଙ୍କର ପାଶୁପତ ଅସ୍ତ୍ର ତାଙ୍କୁ ପ୍ରଦାନ ଏହା ମୁଖ୍ୟ ବିଷୟବସ୍ତୁ ରହିଛି । ମାତ୍ର କାବ୍ୟରେ ବୀର ରସର ପ୍ରବାହରେ ବର୍ଣ୍ଣିତ । ପର୍ବତ, ଋତୁ ସୂର୍ଯ୍ୟାସ୍ତ ଓ ଅପସରୀମାନଙ୍କ ଜଳକ୍ରୀଡା ଦୃଶ୍ୟରେ ସୌନ୍ଦର୍ଯ୍ୟତତ୍ତ୍ୱ ନିହିତ । “ତିରୋହିତାନ୍ତାନି ନିତାନ୍ତମାକୁଲୈରପାଃ ବିହଗାଦଳକୈଃ ପ୍ରସାରିଭିଃ/ଯଯୁର୍ବଧୂନାଂ ବଦନାନି ତୁଲ୍ୟତାଂ ଦ୍ୱିରେଫଂ ବୃନ୍ଦାନ୍ତରିତୈଃ ସରୋରୁହୈଃ” ମାଘ 'ଶିଶୁପାଳ ବଧ' କାବ୍ୟର ସ୍ରଷ୍ଟା । କଥାବସ୍ତୁ ପୂରଣ ଆଧାରିତ ହୋଇଥିଲେ ମଧ୍ୟ ଉପମା, ଅର୍ଥଗୌରବ ଓ ପଦଲାଳିତ୍ୟ ତାଙ୍କ ସୃଷ୍ଟିକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୃଦ୍ଧ କରିଅଛି । କାବ୍ୟରେ ନାରୀ ରୂପ, ରୈବତ ପର୍ବତ, ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ଜଳକ୍ରୀଡା ଆଦିର ବିସ୍ତୃତ ଚିତ୍ରପ୍ରତିମାରେ ସୌନ୍ଦର୍ଯ୍ୟର ଭାବାବେଗ ପ୍ରତିଫଳିତ । ଶ୍ରୀହର୍ଷଙ୍କ 'ନୈଷଧ'ର କାବ୍ୟ ଗୌରବ ଭାରତୀୟ ବିଦଗ୍ଧ ସମାଜରେ ଅତୁଳନୀୟ । ନଳ ଦମୟନ୍ତୀଙ୍କ ପ୍ରଣୟ କାହାଣୀ ଏହାର କଥାବସ୍ତୁ ହେଲେ ହେଁ ଶୃଙ୍ଗାର ରସର ଅବତରଣା କାବ୍ୟର ମୁଖ୍ୟ ଉପଜୀବ୍ୟ । ଏଥିରେ ସୌନ୍ଦର୍ଯ୍ୟର ବିପୁଳ ଉପଲବ୍ଧି ରହିଛି । କନ୍ଦର୍ପ ଜ୍ୱାଳା ପୀଡ଼ିତା ଦମୟନ୍ତୀଙ୍କର ଅବସ୍ଥା ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି – କାମାଗ୍ନି ସଂତପ୍ତା ଦମୟନ୍ତୀ ତାପ ଶାନ୍ତି ନିମନ୍ତେ ଥରକୁ ଥର ଆନୀତ ପଦ୍ମ ସମୂହ ଅର୍ଦ୍ଧ ପଥରେ ତାଙ୍କ ନିଶ୍ୱାସର ଉଷ୍ଣତା ଯୋଗୁଁ ଶୁଷ୍କ ହୋଇଯାଉଥିବାରୁ ସେଗୁଡିକୁ ଫୋପାଡିଦେବାକୁ ପଡୁଥିଲା । "ସ୍ମର ହୁତାଶନ ଦୀପିତୟା ତୟା ବହୁ ମୁହୁଃ ସରସ ସରସୀରହମ୍/ ଶ୍ରପିତୁମର୍ଦ୍ଧପଥେ କୃତମନ୍ତରା ଶ୍ୱାସିତ ନିର୍ମିତମର୍ମର ମୁଜିଙତମ୍" । ସଂସ୍କୃତ ସାହିତ୍ୟର ଅନ୍ୟଜଣେ ଯଶସ୍ୱୀ କବି ବାଣଭଟ୍ଟ ତାଙ୍କ ରଚିତ 'କାଦମ୍ବରୀ'ରେ ଚନ୍ଦ୍ରାପୀଡ ଓ କାଦମ୍ବରୀଙ୍କ ଜନ୍ମବୃତ୍ତାନ୍ତର ପ୍ରେମ କାହାଣୀ ବର୍ଣ୍ଣିତ । ନାୟିକାର ରୂପଶୋଭା ଚିତ୍ରଣରେ କବି ବିଶେଷ କୃତୀତ୍ୱ ପ୍ରଦର୍ଶନ କରିଛନ୍ତି । 'ହର୍ଷଚରିତ'ରେ ସ୍ଥାନେ ସ୍ଥାନେ କବିଙ୍କ ଶୃଙ୍ଗାର ରସିକତା ସୀମା ଅତିକ୍ରମ କରିଅଛି ନାରୀର ରୂପ ସୌନ୍ଦର୍ଯ୍ୟ, ବିପ୍ରଲମ୍ଭ ଶୃଙ୍ଗାର, ପ୍ରକୃତି ଆଦି ବର୍ଣ୍ଣନାରେ ନନ୍ଦନତତ୍ତ୍ୱର ରମଣୀୟତା ପ୍ରକାଶ ପାଇଅଛି ।

ଭାରତୀୟ ଗୀତି ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣ

ଭାରତୀୟ ଗୀତି ସାହିତ୍ୟକୁ ଅବଲୋକନ କଲେ ପ୍ରଥମେ କବି ଅମରୁଙ୍କ ରଚିତ 'ଅମରୁ ଶତକ'ଙ୍କ କବିତା ଗ୍ରନ୍ଥଟି ସୌନ୍ଦର୍ଯ୍ୟ ଚେତନାଧର୍ମୀ । ସ୍ଥାନେ ସ୍ଥାନେ ଅନୁଭୂତିର ସ୍ପର୍ଶ ଏପରି ନିବିଡ ଯେ ସେଠାରେ ଜୀବନର ଉପଲବ୍ଧି ଚରମ ଅବଧି ପ୍ରାପ୍ତ ହୋଇଅଛି । ମାନିନୀ ପ୍ରତି ସାକ୍ଷୀର ଭର୍ତ୍ସନାମୂଳକ ଗୋଟିଏ ପଂକ୍ତି ଏଠାରେ ଉଦ୍ଧୃତ – "ହେ ସରଳେ ! ପ୍ରେମର ପରିଣତି ଆଲୋଚନା ନ କରି ସହୃଦଗଣଙ୍କୁ ଅନାଦର କରି ପ୍ରିୟତମ ଉପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହିଁକି ମାନ କଲୁ । ତୁ ସ୍ୱହସ୍ତରେ ବିରହାଗ୍ନି ଉଦ୍ଦୀପ୍ତ ଶିକ୍ଷା ଅଙ୍ଗାରକୁ ଆଲିଙ୍ଗନ କରୁଛୁ । ବର୍ତ୍ତମାନ ଅରଣ୍ୟ ରୋଦନରେ ଲାଭ କି ଅଛି ଯେ ?" ଅନାଲୋଚ୍ୟ ପ୍ରେମଣଃ ପରିଣତି ମନାହୃତ୍ୟ ସୁହୃଦ/ସ୍ପୃହ୍ୟା କାଣ୍ଡେ ମାନଃ କିମିତି ସରଲେ ସଂପ୍ରତି କୃତଃ/ସମାକୃଷ୍ଟା ହ୍ୟେତେ ବିରହ ଦହନୋଭାସ୍ୱର ଶିଖାଃ/ସ୍ୱହସ୍ତେନାଙ୍ଗାରାସ୍ତଦଲ ମଧୁନାରଣ୍ୟ ରୁଦିତୈଃ" ଅମରୁଙ୍କ ପରେ ଏଇ ଧାରାର ଆଉ ଜଣେ ବିଶିଷ୍ଟ କବି ହେଉଛନ୍ତି ଭର୍ତ୍ତୃହରି । 'ଶୃଙ୍ଗାର ଶତକମ୍', 'ନୀତି ଶତକମ୍', 'ବୈରାଗ୍ୟଶତକମ୍' ତିନୋଟି ଗ୍ରନ୍ଥର ରଚୟିତା ରୂପେ ପ୍ରସିଦ୍ଧି ଲାଭ କରିଛନ୍ତି । ତାଙ୍କ ରଚିତ ସମସ୍ତ କବିତାରେ ସୌନ୍ଦର୍ଯ୍ୟର ଭାବାବେଗ ଅତୀବ ମନୋଜ୍ଞ । ପ୍ରିୟତମାକୁ ନ ଦେଖିଲେ ଦେଖିବାର ଅଭିଳାଷ, ଦେଖିଲା ପରେ ଆଲିଙ୍ଗନ କରିବାର ଏକାନ୍ତ ଇଚ୍ଛାକୁ କବି ସୂକ୍ଷ୍ମରେ ଅନୁଭବ କରିବାର କଥାଚିତ୍ରଟି ଏଥିରେ ରହିଛି । "ଆଦର୍ଶନେ ଦର୍ଶନ ମାତ୍ର କାମାଦ୍ରଷ୍ଟୁ ପରିଷ୍ୱଙ୍ଗ ଶୁଖୈକ ଲୋଲାଃ/ଆଲିଙ୍ଗିତାୟାଂ ପୁନଆର୍ଯ୍ୟତାକ୍ଷାମ୍ ଆଶାସ୍ତୃହେ ବିଗ୍ରହୟୋଅର୍ଭେଦମ୍ ।" ସଂସ୍କୃତ କାବ୍ୟ ଜଗତର ରସୋଚ୍ଛଳ ପ୍ରବହମାନ ନଦୀ ହେଉଛି ବିଶ୍ୱ ବିଖ୍ୟାତ କବି ଶ୍ରୀଜୟଦେବ । ତାଙ୍କ ରଚିତ 'ଗୀତଗୋବିନ୍ଦ', 'ଗୀତି ସୌନ୍ଦର୍ଯ୍ୟ ଓ କାବ୍ୟ ସୌନ୍ଦର୍ଯ୍ୟ ସକଳ ଦୃଷ୍ଟିରୁ ଏହାର ପ୍ରତିଷ୍ଠା ଅବିସମ୍ବାଦିତ । ରାଧାକୃଷ୍ଣଙ୍କ ପ୍ରଣୟ ରସ ଏହି କାବ୍ୟର କଥାବସ୍ତୁ । ଅପ୍ରକୃତ ଲୀଳା ଅନ୍ତରାଳରେ ପ୍ରାକୃତ ପ୍ରଣୟୀ ଜନର ସକଳ ଭାବ ଏଥିରେ ମୂର୍ତ୍ତି ହୋଇ ଉଠିଛି । ଭାଷାର ଯାଦୁକରୀ ସଂଯୋଜନା ଏହାର ଅପୂର୍ବ କଳା ସୌନ୍ଦର୍ଯ୍ୟର ଅଭିଳାଷକୁ ପୂର୍ଣ୍ଣ କରିପାରିଛି । "ଯଦି ହର ସ୍ମରଣେ ସରସଂମନୋ/ଯଦି ବିଳାସ କଳାସୁ କୁତୂହଳମ୍/ମଧୁର କୋମଳ କାନ୍ତ ପଦାବଳୀ/ଶୃଣୁ ତଦା ଜୟଦେବ ସରସ୍ୱତୀମ୍" । ସଂସ୍କୃତ ସାହିତ୍ୟର ବିପୁଳ ଭଣ୍ଡାରରୁ ଶୃଙ୍ଗାରଧର୍ମୀ ସକଳ ରଚନର ଉଲ୍ଲେଖ କରିବା ଏତେ ସହଜ ସାଧ୍ୟ ମନେ ହୁଏ ନାହିଁ । କେତେକ ବିଶିଷ୍ଟ ସୃଷ୍ଟି ଜରିଆରେ ସେହି ପରମ୍ପରାକୁ ଚିହ୍ନିବାର ଏହା ପ୍ରୟାସ ମାତ୍ର । ଓଡିଆ ସାହିତ୍ୟର ମଧ୍ୟଯୁଗ ବା ରୀତି ଯୁଗର କାବ୍ୟ ପ୍ରେରଣା ତଥା ଶୃଙ୍ଗାର ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୌନ୍ଦର୍ଯ୍ୟ ଚେତନା ଏଇ ସଂସ୍କୃତ ଭିତ୍ତି ନିକଟରେ ଆଙ୍ଗିକ ଓ ଆତ୍ମିକ ଉଭୟ ଦିଗରୁ ଯେ ବହୁଳ ଭାବେ ପ୍ରଭାବିତ ଏହା ମଧ୍ୟ ଗ୍ରହଣୀୟ ।

ଭାରତୀୟ ପାଲି ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣ

ପାଲି ସାହିତ୍ୟ ମୁଖ୍ୟତଃ ବୌଦ୍ଧ ଧର୍ମ ଓ ଦର୍ଶନଭିତ୍ତିକ ରଚନା । ବୌଦ୍ଧମାନଙ୍କର କାମ ଦେବତା ହେଉଛନ୍ତି ମୃତ୍ୟୁ ସୁତରାଂ ପାଲି ସାହିତ୍ୟରେ ମାନବୀୟ ପ୍ରେମର ସୂକ୍ଷ୍ମ ଅନୁଭବ ସନ୍ଧାନ କରିବା ବ୍ୟର୍ଥ ଲାଗେ । 'ଥେରୀଗାଥା' ନାମକ ଏକ ସଂକଳିତ ଗ୍ରନ୍ଥରେ ଉଦ୍ଧାତଙ୍କର ଗୋଟିଏ କବିତା ନାରୀ ହୃଦୟର କ୍ଷୀଣତମ ସୂଚନା ବହନ କରେ କେବଳ 'ଦୀର୍ଘନିକାୟ'ରେ ଗୋଟିଏ ପୂର୍ଣ୍ଣାଙ୍ଗ ଶାଶ୍ୱତ ପ୍ରେମର କବିତା ରହିଛି । ଧର୍ମ ସମ୍ପର୍କହୀନ ବିଶୁଦ୍ଧ ପ୍ରେମର ମହିମା କୀର୍ତ୍ତନ ହେଉଛି କବିତାଟିର ମୌଳିକ କଥାବସ୍ତୁ ।

ଭାରତୀୟ ପ୍ରାକୃତ ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣ

ପ୍ରେମ ଓ ସୌନ୍ଦର୍ଯ୍ୟ ଚେତନା ଉପରେ ଆଧାରିତ ପ୍ରାଚୀନ କବି ହାଳଙ୍କର ପ୍ରାକୃତ ଗୀତିକା ସଂକଳନ ଗୌରବମୟ ପରିପ୍ରକାଶ କ୍ଷେତ୍ରରେ ଏକ ଅନବଦ୍ୟ କୃତି । ଏଥିରେ ଶୃଙ୍ଗାର ରସଚର୍ଯ୍ୟାର ସୂକ୍ଷ୍ମତମ ଅନୁଭୂତି ଅତ୍ୟନ୍ତ ମର୍ମସ୍ପର୍ଶୀ । ଗ୍ରାମ୍ୟ ଜୀବନ ଆଧାରିତ ପ୍ରେମର ନାନାବିଧ ରୂପ ସମ୍ଭାର ଶ୍ଲୀଳ – ଅଶ୍ଳୀଳ, ବୈଧ – ଅବୈଧ, ସ୍ଥୂଳ ଓ ପ୍ରାଣବନ୍ତ ସବୁକିଛି ଏହି ଗ୍ରନ୍ଥର ପରିସରଭୁକ୍ତ । ଲୋକସାହିତ୍ୟ ପ୍ରଭାବ ପୁଷ୍ଟ ଏଇ କବିତଗୁଡିକ ପରବର୍ତ୍ତୀ କବି ଓ ଅଳଙ୍କାରିକ ସମାଜରେ ଉଚ୍ଚ ପ୍ରଶଂସା ଲାଭ କରିଅଛି । ବିରହିଣୀ ନାୟିକାର ଚିତ୍ର ଦେବାକୁ ଯାଇ 'ଗାଥା ସପ୍ତଶତୀ'କାରରେ ରହିଛି । ତାଙ୍କୁ ଦେଖିଲେ ଚକ୍ଷୁ ଦୁଇଟି ହୁଏତ ଦୁଇ ହାତରେ ଢାଙ୍କି ଦେବି କିନ୍ତୁ କଦମ୍ବ କୁସୁମ ପରି ପୁଲକିତ ଅଙ୍ଗକୁ ଅବା କିପରି ଢାଙ୍କିବି ! "ଅଚ୍ଛୀଇଁ ତା ଥଇସସଂ ଦୋହିଁ ହିଥଥେହିଁ ବି ତସ ସିଂଦିଟଠେ/ଅଙ୍ଗ କଲମ୍ବ କୁସୁମଂ ବ ପୁଲଇୟଂ କହଁ ଣୁ ଢକକିସସଂ" ପ୍ରାକୃତ ସାହିତ୍ୟର ଅନ୍ୟତମ ଜଣେ ଶ୍ରେଷ୍ଠ କବି ରାଜ ଶେଖର । ତାଙ୍କ ରଚିତ 'କର୍ପୂରମଞ୍ଜରୀ'ରେ ରାଜା ଚନ୍ଦ୍ରପାଳ ଓ

Listen to Odia Podcast Original at https://youtube.com/@drjyotiprasad

କୁନ୍ତଳର ରାଜକନ୍ୟା କର୍ପୂରମଞ୍ଜରୀଙ୍କ ପ୍ରଣୟ ଚିତ୍ର ତୋଳିବା ବେଳେ କାବ୍ୟରେ ସୌନ୍ଦର୍ଯ୍ୟ ଚେତନାର ପ୍ରବାହ ରହିଛି । ନାୟିକାର ରୂପ ବର୍ଣ୍ଣନା କରି ଲେଖିଛନ୍ତି - ପୃଥୁଳ ପୟୋଧର ଉପରୁ ଖସିପଡୁଥିବା ବସ୍ତ୍ରକୁ ଏକ ହାତରେ ତା ଉପରେ ରଖୁଛି । ବାର ବାର ପଦକ୍ଷେପ ଯୋଗୁଁ କଟି ବସ୍ତ୍ର ଢିଲା ହୋଇଯାଉଛି । ତେଣୁ ତାହାକୁ ଅନ୍ୟ ହାତରେ ସମ୍ଭାଳି ଧରୁଛି । ଏହି ରୂପମାଧୁରୀ କାହା ହୃଦୟକୁ ପ୍ରଭାବିତ କରୁ ନାହିଁ କି ! "ଏକକେଣ ପାଣି ଣିଣେଣ ଣିବେସଅନ୍ତୀ/ବଜ୍ଝଇଂ ଘଣଥଣତଥଇସଂସମାଣଂ/ଚିତ୍ତେ ଲିହିଜ୍ଜଦି ଣ କସସ ବି ମଜ୍ଝମନ୍ତୀ/ଅଣେଣଣ ଚଂକମଣଦୋ ଚଲିଦଂ କଡ଼ିଲ୍ଲଂ ।"

ଭାରତୀୟ ଅପଭ୍ରଂଶ ସାହିତ୍ୟରେ ନାନ୍ଦନିକ ଦୃଷ୍ଟିକୋଣ

ଅପଭ୍ରଂଶ ସାହିତ୍ୟର ପୃଷ୍ଠଭୂମି ଜୈନଧର୍ମ ଆଧାରିତ ଜୀବନରେ ଭୋଗ ବିଳାସର ଅସାରତା ପ୍ରତିପାଦନ କରିବା ଲକ୍ଷ୍ୟରେ ଜୈନଚାର୍ଯ୍ୟଗଣ ଲେଖନୀ ଧାରଣ କରିଥିଲେ । ସୁତରାଂ ଗ୍ରନ୍ଥ ବର୍ଣ୍ଣିତ ଚରିତ୍ର ସବୁ ନିର୍ଦ୍ଦିଷ୍ଟ ପଥର ପଥିକ । ସମସ୍ତେ ଯୌବନର ବିପୁଳ ସୌନ୍ଦର୍ଯ୍ୟରେ ଲିପ୍ତ ରହି ପରବର୍ତ୍ତୀ କାଳରେ ଧର୍ମର ଆଶ୍ରୟ ନେଇଛନ୍ତି । ବିମଳ ସୁରି ରାମାୟଣ, ଗୁଣଭଦ୍ର ରାମାୟଣ, ସୁବନ୍ଧୁ ରାମାୟଣ ଆଦି ପୁରାଣ ତଥା ଯଶହର ଚରିତ, ଣାୟକୁମାର ଚରିତ, କରକଣ୍ଡୁ ଚରିତ, ସୁଦଂସଣ ଚରିତ, ପଉମ ଚରିତ, ପଉମସିରି ଆଦି କାବ୍ୟ ଅପଭ୍ରଂଶ ସାହିତ୍ୟର ପ୍ରଧାନ ଗ୍ରନ୍ଥ । ହରିବଂଶ କଛୋଡଙ୍କ ମତରେ -"ୟେ ଚରିତ କାବ୍ୟ ତଥା କଥାତ୍ମକ ଗ୍ରନ୍ଥୋ ପ୍ରାୟ ଧର୍ମକେ ଆଚରଣ ମେ ଆବୃତ୍ତ ହୈ । ଅଧିକାଂଶ ଚରିତ କାବ୍ୟ ପ୍ରେମାଖ୍ୟାନକ ୟା ପ୍ରେମ ପରକ ହୈ ।" ଏ ସମସ୍ତ ଚରିତ କାବ୍ୟରେ ନଗର, ଋତୁ, ବିବାହ, ନାୟିକାଭେଦ, ନଖଶିଖ, ରତି, ଶୃଙ୍ଗାର ଆଦିର ମଧୁର ବର୍ଣ୍ଣନା ତଥା ଯକ୍ଷ, ଗନ୍ଧର୍ବ, ମୁନି, ଋଷି ସ୍ୱପ୍ନର ଅବତାରଣା ସ୍ଥଳ ବିଶେଷରେ ଦେଖିବାକୁ ମିଳେ । ହେମଚନ୍ଦ୍ରଙ୍କ ବ୍ୟାକରଣରେ ଅନେକ ଅପଭ୍ରଂଶ କବିତା ଉଦାହରଣ ରୂପେ ଗୃହୀତ । ଗୋଟିଏ ସ୍ଥଳରେ ଜଣେ ବିରହିଣୀ ନାୟିକାର ଆଲିଙ୍ଗନ କାମନା କିପରି ରମଣୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିବ୍ୟକ୍ତି ଲାଭ କରିଛି । ଯଦି କୌଣସି ପ୍ରକାରେ ପ୍ରିୟାକୁ ପାଏ ତେବେ ଅଦ୍ଭୁତ କାଣ୍ଡ କରିବି ଯେପରି ଜଳ ନୂଆ ସାରାରେ ପ୍ରବେଶ କରେ ସେହିପରି ତା'ର ସାରା ଦେହରେ ପଶିବି । ଭାରତୀୟ ସୌନ୍ଦର୍ଯ୍ୟ ଚେତନାର ପରମ୍ପରା ସେ ସମୟରେ ଶୃଙ୍ଗାର ଚେତନା ମାଧ୍ୟମରେ କବିମାନେ ନିଜ ନିଜ ଗ୍ରନ୍ଥରେ ସ୍ଥାନିତ କରି ଭାରତୀୟ ସାହିତ୍ୟକୁ ଉଚ୍ଚାଙ୍ଗ ଆଡକୁ ନେଇଛନ୍ତି । ଏହିପରି ଅନେକ ଉଦାହରଣ କାବ୍ୟରେ ରହିଛି ଯାହାର ଅଳ୍ପ କିଛି ଜାଣିବା କଥାର ଆଲୋଚନା ଏଠାରେ କରାଯାଇଅଛି । "କହ କେବଇଂ ପାବୀସୁ ପିଉ ଅର୍କଯ୍ୟା କୁଣ୍ଡ କରୀସୁ/ପାସୀଉ ନବହ ସରାବ ଜିଂବ ସବ୍ ବଂଗେ ପଇସୀସୁ ।"

ଭାରତୀୟ ଅଳଙ୍କାର ଶାସ୍ତ୍ରରେ ନାନ୍ଦନିକ ଦୃଷ୍ଟିକୋଣ

ଭାରତୀୟ ସାହିତ୍ୟ ଶାସ୍ତ୍ରରେ କାବ୍ୟାତ୍ମାର ଅନୁସନ୍ଧାନ କ୍ରମେ ଯେଉଁ କାବ୍ୟ ସିଦ୍ଧାନ୍ତମାନ ବିକଶିତ ହୋଇଛି ସେଗୁଡିକରେ ନନ୍ଦନତତ୍ତ୍ୱର ଅନ୍ୟନାମ ଅଳଙ୍କାରଶାସ୍ତ୍ର । ଅଳଙ୍କାର, ରୀତି, ଗୁଣ, ବକ୍ରୋକ୍ତି, ରସ, ଧ୍ୱନି ଓ ଔଚିତ୍ୟ ଆଦି ସମ୍ପ୍ରଦାୟ ଓ ସିଦ୍ଧାନ୍ତମାନ ମୁଖ୍ୟତଃ ଚାରୁତ୍ୱ, ରମଣୀୟତା, ବୈଚିତ୍ର୍ୟ, ବିଚ୍ଛିତି, ବକ୍ରତା, ଲାବଣ୍ୟ, ଚମତ୍କାର, ଆହ୍ଲାଦ ପ୍ରଭୃତି ସୌନ୍ଦର୍ଯ୍ୟତତ୍ତ୍ୱର ପରିମାପକ ଓ ମାର୍ମିକ ବିଶ୍ଳେଷଣ । ଭଗ୍ନାବରଣଚିତ୍, ସମ୍ବିତ ବିଶ୍ରାନ୍ତି, ବୀତବିଘ୍ନପ୍ରତୀତି, ଲୋକୋତ୍ତରାହ୍ଲାଦ ଜ୍ଞାନ ଗୋଚରତା, ବ୍ରହ୍ମାନନ୍ଦ ସହୋଦର ଆଦି ନାନ୍ଦନିକ କଳାର ଅବସ୍ଥା ସମ୍ବନ୍ଧରେ ଗଭୀର ଆଧ୍ୟାତ୍ମିକ ଓ ମନୋବୈଜ୍ଞାନିକ ରହସ୍ୟ ଉଦ୍ଘାଟନ ହୋଇଛି । ସୁମନାସ, ରସିକ, ସହୃଦୟ ଓ ବିଦୂଷକ ଆଦି ରସଗ୍ରାହୀମାନଙ୍କର ଯେଉଁ ଲକ୍ଷଣ ନିର୍ଦ୍ଦେଶ କରାଯାଇଛି ତହିଁରୁ ଉପଯୁକ୍ତ ନାନ୍ଦନିକ ପରିଚୟ ଉପଲବ୍ଧି କରିହୁଏ । କାବ୍ୟରେ ଅଳଙ୍କାରର ମହତ୍ତ୍ୱ ପ୍ରଥମେ ସ୍ୱୀକାର କରାଯାଉଥିଲା ଏହି ଅଳଙ୍କାରର ପ୍ରକୃତ ଅର୍ଥ ନନ୍ଦନ ବା ସୌନ୍ଦର୍ଯ୍ୟ । "ଆଚାର୍ଯ୍ୟ ବାମନ 'ସୌନ୍ଦର୍ଯ୍ୟମ୍ ଅଳଙ୍କାର' କହି କାବ୍ୟରେ ଏହାର ଉପଯୋଗିତା ସ୍ୱୀକାର କରିଛନ୍ତି । ସୌନ୍ଦର୍ଯ୍ୟ ନିମନ୍ତେ ଚାରୁତ୍ୱ ଶବ୍ଦର ପ୍ରୟୋଗରୁ ଜଣାଯାଏ ଯେ କାବ୍ୟରେ ଅଳଙ୍କାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହତ୍ତ୍ୱପୂର୍ଣ୍ଣ ନୁହେଁ, ଅଳଙ୍କାର, ବକ୍ରୋକ୍ତି ଓ ଧ୍ୱନିର ସମାବେଶ ବୈଶିଷ୍ଟ୍ୟହୀନ ଓ ନୀରସ ମନେହୁଏ । ଆଚାର୍ଯ୍ୟ ଆନନ୍ଦବର୍ଦ୍ଧନ 'ଅଳଙ୍କାରୋ ହି ଚାରୁତ୍ୱ ହେତୁଃ ପ୍ରସିଦ୍ଧଃ ।' –ନିର୍ଣ୍ଣୟ ଦେଇ ଅଳଙ୍କାରକୁ 'ଚାରୁତ୍ୱ ହେତୁ' ଘୋଷଣା କରିଛନ୍ତି । ଆଚାର୍ଯ୍ୟ ଦଣ୍ଡୀ କାବ୍ୟର ଶୋଭାକରକ ଧର୍ମ ରୂପେ ଅଳଙ୍କାରକୁ ଗ୍ରହଣ କରିଛନ୍ତି । ଯେଉଁ ଅଳଙ୍କାର କାବ୍ୟରେ ଶୋଭା ବଢାଏ ନାହିଁ ଅର୍ଥାତ ଯେଉଁଥିରେ ସୌନ୍ଦର୍ଯ୍ୟ ନାହିଁ ତାହା କାବ୍ୟର ଭୂଷଣ ନ ହୋଇ ଗୁରୁଭାର ହୋଇଉଠେ । ଆଚାର୍ଯ୍ୟ ଅଭିନବଗୁପ୍ତ ଅଳଙ୍କାରର 'ଚାରୁତ୍ୱ ଅତିଶୟ' ଉପରେ ଗୁରୁତ୍ୱ ଦିଅନ୍ତି । ଚାରୁତ୍ୱବିହୀନ ଅଳଙ୍କାର କାବ୍ୟରେ ସେହିଭଳି ମର୍ଯ୍ୟାଦା ପାଏ ନାହିଁ । 'ଅପୟ ଦୀକ୍ଷିତ ଗୋ ସଦୃଶଃ ଗବୟଃ ଇତି ନୋପମା' – ଏଥିପାଇଁ କହିଛନ୍ତି ଯେ, ଏହି ବାକ୍ୟରେ ସୌନ୍ଦର୍ଯ୍ୟ ନାହିଁ । ଗୋରୁର ସାଦୃଶ୍ୟ ଉପମରେ ଏହା କୁହାଯାଇଥଲେ ମଧ୍ୟ ଏହା ଚାରୁତ୍ୱର ଅଭାବ ହେତୁ ହୃଦ ନୁହେଁ । କେବଳ ଅଳଙ୍କାର ନିମନ୍ତେ ନୁହେଁ ଅଭିନବଗୁପ୍ତଙ୍କ ମତରେ ଚାରୁତ୍ୱ ପ୍ରତୀତି ହିଁ କାବ୍ୟର ଆତ୍ମା । ଧ୍ୱନି କାବ୍ୟରେ ପ୍ରତୀୟମାନ ଅର୍ଥକୁ ମଧ୍ୟ ସୁନ୍ଦର ହେବା ଦରକାର । କାରଣ ପ୍ରତୀୟମାନ ଅର୍ଥ ଅସୁନ୍ଦର ହେଲେ ଧ୍ୱନିର ଉଦ୍ଭବ ଅସମ୍ଭବ । ଆଚାର୍ଯ୍ୟ ମମ୍ମଟ 'ଅନଳଂ କୃତୀ ପୁନଃ କ୍ୱାପି' ପଦରେ କାବ୍ୟରେ ଅଳଙ୍କାରର ପ୍ରୟୋଜନୀୟତାକୁ ଅସ୍ୱୀକାର କରିଛନ୍ତି ଓ ଆନନ୍ଦବର୍ଦ୍ଧନ, ବିଶ୍ୱନାଥ ଆଚାର୍ଯ୍ୟ ପ୍ରଭୃତି ଏହାକୁ କାବ୍ୟର ଶରୀରରେ କନକ କୁଣ୍ଡଳବତ୍ ଅସ୍ଥିର ଅନିତ୍ୟ ଧର୍ମ କହନ୍ତି । ତଥାପି ଏହା କାବ୍ୟ ଶୋଭାର ଅତିଶୟ କାରକ ଧର୍ମ ଓ ଅସ୍ଥିର ହେଲେ ମଧ୍ୟ ଶୋଭାତିଶାୟୀ । ଅଳଙ୍କାରର କଟକାଦି ଆଭୂଷଣ ଭଳି କାବ୍ୟ ଦେହ ସହିତ ଅଳଙ୍କାର ଭୂଷିତା ରମଣୀର ଶୋଭା ବୃଦ୍ଧି ପାଇବା ପରି ଉପମାଦି ଅଳଙ୍କାର କାବ୍ୟର ଶୋଭାବର୍ଦ୍ଧନ କରନ୍ତି । କାବ୍ୟ ସୃଷ୍ଟି ସଙ୍ଗେ ଅଳଙ୍କାର ସୃଷ୍ଟି ସ୍ୱତଃ ହୋଇଥାଏ । ଏଥିପାଇଁ କବିଙ୍କୁ ସ୍ୱତନ୍ତ୍ର ପ୍ରୟାସ କରିବାକୁ ପଡେ ନାହିଁ । "ରସାକ୍ଷିପ୍ତତୟା ଯସ୍ୟ ବନ୍ଧଃ ଶକ୍ୟକ୍ରିୟୋ ଭାବେତ/ଅପୃଥଗ୍ ଯତ୍ନ ନିର୍ବର୍ତ୍ୟଃ ସୋଅଳଂକାରୋ ଧ୍ୱନୌ ମତଃ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିଙ୍କର ମୂଳଲକ୍ଷ୍ୟ ରସାଭିବ୍ୟକ୍ତି । ଯେଉଁ ଅଳଙ୍କାର ସ୍ୱତଃ କାବ୍ୟ ମଧ୍ୟରେ ସ୍ଥାନ ଗ୍ରହଣ କରେ ତାହା ରସ ପ୍ରତୀତିରେ ବାଧକ ହୋଇ ନଥାଏ । ଏହିଭଳି ଅଳଙ୍କାର ରସାଙ୍ଗ ରୂପରେ ଗ୍ରହଣୀୟ । କାବ୍ୟ ପାଠ କାଳରେ ସହୃଦୟ ଅଳଙ୍କାର ସମ୍ବନ୍ଧରେ ସଚେତନ ନ ଥାଇ ମଧ୍ୟ କାବ୍ୟରସ ଆସ୍ୱାଦନ କରିପାରେ । ଆଚାର୍ଯ୍ୟ ଆନନ୍ଦବର୍ଦ୍ଧନଙ୍କ ଆବଶ୍ୟକ ହୁଏ ନାହିଁ ଓ ଯାହାର ନିଷ୍ପତ୍ତି ପରେ କିପରି ହେଲା କବି ନିଜେ ବିସ୍ମିତ ହୁଅନ୍ତି ସେହି ଅଳଙ୍କାର ସୌନ୍ଦର୍ଯ୍ୟତତ୍ତ୍ୱର ପରିଚାୟକ ।

ରୀତି ସମ୍ପ୍ରଦାୟର ସଂସ୍ଥାପକ ଆଚାର୍ଯ୍ୟ ବାମନଙ୍କ ମତରେ 'ରୀତିରାତ୍ମା କାବ୍ୟସ୍ୟ' ମାତ୍ର ଆଚାର୍ଯ୍ୟ ବିଶ୍ୱନାଥ କବିରାଜଙ୍କ ମତ 'ପଦାସଙ୍ଗଠନା ରୀତିରଙ୍ଗସଂସ୍ଥା ବିଶେଷବତ୍' ଓ 'ଉପକର୍ତ୍ତ୍ରୀ ରସାଦୀନାମ୍' ଭାବେ ଗୃହୀତ ହେଲା । ଆତ୍ମା ସ୍ଥାନରୁ ଭ୍ରଷ୍ଟ ହୋଇ ଅଙ୍ଗ ସଂସ୍ଥାନ ମାତ୍ରକରେ ପର୍ଯ୍ୟବସିତ ହେଲେ ମଧ୍ୟ ଆଚାର୍ଯ୍ୟ ବାମନଙ୍କ ବିଶିଷ୍ଟ ପଦ ରଚନା ଶବ୍ଦ ଚମତ୍କାର ଓ ଅର୍ଥ ଚମତ୍କାର କାବ୍ୟର ଆତ୍ମାଭୂତ ରସାଦିର ଉତ୍କର୍ଷ ସାଧନ କରେ । 'ଶବ୍ଦାର୍ଥ ସୌନ୍ଦର୍ଯ୍ୟଯୁକ୍ତ ବିଶିଷ୍ଟ ପଦ ରଚନା ରୀତିଃ ।' ବିଶିଷ୍ଟ ଅର୍ଥ – ଗୁଣ ସମ୍ପନ୍ନ ଅର୍ଥାତ ଗୁଣର ଆଶ୍ରୟରେ ରୀତିର ସ୍ଥିତି । ଗୁଣର ତାତ୍ପର୍ଯ୍ୟକାବ୍ୟ ଶୋଭାକାରକ ଧର୍ମ । ଗୁଣ ବିବେଚନରେ କାବ୍ୟ – ସୌନ୍ଦର୍ଯ୍ୟର ଉପକାରକ ରୂପେ ନିରୂପିତ ହୋଇଥିବା ଶ୍ଳେଷ ଗୁଣରେ ମସୃଣତା, ସମତାଗୁଣରେ ମମ୍ଗାତ୍ରା / ଅବୈଷମ୍ୟ, ମାଧୁର୍ଯ୍ୟ ଗୁଣରେ ବୈଚିତ୍ର୍ୟ, ପ୍ରସାଦଗୁଣରେ ଚିତ୍ତର ନିର୍ମଳତା ଓ କାନ୍ତି ଗୁଣରେ ଦୀପ୍ତରସତ୍ୱ ବା ବର୍ଣ୍ଣ ପ୍ରକର୍ଷର ସୂଚନା ମିଳେ । ଆଚାର୍ଯ୍ୟ କୁନ୍ତକ ଔଚିତ୍ୟ ଓ ସୌଭାଗ୍ୟ ନାମକ ଯେଉଁ ଦୁଇଟି ସାମାନ୍ୟ ଗୁଣ ନିରୂପଣ କରିଛନ୍ତି, ତହିଁରେ ଯଥୋଚିତ ବିଧାନ ଔଚିତ୍ୟ ଓ ଚେତନାକୁ ଚମତ୍କୃତ କରୁଥିବା ଗୁଣ ଉଲ୍ଲେଖଯୋଗ୍ୟ । ସେ ୪ ଟି ଗୁଣ ଆବିଷ୍କାର କରିଛନ୍ତି । ଯଥା – ମାଧୁର୍ଯ୍ୟ, ପ୍ରସାଦ, ଲାବଣ୍ୟ ଓ ଆଭିଜାତ୍ୟ । ଏଥିମଧ୍ୟରୁ ଲାବଣ୍ୟ ଗୁଣ ନାନ୍ଦନିକ ଦୃଷ୍ଟିକୋଣ ଦ୍ୱାରା ସମାହିତ ଥାଏ । ଧ୍ୱନିବାଦୀମାନେ ଗୁଣକୁ ରସ – ଧର୍ମ ରୂପେ ଗ୍ରହଣ କରି ରସାସ୍ୱାଦନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଳରେ ଚିତ୍ତର ତିନୋଟି ଅବସ୍ଥାକୁ ଗ୍ରହଣ କଲେ ଦ୍ରୁତି, ଦୀପ୍ତି ଓ ବ୍ୟାପକତ୍ୱ । ତେଣୁ ସେମାନେ ଚିତ୍ତବୃତ୍ତିର ଅନୁରୂପ ମାଧୁର୍ଯ୍ୟ, ଓଜ ଓ ପ୍ରାସାଦ ନାମକ ତିନୋଟି ଗୁଣ ସ୍ୱୀକାର କଲେ । ଶୃଙ୍ଗାର କରୁଣାଦି ରସାସ୍ୱାଦନ କାଳରେ ଚିତ୍ତ ଦ୍ରବୀଭୂତ ହେବା ତଥା ବୀର ରୌଦ୍ରାଦି ରସାନୁଭୂତିରେ ଦୀପ୍ତାବସ୍ଥା ପ୍ରାପ୍ତ ହୁଏ ଓ ସକଳ ରସର ଅନୁଭୂତିରେ ଚିତ୍ତର ବ୍ୟାପକତ୍ୱ ସଂଶୋଧିତ ହୁଏ । ସୌନ୍ଦର୍ଯ୍ୟ ପ୍ରତୀତିର ଏହାହିଁ ସ୍ୱାଭାବିକ ପରିଣତି । ମାଧୁର୍ଯ୍ୟ ଗୁଣରେ ଚିତ୍ତର ଦ୍ରୁତି, ଓଜ ଗୁଣରେ ଦୀପ୍ତି ଓ ପ୍ରାସାଦ ଗୁଣରେ ବ୍ୟାପକତା ଆସେ । କାବ୍ୟରେ ଗୁଣର ସ୍ଥାନ ଶରୀରରେ ଯୌବନର ଅବସ୍ଥାନ ପରି ହୋଇଥାଏ । ବକ୍ରୋକ୍ତି ସମ୍ପ୍ରଦାୟର ପ୍ରଧାନ ଆଚାର୍ଯ୍ୟ ହେଉଛନ୍ତି ରାଜନକ କୁନ୍ତକ । ସେ 'ବକ୍ରୋକ୍ତି କାବ୍ୟଜୀବିତମ୍' ଘୋଷଣା କରି ଏହାର ବିଶିଷ୍ଟ ଲକ୍ଷଣ ନିର୍ଦ୍ଦେଶ କଲେ – 'ବକ୍ରୋକ୍ତିରେବ ବୈଦଗଧ୍ୟଭଙ୍ଗୀ ଭଣିତ' ଅର୍ଥାତ କବି କର୍ମ ବା ବ୍ୟାପାର ଦ୍ୱାରା ବିଚ୍ଛିତ ବା ଚମତ୍କାର କଥନକୁ ବକ୍ରୋକ୍ତି କୁହାଯାଏ । ସହୃଦୟମାନଙ୍କୁ ଆହ୍ଲାଦ ଦେଉଥିବା ଶବ୍ଦ ଓ ଅର୍ଥ କବିର ବକ୍ରତା ଦ୍ୱାରା ସୁଶୋଭିତ ହୋଇ ବନ୍ଧରେ ବ୍ୟବସ୍ଥା କରାଯାଇଥିଲେ ତାହା କାବ୍ୟ ହୁଏ । "ଶବ୍ଦାର୍ଥୌ ସହିତୌ ବକ୍ର କବି ବ୍ୟାପାର ଶାଳିନି/ବନ୍ଧେ ବ୍ୟବସ୍ଥିତୌ କାବ୍ୟଂ ତଦ୍ ବିଦହ୍ଲାଦାକାରିଣି ।"

ଆଚାର୍ଯ୍ୟ ଅଭିନବଗୁପ୍ତଙ୍କ ମତରେ ଶବ୍ଦ ଓ ଅର୍ଥର ମିଳନ ହିଁ କାବ୍ୟ । ଶବ୍ଦାର୍ଥର ବକ୍ରତା ନିମନ୍ତେ ଏହାର ଲୋକୋତ୍ତର ଅବସ୍ଥିତି ଉପରେ ଗୁରୁତ୍ୱ ଦେଲେ କାବ୍ୟ ରମଣୀୟ ହୋଇଥାଏ । କୁନ୍ତକ ଶବ୍ଦ ଓ ଅର୍ଥକୁ ଅଳଂକାର୍ଯ୍ୟ କାବ୍ୟ ଶରୀର ଓ ବକ୍ରୋକ୍ତିକୁ ଏହାର ଅଳଙ୍କାର ଭାବେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ସମସ୍ତ ଅଳଙ୍କାର ମୂଳରେ ବକ୍ରୋକ୍ତିର ସତ୍ତା ବିଦ୍ୟମାନ । ବକ୍ରୋକ୍ତି ହେଉଛି କବି କଥନର ବିଶେଷ ଭଙ୍ଗୀ । ଏହି ଭଙ୍ଗୀ ଦ୍ୱାରା କାବ୍ୟୋକ୍ତିରେ ଚମତ୍କାର, ଚାରୁତା ଓ ଶୋଭା ସମ୍ପାଦିତ ହୁଏ । ଏହା ଶରୀରରେ ପ୍ରାଣ ଭଳି କବିତାର ସର୍ବାଙ୍ଗକୁ ଜୀବନ୍ତ କରିଦିଏ । ଏହି ସୌନ୍ଦର୍ଯ୍ୟାତ୍ମକ ଗୁଣର ଅଭାବରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାବ୍ୟ ନୀରସ ହୋଇପଡେ । ଆଚାର୍ଯ୍ୟ କୁନ୍ତକ ଏହିପରି ସୌନ୍ଦର୍ଯ୍ୟାନନ୍ଦକୁ ବ୍ୟକ୍ତିନିଷ୍ଠ କହିଛନ୍ତି । "ଅପର୍ଯ୍ୟାଲୋଚିତେ ଅପ୍ୟର୍ଥେ ବନ୍ଧ ସୌନ୍ଦର୍ଯ୍ୟ ସଂପଦା/ଗୀତବଦ୍ ହୃଦୟାହ୍ଲାଦଂ ତଦବିଦ୍ୟାଂ ବିଦଧାତି ଯତ୍/ବାଚ୍ୟାବବୋଧ ନିଷ୍ପତ୍ତୌ ପଦବାକ୍ୟାର୍ଥବର୍ଜିତମ୍/ଯତ୍ କିମପ୍ୟର୍ପୟତ୍ୟନ୍ତଃ ପାନକା ସ୍ୱାଦବତ୍ ସତାମ୍/ଶରୀରଂ ଜୀବିତେନେବ ସ୍ଫୁରିତେ ନେବ ଜୀବିତମ୍/ବିନା ନିର୍ଜୀବଣଂ ଯେନ ବାକ୍ୟଂ ଯାତି ବିପଶ୍ଚିତାମ୍/ଯସ୍ମାତ୍ କିମପି ସୌଭାଗ୍ୟଂ ତଦ୍ ବିଦାମେବ ଗୋଚରମ୍ ।" ଆଚାର୍ଯ୍ୟ କୁନ୍ତକ ସୌଭାଗ୍ୟ ଓ ଲାବଣ୍ୟ ଶବ୍ଦ ଯୁଗଳ ଦ୍ୱାରା କାବ୍ୟ ସୌନ୍ଦର୍ଯ୍ୟକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି । ସେ ସୌଭାଗ୍ୟ ଗୁଣକୁ 'ଅଲୌକିକ ଚମତ୍କାରକାରି କାବୈକ ଜୀବିତମ୍' ଅର୍ଥାତ୍ ଲାବଣ୍ୟ ହେଉଛି ବନ୍ଧ ସୌନ୍ଦର୍ଯ୍ୟ ଯାହାକି ରଚନାର ସୌନ୍ଦର୍ଯ୍ୟ । ଆଚାର୍ଯ୍ୟ କ୍ଷେମେନ୍ଦ୍ରଙ୍କ ଔଚିତ୍ୟ ବିଚାର ଓ କାବ୍ୟୋତ୍ତର ଲଳିତ କଳା ପ୍ରତି ସମାନ ଭାବରେ ପ୍ରଯୁଜ୍ୟ ଏକ ବ୍ୟାପକ ସିଦ୍ଧାନ୍ତ । ଔଚିତ୍ୟକୁ ସେ ସୌନ୍ଦର୍ଯ୍ୟର ନିୟାମକ କହିଛନ୍ତି । ଯାହାର ସଦୃଶ ତାହାକୁ ଉଚିତ କୁହାଯାଏ । ଉଚିତର ଭାବ ହିଁ ଔଚିତ୍ୟ । ଔଚିତ୍ୟ ହେତୁ ରସରେ ସୌନ୍ଦର୍ଯ୍ୟ ଫୁଟେ । ରସ କାବ୍ୟର ଆତ୍ମା ହେଲେ ଔଚିତ୍ୟ ତାହାର ଜୀବନ । ଏହା କାବ୍ୟ ସୌନ୍ଦର୍ଯ୍ୟର ମୂଳତତ୍ତ୍ୱ । ଅଳଙ୍କାର, ଗୁଣ, ରସ, ଧ୍ୱନି ସକଳ କାବ୍ୟତତ୍ତ୍ୱରେ ଔଚିତ୍ୟ ହିଁ ଚାରୁତା ସମ୍ପାଦନ କରେ ଔଚିତ୍ୟକୁ ରସର ଜୀବନ ରୂପେ ଗ୍ରହଣ କରି ସେ ଲେଖିଛନ୍ତି -"ଔଚିତ୍ୟସ୍ୟ ଚମତ୍କାର କାରିଣଶ୍ଚାରୁ ଚର୍ବଣେ/ସର ଜୀବିତ ଭୂତସ୍ୟ ବିଚାରଂ କୁରୁତେଅଧୂନା ।" ଆଚାର୍ଯ୍ୟ ଆନନ୍ଦବର୍ଦ୍ଧନ ଧ୍ୱନିକୁ କାବ୍ୟର ଆତ୍ମା କହିଛନ୍ତି । ଭାରତୀୟ ନାନ୍ଦନିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଅଭିନବ ଦୃଷ୍ଟିକୋଣ ଧ୍ୱନି ସିଦ୍ଧାନ୍ତରେ ନିହିତ ରହିଛି । ଶ୍ରେଷ୍ଠ କାବ୍ୟ କେବଳ ବାଚ୍ୟାର୍ଥରେ ପରିସମାପ୍ତି ନ ହୋଇ ବିଷୟାନ୍ତରର ବ୍ୟଞ୍ଜନା କରେ । ଶବ୍ଦ ଓ ଅର୍ଥ ସ୍ୱ ସ୍ୱ ପ୍ରାଧାନ୍ୟ ପରିତ୍ୟାଗ କରି ଅନ୍ୟ ଗୋଟିଏ ଅର୍ଥର ଆଭାସ ବା ବ୍ୟଞ୍ଜନା କରୁଥିଲେ ତାହା ଧ୍ୱନି ହୁଏ କାବ୍ୟର ଆତ୍ମା ଭାବରେ ସ୍ୱୀକୃତ ଅଭିଧା ଓ ଲକ୍ଷଣା ଅର୍ଥର ବିରତି ପରେ କାବ୍ୟର ମନୋହର ଅର୍ଥ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟଞ୍ଜିତ ହୁଏ । ତାନପୁରା ବା ଘଣ୍ଟ ବଜାଇବା ଦ୍ୱାରା ଯେଉଁ ଧ୍ୱନି ପ୍ରତୀତ ହୁଏ ତାହା ଅନୁରଣ ଧ୍ୱନି ଅଟେ କାବ୍ୟର ବ୍ୟଙ୍ଗାର୍ଥ ଏହି ଅନୁରଣନ ଧ୍ୱନି ଭଳି ବାଚ୍ୟାର୍ଥ ଠାରୁ ଏହା ଅଧିକ ଚମତ୍କାରୀ । "ପ୍ରତୀୟମାନଂ ପୁନରନ୍ୟ ଦେବ ବସ୍ତୁସ୍ତି ବାଣୀଷୁ ମହାକବିନାମ୍/ ଯତ୍ତତ୍ ପ୍ରସିଦ୍ଧାବୟବାତିରିକ୍ତଂ ବିଭାତି ଲାବଣ୍ୟମିବାଙ୍ଗିନାମ୍ ।" ସୌନ୍ଦର୍ଯ୍ୟତତ୍ତ୍ୱର ପୃଷ୍ଠଭୂମିରୁ ବିଚାରକଲେ ଭାରତୀୟ ରସ ନିରୂପଣ ଏହାର ସମକକ୍ଷ ହୋଇଉଠେ । ପ୍ରାଚ୍ୟ ରସ ସିଦ୍ଧାନ୍ତ ଓ ପଶ୍ଚାତ୍ୟ ସୌନ୍ଦର୍ଯ୍ୟତତ୍ତ୍ୱ ଉଭୟେ ରସ ଓ ସୌନ୍ଦର୍ଯ୍ୟ ମୂଳରେ ବସ୍ତୁ ବା ମାନସିକ ଅବସ୍ଥାକୁ ସ୍ୱୀକାର କରନ୍ତି । ଚେତନାର ପୂର୍ଣ୍ଣତାରୁ ଯେଉଁ ଅନୁଭୂତି ମିଳେ, ତାହା ଆତ୍ମାର ଆନନ୍ଦ ଏହି ଆନନ୍ଦର ବ୍ୟାଖ୍ୟା କରି ହେମଚନ୍ଦ୍ର କହିଲେ– "ସଦ୍ୟୋ ରସାସ୍ୱାଦ ଜନ୍ମା ନିରସ୍ତ ବେଦ୍ୟାନ୍ତରା ବ୍ରହ୍ମାସ୍ୱାଦ ସଦୃଶୀ ପ୍ରୀତିରାନନ୍ଦଃ" ଅର୍ଥାତ୍ ଆନନ୍ଦ ରସାନୁଭୂତିରୁ ସଦ୍ୟଜାତ ହୁଏ ଓ ଏହି ଅନୁଭୂତି ବ୍ରହ୍ମାସ୍ୱାଦ ସଦୃଶ ଏଥିରେ ଅନ୍ୟ କୌଣସି ବେଦ୍ୟ ବିଷୟ ରହେ ନାହିଁ । ରସ ହେଉଛି ଆସ୍ୱାଦ୍ୟ । ଆଚାର୍ଯ୍ୟ ବିଶ୍ୱନାଥ କବିରାଜଙ୍କ ମତରେ ରସ ସୌନ୍ଦର୍ଯ୍ୟର ଲକ୍ଷଣ ହେଉଛି ସତ୍ତ୍ୱ ଗୁଣକୁ ଉଦ୍ରିକ୍ତ ହୁଏ : ଏହା ଅଖଣ୍ଡ, ସ୍ୱପ୍ରକାଶ, ଆନନ୍ଦ ଓ ଚିନ୍ମୟ ବେଦ୍ୟାନ୍ତର ସ୍ପର୍ଶ ଶୂନ୍ୟ ଅର୍ଥାତ୍ ମନର ଅନ୍ୟ ବିଧି କ୍ରିୟା ଶୂନ୍ୟତା ମନରେ ଆସେ ବ୍ରହ୍ମାସ୍ୱାଦର ସମକକ୍ଷ ଏହା ଲୋକୋତ୍ତର ଚମତ୍କାର ପ୍ରାଣ ସଦୃଶ ହୋଇଥାଏ । ବିଶ୍ୱନାଥ କବିରାଜ ରସାନୁଭୂତି ପାଇଁ ହୃଦୟରେ ସତ୍ତ୍ୱଗୁଣର ପ୍ରାଧାନ୍ୟ ସ୍ୱୀକାର କରନ୍ତି । ରଜଃ, ତମଃ ଦ୍ୱାରା ଅସ୍ପୃଷ୍ଟ ମନକୁ ସତ୍ତ୍ୱ କୁହାଯାଏ । "ରଜସ୍ତ ମୋଭ୍ୟାମସ୍ପୃଷ୍ଟଂ ମନଃ ସତ୍ତ୍ୱମିହୋଚ୍ୟତେ ।" ସୌନ୍ଦର୍ଯ୍ୟର ଆସ୍ୱାଦନ ବା ଆତ୍ମାର ଅଲୌକିକ ଆନନ୍ଦ ପ୍ରାପ୍ତି ସ୍ୱଚ୍ଛ ଓ ବିଶୁଦ୍ଧ ମନ ଉପରେ ନିର୍ଭର କରେ ରସାନୁଭୂତି କାଳରେ କମନାର ସାମୟିକ ବିଲୋପ ଘଟେ ।

ନିଃସ୍ୱାର୍ଥପର ମଗ୍ନତା ରସାବେଶ କାଳରେ ଆତ୍ମାର ଆନନ୍ଦ ଜାତ କରେ । ଆତ୍ମାର ଆବରଣ ଭଙ୍ଗ ଘଟିବା ଫଳରେ ଅନ୍ୟର ସୁଖଦୁଃଖ ସହିତ ମନ ନିଜକୁ ମିଶାଇ ଦିଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରସାନନ୍ଦ ଇନ୍ଦ୍ରିୟାନନ୍ଦ ଭଳି ସ୍ଥୂଳ ନୁହେଁ ସେହିପରି ଧନଞ୍ଜୟଙ୍କ ମତରେ - "ରସାନୁଭୂତ ଆତ୍ମାନନ୍ଦସମୁଦ୍ଭବଃ ।" ଏହା ବିଳାସ, ବିସ୍ତାର, କ୍ଷୋଭ ଓ ବିକ୍ଷେପ ନାମକ ଚାରିଗୋଟି ସ୍ଥୂଳ ମାନସିକ ଅବସ୍ଥା । ରସାବସ୍ଥାରେ ଚମତ୍କାରିତା ଏହାର ସାର ରୂପେ ଅନୁଭବ ହୁଏ । ଚମତ୍କାର ଏହାର ସାର ହୋଇଥିବାରୁ ରସ ପ୍ରତ୍ୟେକ ଅବସ୍ଥାରେ ଅଦ୍ଭୁତ । ଏଣୁ ରସ ସୌନ୍ଦର୍ଯ୍ୟାନନ୍ଦର ମହତୀ ଶକ୍ତିର ପ୍ରକାଶକ । ଆତ୍ମା ପ୍ରକାଶ ଏହାର ଧର୍ମ, ଚିତ୍ତ ବିସ୍ତାର ହିଁ ରସର ନାନ୍ଦନିକ ପ୍ରକାଶ । ପଣ୍ଡିତରାଜ 'ରମଣୀୟତା' ଶବ୍ଦ ସୌନ୍ଦର୍ଯ୍ୟ ଅର୍ଥରେ ବ୍ୟବହାର କରିଛନ୍ତି । "ରମଣୀୟତା ଚ ଲୋକୋତ୍ତରାହ୍ଲାଦ ଜ୍ଞାନ ଗୋଚରତା ।" ଅଲୌକିକ ଆନନ୍ଦର ଜ୍ଞାନ ଗୋଚରତା ହିଁ ରମଣୀୟତା ଚମତ୍କାରତ୍ୱ ଏହାର ଅପର ପର୍ଯ୍ୟାୟ ସେ ରସ ସ୍ଥାନରେ ରମଣୀୟତା, ଆନନ୍ଦ ସ୍ଥାନରେ ଆହ୍ଲାଦ ଓ ସମ୍ବିତ ବିଶ୍ରାନ୍ତି ସ୍ଥାନରେ ଚମତ୍କାରତ୍ୱର ସଂଯୋଜନା କରି ସୌନ୍ଦର୍ଯ୍ୟର ନୂତନ ଭାଷ୍ୟ କରିଛନ୍ତି । "ପଣ୍ଡିତରାଜଙ୍କ 'ରମଣୀୟତା'ରେ ଗାୟନଗୋଚରତ ଲୋକୋତ୍ତର ଆହ୍ଲାଦର ଜନକ । ଚମତ୍କାର ଅନୁସନ୍ଧାନାତ୍ମକ ଭାବନା ବିଶେଷର ଦାନ ଓ ଜ୍ଞାନଗୋଚରତାରୁ ଆହ୍ଲାଦ ଲାଭ ହୁଏ । ଆହ୍ଲାଦ, ଜ୍ଞାନ ଓ କ୍ରିୟା - ରାମଣୀୟାନୁଭୂତିରେ ଏ ତିନୋଟିର ସମାବେଶ କରି ପଣ୍ଡିତରାଜ ଭାରତୀୟ ସୌନ୍ଦର୍ଯ୍ୟତତ୍ତ୍ୱରେ ବ୍ୟାପକ ପରିବର୍ତ୍ତନ ଆଣିଦେଲେ । ତେଣୁ ରସ ଅଲୌକିକ ଆନନ୍ଦ ଓ ସଂସାରରେ ଏକ ସୌନ୍ଦର୍ଯ୍ୟମୟ ବସ୍ତୁ ।" ଆଚାର୍ଯ୍ୟ ଭୋଜ ଅହଂକାରକୁ ମୂଳ ପ୍ରବୃତ୍ତି ସ୍ୱୀକାର କରିଛନ୍ତି । ମାନବ ଆତ୍ମସ୍ଥିତ ଅହଂକାରର ଅନୁଭବ କରେ । ଏହି ଅହଂକାର ବା ଅଭିମାନ ବୃତ୍ତି ହିଁ ଶୃଙ୍ଗାରରସ ଓ ଏହାହିଁ ରସ ରୂପରେ ପ୍ରକାଶିତ ହୁଏ । ଅହଂକାର ଆନନ୍ଦମୟ ହୋଇଥିବାରୁ ତାହାର ଅନୁଭବ ମଧ୍ୟ ଆନନ୍ଦମୟ । "ଭୋଜଙ୍କ ମତରେ ଶୃଙ୍ଗାର ରସ ହିଁ ମହାରସ ଭାବରେ ଗ୍ରହଣୀୟ । ଅହଂକାରରୁ ସକଳ ସ୍ଥାୟୀ ଭାବ ରସ ସକଳ ବିକଶିତ ହୁଅନ୍ତି । ଭୋଜଙ୍କ ଅହଂକାର ଶୃଙ୍ଗାର ରତି ଭାବ ନୁହେଁ । ରତି ପ୍ରଭୃତି ଭାବ ଏହି ଅହଂକାର ଶୃଙ୍ଗାରରୁ ଉତ୍ପନ୍ନ

Listen to Odia Podcast Original at https://youtube.com/@drjyotiprasad

ହୁଅନ୍ତି । ସଂସ୍କୃତିର ସର୍ବୋଚ୍ଚ ଶିଖରରେ ଉପନୀତ ହୋଇଥିବା ବ୍ୟକ୍ତିର ଅହଂକାର ଏଠାରେ ଭୋଜଙ୍କର ଲକ୍ଷ୍ୟ ।" ଆଦର୍ଶ ରସଗ୍ରାହୀ ଭାରତୀୟ କାବ୍ୟତତ୍ତ୍ୱରେ ସମନସଃ, ରସିକ ଓ ସହୃଦୟ ନାମରେ ଅଭିହିତ । ସହୃଦୟର ଅର୍ଥ ହେଲା ଯାହାଙ୍କରର ହୃଦୟ ବୃତ୍ତି କବି ଭଳି । ସେ କବିଙ୍କର ସମାନଧର୍ମ ଓ ସମସ୍ଥାନୀୟ । ଅଭିନବଗୁପ୍ତଙ୍କ ମତରେ ସହୃଦୟ ହିଁ କବିତାର ପ୍ରାଣ ନିକଟରେ ପହଞ୍ଚାଇବା ପାଇଁ କ୍ଷମ । ବସ୍ତୁର ପ୍ରତିଭାନ ବା ସାକ୍ଷାତକାର ପାଇଁ ଯାହାଙ୍କର ହୃଦୟ ବିମଳ ସେ ହିଁ ପ୍ରକୃତ କାବ୍ୟାସ୍ୱାଦନର ଅଧିକାରୀ । ଆଚାର୍ଯ୍ୟ ଅଭିନବଗୁପ୍ତଙ୍କ ସହୃଦୟର ସଂଜ୍ଞା ଦେଇ ଲେଖିଛନ୍ତି– "ଯେଷାଂ କାବ୍ୟାନୁଶୀଳନତାଭ୍ୟାସବଶାଦ୍ ବୀଶଦୀଭୁତେ ମନୋ ମୁକୁରେ/ବର୍ଣ୍ଣନୀୟ ତନ୍ମୟୀ ଭବନ ଯୋଗ୍ୟତା ତେ ସ୍ୱହୃଦୟ ସମ୍ବାଦଭାଜଃ ସହୃଦୟାଃ ।" କାବ୍ୟାନୁଶୀଳନ ଅଭ୍ୟାସବଶତଃ ଯେଉଁମାନେ ବର୍ଣ୍ଣନୀୟ ବସ୍ତୁ ସହିତ ତନ୍ମୟ ହୋଇପାରନ୍ତି, ସେହିମାନେ ହିଁ ସହୃଦୟ । ଆଚାର୍ଯ୍ୟ ଅଭିନବଗୁପ୍ତ ରୂପ - ସୌନ୍ଦର୍ଯ୍ୟ ଓ ସହୃଦୟତାର ଅନ୍ୟ ଏକ ମାନଦଣ୍ଡ ସ୍ଥିର କରିଛନ୍ତି – ବୀର୍ଯ୍ୟବିକ୍ଷୋଭନ ଶକ୍ତି ଓ ସହୃଦୟର ବୀର୍ଯ୍ୟବିକ୍ଷେଭାତ୍ମା ଅର୍ଥାତ୍ ଚକ୍ଷୁକୁ ରମଣୀୟ ଦୃଶ୍ୟ ଦେଉଥିବା ରୂପ ବୀର୍ଯ୍ୟବିକ୍ଷୋଭ ହେତୁ ବ୍ୟକ୍ତିକୁ ସୁଖ ଦିଏ । ରୂପଗୋସ୍ୱାମୀଙ୍କ ଲାବଣ୍ୟ ଏକ ଅନ୍ତର୍ନିହିତ ଗୁଣ । ମୁକ୍ତ ଫଳର ଅନ୍ତରରୁ ଯେଉଁ ଛଟା ବହିର୍ଗତ ହୁଏ ତାହା ସଦୃଶ ସ୍ୱଛତା ପ୍ରଯୁକ୍ତ ଅଙ୍ଗମାନଙ୍କରେ ଯେଉଁ ଚାକଚକ୍ୟ ପ୍ରତୀୟମାନ ହୋଇଥାଏ । ତାହାକୁ ଲାବଣ୍ୟ କୁହାଯାଏ । ରୂପଗୋସ୍ୱାମୀଙ୍କ ମତରେ ଲାବଣ୍ୟ ଏକ ଅନ୍ତରୀଣ ଦୀପ୍ତି - ଅଙ୍ଗମାନଙ୍କର ସ୍ୱଛତା ହେତୁ ତହିଁରେ ଲାବଣ୍ୟ ଖେଳୁଥାଏ ଏହାର ଅଭାବରେ ରୂପ ଓ ରୂପକର୍ମାଦି ଦୁର୍ବଳ ଓ ଅସୁନ୍ଦର ହୁଏ । "ଅଙ୍ଗ ପ୍ରତ୍ୟଙ୍ଗକାନାଂ ଯଃ ସନ୍ନିବେଶୋ ଯଥୋଚିତମ୍/ସୁଶ୍ଲିଷ୍ଟଃ ସନ୍ଧିବନ୍ଧଃ ସ୍ୟାତ୍ତମ୍ ସୌନ୍ଦର୍ଯ୍ୟମିତୀର୍ଯ୍ୟତେ ।" ଆଲୋଚ୍ୟ ଏହି ଅଧ୍ୟାୟରେ ଭାରତୀୟ ସାହିତ୍ୟରେ ନାନ୍ଦନିକ ଚେତନାର ଏକ ମନୋରମ ନିଦର୍ଶନ ରହିଛି । ପ୍ରତ୍ୟେକ ପ୍ରାଚୀନ କବିମାନେ

Listen to Odia Podcast Original at https://youtube.com/@drjyotiprasad

ନନ୍ଦନତତ୍ତ୍ୱର ଗଭୀର ଅନୁଭୂତିକୁ ସୂକ୍ଷ୍ମ ଭାବରେ କାବ୍ୟରେ ପ୍ରକାଶ କରିଛନ୍ତି । ପ୍ରାଚୀନ କାଳରେ ଭାରତୀୟମାନେ ସୌନ୍ଦର୍ଯ୍ୟ ପ୍ରତି ଉଦାସୀନ ନଥିଲେ । ସୌନ୍ଦର୍ଯ୍ୟ ଓ ସୌନ୍ଦର୍ଯ୍ୟତତ୍ତ୍ୱର ନାନା ଦିଗ ସେମାନଙ୍କ ଅନୁସନ୍ଧାନର ବିଷୟ ରହିଆସିଛି । ସେମାନେ ସୌନ୍ଦର୍ଯ୍ୟବୋଧର ଆଦର୍ଶରେ ମଧ୍ୟ ଅନୁପ୍ରାଣିତ ହୋଇଥିଲେ । ଭୌତିକ ସୌନ୍ଦର୍ଯ୍ୟକୁ ପାର ହୋଇ ଅନୁଭବର ମହନୀୟ ସୌନ୍ଦର୍ଯ୍ୟର ଅନ୍ୱେଷଣ କରିଥିଲେ । ସୌନ୍ଦର୍ଯ୍ୟର ଅନ୍ତଃବାହ୍ୟ ସମ୍ବନ୍ଧ ନିରୂପଣ ଠାରୁ ଆରମ୍ଭ କରି ସୌନ୍ଦର୍ଯ୍ୟର ଅଖଣ୍ଡତା, ପରାଶ୍ରୟ ନିରପେକ୍ଷତା, ସ୍ୱୟଂ ସମ୍ପୂର୍ଣ୍ଣତା ଆଦି ବିଷୟ ପ୍ରତି ରହିଆସିଛି । ଆଧ୍ୟାତ୍ମିକତାର ରହସ୍ୟକୁ ଜାଣିବାର ମଧ୍ୟ ସଦା ପ୍ରୟାସ କରି ଆସିଛି, ବାହ୍ୟ ଅଳଙ୍କରଣର ଚାକଚକ୍ୟରେ ନିବେଶ ନ ହୋଇ ଅନ୍ତର ସୌନ୍ଦର୍ଯ୍ୟର ମହନୀୟତାକୁ ବୁଝିବା ପାଇଁ ସକ୍ଷମ ହୋଇପାରିଛନ୍ତି ।

ସହାୟକ ଗ୍ରନ୍ଥସୂଚୀ

ସୌନ୍ଦର୍ଯ୍ୟ ତତ୍ତ୍ୱ - ଅନୁବାଦ – ଆନନ୍ଦ ପ୍ରକାଶ ଦୀକ୍ଷିତ ।

ଭାରତୀୟ ସୌନ୍ଦର୍ଯ୍ୟଶାସ୍ତ୍ର କୀ ଭୂମିକା, ପୃଷ୍ଠା – ୧୨୨ ।

ଭାରତୀୟ ସୌନ୍ଦର୍ଯ୍ୟଶାସ୍ତ୍ର କୀ ଭୂମିକା, ପୃଷ୍ଠା – ୧୨୨ ।ଭାରତୀୟ ସୌନ୍ଦର୍ଯ୍ୟଶାସ୍ତ୍ର କୀ ଭୂମିକା, ପୃଷ୍ଠା – ୩୦ -୩୫-୧୨୨-୧୨୬ ।

Studies in Vedic Interpretation, A. B. Purani, Page –187 -174 ।

ତୈତ୍ତିରୀୟୋପନିଷଦ – ୨-୫ ।

The Dance of Siva and coomarswamy, Page 23 - 27

Indian Aesthetics and art activity, page -48, Contribution to a Bibliography of Indian art and Aesthetics, page - 52 – 60

Listen to Odia Podcast Original at https://youtube.com/@drjyotiprasad

Aesthetics and art activity, page -48, Contribution to a Bibliography of Indian art and Aesthetics, page – 47

Contribution to a Bibliography of Indian art and Aesthetics, page – 21 – 24, ବାଗେଶ୍ୱରୀ ଶିଳ୍ପ ପ୍ରବନ୍ଧାବଳୀ, ପୃ – ୧୧୧ -୧୧୨ ।

Transformation of nature in Art, 1934, page no -173, Fundamentals of Indian Art, Page no -135-138 .

ସହଯୋଗୀ ଗବେଷିକା

ଭାରତୀୟ ଭାଷା ସଂସ୍ଥାନ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର,

ଉଚ୍ଚଶିକ୍ଷା ବିଭାଗ, ଭାରତ ସରକାର, ଭୁବନେଶ୍ୱର

ଫୋନ ନମ୍ବର- ୮୨୪୯୮୭୪୬୦୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାଙ୍ଗମାନଙ୍କ ପ୍ରକାର ଭେଦ

ନିତ୍ୟ ରଞ୍ଜନ ନନ୍ଦ



ସ୍କୁଲ ସମୟର ସାଙ୍ଗ, କଲେଜ ସମୟର ସାଙ୍ଗ, ଚାକିରି ସମୟର ସାଙ୍ଗ ଏବଂ ପରିଣତ ବୟସର ସାଙ୍ଗ — ଏକ ତୁଳନାତ୍ମକ ବିଚାର ।

ଜୀବନ ଏକ ଦୀର୍ଘ ଯାତ୍ରା । ଏହି ଯାତ୍ରାରେ ଆମେ ଅନେକ ଲୋକଙ୍କୁ ଭେଟୁ, କେହି ଆସନ୍ତି ଅଳ୍ପ ସମୟ ପାଇଁ, କେହି କିଛି ଦୂର ଯାଏଁ ସାଥି ହୁଅନ୍ତି, ଆଉ କେହି କେହି ଆମ ଜୀବନର ଅଂଶ ହୋଇ ରହିଯାଆନ୍ତି । ସେମାନଙ୍କ ମଧ୍ୟରୁ 'ସାଙ୍ଗ' ବୋଲି ଯେଉଁ ସମ୍ପର୍କଟି, ତାହାର ମହତ୍ତ୍ୱ ସବୁଠାରୁ ଅଲଗା ।

କିନ୍ତୁ ସବୁ ବନ୍ଧୁତ୍ୱ ଏକ ପ୍ରକାରର ନୁହେଁ । ବୟସ ବଦଳିଲେ ବନ୍ଧୁତ୍ୱର ଭାଷା ବଦଳେ, ଆବଶ୍ୟକତା ବଦଳେ, ଆଶା ବଦଳେ । ଶୈଶବରେ ଆମକୁ ଦରକାର ହୁଏ ଖେଳିବା ପାଇଁ ଜଣେ ସାଙ୍ଗ; ଯୌବନରେ ଦରକାର ହୁଏ ସ୍ୱପ୍ନ ଦେଖିବା ପାଇଁ ଜଣେ ସାଥୀ; କର୍ମଜୀବନରେ ଦରକାର ହୁଏ ସଂଘର୍ଷ ବୁଝିବା ଜଣେ ସହଯାତ୍ରୀ; ଆଉ ପରିଣତ ବୟସରେ ଦରକାର ହୁଏ—କେବଳ ଜଣେ ଏମିତି ମଣିଷ, ଯାହାଙ୍କୁ କିଛି କହିବାର ଆବଶ୍ୟକତା ନଥାଏ, ତଥାପି ସେ ଆମ କଥା ବୁଝିପାରନ୍ତି ।

ସ୍କୁଲର ସାଙ୍ଗ — ସରଳତାର ସାଙ୍ଗ

ସ୍କୁଲ ଜୀବନର ବନ୍ଧୁତ୍ୱ ବୋଧହୁଏ ସବୁଠାରୁ ନିଷ୍କପଟ । ସେତେବେଳେ ଆମେ ଜାଣୁନଥାଉ କିଏ କେତେ ଧନୀ, କିଏ କେଉଁ ପଦରେ ଯିବ, କାହାର ଭବିଷ୍ୟତ କେତେ ଉଜ୍ଜ୍ୱଳ । ଜଣେ ଭଲ ସାଙ୍ଗମାନେ କେବଳ ଜଣେ ଭଲ ସାଙ୍ଗ ।

ଗୋଟିଏ ଟିଫିନ୍ ବାଣ୍ଟି ଖାଇବା, ଗୋଟିଏ ପେନ୍‌ସିଲ୍ ପାଇଁ ଝଗଡ଼ା କରି ପୁଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଶିଯିବା, କ୍ଲାସ୍‌ରେ ଦୁଷ୍ଟାମି କରି ଏକାଠି ମାଡ଼ ଖାଇବା, ହୋମୱାର୍କ ନକରି ଜଣେ ଅନ୍ୟଜଣଙ୍କ ଖାତାରୁ ନକଲ କରିବା—ଏହି ଛୋଟ ଛୋଟ ଘଟଣାଗୁଡ଼ିକ ସେତେବେଳେ ତୁଚ୍ଛ ଲାଗୁଥିଲା । ଆଜି ପଛକୁ ଚାହିଁଲେ ସେହି ତୁଚ୍ଛ ଘଟଣାଗୁଡ଼ିକ ହିଁ ଜୀବନର ଅମୂଲ୍ୟ ସମ୍ପଦ ଲାଗେ ।

ସ୍କୁଲର ସାଙ୍ଗ ଆମକୁ ଶିଖାଏ—ବନ୍ଧୁତ୍ୱ ପାଇଁ ବଡ଼ କିଛି ଦରକାର ନାହିଁ । ଏକାଠି ହସିପାରିବା ହିଁ ଯଥେଷ୍ଟ ।

କଲେଜର ସାଙ୍ଗ — ସ୍ୱପ୍ନ ଓ ସମ୍ଭାବନାର ସାଙ୍ଗ

କଲେଜ ଜୀବନକୁ ପ୍ରବେଶ କରିବା ବେଳକୁ ମଣିଷର ଦୃଷ୍ଟି ନିଜ ଛୋଟ ପୃଥିବୀରୁ ବାହାରକୁ ଯାଏ । ସେତେବେଳେ ଆମେ ଭବିଷ୍ୟତ ବିଷୟରେ ଭାବୁ, ନିଜକୁ ନେଇ ସ୍ୱପ୍ନ ଦେଖୁ, ପୃଥିବୀକୁ ବଦଳାଇବାର ଆତ୍ମବିଶ୍ୱାସ ରଖୁ ।

ପକେଟ୍‌ରେ ଟଙ୍କା କମ୍, କିନ୍ତୁ ସ୍ୱପ୍ନରେ କୌଣସି ଅଭାବ ନାହିଁ ।

"ଭାଇ, ଆଜି କ୍ଲାସ୍ ଛାଡ଼ିଦେବା, ନୂଆ ଫିଲ୍ମ ଆସିଛି ।"

"ଚାଲ୍, ଆଜି ପଢ଼ା ନୁହେଁ, ଜୀବନକୁ ଟିକେ ଉପଭୋଗ କରିବା ।"

ଏହି ବୟସରେ ବନ୍ଧୁତ୍ୱ କେବଳ ମଜା ନୁହେଁ; ଏହା ଭାବନା, ଆଦର୍ଶ, ପ୍ରେମ, ରାଜନୀତି, ସାହିତ୍ୟ, ଭବିଷ୍ୟତ ଏବଂ ଜୀବନକୁ ନେଇ ଅସଂଖ୍ୟ ପ୍ରଶ୍ନର ସାଥୀ ।

କଲେଜର ସାଙ୍ଗମାନେ ଆମ ସ୍ୱପ୍ନର ସାକ୍ଷୀ । ଆମେ ଯାହା ହେବାକୁ ଚାହୁଁଥିଲୁ, ସେହି କଥା ପ୍ରଥମେ ଯାହାଙ୍କୁ କହିଥିଲୁ, ସେମାନଙ୍କ ମଧ୍ୟରୁ ଅନେକେ ହୁଏତ ଆଜି ମଧ୍ୟ ଆମର ସାଙ୍ଗ ।

ଚାକିରିର ସାଙ୍ଗ — ସଂଘର୍ଷର ସହଯାତ୍ରୀ

ତା'ପରେ ଆସେ କର୍ମଜୀବନ । ଏଠାରେ ବନ୍ଧୁତ୍ୱର ରୂପ ଟିକେ ବଦଳିଯାଏ । ଏଠାରେ ଜୀବନ ଅଧିକ ବାସ୍ତବ । ପଦ, ଦାୟିତ୍ୱ, ପ୍ରତିଯୋଗିତା, ପରିବାର, ପିଲାଙ୍କ ପଢ଼ା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘର, ଋଣ, ବଦଳି, ପଦୋନ୍ନତି—ସବୁକିଛି ମିଶି ଜୀବନକୁ ଅଧିକ ଜଟିଳ କରିଦିଏ ।

ଏହି ସମୟର ସାଙ୍ଗ ହେଉଛନ୍ତି ସେହି ଲୋକ, ଯିଏ ଆମର ଦୈନନ୍ଦିନ ସଂଘର୍ଷକୁ ବୁଝନ୍ତି ।

"ଦୋସ୍ତ, ଚା' ହେବ, କିନ୍ତୁ ବିଲ୍‌ଟା ତୁ ଦେ । ଦରମା ଆସିନି ।"

ଅଫିସରେ ଫାଇଲ୍ ଠାରୁ ବସ୍‌ଙ୍କ ବିଷୟରେ ଅଧିକ ଆଲୋଚନା, ଲଞ୍ଚ ଟେବୁଲ୍‌ରେ ଅଭିଯୋଗ, ଟୁର୍‌ରେ ଗପ, ବଦଳି ସମୟରେ ବିଦାୟର ଲୁହ—ଏସବୁ ମଧ୍ୟରେ ଅନେକ ସୁନ୍ଦର ବନ୍ଧୁତ୍ୱ ଗଢ଼ିଉଠେ ।

କିନ୍ତୁ ଏହି ବନ୍ଧୁତ୍ୱର ଏକ ପରୀକ୍ଷା ଅଛି—ଅବସର ।

ଚାକିରି ଥିବା ପର୍ଯ୍ୟନ୍ତ ଯେଉଁମାନେ ପ୍ରତିଦିନ ଦେଖା ହେଉଥିଲେ, ଅବସର ପରେ ସେମାନଙ୍କ ମଧ୍ୟରୁ ଅନେକଙ୍କ ସହ କଥା ହୁଏ ନାହିଁ । କାରଣ ବନ୍ଧୁତ୍ୱ ନଥିଲା ନୁହେଁ; ଦୈନନ୍ଦିନ ସାକ୍ଷାତର ସୁଯୋଗଟି ଚାଲିଗଲା ।

ତେଣୁ ଚାକିରିର ସାଙ୍ଗମାନଙ୍କ ମଧ୍ୟରୁ ଯେଉଁମାନେ ଚାକିରି ସରିବା ପରେ ମଧ୍ୟ ଆମ ସହ ରହିଯାଆନ୍ତି, ସେମାନଙ୍କ ମୂଲ୍ୟ ଅଲଗା ।

ପରିଣତ ବୟସର ସାଙ୍ଗ — ଉପସ୍ଥିତିର ମୂଲ୍ୟ

ତା'ପରେ ଜୀବନ ଆମକୁ ଆଣି ପହଞ୍ଚାଏ ଏକ ଏମିତି ସମୟରେ, ଯେଉଁଠାରେ ଆମର ଆକାଂକ୍ଷା ଧୀରେ ଧୀରେ ଶାନ୍ତ ହୁଏ ଏବଂ ଜୀବନର ଅର୍ଥ ଅନ୍ୟ ଭାବରେ ଦେଖାଯାଏ ।

ଏଠାରେ ପ୍ରତିଯୋଗିତା କମିଯାଏ । କିଏ କାହାଠାରୁ ଆଗରେ ଗଲା, କିଏ କେତେ ଟଙ୍କା କଲା, କିଏ କେତେ ବଡ଼ ପଦରେ ରହିଲା—ଏସବୁର ଗୁରୁତ୍ୱ କମିଯାଏ ।

ବରଂ ଗୁରୁତ୍ୱ ବଢ଼ିଯାଏ ଗୋଟିଏ ଫୋନ୍‌ର—

"କେମିତି ଅଛୁ ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ଘରେ ସମସ୍ତେ ଭଲ ତ ?"

"ଆଜିକାଲି ଦେଖାଯାଉନାହୁଁ, କିଛି ଅସୁବିଧା ଅଛି କି ?"

ଏହି ବୟସରେ ଗପର ବିଷୟ ମଧ୍ୟ ବଦଳିଯାଏ । ପୂର୍ବରୁ ଥିଲା ଫିଲ୍ମ, ରାଜନୀତି, ପ୍ରେମ, ପଦୋନ୍ନତି ଓ ଭବିଷ୍ୟତ । ଏବେ ଥାଏ—ସ୍ୱାସ୍ଥ୍ୟ, ପିଲାମାନେ କେଉଁଠି ଅଛନ୍ତି, ନାତିନାତୁଣୀଙ୍କ କଥା, କେଉଁଠି ଭଲ ଡାକ୍ତର ଅଛନ୍ତି, କେଉଁ ଔଷଧ କାହାକୁ ଭଲ ଲାଗିଲା !

ପୂର୍ବରୁ ଚା' ଦୋକାନରେ ବସି ଗପ ହେଉଥିଲା; ଏବେ ପାର୍କରେ ମର୍ଣ୍ଣିଂୱାକ୍ କରି କରି ଗପ ହୁଏ । ଏହି ବୟସର ବନ୍ଧୁତ୍ୱର ସବୁଠାରୁ ବଡ଼ ସୌନ୍ଦର୍ଯ୍ୟ ହେଉଛି—ଏଠାରେ ଉପସ୍ଥିତି ହିଁ ଉପହାର । କିଛି କହିବା ଦରକାର ନାହିଁ । ପାଖରେ ଜଣେ ପୁରୁଣା ସାଙ୍ଗ ବସିଛନ୍ତି—ଏତିକି ଜାଣିବା ମଧ୍ୟ ମନକୁ ହାଲୁକା କରିଦିଏ ।

ବନ୍ଧୁତ୍ୱର ସତ୍ୟ ମୂଲ୍ୟ

ତେବେ କେଉଁ ବୟସର ସାଙ୍ଗ ସବୁଠାରୁ ଭଲ ?

ବୋଧହୁଏ ଏହାର କୌଣସି ଏକକ ଉତ୍ତର ନାହିଁ ।

ସ୍କୁଲର ସାଙ୍ଗ ଆମକୁ ସରଳତା ଦିଅନ୍ତି ।

କଲେଜର ସାଙ୍ଗ ଆମକୁ ସ୍ୱପ୍ନ ଦିଅନ୍ତି ।

ଚାକିରିର ସାଙ୍ଗ ଆମକୁ ସଂଘର୍ଷର ସାହସ ଓ ଅନୁଭବ ଦିଅନ୍ତି ।

ଆଉ ପରିଣତ ବୟସର ସାଙ୍ଗ ଆମକୁ ସ୍ୱୀକୃତି, ଆତ୍ମୀୟତା ଓ ମାନସିକ ଶାନ୍ତି ଦିଅନ୍ତି ।

ଏହା ଏକ ନଦୀର ଭଳି । ଉତ୍ସରେ ତାହା ଚଞ୍ଚଳ, ଯୌବନରେ ପ୍ରବଳ, ମଝି ରାସ୍ତାରେ ବିସ୍ତୃତ; ଶେଷ ଆଡ଼କୁ ଆସିଲେ ତାହା ଅଧିକ ଶାନ୍ତ ହୋଇଯାଏ । କିନ୍ତୁ ଜଳର ମୂଲ୍ୟ କେଉଁଠି କମେ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଠିକ୍ ସେହିପରି, ବୟସ ବଢ଼ିଲେ ବନ୍ଧୁଙ୍କ ସଂଖ୍ୟା ହୁଏତ କମିଯାଏ, କିନ୍ତୁ ଯେଉଁମାନେ ରହିଯାଆନ୍ତି, ସେମାନଙ୍କ ମୂଲ୍ୟ ବଢ଼ିଯାଏ ।

ଶେଷରେ...

ସ୍କୁଲରେ ଆମେ ଟିଫିନ୍ ବାଣ୍ଟୁଥିଲୁ ।

କଲେଜରେ ସ୍ୱପ୍ନ ବାଣ୍ଟୁଥିଲୁ ।

ଚାକିରିରେ ଦାୟିତ୍ୱ ଓ ଦୁଃଖ ବାଣ୍ଟୁଥିଲୁ ।

ଆଉ ପରିଣତ ବୟସରେ ସ୍ମୃତି, ଅନୁଭବ, ଔଷଧର ନାଁ ଏବଂ ଡାକ୍ତରଙ୍କ ଠିକଣା ବାଣ୍ଟୁଛୁ । କିନ୍ତୁ ଏସବୁର ଭିତରେ ଲୁଚି ରହିଛି ଗୋଟିଏ ଅପରିବର୍ତ୍ତନୀୟ ଜିନିଷ—ଆତ୍ମୀୟତା । ବୟସ ବଦଳେ, ସମୟ ବଦଳେ, ଆମର ଚେହେରା ବଦଳେ, ଆମର ପ୍ରାଥମିକତା ବଦଳେ । ଜୀବନର ପରିସ୍ଥିତି ଆମକୁ ଭିନ୍ନ ଭିନ୍ନ ଦିଗକୁ ନେଇଯାଏ । ତଥାପି ଜଣେ ସତ୍ୟ ସାଙ୍ଗ ଥିଲେ, ଅତୀତ କେବେ ସମ୍ପୂର୍ଣ୍ଣ ଅତୀତ ହୋଇଯାଏ ନାହିଁ । କାରଣ ଜଣେ ପୁରୁଣା ସାଙ୍ଗ ସହ କଥା ହେଲେ ଆମେ କେବଳ ତାଙ୍କ ସହ କଥା ହେଉନାହୁଁ—ଆମେ ନିଜର ଏକ ପୁରୁଣା ରୂପ ସହ ମଧ୍ୟ ପୁଣିଥରେ ଦେଖା ହେଉ ।

ସେଥିପାଇଁ ବୋଧହୁଏ ବନ୍ଧୁତ୍ୱର ସବୁଠାରୁ ସୁନ୍ଦର ସଂଜ୍ଞା ହେଉଛି—

ଜୀବନରେ ଯିଏ ଆମ ସହ ଚାଲେ, ସେ ସାଥୀ;

ଯିଏ ଆମକୁ ବୁଝେ, ସେ ବନ୍ଧୁ;

ଆଉ ଯିଏ ସମୟ ବଦଳିଲେ ମଧ୍ୟ ଆମକୁ ସେହି ପୁରୁଣା ମଣିଷ ଭାବରେ ଦେଖେ—ସେ ହେଉଛି ସତ୍ୟ ସାଙ୍ଗ ।

ଡିଏଲଏ - ୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ -୯୪୩୭୨୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୃତ୍ରିମ ବୁଦ୍ଧିମତା

ରତି ରଞ୍ଜନ ମହାପାତ୍ର



## କୃତ୍ରିମ ବୁଦ୍ଧିମତା : ମାନବୀୟ ମୂଲ୍ୟବୋଧର ମିତ୍ର ନା ଶତ୍ରୁ ?

ମାନବ ସଭ୍ୟତାର ଉନ୍ମେଷ କାଳରୁ ଆଜି ପର୍ଯ୍ୟନ୍ତ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ମଣିଷର ଅସୀମ ଜିଜ୍ଞାସା ଓ ସନ୍ଧିତ୍ସୁ ମନୋଭାବ ହିଁ ତାକୁ ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବରେ ପ୍ରତିଷ୍ଠା କରିଛି । ଆଦିମ ଅବସ୍ଥାରେ ପ୍ରସ୍ତରର ଘର୍ଷଣରୁ ଅଗ୍ନି ସଂଯୋଗ, ଚକର ଉଦ୍ଭାବନ, କୃଷି କ୍ରାନ୍ତି, ଶିଳ୍ପ ବିପ୍ଳବ ଏବଂ ପରବର୍ତ୍ତୀ ସମୟରେ ବିଂଶ ଶତାବ୍ଦୀର କମ୍ପ୍ୟୁଟର ଓ ଇଣ୍ଟରନେଟ୍ ଆଗମନ ମାନବ ଜୀବନଧାରଣ ପ୍ରଣାଳୀରେ ଆଣିଦେଇଥିଲା ଏକ ଅଭୂତପୂର୍ବ ପରିବର୍ତ୍ତନ । କିନ୍ତୁ ଏକବିଂଶ ଶତାବ୍ଦୀର ସମକାଳୀନ ପରିପ୍ରେକ୍ଷୀରେ ଯେଉଁ ବୈଜ୍ଞାନିକ ଉପଲବ୍ଧି ସମଗ୍ର ବିଶ୍ୱର ବୌଦ୍ଧିକ ଚେତନାକୁ ସବୁଠାରୁ ଅଧିକ ଆନ୍ଦୋଳିତ କରିଛି, ତାହା ହେଉଛି କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ । ମଣିଷ ନିଜର ବୌଦ୍ଧିକ ସାମର୍ଥ୍ୟ ଓ ପ୍ରଜ୍ଞା ବଳରେ ଏପରି ଏକ ଯାନ୍ତ୍ରିକ ପ୍ରଣାଳୀର ବିକାଶ କରିଛି, ଯାହା କେବଳ ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦେଶ ପାଳନ କରେ ନାହିଁ, ବରଂ ନିଜେ ଶିକ୍ଷା ଲାଭ କରେ, ଜଟିଳ ତଥ୍ୟାବଳୀର ସୂକ୍ଷ୍ମ ବିଶ୍ଳେଷଣ କରେ ଏବଂ ସ୍ୱାଧୀନ ଭାବରେ ସିଦ୍ଧାନ୍ତ ଗ୍ରହଣ କରିବାର ଦକ୍ଷତା ପ୍ରଦର୍ଶନ କରେ । ଏହି ଯୁଗାନ୍ତକାରୀ ବୈଷୟିକ ଉନ୍ମେଷ ମାନବ ସମାଜ ସମ୍ମୁଖରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, ଏହି ଅଦ୍ଭୁତ ଶକ୍ତି ମାନବ ଜୀବନର ଏକ ଅଭିନ୍ନ ତଥା ପରମ ହିତୈଷୀ ସାଥୀ ରୂପେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରମାଣିତ ହେବ, ନା କାଳକ୍ରମେ ମାନବୀୟ ଅସ୍ତିତ୍ୱ ପ୍ରତି ଏକ ଚରମ ସଙ୍କଟ ବା ଶତ୍ରୁ ଭାବରେ ଉଭା ହେବ ।

କୃତ୍ରିମ ବୁଦ୍ଧିମତ୍ତାର ଐତିହାସିକ ଗତିପଥକୁ ଅନୁଶୀଳନ କଲେ ଜଣାଯାଏ ଯେ ଏହା କୌଣସି ଆକସ୍ମିକ ଆବିଷ୍କାର ନୁହେଁ, ବରଂ ଦୀର୍ଘ ଦଶନ୍ଧି ଧରି ଚାଲିଥିବା ଗବେଷଣାର ଏକ ଉତ୍କୃଷ୍ଟ ଫଳଶ୍ରୁତି । ବିଂଶ ଶତାବ୍ଦୀର ମଧ୍ୟଭାଗରେ ଗଣିତଜ୍ଞ ଆଲାନ୍ ଟ୍ୟୁରିଙ୍ଗ୍ ଯନ୍ତ୍ରର ଚିନ୍ତନ କ୍ଷମତାକୁ ମାପିବା ପାଇଁ ଟ୍ୟୁରିଙ୍ଗ୍ ପରୀକ୍ଷଣର ପରିକଳ୍ପନା କରିଥିଲେ । ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ଆମେରିକାର ଡାର୍ଟମାଉଥ୍ ସମ୍ମିଳନୀରେ ଜନ୍ ମ୍ୟାକକାର୍ଥିଙ୍କ ଦ୍ୱାରା ଏହି ସଂଜ୍ଞା ଆନୁଷ୍ଠାନିକ ଭାବରେ ଗୃହୀତ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା କେବଳ ସାଧାରଣ ଗାଣିତିକ ଗଣନା ଏବଂ ତର୍କଶାସ୍ତ୍ର ମଧ୍ୟରେ ସୀମିତ ଥିବା ବେଳେ ଏକବିଂଶ ଶତାବ୍ଦୀରେ ଡାଟା ପ୍ରକ୍ରିୟାକରଣର ଦ୍ରୁତ ବିସ୍ତାର, ଶକ୍ତିଶାଳୀ ପ୍ରୋସେସର ଏବଂ ନ୍ୟୁରାଲ୍ ନେଟୱାର୍କର ବିକାଶ ଫଳରେ ଏହା ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ ଓ ଜେନେରେଟିଭ୍ ଏଆଇ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛି । ଆଜିର ଯନ୍ତ୍ର କେବଳ ଗଣନା କରୁନାହିଁ, ବରଂ ମାନବ ଭାଷା ବୁଝିବା, ଚିତ୍ର ଅଙ୍କନ କରିବା, କବିତା ରଚନା କରିବା ଏବଂ ମାନବ ମସ୍ତିଷ୍କ ପରି ଅନୁଭବପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବାକୁ ସମର୍ଥ ହେଉଛି ।

ମାନବ ଜୀବନର ଏକ ବିଶ୍ୱସ୍ତ ସହଯୋଗୀ ଭାବରେ କୃତ୍ରିମ ବୁଦ୍ଧିମତ୍ତାର ଅବଦାନ ଅତ୍ୟନ୍ତ ବ୍ୟାପକ ଓ ମହତ୍ତ୍ୱପୂର୍ଣ୍ଣ । ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାର ପ୍ରୟୋଗ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଛି । ରୋଗ ନିରୂପଣ ପ୍ରକ୍ରିୟାରେ କମ୍ପ୍ୟୁଟର ଭିଜନ ଏବଂ ଏଆଇ ଆଲଗୋରିଦମ୍ ଏକ୍ସ-ରେ, ଏମ.ଆର.ଆଇ ଓ ସିଟି ସ୍କାନ ଭଳି ଜଟିଳ ଡାକ୍ତରୀ ପରୀକ୍ଷାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର୍କଟ, ହୃଦରୋଗ ତଥା ମସ୍ତିଷ୍କ ସମ୍ବନ୍ଧୀୟ ସୂକ୍ଷ୍ମ ବ୍ୟାଧିଗୁଡ଼ିକୁ ଅତି ପ୍ରାଥମିକ ପର୍ଯ୍ୟାୟରେ ଠାବ କରିପାରୁଛି । ଯେଉଁ କ୍ଷେତ୍ରରେ ଅଭିଜ୍ଞ ଚିକିତ୍ସକଙ୍କ ଆଖି ମଧ୍ୟ ଭ୍ରମିତ ହେବାର ସମ୍ଭାବନା ଥାଏ, ସେଠାରେ ଏଆଇ ସଠିକତାର ସହିତ ବିପଦ ଚିହ୍ନଟ କରୁଛି । ଔଷଧ ନିର୍ମାଣ ଓ ଜୈବିକ ଅଣୁଗୁଡ଼ିକର ସଂରଚନା ବିଶ୍ଳେଷଣ କ୍ଷେତ୍ରରେ ଯେଉଁ ଗବେଷଣା ପାଇଁ ଦଶନ୍ଧି ଦଶନ୍ଧି ସମୟ ଅତିବାହିତ ହେଉଥିଲା, ତାହା ଆଜି ଅଳ୍ପ କିଛି ସପ୍ତାହ ମଧ୍ୟରେ ସମ୍ପାଦିତ ହୋଇପାରୁଛି । ଜଟିଳ ଶଲ୍ୟଚିକିତ୍ସା କ୍ଷେତ୍ରରେ ରୋବୋଟିକ୍ ସର୍ଜରୀ ସହାୟତା ଡାକ୍ତରମାନଙ୍କ କାର୍ଯ୍ୟଦକ୍ଷତାକୁ ଏକ ନୂତନ ଉଚ୍ଚତା ପ୍ରଦାନ କରିବା ସହ ରୋଗୀର ଆରୋଗ୍ୟ ଲାଭ ପ୍ରକ୍ରିୟାକୁ ଦ୍ରୁତଗାମୀ କରିଛି ।

ଶିକ୍ଷା ଓ ଜ୍ଞାନ ବିତରଣ କ୍ଷେତ୍ରରେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ଏକ ବିରାଟ ସାମାଜିକ ବିପ୍ଲବ ଆଣିଦେଇଛି । ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଏକକ ପାଠ୍ୟକ୍ରମ ବ୍ୟବହୃତ ହେଉଥିବା ବେଳେ ଏଆଇ ଆଧାରିତ ଶିକ୍ଷା ପ୍ରଣାଳୀ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଗ୍ରହଣ ଶକ୍ତି, ରୁଚି ଏବଂ ଦୁର୍ବଳତାକୁ ଚିହ୍ନଟ କରି ବ୍ୟକ୍ତିଗତ ଶିକ୍ଷାଦାନର ସୁବିଧା ଯୋଗାଇ ଦେଉଛି । ପୃଥିବୀର ଯେକୌଣସି କୋଣରେ ବସି ଜଣେ ଗ୍ରାମୀଣ ଛାତ୍ର ବିଶ୍ୱସ୍ତରୀୟ ଜ୍ଞାନ ଆହରଣ କରିପାରୁଛି । ଭାଷାଗତ ବ୍ୟବଧାନକୁ ଦୂର କରିବାରେ ବାସ୍ତବ ସମୟରେ କାର୍ଯ୍ୟ କରୁଥିବା ଅନୁବାଦ ପ୍ରଣାଳୀ ଏକ ଅପୂର୍ବ ସେତୁ ନିର୍ମାଣ କରିଛି । ଯାହାଫଳରେ ବିଜ୍ଞାନ, ସାହିତ୍ୟ ଓ ଦର୍ଶନର ଗୂଢ଼ ତତ୍ତ୍ୱ ସ୍ଥାନୀୟ ମାତୃଭାଷାରେ ଉପଲବ୍ଧ ହୋଇ ଜ୍ଞାନର ସାର୍ବଜନୀନତା ସୁନିଶ୍ଚିତ ହେଉଛି ।

କୃଷି, ଶିଳ୍ପ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଏଆଇର ଭୂମିକା ଅତୁଳନୀୟ । ସଠିକ୍ କୃଷି ପଦ୍ଧତି ମାଧ୍ୟମରେ ସାଟେଲାଇଟ୍ ଚିତ୍ର ଏବଂ ଡ୍ରୋନ୍ ବ୍ୟବହାର କରି ମାଟିର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁଣବତ୍ତା, ଆର୍ଦ୍ରତା, ପୋଷକ ତତ୍ତ୍ୱ ଏବଂ ଫସଲର ରୋଗ ସମ୍ବନ୍ଧରେ ଆଗୁଆ ସୂଚନା ମିଳୁଛି । ଏହା କୃଷକମାନଙ୍କୁ କୀଟନାଶକ ଓ ଜଳର ଅପଚୟ ରୋକିବା ସହ ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରୁଛି । ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ଝଡ଼, ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ପୂର୍ବାନୁମାନ କରି ଏଆଇ ବିପର୍ଯ୍ୟୟ ପରିଚାଳନାରେ ଏକ ରକ୍ଷାକବଚ ସଦୃଶ କାର୍ଯ୍ୟ କରୁଛି । ଶିଳ୍ପ କ୍ଷେତ୍ରରେ ସ୍ୱୟଂଚାଳିତ ଉତ୍ପାଦନ ପ୍ରକ୍ରିୟା, ଯୋଗାଣ ଶୃଙ୍ଖଳାର ପରିଚାଳନା ଏବଂ ବିପଦପୂର୍ଣ୍ଣ କାର୍ଯ୍ୟରେ ଯନ୍ତ୍ରମାନବର ବ୍ୟବହାର ମାନବ ଶ୍ରମିକମାନଙ୍କୁ ପ୍ରାଣଘାତୀ ଦୁର୍ଘଟଣାରୁ ମୁକ୍ତି ଦେଇଛି ।

ଅନ୍ୟପକ୍ଷରେ, ଏହି ମୁଦ୍ରାର ଅପର ପାର୍ଶ୍ୱଟି ଅତ୍ୟନ୍ତ ଭୟାନକ ତଥା ଚିନ୍ତାଜନକ । କୃତ୍ରିମ ବୁଦ୍ଧିମତ୍ତାର ଅପରିମିତ ବିକାଶ ମାନବ ସମାଜ ଆଗରେ ଏପରି କିଛି ଆହ୍ୱାନ ଠିଆ କରିଛି, ଯାହା ମାନବ ସଭ୍ୟତାର ଭବିଷ୍ୟତକୁ ସନ୍ଦେହ ଘେରକୁ ଠେଲି ଦେଉଛି । ସବୁଠାରୁ ବଡ଼ ସାମାଜିକ ଓ ଆର୍ଥିକ ବିପଦ ହେଉଛି ବ୍ୟାପକ କର୍ମସଂସ୍ଥାନ ହ୍ରାସ । ଯେଉଁ କାର୍ଯ୍ୟ ପାଇଁ ଶହ ଶହ ମଣିଷଙ୍କ ଶ୍ରମ ଆବଶ୍ୟକ ହେଉଥିଲା, ସେଠାରେ ଗୋଟିଏ ଏଆଇ ପ୍ରୋଗ୍ରାମ ଅଳ୍ପ ସମୟ ମଧ୍ୟରେ ତ୍ରୁଟିଶୂନ୍ୟ ଭାବେ ତାହା ସମ୍ପାଦନ କରିପାରୁଛି । କାରଖାନାର ଶ୍ରମିକଙ୍କଠାରୁ ଆରମ୍ଭ କରି କମ୍ପ୍ୟୁଟର ପ୍ରୋଗ୍ରାମର, ଡାଟା ବିଶ୍ଲେଷକ, ଗ୍ରାହକ ସେବା ପ୍ରତିନିଧି ଏପରିକି ଆଇନ ଓ ପ୍ରଶାସନିକ କ୍ଷେତ୍ରର କର୍ମଚାରୀମାନେ ନିଜର ଜୀବିକା ହରାଇବାର ଆଶଙ୍କା ମଧ୍ୟରେ ଗତି କରୁଛନ୍ତି । ଏହା ବିଶ୍ୱ ଅର୍ଥନୀତିରେ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଆହୁରି ଗଭୀର କରି ସାମାଜିକ ଅସ୍ଥିରତା ସୃଷ୍ଟି କରିବାର ସମ୍ଭାବନା ରଖେ ।

ଏହା ବ୍ୟତୀତ ସାଇବର ସୁରକ୍ଷା, ବ୍ୟକ୍ତିଗତ ଗୋପନୀୟତା ଏବଂ ସାମାଜିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଭ୍ରାନ୍ତି ସୃଷ୍ଟିରେ ଏଆଇର ଅପବ୍ୟବହାର ଏକ ଚରମ ବିପଦ ଭାବରେ ପ୍ରକାଶ ପାଇଛି । 'ଡିପଫେକ୍' ଭଳି ଉନ୍ନତ ପ୍ରଯୁକ୍ତି ମାଧ୍ୟମରେ କୌଣସି ବ୍ୟକ୍ତିଙ୍କ ଚେହେରା, କଣ୍ଠସ୍ୱର ଓ ଆଚରଣକୁ ନକଲ କରି ମିଥ୍ୟା ଭିଡିଓ ଓ ଅଡିଓ ପ୍ରସ୍ତୁତ କରାଯାଉଛି । ଏହା ରାଜନୈତିକ ନିର୍ବାଚନକୁ ପ୍ରଭାବିତ କରିବା, ସାମାଜିକ ଦଙ୍ଗା ସୃଷ୍ଟି କରିବା ଏବଂ ବ୍ୟକ୍ତିଗତ ସମ୍ମାନ ହାନି କରିବାରେ ବ୍ୟବହୃତ ହେଉଛି । ସେହିପରି ବିଶାଳ ପରିମାଣର ଡାଟା ଉପରେ ଏଆଇର ଅଧିକାର ଯୋଗୁଁ ନାଗରିକମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ଗୋପନୀୟତା କ୍ରମାଗତ ଭାବେ ଉଲ୍ଲଂଘିତ ହେଉଛି । ପ୍ରତ୍ୟେକ ବ୍ୟକ୍ତିର ପସନ୍ଦ, ଅପସନ୍ଦ, ଗତିବିଧି ଓ ଚିନ୍ତାଧାରାକୁ ଆଲଗୋରିଦମ୍ ଦ୍ୱାରା ନିୟନ୍ତ୍ରିତ କରାଯାଉଛି, ଯାହା ମାନବୀୟ ସ୍ୱତନ୍ତ୍ରତା ପ୍ରତି ଏକ କୁଠାରାଘାତ ।

ମାନବୀୟ ମନସ୍ତତ୍ତ୍ୱ ଓ ସୃଜନଶୀଳତା ଉପରେ ଏଆଇର ପ୍ରଭାବ ଆହୁରି ଗଭୀର । ମଣିଷ ଯେତେବେଳେ ପ୍ରତ୍ୟେକ ଛୋଟବଡ଼ ନିଷ୍ପତ୍ତି, ଲେଖା, ଚିନ୍ତା ଏବଂ ଗଣନା ପାଇଁ କମ୍ପ୍ୟୁଟର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପଡ଼ିବ, ସେତେବେଳେ ମାନବ ମସ୍ତିଷ୍କର ମୌଳିକ କଳ୍ପନାଶକ୍ତି, ସମସ୍ୟା ସମାଧାନ ଦକ୍ଷତା ଏବଂ ବୌଦ୍ଧିକ ଧୈର୍ଯ୍ୟ ଧୀରେ ଧୀରେ ମଉଳିଯିବ । ମାନବୀୟ ସମ୍ବେଦନଶୀଳତା, କରୁଣା, ପ୍ରେମ ଏବଂ ବିବେକ ଭଳି ମୂଲ୍ୟବୋଧଗୁଡ଼ିକ ଯନ୍ତ୍ର ଭିତରେ ଖୋଜିବା ଅସମ୍ଭବ । ଯନ୍ତ୍ର କେବଳ ତଥ୍ୟ ଓ ଆଲଗୋରିଦମ୍ ଆଧାରରେ ହିସାବ ନିକାଶ କରିପାରେ, କିନ୍ତୁ ଏହାର କୌଣସି ଆତ୍ମା ବା ନୈତିକ ଚେତନା ନଥାଏ ।

ସମର ବିଜ୍ଞାନ ଓ ପ୍ରତିରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସବୁଠାରୁ ବିନାଶକାରୀ ବିପଦ ଭାବରେ ଦେଖାଦେଇଛି । ସ୍ୱୟଂଚାଳିତ ମାରଣାସ୍ତ୍ର (Autonomous

Listen to Odia Podcast Original at https://youtube.com/@drjyotiprasad

Weapons) ଯଦି ମାନବୀୟ ନିୟନ୍ତ୍ରଣ ବାହାରେ କାର୍ଯ୍ୟ କରିବା ଆରମ୍ଭ କରନ୍ତି, ତେବେ କୌଣସି ସୂକ୍ଷ୍ମ ବୈଷୟିକ ତ୍ରୁଟି କିମ୍ବା ଆଲଗୋରିଦମିକ ଭୁଲ ଯୋଗୁଁ ଅକଳ୍ପନୀୟ ଧନଜୀବନ ନଷ୍ଟ ହୋଇପାରେ । ଯୁଦ୍ଧକ୍ଷେତ୍ରରେ ନିଷ୍ପତ୍ତି ନେବାର କ୍ଷମତା ଯଦି ରକ୍ତମାଂସର ମଣିଷ ବଦଳରେ ଯାନ୍ତ୍ରିକ ପ୍ରୋଗ୍ରାମ ହାତକୁ ଚାଲିଯାଏ, ତେବେ ତାହା ମାନବଜାତିର ସାମୂହିକ ବିନାଶର କାରଣ ସାଜିବ । ଏହି କାରଣରୁ ବିଶିଷ୍ଟ ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍ ସତର୍କ କରାଇ ଦେଇଥିଲେ ଯେ ସମ୍ପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ମାନବ ସଭ୍ୟତାର ଶେଷ ପଦକ୍ଷେପ ହୋଇପାରେ ।

ଏହି ସମସ୍ତ ବିପଦ ଓ ସମ୍ଭାବନାକୁ ତୁଳନା କଲେ ଅନୁଭୂତ ହୁଏ ଯେ କୃତ୍ରିମ ବୁଦ୍ଧିମତ୍ତା ସ୍ୱୟଂ ଶତ୍ରୁ ନୁହେଁ କି ପରମ ମିତ୍ର ନୁହେଁ । ଏହା ହେଉଛି ଏକ ଅସୀମ ଶକ୍ତିସମ୍ପନ୍ନ ଉପକରଣ ମାତ୍ର । ଏହାର ସ୍ୱରୂପ ଏହାର ନିର୍ମାତା ଓ ବ୍ୟବହାରକାରୀଙ୍କ ଉଦ୍ଦେଶ୍ୟ ଉପରେ ନିର୍ଭର କରେ । ବିଜ୍ଞାନ ସର୍ବଦା ଏକ ଦ୍ୱିଧାରୀ ଖଡ୍ଗ ସଦୃଶ; ଏହା ଦ୍ୱାରା ରୋଗୀର ଜୀବନ ରକ୍ଷା ପାଇଁ ଅସ୍ତ୍ରୋପଚାର କରାଯାଇପାରେ କିମ୍ବା କାହାର ପ୍ରାଣନାଶ ମଧ୍ୟ କରାଯାଇପାରେ । ତେଣୁ ଏହି ପ୍ରଯୁକ୍ତିକୁ ଏକ ଆଶୀର୍ବାଦପୂର୍ଣ୍ଣ ସାଥୀ ଭାବରେ ରୂପାନ୍ତରିତ କରିବାକୁ ହେଲେ ବିଶ୍ୱସ୍ତରରେ ଦୃଢ଼ ନୈତିକ ନିୟାମକ ବ୍ୟବସ୍ଥା ଓ ଆନ୍ତର୍ଜାତୀୟ ଆଇନର ପ୍ରଣୟନ ଏକାନ୍ତ ଅପରିହାର୍ଯ୍ୟ ।

ସମଗ୍ର ବିଶ୍ୱର ବୈଜ୍ଞାନିକ, ନୀତି ନିର୍ଦ୍ଧାରକ ଏବଂ ଦାର୍ଶନିକମାନଙ୍କୁ ଏକତ୍ରିତ ହୋଇ ଏଆଇର ସୀମା ରେଖା ନିର୍ଦ୍ଧାରଣ କରିବାକୁ ହେବ । ସ୍ୱୟଂଚାଳିତ ପ୍ରଣାଳୀ ଯେତେ ଉନ୍ନତ ହେଲେ ମଧ୍ୟ ଚୂଡ଼ାନ୍ତ ନୈତିକ ନିଷ୍ପତ୍ତି ନେବାର କ୍ଷମତା ମାନବ ହାତରେ ସୁରକ୍ଷିତ ରହିବା ଉଚିତ । ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ନୂତନ ପିଢ଼ିକୁ ଏଆଇ ବିରୁଦ୍ଧରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିଦ୍ୱନ୍ଦ୍ୱିତା କରିବା ପରିବର୍ତ୍ତେ ଏଆଇ ସହିତ ସହଯୋଗ କରି ନିଜର ଦକ୍ଷତା ବୃଦ୍ଧି କରିବା ପାଇଁ ପ୍ରଶିକ୍ଷିତ କରିବା ଆବଶ୍ୟକ । ଯେଉଁଠାରେ ମାନବୀୟ ସହାନୁଭୂତି, ନୈତିକତା ଏବଂ ଦୂରଦୃଷ୍ଟି ଯନ୍ତ୍ରର ଗଣନା ଶକ୍ତି ସହିତ ସମନ୍ୱିତ ହେବ, ସେହିଠାରେ ହିଁ ଏକ ନୂତନ ଏବଂ ପ୍ରଗତିଶୀଳ ସଭ୍ୟତାର ଉଦୟ ସମ୍ଭବ ହୋଇପାରିବ ।

ମାନବ ସଭ୍ୟତାର ଅସଲ ଶକ୍ତି ତା'ର ଯନ୍ତ୍ର ନୁହେଁ, ବରଂ ତା'ର ଆତ୍ମା, ସଂସ୍କୃତି ଓ ନୈତିକ ବିବେକ । କୃତ୍ରିମ ବୁଦ୍ଧିମତ୍ତାକୁ ଯଦି ଆମେ ଆମର ସେବକ ଓ ସହଯୋଗୀ ଭାବରେ ସୀମାବଦ୍ଧ ରଖିପାରିବା, ତେବେ ଏହା ରୋଗ, ଦାରିଦ୍ର୍ୟ, ଅଜ୍ଞାନତା ଓ ପରିବେଶ ସଙ୍କଟର ସମାଧାନ କରି ପୃଥିବୀକୁ ଏକ ସୁନ୍ଦର ଭବିଷ୍ୟତ ପ୍ରଦାନ କରିବାରେ ପରମ ସାଥୀ ସାବ୍ୟସ୍ତ ହେବ । କିନ୍ତୁ ଯଦି ଆମେ ନିଜର ଆଳସ୍ୟ, ଲୋଭ ଓ ଅହଂକାର ବଶବର୍ତ୍ତୀ ହୋଇ ନିଜର ସମସ୍ତ ନିୟନ୍ତ୍ରଣ ଓ ବିବେକକୁ ଯନ୍ତ୍ର ଆଗରେ ସମର୍ପଣ କରିଦେବା, ତେବେ ଏହା ନିଶ୍ଚିତ ଭାବରେ ମାନବଜାତିର ସର୍ବଶ୍ରେଷ୍ଠ ଶତ୍ରୁ ରୂପେ ପରିଣତ ହେବ । ଭବିଷ୍ୟତର ଭାଗ୍ୟ କୌଣସି ଆଲଗୋରିଦମ୍ ଉପରେ ନୁହେଁ, ବରଂ ଆଜିର ମଣିଷ ନେଉଥିବା ଦୂରଦର୍ଶୀ ପଦକ୍ଷେପ ଉପରେ ହିଁ ନିର୍ଭରଶୀଳ ।

ବଡପାଟସୁନ୍ଦରପୁର, କଟକ

୮୧୪୪୯୫୨୭୮୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଳରାମ ଜନ୍ମ

ଅମୂଲ୍ୟ କୁମାର ନାୟକ



ଶକ୍ତି, ସଂଯମ, କର୍ତ୍ତବ୍ୟ ଓ କୃଷି ସଂସ୍କୃତିର ପ୍ରତୀକ ପ୍ରଭୁ ଶ୍ରୀବଳରାମ । ପବିତ୍ର ଗହ୍ମା ପୂର୍ଣ୍ଣିମା ଅବସରରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମକଥା, ତାଙ୍କର ମହିମା ଓ ଓଡ଼ିଆ ଜୀବନରେ ତାଙ୍କର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ମହତ୍ତ୍ୱକୁ ନେଇ ଏହି ସଂକ୍ଷିପ୍ତ ଆଲେଖ୍ୟ ।

ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାରେ ପ୍ରଭୁ ଶ୍ରୀବଳରାମ ବା ବଳଭଦ୍ର ହେଉଛନ୍ତି ଶକ୍ତି, ବଳ ଏବଂ ସଂଯମର ପ୍ରତୀକ । ତାଙ୍କର ଜନ୍ମୋତ୍ସବ କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଏହା ଭାରତୀୟ କୃଷି ସଂସ୍କୃତି ଏବଂ ଭାଇ ଭଉଣୀଙ୍କ ପବିତ୍ର ସ୍ନେହର ଏକ ଅନନ୍ୟ ସଂଗମ ।

ଓଡ଼ିଆ ପଞ୍ଜିକା ଅନୁସାରେ, ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ ବଳରାମ ଜନ୍ମଗ୍ରହଣ କରିଥିଲେ । ଏହି ପବିତ୍ର ଦିବସଟି ଓଡ଼ିଶାରେ 'ଗହ୍ମା ପୂର୍ଣ୍ଣିମା' ଭାବରେ ବେଶ୍ ପ୍ରସିଦ୍ଧ । ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ଭ୍ରାତା ତଥା ଦ୍ୱାପର ଯୁଗର ପ୍ରମୁଖ ନାୟକ ବଳରାମଙ୍କ ଆବିର୍ଭାବ ଧରଣୀର ପାପଭାର ଲାଘବ କରିବା ଏବଂ ଧର୍ମ ପ୍ରତିଷ୍ଠା କରିବା ପାଇଁ ହୋଇଥିଲା ବୋଲି ପୁରାଣରେ ବର୍ଣ୍ଣିତ ଅଛି ।

ପୁରାଣ କାହାଣୀ ଅନୁଯାୟୀ, ବସୁଦେବ ଓ ଦେବକୀଙ୍କ ସନ୍ତାନମାନଙ୍କୁ କଂସ ବଧ କରୁଥିବା ସମୟରେ, ଯୋଗମାୟାଙ୍କ ପ୍ରଭାବରେ ଦେବକୀଙ୍କ ଗର୍ଭରୁ ବଳରାମଙ୍କୁ ରୋହିଣୀଙ୍କ ଗର୍ଭକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହି କାରଣରୁ ତାଙ୍କୁ 'ଶଙ୍କର୍ଷଣ' ମଧ୍ୟ କୁହାଯାଏ । ଶ୍ରାବଣ ପୂର୍ଣ୍ଣିମାର ଏହି ସୁନ୍ଦର ସମୟରେ ସେ ଗୋପପୁରରେ ରୋହିଣୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆଙ୍କ କୋଳରେ ଜନ୍ମ ନେଇଥିଲେ । ତାଙ୍କ ଶରୀରର ରଙ୍ଗ ଧବଳ ବା ଶୁଭ୍ର ଥିଲା, ଯାହା ଶୁଦ୍ଧତା ଓ ପବିତ୍ରତାର ପରିଚୟ ଦିଏ ।

ପ୍ରଭୁ ବଳରାମ କେବଳ ବଳଶାଳୀ ଯୋଦ୍ଧା ନୁହଁନ୍ତି, ସେ ହେଉଛନ୍ତି ମାନବଜାତିର ପ୍ରଥମ କୃଷି ଗୁରୁ । ତାଙ୍କ ହାତରେ ସର୍ବଦା ହଳ ଓ ମୂଷଳ ଶୋଭା ପାଉଥିବାରୁ ତାଙ୍କୁ 'ହଳଧର' ବା 'ବଳଦେବ' ବୋଲି ସମ୍ବୋଧନ କରାଯାଏ । କୃଷି କାର୍ଯ୍ୟରେ ବ୍ୟବହୃତ ହଳ ତାଙ୍କରି ଅସ୍ତ୍ର ହୋଇଥିବାରୁ ଏ ଦେଶର ଚାଷୀକୂଳ ତାଙ୍କୁ କୃଷିର ଅଧିପତି ଭାବରେ ପୂଜା କରିଥାଆନ୍ତି । ଗହ୍ମା ପୂର୍ଣ୍ଣିମା ଦିନ ଚାଷୀମାନେ ନିଜର ଗାଇ ଗୋରୁମାନଙ୍କୁ ସ୍ନାନ କରାଇ, ସଜ୍ଜିତ କରି ପୂଜା କରିଥାଆନ୍ତି । ଏହା ମାଟି ମାଆ ପ୍ରତି କୃତଜ୍ଞତା ଜଣାଇବାର ଏକ ପରମ୍ପରା ।

ସମାଜରେ ବଳରାମଙ୍କ ଚରିତ୍ର ଏକ ଆଦର୍ଶ ଭ୍ରାତା ଏବଂ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ରୂପେ ପରିଚିତ । ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କର ଅଫୁରନ୍ତ ସ୍ନେହ ଏବଂ ପ୍ରଭୁ ଜଗନ୍ନାଥଙ୍କ ଲୀଳାଖେଳାରେ ତାଙ୍କର ପ୍ରମୁଖ ଭୂମିକା ଓଡ଼ିଆ ଜାତିର ପ୍ରାଣସ୍ପନ୍ଦନ । ରଥଯାତ୍ରାରେ ମଧ୍ୟ ପ୍ରଭୁ ବଳଭଦ୍ରଙ୍କ ରଥ (ତାଳଧ୍ୱଜ) ସମସ୍ତଙ୍କ ଆଗରେ ଚାଲିଥାଏ, ଯାହା ତାଙ୍କର ଅଗ୍ରଗାମୀ ଓ ରକ୍ଷକ ସ୍ୱଭାବକୁ ସୂଚାଏ ।

ବଳରାମ ଜନ୍ମୋତ୍ସବ କେବଳ ଏକ ପୌରାଣିକ ଘଟଣା ନୁହେଁ, ବରଂ ଏହା ଆମର ସାଂସ୍କୃତିକ ପରିଚୟ, ଭାଇଚାରା ଏବଂ କୃଷିଭିତ୍ତିକ ସମାଜର ଏକ ମହାନ୍ ସନ୍ଦେଶ ପ୍ରଦାନ କରେ ।

ପ୍ରଭୁ ବଳରାମଙ୍କ ଆଶୀର୍ବାଦରୁ ସଂସାରରେ ଶାନ୍ତି, ସମୃଦ୍ଧି ଓ ପବିତ୍ରତା ଅକ୍ଷୁର୍ଣ୍ଣ ରହୁ—ଏହା ହିଁ ସମସ୍ତଙ୍କର କାମନା ।

କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରକ୍ଷାବନ୍ଧନ ଏକ ଅନୁଶୀଳନ

ମନ୍ଦାକିନୀ ପାଢ଼ୀ



ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ ରକ୍ଷାବନ୍ଧନ । ଏହା ମନେ ପକେଇ ଦିଏ ଭାଇ-ଭଉଣୀଙ୍କ ସ୍ନେହ ଓ ପ୍ରେମର କାହାଣୀ । ଏନେଇ ଏହି ଉତ୍ସବ ସେମାନଙ୍କ ପାଇଁ ସ୍ୱତନ୍ତ୍ର ହୋଇଥାଏ । ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ନିଜ ଭାଇ ପ୍ରତି ଥିବା ପ୍ରେମକୁ ଦର୍ଶାଇଥିବା ବେଳେ ଭାଇ ମଧ୍ୟ ସାରା ଜୀବନ ଭଉଣୀକୁ ସୁରକ୍ଷା ଦେବାକୁ ପ୍ରତିଜ୍ଞା କରିଥାଏ । ଏହି ବିଶେଷ ଅବସରରେ ଭାଇ ଓ ଭଉଣୀମାନେ ପରସ୍ପରକୁ ଉପହାର ଦେଇ ଖୁସି ମନେଇଥାନ୍ତି । ଭାଇ ହାତରେ ବନ୍ଧା ଯାଉଥିବା ସାଧାରଣ ସୂତାଟିଏ ଭଉଣୀ ପାଇଁ ସାରା ଜୀବନ ସାଜିଯାଏ ରକ୍ଷା କବଚ । ଏହି ସ୍ନେହ-ପ୍ରେମର ବନ୍ଧନରେ ବାନ୍ଧି ହୋଇ ଭାଇ ନିଜ ଭଉଣୀର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ରାଜି ହୋଇଯାଏ । ତେବେ ଏହି ପ୍ରରମ୍ପରା ଆଜିକାଲିର ନୁହେଁ, ଏହା ବହୁ ପ୍ରାଚୀନ ।

ଦେଖିବାକୁ ଗଲେ ଏହି ପର୍ବ ପ୍ରାୟ ୬ ହଜାର ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ । ଏହାର ଅନେକ ଉଦାହରଣ ଇତିହାସର ପୃଷ୍ଠାରେ ମଧ୍ୟ ଲିପିବଦ୍ଧ ହୋଇରହିଛି । ତେବେ ବର୍ତ୍ତମାନର ରକ୍ଷାବନ୍ଧନ ଉତ୍ସବର ଆରମ୍ଭ ରାଣୀ କର୍ଣ୍ଣାବତୀ ଏବଂ ସମ୍ରାଟ ହୁମାୟୁନ୍‌ଙ୍କ ପର ଠାରୁ ଚାଲିଥିବା ବିଶ୍ୱାସ କରାଯାଏ ।

ରକ୍ଷାବନ୍ଧନ :

ରାଣୀ କର୍ଣ୍ଣାବତୀ ଏବଂ ସମ୍ରାଟ ହୁମାୟୁନ୍:-

ମଧ୍ୟଯୁଗ ସମୟରେ ରାଜପୁତ ଏବଂ ମୁସଲମାନମାନଙ୍କ ମଧ୍ୟରେ ବିବାଦ ଦେଖା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥିଲା । ସେତେବେଳେ ଚିତୋର ରାଜାଙ୍କ ବିଧବା ରାଣୀ କର୍ଣ୍ଣାବତୀ ଯେତେବେଳେ ଦେଖିଲେ ଯେ ଗୁଜୁରାଟର ସୁଲତାନ ବାହାଦୂର ଶାହଙ୍କ ଠାରୁ ନିଜକୁ ଏବଂ ନିଜ ପ୍ରଜାମାନଙ୍କୁ ରକ୍ଷା କରିବା ନେଇ ଆଉ କୌଣସି ଉପାୟ ନାହିଁ ସେ ହୁମାୟୁନଙ୍କ ନିକଟକୁ ରାଖୀ ପଠାଇଥିଲେ । ତା'ପରେ ହୁମାୟୁନ୍ ତାଙ୍କୁ ରକ୍ଷା କରି ଭଉଣୀର ମାନ୍ୟତା ଦେଇଥିଲେ ।

ସିକନ୍ଦର ଏବଂ ପୋରସ୍

ସିକନ୍ଦରଙ୍କ ପତ୍ନୀ ତାଙ୍କ ସ୍ୱାମୀଙ୍କ ହିନ୍ଦୁ ଶତ୍ରୁ ପୁରୁଙ୍କ ହାତରେ ରାଖୀ ବାନ୍ଧି ନିଜର ଭାଇ ବନେଇ ଯୁଦ୍ଧରେ ସିକନ୍ଦରଙ୍କୁ ହତ୍ୟା ନ କରିବାକୁ ଶପଥ ନେଇଥିଲେ । ଯୁଦ୍ଧ ସମୟରେ ତାଙ୍କ ହାତରେ ବନ୍ଧା ଯାଇଥିବା ରାଖୀ ଓ ତାଙ୍କ ଭଉଣୀକୁ ଦେଇଥିବା ପ୍ରତିଜ୍ଞାକୁ ସମ୍ମାନ ଦେଇ ପୁରୁ ସିକନ୍ଦରଙ୍କୁ ଜୀବନଦାନ ଦେଇଥିଲେ । ଯୁଦ୍ଧ ପୂର୍ବରୁ ସିକନ୍ଦର ଓ ପୋରସ୍ ଯୁଦ୍ଧ ପୂର୍ବରୁ ରକ୍ଷା-ସୂତ୍ର ଅଦଳ ବଦଳ କରିଥିଲା । ଯୁଦ୍ଧ ସମୟରେ, ଯେତେବେଳେ ପୋରସ୍ ସିକନ୍ଦରଙ୍କ ଉପରେ ଘାତକ ପ୍ରହାର କରିବାକୁ ହାତ ଉଠାଇଲେ, ସେତେବେଳେ ତାଙ୍କ ହାତରେ ରକ୍ଷା-ସୂତ୍ର ଦେଖି ଅଟକି ଗଲେ । ଫଳରେ ସିକନ୍ଦର ଏହି ମୌକାରେ ତାଙ୍କୁ ବନ୍ଦୀ କରିଦେଲେ । ସିକନ୍ଦର ମଧ୍ୟ ପୋରସଙ୍କ ରକ୍ଷା-ସୂତ୍ରର ସମ୍ମାନ ରକ୍ଷା କରି ତାଙ୍କ ସହ ଜଣେ ଯୋଦ୍ଧା ଭଳି ଆଚରଣ କରି ତାଙ୍କ ରାଜ୍ୟ ଫେରାଇ ଦେଇଥିଲେ ।

ନିଜାମ ରାଣୀ ଏବଂ ମହମ୍ମଦ

ଗିନୌରଗଡର ନିମାଜ ଶାହା ଗୋଣ୍ଡଙ୍କ ସଂପର୍କୀୟ ଆଲମ ଶାହ ତାଙ୍କୁ ଏକ ଷଡଯନ୍ତ୍ରରେ ବିଷ ଦେଇ ହତ୍ୟା କରିଥିଲେ । ସ୍ୱାମୀଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଏବଂ ରାଜକୁମାର ରାଜ୍ୟକୁ ବଞ୍ଚାଇବା ପାଇଁ ନିଜାମ ରାଣୀ କମଲପତି ଗୋଣ୍ଡ ସର୍ଦ୍ଦାର ଦୋସ୍ତ ମହମ୍ମଦ ଖାନଙ୍କ ନିକଟକୁ ରାଖୀ ପଠାଇ ସାହାଯ୍ୟ ମାଗିଥିଲେ । ଦୋସ୍ତ ମହମ୍ମଦ ଖାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଣୀଙ୍କ ରାଜକୁମାର ରାଜ୍ୟକୁ ସୁରକ୍ଷା ଦେଇଥିଲେ । ତାଙ୍କ ଭାଇ ଦୋସ୍ତ ମହମ୍ମଦଙ୍କୁ କୃତଜ୍ଞତା ଜଣାଇ ରାଣୀ ୫୦ ହଜାର ଟଙ୍କା ଏବଂ ୨ ହଜାର ଜନସଂଖ୍ୟା ବିଶିଷ୍ଟ ଏକ ଛୋଟ ଗାଁ ତାଙ୍କୁ ଭେଟି କରିଥିଲେ । ଦୋସ୍ତ ମହମ୍ମଦ ଖାନ ୧୭୨୨ ମସିହାରେ ରାଜଧାନୀ ଭୋପାଳର ମୂଳଦୁଆ ପକାଇଥିଲେ ଏବଂ ଏହି ଅଞ୍ଚଳର ଜଙ୍ଗଲ କାଟି ଭୋପାଳ ରାଜକୁମାରଙ୍କ ରାଜ୍ୟ ବସେଇବା ଆରମ୍ଭ କରିଥିଲେ । ୧୭୨୩ ଖ୍ରୀଷ୍ଟାବ୍ଦରେ ରାଣୀ କମଲାପତୀଙ୍କ ମୃତ୍ୟୁ ପରେ ଦୋସ୍ତ ମହମ୍ମଦ ମଧ୍ୟ ତାଙ୍କ ସୁଲତାନରେ ଗିନୌରଗଡକୁ ଅନ୍ତର୍ଭୁକ୍ତ କରିଥିଲେ ।

ପୌରାଣିକ ବିଷୟବସ୍ତୁରେ ମଧ୍ୟ ରାଖୀକୁ ନେଇ ଅନେକ ଉଦାହରଣ ଅଛି।

ଭଗବାନ କୃଷ୍ଣ ଏବଂ ଦ୍ରୌପଦୀ

କୃଷ୍ଣ ଭଗବାନ ରାଜା ଶିଶୁପାଳଙ୍କୁ ହତ୍ୟା କରିଥିଲେ । ଯୁଦ୍ଧ ସମୟରେ କୃଷ୍ଣଙ୍କ ବାମ ହାତର ଆଙ୍ଗୁଠି କ୍ଷତାକ୍ତ ହୋଇ ରକ୍ତସ୍ରାବ ହେଉଥିବା ଦେଖି ଦ୍ରୌପଦୀ ଅତ୍ୟନ୍ତ ଦୁଃଖି ହୋଇଥିଲେ ଏବଂ ସେ ତାଙ୍କ ଶାଢୀର କାନି ଚିରି କରି କୃଷ୍ଣଙ୍କ ଆଙ୍ଗୁଠିରେ ବାନ୍ଧି ଦେଇଥିଲେ । ଏହା ଦ୍ୱାରା ତାଙ୍କ ରକ୍ତସ୍ରାବ ବନ୍ଦ ହୋଇଥିଲା । କୁହାଯାଏ ଯେ ସେବେ ଠାରୁ କୃଷ୍ଣ ଦ୍ରୌପଦୀଙ୍କୁ ତାଙ୍କ ଭଉଣୀ ଭାବରେ ଗ୍ରହଣ କରିଥିଲେ । ବହୁ ବର୍ଷ ପରେ, ଯେତେବେଳେ ପାଣ୍ଡବମାନେ ପଶା ଖେଳରେ ଦ୍ରୌପଦୀଙ୍କୁ ହରାଇଥିଲେ ଏବଂ ଏକ ଜନସମାଗମ ସଭାରେ ତାଙ୍କ ବସ୍ତ୍ରହରଣ ହୋଇଥିଲେ, ସେତେବେଳେ ଭଗବାନ କୃଷ୍ଣ ଭାଇର କର୍ତ୍ତବ୍ୟ ପାଳନ କରି ଭଉଣୀ ଦୌପଦୀଙ୍କ ଲଜ୍ଜା ରକ୍ଷା କରିଥିଲେ ।

ଇନ୍ଦ୍ରାଣୀ ଏବଂ ଇନ୍ଦ୍ର

ଭବିଷ୍ୟ ପୁରାଣର ଏକ କଥାବସ୍ତୁ ଅନୁଯାୟୀ, ୧୨ ବର୍ଷ ଧରି ଦେବତା ଓ ଦାନବମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । କିନ୍ତୁ ଦେବତାମାନେ ବିଜୟୀ ହୋଇ ନ ଥିଲେ । ପରାଜୟର ଭୟରେ ଦେବଗୁରୁ ବୃହସ୍ପତିଙ୍କ ପାଖକୁ ପରାମର୍ଶ ପାଇଁ ଗଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁ ବୃହସ୍ପତିଙ୍କ ପରାମର୍ଶରେ ଇନ୍ଦ୍ରଙ୍କ ପତ୍ନୀ ମହାରାଣୀ ଶଚୀ ଶ୍ରାବଣ ଶୁକ୍ଳ ପୂର୍ଣ୍ଣିମା ଦିନ ରୀତିନୀତି ଅନୁଯାୟୀ ବ୍ରତ କରି ରକ୍ଷାସୂତ୍ର ପ୍ରସ୍ତୁତ ଏବଂ ବ୍ରାହ୍ମଣଙ୍କ ଉପସ୍ଥିତିରେ ଇନ୍ଦ୍ରାଣୀ ଏହି ସୂତ୍ରକୁ ଇନ୍ଦ୍ରଙ୍କ ଡାହାଣ ହାତରେ ବାନ୍ଧିଥିଲେ । ଏହା ଦ୍ୱାରା ଇନ୍ଦ୍ର ସମେତ ସମସ୍ତ ଦେବତା ଦାନବଙ୍କ ଉପରେ ବିଜୟ ପ୍ରାପ୍ତ ହୋଇଥିଲେ ।

ଯମ ଏବଂ ଯମୁନା

ଭାଇ ଓ ଭଉଣୀର ପ୍ରତୀକ ରକ୍ଷାବନ୍ଧନ ସହିତ ଜଡିତ ଆଉ ଏକ ରୋଚକ କାହାଣୀ ହେଉଛି ମୃତ୍ୟୁର ଦେବତା ଯମ ଓ ଯମୁନା ନଦୀ । ପୌରାଣିକ କଥାବସ୍ତୁ ଅନୁଯାୟୀ, ଥରେ ଯମୁନା ଯମରାଜଙ୍କ ହାତରେ ଏକ ସୂତା ବାନ୍ଧିଥିଲେ । ସେ ଭଉଣୀ ଭାବରେ ନିଜ ଭାଇ ପ୍ରତି ଥିବା ପ୍ରେମକୁ ପ୍ରକାଶ କରିବାକୁ ଚାହୁଁଥିଲେ । ଏହା ଦ୍ୱାରା ଯମରାଜ ଏତେ ପ୍ରଭାବିତ ହୋଇଥିଲେ ଯେ ଯମୁନାଙ୍କ ସୁରକ୍ଷା ପ୍ରତିଜ୍ଞା କରିବା ସହିତ ସେ ତାଙ୍କୁ ଅମର ବର ପ୍ରଦାନ କରିଥିଲେ । ଏହା ସହିତ ସେ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ ଯେ ଯେଉଁ ଭାଇ ନିଜ ଭଉଣୀକୁ ସାହାଯ୍ୟ କରିବ, ସେ ତାଙ୍କୁ ଦୀର୍ଘ ଜୀବନ ପ୍ରଦାନ କରିବେ ।

ଭଗବାନ ଗଣେଶ ଏବଂ ସନ୍ତୋଷୀ ମା :-

ପୁରାଣ ଅନୁଯାୟୀ ଭଗବାନ ଗଣେଶଙ୍କ ପୁଅ ଶୁଭ ଓ ଲାଭ ଏକ ଭଉଣୀ ଚାହୁଁଥିଲେ । ଫଳରେ ଭଗବାନ ଗଣେଶ ଯଜ୍ଞ ବେଦୀରୁ ସନ୍ତୋଷୀ ମା'ଙ୍କୁ ଆହ୍ୱାନ କଲେ । ଶୁଭ, ଲାଭ ଓ ସନ୍ତୋଷୀ ମା'ଙ୍କ ଦିବ୍ୟ ସମ୍ପର୍କର ସ୍ମୃତିରେ ମଧ୍ୟ ରକ୍ଷାବନ୍ଧନ ପାଳନ କରାଯାଏ ।

ରାଜନୀତି ବିଜ୍ଞାନ ଅଧ୍ୟାପିକା

ପଦ୍ମପୁର ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପବିତ୍ର ପ୍ରତୀକ ରାକ୍ଷୀ ପୂର୍ଣ୍ଣିମା

ମନୋଜ କୁମାର ଭୋଇ



ଭାରତୀୟ ସଂସ୍କୃତି ପର୍ବପର୍ବାଣୀରେ ସମୃଦ୍ଧ । ଏହି ପର୍ବଗୁଡ଼ିକ କେବଳ ଧାର୍ମିକ ଆଚାର ବିଚାର ମଧ୍ୟରେ ସୀମିତ ନୁହେଁ, ମଣିଷର ଭାବନା, ମାନସିକତା, ସାମାଜିକ ସମ୍ପର୍କ ଓ ନୈତିକ ଚେତନା ସହିତ ମଧ୍ୟ ଏଗୁଡ଼ିକର ଗଭୀର ସମ୍ପର୍କ ରହିଛି । ସେହିପରି ଏକ ଅନନ୍ୟ ପର୍ବ ହେଉଛି ରାକ୍ଷୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ । ଏହି ପର୍ବ ଭାଇ ଭଉଣୀଙ୍କ ମଧ୍ୟରେ ଥିବା ଅନ୍ତରଙ୍ଗ ସ୍ନେହ, ନିରାପତ୍ତା, ବିଶ୍ୱାସ, ଦାୟିତ୍ୱ ଓ ଆତ୍ମୀୟତାର ଏକ ମନୋବୈଜ୍ଞାନିକ ପ୍ରତୀକ ।

ରାକ୍ଷୀ ହେଉଛି ଏକ ଛୋଟ ସୂତା, କିନ୍ତୁ ତାହାର ମାନସିକ ମୂଲ୍ୟ ଅସୀମ । ଭଉଣୀ ଯେତେବେଳେ ଭାଇର ହାତରେ ରାକ୍ଷୀ ବାନ୍ଧେ, ସେତେବେଳେ ସେ କେବଳ ଏକ ପରମ୍ପରା ପାଳନ କରେନାହିଁ, ସେ ନିଜର ସ୍ନେହ, ବିଶ୍ୱାସ ଓ ନିରାପତ୍ତାର ଆକାଂକ୍ଷାକୁ ପ୍ରକାଶ କରେ । ଭାଇ ଯେତେବେଳେ ଭଉଣୀକୁ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦିଏ, ସେତେବେଳେ ତା' ମନରେ ମଧ୍ୟ ଦାୟିତ୍ୱବୋଧ ଓ ଆତ୍ମୀୟତାର ଭାବ ଦୃଢ଼ ହୁଏ ।

ମଣିଷ ଏକ ସାମାଜିକ ଜୀବ । ତାହାର ମନ ସଦା ସ୍ନେହ, ସମ୍ପର୍କ, ନିରାପତ୍ତା ଓ ଗ୍ରହଣୀୟତା ଖୋଜିଥାଏ । ଶୈଶବରୁ ଭାଇ ଭଉଣୀଙ୍କ ମଧ୍ୟରେ ଏକ ବିଶେଷ ଭାବନାତ୍ମକ ସମ୍ପର୍କ ଗଢ଼ିଉଠେ । କେବେ ସେମାନଙ୍କ ମଧ୍ୟରେ ଝଗଡ଼ା ହୁଏ, କେବେ ପରସ୍ପରକୁ ଚିଡ଼ାଇବା ହୁଏ, ଆଉ କେବେ ଦୁଃଖ-ସୁଖରେ ପରସ୍ପରଙ୍କ ସାଥୀ ହୁଅନ୍ତି । ଏହି ସମସ୍ତ ଅନୁଭୂତି ମିଶି ଭାଇ-ଭଉଣୀ ସମ୍ପର୍କକୁ ଏକ ଅନନ୍ୟ ମାନସିକ ବନ୍ଧନରେ ପରିଣତ କରେ ।

Listen to Odia Podcast Original at https://youtube.com/@drjyotiprasad

ରାକ୍ଷୀ ପୂର୍ଣ୍ଣିମା ସେହି ବନ୍ଧନକୁ ପ୍ରତିବର୍ଷ ନୂଆ କରିବାର ଏକ ସୁଯୋଗ ଦିଏ । ଦୈନନ୍ଦିନ ଜୀବନର ବ୍ୟସ୍ତତା, ଦୂରତା ଓ ଭୁଲ ବୁଝାମଣା ଯୋଗୁଁ ଯେଉଁ ସମ୍ପର୍କରେ କିଛି ଦୂରତା ଆସିଥାଏ, ଏହି ପର୍ବ ତାହାକୁ ପୁଣି ନିକଟତର କରିପାରେ । ଏଣୁ ରକ୍ଷାବନ୍ଧନ ହେଉଛି ସମ୍ପର୍କର ପୁନଃନବୀକରଣ ପର୍ବ ।

ରାକ୍ଷୀ ପୂର୍ଣ୍ଣିମା ଭାରତୀୟ ସଂସ୍କୃତିର ଏକ ଅତ୍ୟନ୍ତ ଭାବପୂର୍ଣ୍ଣ ଓ ମାନସ୍ତାତ୍ତ୍ୱିକ ଗଭୀରତା ଥିବା ପର୍ବ । ଏକ ଛୋଟ ରାକ୍ଷୀ ସୂତା ଭାଇ ଭଉଣୀଙ୍କ ମଧ୍ୟରେ ସ୍ନେହ, ବିଶ୍ୱାସ, ନିରାପତ୍ତା ଓ ଦାୟିତ୍ୱର ଦୃଢ଼ ବନ୍ଧନ ସୃଷ୍ଟି କରେ । ଏହା ଶୈଶବର ସ୍ମୃତିକୁ ଜୀବନ୍ତ କରେ, ପରିବାରକୁ ଏକାଠି କରେ, ଦୂରତାକୁ କମାଏ ଏବଂ ମଣିଷର ମନରେ ଆତ୍ମୀୟତାର ଅନୁଭବ ଜାଗ୍ରତ କରେ । ପ୍ରକୃତରେ ରକ୍ଷାବନ୍ଧନର ମହତ୍ୱ ହେଉଛି ସମ୍ପର୍କକୁ କେବଳ ରକ୍ତରେ ନୁହେଁ, ବରଂ ବିଶ୍ୱାସ, ସ୍ନେହ, ସମ୍ମାନ ଓ ଦାୟିତ୍ୱରେ ବଞ୍ଚାଇ ରଖିବା । ତେଣୁ ରାକ୍ଷୀ ପୂର୍ଣ୍ଣିମା ଏକ ଦିନର ପର୍ବ ନୁହେଁ, ଏହା ମଣିଷର ହୃଦୟରେ ସାରାଜୀବନ ରହିଥିବା ଭଲପାଇବାର ଏକ ପବିତ୍ର ପ୍ରତୀକ ।

ଜ୍ୟୋତ୍ସ୍ନା ନିବାସ , ଟିକାବାଲି, କନ୍ଧମାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାହାକୁ କହିବା ଭଲ ?

ଲକ୍ଷ୍ମୀଆମ୍ମା ନନ୍ଦଡ଼ା



ଏ ସଂସାର ଏକ ବିଚିତ୍ର ରଙ୍ଗମଞ୍ଚ । ଏଠାରେ ପ୍ରତ୍ୟେକ ମଣିଷର ଚେହେରା ଭିନ୍ନ, ଚିନ୍ତାଧାରା ଭିନ୍ନ, ସ୍ୱଭାବ ଭିନ୍ନ । କେହି ମିଠା କଥା କହି ମନ ଜିଣି ନିଅନ୍ତି, ଆଉ କେହି ନିରବ ରହି ନିଜ କର୍ମରେ ଭଲପାଇବା ପ୍ରମାଣ କରନ୍ତି । ତେଣୁ ପ୍ରଶ୍ନ ଉଠେ—କିଏ ଏ ସଂସାରେ ଭଲ, କାହାକୁ ଭଲ ବୋଲି କହିବା ?

କେବଳ ସୁନ୍ଦର କଥା କହୁଥିବା ଲୋକ ଭଲ ନୁହେଁ, କେବଳ ଧନୀ ବା ଉଚ୍ଚ ପଦରେ ଥିବା ଲୋକ ମଧ୍ୟ ଭଲ ନୁହେଁ । ଯିଏ ଅନ୍ୟର ଦୁଃଖ ବୁଝେ, ବିପଦ ସମୟରେ ସାହାଯ୍ୟର ହାତ ବଢ଼ାଏ, ଅନ୍ୟାୟରୁ ଦୂରେ ରହେ ଏବଂ ନିଜ ସ୍ୱାର୍ଥଠାରୁ ମାନବିକତାକୁ ଅଧିକ ମୂଲ୍ୟ ଦିଏ—ସେହି ପ୍ରକୃତରେ ଭଲ ମଣିଷ ।

ମଣିଷର ପରିଚୟ ତାହାର ପୋଷାକ, ଧନ, ଜାତି, ପଦବୀ କିମ୍ବା ବାହ୍ୟ ଚମକରେ ନୁହେଁ; ତାହାର ଚରିତ୍ର ଓ କର୍ମରେ ରହିଥାଏ । ଯିଏ ନିଜ ପାଇଁ ଯେତିକି ଚାହେଁ, ଅନ୍ୟ ପାଇଁ ମଧ୍ୟ ସେତିକି ଭାବିପାରେ, ସେହି ମଣିଷ ସମାଜର ଅମୂଲ୍ୟ ସମ୍ପଦ । ପ୍ରତ୍ୟେକ ମନୁଷ୍ୟ ଶରୀରରେ ରାମ ଗୁଣ ଥାଏ ଏବଂ ରାବଣ ଗୁଣ ମଧ୍ୟ ଥାଏ, କେତେବେଳେ କେଉଁ ରୂପେ ଆଚରଣକୁ ଆସେ ତାହା କହିବା ମୁସ୍କିଲ !

ତଥାପି କାହାକୁ ସମ୍ପୂର୍ଣ୍ଣ ଭଲ ବା ଖରାପ ବୋଲି ନିର୍ଣ୍ଣୟ କରିବା ସହଜ ନୁହେଁ । ଭୁଲ କରିବା ମଣିଷର ସ୍ୱଭାବ । ଯିଏ ନିଜ ଭୁଲକୁ ବୁଝି ସୁଧାରିବାକୁ ଚେଷ୍ଟା କରେ, ସେ ମଧ୍ୟ ପ୍ରଶଂସାର ଯୋଗ୍ୟ । କାରଣ ଭଲ ହେବା ଏକ ଦିନର କାମ ନୁହେଁ; ଏହା ଦିନକୁ ଦିନ ନିଜକୁ ଉନ୍ନତ କରିବାର ଏକ ଯାତ୍ରା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଥିପାଇଁ ଆମେ ଅନ୍ୟକୁ ବିଚାର କରିବା ପୂର୍ବରୁ ନିଜକୁ ପଚାରିବା ଉଚିତ—"ମୁଁ କେତେ ଭଲ ?" ଆମ ମନରେ ଯଦି ଦୟା, ସତ୍ୟ, କ୍ଷମା, ସହାନୁଭୂତି ଓ ପରୋପକାରର ଆଲୋକ ଜଳିଉଠେ, ତେବେ ସଂସାର ମଧ୍ୟ ଆମ ପାଇଁ ସୁନ୍ଦର ହୋଇଯିବ ।

ଶେଷରେ କହିବାକୁ ଗଲେ, ଯିଏ ମଣିଷକୁ ମଣିଷ ଭାବେ ସମ୍ମାନ କରେ, ଅନ୍ୟର ହୃଦୟକୁ ଆଘାତ ନଦେଇ ସତ୍ୟ ଓ ମାନବିକତାର ପଥରେ ଚାଲେ, ସେହି ହେଉଛି ପ୍ରକୃତ ଭଲ ମଣିଷ । ସଂସାରରେ ଭଲ ଲୋକ ଖୋଜିବା ପୂର୍ବରୁ ଆମେ ନିଜେ ଜଣେ ଭଲ ମଣିଷ ହେବା—ଏହା ହିଁ ଜୀବନର ସାର୍ଥକତା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମହାପ୍ରଭୁଙ୍କ ବସ୍ତ୍ର ବୈଭବ

ସଚିକାନ୍ତ ରଥ



(ବ୍ରଜ କିଶୋର ଦାଶ -ସଂଗୃହୀତ)

ଗୀତଗୋବିନ୍ଦ ଖଣ୍ଡୁଆ

ଦୋଳପୂର୍ଣ୍ଣିମାବାସି ଠାରୁ ଅକ୍ଷୟ ତୃତୀୟା ପୂର୍ବଦିନ ପର୍ଯ୍ୟନ୍ତ ବଡଦେଉଳରେ ହେଉଥିବା ବଡସିଂହାର ବେଶ ଏହିପରି ଅଟେ ।

ଏହି ବଡସିଂହାର ବେଶରେ ଶ୍ରୀବିଗ୍ରହମାନଙ୍କର ମଇଲମ ହୋଇ ଖଣ୍ଡିଏ ଲେଖାଏଁ ଗୀତଗୋବିନ୍ଦ ଶାଢ଼ୀ ପ୍ରଥମତଃ ଦକ୍ଷିଣ ଅଣ୍ଟା ପାଖରେ ଖୋସାଯାଇ ପେଟ ଉପରଦେଇ ବାମପାଖକୁ ବୁଲି ସାମନାପଟ ଦେଇ ପୁନଶ୍ଚ ବାମପଟେ ଅଣ୍ଟା ଚାରିପାଖେ ବୁଲାଇ ଖୋସାଯାଏ ।

ସେହିପରି ଶ୍ରୀସୁଭଦ୍ରାଙ୍କ ଶାଢୀକୁ ଦକ୍ଷିଣପଟ ଅଣ୍ଟାରେ ଖୋସାଯାଇ ସାମନାପଟେ ବୁଲାଇ ଅଣ୍ଟା ପଛପଟ ଦେଇ ଶ୍ରୀମସ୍ତକ ପାଖରେ ଲାଗିଥିବା ଅପସର ପାଖରେ ଖୋସି ସାମନାପଟେ ମୁଖମଣ୍ଡଳ ଦେଇ (ଯେପରି ଅଧରଟି ଦେଖାଯାଉଥିବ) ବାମପାଖ ଅପସରରେ ଖୋସାଯାଏ ।

ଖଣ୍ଡୁଆକୁ ଦୁଇଭାଗ କରି ହାତରେ ଧରି ଭଗବାନଙ୍କ ଉଭୟ ପଟ ଅଣ୍ଟାରେ ଖୋସାଯିବ । ସାମନାରେ କୁଞ୍ଚ ହେବନାହିଁ । ଏହା ତଳ ପର୍ଯ୍ୟନ୍ତ ଚକା ଲୁଚାଇ ରହିବ । ସୁଦର୍ଶନଙ୍କ ଖଣ୍ଡୁଆଟି ଚାରିପ୍ରସ୍ତ କରି ତଳକୁ ସିଂହାସନରୁ ହାତେ ଛାଡି ଧଡି ଦେଖାଇ ଅଣ୍ଟାରେ ଦୁଇପଟେ ଖୋସାଯିବ ।

ଶ୍ରୀଜଗନ୍ନାଥ ଓ ବଡଠାକୁରଙ୍କ ପରି ସୁଭଦ୍ରାଙ୍କୁ ଖଣ୍ଡୁଆ ଲାଗି କରାଯାଏ । ମାଧବଙ୍କର ଖଣ୍ଡୁଆଟି ସାମନାପଟକୁ ଦୃଢକରି କେବଳ ଦୁଇପଟ ଅଣ୍ଟାରେ ଖୋସାଯିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀଦେବୀ ଓ ଭୂଦେବୀଙ୍କ ଶାଢୀର ଗୋଟିଏ କୋଣରେ ଗଣ୍ଠିପକାଇ ଗଣ୍ଠିଟିକୁ ଶ୍ରୀଦେବୀଙ୍କର ବାମ କାନ୍ଧରେ ଖୋସି ଧଡିଟିକୁ ଦକ୍ଷିଣ ବକ୍ଷ ଉପରଦେଇ ଦକ୍ଷିଣହସ୍ତ ତଳେ ନେଇ ମସ୍ତକ ଉପରେ ଓଢଣୀକରି ବାମହାତ ପଟକୁ ପକାଯିବ । ତଳକୁଞ୍ଚ ସମାନ କରିବା ଦରକାର ।

କବି ଜୟଦେବଙ୍କ ସମୟରେ ଗୀତଗୋବିନ୍ଦ ପ୍ରଚଳନ ହୋଇ ପରବର୍ତ୍ତୀ ସମୟରେ ଗୀତଗୋବିନ୍ଦ ଖଣ୍ଡୁଆ ବଡସିଂହାର ବେଶରେ ଠାକୁରଙ୍କୁ ଲାଗି ହେବାର ଜଣାଯାଏ । ଗୀତଗୋବିନ୍ଦ ଖଣ୍ଡୁଆପାଟ ଶ୍ରୀଜଗନ୍ନାଥଙ୍କୁ ପିନ୍ଧାଇବାର ମାନସ କରି ଜୟଦେବ ନିଜଗ୍ରାମ କେନ୍ଦୁବିଲ୍ୱରେ କୁଶଳୀ ବୁଣାକାର କାରିଗରଙ୍କୁ ନିୟୋଜିତ କରି ଗୀତଗୋବିନ୍ଦ ପଦ୍ୟାବଳୀକୁ ସେଥିରେ ବୁଣାଇଥିଲେ । କଥିତ ଅଛି, ବୁଣା ସମୟରେ ଗୀତଗୋବିନ୍ଦ ପାଠ କରୁକରୁ ତନ୍ମୟ ହୋଇ ଜୟଦେବ ତଟସ୍ଥ ହୋଇଯିବାରୁ, ପାଟବୁଣା କାର୍ଯ୍ୟ ଅଧାରୁ ବନ୍ଦଥିଲା । ଏ ମଧ୍ୟରେ ମହାପ୍ରଭୁ ନିଜେ ଛଦ୍ମବେଶରେ ଉପସ୍ଥିତ ରହି ଗୀତଗୋବିନ୍ଦ କାବ୍ୟର ଅବଶିଷ୍ଟ ବୁଣାକାର୍ଯ୍ୟ ସମ୍ପନ୍ନ କରାଇଥିଲେ । ସେହି ଗୀତଗୋବିନ୍ଦ ଲେଖାଥିବା ଖଣ୍ଡୁଆପାଟ ଆଣି ଜୟଦେବ ମହାପ୍ରଭୁଙ୍କ ପରିଧାନ ନିମିତ୍ତ ରାଜାଙ୍କୁ ଅର୍ପଣ କରିଥିଲେ । ସେହିଦିନଠାରୁ ବଡସିଂହାର ଶୃଙ୍ଗାରକ ବେଶରେ ଗୀତଗୋବିନ୍ଦ ଖଣ୍ଡୁଆ ବସ୍ତ୍ର ଲାଗିହେଉଥିବାର ଜନଶ୍ରୁତି ପ୍ରଚଳିତ ରହିଛି ।

ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ଖଣ୍ଡିଏ ପାଇଗଲେ ଭକ୍ତଟିଏ କୋଟିନିଧି ପ୍ରାପ୍ତ ସମାନ ସ୍ୱର୍ଗସୁଖ ଲାଭ ପାଇଥାଏ । ଶ୍ରୀଜୀଉଙ୍କର ଦର୍ଶନ ନିମିତ୍ତ ଆସିଥିବା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମେତ ରାଜା ମହାରାଜା ପର୍ଯ୍ୟନ୍ତ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସିଂହଦ୍ୱାର ସାମନାରେ ପ୍ରଭୁଙ୍କ କୃପା ପ୍ରାପ୍ତି ନିମିତ୍ତ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପାଟବସ୍ତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଉଥିବା ଦେଖାଯାଏ ॥

ଶକ୍ତିବିହାର, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତସ୍ମୈ ଶ୍ରୀ ଗୁରବେ ନମଃ

ହେମନ୍ତ କୁମାର ଗନ୍ତାୟତ



ଭାରତୀୟ ସଂସ୍କୃତି, ପରମ୍ପରା, ଦର୍ଶନ ଓ ସାହିତ୍ୟ ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ର ସ୍ଥାନ ଲାଭ କରିଛି । ଏହି ଶାସ୍ତ୍ରର ରଚୟିତାମାନେ ଥିଲେ ଜଣେ ଜଣେ ଆଦର୍ଶ ମାର୍ଗଦର୍ଶକ । ସେହିମାନଙ୍କ ମାର୍ଗଦର୍ଶନକୁ ନେଇ ଗଢ଼ି ଉଠିଥିଲା ଅନେକ ବୈଦିକ ଗୁରୁକୂଳ ଆଶ୍ରମ । ଯେଉଁଠି ପୁଣ୍ୟାତ୍ମା ଗୁରୁମାନେ ଉତ୍ତମ ଶିଷ୍ୟମାନଙ୍କୁ ନିର୍ମାଣ କରିବା ସହ ତାଙ୍କର ଲକ୍ଷ୍ୟକୁ ନିର୍ଦ୍ଧାରଣ କରୁଥିଲେ । ତେଣୁ ଆମ ସଂସ୍କୃତିରେ 'ଗୁରୁ' ଏବଂ 'ଗୁରୁ' ଶବ୍ଦର ସ୍ଥାନ ଅତିବ ଉଚ୍ଚରେ । ଗୁରୁ କେବଳ ଜଣେ ଶିକ୍ଷାଦାତା ନୁହଁନ୍ତି, ସେ ହେଉଛନ୍ତି ଶିଷ୍ୟ ନିମନ୍ତେ ଦେବଦୂତ, ଯେ କି ଅନ୍ଧକାରରୁ ଆଲୋକକୁ ନେଇଯାଇଥାନ୍ତି । ଏପରି ଅନେକ ଗୁରୁ ବୈଦିକ ଯୁଗରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଏ ପାବନ ଭାରତ ବର୍ଷରେ ଜନ୍ମ ଗ୍ରହଣ କରିଛନ୍ତି । ସେହିମାନଙ୍କ ମଧ୍ୟରୁ ଜଣେ ଥିଲେ ମହାନ ଆଦର୍ଶ ଶିକ୍ଷାବିତ୍, ଦାର୍ଶନିକ ତଥା ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ । ସେ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ ।

ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ଛାତ୍ର ଥିଲେ ଏବଂ ପରବର୍ତ୍ତୀ ସମୟରେ ଜଣେ ପ୍ରତିଷ୍ଠିତ ଶିକ୍ଷକ ଓ ଦାର୍ଶନିକ ଭାବେ ବିଶ୍ୱରେ ସୁଖ୍ୟାତି ଅର୍ଜନ କରିପାରିଲେ । ସେ କଲିକତା ବିଶ୍ୱବିଦ୍ୟାଳୟ, ମହିଶୂର ବିଶ୍ୱବିଦ୍ୟାଳୟ ଏବଂ ଅକ୍ସଫୋର୍ଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱବିଦ୍ୟାଳୟରୁ ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅଧ୍ୟାପନା କରିଥିଲେ । ରାଧାକୃଷ୍ଣନ କହୁଥିଲେ, "ଶିକ୍ଷକମାନେ ଦେଶର ସର୍ବଶ୍ରେଷ୍ଠ ମସ୍ତିଷ୍କ ହେବା ଉଚିତ । ସେ ଯେତେବେଳେ ଭାରତର ରାଷ୍ଟ୍ରପତି ହେଲେ, ସେତେବେଳେ ତାଙ୍କର କିଛି ଛାତ୍ର ଏବଂ ବନ୍ଧୁ ତାଙ୍କର ଜନ୍ମଦିନ ପାଳନ କରିବାକୁ ଅନୁମତି ମାଗିଥିଲେ । ଏହାର ଉତ୍ତରରେ ରାଧାକ୍ରିଷ୍ଣନ କହିଥିଲେ ଯେ ମୋର ଜନ୍ମଦିନକୁ ପୃଥକ ଭାବେ ପାଳନ ନକରି ଯଦି ଏହି ଦିବସକୁ 'ଶିକ୍ଷକ ଦିବସ' ବା 'ଗୁରୁଦିବସ' ଭାବେ ପାଳନ କରାଯାଏ, ତେବେ ମୁଁ ନିଜକୁ ଗୌରବାନ୍ୱିତ ମନେ କରିବି । ସେହି ଦିନଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଦେଶବ୍ୟାପୀ ଗୁରୁଦିବସ ଭାବେ ପାଳନ କରାଯାଉଛି । ଏହି ବିଶେଷ ଦିନଟି ଆମକୁ ଗୁରୁ ଓ ଶିଷ୍ୟର ପବିତ୍ର ସମ୍ପର୍କ ଏବଂ ସମାଜ ଗଠନରେ ଗୁରୁଙ୍କ ଭୂମିକା ବିଷୟରେ ଗଭୀର ଅନୁଚିନ୍ତା କରିବାକୁ ସୁଯୋଗ ଦେଇଥାଏ । ଆମ ଇତିହାସରେ ଗୁରୁ-ଶିଷ୍ୟ ପରମ୍ପରାର ଅନେକ ଅନନ୍ୟ ଉଦାହରଣ ରହିଛି । ଯଥା ଶ୍ରୀକୃଷ୍ଣଙ୍କ ଗୁରୁ ସାନ୍ଦୀପନି, ଶ୍ରୀରାମଙ୍କ ଗୁରୁ ବଶିଷ୍ଠ ଓ ବିଶ୍ୱାମିତ୍ର, ଚନ୍ଦ୍ରଗୁପ୍ତଙ୍କ ଗୁରୁ ଚାଣକ୍ୟ ଏବଂ ସ୍ୱାମୀ ବିବେକାନନ୍ଦ ଓ ରାମକୃଷ୍ଣ ପରମହଂସଙ୍କ ସମ୍ପର୍କ ଏହାର ପ୍ରକୃଷ୍ଟ ଉଦାହରଣ । ଗୁରୁଙ୍କ ନିର୍ଦ୍ଦେଶ ଓ ଶିକ୍ଷା ବଳରେ ହିଁ ଜଣେ ସାଧାରଣ ବାଳକ ସମ୍ରାଟ କିମ୍ବା ମହାପୁରୁଷରେ ପରିଣତ ହୋଇଥାଏ ।

ଗୁରୁ କଦାପି ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି । ସେ ଗୁରୁ ଅର୍ଥରେ ମହାମହିମ । ଏଣୁ ଯଥାର୍ଥରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି । ଉକ୍ତ ଉକ୍ତିକୁ ପ୍ରତିପାଦିତ କରିବାକୁ ଯାଇ ନିଜସ୍ୱ ଏକ କବିତାର ପଂକ୍ତିକୁ ଉଲେଖ କରୁଛି : -

ଅଜ୍ଞାନ ତିମିର କରନ୍ତି ଯେ ଦୂର

ସଂସାର ସାଗରେ ରହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୁହନ୍ତି ସେ ନର ସାକ୍ଷାତ ଠାକୁର

ବ୍ରହ୍ମା ବିଷ୍ଣୁ ରୁଦ୍ର ସେହି ।

ଗୁରୁ ବିରାଟ ଏବଂ ମହାନ ବ୍ୟକ୍ତିତ୍ୱକୁ ମଧ୍ୟ ବୁଝାଇଥାଏ । ମନୁଷ୍ୟ ନିଜର ଆପ୍ରାଣ ଚେଷ୍ଟା ମାଧ୍ୟମରେ ଯାହା ସମ୍ଭବ କରିପାରେନା, ତାହା ଗୁରୁକୃପା ଦ୍ୱାରା ଅଚିରେ ଉପଲବ୍ଧ ହେଇଥାଏ । ପ୍ରାଚୀନ କାଳରେ ମୁନି ଓ ଋଷିମାନେ ଆଷାଢ଼ ମାସ ପୂର୍ଣ୍ଣିମା ତିଥିଠାରୁ ଚତୁର୍ମାସ୍ୟା ବ୍ରତ ପାଳନ କରିବା ସହ ଆତ୍ମ ସାକ୍ଷାତକାର କରିବା ନିମିତ୍ତ ନିଜ ନିଜ ଗୁରୁଙ୍କର ସେବାରେ ନିମଗ୍ନ ରହୁଥିଲେ । ଆତ୍ମ ସାକ୍ଷାତକାର କରିବା ପାଇଁ ଗୁରୁଙ୍କର ସହାୟତା ଅତ୍ୟନ୍ତ ଆବଶ୍ୟକ । ଏଣୁ ଭବସିନ୍ଧୁରୁ ପାର ହେବା ଲାଗି ଆତ୍ମଦର୍ଶୀ ସଦଗୁରୁଙ୍କ କୃପାଭିକ୍ଷା ନିତ୍ୟାନ୍ତ ପ୍ରୟୋଜନ । ସେ ହିଁ ଏ ଭବସିନ୍ଧୁର ନାବିକ । ତେଣୁ ତା'ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ବିଦେହ । ଏହାକୁ ଦୃଷ୍ଟିରେ ରଖି ସନାତନ ଧର୍ମର ସମସ୍ତ ସମ୍ପ୍ରଦାୟ ଶିଷ୍ୟମାନେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରିଥାନ୍ତି ।

ପ୍ରାଚୀନ କାଳରେ ଗୁରୁ କୂଳରେ ଶିଷ୍ୟମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଉପଯୁକ୍ତ ଶିକ୍ଷା ଦେବାର ବ୍ୟବସ୍ଥା ଥିଲା ଏବଂ ଶିକ୍ଷାର ଉପଯୁକ୍ତ ଦକ୍ଷତା ହାସଲ ପରେ ଗୁରୁଦକ୍ଷିଣା ଦାନ ପୂର୍ବକ ଶିଷ୍ୟମାନେ ବିଦାୟ ନେଉଥିଲେ । ଏହି ଦକ୍ଷିଣା ଥିଲା ଶିଷ୍ୟମାନଙ୍କର ଏକ ସମର୍ପଣର ଭାବ । କିନ୍ତୁ ଆଜି ଆଉ ଅରଣ୍ୟମାନଙ୍କରେ ଗଢ଼ି ଉଠିଥିବା ସେହି ଗୁରୁକୂଳମାନ ଦେଖିବାକୁ ମିଳେ ନାହିଁ । ଆଧୁନିକ ଯୁଗରେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟମାନଙ୍କରେ କେବଳ ଭୌତିକ ଶିକ୍ଷା ପ୍ରଦାନ କରାଯାଏ । ଏହି ଶିକ୍ଷାକୁ ଯେଉଁମାନେ ପ୍ରଦାନ କରନ୍ତି ସେହିମାନଙ୍କୁ ଶିକ୍ଷକ କୁହାଗଲା । ଆଧ୍ୟାତ୍ମିକ ଶିକ୍ଷାର ଅଭାବ ଯୋଗୁଁ ଆଜି ନୈତିକ ମୂଲ୍ୟବୋଧର ଘୋର ଅଭାବ ଦେଖିବାକୁ ମିଳୁଛି ।

Listen to Odia Podcast Original at https://youtube.com/@drjyotiprasad

ଯାହା ଫଳରେ ଅଧୁନା ଆଉ ଗୁରୁ ଓ ଶିଷ୍ୟର ପରମ୍ପରା ଉଭେଇ ଯାଇଛି ।

ଗୁରୁଦିବସ ହେଉଛି କୃତଜ୍ଞତା ଜ୍ଞାପନ କରିବାର ଦିନ । ଜୀବନର ପ୍ରତିଟି ମୋଡ଼ରେ ଆମକୁ ଯେ ସତ୍ ପଥ ଦେଖାଇଥିବା ପ୍ରତ୍ୟେକ ଗୁରୁଙ୍କ ଚରଣରେ ପ୍ରଣାମ ଜଣାଇବାର ଏହା ଏକ ପବିତ୍ର ଅବସର । ପ୍ରଥମ ଗୁରୁ ମା'-ବାପାଙ୍କ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ଶିକ୍ଷକ ଏବଂ ଜୀବନରୁ ଅଭିଜ୍ଞତା ପ୍ରଦାନ କରିଥିବା ପ୍ରତ୍ୟେକ ବ୍ୟକ୍ତି ଆମ ପାଇଁ ପୂଜନୀୟ । ଆସନ୍ତୁ, ଆମେ ସମସ୍ତେ ଏହି ପବିତ୍ର ଗୁରୁଦିବସରେ ଗୁରୁମାନଙ୍କ ଉପଦେଶକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବା ସହ ଏକ ଉତ୍ତମ ଶିଷ୍ୟ ହେବା ପାଇଁ ସଂକଳ୍ପ ନେବା ।

ବରିଷ୍ଠ ଦର୍ଶନ ଅଧ୍ୟାପକ

ଡ଼ଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ

କବିସୂର୍ଯ୍ୟ ନଗର, ଗଞ୍ଜାମ।

୯୮୬୧୩୩୪୮୬୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସରକାରୀ ସେବା

ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ

## ସରକାରୀ ସେବାରେ ମର୍ଯ୍ୟାଦା, ଶୃଙ୍ଖଳା ଓ ପାରସ୍ପରିକ ସମ୍ମାନର ଗୁରୁତ୍ୱ

ସରକାରୀ ପ୍ରଶାସନ ବ୍ୟବସ୍ଥାରେ ପିଅନ ଠାରୁ ଆରମ୍ଭ କରି IAS ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ Bureaucracy ବା ପ୍ରଶାସନିକ ବ୍ୟବସ୍ଥାର ଅଂଶବିଶେଷ । ପ୍ରତ୍ୟେକ କର୍ମଚାରୀ ନିଜର ଶିକ୍ଷାଗତ ଯୋଗ୍ୟତା, ପରୀକ୍ଷା, ଅଭିଜ୍ଞତା ଓ ନିଯୁକ୍ତି ନିୟମ ଅନୁସାରେ ଏକ ନିର୍ଦ୍ଦିଷ୍ଟ ପଦବୀରେ କାର୍ଯ୍ୟ କରନ୍ତି । ପଦବୀର ଉଚ୍ଚତା ଓ ଦାୟିତ୍ୱର ପରିମାଣ ଭିନ୍ନ ହୋଇପାରେ, କିନ୍ତୁ ସମସ୍ତେ ସରକାରୀ କର୍ମଚାରୀ ଭାବରେ ସମାନ ମର୍ଯ୍ୟାଦାର ଅଧିକାରୀ ଅଟନ୍ତି ।

ସରକାରୀ କାର୍ଯ୍ୟାଳୟରେ ଉଚ୍ଚ ଅଧିକାରୀଙ୍କର କର୍ତ୍ତବ୍ୟ ହେଉଛି ଅଧସ୍ତନ କର୍ମଚାରୀଙ୍କୁ ନେତୃତ୍ୱ, ପରାମର୍ଶ, ଉଚିତ ନିର୍ଦ୍ଦେଶ ଓ ଦିଗ୍ ଦର୍ଶନ ଦେବା । କିନ୍ତୁ ଏହି ଅଧିକାର କେବେବି ବ୍ୟକ୍ତିଗତ ପ୍ରଭୁତ୍ୱ ପ୍ରଦର୍ଶନ କରିବା କିମ୍ବା କାହାକୁ ନିଜର ବ୍ୟକ୍ତିଗତ ଚାକର ଭାବେ ବ୍ୟବହାର କରିବାର ଅଧିକାର ଦେଇନଥାଏ । ପ୍ରତ୍ୟେକ ସରକାରୀ କର୍ମଚାରୀ କେବଳ ସରକାରଙ୍କ ସେବକ, କୌଣସି ବ୍ୟକ୍ତିବିଶେଷଙ୍କ ସେବକ ନୁହଁନ୍ତି ।

ଭାରତୀୟ ସଂବିଧାନର ଅନୁଚ୍ଛେଦ ୧୪ ସମସ୍ତ ନାଗରିକଙ୍କୁ ଆଇନ ଆଗରେ ସମାନତାର ଅଧିକାର ପ୍ରଦାନ କରିଛି । ପ୍ରତ୍ୟେକ ସରକାରୀ କର୍ମଚାରୀମାନେ ମଧ୍ୟ ଏହି ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାର ଅଧିକାରୀ ଅଟନ୍ତି । ଏହାଛଡ଼ା Central Civil Services (Conduct) Rules, 1964 ର Rule 3(1) ଅନୁଯାୟୀ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ସତ୍ୟ, ନିଷ୍ଠା ଓ ଶୃଙ୍ଖଳା ବଜାୟ ରଖିବା ସହିତ ସରକାରୀ ସେବାର ଗୁରୁତ୍ୱକୁ ଅକ୍ଷୁଣ୍ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖିବାକୁ ପଡ଼େ । ଏହି ନିୟମ କେବଳ ଅଧସ୍ତନ କର୍ମଚାରୀଙ୍କ ପାଇଁ ନୁହେଁ, ଉଚ୍ଚ ଅଧିକାରୀମାନଙ୍କ ପାଇଁ ମଧ୍ୟ ସମାନ ଭାବରେ ପ୍ରଯୁଜ୍ୟ ।

ଯଦି କୌଣସି ଉଚ୍ଚ ଅଧିକାରୀ ନିଜର ପଦମର୍ଯ୍ୟାଦାର ଦୂରୁପଯୋଗ କରି ଅଧସ୍ତନ କର୍ମଚାରୀଙ୍କୁ ଅପମାନିତ କରନ୍ତି, ଅସଭ୍ୟ ଭାଷା ପ୍ରୟୋଗ କରନ୍ତି, ଧମକ ଦିଅନ୍ତି କିମ୍ବା ଅନ୍ୟାୟୋଚିତ ଚାପ ପ୍ରୟୋଗ କରନ୍ତି, ତେବେ ତାହା ସୁଶାସନର ପରିପନ୍ଥୀ ଏବଂ ସେବା ଆଚରଣ ନିୟମର ବିରୁଦ୍ଧାଚରଣ ଭାବେ ଗଣା ଯାଇଥାଏ । ଏପରି ଆଚରଣ କାର୍ଯ୍ୟାଳୟର ସୁସ୍ଥ ବାତାବରଣକୁ ନଷ୍ଟ କରିବା ସହିତ ଛୋଟ କର୍ମଚାରୀଙ୍କ ମନୋବଳକୁ ମଧ୍ୟ କ୍ଷତିଗ୍ରସ୍ତ କରିଥାଏ ।

ଜଣେ ପ୍ରକୃତ ଅଧିକାରୀ କେବଳ ନିଜର ପଦବୀ ଦ୍ୱାରା ନୁହେଁ, ବରଂ ନିଜର ଆଚରଣ, ନ୍ୟାୟପରାୟଣତା ଓ ମାନବିକତାପୂର୍ଣ୍ଣ ବ୍ୟବହାର ଦ୍ୱାରା ସମ୍ମାନ ଅର୍ଜନ କରନ୍ତି । ଏହାର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଛି, ଯେଉଁ ଅଧିକାରୀମାନେ ନିଜ ସହକର୍ମୀ ଓ ଅଧସ୍ତନମାନଙ୍କୁ ସମ୍ମାନ ଦେଇଛନ୍ତି, ସେମାନଙ୍କର ପ୍ରଶାସନ ସବୁଠାରୁ ସଫଳ ଓ ଜନପ୍ରିୟ ହୋଇଛି ।

ଅତଏବ, ପ୍ରତ୍ୟେକ ଉଚ୍ଚ ଅଧିକାରୀଙ୍କୁ ଏହା ସର୍ବଦା ମନେ ରଖିବା ଉଚିତ ଯେ ପଦବୀ କେବଳ ଦାୟିତ୍ୱର ପରିସରକୁ ବଢ଼ାଏ, ମଣିଷର ମୌଳିକ ମର୍ଯ୍ୟାଦାକୁ ନୁହେଁ । ସରକାରୀ ସେବାର ମୂଳମନ୍ତ୍ର ହେଉଛି "ଶୃଙ୍ଖଳା ସହିତ ସମ୍ମାନ, ଅଧିକାର ସହିତ ଦାୟିତ୍ୱ ଓ ପଦମର୍ଯ୍ୟାଦା ସହିତ ନମ୍ରତା ।" ଯେଉଁଠାରେ ପାରସ୍ପରିକ ସମ୍ମାନ ରହିଥାଏ, ସେଠାରେ ପ୍ରଶାସନ ଅଧିକ କାର୍ଯ୍ୟକ୍ଷମ, ସ୍ୱଚ୍ଛ ଓ ଜନମୁଖୀ ହୋଇପାରେ ।

"ଜଣେ ଅଧିକାରୀଙ୍କ ମହାନତା ତାଙ୍କ ପଦବୀରେ ନୁହେଁ, ବରଂ ସେ କିପରି ନିଜଠାରୁ ନିମ୍ନ ପଦବୀର କର୍ମଚାରୀଙ୍କ ସହ ବ୍ୟବହାର କରନ୍ତି, ସେଥିରେ ନିହିତ ଥାଏ ।"

ମଙ୍ଗଳାଯୋଡ଼ି, ଖୋରଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ

ଆଶୁତୋଷ ନାୟକ



## ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ବ୍ୟର୍ଥ ନଯାଉ

ଏ ବର୍ଷ ଆମେ ୮୦ ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛୁ । ଏହା ଆମ ୧୪୦ କୋଟି ଭାରତୀୟ ମାନଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଦୀର୍ଘ ୨୦୦ ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଅହଙ୍କାରୀ ନିଷ୍ଠୁର ଇଂରେଜମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ । ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ଏକତା ଓ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବା । ସେମାନେ ଜାଣି ଶୁଣି ବିଭିନ୍ନ ସମ୍ପ୍ରଦାୟ ଯେପରିକି ହିନ୍ଦୁ, ମୁସଲିମ, ଶିଖ ଓ ଈଶାଇ ମଧ୍ୟରେ ବିବାଦର ସୂତ୍ରପାତ କରାଉଥିଲେ । ସେମାନଙ୍କ ମନ ଭିତରେ ହିଂସା ପ୍ରତିଶୋଧର ବହ୍ନି ପ୍ରଜ୍ୱଳିତ କରାଇବା ଓ ଧର୍ମ ଜାତି ଆଧାରରେ ଆମ ଦେଶକୁ ବିଭାଜିତ କରିବା, ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ନିଜର ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଇଂରେଜମାନେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ନିଜର କଳ, ବଳ ଓ କୌଶଳ ପ୍ରୟୋଗ କରିଥିଲେ । ଅନେକାଂଶରେ ସେମାନେ ନିଜ ଯୋଜନାରେ ସଫଳ ହୋଇଥିଲେ । ସାମାନ୍ୟ କିଛି ଅର୍ଥ ଓ କ୍ଷମତା ଲୋଭରେ କିଛି ବ୍ୟକ୍ତି ବିଶ୍ୱାସଘାତ କରି ଆମ ସ୍ୱାଧୀନତା ପାଇବାର ଆଶାକୁ ଶିଥିଳ କରୁଥିଲେ । ସେହି ଦେଶଦ୍ରୋହୀ ମଧ୍ୟରେ ମୀରଜାଫର, ଜୟଚନ୍ଦ୍ର, ଜୟ ଗୋପାଳ ଭଳି, କିଛି ବିଶ୍ୱାସଘାତକ ଥିଲେ ଯାହା ନୃଶଂସ ଅଧର୍ମୀ ଆତ୍ମଗର୍ବୀ ଅହଙ୍କାରୀ ଇଂରେଜମାନଙ୍କୁ ଧରି ୨୦୦ ବର୍ଷ ଧରି ଆମ ଦେଶର ଲୋକମାନଙ୍କୁ ଗୁଲାମ ଓ ପରାଧୀନ କରି ରଖିବାରେ ସହାୟ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ବଳିଦାନ ଦ୍ୱାରା ମାତୃଭୂମି ଭାରତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅହଙ୍କାରୀ, ଅଧର୍ମୀ, ନିଷ୍ଠୁର ,ହିଂସ୍ର ଓ ଅତ୍ୟାଚାରୀ ଇଂରେଜ ମାନଙ୍କର ଗୁଲାମୀରୁ ମୁକ୍ତ ହୋଇପାରିଛି । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି, ଭଗତ ସିଂ, ଜୟଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆ ଟୋପେ, ରାଣୀ ଲକ୍ଷ୍ମୀବାୟୀଙ୍କ ଅବଦାନ ଅତୁଳନୀୟ ଯାହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ ।

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର । ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସଂପୂର୍ଣ୍ଣ ଅଛି । ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଏବେ ବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି ।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ । ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଧାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା ।

୨୦୧୭ ଜାତୀୟ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁସାରେ ପାଖାପାଖି ୧୯କୋଟି ଜନତା ଆମ ଦେଶରେ ପ୍ରତିଦିନ ଖାଇବାକୁ ନପାଇ ଭୋକରେ ଶୋଇବାକୁ ବାଧ୍ୟ ହେଉଛନ୍ତି । ୪୫୦୦ ଶିଶୁ ଯେଉଁ ମାନଙ୍କ ବୟସ ୫ବର୍ଷରୁ କମ ପ୍ରତିଦିନ ଖାଦ୍ୟ ଅଭାବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଯାଉଛି । ସ୍ୱାଧୀନତା ପୂର୍ବର ରାଜନେତାଙ୍କ ପାଇଁ ରାଷ୍ଟ୍ର ସର୍ବୋପରି ଥିଲା । ରାଷ୍ଟ୍ରର ଉନ୍ନତି ପାଇଁ ସବୁକିଛି ତ୍ୟାଗ କରିବା ପାଇଁ ସେମାନେ ପ୍ରସ୍ତୁତ ଥିଲେ । ନୀତି, ନୈତିକତାକୁ ସେମାନେ ସର୍ବଦା ପ୍ରାଧାନ୍ୟ ଦେଉଥିଲେ । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଇଁ ନୀତି, ନୈତିକତା ଶବ୍ଦ ଶୈତାନର ବେଦପାଠ ସଦୃଶ । କଳ, ବଳ, କୌଶଳ ପ୍ରୟୋଗ କରି ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ଆଜିର ରାଜନେତାଙ୍କ ମୁଖ୍ୟ ଲକ୍ଷ୍ୟ । ଏହା ଅପ୍ରିୟ ସତ୍ୟ ।

ଜନ୍ମରୁ ମୃତ୍ୟୁ ପ୍ରଯ୍ୟନ୍ତ ଆମ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ କୋଟି କୋଟି ଟଙ୍କା ଯୋଜନା ନାମରେ ହରିଲୁଟ କରୁଛନ୍ତି ଆମ ସମାଜର ବଡ଼ପଣ୍ଡା ବୋଲାଉଥିବା ନେତା, ମନ୍ତ୍ରୀ, ଅଫିସର । ରାଜନେତାଙ୍କ ଛତ୍ରଛାୟା ତଳେ ବଡ଼ବାବୁ, ଆଇଏସ ଅଫିସର ମାନେ କୋଟି କୋଟି ଟଙ୍କା ହରିଲୁଟ କରୁଛନ୍ତି ସାଧାରଣ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ  ନିଜର ବିଶାଳ ସାମ୍ରାଜ୍ୟ ନିର୍ମାଣରେ ବିନିଯୋଗ କରୁଛନ୍ତି ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚିଠୁ ଆରମ୍ଭ କରି ଫ୍ରିଜ ପର୍ଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନରେ ଆମ ସରକାର ଜିଏସଟି ଆଦାୟ କରୁଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା "ବୋଝ ଉପରେ ଲଳିତା ବିଡା ସଦୃଶ ।" ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ ।

ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା । ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ । ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀଦଳ ନେତା, ସାମ୍ବାଦିକମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖା ଯାଇଥିଲା । ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖା ଯାଇଥିଲା । ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା । ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣି ନ ପାରନ୍ତି, ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ ।

ରାମରାଜ୍ୟର ପରିକଳ୍ପନା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମ ଦେଶର ରାଜନେତା ପରସ୍ପର କାଦୁଅଫିଙ୍ଗା ରାଜନୀତିରୁ ବିରତ ରହି ରାଷ୍ଟ୍ରର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିବେ । ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା,ଉତ୍ତମ ପୃଷ୍ଟିକର  ଖାଦ୍ୟ, କର୍ମନିଯୁକ୍ତିର ସୁଯୋଗ ସରକାରୀ ଏବଂ ବେସରକାରୀ ପ୍ରକ୍ରିୟାରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ । ଏହା ସମସ୍ତଙ୍କ ମିଳିତ ସହଯୋଗରେ ସମ୍ଭବ ଏଥିରେ  ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଭୋଟ ବ୍ୟାଙ୍କ ଏବଂ କାଦୁଅ ପିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡିବ । ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଗୋପାଳପୁର,, ବାଲେଶ୍ୱର,,

୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆରକ୍ଷଣ

ପଙ୍କଜ କୁମାର ପାଣିଗ୍ରାହୀ



ପଛୁଆ ବର୍ଗ ଓ ଦୁର୍ବଳ ଶ୍ରେଣୀର ସାମାଜିକ ନିରାପତ୍ତା, ସମାନତା ଓ ଉତ୍ଥାନ ପାଇଁ ଏକ ଅଭିନବ ପ୍ରୟାସ ।

ଇଂରେଜ ଶାସନ ସମୟରେ ୧୮୮୧-୮୨ ମସିହାରେ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେ ଓ ଇଂରେଜ ଶିକ୍ଷା ଆୟୁକ୍ତ ସାର ଉଇଲିଅମ ହଣ୍ଟରଙ୍କ ମିଳିତ ଉଦ୍ୟମରେ ଦେଶର ଗ୍ରାମୀଣ, ପଛୁଆ ବର୍ଗ ପିଲାଙ୍କ ନିଶ୍ଚିତ, ଦେୟମୁକ୍ତ ଶିକ୍ଷା ଏବଂ ନିଯୁକ୍ତି ବ୍ୟବସ୍ଥା ଉପରେ ଆରକ୍ଷଣ ଅବଧାରଣା ପ୍ରସ୍ତାବିତ ହୋଇଥିଲା । ୧୯୦୨ ମସିହାରେ କୋହ୍ଲାପୁରର ରାଜା ଛତ୍ରପତି ଶାହୁ ମହାରାଜ, ଅବ୍ରାହ୍ମଣ ଓ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୫୦ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଅଭିନୀତ କରିଥିଲେ । ୧୯୨୧-୨୭ରେ ମାଡ୍ରାସ ଓ ମଇଶୁର ରାଜ୍ୟରେ ଅବ୍ରାହ୍ମଣ, ମୁସଲିମ ଓ ପଛୁଆ ବର୍ଗଙ୍କ ବିଶେଷ ସାମ୍ପ୍ରଦାୟିକ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା । ୧୯୩୨-୩୩ରେ ଇଂରେଜ ସରକାର ପଛୁଆ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସାମ୍ପ୍ରଦାୟିକ ନିର୍ବାଚନ କ୍ଷେତ୍ର ଘୋଷଣା କରିଥିଲେ ଯାହା ମହାତ୍ମା ଗାନ୍ଧୀ ଏବଂ ଆମ୍ବେଦକରଙ୍କ ଉଦ୍ୟମରେ ଆରକ୍ଷଣ ଜଡିତ ମିଳିତ ନିର୍ବାଚନୀ କ୍ଷେତ୍ରରେ ପରିବର୍ତ୍ତନ କରାଯାଇଥିଲା । ଭାରତ ସ୍ୱାଧୀନତା ପରବର୍ତ୍ତୀ ୧୯୫୧ ମସିହାରେ ଆର୍ଟିକଲ ୧୫(୪) ଏବଂ ୧୬(୪) ଆଧାରରେ ହରିଜନ, ଆଦିବାସୀ ଏବଂ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ରାଜ୍ୟସ୍ତରୀୟ କ୍ଷମତାରେ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା ଯେଉଁଥିରେ ସବର୍ଣ୍ଣ କିମ୍ବା ଅବ୍ରାହ୍ମଣଙ୍କ କଥା ଉଲ୍ଲେଖ ନାହିଁ । ୧୯୯୦ ମସିହାରେ କେନ୍ଦ୍ର ସରକାରୀ ନିଯୁକ୍ତିରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ମଣ୍ଡଳ କମିଶନ ୨୭ ପ୍ରତିଶତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆରକ୍ଷଣ ବ୍ୟବସ୍ଥା ଲାଗୁ କରିଥିଲେ । ତାପରେ ଭିନ୍ନ ଭିନ୍ନ ସରକାରଙ୍କ ସମୟରେ ଅନେକ ପରିବର୍ତ୍ତନ ହୋଇଛି ଏବଂ ହେଉଛି ମଧ୍ୟ ଯାହା ବର୍ତ୍ତମାନର ସ୍ଥିତି ସମସ୍ତେ ଜାଣିଛନ୍ତି ତାରି ଉପରେ ବିଶେଷ ଆଲୋଚନା କରିବା ନାହିଁ । ଲୋକଙ୍କ ବିଚାର ଏବଂ ସାମ୍ବିଧାନିକ ଆଇନ ମଧ୍ୟରେ କୌଣସି ପ୍ରଭେଦ ରହିଛି, କିମ୍ବା ସ୍ୱାଧୀନତା ପୂର୍ବବର୍ତ୍ତୀ ସାମାଜିକ ପରିସ୍ଥିତି, ପରିବେଶ ଏବଂ ଆଜି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ସାମାଜିକ ପରିବେଶର ମାନସିକତା ମଧ୍ୟରେ କୌଣସି ଅନ୍ତର ରହିଛି କି ନାହିଁ ତାରି ଉପରେ ଏକ ବିଶେଷ ଆଲୋଚନା ମାତ୍ର । ଏହା କେବଳ ଲୋକଙ୍କ ଶିକ୍ଷଣୀୟତା ତଥା ବିଚାର ଉପରେ ଏକ ସଚେତନତା ମୂଳକ ଉପସ୍ଥାପନା । ଏହା କୌଣସି ସାମ୍ପ୍ରଦାୟିକ ବିଚାର ହେଉ କି ସରକାରୀ ଯୋଜନାର ସମାଲୋଚନା କିମ୍ବା ଉପଦେଶାତ୍ମକ ବ୍ୟାଖ୍ୟା ପାଇଁ ଉଦ୍ଦିଷ୍ଟ ନୁହେଁ । କୌଣସି ମତଭେଦ କିମ୍ବା ତ୍ରୁଟି ମାର୍ଜନା ଜନିତ ଆଲୋଚନା ସ୍ୱାଗତଯୋଗ୍ୟ ।

ଏଠାରେ ଗୋଟିଏ ବିଷୟ ମନକୁ ଆସେ ଯେ ପ୍ରଥମେ ୧୮୮୨ ମସିହାରେ ଜଣେ ଇଂରେଜ ଏବଂ ଆମ ଦେଶର ଜଣେ ସମାଜ ସଂସ୍କାରକଙ୍କ ମନରେ ଭାରତର ପଛୁଆ ବର୍ଗର ଲୋକଙ୍କ ପାଇଁ ନିଶ୍ଚିତ ଏବଂ ଦେୟମୁକ୍ତ ଶିକ୍ଷା ଓ ନିଯୁକ୍ତି ଉପରେ ଆରକ୍ଷଣ ବିଚାର ଆସିଲା । କାଳକ୍ରମେ ସେହି ବ୍ୟବସ୍ଥା ବିଭିନ୍ନ ପର୍ଯ୍ୟାୟରେ ପରିବର୍ତ୍ତିତ ହୋଇ ଆଜି ଆସି ଯେଉଁ ସ୍ତରରେ ପହଁଚିଛି ସମସ୍ତେ ଜାଣନ୍ତି । ଆମ ଦେଶର ଜୀବନ ଶୈଳୀର ମାନ ଏବଂ ସାମାଜିକ, ବୈଜ୍ଞାନିକ ପ୍ରଗତିର ସ୍ତର ଆଜି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ପୃଥିବୀର ବିକଶିତ ରାଷ୍ଟ୍ର ଗୁଡିକୁ ତୁଳନା କଲେ ହୁଏତ ଆମେ ସେମାନଙ୍କ ଠାରୁ ୫୦୦ ବର୍ଷ ପଛରେ ରହିଥିବା ଅନୁମାନ ହେଉଛି । ପ୍ରାୟ ପାଞ୍ଚ ଦଶକ ପୂର୍ବରୁ ଆମ ଦେଶରେ ଆନ୍ତଃ ସାମ୍ପ୍ରଦାୟିକ (ଧର୍ମ) ମତଭେଦ ୧୦୦/୧୦୦ ପ୍ରତିଶତ ରହିଥିବା ବେଳେ ହିନ୍ଦୁ ସାମ୍ପ୍ରଦାୟିକ ଆଭ୍ୟନ୍ତରୀଣ ଜାତିଗତ ବୈଷମ୍ୟତା ୮୦/୨୦ ପ୍ରତିଶତ ଏବଂ ତା ପୂର୍ବବର୍ତ୍ତୀ ସମୟରେ ତାହା ୯୯/୧ ପ୍ରତିଶତ ରହିଥିବା ଅନୁମାନ / ଅନୁଭବ ହେଉଛି । ବର୍ତ୍ତମାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ଦେଶରେ ସାମ୍ପ୍ରଦାୟିକ ଆଭ୍ୟନ୍ତରୀଣ ଜାତିଗତ ବୈଷମ୍ୟ ପ୍ରାୟତଃ ୧/୯୯ ପ୍ରତିଶତ ରହିଥିବ, କିନ୍ତୁ ଆର୍ଥିକ ବୈସମ୍ୟ ୯୦/୧୦ ପ୍ରତିଶତ ରହିଥିବା ଆମର ଅନୁମାନ, ହୁଏତ ସମସ୍ତେ ଅନୁଭବ କରୁଥିବେ ବୋଲି ମନେ ହେଉଛି । ପ୍ରାକ ସମୟରେ ବର୍ଣ୍ଣଗତ ଉଚ୍ଚ ନୀଚ ଭେଦଭାବ ପ୍ରଚଣ୍ଡ ମାତ୍ରାରେ ରହିଥିବା ସହିତ ଆର୍ଥିକ ଅସମାନତା ମଧ୍ୟ ପ୍ରାୟ ୯୯/୧ ରହିଥିବା ଅନୁମାନ ହେଉଛି । ରାଜା, ଜମିଦାର, ସାହୁକାରଙ୍କ ବ୍ୟତୀତ ଅନ୍ୟାନ୍ୟ ସବୁ ବର୍ଗ / ବର୍ଣ୍ଣର ଲୋକଙ୍କ ଆର୍ଥିକ ଅନାଟନ ପ୍ରାୟ ଏକା ସ୍ତରରେ ରହିଥିଲା । ପଛୁଆ ବର୍ଗ / ବର୍ଣ୍ଣର ଲୋକଙ୍କ ସାମାଜିକ ମାନ୍ୟତା ଅତ୍ୟନ୍ତ ଦୁର୍ବଳ ରହିଥିଲା କେବଳ ଜାତିଗତ କାରଣରୁ । ତେଣୁ ସେମାନଙ୍କୁ କୌଣସି ସାମାଜିକ କ୍ଷେତ୍ରରେ ଆଗକୁ ଯିବା ପାଇଁ ସୁଯୋଗ ଦିଆଯାଉ ନଥବା ପ୍ରକାଶ କରିଥିଲେ ମହାମାନ୍ୟ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେ । ସେ ସମୟରେ ମହାତ୍ମା ଗାନ୍ଧୀ ହୁଅନ୍ତୁ କିମ୍ବା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଠାରୁ ଆରମ୍ଭ କରି ଆହୁରି ଅନେକ ଜନମାନ୍ୟ ବ୍ୟକ୍ତିଗଣ ସେମାନଙ୍କ ସାମାଜିକ ସମାନତା ଅଧିକାର ପାଇଁ ସ୍ୱର ଉତ୍ତୋଳନ ପୂର୍ବକ ଆରକ୍ଷଣ ବ୍ୟବସ୍ଥା ଲାଗୁ କରିବାରେ ସଫଳ ହୋଇଥିଲେ । ତାହା ମଧ୍ୟ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଥିଲା ବୋଲି ଆମର ବିଚାର ।

ଊନବିଂଶ ଶତାବ୍ଦୀ ୧୮୮୨ର ଆରକ୍ଷଣର ପ୍ରାରମ୍ଭ ଠାରୁ ଆଜି ଏକବିଂଶ ଶତାବ୍ଦୀ ୨୦୨୬, ପ୍ରାୟ ଦେଢ଼ଶହ ବର୍ଷର ବ୍ୟବଧାନ ମଧ୍ୟରେ ଆମ ଦେଶର ସବୁ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ହୋଇଛି ତାର ମାନଦଣ୍ଡ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଆମ ଦେଶର ଶାସନ ବ୍ୟବସ୍ଥାରେ ବିକଶିତ ରାଷ୍ଟ୍ର ଗୁଡିକ ଭଳି କୌଣସି ଆଖିଦୃଶିଆ ପରିବର୍ତ୍ତନ / ସୁଧାର / ସଂସ୍କାର ଆସିପାରିଲା ନାହିଁ । କହିବାକୁ ଗଲେ ସମାଜର ସବୁ ଆଧାର ଗୁଡିକୁ ପଛରେ ପକାଇ ସର୍ବଜନଙ୍କ ବ୍ୟକ୍ତିଗତ ଆର୍ଥିକ ସ୍ୱାର୍ଥ ବିଚାର କେବଳ ଆମକୁ ଆଜି ପଶ୍ଚାତପଦ କରୁଥିବା ଅନୁଭବ ନାହିଁ କାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନରେ । ସର୍ବସାଧାରଣ ୯୦ ପ୍ରତିଶତ ମଣିଷ ଆଜି କେବଳ ଦୈନିନ୍ଦିନ ଜୀବନ ଜୀବିକା, ଆର୍ଥିକ ଅନାଟନ ଜନିତ ମାନସିକ ଅସ୍ଥିରତା ପାଇଁ ବ୍ୟକ୍ତିଗତ ସ୍ତରରେ ରହିଥିବା କଷ୍ଟଦାୟକ ଅନୁଭୂତି  ପ୍ରତ୍ୟେକ ମଣିଷଙ୍କ ମନରେ ଆନ୍ଦୋଳିତ ହେଉଥିବା ବୁଝୁଥିବେ ସେମାନେ ନିଜ ସ୍ତରରେ । ୧୦ ପ୍ରତିଶତ ଲୋକଙ୍କ ଆର୍ଥିକ ଅତିପ୍ରବହ କାରଣରୁ ଔଦ୍ଧତ୍ୟର ସୀମା ନାହିଁ, ଏ କଥାରେ କୌଣସି ଦ୍ୱିମତ ନାହିଁ । ଅନେକ ସାମାଜିକ କାରଣ ବ୍ୟତୀତ କେବଳ ଆରକ୍ଷଣ ଉପରେ ବିଚାର କରି ଦେଖିଲେ ହୁଏତ ତାର ପ୍ରଭାବ ଜନିତ ପରିବର୍ତ୍ତନ ବ୍ୟାପକ ହୋଇଥିବା ଦେଖିବାକୁ ମିଳୁଛି । ଏମିତିକି ପୂର୍ବକାଳର ତଥାକଥିତ ସବର୍ଣ୍ଣ ବ୍ରାହ୍ମଣ ଯିଏ ସାମାନ୍ୟ ନୀଚ ଜାତିର ଛାଇ ପଡିଲେ ଗାଧୋଉଥିଲା ଆଜି ସିଏ ହରିଜନ, ଆଦିବାସୀ ସମ୍ପ୍ରଦାୟ ହାତରୁ ରାନ୍ଧି ପରସିଲେ ଖାଉଛି ହୋଟେଲରେ । ଏହା କୌଣସି ଅଲୌକିକ, ଅବାସ୍ତବ ମନ୍ତବ୍ୟ ନୁହେଁ ବରଂ ୧୦୦ ପ୍ରତିଶତ ପ୍ରୟୋଗାକ ଆଖିଦେଖା ତତ୍ୱ ଯାହା ସମସ୍ତେ ଜାଣନ୍ତି । ଅର୍ଥାତ ସମାଜରୁ ଜାତିଗତ ବିଦ୍ୱେଷଭାବ, ବୈଷମ୍ୟତା ୧ ପ୍ରତିଶତ କୋଉଠେ ରହିଥାଇ ପାରେ କିନ୍ତୁ ୯୯ ପ୍ରତିଶତ ଦୂର ହୋଇଥିବା ସ୍ୱୀକାର୍ଯ୍ୟ । ଯେଉଁ ଉଦ୍ଦେଶ୍ୟରେ ଜାତିଗତ ବୈଷମ୍ୟତା ଦୂର କରିବା ଲକ୍ଷ୍ୟ ରଖି ଆରକ୍ଷଣ ବ୍ୟବସ୍ଥା କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଫଳପ୍ରଦ ହୋଇଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଦ୍ୱିତୀୟତଃ ଆରକ୍ଷିତ ନିଯୁକ୍ତି ଏବଂ ରୋଜଗାର ସୁଯୋଗ ଜନିତ ଅନ୍ୟୁନ ୭୦-୮୦ ପ୍ରତିଶତରୁ ଅଧିକ ପଛୁଆ ବର୍ଗ ଜାତିର ମଣିଷ ସମୂହ ପ୍ରଚଣ୍ଡ ଆର୍ଥିକ ଅନାଟନ ଠାରୁ ଦୁରେଇ ରହୁଥିବା ଦେଖିବାକୁ ମିଳୁଛି । ତେଣୁ ସମାଜରେ ଜାତିଗତ ବୈଷମ୍ୟବାଦ ପ୍ରାୟ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ତଥାପି ଆମେ ଜାତିଗତ ଆରକ୍ଷଣ ଦିନକୁ ଦିନ ବୃଦ୍ଧି କରି ଚାଲିଥିବା କରଣର ସମୀକ୍ଷା ସର୍ବସାଧାରଣ ନିଜ ନିଜ ସ୍ତରରେ କରନ୍ତୁ । କିନ୍ତୁ ସର୍ବଜନଙ୍କ ଆର୍ଥିକ ଦୁରାବସ୍ଥା ଜନିତ ଆରକ୍ଷଣ ଉପରେ ଆଲୋଚନା କେଲେ ଜାଣିହେବ ଯେ ବର୍ତ୍ତମାନ ସମୟରେ ଆମ ଦେଶରେ ଆରକ୍ଷଣ କେଉଁ ଆଧାରରେ ଆବଶ୍ୟକତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଛି ଏବଂ ତା ପାଇଁ କଣ ପଦକ୍ଷେପ ନିଆଯାଇଅଛି ବା ନିଆଯିବା କଥା ତାରି ଉପରେ ବିଚାର କରିବା ।

କି ଆବର୍ଣ୍ଣ କି ସବର୍ଣ୍ଣ, ଆର୍ଥିକ ଦୁରାବସ୍ଥାରେ ନିଷ୍ପେସିତ ଆଜି ବ୍ୟାପକ ସଂଖ୍ୟକ ମଣିଷଙ୍କ ମାନସିକ ଅସ୍ଥିରତା ଏବଂ ତଦ୍‌ଜନିତ ସାମାଜିକ, ଶାରୀରିକ କ୍ଳେଶର ସୀମା ନାହିଁ ! ସମାଜର ଅନ୍ୟୁନ ୧୦ ପ୍ରତିଶତ ମଣିଷ ସମ୍ପୂର୍ଣ୍ଣ ଆର୍ଥିକ ସ୍ୱଚ୍ଛଳତା ମଧ୍ୟରେ ରହି ଉନ୍ମାଦନାରେ ଉଚ୍ଛୁଳୁଛନ୍ତି ଯେଉଁଠି ଆଉ ୨୦ ପ୍ରତିଶତ ସାମାନ୍ୟ ସାଧାରଣ ସ୍ତରରେ ରହିଛନ୍ତି । ଅନ୍ୟ ପ୍ରାୟ ୭୦ ପ୍ରତିଶତ ଲୋକଙ୍କ ଦୈନନ୍ଦିନ ଜୀବିକା ବନ୍ଦ ହେଲେ ଆଧାର ବନ୍ଦ ହେବା ପରିସ୍ଥିତିରେ ଚାଲିଛି ଆମ ସମାଜ । ଜନଗଣନା, ଭୋଟର ଗଣନାକୁ ପଛରେ ରଖି ଏହାର ଏକ ନିଖୁଣ ଗଣନା କରାଯିବା ଅତ୍ୟନ୍ତ ଆବଶ୍ୟକ ଯାହା ପ୍ରତି କାହାର ନିଘା ନାହିଁ । କାରଣ ଉଚ୍ଚ ସ୍ତରରେ ରହି ଶାସନ ପ୍ରଶାସନ କ୍ଷେତ୍ରରେ କାର୍ଯ୍ୟରତ ମଣିଷଙ୍କ ଏହା ଆବଶ୍ୟକ ନାହିଁ । ବରଂ ଏହା କରିବା ଦ୍ୱାରା ସେମାନଙ୍କୁ ତାର ଉତ୍ତରଦାୟୀ ହେବାକୁ ପଡିବ ଏବଂ ପ୍ରତିକାର କରିବାକୁ ହେବ ବୋଲି ବିଚାରି ଏହି ଅତ୍ୟାବଶ୍ୟକ ବିଧିକୁ ସମ୍ପୂର୍ଣ୍ଣ ଉହ୍ୟ / ଅଣଦେଖା କରଯାଉଥିବା ଅନୁମାନ ହେଉଛି । ବିଭିନ୍ନ ସ୍ତରରେ ଅମାନବୀୟ, ଅନାବଶ୍ୟକ ପ୍ରଚାର ପ୍ରସାର କରି ଲୋକଙ୍କୁ ଅନ୍ଧକାର ମଧରେ ରଖି ଅଲୌକିକ ଆଶାରେ ନିମଜ୍ଜିତ କରି ଚାଲିଛି ଆମ ବ୍ୟବସ୍ଥା । କାହା କଥା କାହାକୁ ଜଣାପଡୁ ନାହିଁ କିମ୍ବା କେହି ଅନ୍ୟର ଅସୁବିଧାରେ ତତ୍ପରତା ଅନୁଭବ କରୁନାହାନ୍ତି । ସମସ୍ତେ ଏକ ରକମ ଏକକ ବିଚାରଧାରାରେ ରହି କେବଳ ନିଜସ୍ୱ ସ୍ୱାର୍ଥରେ ନିମଗ୍ନ ରହୁଥିବା ସମସ୍ତେ ବୁଝୁଛନ୍ତି । ତଥାପି ଏକ ଭାଇଚାରା ପୂର୍ଣ୍ଣ ପରିବେଶ ସୃଷ୍ଟି କରି ଜଣେ ଅନ୍ୟକୁ ସହଯୋଗର ହାତ ବଢ଼ାଇ ବଂଚିବା ପ୍ରୟାସ ପରିବର୍ତ୍ତେ ବୈମାତୃକ ମନୋଭାବ, ହିଂସାର ପରିବେଶରେ ରହୁଛନ୍ତି । ଏସବୁ ହେଉଛି କାହିଁକି, କରୁଛି କିଏ ଏବଂ ତାର ଉଦ୍ଦେଶ୍ୟ କଣ ସମସ୍ତେ ନିଜସ୍ୱ ଜ୍ଞାନ ପରିସର ମଧ୍ୟରେ ବୁଝିବାକୁ ଚେଷ୍ଟା କରନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବର୍ତ୍ତମାନର ପରିସ୍ଥିତି ଅନୁଧ୍ୟାନ କଲେ ବୁଝି ହେଉଛି ଯେ ଜାତିଗତ ବୈଷମ୍ୟତା ଅପେକ୍ଷା ଆର୍ଥିକ ବୈଷମ୍ୟତା ସମାଜକୁ ଅତ୍ୟନ୍ତ ପଛକୁ ଟାଣିନେଇ ଚାଲିଛି । ମାନବ ସମ୍ବଳର ଦୁର୍ବଳତା କାରଣରୁ ରାଷ୍ଟ୍ରୀୟ ଦୁର୍ବଳତା ଏବଂ ସାଧାରଣ ଲୋକଙ୍କ ଜୀବନ ଶୈଳୀ ଅତ୍ୟନ୍ତ ଦୁଃଖଦାୟକ ପରିସ୍ଥିତି ମଧରେ ଗତି କରୁଛି । ତେଣୁ ସମସ୍ତ ଜାତି, ଧର୍ମ, ବର୍ଣ୍ଣର ମଣିଷଙ୍କୁ ଅନ୍ତର୍ଭୁକ୍ତ କରି କେବଳ ସାମାଜିକ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆରକ୍ଷଣ ଦିଆଯିବା ଅତ୍ୟନ୍ତ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି ଆମ ଦେଶରେ । ତାପାଇଁ ମଧ୍ୟ କିଛି ନିୟମ ଆଗତ ହୋଇଥିବା ଆମେ ଜାଣୁ । କିନ୍ତୁ ସେହି ନିୟମ ଯଥେଷ୍ଟ ହେଉନଥିବା କାରଣରୁ ଆର୍ଥିକ ପଛୁଆ ବର୍ଗ ଆଜି କୌଣସି ସୁବିଧା ସୁଯୋଗ ପାଇବାରୁ ବଂଚିତ ରହୁଛନ୍ତି । ପୁନର୍ବାର ଜାତିଗତ ଆରକ୍ଷଣକୁ ଯେଉଁ ଢଙ୍ଗରେ ପରିଚାଳିତ କରଯାଉ ଅଛି ତାହାଦ୍ୱାରା ବ୍ୟାପକ ସାମାଜିକ କ୍ଷତି ହେଉଥିବା ଆକଳନ କେହି କରନ୍ତି ନାହିଁ । କାରଣ ଆରକ୍ଷଣର ଅର୍ଥ ଏହା ହେବା କଥା ନୁହେଁ କି ସେତିକି ସ୍ଥାନ ଯେକୌଣସି ମତେ ପୁରଣ ହେବ । ଅର୍ଥାତ ଜଣେ ଅପାରଗ ମଣିଷ ସେହି ଆରକ୍ଷଣ ଅନ୍ତର୍ଭୁକ୍ତ ହେଉନଥିଲେ ମଧ୍ୟ ତାକୁ ନିଶ୍ଚିତ ନିଯୁକ୍ତି କରାଯିବ । ତଦ୍ୱାରା ସାମାଜିକ ପରିଚାଳନାରେ ବ୍ୟାପକ ଅଭାବନିୟତା ଦେଖା ଦେବ; ଦେଉଛି ମଧ୍ୟ, ସେଥିରେ କୌଣସି ଦ୍ୱିମତ ନାହିଁ । ତଦ୍ୱାରା ସମାଜରେ ସବୁ ବର୍ଗର ମଣିଷଙ୍କୁ ତାହା ପ୍ରତିଘାତ କରିବା ସହିତ ରାଷ୍ଟ୍ରୀୟ ବିକାଶରେ ମଧ୍ୟ ବାଧା ସୃଷ୍ଟି ହେଉଥିବା ଭୁକ୍ତଭୋଗୀ ପ୍ରାୟ ସମସ୍ତେ । ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗର ଜାତି ପାଇଁ ନିଶ୍ଚିତ ଶିକ୍ଷା ବ୍ୟବସ୍ଥା କରି ସେମାନଙ୍କୁ ମଧ୍ୟ ଉଚିତ ପାରଙ୍ଗମ କରି ନିଯୁକ୍ତିରେ ଆରକ୍ଷଣ ଦେବା ହେଲେ ବ୍ୟବସ୍ଥା ସଠିକ ଢଙ୍ଗରେ ଚାଲିବ । କିନ୍ତୁ ଶିକ୍ଷାଠାରୁ ନିଯୁକ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଶ୍ଚିତ ଆରକ୍ଷଣ ଦେଇ କୌଣସି ପାରଦର୍ଶିତା ନଥିଲେ ମଧ୍ୟ ଜଣେ ମଣିଷକୁ ଆରକ୍ଷଣ ବ୍ୟବସ୍ଥିତ କରି ସାମାଜିକ କ୍ଷେତ୍ରରେ ନିୟୋଜିତ କରିବା ହୁଏତ ସେମାନଙ୍କ ପାଇଁ ମଧ୍ୟ ଏକ ପ୍ରତାରଣାର ପଥ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିସ୍କାର କରୁଛି ବୋଲି ସେମାନେ ମଧ୍ୟ ବୁଝି ପାରୁନାହାନ୍ତି ।

ତେଣୁ ବର୍ତ୍ତମାନ ମଧ୍ୟ ସମୟ ଅଛି ଏହାର ଉପଯୁକ୍ତ ସମୀକ୍ଷା କରି ଆରକ୍ଷଣ ବ୍ୟବସ୍ଥାକୁ ଜାତିଗତ ସ୍ତରରେ ସୀମିତ ନରଖି ବରଂ ସବୁ ବର୍ଗର ଆର୍ଥିକ ଅନଗ୍ରସର ଗୋଷ୍ଠୀଙ୍କ ପ୍ରତି ଲାଗୁ କରିବା ଦିଗରେ ସୁଧାର ଆଣିବା ପାଇଁ । ଅନ୍ୟଥା ଏମିତି ଆଉ କିଛି ବର୍ଷ ଚାଲିଲେ ହୁଏତ ଆମେ ଅନ୍ୟାନ୍ୟ ପ୍ରଗତିଶୀଳ ରାଷ୍ଟ୍ର ଗୁଡିକ ତୁଳନାକ ଅତ୍ୟନ୍ତ ପଛରେ ଚାଲିବା ସେଇଥିରେ କୌଣସି ସନ୍ଦେହ ନାହିଁ । ଏବିଷୟରେ ଯେ କେବଳ ଶାସନ ପ୍ରଶାସନରେ ରହିଥିବା ଲୋକଙ୍କ ବିଚାର ଶେଷ ପର୍ଯ୍ୟାୟ ବୋଲି ବିଚାର ନକରି ସର୍ବସାଧାରଣ ଶିକ୍ଷାବିତ / ଜ୍ଞାନୀ, ଗୁଣି ମଣିଷ ସମୂହ ମଧ୍ୟ ଏହା ଉପରେ ପୁଙ୍ଖାନୁପୁଙ୍ଖ ବିଚାର ମତ ପୋଷଣ କରିବା ଆବଶ୍ୟକ । ସାମାଜିକ ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ଏହାର ସମାଧାନ କରି ଉପଯୁକ୍ତ ବିଚାର କରି ନିୟମ ଆଗତ ହେଲେ ହୁଏତ କିଛି ସାମାଜିକ ସୁଧାର ଆସିବ ବୋଲି ଆମର ଅନୁମାନ । ଏହା କିନ୍ତୁ ଆମ ଦେଶର ଅଜ୍ଞାନ ଶିକ୍ଷିତଙ୍କ ବିଚାର ପରିସୀମା ଅନ୍ତର୍ଭୁକ୍ତ ହେବ, ସନ୍ଦେହ ।

ୟୁଟ୍ୟୁବ - ସାମାଜିକ ଜନମଞ୍ଚ (ଭାରତ)
ଛତ୍ରପୁର, ଗଞ୍ଜାମ- ୭୬୧୦୨୦
ଦୂରଭାଷ.: ୯୪୩୭୩୩୨୪୯୧୭.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କର୍କଟ ସହ ଯୁଝୁଛି ଶୈଶବାବସ୍ଥା

ଡା ରାଜକିଶୋର ପଣ୍ଡା



ଶିଶୁ, ଦେଶର ଭବିଷ୍ୟତ । ସମାଜର ନିର୍ମାଣ ନିମନ୍ତେ ଆବଶ୍ୟକ ରହିଛି ଏକ ସୁସ୍ଥ ଓ ପ୍ରତିଭାବାନ୍ ଶୈଶବର । ବାଲ୍ୟକାଳ ହେଉଛି ଜୀବନର ସେହି ସ୍ୱର୍ଣ୍ଣିମ ସମୟ, ଯେଉଁଥିରେ ସ୍ୱପ୍ନର ମୂଳଦୁଆ ପଡ଼ିଥାଏ, ସମ୍ଭାବନାର ଡେଣା ବିକଶିତ ହୋଇଥାଏ ଓ ଭବିଷ୍ୟତର ଦିଗ ନିର୍ଣ୍ଣିତ ହୁଏ । କିନ୍ତୁ ଆଜି ଏହି ଶୈଶବାବସ୍ଥା କର୍କଟ ଭଳି ଜଟିଳ ବ୍ୟାଧିର ଶିକାର ହୋଇଛି, ଯାହାକି ପିଲାମାନଙ୍କ ଜୀବନର ବହୁ ମୂଲ୍ୟବାନ ସମୟକୁ ଛଡ଼ାଇ ନେବା ସହିତ ସେମାନଙ୍କ ମୃତ୍ୟୁର ମଧ୍ୟ ଏକ ପ୍ରମୁଖ କାରଣ ପାଲଟିଛି । ଏହା କେବଳ ଜୀବନଶୈଳୀ ଓ ପ୍ରାକୃତିକ ପରିବର୍ତ୍ତନର ପରିଣାମ ନୁହେଁ, ବରଂ ବ୍ୟବସ୍ଥା ସହିତ ଜଡ଼ିତ ପ୍ରସଙ୍ଗ ମଧ୍ୟ ଅଟେ । ଚିନ୍ତାଜନକ ବିଷୟ ହେଉଛି କି, ବାଲ୍ୟାବସ୍ଥାରେ କର୍କଟ ଯୋଗୁଁ ହେଉଥିବା ମୃତ୍ୟୁର ଚଉରାନବେ ପ୍ରତିଶତ ଓ ପଞ୍ଚାଅଶୀ ପ୍ରତିଶତ ନୂଆ ମାମଲା ମଧ୍ୟମ ଏବଂ ସ୍ୱଳ୍ପ ଆୟ ବିଶିଷ୍ଟ ଦେଶମାନଙ୍କରେ ଦେଖିବା ପାଇଁ ମିଳୁଛି । ଏହାର ଅର୍ଥ ଯେଉଁ ଦେଶରେ ସମ୍ବଳ କମ୍ ସେଠାରେ କର୍କଟର ପ୍ରାର୍ଦୁଭାବ ସବୁଠାରୁ ଅଧିକ । ଏହି ଦେଶଗୁଡ଼ିକ ମଧ୍ୟରେ ଭାରତ ମଧ୍ୟ ଅନ୍ୟତମ ଯେଉଁଠାରେ ପ୍ରତିବର୍ଷ ପାଖାପାଖି ସତର ହଜାର ଶିଶୁ କର୍କଟ କାରଣରୁ ମୃତ୍ୟୁବରଣ କରୁଛନ୍ତି । କ୍ୟାନ୍ସର ସହ ସଂଗ୍ରାମ କେବଳ ବ୍ୟକ୍ତିଗତ ନୁହେଁ, ବରଂ ଆର୍ଥିକ, ସାମାଜିକ ଓ ବୈଚାରିକ ସ୍ତରରେ ମଧ୍ୟ ଦେଖିବା ପାଇଁ ମିଳୁଛି ।

ସ୍ୱନାମଧନ୍ୟ ଚିକିତ୍ସା ବିଜ୍ଞାନ ପତ୍ରିକା "ଦି-ଲାନ୍ସେଟ୍"ରେ ପ୍ରକାଶିତ ରିପୋର୍ଟ "ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ - ୨୦୨୩" ଶୈଶବାବସ୍ଥାରେ କ୍ୟାନ୍ସର ସଙ୍କଟର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୟାବହତାକୁ ଉଜାଗର କରୁଛି । ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ପ୍ରଣାଳୀର ବିଫଳତା ଓ ସ୍ୱାସ୍ଥ୍ୟ ସେବାର ଅସମାନତାର ଚିତ୍ରକୁ ସମ୍ମୁଖକୁ ଆଣୁଛି, ଯେଉଁଥିରେ ସେହି ଦେଶଗୁଡ଼ିକ ବେଶୀ କଷ୍ଟ ପାଉଛନ୍ତି, ଯେଉଁମାନଙ୍କର ସଂସାଧନ ସୀମିତ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦୁର୍ବଳ । ରିପୋର୍ଟ ଅନୁଯାୟୀ ୨୦୨୩ ରେ ସମଗ୍ର ବିଶ୍ୱରେ ବାଲ୍ୟାବସ୍ଥା କର୍କଟରେ ପ୍ରାୟ ୩.୭୭ ଲକ୍ଷ ନୂଆ ମାମଲା ସାମନାକୁ ଆସିଥିଲା ଓ ପାଖାପାଖି ୧.୪୪ ଲକ୍ଷ ଶିଶୁଙ୍କର ଏହି କାରଣରୁ ମୃତ୍ୟୁ ହୋଇଥିଲା । ତେଣୁ ଏହା ସ୍ପଷ୍ଟ ଯେ ବାଲ୍ୟାବସ୍ଥାରେ କର୍କଟ କେବଳ ଏକ ଚିକିତ୍ସାଜନିତ ସମସ୍ୟା ନୁହେଁ ବରଂ ବର୍ତ୍ତମାନ ସମୟରେ ଏହା ସଂରଚନାତ୍ମକ ଦୁର୍ବଳତା ଓ ସାମାଜିକ ଆର୍ଥିକ ଅସମାନତାର ଏକ ପ୍ରତୀକରେ ପରିଣତ ହୋଇଯାଇଛି । ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ଶୈଶବାବସ୍ଥା କର୍କଟ କ'ଣ ସେ ବିଷୟରେ ଆଲୋଚନା କରିବା । କର୍କଟ ଯାହାକି ଶିଶୁ ଓ କୈଶୋର ଅବସ୍ଥାରେ ଦେଖାଯାଇଥାଏ, ଜନ୍ମ ସମୟରୁ ଉଣେଇଶ ବର୍ଷ ବୟସ ପର୍ଯ୍ୟନ୍ତ ତାହାକୁ ବାଲ୍ୟାବସ୍ଥା କର୍କଟ ବୋଲି କୁହାଯାଏ । ପ୍ରାପ୍ତବୟସ୍କ ମାନଙ୍କଠାରେ ଦେଖାଯାଉଥିବା କର୍କଟ ଅପେକ୍ଷା ଶିଶୁ କର୍କଟ ଏହି ପ୍ରକାରେ ଭିନ୍ନ କି, ଏହା ଜୀବନଶୈଳୀ ଓ ପରିବେଶ ଜନିତ କାରଣ ଯୋଗୁଁ ହୋଇନଥାଏ । ଶିଶୁମାନଙ୍କଠାରେ ମୁଖ୍ୟତଃ ଲିଉକେମିଆ, ବ୍ରେନ୍ ଟ୍ୟୁମର୍, ଲିମ୍ଫୋମା ଆଦି କର୍କଟ ଅଧିକ ମାତ୍ରାରେ ଦେଖା ଯାଇଥାଏ । ଭାରତରେ ମଧ୍ୟ ଏହି ସମସ୍ୟା ବର୍ତ୍ତମାନ ଜଟିଳ ଆକାର ଧାରଣ କରିଛି । ଗୋଟିଏ ପଟେ ଚିକିତ୍ସା ବିଜ୍ଞାନରେ କ୍ୟାନସରର ଉପଚାରକୁ ନେଇ ଉଲ୍ଲେଖନୀୟ ପ୍ରଗତି ହୋଇଛି ସତ, ଏହି ଆଧୁନିକ ସୁବିଧା ପାଖରେ ପହଞ୍ଚିବା କିନ୍ତୁ ସୀମିତାବସ୍ଥାରେ ରହିଛି । ଦେଶର ବଡ଼ ବଡ଼ ସହରାଞ୍ଚଳରେ ଉନ୍ନତ କର୍କଟ ଚିକିତ୍ସା କେନ୍ଦ୍ର ଉପଲବ୍ଧ ଅଛି ମାତ୍ର ଗ୍ରାମୀଣ କ୍ଷେତ୍ରରେ ଏହି ସୁବିଧା ନାହିଁ କହିଲେ ଚଳେ । ଫଳସ୍ୱରୂପ ଅଧିକାଂଶ ଶିଶୁ ସେହି ସମୟରେ ଡାକ୍ତରଖାନାରେ ପହଞ୍ଚନ୍ତି ଯେତେବେଳେ ରୋଗଟି ଶେଷ ପର୍ଯ୍ୟାୟରେ ଥାଏ । ଏହି ହେତୁ ଭାରତରେ ଶିଶୁ କର୍କଟ କ୍ଷେତ୍ରରେ ଜୀବିତ ରହିବାର ହାର ବିକଶିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଶମାନଙ୍କ ତୁଳନାରେ ଯଥେଷ୍ଟ କମ୍ ଅଟେ । ଲାନ୍‌ସେଟର ରିପୋର୍ଟରୁ ଜଣାପଡ଼ିଛି କି, ୨୦୨୩ରେ ଶିଶୁମାନଙ୍କର ମୃତ୍ୟୁର ଅଷ୍ଟମ ପ୍ରମୁଖ କାରଣ ହେଉଛି କର୍କଟ । କେବଳ ଏତିକି ନୁହେଁ "ଡିଜାବିଲିଟି ଆଡ୍‌ଜଷ୍ଟେଡ୍ ଲାଇଫ୍ ଇୟର୍ସ (ଡି.ଏ.ଏଲ.ୱାଇ) କ୍ଷେତ୍ରରେ ମଧ୍ୟ କ୍ୟାନସର୍ ହେଉଛି ଦଶମ ପ୍ରମୁଖ କାରଣ" । "ଡି.ଏ.ଏଲ.ୱାଇ" ର ଅର୍ଥ ହେଉଛି ସମଗ୍ର ସୁସ୍ଥ ଜୀବନର ସମୟ ସୀମାରୁ ଏକବର୍ଷ କୌଣସି ବ୍ୟାଧି ଯୋଗୁଁ ନଷ୍ଟ ହେବା । ତେଣୁ କର୍କଟ କେବଳ ଜୀବନ ହାନି କରୁନାହିଁ ବରଂ ପିଲାମାନଙ୍କର ସୁସ୍ଥ, ସକ୍ରିୟ ଓ ମୂଲ୍ୟବାନ ସମୟକୁ ମଧ୍ୟ ନଷ୍ଟ କରୁଛି । ଏହା ଏପରି ଏକ କ୍ଷତି ଯାହାର ସାମାଜିକ ଓ ଆର୍ଥିକ ପ୍ରଭାବ ଦୀର୍ଘକାଳୀନ ଏବଂ ଗଭୀର । ପୂର୍ବରୁ ମୁଁ ଉଲ୍ଲେଖ କରିଥିବା ଗୋଟିଏ ତଥ୍ୟ ଯାହାକି ହେଉଛି, ବୟସ୍କମାନଙ୍କ ଭଳି ଶିଶୁକର୍କଟର ଜୀବନଶୈଳୀ ସହିତ କୌଣସି ସମ୍ପର୍କ ନଥାଏ, ବରଂ ଏହା ହୋଇଥାଏ ଆନୁବଂଶିକ ପରିବର୍ତ୍ତନ ବା କୋଷୀୟ ଅସମାନତା ହେତୁ । ଉପରୋକ୍ତ ଦୁଇଟି କାରଣବଶତଃ ବାଲ୍ୟାବସ୍ଥା କର୍କଟ ଏବେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି । ଜୀବନଶୈଳୀକୁ ଆମେ ପରିବର୍ତ୍ତନ କରିପାରିବା ମାତ୍ର ଆନୁବଂଶିକ ଓ କୋଷୀୟ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଅତ୍ୟନ୍ତ କଷ୍ଟସାଧ୍ୟ । ଲ୍ୟୁକେମିଆ (ରକ୍ତ କର୍କଟ) ହେଉଛି ପିଲାମାନଙ୍କଠାରେ ସର୍ବାଧିକ ମାତ୍ରାରେ ଦେଖାଯାଉଥିବା କର୍କଟ, ଯାହାଦ୍ୱାରା ୨୦୨୩ ରେ ପ୍ରାୟ ୪୫୦୦୦ ଶିଶୁଙ୍କର ମୃତ୍ୟୁ ହୋଇଛି । ଦ୍ୱିତୀୟରେ ଅଛି ମସ୍ତିଷ୍କ ଓ ମେରୁଦଣ୍ଡ କର୍କଟ ଯେଉଁଥିରେ ଆକ୍ରାନ୍ତ ହୋଇ ୨୩୦୦୦ ପିଲାଙ୍କର ମୃତ୍ୟୁ ଘଟିଛି ।

ଏଠାରେ ଗୋଟିଏ ବିରୋଧାଭାସ ମଧ୍ୟ ଦେଖିବା ପାଇଁ ମିଳେ । ୧୯୯୦ ତୁଳନାରେ ୨୦୨୩ରେ ବାଲ୍ୟାବସ୍ଥା କର୍କଟ ହେତୁ ମୃତ୍ୟୁରେ ପାଖାପାଖି ସତେଇଶି ପ୍ରତିଶତ ହ୍ରାସ ଆସିଛି ଯାହାକି ଚିକିତ୍ସା ବିଜ୍ଞାନରେ ଉନ୍ନତିର ଏକ ସ୍ପଷ୍ଟ ସଙ୍କେତ । କିନ୍ତୁ ଏହି ଉନ୍ନତି ସବୁ ସ୍ଥାନରେ ସମାନ ଭାବରେ ଆବଣ୍ଟିତ ହୋଇନାହିଁ । ବିକଶିତ ଦେଶମାନଙ୍କରେ

Listen to Odia Podcast Original at https://youtube.com/@drjyotiprasad

ଚିକିତ୍ସାର ବ୍ୟାପକ ସୁବିଧା ହେତୁ ମୃତ୍ୟୁର ହାର କମିଥିବାବେଳେ, ଆଫ୍ରିକା ଭଳି ଅନଗ୍ରସର କ୍ଷେତ୍ରରେ ଏହି ହାର ୫୫ ପ୍ରତିଶତରୁ ଅଧିକ ଅଛି । ଏହି ଅସମାନତା ପରିଷ୍କାର ଭାବରେ ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିଫଳତାକୁ ହିଁ ଦର୍ଶାଉଛି । ଭାରତ ବିଷୟରେ ଚର୍ଚ୍ଚା କଲେ ଏଠାରେ ଶିଶୁ କର୍କଟର ସମସ୍ୟା କେବଳ ଚିକିତ୍ସା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ସାମାଜିକ ଓ ଆର୍ଥିକ ଦିଗ ସହିତ ମଧ୍ୟ ଜଡ଼ିତ ଅଛି । ପ୍ରଥମରେ ବ୍ୟୟବହୁଳ ଚିକିତ୍ସା ଓ ଦ୍ୱିତୀୟରେ ଅଧିକାଂଶ ପରିବାର ପାଖରେ ସ୍ୱାସ୍ଥ୍ୟ ବୀମା ବା କୌଣସି ଆର୍ଥିକ ସୁରକ୍ଷାର ଉପଲବ୍ଧତା ନାହିଁ । ତେଣୁ କେତୋଟି ମାମଲାରେ ଚିକିତ୍ସା ଅଧା ରହିଯାଏ । ସଚେତନାର ଅଭାବ ମଧ୍ୟ ଏକ ବଡ଼ ସମସ୍ୟା । କର୍କଟର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅଧିକାଂଶ ସମୟରେ ସାମାନ୍ୟ ରୋଗ ବୋଲି ଭାବି ଅବହେଳା କରାଯାଇଥାଏ, ଯାହାଦ୍ୱାରା ଚିହ୍ନଟରେ ବିଳମ୍ବ ହେବା ସହିତ ଚିକିତ୍ସା ସମ୍ଭାବନା କମିଯାଏ । ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସଂରଚନାତ୍ମକ ଦୁର୍ବଳତା ମଧ୍ୟ କ୍ୟାନସରର ସଙ୍କଟକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲିମପ୍ରାପ୍ତ ଡାକ୍ତର, ଆବଶ୍ୟକୀୟ ଯାଞ୍ଚ ସୁବିଧା ଓ ବିଶେଷଜ୍ଞମାନଙ୍କର ଅଭାବ, ବଡ଼ ଡାକ୍ତରଖାନାକୁ ରୋଗୀକୁ ପଠାଇବା ପ୍ରକ୍ରିୟାରେ ଜଟିଳତା, ଶିଶୁମାନଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସା ମିଳିବାରେ ବାଧା ସୃଷ୍ଟି କରେ ।

ତେବେ ଏହି ନିରାଶାଜନକ ପରିଦୃଶ୍ୟ ମଧ୍ୟରେ ଆଶାର କିରଣ ମଧ୍ୟ ଦେଖାଦେଇଛି । ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଆରମ୍ଭ କରାଯାଇଥିବା "ଗ୍ଲୋବାଲ୍ ଚାଇଲ୍ଡ ହୁଡ୍ କ୍ୟାନ୍ସର୍ ଇନିସିଏଟିଭ୍" ଏହି ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଲକ୍ଷ୍ୟ ୨୦୩୦ ସୁଦ୍ଧା କର୍କଟରେ ପୀଡ଼ିତ ଶିଶୁଙ୍କର ବଞ୍ଚିରହିବାର ହାରକୁ ଅତିକମରେ ଷାଠିଏ ପ୍ରତିଶତକୁ ବଢ଼ାଇବା । ଏହି କାର୍ଯ୍ୟକ୍ରମ ଜରିଆରେ ଠିକ୍ ସମୟରେ ରୋଗ ଚିହ୍ନଟ, ଶସ୍ତା ଓ ସୁଲଭ ଔଷଧର ଉପଲବ୍ଧତା, ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀମାନଙ୍କର ସଂଖ୍ୟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୃଦ୍ଧି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆଦି ଉପରେ ଗୁରୁତ୍ୱ ଦିଆଯାଉଛି । ଭାରତରେ ମଧ୍ୟ କେନ୍ଦ୍ର ସରକାର ଓ ବିଭିନ୍ନ ସଂସ୍ଥା ଏହି ଦିଗରେ ପ୍ରୟାସରତ ଅଛନ୍ତି ।

ଆୟୁଷ୍ମାନ ଭାରତ ଭଳି ଯୋଜନା ଆର୍ଥିକ ଦିଗରୁ ଦୁର୍ବଳ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରୁଛି । ଟେଲି ମେଡିସିନ୍ (ଇ-ସଞ୍ଜିବନୀ) ବ୍ୟବସ୍ଥା ଦ୍ୱାରା ଦୂରଦୂରାନ୍ତର ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ଓ ସୂଚନା ପହଞ୍ଚାଇବା ପାଇଁ ପ୍ରଚେଷ୍ଟା କରାଯାଉଛି । ତେବେ ଏହି ସବୁ ପ୍ରୟାସକୁ ଆହୁରି ଅଧିକ ବ୍ୟାପକ, ସମନ୍ୱିତ ଓ ପ୍ରଭାବୀ କରାଯିବାର ଆବଶ୍ୟକତା ରହିଛି ।

କର୍କଟ ସମସ୍ୟାର ସମାଧାନ କେବଳ ଚିକିତ୍ସାରେ ଉନ୍ନତି ହେତୁ ସମ୍ଭବ ନୁହେଁ ବରଂ ଏଥିପାଇଁ ଏକ ବହୁମୁଖୀ ଦୃଷ୍ଟିକୋଣକୁ ଆପଣାଇବାର ଆବଶ୍ୟକତା ରହିଛି । ସର୍ବପ୍ରଥମେ ସଚେତନା ବଢ଼ାଇବାକୁ ପଡ଼ିବ, ଯାହାଦ୍ୱାରା ପିତା, ମାତା, ଶିକ୍ଷକ ଶିଶୁର ପ୍ରାରମ୍ଭିକ ଲକ୍ଷଣ ସବୁକୁ ସୁବିଧାରେ ଚିହ୍ନଟ କରିପାରିବେ । ଏହା ସହିତ ପ୍ରାଥମିକ ସ୍ୱାସ୍ଥ୍ୟ ପ୍ରଣାଳୀକୁ ଆହୁରି ମଜ୍ଭୁତ କରିବାକୁ ହେବ, ଯାହାଦ୍ୱାରା କର୍କଟର ଚିହ୍ନଟ ଓ ଚିକିତ୍ସା ଆଦି ଶୀଘ୍ର କରାଯାଇପାରିବ । ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣରେ ନିବେଶ ବଢ଼ାଇ ବିଶେଷଜ୍ଞମାନଙ୍କର ସଂଖ୍ୟାକୁ ବୃଦ୍ଧି କରିବାକୁ ହେବ । ସ୍ୱାସ୍ଥ୍ୟ ସେବାରେ ସମାନତାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଯେଉଁ ପର୍ଯ୍ୟନ୍ତ ଗ୍ରାମୀଣ ଓ ସହରୀ କ୍ଷେତ୍ର ଏବଂ ଧନୀ ଓ ଗରିବ ଦେଶ ମଧ୍ୟରେ ସ୍ୱାସ୍ଥ୍ୟ ସୁବିଧାର ଅନ୍ତର ବା ଫରକ୍ କମ୍ ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ଅପୂର୍ଣ୍ଣ ରହିବ ।

ଶୈଶବକୁ କର୍କଟରୁ ବଞ୍ଚାଇବା କେବଳ ଏକ ଚିକିତ୍ସା ଲକ୍ଷ୍ୟ ନୁହେଁ ବରଂ ଏକ ନୈତିକ ଦାୟିତ୍ୱ ମଧ୍ୟ । ଏହା ସେହି ସମାଜର ଏକ ପରିଚୟ ଯିଏ ନିଜର ସବୁଠାରୁ ଦୁର୍ବଳ ତଥା ମୂଲ୍ୟବାନ ବର୍ଗକୁ ରକ୍ଷା କରିବାକୁ ସକ୍ଷମ । ଯଦି ଆମେ ବାସ୍ତବରେ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟର କଳ୍ପନା କରୁଛେ, ତେବେ ଆମକୁ ସୁନିଶ୍ଚିତ କରିବାକୁ ପଡ଼ିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କି, କୌଣସି ଶିଶୁ କେବଳ ଏଥିପାଇଁ ନିଜର ବହୁମୂଲ୍ୟ ଜୀବନ ନ ହରାଉ କାହିଁକି ନା ତାକୁ ଠିକ୍ ସମୟରେ ଚିକିତ୍ସା ମିଳିପାରିଲା ନାହିଁ । କର୍କଟ ସହ ଯୁଝୁଥିବା ଶୈଶବ ଆମକୁ ଶିକ୍ଷା ଦିଏ ଯେ, ଉନ୍ନତି କେବଳ ଆର୍ଥିକ ପ୍ରଗତି ଦ୍ୱାରା ମପାଯାଇ ପାରିବ ନାହିଁ, ବରଂ ଏହା ଏକାନ୍ତ ଭାବରେ ନିର୍ଣ୍ଣିତ ହେବ କିପରି ଆମେ ଆମ ପିଲାମାନଙ୍କୁ ସୁରକ୍ଷିତ, ସୁସ୍ଥ ଓ ସମ୍ମାନଜନକ ଜୀବନ ଦେଇ ପାରୁଛେ ।

ମେଡିକାଲ ଅଫିସର

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର

ମୋବାଇଲ ନଂ- ୮୧୪୪୦୪୨୯୯୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍‌ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad